# ବିଷୟ ସୂଚୀ


| | | | |
|---|---|---|---|
| ୦୧. | ଭୁବନେଶ୍ୱରର ଜୈନକୀର୍ତ୍ତି | : | ଡଃ ହରିଶ୍ଚନ୍ଦ୍ର ଦାସ |
| ୦୨. | ଜୈନ ଆରାଧନା ପୀଠ ଓ କୀର୍ତ୍ତି | : | ପ୍ର: ବିଜୟାନନ୍ଦ କର |
| ୦୩. | ଖଣ୍ଡଗିରି | : | ଶ୍ରୀ ପଙ୍କଜ ସାହୁ |
| ୦୪. | ହାତୀଗୁମ୍ଫା ଅଭିଲେଖ | : | କାଶୀପ୍ରସାଦ ଜୟସ୍ୱାଲ ଓ<br>ରାଖାଲ ଦାସ ବାନାର୍ଜୀ |
| ୦୫. | ଖାରବେଳଙ୍କ ହାତୀଗୁମ୍ଫା ଲେଖ<br>(ସଂସ୍କୃତାନୁବାଦ) | : | କାଶୀପ୍ରସାଦ ଜୟସ୍ୱାଲ |
| ୦୭. | ହାତୀଗୁମ୍ଫା ଶିଳାଲେଖ | : | ବେଣୀମାଧବ ବରୁଆ<br>ଅନୁବାଦ - କେଦାରନାଥ ମହାପାତ୍ର |
| ୦୮. | ହାତୀଗୁମ୍ଫା ଶୀଳାଲେଖ | : | ଡଃ ନବୀନ କୁମାର ସାହୁ |
| ୦୯. | ଖାରବେଳଙ୍କ ବଂଶ ପରିଚୟ | : | ଡଃ ପଙ୍କ କୁମାର ସାହୁ |
| ୧୦. | ଶ୍ରୀ ଖାରବେଳଙ୍କ ଗାର୍ହସ୍ଥ୍ୟ ଜୀବନ, ସୈନ୍ୟବଳ,<br>ଐଶ୍ୱର୍ଯ୍ୟ, ରାଜ୍ୟ ଶାସନ ପ୍ରଣାଳୀ, ବ୍ୟକ୍ତିତ୍ୱ ଓ<br>ଭାରତ ଇତିହାସରେ ତାଙ୍କର ସ୍ଥାନ | : | କେଦାରନାଥ ମହାପାତ୍ର |
| ୧୧. | ଖାରବେଳଙ୍କ ସାମ୍ରାଜ୍ୟ | : | ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ |

୧୨. ଖାରବେଳଙ୍କ ସମୟ (କ) : କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଅନୁବାଦ-ଡଃ ରବିନାରାୟଣ ଦାଶ

୧୩. ଖାରବେଳଙ୍କ ସମୟ (ଖ) : ଡଃ ନବୀନ କୁମାର ସାହୁ

୧୪. ଖାରବେଳ ଓ ଜୈନଧର୍ମ : ଅଶୋକ କୁମାର ରଥ

୧୫. ଖାରବେଳଙ୍କ ଉ ାନରେ ଧର୍ମ ସଂଘର୍ଷର ଭୂମିକା : ଡଃ ରବିନାରାୟଣ ଦାଶ

୧୬. ଖାରବେଳ ଓ ସମ୍ପୃକ୍ତ ଐତିହାସିକ ସମସ୍ୟା : ଡଃ ସ୍ନିଗ୍ଧା ତ୍ରିପାଠୀ

୧୭. ଖଣ୍ଡଗିରି ଓ ଲଳିତଗିରିର କଳା- ଭାସ୍କର୍ଯ୍ୟ : ଡଃ ଶିଶିର କୁମାର ପଣ୍ଡା
ଅନୁବାଦ : ଡଃ ରବିନାରାୟଣ ଦାଶ

୧୮. ଖାରବେଳଙ୍କ ରାଜବଂଶର ବିଲୟ : ଡଃ ଲକ୍ଷ୍ମଣ କୁମାର ପଣ୍ଡା

୧୯. ଖାରବେଳଙ୍କ ସମୟରେ କଳିଙ୍ଗର ଭାଷା : ଡଃ ଗୋପାଳକୃଷ୍ଣ ଶ୍ରୀଚନ୍ଦନ

୨୦. ଖାରବେଳଙ୍କ ସମ୍ପର୍କୀୟ ଗ୍ରନ୍ଥସୂଚୀ : ଡଃ କିଶୋର କୁମାର ବଶା

# ଭୁବନେଶ୍ୱରର ଜୈନକୀର୍ତ୍ତି

*ଡ଼ଃ. ହରିଶ୍ଚନ୍ଦ୍ର ଦାସ*

ଜୈନ ଧର୍ମ ଭାରତର ଅତି ପ୍ରାଚୀନ ଧର୍ମ । ଏହା ବୌଦ୍ଧଧର୍ମ ଠାରୁ ପ୍ରାଚୀନତର । ଜୈନ ମତବାଦର ଚତୁର୍ବିଂଶତି ତୀର୍ଥଙ୍କର ମହାବୀର ବୁଦ୍ଧଙ୍କ ସମସାମୟିକ । ସେ ଉତ୍କଳର ରାଜଧାନୀ କୁମାର ଓ କୁମାରୀ ପର୍ବତ ଅର୍ଥାତ୍ ଭୁବନେଶ୍ୱର ଉଦୟଗିରି ଓ ଖଣ୍ଡଗରିରେ ଜୈନଧର୍ମ ପ୍ରଚାର କରିଥିଲେ ।

ଚବିଶଜଣ ତୀର୍ଥଙ୍କରମାନଙ୍କ ମଧ୍ୟରେ ପାର୍ଶ୍ୱନାଥ ଓ ମହାବୀର ହେଉଛନ୍ତି ସର୍ବାପେକ୍ଷା ପ୍ରଭାବଶାଳୀ ପ୍ରଚାରକ ।

ଐତିହାସିକ ଜେକୋବି ଏବଂ ଅନ୍ୟ ପଣ୍ଡିତମାନେ ଜୈନ ଶାସ୍ତ୍ରମାନ ଆଲୋଚନା କରି କହିଛନ୍ତି ଯେ ଜୈନଧର୍ମ ପ୍ରକୃତରେ ଆରମ୍ଭ ହେଲା ପାର୍ଶ୍ୱନାଥଙ୍କ ପାଖରୁ । ସେମାନେ ତାଙ୍କୁ ଏହି ଧର୍ମର ପ୍ରଥମ ପ୍ରବର୍ତ୍ତକ ରୂପେ ଐତିହାସିକ ଭିତ୍ତିରେ ଗ୍ରହଣ କରିଛନ୍ତି । ସେ କଳିଙ୍ଗର ପ୍ରଚାର କରିଥିଲେ । ଖଣ୍ଡଗିରିରେ ପାର୍ଶ୍ୱନାଥଙ୍କୁ ହିଁ ମୁଖ୍ୟ ପ୍ରବର୍ତ୍ତକ ରୂପେ ସମ୍ମାନ ପ୍ରଦର୍ଶନ କରାଯାଇଛି । ଜୈନ ଭଗବତୀ ସୂତ୍ର, କ୍ଷେତ୍ର ସମାସରୁ ଜଣାଯାଏ ଯେ, ପାର୍ଶ୍ୱନାଥ ଅଙ୍ଗ, ବଙ୍ଗ ଓ କଳିଙ୍ଗର ଜୈନଧର୍ମ ପ୍ରଚାର କରିଥିଲେ । କଳିଙ୍ଗ ରାଜାଙ୍କ ନିମନ୍ତ୍ରଣ କ୍ରମେ ତାମ୍ରଲିପ୍ତି ବନ୍ଦରରୁ ସେ କଳିଙ୍ଗରେ କୋପ କଟକର ଧନ୍ୟ ନାମକ ଏକ ଗୃହସ୍ଥର ଆତିଥ୍ୟ ଗ୍ରହଣ କରିଥିଲେ । ଏହି କୁପାରି ଭୌମ ତାମ୍ର ଫଳକରେ କୋମ୍ପାରକ ଗ୍ରାମ ନାମରେ ଲିଖିତ ।

ପାର୍ଶ୍ୱନାଥଙ୍କ ପରେ ମହାବୀର ଜୈନଧର୍ମର ଶେଷ ତୀର୍ଥଙ୍କର ରୂପେ ଆବିର୍ଭୁତ ହୋଇଥିଲେ । ଜୈନ ଆବଶ୍ୟକ ସୂତ୍ରରେ ଉଲ୍ଲେଖ ଅଛି ଯେ ଭଗବାନ୍ ମହାବୀର ତୋଷଳରେ ତାଙ୍କ ଧର୍ମ ପ୍ରଚାର କରି ମୋଷଳ ରାଜ୍ୟକୁ ଯାଇଥିଲେ ।

ହରିଭଦ୍ର, ଆବଶ୍ୟକ ସୂତ୍ରର ଟୀକାରେ ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ, ମହାବୀରଙ୍କ ପିତା ସିଦ୍ଧାର୍ଥ ତତ୍କାଳୀନ ତୋଷଳ ରାଜାଙ୍କର ବନ୍ଧୁଥିଲେ ଏବଂ ତୋଷଳ ରାଜା ମହାବୀରଙ୍କୁ ତାଙ୍କ ରାଜ୍ୟରେ ଧର୍ମ ପ୍ରଚାର କରିବା ପାଇଁ ତାଙ୍କୁ ଆମନ୍ତ୍ରଣ କରିଥିଲେ । ହାତୀଗୁମ୍ଫା ଶିଳାଲିପିରେ ମହାବୀର ସ୍ୱାମୀଙ୍କ କଳିଙ୍ଗ ଆଗମନ ଓ କୁମାରୀ ପର୍ବତରେ ଜୈନଧର୍ମ ପ୍ରଚାର କରିଥିବାର ସ୍ପଷ୍ଟ ସୂଚନା ମିଳେ ।

ଜୈନଗ୍ରନ୍ଥ ଉତ୍ରାଧ୍ୟୟନ ସୂତ୍ର ଅନୁସାରେ ମହାବୀରଙ୍କ ସମୟରେ କଳିଙ୍ଗ ସୁବିଖ୍ୟାତ ଜୈନଭୂମି ଥିଲା । କଳିଙ୍ଗର ପିହୁଣ୍ଡ ନାମକ ସୁବିଖ୍ୟାତ ବନ୍ଦର ଜୈନ ଧର୍ମର ଅନ୍ୟତମ ତୀର୍ଥକ୍ଷେତ୍ର ଥିଲା । ଦୂରଦେଶରୁ ବଣିକମାନେ ଧର୍ମ ଓ ବାଣିଜ୍ୟ ଉଦ୍ଦେଶ୍ୟରେ ଏହି ବନ୍ଦରକୁ ଆସୁଥିଲେ । ଏହି ପିହୁଣ୍ଡ ବନ୍ଦର ଯେ ହାତୀଗୁମ୍ଫା ପିଥୁଣ୍ଡ-ତାହା ନିଃସନ୍ଦେହ ରୂପେ ଫରାସୀ ପଣ୍ଡିତ ସିଲ୍ଭାନ୍ ଲେଭି କହିଅଛନ୍ତି ।

ଏହି ଆଲୋଚନାରୁ ସ୍ପଷ୍ଟ ସୂଚନା ମିଳେ ଯେ ପାର୍ଶ୍ୱନାଥଙ୍କ ସମୟରୁ କଳିଙ୍ଗରେ ଜୈନଧର୍ମର ପ୍ରଭାବ ପଡ଼ିଥିଲା ଏବଂ ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରେ ମହାବୀରଙ୍କ ପ୍ରଚାର ଫଳରେ କଳିଙ୍ଗ ବିଶେଷ ଭାବରେ ଅନୁପ୍ରାଣିତ ହୋଇଥିଲା । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ନନ୍ଦରାଜ କଳିଙ୍ଗ ଆକ୍ରମଣ କରି କଳିଙ୍ଗର ଜାତୀୟ ଦେବତା ଜୀନ ପ୍ରତିମାଙ୍କୁ ନିଜ ରାଜଧାନୀ ରାଜଗୃହକୁ ନେଇ ଯାଇଥିଲେ ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ସମ୍ରାଟ ଖାରବେଳ କଳିଙ୍ଗ ସିଂହାସନ ଆରୋହଣ କଲେ ଏବଂ ଦକ୍ଷିଣାପଥ, ଉତ୍ରାପଥ ଓ ମଧ୍ୟଦେଶ ଜୟକରି ଏକ ବିଶାଳ ସାମ୍ରାଜ୍ୟ ଗଢ଼ିଥିଲେ । ମଗଧ ବିରୁଦ୍ଧରେ ଯୁଦ୍ଧ ଅଭିଯାନ କରି କଳିଙ୍ଗ ଜୀନାସନ ଫେରାଇ ଆଣି କୁମାରୀ ପର୍ବତରେ ପୁନଃ ପ୍ରତିଷ୍ଠା କରିଥିଲେ । ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା ପରେ ଖାରବେଳ ହେଲେ ଜୈନଧର୍ମର ପ୍ରଧାନ ପୃଷ୍ଠପୋଷକ । ହାତୀଗୁମ୍ଫା ଶିଳାଲେଖରୁ ପ୍ରମାଣିତ ହୁଏ ଯେ ତାଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ

ଫେରାଇ ଆଣିଥିବା ଜୀନାସନକୁ ପୁନଃପ୍ରତିଷ୍ଠିତ କରିବା ପାଇଁ ଏକ ବିରାଟ ଶୋଭାଯାତ୍ରା ଓ ମହୋତ୍ସବର ଆୟୋଜନ କରାଯାଇଥିଲା । ଖାରବେଳ ଓ ତାଙ୍କର ପରିବାରବର୍ଗ ସମସ୍ତେ ଜୈନଧର୍ମାବଲମ୍ବୀ ଥିଲେ ବୋଲି ହାତୀ ଗୁମ୍ଫା ଶିଳାଲିପିରୁ ଜଣାପଡ଼େ । ହାତୀଗୁମ୍ଫାର ଶିଳାଲିପି ଜୈନ ଧର୍ମାବଲମ୍ବୀ ସମ୍ରାଟ ଖାରବେଳଙ୍କ ନିର୍ଦ୍ଦେଶରେ ଖୋଦିତ ହୋଇଥିଲା । ଶିଳାଲିପିରେ ଜୈନଧର୍ମର ମାଙ୍ଗଳିକ ଚିହ୍ନମାନ ମଧ୍ୟ ଖୋଦିତ ହୋଇଥିଲା । ତାଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷରେ ଜୈନ ସନ୍ନ୍ୟାସୀମାନଙ୍କର ବାସସ୍ଥାନ ଏବଂ ପୂଜାବିଧି ପାଇଁ ସେ ଉଦୟଗିରି ଓ ଖଣ୍ଡଗିରିରେ ବହୁ ଗୁମ୍ଫା ଖୋଳାଇଥିଲେ । ଏହି ଗୁମ୍ଫାଗୁଡ଼ିକ ତାଙ୍କର ଚାରିତ୍ରିକ ମହନୀୟତାର ପ୍ରତୀକ ।

ଉଦୟଗିରି ଓ ଖଣ୍ଡଗିରିରେ ଖୋଦିତ ଗୁମ୍ଫାରାଜି ଶ୍ରେଷ୍ଠ ଜୈନକୀର୍ତ୍ତି ହିସାବରେ ସାରା ଭାରତବର୍ଷରେ ବିଦିତ । ଏଗୁଡିକର ମହତ୍ତ୍ୱ ଉପଲବ୍ଧି କରି ବିଖ୍ୟାତ ପ୍ରତ୍ନତତ୍ତ୍ୱବିଦ୍ ସାର ଜନ୍ ମାର୍ଶାଲ ଲେଖିଛନ୍ତି – “Of the early caves along the east coast the only ones that merit attention here one the two neighbouring and intimately connected groups of hills of Udayagiri and Khandagiri in Orissa.” ଏହି ପାହାଡ଼ଗୁଡ଼ିକ ବିଭିନ୍ନ ଆକୃତିର ଗୁମ୍ଫା ଦ୍ୱାରା ପରିପୂର୍ଣ୍ଣ । ଉଦୟଗିରିରେ ୪୪ଟି ଓ ଖଣ୍ଡଗିରିରେ ୧୯ଟି ଗୁମ୍ଫା ଦେଖିବାକୁ ମିଳେ । ଏଗୁଡିକ ମଧ୍ୟରୁ ଅଧିକାଂଶ ଖାରବେଳଙ୍କ ସମୟରେ ଖୋଦିତ ହୋଇଥିଲା । ଏହି ଗୁମ୍ଫାମାନଙ୍କ ସ୍ଥାପତ୍ୟ ଓ କଳା ଭାସ୍କର୍ଯ୍ୟ ପୂର୍ବ ଭାରତରେ ବାସ୍ତବିକ୍ ଏକ ଦର୍ଶନୀୟ ବସ୍ତୁ । ଏହି ସ୍ଥାପତ୍ୟ ଅସଂଖ୍ୟ ପରିବ୍ରାଜକ, ଐତିହାସିକ ଏବଂ ଧର୍ମଭାବାପନ୍ନ ଲୋକମାନଙ୍କୁ ଯୁଗ ଯୁଗ ଧରି ଆକୃଷ୍ଟ କରି ଆସିଛି ।

ଉଦୟଗିରିର ରାଣୀଗୁମ୍ଫା ସର୍ବବୃହତ୍ ଏବଂ ଏହାର ଭାସ୍କର୍ଯ୍ୟ ମଧ୍ୟ ଅତି ସୁନ୍ଦର । ଏହି ଗୁମ୍ଫାରେ ଶିକାର ଦୃଶ୍ୟ ଓ ଜୈନଧର୍ମର ନାନ ଉପାଖ୍ୟାନ ସୁନ୍ଦର ଭାବରେ ଖୋଦିତ ହୋଇଛି । ଉଦୟଗିରିର ଅନ୍ୟାନ୍ୟ ଗୁମ୍ଫା ମଧ୍ୟରୁ ଜୟବିଜୟ ଗୁମ୍ଫା ପଣସ ଗୁମ୍ଫା, ମପୁରୀ ଗୁମ୍ଫା, ହାତୀ ଗୁମ୍ଫା ପ୍ରଭୃତି ପ୍ରଧାନ । ଏହି ଗୁମ୍ଫାଗୁଡ଼ିକର ସମ୍ମୁଖରେ ପ୍ରଶସ୍ତ ପ୍ରାଙ୍ଗଣ ରହିଛି । ଗବେଷକ ସ୍ୱର୍ଗତ ଧୀରେନ ଦାଶଙ୍କ ମତରେ ଏହି ପ୍ରାଙ୍ଗଣ ମୁକ୍ତ ନାଟ୍ୟ ରୁପେ ବ୍ୟବହୃତ ହେଉଥିଲା । ସ୍ୱର୍ଗପୁରୀ ଗୁମ୍ଫାରେ ଖୋଦିତ ଏକ ଶିଳାଲିପିରୁ ଜଣାଯାଏ ଏହା କଳିଙ୍ଗର ଜୈନ ସନ୍ନ୍ୟାସୀ ଏବଂ ଆର୍ହତମାନଙ୍କ ପାଇଁ ଖାରବେଳଙ୍କ ଅଗ୍ରମହିଷୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

ଉଦୟଗିରି ପରି ଖଣ୍ଡଗିରିରେ ଅନେକଗୁଡ଼ିଏ ଗୁମ୍ଫା ରହିଛି । ସେମାନଙ୍କ ମଧ୍ୟରେ ତତ୍ତ୍ୱ ଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ବାରଭୁଜି ନଭମୁନି ଓ ଲଲାଟେନ୍ଦୁ ଗୁମ୍ଫା ପ୍ରଧାନ । ତତ୍ତ୍ୱ ଗୁମ୍ଫାରେ ତତ୍ତ୍ୱ ପକ୍ଷୀର ଚିତ୍ର ଖୋଦିତ ହୋଇଛି । ଏହାର ଏକ ଶିଳା ଲିପିରୁ ଜଣାଯାଏ ଯେ ଏଥିରେ କୁସୁମ ନାମକ ଜଣେ ସେବକ ବାସ କରୁଥିଲେ । ଖଣ୍ଡଗିରି ଗୁମ୍ଫା ଦ୍ୱିତଳ ବିଶିଷ୍ଟ । ଏଥିରେ ପତିତପାବନଙ୍କ ମୂର୍ତ୍ତି ଉତ୍କୀର୍ଣ୍ଣ ହୋଇଛି ।

ନବମୁନି ଗୁମ୍ଫାରେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ଏକ ଶିଳାଲିପି ରହିଛି ଏବଂ ଏଥିରେ ଜୈନମୁନି ଶୁଭଚନ୍ଦ୍ରଙ୍କର ନାମ ରହିଛି । ଏକ ପ୍ରକୋଷ୍ଠରେ ଚବିଶ ଜୈନତୀର୍ଥଙ୍କର ଏବଂ ଶାସନଦେବୀମାନଙ୍କର ପ୍ରତିମୂର୍ତ୍ତିମାନ ସୁନ୍ଦର ଭାବରେ ଖୋଦିତ ହୋଇଛନ୍ତି । ଏହା ହିଁ ଏହି ଗୁମ୍ଫାର ବିଶେଷତ୍ୱ ।

ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫାମାନଙ୍କରେ ପାର୍ଶ୍ୱନାଥଙ୍କୁ ଶ୍ରେଷ୍ଠ ଆସନ ଦିଆଯାଇଛି କାରଣ ଏହି ଜୈନସ୍ଥଳୀରେ ପାର୍ଶ୍ୱନାଥଙ୍କୁ ଇଷ୍ଟଦେବ ବା ମୂଳ ଦେବତା ରୂପେ ସ୍ୱୀକାର କରାଯାଇଛି । ତାଙ୍କର ପ୍ରତିମୂର୍ତ୍ତି ତୀର୍ଥଙ୍କରମାନଙ୍କର ମଧ୍ୟସ୍ଥଳରେ ସ୍ଥାପିତ କରାଯାଇଛି । ବାରଭୁଜି ଗୁମ୍ଫାରେ ଦ୍ୱାଦଶ ହସ୍ତଯୁକ୍ତା ଶାସନ ଦେବୀଙ୍କର ମୂର୍ତ୍ତି ରହିଛି । ଅନ୍ୟ ଏକ ଭଗ୍ନ ଗୁମ୍ଫାରେ ତୀର୍ଥଙ୍କରମାନେ ସେମାନଙ୍କର ଶାସନ ଦେବୀମାନଙ୍କ ସହ ସ୍ଥାପିତ ହୋଇଛନ୍ତି । ଦ୍ୱିତଳ ବିଶିଷ୍ଟ ଲଲାଟେନ୍ଦୁ ଗୁମ୍ଫାରେ କେତେକ ଜୈନ ସାଧୁମାନଙ୍କର ମୂର୍ତ୍ତି ଅଛି । ଏଥିରେ ପାର୍ଶ୍ୱନାଥଙ୍କ ମୂର୍ତ୍ତି ସର୍ବଶ୍ରେଷ୍ଠ । ଅନନ୍ତ ଗୁମ୍ଫା ଆଉ ଏକ ବିଶିଷ୍ଟ କୀର୍ତ୍ତି । ଏହାର ଭିତରପଟ କାନ୍ଥରେ ସ୍ୱସ୍ତିକ, ତ୍ରିଶୂଳ ଆଦି ଜୈନଧର୍ମର ସାତଟି ପବିତ୍ର ଚିହ୍ନ ଖୋଦିତ ହୋଇଅଛି ।

ଏହି ଗୁମ୍ଫାର ବାହାର କାନ୍ଥରେ ଲକ୍ଷ୍ମୀ, ରଥରେ ଉପବିଷ୍ଟ ସୂର୍ଯ୍ୟଙ୍କର ମୂର୍ତ୍ତି, ଚନ୍ଦ୍ର ଓ ନକ୍ଷତ୍ର ଖଚିତ ଆକାଶ, ପଶୁ, ପକ୍ଷୀ, ମିଥୁନ ଓ ପକ୍ଷଯୁକ୍ତ ଗନ୍ଧର୍ବମାନଙ୍କର ମୂର୍ତ୍ତିମାନ ରହିଛି ।

ଏଠାରେ ଉଲ୍ଲେଖନୀୟ ଯେ, ଉଦୟଗିରି ଓ ଖଣ୍ଡଗିରିର ଗୁମ୍ଫାଗୁଡ଼ିକ ଏକ ପ୍ରକାରର ନୁହେଁ । ଉଦୟଗିରିର ଗୁମ୍ଫାଗୁଡ଼ିକ ବାସୋପଯୋଗୀ । ସେଥିରେ ଜୈନ ସନ୍ନ୍ୟାସୀମାନେ ଶେଷ ଜୀବନ ଅତିବାହିତ କରୁଥିଲେ । ସମ୍ଭବତଃ ଖାରବେଳ ତାଙ୍କର ଶେଷ ଜୀବନ ଗୁମ୍ଫାରେ କଟାଇଥିଲେ । କିନ୍ତୁ ଖଣ୍ଡଗିରିର ଗୁମ୍ଫାଗୁଡ଼ିକ ଜୈନ ମନ୍ଦିର ରୂପେ ବ୍ୟବହୃତ ହେଉଥିଲା । ସେଥିପାଇଁ ଜୈନ ଦେବ-ଦେବୀମାନଙ୍କର ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ପୂଜିତ ହେଉଥିଲେ । ଏହିପରି ଦୁଇ ପାହାଡ଼ର ବିଭିନ୍ନ ଉଦ୍ଦେଶ୍ୟ ନେଇ ଗୁମ୍ଫାମାନ ନିର୍ମିତ ହୋଇଥିଲା ।

ଖଣ୍ଡଗିରି ଓ ଉଦୟଗିରି ଓଡ଼ିଶାର ଜୈନଧର୍ମର ସର୍ବପ୍ରାଚୀନ ପ୍ରଧାନ ପୀଠସ୍ଥଳ ରୂପେ ପ୍ରତିଷ୍ଠା ଲାଭ କରିଥିଲା । ପରବର୍ତ୍ତୀ କାଳରେ ହିନ୍ଦୁ ରାଜାମାନଙ୍କର ପୃଷ୍ଠପୋଷକତାରେ ଜୈନଧର୍ମ ସର୍ବତ୍ର ପ୍ରସାରିତ ହେଲା । ଓଡ଼ିଶାର ଅନେକ ସ୍ଥାନରେ ମଧ୍ୟଯୁଗୀୟ ଜୈନ କଳାକୃତି ଦୃଷ୍ଟିଗୋଚର ହୁଏ । ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର, ଖଜୁରେଶ୍ୱର, ଚରମ୍ପା, ଅଭଣା, ମୟୁରଭଞ୍ଜର ବାରିପଦା ଓ ଖିଚିଙ୍ଗ୍, କେନ୍ଦୁଝରର ଆନନ୍ଦପୁର, କଟକ ଜିଲ୍ଲାର କଟକ, ଚୌଦ୍ୱାର, ଯାଜପୁର, ପ୍ରାଚୀ ଉପତ୍ୟକାର ବହୁସ୍ଥାନ । କୋରାପୁଟର ନନ୍ଦପୁର ପ୍ରଭୃତି ସ୍ଥାନରେ ବହୁସଂଖ୍ୟାରେ ଜୈନକୀର୍ତ୍ତି ଜୈନଧର୍ମର ପ୍ରଭାବ ଓ ପ୍ରତିପତ୍ତି ପ୍ରତିପାଦନ କରେ ।

# ଜୈନ ଆରାଧନା ପୀଠ ଓ କୀର୍ତ୍ତି

*ପ୍ର: ବିଜୟାନନ୍ଦ କର*

ଭୁବନେଶ୍ୱର ଆଧୁନିକ ଓଡ଼ିଶାର ରାଜଧାନୀ । ସ୍ୱାଧୀନତା ପରେ ଓଡ଼ିଶାର ରାଜଧାନୀ କଟକରୁ ସ୍ଥାନାନ୍ତରିତ ହୋଇ ଭୁବନେଶ୍ୱରରେ ସ୍ଥାପିତ ହେଲା । ପୂର୍ବରୁ ଭୁବନେଶ୍ୱର ଏକ ଶୈବପୀଠ ରୂପେ ଲିଙ୍ଗରାଜ ମହାପ୍ରଭୁଙ୍କ ମନ୍ଦିର ନିମନ୍ତେ ପ୍ରସିଦ୍ଧିଲାଭ କରି ଆସିଥିଲା । ଏବେ ମଧ୍ୟ ରାଜଧାନୀର ଅତ୍ୟାଧୁନିକ ସାଜସଜ୍ଜା ଏବଂ ଚାକଚକ୍ୟ ସହିତ ପୁରାତନ ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିର ବ୍ୟତୀତ ବହୁ ଛୋଟବଡ ହିନ୍ଦୁ ଦେବଦେବୀ ମନ୍ଦିର ଭକ୍ତଜନ ତଥା ପରିବ୍ରାଜକମାନଙ୍କୁ ଆକୃଷ୍ଟ କରି ଆସୁଅଛି । ଏତଦ୍‌ବ୍ୟତୀତ ନିକଟ ଅତୀତରେ ଭୁବନେଶ୍ୱର ନଗରୀଠାରୁ ଅନତିଦୂରରେ ଥିବା ଧଉଳିଠାରେ ଜାପାନର ବୌଦ୍ଧସଂଘ (ନିପନ) ସହାୟତାରେ ମନୋରମ ଆକର୍ଷଣକାରୀ ଶାନ୍ତିସ୍ତୂପ ନିର୍ମାଣ କରାଯାଇ ଭଗବାନ ବୁଦ୍ଧଙ୍କ ମୃତାବଶେଷ (Relic) ସ୍ଥାପନ କରାଯାଇଛି ଏବଂ ଏହା ଉଭୟ ପର୍ଯ୍ୟଟକ ତଥା ଧର୍ମପ୍ରେମୀମାନଙ୍କୁ ଆକୃଷ୍ଟ କରୁଛି । ଏହିଠାରେ ସମ୍ରାଟ ଅଶୋକଙ୍କ କଳିଙ୍ଗ ବିଜୟ ତଥା ବୌଦ୍ଧଧର୍ମ ଗ୍ରହଣ ସମ୍ବନ୍ଧିତ ପ୍ରଖ୍ୟାତ ଅନୁଶାସନ ମାଟିଭିତରୁ ଆବିଷ୍କାର କରାଯାଇ ଏହ ଧଉଳି ନଗରୀର ଐତିହାସିକ ତଥା ଧର୍ମୀୟ ଗୁରୁତ୍ୱ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଅଧୁନା ଏକ ମହାବୋଧି ବିହାର ପ୍ରତିଷ୍ଠିତ ହୋଇ ଏଥିରେ ସମ୍ମାନନୀୟ ଶ୍ରଦ୍ଧାନନ୍ଦ ଭିକ୍ଷୁଙ୍କ ତତ୍ତ୍ୱାବଧାନରେ ଏକ ବୌଦ୍ଧସଂଘ ସ୍ଥାପିତ ହୋଇ ନିୟମିତ ଭାବେ ବୌଦ୍ଧ ଧର୍ମ-ଦର୍ଶନ ଭିତ୍ତିକ ଚିନ୍ତାଧାରା ସମ୍ବନ୍ଧେ ଆଲୋଚନା ହୋଇ ଆସୁଛି ଏବଂ ଭକ୍ତଜନ ତଥା ଧର୍ମ-ପ୍ରେମୀମାନଙ୍କୁ ଆକୃଷ୍ଟ କରୁଛି । ଏହିସବୁ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଭୁବନେଶ୍ୱର କେବଳ ଯେ ହିନ୍ଦୁ ଧର୍ମୀୟ ସଂସ୍କୃତି ଦୃଷ୍ଟୀରୁ ଏକ ମହତ୍ୱପୂର୍ଣ୍ଣ ନଗରୀ, ତାହା ନୁହେଁ ବରଂ ଏହି ସ୍ଥାନରେ ବୌଦ୍ଧଧର୍ମୀୟ ଗୁରୁତ୍ୱ ମଧ୍ୟ ଅବିବାଦୀୟ ଭାବେ ପ୍ରତିଷ୍ଠା ଲାଭ କରିଛି ।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଅବସ୍ଥିତ ଜୈନ କୀର୍ତ୍ତିରାଜିର ଅବଲୋକନ ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ । ବୌଦ୍ଧଧର୍ମ ପରି ଜୈନଧର୍ମ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ଭାରତ ଭୂଖଣ୍ଡରେ ପ୍ରତିଷ୍ଠା ଲାଭକରି ଦେଶର ପାରମ୍ପରିକ ଧର୍ମୀୟ ତଥା ସାଂସ୍କୃତିକ ଚେତନାରେ ପ୍ରମୁଖ ଅଂଶଗ୍ରହଣ କରିଅଛି । ବିଭିନ୍ନ ସମୟରେ ଏହି ଦେଶରେ ବହୁ ନିଷ୍କପଟ ନୀତିବିତ୍ ଓ ସାଧୁସନ୍ଥ ବିବିଧ ଦୃଷ୍ଟିରୁ ସନାତନୀୟ ଧର୍ମୀୟ ଭାବଧାରା କାୟମନୋବାକ୍ୟରେ ସ୍ୱଆଚରଣପୂର୍ବକ ପରିପ୍ରଚାର କରି ଏକ ଅତୀବ ମହତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି କରିଯାଇଛନ୍ତି । ସେମାନଙ୍କ ଏତାଦୃଶ ଅନାବିଳ ପ୍ରଚେଷ୍ଟା ବାସ୍ତବିକ ଅବିସ୍ମରଣୀୟ। ଭାରତର ଧର୍ମୀୟ ପରମ୍ପରା ସେଥିନିମନ୍ତେ ଏହି ମହାମାନବମାନଙ୍କୁ ଭଗବାନ ରୂପେ ଗ୍ରହଣ କରି ଶ୍ରଦ୍ଧା ତଥା ସମ୍ମାନ ଦେଇ ଆସିଛି । ବୁଦ୍ଧଦେବ, ମହାବୀର, ଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟ ଦେବ, କବୀର, ନାନକ, ସ୍ୱାମୀ ବିବେକାନନ୍ଦ ଏବଂ ଶ୍ରୀ ମହିମାସ୍ୱାମୀ ପ୍ରଭୃତି ବହୁ ଧର୍ମୀୟ ଚିନ୍ତକ ଏହି ଭୂଖଣ୍ଡରେ ଜନ୍ମଲାଭ କରି ଶାଶ୍ୱତ ବିଶ୍ୱଧର୍ମର ଧ୍ୱଜାକୁ ଜୀବନ୍ତ ରଖିବାରେ ସ୍ୱ ସ୍ୱ କର୍ତବ୍ୟକୁ ନିଷ୍ଠାପର ଭାବେ ସମ୍ପାଦନ କରି ଯାଇଛନ୍ତି ।

ମହାବୀର ଜୈନଧର୍ମୀୟ ପରମ୍ପରାର ସବୁଠାରୁ ପ୍ରଭାବଶାଳୀ ପ୍ରବର୍ତକ ତଥା ଶେଷ ତୀର୍ଥଙ୍କର ଭାବେ ସ୍ୱୀକୃତ ହୋଇଥିଲେ ହେଁ ତାଙ୍କ ପୂର୍ବରୁ ପାର୍ଶ୍ୱନାଥ ଓଗେର ତେଇଶଗୋଟି ତୀର୍ଥଙ୍କର ନାମ ସେହି ଧର୍ମୀୟ ଗ୍ରନ୍ଥମାନଙ୍କରେ ଲିପିବଦ୍ଧ ହୋଇ ଜୈନଧର୍ମୀୟ ଚିନ୍ତାଧାରାର ପ୍ରାଚୀନତାର ସଙ୍କେତ ଦେଇଛି ଏବଂ କାଳକ୍ରମେ ଏହି ଧର୍ମୀୟ ନୀତିବାଣୀ ମୁଖ୍ୟ ଧର୍ମୀୟ ସ୍ରୋତ ସହ ସ୍ୱାଭାବିକ ଭାବେ ସାମିଲ ହୋଇ ଏହି ଭୂଖଣ୍ଡରେ ଅଦ୍ୟାବଧି ଜୀବନ୍ତ ହୋଇ ରହିଛି । ଓଡ଼ିଶା ଐତିହାସିକ ପଟ୍ଟଭୂମିରେ ଏହି ବିଭିନ୍ନ ଅଂଶକୁ ଉତ୍କଳ, ଓଡ୍ର, କଳିଙ୍ଗ, ଦକ୍ଷିଣ କୋଶଳ ଭାବେ ଚିହ୍ନିତ କରାଯାଇଛି । ରାଜ୍ୟରେ ମହାବୀର ପଦାର୍ପଣ କରିଥିବାର, ଜୈନଶାସ୍ତ୍ର ଯଥା;- ହରିବଂଶ ପୁରାଣ ଓ ହରିବଂଶ ବୃତ୍ତିରେ, ଉଲ୍ଲେଖ ରହିଅଛି । ସେହି ଶାସ୍ତ୍ରୀୟ ଭିତ୍ତିରେ ଭଗବାନ ମହାବୀର କଳିଙ୍ଗ ରାଜାଙ୍କ ଆତିଥ୍ୟ ଗ୍ରହଣପୂର୍ବକ କୁମାରୀ ପର୍ବତ ଉପରେ ଥାଇ ଜୈନ ଧର୍ମୀୟ ବାଣୀ ପ୍ରଚାର କରିଥିଲେ । ଐତିହାସିକମାନଙ୍କ ଦୃଷ୍ଟିରେ କୁମାରୀ ପର୍ବତ ଆଧୁନିକ ଭୁବନେଶ୍ୱରର ପଶ୍ଚିମ

ପ୍ରାନ୍ତରେ ଅବସ୍ଥିତ ଉଦୟଗିରି ବୋଲି ଚିହ୍ନିତ ହୋଇଅଛି ।

ମହାବୀରଙ୍କ ଧର୍ମବାଣୀ ପ୍ରଚାରରେ ଉଦ୍‌ବୁଦ୍ଧ୍ ହୋଇ ତତ୍କାଳୀନ କଳିଙ୍ଗାଧିପତି ତଥା ରାଜ୍ୟବାସୀଗଣ ଏହି ଧର୍ମର ମୌଳିକ ଚିନ୍ତାଧାରା (ଯାହାକି ସତ୍ୟ ଏବଂ ଅହିଂସା ଉପରେ ସୁବ୍ୟବସ୍ଥିତ) କୁ ସାଦରେ ଗ୍ରହଣ କରିଥିଲେ ଏବଂ ଫଳତଃ ଜୈନଧର୍ମ ଏହି ଭୂଖଣ୍ଡରେ ପ୍ରସାର, ତଥା ପ୍ରସିଦ୍ଧ୍ ଲାଭ କରିଥିଲା । ସେ ସବୁର ସ୍ୱାକ୍ଷର ବହନ କରି ବିଭିନ୍ନ ସମୟରେ ଏହି ଅଳରେ ବହୁ ସ୍ମରଣୀୟ ଜୈନକୀର୍ତ୍ ନିର୍ମିତ ହୋଇ ପାରିଥିଲା ଏବଂ ଯୁଗେ ଯୁଗେ ଏହି କୀର୍ତ୍ତିଗୁଡ଼ିକ ଭକ୍ତଜନ ତଥା ଆଗ୍ରହୀ ସମାଜକୁ ପ୍ରଲୁବଧ୍ କରିଆସିଛି । କାଳକ୍ରମେ ଜୈନାନୁମାଦିତ 'ଜୀନାସନ' ଓଡ଼ିଶାବାସୀଙ୍କ ମାନସପଟରେ ପ୍ରତିଷ୍ଠା ଲାଭ କରିଥିଲା । ଐତିହାସିକ ସୂତ୍ରରୁ ପ୍ରକାଶ ଯେ ମଗଧର ନନ୍ଦରାଜା କଳିଙ୍ଗ ବିଜୟ କରି 'ଜିନାସନ' ମୂର୍ତ୍ତିକୁ କଳିଙ୍ଗରୁ ମଗଧକୁ ନେଇଯାଇଥିଲେ ଏବଂ ପରେ କଳିଙ୍ଗର ଗୌରବ ସମ୍ରାଟ ଖାରବେଳ ମଗଧ ରାଜା ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି 'ଜୀନାସନ' କୁ କଳିଙ୍ଗକୁ ଫେରାଇ ଆଣିଥିଲେ । କେତେକ ଗବେଷକଙ୍କ ମତରେ ଉଦୟଗରିରେ ଥିବା ମପୁରୀ ଗୁମ୍ଫାର ତଳ ମହଲାରେସ୍ଥିତ ସିଂହାସନ ହିଁ 'ଜୀନାସନ'ର ସଙ୍କେତ ବହନ କରୁଛି ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗରେ ଚେଦିବଂଶୀୟ ରାଜାମାନେ ଶାସନ କରୁଥିଲେ । ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଥିଲେ, ସମ୍ରାଟ ଖାରବେଳ । ତାଙ୍କ ରାଜତ୍ୱର ପର୍ଯ୍ୟାପ୍ତ ବିବରଣୀ ଉଦୟଗିରିର ହାତୀଗୁମ୍ଫା ଶିଳାଲେଖରେ ବର୍ଣ୍ଣିତ ହୋଇଅଛି । ଖାରବେଳ ଜୈନଧର୍ମର ଏକ ପ୍ରଧାନ ପୃଷ୍ଠପୋଷକ ଥିଲେ । ଐତିହାସିକ ଦୃଷ୍ଟିରରୁ ସେ ନିଜେ ଶ୍ୱେତାମ୍ବର ଜୈନ ଥିଲେ ବୋଲି ସ୍ୱୀକୃତ ହୋଇଛି । ଜୈନ ମୁନି ତଥା ଅର୍ହତମାନଙ୍କ ନିମନ୍ତେ ଉଦୟଗିରିଠାରେ ଗୁମ୍ଫା ଖୋଳାଇଥିଲେ । ଉଦୟଗିରିର ଜୈନ ଗୁମ୍ଫା ଏବଂ ଏଥିରେ ନିର୍ମିତ ବିବିଧ୍ କାରୁକାର୍ଯ୍ୟ ସର୍ବଭାରତୀୟ ସ୍ତରରେ ଅତୀବ ଗୁରୁତ୍ୱପୂର୍ଣ୍ଣ । ଖରବେଳଙ୍କ ଛଡା ତାଙ୍କର ରାଣୀ ଉଦୟଗିରିଠାରେ ଆଉ କେତେକ ଗୁମ୍ଫା ନିର୍ମାଣ କରାଇଥିବାର ଐତିହାସିକ ପ୍ରମାଣ ରହିଛି । ଜୈନସନ୍ନ୍ୟାସୀମାନେ ସାଧାରଣତଃ ବର୍ଷା ଋତୁରେ ବାହାରକୁ ଯାଇ ଧର୍ମବାଣୀ ପ୍ରଚାରରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିରୁ ସେମାନଙ୍କର ରହଣି ତଥା ଜପ କର୍ମାଦି ନିମନ୍ତେ ଏହି ଗୁମ୍ଫାଗୁଡିକ ଖୋଳାଯାଇଥିଲା । ଗୁମ୍ଫାଗୁଡ଼ିକ ବ୍ୟାଘ୍ର, ହାତୀ, ନାଗ ପ୍ରଭୃତ ନାମରେ ପ୍ରସିଦ୍ଧ୍ । ରାଣୀଙ୍କ ଦ୍ୱାରା ଖୋଦିତ ରାଣୀଗୁମ୍ଫାରେ ପ୍ରସ୍ତର ଖୋଦିତ ଭାସ୍କର୍ଯ୍ୟ ଉଲ୍ଲେଖନୀୟ । ଏହା ଦ୍ୱିତଳଭିତ୍ତିକ ଏବଂ ଏକ ଗୁମ୍ଫା ମଧ୍ୟରେ ଉପଗୁମ୍ଫା ମଧ୍ୟ ବିଦ୍ୟମାନ ।

ଉଦୟଗିରିର ପାର୍ଶ୍ୱକୁ ଅବସ୍ଥିତ ପ୍ରସିଦ୍ଧ୍ ଖଣ୍ଡଗିରି ପାହାଡ । ଏଥିରେ ଖୋଳାଯାଇଥିବା ଗୁମ୍ଫାଗୁଡ଼ିକ ଅତୀବ ମନୋରମ ଏବଂ ଉଭୟ ପାହାଡ଼ରେ ଖୋଦିତ ଗୁମ୍ଫା କାରୁକାର୍ଯ୍ୟ ତଥା ସ୍ଥାପତ୍ୟ ସମଗ୍ର ଦେଶରେ ପ୍ରଖ୍ୟାତ । ଏଠାରେ ଉଲ୍ଲେଖନୀୟ ଯେ ଉଦୟଗିରି ଗୁମ୍ଫାଗୁଡିକରେ ଜୈନ ଦେବଦେବୀଙ୍କ ମୂର୍ତ୍ତି ଦୁର୍ଲ୍ଲଭ ହୋଇଥିଲା ବେଳେ ଖଣ୍ଡଗିରିଠାରେ ସେହି ମୂର୍ତ୍ତିସବୁ ସ୍ଥାନ ପାଇଛନ୍ତି । କେବଳ ସେତିକି ନୁହେଁ, ମୂର୍ତ୍ତିଗୁଡ଼ିକ ପୂଜିତ ହେଉଥିବାର ସଙ୍କେତ ମଧ୍ୟ ମିଳିଅଛି । ଐତିହାସିକମାନଙ୍କ ମତରେ ଜୈନଧର୍ମ ମୌଳିକତଃ ଦେବଦେବୀଭିତ୍ତିକ ନ ହୋଇଥିଲେ ସୁଦ୍ଧା କାଳକ୍ରମେ ଜୈନ ତୀର୍ଥଙ୍କର ତଥା ଅନ୍ୟ ବିଶିଷ୍ଟ ଧର୍ମବିତ୍‌ମାନଙ୍କୁ ଦେବଦେବୀ ଭାବେ ସ୍ୱୀକାରପୂର୍ବକ ପୂଜାର୍ଚ୍ଚନା କରିବାର ପ୍ରଥା ଓ ଚଳଣି ଗୃହୀତ ହୋଇଥିଲା ଏବଂ ଜୈନଧର୍ମ ସମୟାନୁକ୍ରମେ ସନାତନ ହିନ୍ଦୁ ପରମ୍ପରା ସହିତ ଏହି ଅଳରେ ସମନ୍ୱିତ ହୋଇଥିଲା । ତେଣୁ ପରବର୍ତ୍ତୀ ଯୁଗରେ ପ୍ରଚଳିତ ମୂର୍ତ୍ତିପୂଜନ ଏହି ମହାନ ଧର୍ମୀୟ ପରମ୍ପରାର ବ୍ୟତିକ୍ରମ ବା ବ୍ୟଭିଚାର ନ ହୋଇ ଏକ ବଳିଷ୍ଠ ସଂଶ୍ଳେଷଣାତ୍ମକ ପଦକ୍ଷେପ ଭାବେ ଗୃହୀତ ହୋଇଥିବାର ମନେହୁଏ । ସେଥିନିମନ୍ତେ ଏହି ଅଳରେ ଜୈନ ତଥା ବୈଦିକ ସାଧୁ ସନ୍ଥମାନଙ୍କ ମଧ୍ୟରେ ବିରୋଧାଭାଷ କିମ୍ବା ବିଦ୍ୱେଷଭାବର କୌଣସି ଐତିହାସକ ପ୍ରମାଣ ବିରଳ । ପ୍ରାୟ ଏକାଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ସୋମବଂଶୀ ରାଜା ଉଦ୍ୟୋତକେଶରୀ ଖଣ୍ଡଗିରିଠାରେ ଆଉ କେତେକ ଗୁମ୍ଫା ନିର୍ମାଣ କରିଥିଲେ । ସେହି ଗୁମ୍ଫାଗୁଡ଼ିକରେ ଜୈନତୀର୍ଥଙ୍କର ମାନଙ୍କର ମୂର୍ତ୍ତି ଖୋଦିତ ହୋଇଅଛି । ଏହି ସମୟରେ ଜୈନମତାବଲମ୍ବୀଙ୍କ ଅନ୍ୟତମ ସମ୍ପ୍ରଦାୟ-ଦିଗମ୍ବର ଗୋଷ୍ଠୀ ଖଣ୍ଡଗିରିଠାରେ ଆସ୍ଥାନ ଜମାଇ ରଖିପାରିଥିଲେ ଏବଂ

ସେଥିଯୋଗୁ ଏଠାରେ କେତେକ ଦିଗମ୍ବର ଜୈନମୂର୍ତ୍ତି ମଧ୍ୟ ଗୁମ୍ଫାମାନଙ୍କରେ ଖୋଦିତ ହୋଇଥିବାର ଦୃଷ୍ଟିଗୋଚର ହୋଇଥାଏ ।ଐତିହାସିକମାନଙ୍କ ମତରେ ଗଙ୍ଗ ବଂଶ ତଥା ଗଜପତି ବଂଶର ରାଜତ୍ୱକାଳରେ ଖଣ୍ଡଗିରି ଏକ ପ୍ରଖ୍ୟାତ ଦିଗମ୍ବର ଜୈନକେନ୍ଦ୍ର ରୂପେ ସ୍ୱୀକୃତ ହୋଇଥିଲା । ଖଣ୍ଡଗିରି ଏବଂ ଉଦୟଗିରି ବ୍ୟତୀତ ଭୁବନେଶ୍ୱରର ଉପାନ୍ତ ପୂର୍ବଦିଗରେ ଅବସ୍ଥିତ ଶିଶୁପାଳଗଡ଼ ଏହି ପ୍ରସଙ୍ଗ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ନିକଟରେ ଖୋଦିତ ହୋଇ ଏହି ଅଳରୁ ଏକ ସୁରକ୍ଷତ ନଗରୀ ଆବିଷ୍କୃତ ହୋଇଛି । ସେଠାରୁ ମିଳିଥିବା ସ୍ୱର୍ଣ୍ଣ ମୁଦ୍ରାରେ ମହାରାଜା ଧର୍ମଦାମଧର ତୃତୀୟ ଖ୍ରୀଷ୍ଟାବ୍ଦ ବେଳର ମୁରୁଣ୍ଡ ବଂଶଜ ଭାବେ ପରିଗଣିତ ମୁରୁଣ୍ଡମାନେ ଜୈନ ଥିଲେ । ତେଣୁ ଏହି ପରିପ୍ରେକ୍ଷୀରେ ଶିଶୁପାଳଗଡ଼ରେ ଜୈନକୀର୍ତ୍ତିର ଛାପ ଅନସ୍ୱୀକାର୍ଯ୍ୟ ।

ପୂର୍ବରୁ ଜୈନଧର୍ମର ସନାତନୀୟ ଧର୍ମ ସହ ସମନ୍ୱୟାତ୍ମକ ମିଳନ ବିଷୟରେ ସୂଚନା ଦିଆଯାଇଅଛି । ସେହି ପରମ୍ପରାର ସ୍ୱାକ୍ଷର ବହନ କରିଛି, ପରବର୍ତ୍ତି କାଳ (ଦଶମ ଶତାବ୍ଦୀ) ରେ ନିର୍ମିତ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର । ଏହାର ପ୍ରାଚୀରରେ ଜୈନତୀର୍ଥଙ୍କର ମାନଙ୍କର ମୂର୍ତ୍ତି ଦୃଷ୍ଟିଗୋଚର ହୋଇଥାଏ । ଭୁବନେଶ୍ୱରଠାରୁ ଅଳ୍ପଦୂରରେ ଅବସ୍ଥିତ ପ୍ରତାପନଗରୀ (କଟକ ଆଡ଼କୁ ଲମ୍ବିଥିବା ରାସ୍ତାକଡ଼ରେ) ଠାରେ ନିକଟ ଅତୀତରେ ଦୁଇଟି ଜୈନମୂର୍ତ୍ତି ମିଳିଅଛି । ସେଥିମଧ୍ୟରୁ ଗୋଟିଏ ମୂର୍ତ୍ତି ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଓ ଅନ୍ୟଟି ମହାବୀରଙ୍କ । ଐତିହାସିକମାନଙ୍କ ଦୃଷ୍ଟିରେ ଏହି ମୂର୍ତ୍ତିଦ୍ୱୟ ଦଶମ ଶତାବ୍ଦୀର ହୋଇପାରେ ।

ଭୁବନେଶ୍ୱର ବ୍ୟତୀତ ଆଧୁନିକ ଓଡ଼ିଶାର ଅନ୍ୟାନ୍ୟ ଅଳରେ ମଧ୍ୟ ଜୈନ କୀର୍ତ୍ତିରାଜି ଦେଖିବାକୁ ମିଳେ । ସେଗୁଡିକରେ କଳା, କାରୁକାର୍ଯ୍ୟ ତଥା ସ୍ଥାପତ୍ୟ ଚିତ୍ତାକର୍ଷକ । ଅବଶ୍ୟ ଅଦ୍ୟାବଧି ସେଗୁଡ଼ିକ ଉପରେ ଯଥୋଚିତ ଗବେଷଣା କରାଯାଇ ଓଡ଼ିଶାରେ ଜୈନ ଧର୍ମୀୟ ପରମ୍ପରା ସମ୍ବନ୍ଧେ ଉପାଦେୟ ତଥା ପର୍ଯ୍ୟାପ୍ତ ବିବରଣୀ ସଂଗୃହୀତ ହୋଇନାହିଁ । ଏହି ଗୁରୁତ୍ୱପୂର୍ଣ୍ଣ ଦିଗରେ ଅନୁସନ୍ଧିତ୍ସୁ ଗବେଷକ ଆଗେଇ ଆସିବା ସ୍ପୃହଣୀୟ ନୁହେଁ କି ?

# ଖଣ୍ଡଗିରି

*ଶ୍ରୀ ପଙ୍କଜ ସାହୁ*

**ଅବସ୍ଥିତି**-ଓଡ଼ିଶାରେ ଯେଉଁ କେତେକ ପ୍ରାଚୀନ ଐତିହାସିକ ସ୍ଥାନ ଦୃଷ୍ଟିଗୋଚର ହୁଏ, ତନ୍ମଧ୍ୟରେ ଖଣ୍ଡଗିରି ଅନ୍ୟତମ । ଦକ୍ଷିଣ-ପୂର୍ବ ରେଳପଥ ଭୁବନେଶ୍ୱର ବାଷ୍ପୀୟ ଶକଟାଶୟ (Station) ରୁ ପ୍ରାୟ ୫ କି.ମି. ପଶ୍ଚିମବର୍ତ୍ତୀ, ଆଧୁନିକ ଓଡ଼ିଶାର ନୂତନ ରାଜଧାନୀ ଭୁବନେଶ୍ୱର ବକ୍ଷରେ ଉପବୀତ ସମ ସୁବିନ୍ୟସ୍ତ ୫ ନମ୍ବର ଜାତୀୟ ରାଜପଥର ଉପକଣ୍ଠରେ, ପ୍ରାଚୀନ କଳିଙ୍ଗର ଧାର୍ମିକ ବୈଶିଷ୍ଟ୍ୟ ତଥା ଗୌରବାବହ ଐତିହ୍ୟ ବହନ କରି 'ଖଣ୍ଡଗିରି' ପାହାଡ଼ ଅବସ୍ଥିତ । ପାଦଦେଶରୁ ପାହାଡ଼ର ତିନୋଟି ଶୃଙ୍ଗ ପ୍ରତ୍ୟକ୍ଷ ହେଲେ ମଧ୍ୟ ବାସ୍ତବରେ ତାହା ଖଣ୍ଡବିଖଣ୍ଡିତ ଚାରିଗୋଟି ପାହାଡ଼ର ସୁସମାବେଶ । ସରକାରୀ କାଗଜପତ୍ରରେ ଏହି ପାର୍ବତ୍ୟାଳର ଗିରିପୁଞ୍ଜକୁ ଖଣ୍ଡଗିରି କୁହାଯାଉଥିଲେ ମଧ୍ୟ ୪ଟି ପାହାଡ଼ର ସ୍ଥାନୀୟ ନାମ ସ୍ୱତନ୍ତ୍ର । ଯଥା-ଉତ୍ତର-ପୂର୍ବଦିଗସ୍ଥ ପ୍ରଥମ ପାହାଡ଼ଟି ଉଦୟଗିରି (Sunrise Hill), ଅନ୍ୟ ତିନିଗୋଟି ପାହାଡ଼ ଖଣ୍ଡଗିରି (The Broken Hill,) ନୀଳଗିରି (Blue Hill) ଓ ଦେଉଳିଆ / ଧଉଳିଆବା ଧବଳଗିରି (White Hill) (୧) ନାମରେ ଅଭିହିତ ମାନଚିତ୍ରରେ ୨°.୧୬° ଉତ୍ତର ଦ୍ରାଘିମା ଓ ୮୫°.୪୭° ପୂର୍ବ ଅକ୍ଷାଂଶରେ ଅବସ୍ଥିତ ଦୁଇ ବର୍ଗ କି:ମି: ପରିମିତ ଏହି ପାର୍ବତ୍ୟାଳକୁ ଖଣ୍ଡଗିରି ନାମରେ ଚିହ୍ନିତ କରାଯାଇଛି । ସମୁଦ୍ର ପତନରୁ ପ୍ରାୟ ୪୫ ମିଟର ଉଚ୍ଚତାରେ ଅବସ୍ଥିତ ଏହି ଖଣ୍ଡଗିରିରେ ବାର୍ଷିକ ହାରାହାରି ବୃଷ୍ଟିପାତ ପ୍ରାୟ ୧୫୨ ମିଲିମିଟର । ଗ୍ରୀଷ୍ମଋତୁରେ ଏଠାକାର ତାପମାତ୍ରା ସର୍ବୋଚ୍ଚ ୪୪° , ସର୍ବନିମ୍ନ ୩୮.୦° ଏବଂ ଶୀତ ଋତୁରେ ଏହାର ତାପମାତ୍ରା ସର୍ବୋଚ୍ଚ ୨୮° ଓ ସର୍ବନିମ୍ନ ୧୬° ଅଟେ ।

ଇତିହାସ ଦୃଷ୍ଟିରୁ ନୀଳଗିରି ଓ ଧବଳଗିରିର କୌଣସି ଗୁରୁତ୍ୱ ନଥିବା ସ୍ଥଳେ ଖଣ୍ଡଗିରି ଓ ଉଦୟଗିରି : ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଉନ୍ମୋଚନ କରିଥାଏ । ଭୁବନେଶ୍ୱର ଚନ୍ଦକା ପକ୍‌କା ସଡ଼କର ଉଭୟ ପାର୍ଶ୍ୱସ୍ଥ ଏହି ଯାମଳ ଗିରି ମଧ୍ୟରେ ଏକଶହ ମିଟରର ବ୍ୟବଧାନ ମାତ୍ର । ଆଧୁନିକ କାଳର ଜୈନମନ୍ଦିର ବିମଣ୍ଡିତ ଖଣ୍ଡଗିରି ଗିରିବର୍ତ୍ମର ଉଚ୍ଚତା ପ୍ରାୟ ୪୪ ମି: ଓ ପ୍ରାଚୀନ ହାତୀଗୁମ୍ଫାର ଐତିହ୍ୟ ସୁରଭିତ ଉଦୟଗିରି ଗିରିଚୁଡ଼ାର ଉଚ୍ଚତା ପ୍ରାୟ ୩୪ ମିଟର । ପୂର୍ବେ ଏହାର ଚତୁଃପାର୍ଶ୍ୱ ଘ ଅରଣ୍ୟ ବେଷ୍ଟିତ ଥିଲା ଏବଂ ଆଧୁନିକ ରାଜଧାନୀର କଳେବର ପ୍ରସାରଣ, ଏହାକୁ କ୍ରମଶଃ ଏକ ଉଲଙ୍ଗ ପରିବେଶରେ ରୂପାନ୍ତରିତ କରିବା ନିମିତ୍ ମୁଖ୍ୟତଃ ଦାୟୀ । ଏହି ପାହାଡମାନଙ୍କର ପଥରର ରଙ୍ଗ ସ୍ଥଳବିଶେଷରେ କଳା, ଫିକା, ପାଉଁଶିଆ, ବାଇଗିଣି ଓ ହଳଦିଆ । ଏହି ସ୍ଥାନର ପଥର ସାଧାରଣତଃ ସଚ୍ଛିଦ୍ର ତଥା କୋମଳ ଯୋଗୁଁ ଖୋଦନଶିଳ୍ପ ପାଇଁ ଏହା ସୁବିଧାଜନକ । ମାତ୍ର ଭଙ୍ଗୁର ପ୍ରବଣତା ଯୋଗୁ ସୂକ୍ଷ୍ମକଳା ପରିସ୍ଫୁଟନ ନିମିତ୍; ଏହା ଏକାନ୍ତ ଅନୁପଯୋଗୀ ।

**ନାମକରଣ**- ପୂର୍ବେ ଏହି ଗିରିଯୁଗ୍ମ 'କୁମାରଗିରି' ଓ 'କୁମାରୀଗିରି' ନାମରେ ଐତିହାସିକ ପ୍ରସିଦ୍ଧି ଲାଭ କରିଥିଲା । କୁମାର ଶବ୍ଦର ଅର୍ଥ କାର୍ତ୍ତିକେୟ । କାର୍ତ୍ତିକେୟଙ୍କର ଅନ୍ୟ ନାମ ସ୍କନ୍ଦ ଅବଲମ୍ବନରେ କୁମାରଗିରି 'ସ୍କନ୍ଦଗିରି' ନାମରେ ନାମିତ ହେଲା । ସ୍କନ୍ଦଗିରି କ୍ରମେ ପ୍ରାକୃତ ଭାଷାରେ ଖଣ୍ଡଗିରି ହୋଇଅଛି । ସୋମବଂଶୀ ରାଜା ଉଦ୍ୟୋତ କେଶରୀଙ୍କ ରାଜତ୍ୱର ୫ମ ବର୍ଷରେ ଖୋଦିତ ଏକ ଶିଳାଲେଖରେ ଏହି ଖଣ୍ଡଗିରିର ନାମ ସର୍ବପ୍ରଥମେ ଉତ୍କୀର୍ଣ୍ଣ ହୋଇଅଛି । କୁମାରୀ ପର୍ବତ କୁମାର ପର୍ବତର କ୍ୱିତ ପୂର୍ବରେ ଅବସ୍ଥିତ ଥିବାରୁ ଏହା ମଧ୍ୟ ଉଦୟଗିରି ନାମ ବହନ କରିଅଛି । 'ସ୍ୱର୍ଣ୍ଣାଦ୍ରି ମହୋଦୟ' ନାମକ ସଂସ୍କୃତ ଗ୍ରନ୍ଥରେ ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଏହି ପାହାଡ଼ଦ୍ୱୟ ଯଥାକ୍ରମେ ଖଣ୍ଡାଚଳ ଓ ଉଦୟାଚଳ ନାମରେ ଉଲ୍ଲେଖ ଅଛି ।

---

(୧) ଆର୍.ପି.ରାହୀ-ଆମ ପ୍ରାଚୀନ ଐତିହ୍ୟ, 'ଦୈନିକ ସମାଜ', ପୃ ୧୦ ଷ୍ଠା ।

**ଐତିହ୍ୟ** - ଇତିହାସ ଅନୁଶୀଳନରୁ ଜଣାଯାଏ ଯେ ଖ୍ରୀ:ପୂ: ୬ଷ୍ଠ ଶତକରେ ତତ୍କାଳୀନ କଳିଙ୍ଗ ରାଜାଙ୍କ ଆମନ୍ତ୍ରଣକ୍ରମେ ଜୈନଧର୍ମର ପ୍ରଧାନ ପ୍ରବକ୍ତା ମହାବୀର ସ୍ୱାମୀ କଳିଙ୍ଗକୁ ଆଗମନ କରି କୁମାରୀ ପର୍ବତରେ ଅବସ୍ଥାନପୂର୍ବକ ଏହି ଗିରିଚୂଡାରୁ ଜୈନଧର୍ମର ବିଜୟବାଣୀ କଳିଙ୍ଗବାସୀଙ୍କ ଉଦ୍ଦେଶ୍ୟରେ ପରିବେଷଣ କରିଥିଲେ । ହାତୀଗୁମ୍ଫା ଅଭିଲେଖରେ ଉତ୍କୀର୍ଣ୍ଣ 'ବିଜୟଚକ୍ର ପ୍ରବର୍ତ୍ତନ' କୁ ଉପର୍ଯ୍ୟୁକ୍ତ ଐତିହାସିକ ଘଟଣାର ପ୍ରାମାଣିକ ତଥ୍ୟ ରୂପେ ଗ୍ରହଣ କରାଯାଇଥାଏ । ମହାବୀର ବର୍ଦ୍ଧମାନ ଏଠାରେ ଧର୍ମପ୍ରଚାର କରିଥିବା ହେତୁ ଏହି କୁମାରୀ ପର୍ବତ ତତ୍କାଳରେ ସମଗ୍ର ଭାରତରେ ଜୈନ ଜଗତରେ ଏକ ପବିତ୍ର ତୀର୍ଥ ରୂପେ ପ୍ରକୀର୍ତ୍ତିତ ହୋଇଥିଲା । କ୍ରମେ ବାନପ୍ରସ୍ଥାବଲମ୍ବୀ ହିନ୍ଦୁ ଓ ସଂସାରତ୍ୟାଗୀ ଜୈନ ମହର୍ଷିଗଣ କୁମାରୀ ପର୍ବତକୁ ଏକ ଶୈଳ ନିବାସ ବା ଆଶ୍ରମସ୍ଥଳୀ ରୂପେ ଅନୁକୂଳ ମନେକଲେ । ଖ୍ରୀ:ପୂ: ପ୍ରଥମ ଶତକରେ ଐରବଂଶାବତଂସ ମହାମେଘବାହନ ଖାରବେଳ କଳିଙ୍ଗକୁ ମଗଧ ସାମ୍ରାଜ୍ୟ କବଳରୁ ମୁକ୍ତକରି ଶିଶୁପାଳଗଡ଼ଠାରେ କଳିଙ୍ଗ ନଗରୀର ରାଜଧାନୀ ସ୍ଥାପନ କରିଥିଲେ । କଥିତ ଅଛି ଅଶୋକ ଧଉଳି ପାହାଡ଼ରେ ବୌଦ୍ଧଧର୍ମ ପ୍ରଚାର କରିବା ସଦୃଶ, ଖାରବେଳ କୁମାରୀ ପର୍ବତଠାରେ ଜୈନଧର୍ମ ପ୍ରଚାର କରିଥିଲେ । ତେଣୁ କୁମାରୀ ପର୍ବତରେ ପ୍ରସିଦ୍ଧି ସମଧିକ ଭାବେ ବୃଦ୍ଧିପ୍ରାପ୍ତ ହୋଇଥିଲା । ଏହି ଗିରିର ଅବସ୍ଥିତି ସାଧାରଣ ଜନବସତିଠାରୁ ଦୂରରେ ଥିବାରୁ ଏହା ବସ୍ତୁତଃ ତପଶ୍ଚର୍ଯ୍ୟା ନିମିତ୍ ଏକ ପ୍ରକୃଷ୍ଟ କ୍ଷେତ୍ର ରୂପେ ବିବେଚିତ ହୋଇଥିଲା । ପୁନଶ୍ଚ କଳିଙ୍ଗର ରାଜଧାନୀ ଶିଶୁପାଳଗଡ଼ଠାରୁ ସମୀପବର୍ତ୍ତୀ ହୋଇଥିବାରୁ ସନ୍ନ୍ୟାସୀମାନେ ଧର୍ମଚର୍ଚ୍ଚା ପାଇଁ ଏ ସ୍ଥାନକୁ ନିରାପଦ ସ୍ଥାନ ରୂପେ ନିର୍ବାଚିତ କରି ଏହାର ପ୍ରାକୃତିକ ଗୁହାରେ ଅବସ୍ଥାନ କରିବାକୁ ଶ୍ରେୟ ମନେ କରୁଥିଲେ । ଇତ୍ୟବସରରେ ଜୈନଧର୍ମର ଜପୋଦ୍ୟାପକ ଅର୍ହତମାନଙ୍କ କାୟିକ ବିଶ୍ରାମ ନିମନ୍ତେ ମହାମହିମ ସମ୍ରାଟ ଖାରବେଳ କୁମାରୀ ପର୍ବତରେ ଅନେକ ଗୁମ୍ଫା ଖୋଦନ କରାଇଥିଲେ । ଭାରତବର୍ଷର ଚତୁର୍ଦ୍ଦିଗରୁ ବହୁ ସଂଖ୍ୟାରେ ଜୈନ ଅର୍ହତ ଓ ଯତି, ବ୍ରାହ୍ମଣ ତାପସ ଓ ଋଷି ତଥା ବୌଦ୍ଧ୍ ଶ୍ରମଣ ଓ ଭିକ୍ଷୁ : କୁମାରୀ ପର୍ବତକୁ ପବିତ୍ର ତୀର୍ଥ ଜ୍ଞାନକରି ପରିଦର୍ଶନ ନିମନ୍ତେ ଆସି ବହୁ ସଂଖ୍ୟାରେ ସମବେତ ହେଉଥିଲେ । ସେହି ପରମ ଧାର୍ମିକ ଅତିଥିମାନଙ୍କ ନିବାସ ନିମନ୍ତେ କୁମାରୀ ପର୍ବତର ପାର୍ଶ୍ୱଦେଶରେ ବୈଦୁର୍ଯ୍ୟ ଖଚିତ ସ୍ତମ୍ଭଯୁକ୍ତ ଏକ ବିରାଟ ସୁରମ୍ୟ ହର୍ମ୍ୟ ନିର୍ମାଣ କରାଇଥିଲେ । ତାହା କ୍ରମେ କାଳର କରାଳ କବଳରେ ପଡ଼ି ଧ୍ୱଂସପ୍ରାପ୍ତ ହୋଇ ଯାଇଥିଲେ ହେଁ ଅଦ୍ୟାବଧି ତାହାର ଧ୍ୱଂସାବଶେଷ ଦୃଷ୍ଟି ପଥାରୂଢ଼ ହୋଇଥାଏ । ଖାରବେଳଙ୍କର ସ୍ୱଳ୍ପକାଳବ୍ୟାପୀ ଶାସନର ବିବରଣୀ ଗର୍ଭିତ ହାତୀଗୁମ୍ଫା ଅଭିଲେଖ ହେଉଛି ସର୍ବଭାରତୀୟ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଲେଖ; ଯାହାକି ଅଦ୍ୟାବଧି ଏକ ଅମ୍ଳାନ ସ୍ମାରକୀ ରୂପେ ବିଦ୍ୟମାନ ଅଛି । ହିନ୍ଦୁଧର୍ମର ବାନପ୍ରସ୍ଥ ନିୟମାନୁଯାୟୀ ତାଙ୍କର ଦାୟାଦମାନଙ୍କୁ ଶାସନଭାର ଅର୍ପଣ ପୂର୍ବକ ଖାରବେଳ ସ୍ୱପତ୍ନୀଙ୍କ ସହ 'ରାଜାରାଣୀ ଗୁମ୍ଫା' ଠାରେ ଶେଷ ଜୀବନ ଅତିବାହିତ କରିଥିଲେ ବୋଲି ଏକ ପ୍ରବାଦ (୨) ଅଛି । ମୃତ୍ୟୁପରେ ତାଙ୍କର ଅସ୍ଥି ଏହି କୁମାରୀ ପର୍ବତରେ ସଂରକ୍ଷିତ ହୋଇଥିବାରୁ ଇତିହାସରେ ଏହା ଏକ ପୁଣ୍ୟସ୍ଥଳୀ ରୂପେ ସ୍ୱୀକୃତି ଲାଭ କରିଥିଲା । ଖ୍ରୀଷ୍ଟୀୟ ୭ମ ଶତାବ୍ଦୀରେ କୁମାରଗିରିରେ ମଧ୍ୟ ପାର୍ଶ୍ୱନାଥଙ୍କ ଏକ ମନ୍ଦିର ପ୍ରତିଷ୍ଠିତ ହୋଇଥିଲା । ସମ୍ପ୍ରତି ସେ ମନ୍ଦିରଟି ନଥିଲେ ହେଁ ତାହାର ଭିତ୍ ଉପରେ ବର୍ତ୍ତମାନର ଜୈନ ମନ୍ଦିରଟି ଉନ୍ନତ ଶିରରେ ଦଣ୍ଡାୟମାନ ହୋଇଛି । ଖ୍ରୀଷ୍ଟୀୟ ୯ମ ଶତାବ୍ଦୀ ପର୍ଯ୍ୟନ୍ତ କୁମାରୀପର୍ବତର ଖ୍ୟାତି ଅକ୍ଷୁର୍ଣ୍ଣ ରହିଥିଲେ ମଧ୍ୟ ଭୌମକର ରାଜତ୍ୱର ପତନ ପରେ କୁମାରୀ ପର୍ବତର ଖ୍ୟାତି ନିଷ୍ପ୍ରଭ ହେବା ସହିତ କ୍ରମେ କୁମାର ପର୍ବତ ବିଖ୍ୟାତ ହେବାକୁ ଲାଗିଲା । ସୋମବଂଶୀ ରାଜାମାନେ ମୁଖ୍ୟତଃ ନୈଷ୍ଠିକ ହିନ୍ଦୁ ଥିଲେ ହେଁ ଜେନଧର୍ମ ପ୍ରତି ସେମାନଙ୍କର କୌଣସି ଅସୂୟାଭାବ ନଥିଲା । କାରଣ ସେମାନଙ୍କର ରାଜଧାନୀ ଭୁବନେଶ୍ୱରଠାରୁ ପ୍ରୋକ୍ତ ଗିରିଗୁହାଗୁଡ଼ିକ ସନ୍ନିକଟବର୍ତ୍ ହୋଇଥିଲେ ମଧ୍ୟ ତାହା ଅକ୍ଷୁର୍ଣ୍ଣ ରହିଥିଲା । ବିଶେଷତଃ ଏହି ବଂଶଜ ଉଦ୍ୟୋତକେଶରୀଙ୍କ ଅଷ୍ଟାଦଶ ବର୍ଷ ରାଜତ୍ୱକାଳରେ କୁମାରଗିରି ଖୋଦିତ 'ନବମୁନି ଗୁମ୍ଫା' କୁ ଜୈନ

---

(୨) "ରାଜାରାଣୀ କୋଳେ ଶେଷେ ରାଜାରାଣୀ ।
ସ୍ୱର୍ଗପୁରେ ଗଲେ ତେଜି ସୁଖଶ୍ରେଣୀ ।" (ରାଜଧାନୀ, ପୃ ୨୯-ଦୁଃଖୀଶ୍ୟାମ ଚୌଧୁରୀ)

ତୀର୍ଥଙ୍କରମାନଙ୍କର ଏକ ଉପାସନା ପ୍ରକୋଷ୍ଠରେ ପରିଣତ କରାଯାଇଥିଲା । ତାଙ୍କ ପ୍ରଚେଷ୍ଟାରେ ଏହି ପର୍ବତରେ ଯେଉଁ ଜୈନ ବିହାର ଗଢ଼ି ଉଠିଥିଲା, ତହିଁରେ ବହୁ ପଣ୍ଡିତ ଓ ଛାତ୍ର ଅବସ୍ଥାନପୂର୍ବକ ଜୈନ ଧର୍ମଦର୍ଶନ ଅଧ୍ୟାପନା ତଥା ଅଧ୍ୟୟନ କରୁଥିଲେ । ସୋମବଂଶୀ ଶାସନକାଳରେ ନିର୍ମିତ ମନ୍ଦିରମାନଙ୍କର କେତେକ ଭଗ୍ନାବଶେଷ ମଧ୍ୟ କୁମାର ଗିରିରେ ଉପଲବ୍ଧ୍ ହୋଇଥାଏ । ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ରାଜାମାନଙ୍କର ରଜତ୍ୱ (୧୨ଶ-୧୬ଶ) କାଳରେ କୁମାରଗିରିସ୍ଥ ଗୁମ୍ଫାଗୁଡିକରେ ଜୈନଧର୍ମ ସମ୍ପର୍କିତ ବହୁସ୍ଥାପତ୍ୟ ଖୋଦିତ ହୋଇଥିଲା ଏବଂ ଜୈନଧର୍ମକୁ ସମଧିକ ଲେକପ୍ରିୟ କରିବା ନିମନ୍ତେ ପ୍ରଚେଷ୍ଟା ଅବ୍ୟାହତ ରହିଥିଲା । ଏହି ସମୟରେ କୁମାରଗିରିର ବାରଭୁଜୀଗୁମ୍ଫା ଓ ତ୍ରିଶୂଳଗୁମ୍ଫା ଦୁଇଟିରେ ୨୪ ତୀର୍ଥଙ୍କର ସମେତ ତାଙ୍କର ବାହନ ତଥା ଶାସନଦେବୀ ସ୍ଥାପିତ ହୋଇ ଉପାସିତ ହେଉଥିବାର ପ୍ରମାଣ ମିଳେ । କୁମାରଗିରି ମଧ୍ୟ ଏହି ସମୟରେ ଖଣ୍ଡଗିରି ରୂପେ ସାଧାରଣରେ ପରିଚିତ ହୋଇଥିଲା । ଖ୍ରୀଷ୍ଟୀୟ ୧୮ଶ-୧୯ଶ ଶତାବ୍ଦୀରେ ଖଣ୍ଡଗିରିର ଐତିହାସିକ ତଥା ଧାର୍ମିକ ପ୍ରସିଦ୍ଧି ବ୍ୟତୀତ ସାହିତ୍ୟିକ ମହତ୍ତ୍ୱ ପ୍ରତିଷ୍ଠା ଲାଭ କଲା । କାରଣ ଏହି ସମୟରେ ବାରଙ୍ଗଦାସଙ୍କ 'ବ୍ରହ୍ମକୁଣ୍ଡଳୀ', ଅରକ୍ଷିତ ଦାସଙ୍କର 'ମହୀମଣ୍ଡଳଗୀତା', ରାଧାଚରଣ ନାୟକଙ୍କ ଲିଖିତ 'ରସରାମାୟଣ' ସର୍ବୋପରି ଉନବିଂଶ ଶତାବ୍ଦୀର ମହାମହୋପାଧ୍ୟାୟ ବାମଦେବ ରଥଶର୍ମାଙ୍କ 'ଖଣ୍ଡାଚଳ ମାହାତ୍ମ୍ୟ' ପ୍ରଭୃତି ଗ୍ରନ୍ଥ ସମୂହ ଆତ୍ମପ୍ରକାଶ କରିବା ଫଳରେ ଖଣ୍ଡଗିରିର ଶାସ୍ତ୍ରୀୟ ପ୍ରସିଦ୍ଧି ପରିବ୍ୟାପ୍ତ ହେବାକୁ ଲାଗିଲା । ଏପରିକି ଓଡ଼ିଶାରେ ଇଂରେଜ ଶାସନ ପ୍ରତିଷ୍ଠିତ ହେବାପରେ କଟକ ନିବାସୀ ମଞ୍ଜୁ ଚୌଧୁରୀ, ଓ ତାଙ୍କର ପୁତୁରା ଭବାନୀବାବୁଙ୍କ ମହାର୍ଘ ଅବଦାନ ଫଳରେ ଖଣ୍ଡଗିରି ପାହାଡ଼ର ଶୀର୍ଷଦେଶରେ ଯେଉଁ ଜୈନମନ୍ଦିର ନିର୍ମିତ ହୋଇଛି, ତାହା ବହୁ ପରିଦର୍ଶକ ତଥା ପର୍ଯ୍ୟଟକମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛି । ଉପର୍ଯ୍ୟୁକ୍ତ ଅବତାରଣାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଖଣ୍ଡଗିରି ଦୀର୍ଘ ଅଢ଼େଇ ହଜାର ବର୍ଷ ବ୍ୟାପୀ ବିଭିନ୍ନ ଐତିହ୍ୟର ନିବିଡ଼ ସ୍ପର୍ଶରେ ସ୍ୱୟଂ ଏକ ଜୀବନ୍ତ ଇତିହାସରେ ପରିଣତ ହୋଇ ବିଶ୍ୱମନୀଷାର ଦୃଷ୍ଟି ଆକର୍ଷଣ କରୁଅଛି । ଏହି ପ୍ରସଙ୍ଗରେ ଯଥାର୍ଥରେ କୁହାଯାଇଛି ଯେ-

"ଇତିହାସ ତୁହି ତୋହରି ବକ୍ଷରେ,

ଉପଦେଶ ଖୋଳା ଯେ ପାଲି ଲିପିରେ ।" (୩)

ପର୍ବତ ଗାତ୍ରସ୍ଥ ପ୍ରାକୃତିକ ଗୁହାସମୂହ ଏକଦା ଆଦିମ ମାନବର ବାସସ୍ଥଳୀ ରୂପେ ବ୍ୟବହୃତ ହେଉଥିଲା । କ୍ରମେ ଆରଣ୍ୟକ ଯୁଗରେ ବସବାସ କରିବା ନିମିତ୍ ନିରାପତ୍ା ବ୍ୟବସ୍ଥା ସ୍ୱରୂପ ପାହଡ଼-ପର୍ବତ ବକ୍ଷରେ ଆବଶ୍ୟକତା-ବୋଧରେ ଗୁମ୍ଫା ସବୁ ଖୋଦିତ ହେବାକୁ ଲାଗିଲା । ସଭ୍ୟତାର ବିକାଶର ତାଳେ ତାଳେ ମନୁଷ୍ୟ ଯେତେବେଳେ ଅରଣ୍ୟ-ପାର୍ବତ୍ୟାଳରୁ ଆସି ଜଳସୁଲଭ ସମତଳ ଅଳରେ ଜନପଦ ସବୁ ଗଢ଼ି ତୋଳିଲା, ସେତେବେଳେ ସଂସାରତ୍ୟାଗୀମାନେ ଅନ୍ତିମ ଜୀବନଯାପନ ନିମିତ୍ ପ୍ରୋକ୍ତ ପାର୍ବତ୍ୟ ଗୁମ୍ଫାକୁ ପ୍ରଧାନ ଆଶ୍ରୟସ୍ଥଳରୂପେ ନିର୍ବାଚନ କରୁଥିଲେ । ଗୁମ୍ଫା ଖୋଦନ ଯେ ମନ୍ଦିର ନିର୍ମାଣର ଯଥେଷ୍ଟ ପୂର୍ବବର୍ତ୍ତୀ, ଏହା ନିଃସନ୍ଦେହ ।

କାରଣ ନାନାବିଧ ଶୈଳଜ ପ୍ରସ୍ତର ଖଣ୍ଡଗୁଡିକର ଶୈଳ୍ପିକ ଏକତ୍ରୀକରଣ ତଥା ସଂସ୍ଥାନ କୌଶଳ ସମ୍ପର୍କିତ ଜ୍ଞାନଲାଭର ଅବ୍ୟବହିତ ପୂର୍ବରୁ ମନୁଷ୍ୟ ଗୁମ୍ଫାଖୋଦନ ସମ୍ପର୍କୀୟ ଶିକ୍ଷା ହାସଲ କରିସାରିଥିଲା । ତେଣୁ ମନ୍ଦିର ନିର୍ମାଣ ଅପେକ୍ଷା ଗୁମ୍ଫାଖୋଦନ ନିଶ୍ଚିତ ରୂପେ ପ୍ରାଚୀନତର ସ୍ଥାପତ୍ୟ ଅଟେ । ବିଶିଷ୍ଟ ଐତିହାସିକ କରଲାଇଲଙ୍କ ମତରେ ଭୂଗୋଳ ହେଉଛି ଇତିହାସର ଚକ୍ଷୁ । ବାସ୍ତବରେ କୌଣସି ଏକ ସ୍ଥାନର ଭୌଗୋଳିକ ପରିବେଶ-ତାହାର ଇତିହାସକୁ ପ୍ରଭାବିତ ତଥା ନିୟନ୍ତ୍ରିତ କରିଥାଏ । ଜୈନଧର୍ମର ଅନ୍ୟତମ ତୀର୍ଥ ଆଲୋଚ୍ୟ ଖଣ୍ଡଗିରି-ଉଦୟଗିରିର ମନୋରମ ପରିବେଶର ବିଶେଷ ଆକର୍ଷଣ ହେଉଛି, ଏଥିରେ ନିଖୋଦିତ ଐତିହାସିକ ଗୁମ୍ଫା ସମୂହ । 'ହାତୀଗୁମ୍ଫା ଅଭିଲେଖ' ତଥା ଅତ୍ରତ୍ୟ ଅନ୍ୟାନ୍ୟ ପ୍ରାଚୀନ ବ୍ରାହ୍ମୀଲିପି ଲେଖାବଳୀ ଅନୁଧାନରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏଠାରେ କଳିଙ୍ଗର ବିଭିନ୍ନପ୍ରାନ୍ତରୁ ଆଗତ ଜୈନ ଅର୍ହତମାନଙ୍କର ବର୍ଷାବାସ ନିମନ୍ତେ ବହୁ ଉନ୍ନତ ଧରଣର ସୁଦୃଶ୍ୟ ଗୁମ୍ଫା ଖୋଦିତ ହୋଇଥିଲା ।

ଜୈନଧର୍ମର ଗିରିଖୋଦିତ ଅତିପ୍ରାଚୀନ ଆଶ୍ରମସ୍ଥଳୀ ମଧ୍ୟରେ ଉକ୍ତ ଯାମଳଗିରି ବକ୍ଷସ୍ଥ ଗୁମ୍ଫାଗୁଡିକର ସ୍ଥାନ ସ୍ୱତନ୍ତ୍ର ତଥା ଅନନ୍ୟ । କେବଳ ସ୍ଥାପତ୍ୟ ଭାସ୍କର୍ଯ୍ୟ ଦୃଷ୍ଟିରୁ ନୁହେଁ, ଜୈନଧର୍ମବିଶ୍ୱାସର ଏକ ପ୍ରଧାନ କେନ୍ଦ୍ରରୂପେ ଏହି ଗୁମ୍ଫାଗୁଡିକ ସମଗ୍ର ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଅଛି । ଉକ୍ତ ଗୁମ୍ଫାଗୁଡିକ ମୁଖ୍ୟତଃ ଜୈନସନ୍ନ୍ୟାସୀମାନଙ୍କର ନିବାସ ନିମିତ୍ ଖୋଦିତ ହୋଇଥିବାରୁ ଏହାର କଳାଭାସ୍କର୍ଯ୍ୟରୁ ସମସାମୟିକ ଧର୍ମଭାବ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳେ ନାହିଁ । ଉକ୍ତ ଗୁମ୍ଫା ସ୍ଥାପତ୍ୟରୁ କେବଳ ଜୈନଅର୍ହତମାନଙ୍କର କଠିନ ଜୀବନଚର୍ଯ୍ୟାର ସୂଚନା ହିଁ ମିଳିଥାଏ ।

ସେମାନଙ୍କର ଉଗ୍ରତପସ୍ୟା ତଥା କଠୋର ଆତ୍ମସଂଯମ ରକ୍ଷା ନିମିତ୍ ଉଦ୍ଦିଷ୍ଟ ଏହି ଗୁମ୍ଫାଗୁଡିକରେ ସୁଖସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା ଆଦୌ ଅନୁଭୂତ ହୁଏ ନାହିଁ । ଅଳ୍ପ କେତେକ ଗୁମ୍ଫା ବ୍ୟତୀତ ଅଧିକାଂଶ ଗୁମ୍ଫାଗୁଡିକର ଛାତ ଏତେ ଅନୁଚ୍ଚ ଯେ ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ତନ୍ମଧ୍ୟରେ ସିଧାସଳଖ ଛିଡା ହୋଇ ପାରିବ ନାହିଁ । ପୁନଶ୍ଚ କକ୍ଷଗୁଡିକର ପରିସର ଏତେ ଅପ୍ରଶସ୍ତ ଯେ କୌଣସି ଲୋକ ହାତଗୋଡ ଲମ୍ବାଇ ସ୍ୱଚ୍ଛନ୍ଦରେ ମଧ୍ୟ ଶୋଇପାରିବ ନାହିଁ । କକ୍ଷଗୁଡିକ ଚଟାଳ ପଛକାନ୍ଥଠାରୁ ବାରନ୍ଦା ଆଡକୁ କ୍ରମଶଃ ଗଡାଣିଆ ହୋଇଥିବାରୁ ଗୁହାବାସୀମାନେ ଯେ ଉଚ୍ଚସ୍ଥାନକୁ ତକିଆ ରୂପେ ବ୍ୟବହାର କରି ନିମ୍ନ ଆଡକୁ ଗୋଡରଖି ଶୋଉଥିଲେ; ଏଥିରୁ ସ୍ପଷ୍ଟ ଧାରଣା ଜନ୍ମେ । ପୁନଶ୍ଚ ଉକ୍ତ ଗଡାଣିଆ ବ୍ୟବସ୍ଥା କକ୍ଷର ଏକ ପ୍ରାନ୍ତରୁ ଅପରପ୍ରାନ୍ତ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବାରୁ ପ୍ରତ୍ୟେକ କକ୍ଷ ଯେ ବହୁ ସନ୍ନ୍ୟାସୀଙ୍କ ଦ୍ୱାରା କେବଳ ଶୟନାଗାର ରୂପେ ବ୍ୟବହୃତ ହେଉଥିଲା, ତାହାହିଁ ପ୍ରମାଣିତ । ଏହି ଗଡାଣିଆ ଚଟାଣ ଯୋଗୁଁ ଗିରି ନିର୍ଝରିତ ବର୍ଷାଜଳ ଅନାୟାସରେ ବାହାରକୁ ନିଷ୍କାସିତ ହୋଇପାରୁଥିଲା । ପ୍ରକୋଷ୍ଠ ଗୁଡିକର କାନ୍ଥରେ କୌଣସି କାନ୍ଥକୋରା ନଥିବାରୁ ଗୁହାବାସୀମାନଙ୍କର ବ୍ୟବହାର୍ଯ୍ୟ ବସ୍ତୁ ଯଥେଷ୍ଟ ନଥିବା ଅନୁମାନ ।

ଗୁହାର ଅଭ୍ୟନ୍ତରରେ ଯେଉଁ କାନ୍ଥକୋରାଗୁଡିକର ସନ୍ଧାନ ସମ୍ପ୍ରତି ଦେଖିବାକୁ ମିଳେ; ତାହା ପରବର୍ତ୍ତୀ କାଳରେ ଖୋଦିତ । ଅଧିକାଂଶ ଗୁମ୍ଫାଗୁଡିକର ସମ୍ମୁଖଭାଗରେ ସ୍ତମ୍ଭଯୁକ୍ତ ବାରଣ୍ଡା ଥିବାର ଦେଖାଯାଏ । କକ୍ଷଗୁଡି ବାରନ୍ଦାର ଏକପାର୍ଶ୍ୱରେ କିମ୍ବା ଦୁଇପାର୍ଶ୍ୱରେ ଅଥବା କେତେକ ତିନିପାର୍ଶ୍ୱରେ ସୁବିନ୍ୟସ୍ତ ହୋଇଅଛି । ଆୟତନ ଅନୁସାରେ କକ୍ଷଗୁଡିକରେ ୧ରୁ ୪ ପର୍ଯ୍ୟନ୍ତ ଦ୍ୱାର ଥିବାର ଅନୁଭୂତ ହୁଏ । ପ୍ରବେଶଦ୍ୱାର ସର୍ବତ୍ର କ୍ଷୁଦ୍ରାକାର ହୋଇଥିବାରୁ ଗୁମ୍ଫାମଧ୍ୟରେ ହାମୁଡେଇ ପ୍ରବେଶ କରିବାକୁ ହୋଇଥାଏ । ବିଶେଷତଃ ପ୍ରକୋଷ୍ଠଗୁଡିକ ବହୁଦ୍ୱାର ବିଶିଷ୍ଟ ହୋଇଥିବାରୁ ତନ୍ମଧ୍ୟରେ ସହଜରେ ପର୍ଯ୍ୟାପ୍ତ ପରିମାଣର ଆଲୋକପାତ ହୋଇଥାଏ ।

କଳିଙ୍ଗ ସମ୍ରାଟ ଖାରବେଳ ତାଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷରେ କୁମାର ପର୍ବତ (ଉଦୟଗିରି) ଗାତ୍ରରେ ଜୈନ ସନ୍ନ୍ୟାସୀ-ସନ୍ୟାସିନୀମାନଙ୍କର ଆଶ୍ରୟସ୍ଥଳୀ ନିମିତ୍ ଅନେକ ଗୁମ୍ଫା କରାଇଥିଲେ । ଡଃ ବେଣୀମାଧବ ବଡୁଆଙ୍କ ପାଠ ଅନୁସାରେ 'ହାତୀଗୁମ୍ଫା ଅଭିଲେଖ'ର ଚତୁର୍ଦ୍ଦଶ ପଙ୍କ୍ତିରେ ଉତ୍କୀର୍ଣ୍ଣ "ସତ ଦଶଲେନ ସତଃ"ରୁ ଜଣାଯାଏ ଯେ ଉଭୟ ପାହାଡରେ ଖାରବେଳ ୧୧୭ଟି ଗୁମ୍ଫା ଖୋଳାଇ ଥିଲେ । ମାତ୍ର ପାଲି ବ୍ୟାକରଣ ଅନୁସାରେ ଉଦ୍ଧୃତ ଖଣ୍ଡବାକ୍ୟର ଅର୍ଥ ହେଉଛି, ୧୭୦୦ ଗୁମ୍ଫା (୪) । ବାସ୍ତବରେ ଏଠାରେ କେତେ ଯେ ଗୁମ୍ଫା ଖୋଦନ କରାଯାଇଥିଲା, ନିର୍ଦ୍ଦିଷ୍ଟ ଭାବରେ କହିବା ସମ୍ଭବ ନହେଲେ ମଧ୍ୟ ମହାମେଘ ବାହନ ରାଜାମାନଙ୍କ ରାଜତ୍ୱ ସମୟରେ ଏହି ଯାମଳଗିରି ଯେ ମଧୁଚକ୍ରବତ୍ ଗୁହାରେ ପରିପୂର୍ଣ୍ଣ ହୋଇଥିଲା; ଏହା ଅନସ୍ୱୀକାର୍ଯ୍ୟ ।

ଏହି ଗିରିର ଶିଳାଶ୍ରେଣୀ ଭଙ୍ଗପ୍ରବଣ ହୋଇଥିବାରୁ ଜଳବାୟୁର ପ୍ରକୋପରେ ପରବର୍ତ୍ତୀ କାଳରେ ଅନେକ ଗୁମ୍ଫାର ପ୍ରାକୃତିକ ବିଲୟ ଘଟିଛି ସତ୍ୟ, ମାତ୍ର କଳିଙ୍ଗର ଐତିହ୍ୟକୁ ଯେ ଇଚ୍ଛାକୃତ ଭାବେ ଅନ୍ଧକାର ଗର୍ଭକୁ ନିକ୍ଷେପ କରାଯାଇଛି; ଏହା ଏକ ଅବିସମ୍ବାଦିତ ସତ୍ୟ ଅଟେ । ସମ୍ରାଟ ଖାରବେଳଙ୍କ ଦ୍ୱାରା ନିଖୋଦିତ ଗୁମ୍ଫା ମଧ୍ୟରୁ ଅଧିକାଂଶ ଗୁମ୍ଫା ବିଲୋପସାଧିନ ପରେ ସଂପ୍ରତି ଉଦୟଗିରିରେ ୪୪ଟି, ଖଣ୍ଡଗିରିରେ ୧୯ଟି ଓ ପାର୍ଶ୍ୱବର୍ତ୍ତୀ ନୀଳଗିରିରେ ୩ଟି ଗୁମ୍ଫା

---

(୪) ଡଃ ନବୀନ କୁମାର ସାହୁ - ଖଣ୍ଡଗିରି, ଉତ୍କଳ ପ୍ରସଙ୍ଗ ନଭେମ୍ବର ୮୩ ସଂଖ୍ୟା ପୃଷ୍ଠା ୭ ।

ଦେଖିବାକୁ (୫) ମିଳେ । କୌଣସି ଐତିହାସିକ ଭିତିରେ ପ୍ରୋକ୍ତଗୁମ୍ଫାଗୁଡିକର ନାମକରଣ କରାଯାଇ ନଥିବାରୁ ବିଭିନ୍ନ ମୁଦ୍ରିତ ପୁସ୍ତକରେ ଏମାନଙ୍କର ନାମକରଣଗତ ବିଶୃଙ୍ଖଳା ପରିଦୃଷ୍ଟ ହୋଇଥାଏ । ଏଥିରୁ ସ୍ପଷ୍ଟ ପ୍ରତୀତି ଜନ୍ମେ ଯେ ସମୟର ବିବର୍ତନ ମଧ୍ୟରେ ଗୁମ୍ଫାଗୁଡିକର ନାମକରଣରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରତ୍ନତତ୍ୱ ବିଭାଗଦ୍ୱାରା ଯେଉଁସବୁ ଗୁହାଗୁଡିକ ଅଙ୍କୀକରଣ କରାଯାଇଛି; ସେମାନଙ୍କ ନାମ ନିମ୍ନରେ ପ୍ରଦତ୍ ହେଲା ।

**ଉଦୟଗିରି** – ଗୁହା ନଂ ୧, ରାଣୀଗୁମ୍ଫା, ନଂ ୨ ବାଜାଘର ଗୁମ୍ଫା, ନଂ ୩ ଛୋଟ ହାତୀଗୁମ୍ଫା, ନଂ ୪ ଅଳକାପୁରୀ ଗୁମ୍ଫା, ନଂ ୫ ଜୟବିଜୟ ଗୁମ୍ଫା, ନଂ ୬ ପଣସ ଗୁମ୍ଫା, ନଂ ୭ ପାତାଳପୁରୀ ଗୁମ୍ଫା, ନଂ ୮ ଠାକୁରାଣୀ ଗୁମ୍ଫା, ନଂ ୯ ମପୁରୀ ଗୁମ୍ଫା, ନଂ ୧୦ ଗଣେଶ ଗୁମ୍ଫା, ନଂ ୧୧ ଜମ୍ଭେଶ୍ୱର ଗୁମ୍ଫା, ନଂ ୧୨ ବ୍ୟାଘ୍ରଗୁମ୍ଫା, ନଂ ୧୩ ସର୍ପଗୁମ୍ଫା, ନଂ ୧୪ ହାତୀଗୁମ୍ଫା, ନଂ ୧୫ ଧାନଘର ଗୁମ୍ଫା, ନଂ ୧୬ ହରିଦାସ ଗୁମ୍ଫା, ନଂ ୧୭ ଜଗନ୍ନାଥ ଗୁମ୍ଫା, ନଂ ୧୯ ରୋଷେଇ ଗୁମ୍ଫା ।

**ଖଣ୍ଡଗିରି** – ଗୁହା ନଂ ୧ ତତୋଆ ଗୁମ୍ଫା (କ), ନଂ ୨ ତତୋଆ ଗୁମ୍ଫା (ଖ), ନଂ ୩ ଅନନ୍ତ ଗୁମ୍ଫା, ନଂ ୪ ତେନ୍ତୁଳି ଗୁମ୍ଫା, ନଂ ୫ ଖଣ୍ଡଗିରି ଗୁମ୍ଫା, ନଂ ୬ ଧ୍ୟାନଗୁମ୍ଫା, ନଂ ୭ ନବମୁନି ଗୁମ୍ଫା, ନଂ ୮ ବାରଭୁଜୀ ଗୁମ୍ଫା, ନଂ ୯ ତ୍ରିଶୂଳଗୁମ୍ଫା, ନଂ ୧୦ ଅମ୍ବିକା ଗୁମ୍ଫା, ନା ୧୧ ଲଲାଟେନ୍ଦୁ କେଶରୀ ଗୁମ୍ଫା, ନଂ ୧୨ ଓ ନଂ ୧୩ ନାମ ଅଜ୍ଞାତ, ନଂ ୧୪ ଏକାଦଶୀ ଗୁମ୍ଫା ନଂ ୧୫ ନାମ ଅଜ୍ଞାତ ।

ଖଣ୍ଡଗିରିର ପ୍ରଥମ ତିନୋଟି ଗୁମ୍ଫା ଏବଂ ଉଦୟଗିରିର ହାତୀଗୁମ୍ଫା, ମପୁରୀ ଗୁମ୍ଫା, ସର୍ପଗୁମ୍ଫା, ବ୍ୟାଘ୍ର ଗୁମ୍ଫା, ଜମ୍ଭେଶ୍ୱର ଗୁମ୍ଫା ଓ ହରିଦାସ ଗୁମ୍ଫାରେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତକର ଅଭିଲେଖମାନ ମିଳିଥାଏ । ତେଣୁ ଉକ୍ତ ଗୁମ୍ଫାଗୁଡିକ ଖାରବେଳଙ୍କ ଶାସନକାଳର ହୋଇଥିବା ନିଶ୍ଚିତ । ପୁନଶ୍ଚ ସେହି ସମୟରେ ଖାରବେଳ, ତାଙ୍କର ମହିଷୀ, ପୁତ୍ର, ଭୃତ୍ୟ, ରାଜକର୍ମଚାରୀ ସର୍ବୋପରି ଉତ୍ତରାଧିକାରୀମାନଙ୍କ ଦ୍ୱାରା ଏହି ପାହାଡରେ ସ୍ୱତନ୍ତ୍ର ଗୁମ୍ଫାସବୁ ଖୋଦିତ ହୋଇଥିବାର ପ୍ରମାଣ ତତ୍ରତ୍ୟ ପ୍ରାଚୀନ ଅଭିଲେଖରେ ସୁସ୍ପଷ୍ଟ । ସମ୍ରାଟ ଖାରବେଳଙ୍କ ଅଗ୍ରମହିଷୀ–ଲଲାର୍କ ଦୁହିତା ବଜିରଘର ରାଣୀ ପ୍ରସିଦ୍ଧ ଜୈନଉପାସିକ ମହାରାଣୀ ଧୂଷୀ ମପୁରୀ ଗୁମ୍ଫା (ନଂ ୯)ର ଉପର ମହଲା ଗୁମ୍ଫା କଳିଙ୍ଗର ଶ୍ରମଣ ମାନଙ୍କ ଉଦ୍ଦେଶ୍ୟରେ ଖୋଦନ କରାଯାଇଥିଲେ ଯାହାକି ସ୍ୱର୍ଗପୁରୀ / ବୈକୁଣ୍ଠପୁରୀ ଗୁମ୍ଫା ନାମରେ ସର୍ବଜନ ବିଦିତ । ଏହାର ତଳମହଲାର ଏକ ଅଂଶ ଉତ୍ତର ଦାୟାଦ 'କୁଦେପସିରି' ନିର୍ମାଣ କରିଥିଲେ ; ଯାହା 'ମପୁରୀ ଗୁମ୍ଫା' ନାମରେ ପ୍ରସିଦ୍ଧ ଏବଂ କୁମାର 'ବଡୁଖ' ନିର୍ମାଣ କରିଥିବା ତଳ ମହଲାର ଅନ୍ୟ ଗୁମ୍ଫାର ନାମ ଯମପୁରୀ ଅଟେ । ମହାମଦ (ମହାପାତ୍ର / ମହାମାତ୍ୟ) ନାକୀୟ ଏବଂ ତାଙ୍କର ପତ୍ନୀ ବରୀୟା ଉଭୟେ ଉଦୟଗିରିର ଜମ୍ଭେଶ୍ୱର ଗୁମ୍ଫା (ନଂ୧୧) ଖୋଦନ ପୂର୍ବକ ଜୈନ ଅର୍ହତଙ୍କୁ ଉତ୍ସର୍ଗ କରିଥିଲେ । କମ୍ମ (କର୍ମ ସଚିବ) ଓ ତାଙ୍କର ପତ୍ନୀ କ୍ଷୀଣା ସର୍ପଗୁମ୍ଫା (ନଂ ୧୩)ର ମଣ୍ଡପ ନିର୍ମାଣ କରିଥିଲେ । ଚୁଳକମ୍ମ (ଉପକର୍ମ ସଚିବ) ସର୍ପଗୁମ୍ଫା ସହିତ ହରିଦାସ ଗୁମ୍ଫା (ନଂ ୧୬) ମଧ୍ୟ ଖୋଦନ କରିଥିଲେ । ନଗର ଅଖଦଂସ (ନଗର ବ୍ୟାବହାରକ /ବିଚାରପତି) ଭୂତି ଉଦୟଗିରିର ବ୍ୟାଘ୍ରଗୁମ୍ଫା (ନଂ ୧୨) ଖୋଦନ କରିଥିବା ସ୍ଥଳେ କୁସୁମ ନାମଧେୟ ଜନୈକ ପାଦମୁଳିକ (ପାଦସେବୀ) ଖଣ୍ଡଗିରିର ତତୋଆ ଗୁମ୍ଫା ଖୋଦନ କରାଇଥିଲେ ।

ଉଦୟଗିରିର ରାଣୀଗୁମ୍ଫା, ମପୁରୀ ଗୁମ୍ଫା, ଗଣେଶ ଗୁମ୍ଫା ଓ ଖଣ୍ଡଗିରିର ଅନନ୍ତ ଗୁମ୍ଫା ସମ୍ମୁଖରେ ସମତଳ ପ୍ରାଙ୍ଗଣ ଅଛି । ହାତୀଗୁମ୍ଫା ଓ ରାଣୀଗୁମ୍ଫାର ଉପର ମହଲା ପ୍ରାକୃତିକ ଗୁହା ରୂପେ ବହୁକାଳରୁ ରହିଥିଲା । ଖାରବେଳଙ୍କ ରାଜତ୍ୱ କାଳରେ ସେହି ଗୁମ୍ଫାଦ୍ୱୟ ପରିମାର୍ଜିତ ତଥା ପରିଶୋଭିତ ହୋଇ ଜୈନ ଅର୍ହତମାନଙ୍କ ବ୍ୟବହାର ଉପଯୋଗୀ କରାଯାଇଥିଲା । ରାଣୀଗୁମ୍ଫା ଧର୍ମସଭା ମ ଓ ନାଟ୍ୟମ ରୂପେ ତତ୍କାଳରେ ବ୍ୟବହୃତ ହେଉଥିବା ସ୍ଥଳେ ହାତୀଗୁମ୍ଫା ଯେ ଏକ ସାର୍ବଜନୀନ ମିଳନ ପୀଠରୂପେ ବ୍ୟବହୃତ ହେଉଥିଲା ; ଏହାହିଁ ତାହାର ଛାତରେ ଉତ୍କୀର୍ଣ୍ଣ ଅଭିଲେଖରୁ ଅନୁମାନ । ଖଣ୍ଡଗିରିର ଗୁହା ନଂ ୧, ନଂ ୨ ଓ ନଂ ୩ ବ୍ୟତୀତ ଅନ୍ୟ ଗୁମ୍ଫାଗୁଡିକ ପରବର୍ତ୍ତୀ କାଳରେ ଖୋଦିତ ବୋଲି ଐତିହାସିକମାନଙ୍କର ଅଭିମତ । ପ୍ରାରମ୍ଭିକ ଅବସ୍ଥାରେ ଏହି ଗୁମ୍ଫାଗୁଡିକ ଜୈନ ସନ୍ନ୍ୟାସୀମାନଙ୍କର ଆଶ୍ରୟସ୍ଥଳୀ ଭାବରେ ବ୍ୟବହୃତ ହେଉଥିଲେ ହେଁ ପରବର୍ତ୍ତୀକାଳୀନ ସୋମବଂଶୀ

ରାଜତ୍ୱ ସମୟରେ ଏହାର ବହୁଗୁମ୍ଫାର ସ୍ଥପତ୍ୟଶୈଳୀ ପରିବର୍ତ୍ତିତ ହୋଇ ସେଗୁଡିକରେ ଜୈନତୀର୍ଥଙ୍କର ଓ ସେମାନଙ୍କର ବାହନ ତଥା ଶାସନ ଦେବୀମର୍ତ୍ତି ପ୍ରତିଷ୍ଠାପୂର୍ବକ ସେଗୁଡିକ ଏକ ଏକ ଉପାସନା ମନ୍ଦିରରେ ପରିଣତ କରାଯାଇଅଛି । ସେମାନଙ୍କର ମଧ୍ୟରେ ନବମୁନିଗୁମ୍ଫା, ବାରଭୁଜୀଗୁମ୍ଫା ଓ ମହାବୀରଗୁମ୍ଫା ପ୍ରଧାନ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳର ସର୍ବତ୍ର କଳା ସ୍ଥାପତ୍ୟର ଉଜ୍ଜ୍ୱଳ ସ୍ୱାକ୍ଷର । ପର୍ଯ୍ୟଟକମାନଙ୍କ ସହାୟତା ତଥା ପାଠକବର୍ଗଙ୍କ ଅବଗତି ନିମିତ୍, ଚାଲନ୍ତୁ ଉଭୟ ପାହାଡରେ ବିଦ୍ୟମାନ ଥିବା ଗୁମ୍ଫାଗୁଡିକ ବୁଲି ପରିଦର୍ଶନ କରିବା, ଯାହା ଫଳରେ କି ପ୍ରାଚୀନ ଉତ୍କଳର ଗୌରବମୟ ଐତିହ୍ୟକୁ ବହନ କରି ବହୁ ଘାତପ୍ରତିଘାତ ମଧ୍ୟରେ ସଂପ୍ରତି ଯେଉଁ କୀର୍ତିସ୍ତମ୍ଭ ମଥା ଉନ୍ନତ କରି ରହିଅଛି; ସେଗୁଡିକୁ ମନଶ୍ଚକ୍ଷୁରେ ସନ୍ଦର୍ଶନର କରିବାର ସୁଯୋଗ ମିଳିବ ।

**ଗୁହା ନଂ୧ -ରାଣୀଗୁମ୍ଫା-** ଉଦୟଗିରିର ଗୁମ୍ଫାମାନଙ୍କ ମଧରେ ଅନୁପମ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ରାଣୀଗୁମ୍ଫା ହେଉଛି ମୁଖ୍ୟ ଆକର୍ଷକ । ଲଲାଟେନ୍ଦୁକେଶରୀଙ୍କ ରାଣୀ ଏଠାରେ ଅବସ୍ଥାନ କରୁଥିବାର ଜନପ୍ରିୟ ପ୍ରବାଦକୁ ଆଧାର କରି ଏହାକୁ ରାଣୀନଅର ବା ରାଣୀହଂସପୁର ମଧ କୁହାଯାଏ । ପୁନଶ୍ଚ ସମ୍ରାଟ ଖାରବେଳ ତାଙ୍କର ମହିଷୀମାନଙ୍କ ସହିତ ଏଠାରେ ଅନ୍ତିମ ଜୀବନଯାପନ କରୁଥିଲେ ବୋଲି ଧାରଣା କରି ଅନେକେ ଏହାକୁ 'ରାଜାରାଣୀ ଗୁମ୍ଫା' ବୋଲି ମଧ୍ କହିଥାନ୍ତି । ସମସାମୟିକ ଗୁମ୍ଫାସ୍ଥାପତ୍ୟ କ୍ଷେତ୍ରରେ ରାଣୀଗୁମ୍ଫାର ସ୍ଥାନ ଅନନ୍ୟ । ଚତୁର୍ଭୁଜାକୃତି ଏକ କ୍ଷେତ୍ରର ତିନିପାର୍ଶ୍ୱରେ ଏକ ସୁଚିନ୍ତିତ ପରିକଳ୍ପନା ସହକାରେ ଉକ୍ତ ଗୁମ୍ଫା ପ୍ରକଳ୍ପଟି ଦଣ୍ଡାୟମାନ । ଦ୍ୱିତଳ ବିଶିଷ୍ଟ ଉକ୍ତ ସୁରମ୍ୟ ଶୈଳପ୍ରାସାଦ ବାସ୍ତବରେ ଭାରତ ବିଖ୍ୟାତ ।

ଉପର ମହଲାଟି ଏକ ବିଶାଳ ପ୍ରାକୃତିକ ଗୁହା ଏବଂ ତାହାକୁ ଅର୍ହତମାନଙ୍କର ବାସସ୍ଥଳୀରେ ପରିଣତ କରିବା ନିମିତ୍ ଉନ୍ନତ କାରିଗରୀ କୌଶଳ ପ୍ରଯୁକ୍ତ ହୋଇଅଛି । ଏହାର ତଳମହଲା ହେଉଛି ଆଠକକ୍ଷ ବିଶିଷ୍ଟ ଏକ ଶ୍ରେଣୀବଦ୍ଧ ଗୁମ୍ଫା । ଏକ ପ୍ରଶସ୍ତ ଅଗଣାର ତିନିପାର୍ଶ୍ୱରେ ଏହା ନିର୍ମିତ ହୋଇଥିବାରୁ ଧର୍ମସମ୍ବନ୍ଧୀୟ ବିଭିନ୍ନ ଆଲୋଚନା ସଭା ନିମିତ୍ ପୂର୍ବେ ଏହା ବ୍ୟବହୃତ ହେଉଥିବା ଜଣାଯାଏ । କିନ୍ତୁ ଖାରବେଳଙ୍କ ରାଜତ୍ୱର ଅଳ୍ପକାଳ ବ୍ୟବଧାନରେ ରଚିତ ଭରତଙ୍କ ନାଟ୍ୟଶାସ୍ତ୍ରରେ ପ୍ରଦତ୍ ନାଟ୍ୟମର ମାପସହିତ ଏହି ରାଣୀଗୁମ୍ଫାର ଗଠନରୀତି ମଧରେ ଥିବା ସାମଞ୍ଜସ୍ୟ ଲକ୍ଷ୍ୟକଲେ ଜଣାଯାଏ,ଏହା ତତ୍କାଳରେ ଏକ ନାଟ୍ୟମ ରୂପେ ବ୍ୟବହୃତ ହେଉଥିବା ଅଧିକ ସମୀଚୀନ । ଏହାର ଉପର ମହଲାର ଭାସ୍କର୍ଯ୍ୟ ନିଶ୍ଚିତ ରୂପେ ତଳମହଲାଠାରୁ ଉନ୍ନତତର ଅଟେ । 'ହାତୀଗୁମ୍ଫା ଅଭିଲେଖ' ବର୍ଣ୍ଣିତ କେତେକ ବିଶିଷ୍ଟ ଘଟଣା ରାଣୀଗୁମ୍ଫାର ବିଭିନ୍ନ ସ୍ଥାନରେ ଚିତ୍ରରୂପ ପରିଗ୍ରହ କରିଅଛି । ସିଂହପଥ ରାଜକନ୍ୟାଙ୍କୁ ଉଦ୍ଧାର କରି ଆଣିଥିବା ଉପଲକ୍ଷେ କଳିଙ୍ଗ ନଗରୀର ରାଜଧାନୀଠାରେ ନୃତ୍ୟଗୀତର ଯେଉଁ ବିଜୟୋତ୍ସବ ଆୟୋଜିତ ହୋଇଥିଲା, ଉପର ମହଲାର ଖୋଦିତ ଖାରବେଳ ସେହି ରାଜକନ୍ୟାର ପାର୍ଶ୍ୱରେ ଉପନିବେଶପୂର୍ବକ ପ୍ରୋକ୍ତ ନୃତ୍ୟ ସଙ୍ଗୀତ ଉପଭୋଗ କରୁଥିବା ଦେଖାଯାଏ । ଏହି ଚିତ୍ରାବଳୀର ଶେଷାଂଶରେ ସମ୍ରାଟ ସେହି ରାଜକନ୍ୟାଙ୍କୁ ମହିଷୀ ରୂପେ ଗ୍ରହଣ କରି ପ୍ରମୋଦ ଉଦ୍ୟାନରେ ବିହାର କରୁଥିବା ଦୃଶ୍ୟ ଦେଖିବାକୁ ମିଳେ । ରାଣୀଗୁମ୍ଫାର ଉପର ମହଲାରେ ଛାତତଳେ ଖୋଦିତ ଏତାଦୃଶ ସାତଗୋଟି ଦୃଶ୍ୟ ମଧ୍ୟରୁ କଣ୍ୱଙ୍କ ତପୋବନରେ ଦୁଷ୍ମନ୍ତଙ୍କ ମୃଗୟା ତଥା ଶକୁନ୍ତଳାଙ୍କ ସହ ସାକ୍ଷାତ ଦୃଶ୍ୟ ଅନ୍ୟତମ ।

ଉପର ମହଲାରେ ଖୋଦିତ ଅନ୍ୟ ଏକ ଚିତ୍ରରେ ସମ୍ରାଟ ଖାରବେଳ ଅଗ୍ର-ମହିଷୀଙ୍କ ସମକ୍ଷରେ ନୃତ୍ୟରତା ଦୁଇଜଣ କୃଶାଙ୍ଗୀ ତରୁଣୀ ଏବଂ ମୃଦଙ୍ଗ, କରତାଳ, ବୀଣାବଜାଇ ସଙ୍ଗୀତର ସୁରସଙ୍ଗତ କରୁଥିବା ତିନିଜଣ ବାଦ୍ୟକୀଙ୍କର ଚିତ୍ର ଖୋଦିତ । ପୁନଶ୍ଚ ତଳମହଲାର ଡାହାଣ ପ୍ରକୋଷ୍ଠରେ ଚନ୍ଦ୍ରାତପମଣ୍ଡିତ ଏକ ରଙ୍ଗମ ଉପରେ ଜଣେ ନର୍ତକୀ ସୁନ୍ଦର ଆଭୂଷଣରେ ସୁସଜ୍ଜିତା ହୋଇ ନୃତ୍ୟ ପରିବେଷଣ କରୁଥିବା ଅବସରରେ ୪ ଜଣ ସଙ୍ଗୀତନିପୁଣା ନାରୀ ମୃଦଙ୍ଗ, ମୁରଜ, ବଂଶୀ ଓ ବୀଣାବାଦନ ମାଧ୍ୟମରେ ସଙ୍ଗୀତର ତାଳ ସୃଷ୍ଟି କରୁଥିବା ଦେଖାଯାଏ ।

ଏହି ସବୁ ଖୋଦନରୁ ତତ୍କାଳୀନ କଳିଙ୍ଗରେ ପ୍ରଚଳିତ ଉନ୍ନତ ନୃତ୍ୟ ସଙ୍ଗୀତ କଳାର ପ୍ରାକୃଷ୍ଟ ନିଦର୍ଶନ ମିଳିବା ସହିତ ସମ୍ରାଟଙ୍କର ସଙ୍ଗୀତକଳା ପ୍ରତି ଥିବା ଅନୁରାଗ ତଥା ପୃଷ୍ଠପୋଷକତାର ପରିଚୟ ମଧ୍ୟ ମିଳିଥାଏ । ତଳମହଲାର ସମ୍ମୁଖ ଭାଗରେ ଯେଉଁ ୪ଟି ପ୍ରକୋଷ୍ଠ ରହିଛି; ସେଗୁଡିକର ଉପରି ଭାଗରେ ଖୋଦିତ ଗୋଟିଏ ଦୀର୍ଘ ଚିତ୍ରାବଳୀ ମଧ୍ୟରେ ଖାରବେଳଙ୍କ ଜୀବନୀର ମୁଖ୍ୟାଂଶ ସର୍ବୋପରି ସମ୍ରାଟଙ୍କ ଦିଗ୍‌ବିଜୟର ସୁବିସ୍ତୃତ ବର୍ଣ୍ଣନା ସ୍ଥାନ ପାଇଛି ।

ତନ୍ମଧ୍ୟରେ ରାଜଛତ୍ରଶୋଭିତ ସମ୍ରାଟଙ୍କ ପଦତଳେ ମଗଧରାଜ ବୃହସ୍ପତି ମିତ୍ର ଆତ୍ମସମର୍ପଣପୂର୍ବକ ନତଜାନୁ ହୋଇ ପ୍ରଣିପାତ କରୁଥିବା ସମୟରେ ତାଙ୍କ ମସ୍ତକରୁ ଶିରସ୍ତ୍ରାଣ ଅପସାରଣ କରି ନିଆଯାଉଥିବା ଦୃଶ୍ୟ ଅତ୍ୟନ୍ତ ଉପଭୋଗ୍ୟ । କିନ୍ତୁ କେହି କେହି ଏହି ଚିତ୍ରଟିକୁ ଜଣେ ଯବନ ନରପତିଙ୍କ (୬) ଆତ୍ମସମର୍ପଣ ଦୃଶ୍ୟ ବୋଲି ମତପୋଷଣ କରିଥାନ୍ତି । ଏହି ଚିତ୍ରାବଳୀର ଶେଷ ଭାଗରେ ଉତ୍କୀର୍ଣ୍ଣ ଦିଗ୍‌ବିଜୟୀ ଖାରବେଳଙ୍କ ସହିତ ତାଙ୍କର ବିଜୟୀ ସେନାବାହିନୀ ରାଜଧାନୀକୁ ପତ୍ୟାବର୍ତନ କରିବା ଅବସରରେ ତାଙ୍କୁ ଅଭିବାଦନ କରିବା ନିମନ୍ତେ ରୂପଯୌବନବତୀ ରମଣୀଗଣ ମସ୍ତକରେ ପୂର୍ଣ୍ଣକୁମ୍ଭ ଧାରଣାପୂର୍ବକ ଧାଡିବାନ୍ଧି ଦଣ୍ଡାୟମାନ ରହିଛନ୍ତି ଏବଂ ଜଣକ ପରେ ଜଣେ ସମ୍ରାଟଙ୍କର ପଦପ୍ରକ୍ଷାଳନ କରୁଛନ୍ତି । ଗୌରବମୟ ଯୁଦ୍ଧଯାତ୍ରାର ପ୍ରତ୍ୟାବର୍ତ୍ତନରେ ବିପୁଳ ଆୟୋଜନ ମଧ୍ୟରେ କଳିଙ୍ଗ ଜନତାର ଏତାଦୃଶ ଅଭିନନ୍ଦନ ଜ୍ଞାପନ ଯଥାର୍ଥରେ ବଡ ହୃଦୟସ୍ପର୍ଶୀ ।

**ଗୁହା ନଂ ୨- ବାଜାଘର ଗୁମ୍ଫା** - ରାଣୀଗୁମ୍ଫାର ବାମପାର୍ଶ୍ୱରେ ଏହି ବାଜାଘର ଗୁମ୍ଫା(Musician's Cave) ଅବସ୍ଥିତ । ଏହି ଗୁମ୍ଫାର ଦୁଇଟି ସ୍ୱତନ୍ତ୍ର  କକ୍ଷ ଓ ବାରନ୍ଦା ଅଛି ।

**ଗୁହା ନଂ ୩- ଛୋଟ ହାତୀଗୁମ୍ଫା** - ବାଜାଘର ଗୁମ୍ଫାର ବାମପାର୍ଶ୍ୱରେ ଅବସ୍ଥିତ ଏହି ଗୁମ୍ଫାର ବାରନ୍ଦା ନାହିଁ । ଏହାର କକ୍ଷ କ୍ଷୁଦ୍ରାକାର ତଥା ଅନୁଚ୍ଚ । ପ୍ରବେଶଦ୍ୱାରରେ ସମ୍ଭବତଃ କେବେ କବାଟ ଲାଗିଥିଲା । କାରଣ କବାଟର ଘୁରୁଣି ଲାଗିଥିବା ସ୍ଥାନରେ ଖୋଦିତ ଗର୍ତ୍ତରୁ ଏହି ସୂଚନା ମିଳିଥାଏ । ଏହି ଗୁମ୍ଫାର ସମ୍ମୁଖ ଭାଗରେ ପତ୍ରପୁଷ୍ପଧରି ଧରି ଉଭୟପଟରୁ ଧୀର ପଦକ୍ଷେପରେ ଆଗମନ କରୁଥିବା ତିନୋଟି ଲେଖାଏଁ ହସ୍ତୀର ପ୍ରତିକୃତି ଦେଖାଯାଏ । ପ୍ରତ୍ୟେକ ପାର୍ଶ୍ୱର ତିନୋଟି ହସ୍ତୀ ମଧ୍ୟରୁ ପ୍ରଥମଟି ଶାବକ, ମଧ୍ୟରେ ଦନ୍ତାବଳ ଓ ଶେଷରେ ହସ୍ତିନୀ ବିରାଜିତ । ଦକ୍ଷିଣ ଦିଗରେ ଯାତ୍ରା ଅଶୁଭ । ଏହି ଦକ୍ଷିଣାଭିମୁଖୀ ଯାତ୍ରାଦୋଷ ଦୂରୀକରଣ ନିମିତ୍ ସମ୍ରାଟଙ୍କ ଆଦେଶରେ ଗୁହାର ସମ୍ମୁଖରେ ହସ୍ତୀବାହିନୀ ନିର୍ମିତ ହୋଇଥିବା ଅନୁମାନ ।

**ଗୁହା ନଂ ୪- ଅଳକାପୁରୀ ଗୁମ୍ଫା** - ଏହାର ତଳ ଉପର ଭେଦରେ ୨ଟି ପ୍ରଶସ୍ତ କକ୍ଷ ଅଛି । ଗୁହା ମଧ୍ୟକୁ ପ୍ରବେଶ ପାଇଁ ଥିବା ତିନିଗୋଟି ଦ୍ୱାର ମଧ୍ୟରୁ ପ୍ରଥମ ଦୁଇଟି ଦ୍ୱାରର ମଧ୍ୟବର୍ତ୍ତୀକାନ୍ଥ ଭାଙ୍ଗିଯାଇଛି । କକ୍ଷଦ୍ୱୟର ଛାତର ନିମ୍ନାଂଶ ଗୋଲାକାରରେ ଖୋଦିତ । ଇଚ୍ଛାକୃତ ଭାବେ ଏଠାରୁ ପଥର କଟାଯାଇ ସ୍ଥାନାନ୍ତରିତ ହୋଇଥିବାରୁ ଏହାର ମୌଳିକତା ନଷ୍ଟ ହୋଇଯାଇଛି । ଗୁମ୍ଫାର ଚଟାଣରେ ସୁନିର୍ଦ୍ଦିଷ୍ଟ ଚଟାଣର ବାମପାର୍ଶ୍ୱରେ  ଥିବା ତିନିଗୋଟି କ୍ଷୁଦ୍ର ଗର୍ତ୍ ମଧ୍ୟରୁ ଆୟତାକାର ଗଭୀର ଗର୍ତ୍ତଟିରେ ଜଳ ରଖାଯାଉଥିବା ଅନୁମାନ ଏବଂ ଅନ୍ୟ ଦୁଇଟି ଅଗଭୀର ଗୋଲାକାର ଗର୍ତ୍ ଉପରେ ପାଣିମାଠିଆ ବା ପାଣିହାଣ୍ଡି ରହୁଥିବା ସୁନିଶ୍ଚିତ । ଏହି ଅଳକାପୁରୀ ଗୁମ୍ଫାରେ ପକ୍ଷବିଶିଷ୍ଟ କେତେକ ହସ୍ତୀ ଓ ସିଂହଙ୍କର ବିଭିନ୍ନ ପ୍ରକାର ଚିତ୍ର ଖୋଦିତ ହୋଇଛି । ସେହି ଗୁମ୍ଫାରେ ଖୋଦିତ ଏକ ରାଜହସ୍ତୀର ଖୋଦନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ରାଜହସ୍ତୀଟି ଶୁଣ୍ଢରେ ଲୀଳାକମଳ ଧରି ଦଣ୍ଡାୟମାନ ଥିବାବେଳେ ଏହାର ଉଭୟ ପାର୍ଶ୍ୱରେ ଦୁଇଟି ହସ୍ତିନୀ ଛତ୍ରଚାମର ବ୍ୟବହାରରେ ସେବା ନିଯୁକ୍ତ ରହିଛନ୍ତି ।

**ଗୁହା ନଂ ୫- ଜୟ ବିଜୟଗୁମ୍ଫା** -  ଏହି ଦ୍ୱିକକ୍ଷ ବିଶିଷ୍ଟ ଗୁହାମଠର ସମ୍ମୁଖରେ ପିଣ୍ଡାଥିବା ଏକ ବାରନ୍ଦା ଅଛି । ଏହି ଗୁମ୍ଫାର ଏକମାତ୍ର ଦ୍ୱାରରେ ଯେଉଁ କ୍ଷୀଣାଙ୍ଗୀ ନାରୀ ପ୍ରହରୀ ପାଦଛନ୍ଦି ତ୍ରୀଭଙ୍ଗୀରେ ଛିଡା ହୋଇଛି ଏବଂ କୌତୁକ ପ୍ରକାଶ

ପୂର୍ବକ ଶୁକପକ୍ଷୀ ସହିତ କ୍ରୀଡାମଗ୍ନ ଅଛି, ତାହାର ଝୀନବସ୍ତ୍ର, ଅଳଙ୍କାର ତଥା ବେଶ ସଜାରେ ତତ୍କାଳୀନ ନାରୀ ଜୀବନର ଉନ୍ନତ ଚିତ୍ର ପ୍ରକଟିତ । ଏହି ଗୁମ୍ଫା ମଧ୍ୟରେ ବୃକ୍ଷଚୈତ୍ୟ ଉପାସନାର ଏକ ଜୀବନ୍ତ ନମୁନା ଖୋଦିତ । ବୃକ୍ଷଚୈତ୍ୟର ଉପରି ଭାଗରେ ଛତ୍ର ଓ ପାର୍ଶ୍ୱଦେଶରେ ପତାକା ସଜ୍ଜିତ ହୋଇଛି । ଜଣେ ନାରୀ ଓ ଜଣେ ପୁରୁଷ ଉଭୟପଟେ ଦଣ୍ଡାୟମାନପୂର୍ବକ ସଭକ୍ତିକ ପୂଜାର୍ପଣ କରୁଛନ୍ତି । ନାରୀ ଯେ ପୁରୁଷ ସହ ସମାନ ସୁଯୋଗର ଅଧିକାରିଣୀ ଥିଲା ପ୍ରୋକ୍ତ ଖୋଦନରେ; ଏହା ସ୍ପଷ୍ଟ । ଆଉ ଦୁଇଜଣ ଭକ୍ତ ପୂଜା ଉପହାର ଘେନି ଉଭୟ ପାର୍ଶ୍ୱରୁ ଦ୍ରୁତଗତିରେ ବୃକ୍ଷଦେବତାଙ୍କ ପୂଜାରେ ଯୋଗଦେବା ପାଇଁ ଆସୁଥିବା ଦୃଶ୍ୟ ଅତ୍ୟନ୍ତ ମନୋରମ ।

**ଗୁହା ନଂ ୬– ପଣସ ଗୁମ୍ଫା** – ଅତୀତରେ ଏହି ଗୁମ୍ଫା ପାଖରେ ବୋଧ ହୁଏ ପଣସ ଗଛ ଥିଲା । ସେଥିପାଇଁ ଏହାର ଏପରି ନାମକରଣ ହୋଇଅଛି । କଳାତ୍ମକ ଦୃଷ୍ଟିରୁ ଏହା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ସଂପ୍ରତି ଏହା ପଥରଖଣି ରୂପେ ବ୍ୟବହୃତ ହୋଇ ପଥର କଟାଯିବା, ଅତ୍ୟନ୍ତ ଦୁଃଖଦ ଅଟେ ।

**ଗୁହା ନଂ ୭– ଠାକୁରାଣୀ ଗୁମ୍ଫା** – ଏହା ଦ୍ୱିତଳ ବିଶିଷ୍ଟ ଏକ ଗୁହା । ତଳମହଲାର କକ୍ଷଟି ଅପେକ୍ଷାକୃତ ବଡ ଓ ଉଚ୍ଚ । ଏହାର ଛାତ ତୋରଣାକାର ଓ ପିଣ୍ଡାଥିବା ବାରନ୍ଦାରେ ସାଧାରଣ ଖମ୍ବଟିଏ ଅଛି । ଉପର ମହଲାର କ୍ଷୁଦ୍ର କକ୍ଷଟିକୁ ଯାତାୟତ ନିମିତ୍ ଆଧୁନିକ କାଳରେ କେତେଗୁଡିଏ ପାବଚ୍ଛ ସଂଯୁକ୍ତ କରାଯାଇଛି । ଏହାର ବାରନ୍ଦାରେ ଖମ୍ବ ନାହିଁ ଓ ଏହାର ଚଟାଣ ତକିଆ ଥିଲା ପରି ଗଡାଣିଆ ଅଟେ । କାନ୍ଥରେ ପକ୍ଷଯୁକ୍ତ କେତେକ ପ୍ରାଣୀଙ୍କର ପରିକଳ୍ପନା ଦେଖାଯାଏ ।

**ଗୁହା ନଂ ୮– ପାତାଳପୁରୀ ଗୁମ୍ଫା** – ଚାରୋଟି ପ୍ରକୋଷ୍ଠ ବିଶିଷ୍ଟ ଉକ୍ତ ଗୁମ୍ଫାର ଉଚ୍ଚତା ସାଧାରଣ ଅଟେ । ଯେପରି କି ଜଣେ ଲୋକ ସହଜରେ ଏହା ମଧ୍ୟରେ ଛିଡା ହୋଇ ପାରିବ । ଏଥିରେ ଖୋଦିତ ଚିତ୍ରାବଳୀର ଅଳକାପୁରୀର ଚିତ୍ର ସହିତ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

**ଗୁହା ନଂ ୯– ମପୁରୀ ଗୁମ୍ଫା** – ମପୁରୀ ଗୋଟିଏ ଦ୍ୱିତଳ ଗୁମ୍ଫା । ଏହାର ତଳମହଲାର ନାମ ମପୁରୀ ଓ ଉପର ମହଲାର ନାମ ସ୍ୱର୍ଗପୁରୀ ଅଟେ । ମପୁରୀରେ ଉଭୟ ପାର୍ଶ୍ୱରେ ସର୍ବମୋଟ ୪ଟି କୋଠରୀ ଅଛି । ଏହି ମପୁରୀରେ ୪ ଦ୍ୱାର ବିଶିଷ୍ଟ ଏକ କୋଠରୀ ଅଛି । ଦକ୍ଷିଣସ୍ଥ କକ୍ଷର ଦ୍ୱାର ପ୍ରଶସ୍ତ ଓ ସୁନ୍ଦର । ଏହାକୁ କୁଦେପସିରି ଗୁମ୍ଫାରେ ପିଥୁଣ୍ଡଠାରେ କଳିଙ୍ଗଜୀନଙ୍କ ପୁନଃପ୍ରତିଷ୍ଠାର ସୁନ୍ଦର ଚିତ୍ର ଖୋଦିତ । ପ୍ରୋକ୍ତ କଳିଙ୍ଗଜୀନ ପ୍ରତିମୂର୍ତ୍ତି ଅନେକାଂଶରେ ନଷ୍ଟ ହୋଇଯାଇଥିବାର ଅନୁଭୂତ ହୁଏ । କିନ୍ତୁ ପ୍ରତିମୂର୍ତ୍ତି ସମ୍ମୁଖରେ ଜିନପୁରୋହିତ ଉପାସନା ମୁଦ୍ରାରେ ଦଣ୍ଡାୟମାନ । ପୁରୋହିତ ପୃଷ୍ଠଭାଗରେ ଯଥାକ୍ରମେ ସମ୍ରାଟ ଖାରବେଳ, ରାଜମହିଷୀ ଏବଂ ରାଜକୁମାର ହାତଯୋଡି କଳିଙ୍ଗଜୀନଙ୍କୁ ଭକ୍ତି ଓ ସମ୍ମାନ ଜ୍ଞାପନ କରୁଛଅନ୍ତି ।

**ଗୁହା ନଂ ୧୦– ଗଣେଶ ଗୁମ୍ଫା** – ଧାନଘରର ଅନତିଦୂରରେ ଏହି ଗୁମ୍ଫା ଅବସ୍ଥିତ । ଏହାର ଡାହାଣ ପାଖର ପଛକାନ୍ଥରେ ଗୋଟିଏ ଗଣେଶ ମୂର୍ତ୍ତି ଖୋଦିତ ହୋଇଥିବାରୁ ସାଧାରଣ ଲୋକେ ଏହାକୁ 'ଗଣେଶ ଗୁମ୍ଫା' ବୋଲି ନାମିତ କରିଛନ୍ତି । ଭୌମରାଜ ପ୍ରଥମ ଶାନ୍ତିକରଙ୍କ ରାଜତ୍ୱକାଳ (୯୨୭ ଖ୍ରୀ:)ରେ ସେହି ଗୁମ୍ଫାରେ ଗଣେଶଙ୍କ ବିଗ୍ରହ ଖୋଦିତ ହୋଇ ଉପାସନା ମନ୍ଦିରରେ ପରିଣତ କରାଯାଇଛି । ଏହି ସମୟରେ ସମ୍ମୁଖରେ ଦୁଇଟି ହସ୍ତୀ ନିର୍ମିତ ହୋଇଅଛି । ଶ୍ରୀଗଣେଶ ବିଗ୍ରହର ଡାହାଣ ପାର୍ଶ୍ୱରେ ଏକ ଶିଳାଲିପି ଅଛି । ଭୌମରାଜ ଶାନ୍ତିକର ଦେବଙ୍କ ରାଜତ୍ୱରେ ଲିଖିତ ଏହି ଲିପିଦାତାଙ୍କ ନାମ ହେଉଛି ନନ୍ନଟଙ୍କ ପୁତ୍ର ଭୀମଟ । ଏହି ଗୁମ୍ଫାରେ ଦୁଇଟି ଅନୁଚ୍ଚ ଛାତଯୁକ୍ତ କକ୍ଷ ଓ କକ୍ଷର ସମ୍ମୁଖରେ ବାରନ୍ଦା ଅଛି । ପ୍ରତ୍ୟେକ କକ୍ଷର ଦୁଇଟି ଲେଖାଏଁ ଦ୍ୱାର ଓ ଦୁଇ କକ୍ଷକୁ ପୃଥକ୍ କରୁଥିବା ମଝି କାନ୍ଥରେ ଗୋଟିଏ କ୍ଷୁଦ୍ର ଝରକା ଅଛି । ରାଣୀଗୁମ୍ଫାର ଅନୁକରଣରେ ଏହି ଗୁମ୍ଫାର ଅଭ୍ୟନ୍ତରରେ କେତେକ ଚିତ୍ର ଖୋଦିତ ହୋଇଛି ।

**ଗୁହା ନଂ ୧୧– ଜୟେଶ୍ୱର ଗୁମ୍ଫା** – ଏହା ଏକ ଅନୁଚ୍ଚ ଛାତଯୁକ୍ତ ଗୁମ୍ଫା । ଏହାର ୨ଟି ପ୍ରବେଶ ଦ୍ୱାର ଓ ପିଣ୍ଡାଯୁକ୍ତ

ବାରନ୍ଦା ଅଛି । ଡାହାଣ ପାର୍ଶ୍ୱର ଦ୍ୱାର ଉପରି ଭାଗରେ ଗୋଟିଏ ଶିଳାଲିପିରେ ଏ ଗୁହାଟି ମହାମଦର ସ୍ତ୍ରୀ ନାକିୟର କୀର୍ତ୍ତି ବୋଲି ଉଲ୍ଲେଖ ଅଛି ।

**ଗୁହା ନଂ ୧୨– ବ୍ୟାଘ୍ର ଗୁମ୍ଫା** – ଜମ୍ବେଶ୍ୱର ଗୁମ୍ଫାର ଦକ୍ଷିଣ ପୂର୍ବରେ ଏହି ଗୁମ୍ଫା ଅବସ୍ଥିତ । ଏକ ବ୍ୟାଘ୍ର ମୁଖ ବ୍ୟାଦାନ କରିବା ସଦୃଶ ଏହାର ପ୍ରବେଶ ପଥ ପ୍ରତୀୟମାନ ହେଉଥିବାରୁ; ଏହାର ଏପରି ନାମକରଣ ହୋଇଅଛି । ଏହି ଗୁମ୍ଫାର ତୋରଣର ଡାହାଣପାଖ କାନ୍ଥରେ ଦୁଇଧାଡି ବିଶିଷ୍ଟ ଲିପି ଓ ଶେଷରେ ଗୋଟିଏ ସ୍ୱସ୍ତିକ ଚିହ୍ନ ଖୋଦିତ ହୋଇଅଛି । ନଗର ବିଚାରପତି ଭୂତି ଏହା ଖୋଦନ କରି ଜୈନ ସନ୍ନ୍ୟାସୀଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ ବୋଲି ଲିପିଟିରୁ ଜଣାଯାଏ ।

**ଗୁହା ନଂ ୧୩– ସର୍ପ ଗୁମ୍ଫା** – ପୂର୍ବାଭିମୁଖୀ ଏହି ଗୁମ୍ଫାଟିର ସମ୍ମୁଖରେ ଅଣଓସାରିଆ ବାରନ୍ଦା ଅଛି । ଏହି ଗୁମ୍ଫାଟି ବହିର୍ଦ୍ଦେଶରୁ ତିନୋଟି ଫଣାଯୁକ୍ତ ଏକ ସର୍ପର ମସ୍ତକ ସଦୃଶ ପ୍ରତୀୟମାନ ହେଉଥିବାରୁ ଏହାର ଏପରି ନାମକରଣ ହୋଇଅଛି । ଏହି ଗୁହାକୁ ଯିବାପାଇଁ ବର୍ତ୍ତମାନ ବାଟ ନାହିଁ । ଏହି ଗୁହାରେ ୨ଟି କ୍ଷୁଦ୍ରଲିପି ଖୋଦିତ ହୋଇଛି ।

**ଗୁହା ନଂ ୧୪– ହାତୀଗୁମ୍ଫା** – ଉଦୟଗିରି ପାହାଡ ଉପରିସ୍ଥ ସମତଳ ପ୍ରଦେଶର ମଧ୍ୟଭାଗରେ ଏହି ପ୍ରାକୃତିକ ବୃହତ୍ ଗୁହାଟି ଅବସ୍ଥିତ । ପରବର୍ତ୍ତୀ କାଳରେ ଧର୍ମସଭାର ଆୟୋଜନ ନିମିତ୍ ଏହାର ପରିସରକୁ ବୃହଦାକାର କରାଯାଇଛି । ଏହା ହେଉଛି ଉତ୍କଳର ଏକ ମହାର୍ଘ ଐତିହାସିକ ଉପାଦାନ; ଯେଉଁଥିରେ ସମ୍ରାଟ ଖାରବେଳଙ୍କ ବୀରତ୍ୱବ୍ୟଞ୍ଜକ ଶାସନର ବିବରଣୀୟ ମାଧ୍ୟମରେ ପ୍ରାଚୀନ କଳିଙ୍ଗର ଐତିହ୍ୟ ତଥା ସଂସ୍କୃତି ରୂପାୟିତ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଛି ।

**ଗୁହା ନଂ ୧୫– ଧାନଘର ଗୁମ୍ଫା** – ହାତୀଗୁମ୍ଫାର ଡାହାଣ ପାର୍ଶ୍ୱରେ ଅଳ୍ପ ଆଡୁଆଳରେ ଧାନଘର ଗୁମ୍ଫା ବିଦ୍ୟମାନ । ଅନୁଚ୍ଚ ଛାତବିଶିଷ୍ଟ ଏହାର ଲମ୍ବା କକ୍ଷଟି କଳାତ୍ମକ ଦୃଷ୍ଟିରୁ ବିଶେଷ ଆକର୍ଷଣୀ ନହେଲେ ମଧ୍ୟ ଏହାର ଦ୍ୱାରଦେଶରେ ଧୋତି ଚଦର–ପଗଡି ପରିହିତ ତଥା ପାଦୁକାବିହୀନ ଜନୈକ ପ୍ରହରୀ ଲମ୍ବଜଷ୍ଟି ଉପରେ ଭରାଦେଇ ଦଣ୍ଡାୟମାନ ଅଛି । ଏହି ଗୁମ୍ଫାରେ ୩ଟି ଦ୍ୱାର ଓ ଗୋଟିଏ ପିଣ୍ଡାଯୁକ୍ତ ବାରନ୍ଦା ଅଛି । ବାରନ୍ଦାରେ ଦୁଇଟି ସ୍ତମ୍ଭ ଓ ଦୁଇଟି ଅର୍ଦ୍ଧ ସ୍ତମ୍ଭ ରହିଛି ।

**ଗୁହା ନଂ ୧୬– ହରିଦାସ ଗୁମ୍ଫା** – ହାତୀଗୁମ୍ଫାର ବାମପାର୍ଶ୍ୱରେ ଅନତି ଦୂରେ ଅବସ୍ଥିତ ଏହି ଗୁମ୍ଫା ଖାରବେଳଙ୍କ ଉପକର୍ମ ସଚିବଙ୍କ ଦ୍ୱାରା ଖୋଦିତ । ଏହି ପ୍ରାଚୀନ ଗୁମ୍ଫାଟି ଆକବରଙ୍କ ସମସାମୟିକ ଓଡିଆସିଦ୍ଧ ହରିଦାସଙ୍କ ନାମରେ ଏହା (୭) ନାମିତ । ମାତ୍ର ହରିଦାସ ନାମକ ଜନୈକ ସାଧୁ ଗତ ଶତାବ୍ଦୀରେ ଏଠାରେ ଅବସ୍ଥାନ କରୁଥିବାରୁ ଏହାର ଏପରି ନାମକରଣ ହୋଇଅଛି ବୋଲି ସ୍ଥାନୀୟ ଲୋକଙ୍କର ଅଭିମତ । ଏହା ଏକ ସୁପ୍ରଶସ୍ତ ତଥା ଉଚ୍ଚଛାତ ବିଶିଷ୍ଟପ୍ରକୋଷ୍ଠ । ଏହାର ପିଣ୍ଡାଥିବା ବାରନ୍ଦାରେ ଦୁଇଟି ଅର୍ଦ୍ଧସ୍ତମ୍ଭ ଓ ଗୋଟିଏ ସ୍ତମ୍ଭ ଅଛି ।

**ଗୁହା ନଂ ୧୭– ଜଗନ୍ନାଥ ଗୁମ୍ଫା** – ଏହା ଉଦୟଗିରିର ସର୍ବବୃହତ୍ କୃତ୍ରିମ ଗୁମ୍ଫା । ଏହାର ଲମ୍ବ ୨୭ ଫୁଟ ୭ ଇ ଓ ପ୍ରସ୍ଥ ୭ ଫୁଟ । ଏଥିରେ ଚାରିଟି ଦ୍ୱାର ଅଛି । ପିଣ୍ଡାଥିବା ବାରନ୍ଦାରେ ତିନୋଟି ସ୍ତମ୍ଭ ଓ ଦୁଇଟି ଅର୍ଦ୍ଧସ୍ତମ୍ଭ ଅଛି । ପ୍ରଦୀପ ସ୍ଥାପନ ନିମିତ୍ ଅଭ୍ୟନ୍ତରରେ ଦୁଇଟି ଠଣା ଓ ବାରନ୍ଦା ସ୍ତମ୍ଭରେ ଗୋଟିଏ ଠଣା ରହିଛି । ଏହି ଗୁମ୍ଫାର କାନ୍ଥ ଦେହରେ ଜଗନ୍ନାଥଙ୍କର ଏକ ରଙ୍ଗିନ ଚିତ୍ର ଅଙ୍କିତ ହୋଇ ଉପାସିତ ହେଉଥିବାରୁ ଏହାର ଏପରି ନାମକରଣ କରାଯାଇଛି । ଗୁମ୍ଫାରେ ଅଙ୍କିତ ଶ୍ରୀ ଜଗନ୍ନାଥ ଚିତ୍ର ସଂପୂର୍ଣ୍ଣ ବିଲୁପ୍ତ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ପ୍ରାଚୀନ ଅଳଙ୍କରଣ ଅକ୍ଷୁର୍ଣ୍ଣ ରହିଅଛି ।

**ଗୁହା ନଂ ୧୮– ରୋଷେଇ ଗୁମ୍ଫା** – ଏହା ଜଗନ୍ନାଥ ଗୁମ୍ଫାର ପାର୍ଶ୍ୱବର୍ତ୍ତୀ ଏକ କ୍ଷୁଦ୍ର ଗୁମ୍ଫା । ଜଗନ୍ନାଥ ଗୁମ୍ଫାରେ ଶ୍ରୀ ଜଗନ୍ନାଥ ଉପାସିତ ହେଉଥିଲା ବେଳେ ଏହି ଗୁମ୍ଫାରେ ନୈବେଦ୍ୟ ନିମିତ୍ ରୋଷେଇ କରାଯାଉଥିବାରୁ, ଏହାର ଏପରି ନାମକରଣ ହୋଇଛି ।

---

(୭) ଡଃ ନବୀନ କୁମାର ସାହୁ – ଓଡିଆ ଜାତିର ଇତିହାସ (ପ୍ରଥମ ଭାଗ), ପୃ–୧୭୨ ।

ଖଣ୍ଡଗିରି ପାହାଡରେ ଖୋଦିତ କେତେକ ପ୍ରଧାନ ଗୁମ୍ଫା ସମ୍ବନ୍ଧରେ ନିମ୍ନରେ ଆଲୋକପାତ କରାଗଲା ।

**ଗୁହା ନଂ ୧- ତତୁଆ ଗୁମ୍ଫା (କ)** - ଏହା ଚେଦି ରାଜତ୍ୱକାଳୀନ ଏକ ଗୁମ୍ଫା ଅଟେ । ଏହି ତତୋଆ ଗୁମ୍ଫା ବା ତତ୍ୱଗୁମ୍ଫା ଖାରବେଳଙ୍କ ପାଦସେବୀ (କୁସୁମ) ଖୋଳାଇଥିଲେ (୮) ବୋଲି ଏହାର ତୋରଣ ଦ୍ୱୟ ମଧ୍ୟବର୍ତ୍ତୀ ସ୍ଥାନରେ ଉତ୍କୀର୍ଣ୍ଣ ଅଭିଲେଖରୁ ଜଣାପଡେ । ପୂର୍ବେ ତାତୁଆ ନାମକ ଏକ ସନ୍ନ୍ୟାସୀ ଏହି ଗୁମ୍ଫାରେ ଅବସ୍ଥାନ କରୁଥିବାରୁ ଏହାର ଏପରି ନାମକରଣ (୯) ହୋଇଛି ବୋଲି ଅନ୍ୟ ଏକ ପ୍ରମାଣରୁ ଜଣାଯାଏ । ମାତ୍ର ଏହି ଗୁମ୍ଫାର ଡାହାଣ ତୋରଣର ଉଭୟ ପଟରେ ଦୁଇଟି ତତୁଆ (ଶୁକପକ୍ଷୀ) ଅଙ୍କିତ ହୋଇଥିବା ଯୋଗୁ (୧୦) ତତୁଆ ଗୁମ୍ଫା ନାମରେ ଅଭିହିତ । ଏହା ଏକ ଅନୁଚ୍ଚ ଛାତବିଶିଷ୍ଟ ପ୍ରକୋଷ୍ଠ । ଏହାର ଦୁଇଟି ଦ୍ୱାର ଓ ସମ୍ମୁଖରେ ଗୋଟିଏ ମାତ୍ର ସ୍ତମ୍ଭ ଉପରେ ନ୍ୟସ୍ତ ପିଣ୍ଡାଥିବା ବାରନ୍ଦା ଅଛି । ଏହି ଗୁମ୍ଫାରେ ବୀଣାର ସୁରରେ ଜଣେ ତରୁଣୀ ଉନ୍ନତ ଲୋକନୃତ୍ୟ ପ୍ରଦର୍ଶନ କରୁଥିବା ଚିତ୍ର ଦେଖିବାକୁ ମିଳେ । ଏହି ଖୋଦନରେ ନାରୀମାନଙ୍କ ବେଶଭୂଷା, ଅଳଙ୍କରଣ ଓ କେଶବିନ୍ୟାସର ପରିପାଟୀ ବଡ ଚିତ୍ତାକର୍ଷକ ।

**ଗୁହା ନଂ ୨- ତତୁଆ ଗୁମ୍ଫା (ଖ)** - ପ୍ରଥମ ତତୁଆ ଗୁମ୍ଫାର ଅଳ୍ପ ଉଚ୍ଚରେ ଏହି ୨ୟ ଗୁମ୍ଫାଟି ଅବସ୍ଥିତ । ଉକ୍ତ ଦୁଇଟି ଗୁମ୍ଫାର ନାମକରଣ କେବଳ ଗୋଟିଏ କାରଣ ଉପରେ ଆଧାରିତ ଅଟେ । ପ୍ରଥମ ତତୁଆ ଗୁମ୍ଫା ଅପେକ୍ଷା ଏହା ବୃହତ୍ତର, ଉଚ୍ଚତର ଓ ସାଜସଜ୍ଜାସମ୍ପନ୍ନ । କକ୍ଷଟିରେ ଥିବା ତିନୋଟି ପ୍ରବେଶ ଦ୍ୱାର ତୋରଣ ଓ ଅର୍ଦ୍ଧସ୍ତମ୍ଭ ଦ୍ୱାରା ସୁଶୋଭିତ । ଏହି ଗୁମ୍ଫାର ଡାହାଣ ଓ ମଝି ତୋରଣରେ ଦୁଇଟି ଚତୁଆ (ଶୁକପକ୍ଷୀ) ଓ ଦୁଇଟି ଚକୁଆ (ଚକ୍ରବାକ) ଅଙ୍କିତ ହୋଇଛି । ଏହି କକ୍ଷର ପଛପଟ କାନ୍ଥରେ ଗେରୁରଙ୍ଗର ଲେପ ଉପରେ ବ୍ରାହ୍ମୀ ଅକ୍ଷର ଚିତ୍ରିତ । ୬ ଧାଡି ବିଶିଷ୍ଟ ବ୍ରାହ୍ମୀ ବର୍ଣ୍ଣମାଳାର ପୁନଃପୌନିକ ଖୋଦନ ଦେଖିଲେ ମନେହୁଏ ଯେ ସନ୍ନ୍ୟାସୀମାନେ ଏଠାରେ ନିରକ୍ଷରମାନଙ୍କୁ ଲିପିଶିକ୍ଷା ପ୍ରଦାନ କରୁଥିଲେ ।

**ଗୁହା ନଂ ୩- ଅନନ୍ତ ଗୁମ୍ଫା** - ୨ୟ ତତୁଆ ଗୁମ୍ଫାର ଅଳ୍ପ ଦୂରରେ ଓ କିଞ୍ଚିତ ଉପରକୁ ଏହି ଉଚ୍ଚ ଛାତବିଶିଷ୍ଟ ଗୁମ୍ଫାଟି ଅବସ୍ଥିତ । ବୌଦ୍ଧରାଜ ଅଶୋକଙ୍କ ଦ୍ୱାରା ଅନନ୍ତ ନିର୍ମିତ(୧୧) ହୋଇଥିବା ଜଣାଯାଏ । ମାତ୍ର ଏହି ଗୁମ୍ଫାରେ ଥିବା ଅଭିଲେଖରୁ ଜଣାଯାଏ ଯେ ଏହା ଦୋହଦଶ୍ରମଣଙ୍କ ନିମନ୍ତେ ଖ୍ରୀ:ପୂ: ୧ମ ଶତକରେ ନିର୍ମିତ (୧୨) ହୋଇଥିଲା । ଏହା ଏକ ସଂକୀର୍ଣ୍ଣ ତଥା ଲମ୍ବାକୃତି ପ୍ରକୋଷ୍ଠ । ଏହାର ଚାରିଟି ପ୍ରବେଶ ଦ୍ୱାର ସ୍ତମ୍ଭ ଓ ତୋରଣ ଦ୍ୱାରା ସୁସଜ୍ଜିତ । ତୋରଣଗୁଡିକର ଉଭୟ ପାର୍ଶ୍ୱରେ ତିନି ଫଣାଯୁକ୍ତ ଅନନ୍ତ/ସର୍ପ ଅଙ୍କିତ ହୋଇଛି । ସର୍ପ ହେଉଛି ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଲାଞ୍ଛନ । ଖୋଦିତ ସର୍ପଲାଞ୍ଛନ ଯୋଗୁଁ ଏହା ଅନନ୍ତଗୁମ୍ଫା ନାମରେ ଅଭିହିତ ।

ମାତ୍ର ଶେଷଦେବ ଅନନ୍ତଙ୍କର ଅବତାର ଭାଗବାନ ଶ୍ରୀବଳଦେବ ଖଣ୍ଡଗିରିରେ ଅପ୍ରକଟ ରହିଥିବା ବିବରଣୀ ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ'ରେ ବର୍ଣ୍ଣିତ ହୋଇଛି । ଏହି ସୂତ୍ର ଉପରେ ଆଧାର କରି ଅନନ୍ତଗୁମ୍ଫା ନାମକରଣର ସାର୍ଥକତା (୧୩) ପ୍ରମାଣିତ । ଏହାର ବାରଣ୍ଡାକୁ ମଧ୍ୟବର୍ତ୍ତୀ ଯୁଗରେ ଉଚ୍ଚକରି ଗଠନ କରାଯାଇଥିବା ଅନୁଭୂତ ହୁଏ । ଖଣ୍ଡଗିରିର ସମସ୍ତ ଗୁହା ମଧ୍ୟରେ ଏହାର ଭାସ୍କର୍ଯ୍ୟରୀତି ଅନୁପମ । ଏହାର ତୋରଣଗୁଡିକ ସୂକ୍ଷ୍ମ କାରୁକାର୍ଯ୍ୟ ଦ୍ୱାରା ଅଳଂକୃତ । ତୋରଣଗୁଡିକର ଅଭ୍ୟନ୍ତରରେ ଯେଉଁ ଚିତ୍ରାବଳୀ ଖୋଦିତ ହୋଇଛି; ସେମାନଙ୍କର ଐତିହାସିକ ତଥା ଧାର୍ମିକ ଆବେଦନ ଗୁରୁତ୍ୱପୂର୍ଣ୍ଣ ।

୧ମ ଚିତ୍ରରେ ଏକ ପୃଥଳକାୟ ଚତୁର୍ଦ୍ଦନ୍ତ ହସ୍ତୀ ଦୁଇଗୋଟି ହସ୍ତିନୀଙ୍କ ମଧ୍ୟରେ ସଦର୍ପରେ ଦଣ୍ଡାୟମାନ । ୨ୟ

---

(୮) କେଦାରନାଥ ମହାପାତ୍ର- ଖାରବେଳ, ପୃ -୧୫୮

(୯) ରମେଶ ଚନ୍ଦ୍ର ଦାଶ - ଖଣ୍ଡଗିରି ।

(୧୦) ଡଃ ନବୀନ କୁମାର ସାହୁ - ଓଡିଆ ଜାତିର ଇତିହାସ (ପ୍ରଥମ ଭାଗ), ପୃ-୧୬୪ ।

(୧୧) ରମେଶ ଚନ୍ଦ୍ର ଦାଶ - ଖଣ୍ଡଗିରି, ପୃ ୧୧୧ ।

(୧୨) ଡଃ ନବୀନ କୁମାର ସାହୁ - ଓଡିଆ ଜାତିର ଇତିହାସ (ପ୍ରଥମଖଣ୍ଡ) ପୃ-୧୬୪

(୧୩) ନରହରି ଉପାଧ୍ୟାୟ- ତପୋଭୂମି ଖଣ୍ଡଗିରି-ଦୈନିକ ପ୍ରଜାତନ୍ତ୍ର, ତା ୧୬।୨।୮୬

ଚିତ୍ରରେ ଜନୈକ ରାଜପୁରୁଷ ୪ଟି ଅଶ୍ୱଆକର୍ଷିତ ରଥରେ ଉପବେଶନପୂର୍ବକ ଯାତ୍ରା କରୁଥିବାର ଦେଖିବାକୁ ମିଳେ । ଏହି ରାଜପୁରୁଷ ଖାରବେଳଙ୍କ ପିତାମହ ଚେଦିରାଜ ମହାମେଘ ବାହନ (୧୪) ହୋଇଥିବା ଅନୁମାନ । ୩ୟ ଚିତ୍ରରେ ପଦ୍ମାସନା ଗଜଲକ୍ଷ୍ମୀ ଓ ୪ର୍ଥ ଚିତ୍ରରେ ବୃକ୍ଷଚୈତ୍ୟ ଉପାସନା ପ୍ରଦର୍ଶିତ ହୋଇଛି । ପୂର୍ବେ ଅନନ୍ତ ଗୁମ୍ଫାରେ ଏକଦା ଜୈନଧର୍ମର ସାଙ୍କେତିକ ଲାଞ୍ଛନାମାନ ପୂଜିତ ହେଉଥିଲା । ତେଣୁ ଗୁମ୍ଫା ଭିତର କାନ୍ଥର ନନ୍ଦିପଦ, ବୃକ୍ଷଚୈତ୍ୟ, ଶ୍ରୀବତ୍ସ ଓ ସ୍ୱସ୍ତିକ ଲାଞ୍ଛନ ଅଙ୍କିତ । ସୁଶୋଭିତ ଚିତ୍ରଣ ସହିତ ଧର୍ମାବେଗର ସମନ୍ୱୟ ଉକ୍ତ ଗୁମ୍ଫାର ବିଶେଷ ଆକର୍ଷଣ ଅଟେ । ଏହି ଗୁମ୍ଫାରେ ଅସଂପୂର୍ଣ୍ଣ ଅବସ୍ଥାରେ ରହିଥିବା ଏକ ତୀର୍ଥଙ୍କର ମୂର୍ତ୍ତୀରୁ ଜଣାଯାଏ ଯେ ପରବର୍ତ୍ତୀ କାଳରେ ଏଠାରେ ଏକ ଜୈନତୀର୍ଥଙ୍କର ବିଗ୍ରହ ଖୋଦନ ପାଇଁ ଉଦ୍ୟମ ହୋଇଥିଲା । ଏହାର ବାରଣ୍ଡା ସମ୍ମୁଖରେ ଏକ ପ୍ରଶସ୍ତ ପ୍ରାଙ୍ଗଣ ଅଛି ।

ସମ୍ଭବତଃ ଏହା ସନ୍ନ୍ୟାସୀମାନଙ୍କ ବୈଠକୀ ନିମନ୍ତେ ବ୍ୟବହୃତ ହେଉଥିଲା । ଅଷ୍ଟାଦଶ ଶତାବ୍ଦୀରେ ସନ୍ଥ ଅରକ୍ଷିତ ଦାସ ଏହି ଗୁମ୍ଫାରେ ଅବସ୍ଥାନପୂର୍ବ ତତ୍ତ୍ୱଗର୍ଭିତ 'ମହୀମଣ୍ଡଳ ଗୀତା' ରଚନା କରିଥିବା ବିଷୟ ତଦୀୟ ସ୍ୱଉକ୍ତିରୁ (୧୫) ପ୍ରମାଣିତ ।

**ଗୁହା ନଂ ୪-ତେନ୍ତୁଳି ଗୁମ୍ଫା-** ଦ୍ୱିତୀୟ ତତୁଆ ଗୁମ୍ଫାର ବାମପଟରେ ଅଦୂରରେ ଏହି ଗୁମ୍ଫା ଅବସ୍ଥିତ । ଏହାର ନିକଟତର ପୂର୍ବେ ବୋଧହୁଏ ଏକ ତେନ୍ତୁଳି ଗଛ ଥିବାର ଏହାର ଏପରି ନାମକରଣ ହୋଇଛି । ଏହା ଗୋଟିଏ ଏକକକ୍ଷବିଶିଷ୍ଟ କ୍ଷୁଦ୍ର ଆଶ୍ରୟସ୍ଥଳୀ ଅଟେ । ଏହାର ଦୁଇଟି ପ୍ରବେଶ ଦ୍ୱାର ସହିତ ପିଣ୍ଡା ଓ ସ୍ତମ୍ଭଯୁକ୍ତ ବାରନ୍ଦା ଅଛି ।

**ଗୁହା ନଂ ୫-ଖଣ୍ଡଗିରି ଗୁମ୍ଫା-** ତେନ୍ତୁଳି ଗୁମ୍ଫାର ପରବର୍ତ୍ତୀ ଗୁମ୍ଫା ହେଉଛି ଖଣ୍ଡଗିରି ଗୁମ୍ଫା । ଖଣ୍ଡଗିରି ପାହାଡ଼ର ନାମାନୁସାରେ ଏହା ନାମିତ ହୋଇନାହିଁ । ଗୁମ୍ଫାର ସମୁଦାୟ ଅଂଶ ଖଣ୍ଡବିଖଣ୍ଡିତ ହୋଇ ଫାଟି ପଡ଼ିଥିବାର ଏହାର ନାମକରଣ ଏପରି ହୋଇଅଛି । ଦୁଇ କକ୍ଷ ବିଶିଷ୍ଟ ଏହି ଗୁମ୍ଫାଟି କଳା ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ନୁହେଁ ।

**ଗୁହା ନଂ ୬ - ଧ୍ୟାନ ଗୁମ୍ଫା -** ଖଣ୍ଡଗିରି ଗୁମ୍ଫାର ଦକ୍ଷିଣ ଦିଗରେ ଥିବା ୪ଟି ଗୁମ୍ଫା ମଧ୍ୟରୁ ପ୍ରଥମଟି ହେଉଛି ଧ୍ୟାନ ଗୁମ୍ଫା । ନିରାଡ଼ମ୍ବର ଭାବେ ଖୋଦିତ ଏହି ପ୍ରଶସ୍ତ ପ୍ରକୋଷ୍ଠକୁ ଧ୍ୟାନଘର ମଧ୍ୟ କୁହାଯାଏ । ମାତ୍ର ଏହାର କାନ୍ଥରେ ଶଙ୍ଖାକୃତି ଗୋଟିଏ ଲିପି ଥିବାରୁ, ଏହାକୁ କେହି କେହି 'ଶଙ୍ଖଗୁମ୍ଫା' ମଧ୍ୟ କହିଥାନ୍ତି ।

**ଗୁହା ନଂ ୭ - ନବମୁନି ଗୁମ୍ଫା -** ଧ୍ୟାନଗୁମ୍ଫାର ଠିକ ପରେ ଏହି ଗୁମ୍ଫାଟି ଅବସ୍ଥିତ । ଏହି ଗୁମ୍ଫାରେ ସର୍ବମୋଟ ୫ଟି ଶିଳାଲିପି ଅଛି । ମଧ୍ୟଯୁଗୀୟ ଏହି ଅଭିଲେଖମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଲେଖ ଅନୁଧ୍ୟାନରୁ ଜଣାଯାଏ ଯେ ସୋମବଂଶୀ ରାଜା ଉଦ୍ୟୋତ କେଶରୀଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ଆଚାର୍ଯ୍ୟ କୁଳଚନ୍ଦ୍ରଙ୍କ ଶିଷ୍ୟ ଆଚାର୍ଯ୍ୟ ଶୁଭଚନ୍ଦ୍ରଙ୍କ ଦ୍ୱାରା ଏହି ଗୁମ୍ଫାଟି ନିର୍ମିତ । ଗୁମ୍ଫାର ପଛପଟ କାନ୍ଥରେ ଋଷଭନାଥ, ଅଜିତନାଥ, ସମ୍ଭବନାଥ, ଅଭିନନ୍ଦନନାଥ, ବାସୁପୂଜ୍ୟାନାଥ, ନେମିନାଥ ଓ ପାର୍ଶ୍ୱନାଥ ସମେତ ଡାହାଣପଟ କାନ୍ଥରେ ଋଷଭନାଥ ଓ ପାର୍ଶ୍ୱନାଥଙ୍କୁ ମିଶାଇ ଜୈନମୁନିଙ୍କର ନଅଟି ବିଗ୍ରହ ଖୋଦିତ ହୋଇଥିବାରୁ ଏହି ଗୁମ୍ଫାର ନାମ ନବମୁନି ଗୁମ୍ଫା ହୋଇଅଛି । ପ୍ରତ୍ୟେକ ତୀର୍ଥଙ୍କରଙ୍କ ମସ୍ତକ ଉପରେ ତ୍ରିଛତ୍ର । ପ୍ରତ୍ୟେକଙ୍କର ଉଭୟ ପାର୍ଶ୍ୱରେ ଚାମରଧାରୀ ସେବକ ଏବଂ ନିମ୍ନରେ ସେମାନଙ୍କର ଶାସନ ଉତ୍କୀର୍ଣ୍ଣ ହୋଇଥିବାରୁ କେହି କେହି ଉକ୍ତ ଦେବୀମାନଙ୍କୁ ସପ୍ତମାତୃକା ବୋଲି କହିଥାନ୍ତି । ତକିଆ ସଦୃଶ ଗଡ଼ାଣିଆ ଚଟାଣରୁ ଧାରଣା ଜନ୍ମେ ଯେ ଏହାର ଦୁଇଟି ଯାକ କକ୍ଷ ବାସୋପଯୋଗୀ ଥିଲା ।

**ଗୁହା ନଂ ୮ - ବାରଭୁଜୀ ଗୁମ୍ଫା -** ଖଣ୍ଡଗିରି ଗୁମ୍ଫା (ଗୁହା ନଂ ୧୫) ନିକଟରୁ ବାମକୁ ଗଲେ ଖଣ୍ଡଗିରି ପାହାଡ଼ର ବାମଭାଗରେ ଅବସ୍ଥିତ ଏହାକୁ ଦେଖିବାକୁ ମିଳେ । ଏହି ଗୁମ୍ଫାର ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ଅର୍ଥାତ ବାରନ୍ଦା କାନ୍ଥର ବାମ ଓ ଡାହାଣ ପଟେ ଦ୍ୱାଦଶ ହସ୍ତବିଶିଷ୍ଟ ଦୁଇଗୋଟି ଦେବୀ ମୂର୍ତ୍ତି ଖୋଦିତ ହୋଇଥିବାରୁ ଗୁମ୍ଫାଟି ହୁନ୍ଦୁ ମତାନୁଯାୟୀ ବାରଭୁଜୀ ଗୁମ୍ଫାନାମରେ ନାମିତ ହୋଇଅଛି । କାରଣ ପାହାଡ଼ର ନିକଟବର୍ତ୍ତୀ ଗ୍ରାମାଳର କେତେକ ପୂଜକ ଏମାନଙ୍କୁ

(୧୪) ଡଃ ନବୀନ କୁମାର ସାହୁ - ଓଡ଼ିଆ ଜାତିର ଇତିହାସ (ପ୍ରଥମ ଖଣ୍ଡ) ପୃ-୧୬୩ ।

(୧୫) ନରହରି ଉପାଧ୍ୟାୟ - ତପୋଭୂମି - ଦୈନିକ ପ୍ରଜାତନ୍ତ୍ର, ତା ୧୬।୨।୮୬

ବାରଭୁଜୀ ଦୁର୍ଗା ରୂପେ ଉପାସନା କରି ଆସୁଛନ୍ତି । କିନ୍ତୁ ମୂର୍ତ୍ତିତତ୍ତ୍ୱବିତ୍‌ମାନେ ବାମ ପାର୍ଶ୍ୱସ୍ଥ ମୂର୍ତ୍ତିଙ୍କୁ ଆଦିନାଥ ଋଷଭନାଥଙ୍କ ଶାସନଦେବୀ ଚକ୍ରେଶ୍ୱରୀ ଓ ଦକ୍ଷିଣ ପାର୍ଶ୍ୱର ମୂର୍ତ୍ତିଙ୍କୁ ଜୈନତୀର୍ଥଙ୍କର ଅଜିତନାଥଙ୍କ ଶାସନ ଦେବୀ ଅଜିତା ବା ରୋହିଣୀ ନାମରେ ଅଭିହିତ (୧୬) କରିଥାନ୍ତି । ଏହି ଗୁମ୍ଫାଟି ଏକ ପ୍ରଶସ୍ତ ତଥା ଆୟତାକୃତ ଦୀର୍ଘକକ୍ଷ ।

ଏହାର ସମ୍ମୁଖରେ ସ୍ତମ୍ଭଯୁକ୍ତ ବାରନ୍ଦା ଅଛି । ତକିଆ ସଦୃଶ ଏହାର ଗଡାଣିଆ ଚଟାଣରୁ ଜଣାଯାଏ ଯେ କକ୍ଷଟି ଏକ ବହୁଶଯ୍ୟାବିଶିଷ୍ଟ ଶୟନାଗାର ଥିଲା ମାତ୍ର ମଧ୍ୟବର୍ତ୍ତୀ ଯୁଗରେ ଆଚାର୍ଯ୍ୟ ଶୁଭଚନ୍ଦ୍ର ଓ ତାଙ୍କର ଶିଷ୍ୟ ବିଜ୍ଞ ଏବଂ ଶ୍ରୀଧରଙ୍କ ଦ୍ୱାରା କକ୍ଷର ତିନୋଟିଯାକ କାନ୍ଥରେ ୨୪ ତୀର୍ଥଙ୍କରଙ୍କ ସମେତ ସେମାନଙ୍କର ବାହନ ତଥା ଶାସନଦେବୀଙ୍କ ବିଗ୍ରହ ଖୋଦିତ ହୋଇ ଏକ ଉପାସନା ମନ୍ଦିରରେ ପରିଣତ ହୋଇଅଛି ।

ଏହି ଖୋଦନରେ ତୀର୍ଥଙ୍କରମାନେ ଯୋଗାସନରେ ଓ ସେମାନଙ୍କ ତଳେ ପୃଥକ ପୃଥକ କୋଠରୀରେ ସେମାନଙ୍କର ସ୍ୱ ସ୍ୱ ଶାସନଦେବୀ ପଦ୍ମାସନରେ ଉପବିଷ୍ଟ । ଏତଦବ୍ୟତୀତ ପାର୍ଶ୍ୱନାଥଙ୍କର କାୟୋତ୍ସର୍ଗ ମୁଦ୍ରାବିଶିଷ୍ଟ ଅନ୍ୟ ଏକ ମୂର୍ତ୍ତିମଧ ଦେଖାଯାଏ । ଉକ୍ରୀଣ୍ଣ ତୀର୍ଥଙ୍କରଙ୍କ ନାମ ସହ ବାହନ ଓ ଶାସନଦେବୀଙ୍କ ତାଲିକା ନିମ୍ନରେ ପ୍ରଦତ୍ ହେଲା । ୧-ଋଷଭନାଥ ବୃଷଭ ଚକ୍ରେଶ୍ୱରୀ, ୨-ଅଜିତନାଥ, ହସ୍ତୀ, ରୋହିଣୀ, ୩-ସମ୍ଭବନାଥ, ଅଶ୍ୱ-ପ୍ରଜ୍ଞାପ୍ତି, ୪-ଅଭିନନ୍ଦନ ନାଥ-ମର୍କଟ-ବଜ୍ରଶୃଙ୍ଖଳା, ୫-ସୁମତିନାଥ-ସାରସପକ୍ଷୀ-ପୁରୁଷଦତ୍ତା, ୬-ପଦ୍ମପ୍ରଭନାଥ-ପଦ୍ମ-ମନୋବେଗା ୭-ସୁପାର୍ଶ୍ୱନାଥ-ସ୍ୱସ୍ତିକ-କାଳୀ, ୮-ଚନ୍ଦ୍ରପ୍ରଭନାଥ-ଚନ୍ଦ୍ର-ଜ୍ୱାଳିନୀ, ୯-ସୁବିଧିନାଥ / ପୁଷ୍ପଦନ୍ତ - କୁମ୍ଭୀର -ମହାକାଳୀ, ୧୦-ଶୀତଳ ନାଥ-ଶ୍ରୀବତ୍ସ, ମାନବୀ, ୧୧-ଶ୍ରେୟାଂଶ ନାଥ-ଗଣ୍ଡାର-ଗୌରୀ, ୧୨-ବାସୁପୂଜ୍ୟ-ମହିଷ-ଗାନ୍ଧାରୀ, ୧୩-ବିମଳନାଥ-ବରାହ-ବୈରୋଟୀ, ୧୪-ଅନନ୍ତନାଥ, ବାଜପକ୍ଷୀ- ଅନନ୍ତମତୀ, ୧୫-ଧର୍ମନାଥ-ବଜ୍ର-ମାନସୀ, ୧୬-ଶାନ୍ତିନାଥ-ହରିଣ-ମହାମାନସୀ, ୧୭-କୁନ୍ଥୁନାଥ-ଛାଗ-ଜୟା / ବିଜୟା, ୧୮-ଅରନାଥ-ମତ୍ସ୍ୟ-ତାରା, ୧୯-ମଲୀନାଥ-କଳସ-ଅପରାଜିତା, ୨୦-ମୁନିସୁବ୍ରତ-କଚ୍ଛପ-ବହୁରୂପିଣୀ, ୨୧-ନମିନାଥ-ନୀଳପଦ୍ମ-ଚାମୁଣ୍ଡା, ୨୨-ନେମିନାଥ-ଶଙ୍ଖ-ଆମ୍ରା, ୨୩-ପାର୍ଶ୍ୱନାଥ-ସର୍ପ-ପଦ୍ମାବତୀ, ୨୪-ମହବୀର-ସିଂହ-ସିଦ୍ଧିନାୟିକା ।

**ଗୁହା ନଂ ୯ - ତ୍ରିଶୂଳ ଗୁମ୍ଫା -** ଏହାକୁ ସାତବଖରା ବା ମହାବୀର ଗୁମ୍ଫା ମଧ କୁହାଯାଏ । ତିନିଦ୍ୱାରବିଶିଷ୍ଟ ଏହି କକ୍ଷ ଅର୍ହତଙ୍କର ପ୍ରାଚୀନ ବାସସ୍ଥଳୀ ରୂପେ ବ୍ୟବହୃତ ହୋଇଥିବା ମନେହୁଏ । କିନ୍ତୁ ପରବର୍ତ୍ତିକାଳରେ ଏହାକୁ ଏକ ଜୈନ ଉପାସନା ମନ୍ଦିରରେ ପରିଣତ କରାଯାଇଛି । ଅଳ୍ପ କେତେକ ବର୍ଷ ପୂର୍ବରୁ ଖଣ୍ଡଗିରିର ଅନ୍ୟଗୁମ୍ଫାରୁ ଅଣାଯାଇ ଏଠାରେ ଏକ ବେଦିକା ଉପରେ ସ୍ଥାପନ କରାଯାଇଥିବା ଋଷଭ ଦେବଙ୍କର ତିନୋଟି ମୁଗୁନିପଥର ନିର୍ମିତ ପ୍ରତିମା ମଧ୍ୟଯୁଗୀୟ ହୋଇଥିବା ସମ୍ଭାବନା । ଏହାର ତିନିକାନ୍ଥରେ ଖୋଦିତ ବିବସ୍ତ୍ର ଚତୁର୍ବିଂଶତି ତୀର୍ଥଙ୍କର ମୂର୍ତ୍ତି ବାରଭୁଜୀ ଗୁମ୍ଫାର ମୂର୍ତ୍ତି ଅପେକ୍ଷା ଅର୍ବାଚୀନ ମନେହୁଏ । କଳାତ୍ମକ ଦୃଷ୍ଟିରୁ ବିଚାର କଲେ ସେମାନଙ୍କର ଗଠନ କାଳ ୧୫ଶତାବ୍ଦୀର ପୂର୍ବବର୍ତ୍ତୀ ନୁହେଁ । କାରଣ ଗଙ୍ଗବଂଶୀ ଓ ତତ୍ ପରବର୍ତ୍ତୀ ସୂର୍ଯ୍ୟବଂଶୀ ଶାସକମାନଙ୍କ ରାଜତ୍ୱକାଳରେ ଯେତେବେଳେ ଖଣ୍ଡଗିରିର ଗୁହାଗୁଡିକରେ ଦିଗମ୍ବର ସମ୍ପ୍ରଦାୟର ପ୍ରାଧାନ୍ୟ ଥିଲା, ତାହାର ନିଦର୍ଶନ ସ୍ୱରୂପ ଏହି ଉଲଗ୍ନ ତୀର୍ଥଙ୍କର ବିଗ୍ରହ ଖୋଦିତ ହୋଇଥିଲା ।

**ଗୁହା ନଂ ୧୦ - ଅମ୍ବିକା ଗୁମ୍ଫା -** ତ୍ରିଶୂଳ ଗୁମ୍ଫାଠାରୁ ଦକ୍ଷିଣାଭିମୁଖରେ ଅଗ୍ରସର ହେଲେ ଏହି ଗୁମ୍ଫା ଦୃଷ୍ଟି ପଥାରୁଢ଼ ହୁଏ । ଇଚ୍ଛାକୃତ ଭାବେ ପଥର କାଟି ବିକୃତ କରାଯାଇଥିବା ଏହି ଗୁମ୍ଫାରେ ଦୁଇଟି ଋଷଭନାଥ ବିଗ୍ରହ ଓ ଗୋଟିଏ ଶାସନଦେବୀ ପ୍ରତିମା ଖୋଦିତ ହୋଇଛି । ଶାସନଦେବୀ ଫଳଭରା ଆମ୍ରବୃକ୍ଷ ତଳେ ତ୍ରିଭଙ୍ଗୀ ଠାଣୀରେ ଦଣ୍ଡାୟମାନ ନେମିନାଥଙ୍କ ଶାସନଦେବୀ ଆମ୍ରା ବା ଅମ୍ବିକା ହୋଇଥିବାରୁ, ତାଙ୍କର ନାମାନୁସାରେ ଏହି ଗୁମ୍ଫାର ନାମ ଅମ୍ବିକା ଗୁମ୍ଫା ହୋଇଅଛି ।

**ଗୁହା ନଂ ୧୧ - ଲଲାଟେନ୍ଦୁ କେଶରୀ ଗୁମ୍ଫା -** ଅମ୍ବିକା ଗୁମ୍ଫାର ଠିକ୍ ପରବର୍ତ୍ତୀ ଗୁମ୍ଫା ହେଉଛି ଲଲାଟେନ୍ଦୁ

(୧୬) ଡ଼ଃ ରମେଶ ପ୍ରସାଦ ମହାପାତ୍ର - ଖଣ୍ଡଗିରିର ବାରଭୁଜୀଗୁମ୍ଫା, ଓ.ଇ.ଙ୍କ, ସ୍ମରଣିକା, ପୃ ୨୬ ।

କେଶରୀ ଗୁମ୍ଫା । ଏହା ଏକ ଦ୍ୱିକକ୍ଷ ବିଶିଷ୍ଟ । ଧର୍ମଧ୍ୱଜୀ ମନୁଷ୍ୟର ଅସହିଷ୍ଣୁ ଭାବର ନିଦର୍ଶନ ସ୍ୱରୂପ ଏହି ଗୁମ୍ଫାରୁ ପଥରକାଟି ସ୍ଥାନାନ୍ତରିତ କରାଯାଇଛି । ଗୁମ୍ଫା ମଧ୍ୟରେ ଋଷଭନାଥ ବିଗ୍ରହର ଉର୍ଦ୍ଧ୍ୱଦେଶରେ ସୋମବଂଶୀ ରାଜା ଉଦ୍ୟୋତ କେଶରୀଙ୍କ ରାଜତ୍ୱର ୫ ବର୍ଷରେ ଉତ୍କୀର୍ଣ୍ଣ ୫ ଧାଡିର ଏକ ଅଭିଲେଖ ମିଳେ । ଏହା ଏକ ତ୍ରିତଳବିଶିଷ୍ଟ ଗୁମ୍ଫା ଥିଲା ।

ଏଠାରୁ କିଛିଦୂର ଅଗ୍ରସର ହେଲେ ନଂ ୧୨ ଗୁହାର ଧ୍ୱଂସାବଶେଷ ଦୃଷ୍ଟିଗୋଚର ହେବ । ପ୍ରଚଳିତ ରୀତି ଅନୁସାରେ ଏହାର କକ୍ଷଦ୍ୱୟର ଚଟାଣ ପଛପଟ କାନ୍ଥଠାରୁ ସାମ୍ନାଆଡ଼କୁ ଗଡ଼ାଣିଆ ହୋଇଛି । ଏଠାରୁ କିଛି ଦୂରରେ ନଂ୧୩ ଗୁହାର ଦୁଇଟି ବାସୋପଯୋଗୀ ଲମ୍ବାକକ୍ଷ ଅବସ୍ଥିତ । ତାହାର ଦକ୍ଷିଣ ପଶ୍ଚିମ ଦିଗରେ ଓ ଅଳ୍ପତଳେ ଏକାଦଶୀ ଗୁମ୍ଫା (ନଂ ୧୪) ବିଦ୍ୟମାନ । ପଶ୍ଚିମଦିଗରେ ୧୫ ନଂ ଗୁହା ଅବସ୍ଥିତ, ଯାହାର ସାମନା ଖୋଲା ଅଟେ ।

**ଖଣ୍ଡଗିରିର ଗୁମ୍ଫା ସ୍ଥାପତ୍ୟ –** ଖଣ୍ଡଗିରି ଓ ଉଦୟଗିରି ପର୍ଯ୍ୟଟନ କରିସାରିବା ପରେ ସ୍ୱତଃ ଧାରଣା ଜନ୍ମେ ଯେ ଉଭୟଗିରିରେ ଖୋଦିତ ଗୁମ୍ଫା-ସ୍ଥାପତ୍ୟ ଅତ୍ୟନ୍ତ ବାସ୍ତବଧର୍ମୀ । ବାସୋପଯୋଗୀ ଶ୍ରେଣୀବଦ୍ଧ୍ ପ୍ରକୋଷ୍ଠ, ଗଡ଼ାଣିଆ ଚଟାଣ, ନୂଆଣିଆ ଛାତ ଓ ସ୍ତମ୍ଭଯୁକ୍ତ ବାରଣ୍ଡାକୁ ନେଇ ଗୁମ୍ଫାଗୁଡ଼ିକ ପରିକଳ୍ପିତ । ତତ୍‌ସହିତ ପ୍ରକୋଷ୍ଠରୁ ବର୍ଷାଜଳ ନିଷ୍କାସନ ପାଇଁ ନାଳ, ବସିବା ପାଇଁ ଆସନବେଦୀ ଓ ଆବଶ୍ୟକ ଆସବାବପତ୍ର ରଖିବା ପାଇଁ ଗୁମ୍ଫାରେ ଖୋଦିତ ଥାକ ଇତ୍ୟାଦି ବ୍ୟବସ୍ଥାରୁ ତତ୍କାଳୀନ ବାସଗୃହ ନିର୍ମାଣ କୌଶଳର ସମ୍ୟକ ପରିଚୟ ମିଳିଥାଏ । ଏହି ଉଭୟ ଗିରିର କାରୁକାର୍ଯ୍ୟପୂର୍ଣ୍ଣ ଭାସ୍କର୍ଯ୍ୟ ସମଗ୍ର ଭାରତର ସ୍ଥାପତ୍ୟରେ ଏକ ସୁନିର୍ଦ୍ଦିଷ୍ଟ ସମ୍ମାନ ଦାବି କରେ । ଏହାର ପ୍ରବେଶଦ୍ୱାର ଓ ତୋରଣରେ ପ୍ରହରୀ ଏବଂ ବିଦ୍ୟାଧର ମୂର୍ତ୍ତିସହ ଦ୍ୱାରବନ୍ଧମାନ ଲତା, ଫୁଲ, ଫଳ, ପକ୍ଷୀ ପ୍ରଭୃତି ଚିତ୍ରାବଳୀ ଦ୍ୱାରା ସୌନ୍ଦର୍ଯ୍ୟ ବିମଣ୍ଡିତ ହୋଇଅଛି, ତହିଁର ତତ୍କାଳୀନ ଉନ୍ନତ କଳାଶୈଳୀ ସମ୍ପର୍କରେ ସ୍ପଷ୍ଟ ପ୍ରତୀତି ଜନ୍ମେ । ଏତଦ୍‌ବ୍ୟତୀତ ଗୁମ୍ଫା ଚିତ୍ରରେ ସିଂହ, ହାତୀ, ଘୋଡା, ଷଣ୍ଢ ପ୍ରଭୃତି ଜୀବମାନଙ୍କ ସହିତ ହଂସ, ବଗ, ଶୁକ, କପୋତ, ଚକ୍ରବାକ ପ୍ରଭୃତି ପକ୍ଷୀମାନଙ୍କର ସମାବେଶରୁ କଳିଙ୍ଗ ଶିଳ୍ପୀର ସିଦ୍ଧହସ୍ତତା ପ୍ରମାଣିତ ହୋଇଥାଏ । ଏହି ଗୁମ୍ଫା ସ୍ଥାପତ୍ୟ ଦ୍ୱାରା ଉତ୍କଳର ଗୌରବମୟ ଐତିହ୍ୟ ହିଁ ଉନ୍ମୋଚିତ ହୋଇଥାଏ । କେତେକ ଲୋକପ୍ରିୟ ଗାଥା, ଐତିହାସିକ ବିବରଣୀ, ଧାର୍ମିକ ରୀତିନୀତି ଓ ନୃତ୍ୟକଳାର ଚିତ୍ରାବଳୀ ଗୁମ୍ଫାମଣ୍ଡନ କରିଅଛି ।

ଖାରବେଳଙ୍କ ରାଜତ୍ୱକାଳ ସମୃଦ୍ଧିଶାଳୀ ତଥା ଶାନ୍ତିପୂର୍ଣ୍ଣ ଥିଲା ବୋଲି ଏହି କଳାସ୍ଥାପତ୍ୟ ଦେଖିଲେ ଉପଲବ୍ଧି ଜନ୍ମେ । କାରଣ କଳିଙ୍ଗ ଶିଳ୍ପୀ ସୁଖଶାନ୍ତିରେ ନଥିଲେ ସେମାନଙ୍କ ନିହଣ ମୁନରେ ଏତାଦୃଶ ଅନବଦ୍ୟ କଳାକୃତି କେବେ ରୂପ ପରିଗ୍ରହ କରିପାରି ନଥାନ୍ତା । ଖ୍ରୀ:ପୂ: ପ୍ରଥମ ଶତକର ଲୋକମାନଙ୍କର ପୋଷାକ ପରିଚ୍ଛଦ ଓ ଗହଣାଗାଣ୍ଠି ପ୍ରତି ଦୁର୍ନିର୍ବାର ଆକର୍ଷଣ ଥିଲା, ସର୍ବୋପରି ରାଜପରିଷଦ ଓ ସାଧାରଣ ଜନତାର ବେଶଭୁଷାରେ ବିଶେଷ ତାରତମ୍ୟ ନଥିବା ମଧ୍ୟ ଖୋଦିତ ଚିତ୍ରାବଳୀରୁ ଜଣାପଡ଼େ । ପୁରୁଷମାନେ ଲମ୍ବଧୋତି, ଉତ୍ତରୀୟ ଓ ପଗଡ଼ି ବ୍ୟବହାର ମଧ୍ୟ କରୁଥିଲେ ନାରୀମାନେ ଭାଙ୍ଗପକାଶାଢ଼ୀ ପରିଧାନ କରିବା ସହିତ ହାତରେ ଚୁଡ଼ି, କାନରେ କର୍ଣ୍ଣପୁଲ, ମୁଣ୍ଡରେ ସୀମନ୍ତ ଓ ମଥାମଣି, ଆରେ ମେଖଳା, ପାଦରେ ପାଦବଳା ବା ନୂପୁର ପିନ୍ଧୁଥିଲେ । ଏତଦ୍‌ବ୍ୟତୀତ ଗୁମ୍ଫାଚିତ୍ରରେ କେବଳ ନାରୀମାନେ ସଙ୍ଗୀତ କଳାରେ ଅଂଶ ଗ୍ରହଣ କରୁଥିବାର ଦେଖିଲେ ବିସ୍ମିତ ହେବାକୁ ପଡ଼େ ।

ଉଦୟଗିରିରେ ଖୋଦିତ ଚିତ୍ରାବଳୀରେ ଜଣେ ସୁଦ୍ଧା ପୁରୁଷ ନର୍ତ୍ତକ କିମ୍ବା ବାଦ୍ୟକାର ଦେଖିବାକୁ ମିଳେନାହିଁ । ସତେ ଯେପରି ନୃତ୍ୟଗୀତ ବାଦିତ୍ର ଥିଲା ନାରୀସମାଜର ଏକଚାଟିଆ ସଉକ । କେବଳ ସେତିକି ନୁହେଁ, ନାରୀମାନଙ୍କର ଆକର୍ଷଣୀୟ ବେଶଭୂଷା, ଅଳଙ୍କାର ପରିପାଟୀ ଓ କେଶବିନ୍ୟାସ ସହିତ ନାରୀ ତରବାରୀ ଧରି-ଯୁଦ୍ଧ କରିବା ଦୃଶ୍ୟ, ଯୁଦ୍ଧ ଅଭିଯାନରେ ପ୍ରସ୍ତୁତ ସୈନିକକୁ ଉତ୍ସାହବାଣୀ ଶୁଣାଇବା ଦୃଶ୍ୟ ଏବଂ ରାଜଧାନୀକୁ ପ୍ରତ୍ୟାବର୍ତ୍ତିତ ସମ୍ରାଟଙ୍କୁ ଅଭିବାଦନ କରୁଥିବାର ଦୃଶ୍ୟ ଦେଖିଲେ ଉପଲବ୍ଧ ହୁଏ ଯେ ଖାରବେଳ ଶାସିତ କଳିଙ୍ଗରେ ନାରୀ ସ୍ୱାଧୀନତା ଓ ନାରୀର ରୁଚିଜ୍ଞାନ ଯଥେଷ୍ଟ ଉଚ୍ଚକୋଟୀର ଥିଲା ।

ପୁନଶ୍ଚ ଉଭୟ ପାହାଡ଼ର ସ୍ଥାପତ୍ୟରେ ସେନାପତି, ଭାଣ୍ଡାଗାରିକ, ଦଣ୍ଡପାଶିକ, ଦୌବାରିକ ଓ ପ୍ରତିହାରୀ ପ୍ରଭୃତି ରାଜକର୍ମଚାରୀଙ୍କ ସମେତ ପୂଜକମାନଙ୍କର ପ୍ରତିମୂର୍ତ୍ତି ଖୋଦିତ ହୋଇଥିବା ଦେଖାଯାଏ । ସୈନିକମାନେ ବ୍ୟବହାର କରୁଥିବା ଧନୁଶର, ତରବାରୀ, ବର୍ଚ୍ଛା ପ୍ରଭୃତି ଯୁଦ୍ଧାସ୍ତ୍ର ଗୁମ୍ଫାଚିତ୍ରରେ ପରିସ୍ଫୁଟ ।

ସର୍ବୋପରି ଗୁମ୍ଫା ସମୂହରେ ବାଳକମାନେ ସିଂହଶାବକ ସହିତ କ୍ରୀଡା କରୁଥିବା ଓ ବୃଷଭ ସହିତ କୌତୁକରେ ଲଢ଼େଇ କରୁଥିବା ଦୃଶ୍ୟ ଅତି ଚିତ୍ତାକର୍ଷକ । ବିଶେଷତଃ ଅରଣ୍ୟ ମଧ୍ୟରେ ଦନ୍ତାହାତୀ ବା ସିଂହ ସହିତ ଶୌର୍ଯ୍ୟବୀର୍ଯ୍ୟ ସମ୍ପନ୍ନ ସାହସୀ ବୀରପୁରୁଷଙ୍କ ଯୁଦ୍ଧ ଦୃଶ୍ୟରୁ ଯୁଦ୍ଧପ୍ରିୟ କଳିଙ୍ଗ ଜାତିର ଶକ୍ତି ତଥା ପୌରୁଷର ପ୍ରକୃଷ୍ଟ ପରିଚୟ ହିଁ ମିଳିଥାଏ ।

ମୋଟାମୋଟି ଖଣ୍ଡଗିରି ଗୁମ୍ଫା ସ୍ଥାପତ୍ୟରୁ ଖାରବେଳ ଶାସିତ କଳିଙ୍ଗବାସୀଙ୍କର ଦୃଢ଼ ସାମାଜିକ ସ୍ଥିତି, ଅର୍ଥନୈତିକ ଉନ୍ନତି ତଥା ସାଂସ୍କୃତିକ ବିକାଶର ସ୍ପଷ୍ଟ ଚିତ୍ର ମିଳିଥାଏ । ଏତଦ୍‌ବ୍ୟତୀତ ତତ୍କାଳୀନ କଳିଙ୍ଗର ଭୌଗୋଳିକ ଚିତ୍ର, ରାଜୈଶ୍ୱର୍ଯ୍ୟ, କ୍ଷମତା, ପ୍ରତାପ, ସୈନ୍ୟବଳ ତଥା ସୈନିକମାନଙ୍କର ରଣପଟୁତା ଓ କଳିଙ୍ଗ ସ୍ଥପତିର କଳାକୁଶଳତା ସମ୍ବନ୍ଧୀୟ ବିଶଦ ବିବରଣୀ ଇତିହାସବିଶ୍ରୁତ 'ହାତୀଗୁମ୍ଫା ଅଭିଲେଖ'ରେ ଉତ୍କୀର୍ଣ୍ଣ ହୋଇଅଛି । ହାତୀଗୁମ୍ଫା ପରିଦର୍ଶନ ବିନା ଖଣ୍ଡଗିରି ପର୍ଯ୍ୟଟନ ଯେପରି ଅପୂର୍ଣ୍ଣ ବା ମୂଲ୍ୟହୀନ, ହାତୀଗମ୍ଫା ଅଭିଲେଖ ସମ୍ବନ୍ଧୀୟ ଆଲୋଚନା ବ୍ୟତୀତ ଖଣ୍ଡଗିରି ଉପରେ ଲେଖନୀ ଚାଳନା ସେହିପରି ଅନ୍ତଃସାରଶୂନ୍ୟବୋଧ ହୋଇଥାଏ । ଏହି ପରିପ୍ରେକ୍ଷୀରେ ହାତୀଗୁମ୍ଫା ଅଭିଲେଖ ସମ୍ବନ୍ଧରେ ନିମ୍ନରେ ଆଲୋକପାତ କରାଗଲା ।

**ହାତୀଗୁମ୍ଫା ଅଭିଲେଖର ମୂଳପାଠ** – ଖଣ୍ଡଗିରିର ଶାନ୍ତ ନୈସର୍ଗିକ ସୌନ୍ଦର୍ଯ୍ୟ ତଥା କଳାସ୍ଥାପତ୍ୟ ଦ୍ୱାରା ଆକୃଷ୍ଟ ହୋଇ ଏଠାକୁ ଅନେକ ଜ୍ଞାନୀ, ଭକ୍ତ, ଗବେଷକ, ବିଶେଷଜ୍ଞ, ପର୍ଯ୍ୟଟକ ଓ ଦର୍ଶକ ପ୍ରଭୃତି ଆଗମନ କରିଥିଲେ ମଧ୍ୟ ପାହାଡ଼ର ଗୁମ୍ଫାଗୁଡ଼ିକରେ ବ୍ରାହ୍ମୀ ଅକ୍ଷରରେ ପାଲିଭାଷାରେ ଲିଖିତ ଅଭିଲେଖଗୁଡ଼ିକ ଉପରେ ବହୁକାଳ ପର୍ଯ୍ୟନ୍ତ କାହାର ଦୃକ୍‌ପାତ ହୋଇନଥିଲା । ଏପରିକ ଓଡ଼ିଶା ଇଂରେଜ ଶାସନାଧୀନ ହେବା ପର୍ଯ୍ୟନ୍ତ ଏହି ପାହାଡରେ ଉତ୍କୀର୍ଣ୍ଣ ଅଭିଲେଖଗୁଡ଼ିକ ସର୍ବସାଧାରଣଙ୍କ ଅଗୋଚର ତଥା ଅଜ୍ଞାତ ଥିଲା । ସର୍ବପ୍ରଥମେ A Sterling ଉଦୟଗିରିର ହାତୀଗୁମ୍ଫା ଅଭିଲେଖ ଆବିଷ୍କାର କରି ତତ୍‌ସମ୍ବନ୍ଧୀୟ କିଛି ସୂଚନା ୧୮୨୦ ଖ୍ରୀଷ୍ଟାବ୍ଦରେ ସ୍ୱରଚିତ "An Account of Geographical and Historical Survey of Orissa" ଗ୍ରନ୍ଥରେ ପ୍ରକାଶ କରିଥିଲେ । କିନ୍ତୁ ଏହାର ଐତିହାସିକ ଗୁରୁତ୍ୱ ଉପଲବ୍ଧି କରି ଷ୍ଟର୍ଲିଂ ସାହେବ ୧୮୨୫ରେ ହାତୀଗୁମ୍ଫା ଅଭିଲେଖର ଗୋଟିଏ ଛାପ ନେଇ "Asiatic Researchers Society"ରେ ୧୯୨୭ରେ ପ୍ରକାଶ (୧୭) କରିଥିଲେ ।

ମାତ୍ର ତତ୍କାଳରେ ବ୍ରାହ୍ମୀଲିପି ପାଠ୍ କରିବା ଆୟାସସାଧ୍ୟ ଥିବାରୁ ଷ୍ଟର୍ଲିଂଙ୍କ ପକ୍ଷରେ ଅଭିଲେଖର ବିଷୟବସ୍ତୁ ସମ୍ବନ୍ଧରେ ଜାଣିବା ସମ୍ଭବପର ନଥିଲା । କିଛିଦିନ ପରେ ମାର୍ଖମ କିଟୋ (M. Kitto) ଅନ୍ୟାନ୍ୟ ଗୁମ୍ଫାଗୁଡ଼ିକରେ ଥିବା ଅଭିଲେଖଗୁଡ଼ିକ ଆବିଷ୍କାର କରିବା ସହିତ ହାତୀଗୁମ୍ଫା ଅଭିଲେଖର ଗୋଟିଏ ଛାପ ପ୍ରସ୍ତୁତ କରି, ତହିଁର ପାଠୋଦ୍ଧାର ନିମନ୍ତେ James Prinsep ଙ୍କ ନିକଟକୁ ପଠାଇଲେ । ୧୮୩୫ରେ ବ୍ରାହ୍ମୀଲିପି ଅଧ୍ୟୟନରେ ଦକ୍ଷତା ଲାଭ କରିଥିବା ଜେମ୍‌ସ ପ୍ରିନ୍‌ସେପଙ୍କ ଦ୍ୱାରା ଅଭିଲେଖଟି ପ୍ରଥମଥର ପାଇଁ ପଠିତ ହୋଇ ତତ୍‌ସମ୍ବନ୍ଧୀୟ କିଛିଟା ତଥ୍ୟ ୧୮୩୭ରେ "Journal of the Asiatic Society. Vol. IV" ରେ ପ୍ରକାଶ କରିଥିଲେ । ଖ୍ରୀ: ୧୮୭୭ରେ A. Cunningham ଙ୍କ ସଙ୍କଳିତ "Corpus Inscriptionum Indicarum. Vol. I" ରେ ଏହି ଅଭିଲେଖ ୨ୟ ଥର ପାଇଁ ପ୍ରକାଶଲାଭ କଲା । ତତ୍‌ପରେ ଏହାର ପାଠକୁ କ୍ୱିତ ପରିବର୍ତ୍ତିତ କରି ୧୮୮୦ରେ ରାଜେନ୍ଦ୍ରଲାଲ ମିତ୍ର ସ୍ୱରଚିତ Antiquities of Orissa Vol. II ରେ ପ୍ରକାଶ କରିଥିଲେ । ସେହିବର୍ଷ Locke ସାହେବ ଉଦୟଗିରି ଆଗମନପୂର୍ବକ ଏହି ଅଭିଲେଖର ଯେଉଁ Plaster Cast ନମୁନା ପ୍ରସ୍ତୁତ କରିଥିଲେ, ତାହା ଅଦ୍ୟାବଧି କଲିକତାର Indian Musium ସଂରକ୍ଷିତ ହୋଇ ରହିଛି ।

---

(୧୭) ଡଃ ହରେକୃଷ୍ଣ ମହତାବ – ଓଡିଆ ଇତିହାସ, ପ୍ରଥମ ଖଣ୍ଡ, ପୃ-୩୩ ।

୧୮୮୫ରେ ଭିଏନାଠାରେ ଅନୁଷ୍ଠିତ ପ୍ରାଚ୍ୟ-ବିଜ୍ଞାନ ବିଶାରଦଙ୍କର ଆନ୍ତର୍ଜାତିକ ସମ୍ମିଳନୀରେ ଭଗବାନଲାଲ ଇନ୍ଦ୍ରଜୀ ହାତୀଗୁମ୍ଫା ଅଭିଲେଖର ଏକ ସଂଶୋଧିତ ପାଠ ଉପସ୍ଥାପନ କରିଥିଲେ ।

ଫଳରେ ପ୍ରାଚୀନ କଳିଙ୍ଗର ଇତିହାସ ଓ ସଂସ୍କୃତିର ଅଧ୍ୟୟନ ସହିତ ଏହି କ୍ଷେତ୍ରରେ ଗବେଷଣାର ନୂତନ ଅଧ୍ୟାୟ ତଥା ନୂତନ ଦୃଷ୍ଟିକୋଣ ଉନ୍ମୋଚିତ ହୋଇଥିଲା । ଖ୍ରୀଷ୍ଟୀୟ ୧୮୯୫ ଓ ୧୮୯୮ ମସିହାରେ ଲିପି ବିଶେଷଜ୍ଞ G. Buhler: ଇନ୍ଦ୍ରଜୀଙ୍କ ପାଠର ଉନ୍ନତି ବିଧାନ ପରିପ୍ରେକ୍ଷୀରେ କେତେକ ସଂଶୋଧନ ପ୍ରକାଶ କରିଥିଲେ । ୧୯୦୬ ରେ Dr. T.B. Block ପ୍ରୋକ୍ତ ଅଭିଲେଖର ଏକ କାଳିଛାପ ପ୍ରସ୍ତୁତ କରି Keli Horn ଙ୍କୁ ଦେଇଥିଲେ, ଯାହାକୁ ପରେ J.H. Fleet ଙ୍କ ପାଖକୁ ବିଲାତ ପଠାଯାଇଥିଲା । ଫ୍ଲିଟ୍ ସାହେବ ଏହି ଅଭିଲେଖର ସଂଶୋଧିତ ପାଠକୁ "Royal Asiatic Society" ପତ୍ରିକାରେ ୧୯୧୦ରେ ପ୍ରକାଶ କରିଥିଲେ । ଐତିହାସିକ ରାଖାଲଦାସ ବାନାର୍ଜୀ ୧୯୧୩ରେ ଉଦୟଗିରିକୁ ଆଗମନ ପୂର୍ବକ ହାତୀଗୁମ୍ଫା ଅଭିଲେଖର ଉଠାଇଥିବା ପ୍ରତିଛବି ୧୯୧୭ରେ କାଶୀପ୍ରସାଦ ଜୟସ୍ୱାଲଙ୍କ ଦ୍ୱାରା "Journal of Bihar Orissa Research Society" ରେ ପ୍ରକାଶିତ ହୋଇଥିଲା । ୧୯୧୯ ରେ ବିହାର- ଓଡ଼ିଶାର ଲେଫ୍‌ଟନା ଗଭର୍ଣ୍ଣର Sir Edward ଙ୍କ ଆଦେଶକ୍ରମେ ଏହି ଅଭିଲେଖର ଗୋଟିଏ ପ୍ଲାଷ୍ଟରକାଷ୍ଟ ନମୁନା ପ୍ରସ୍ତୁତ କରାଯାଇଥିଲା, ଯାହାକି ଏବେ ପାଟଣା ସଂଗ୍ରହାଳୟରେ ସଂରକ୍ଷତ ହୋଇଛି । ୧୯୨୧ ମସିହାରେ ବେଣୀମାଧବ ବଡୁଆ ଏହି ଶିଳାଲିପି ପାଠର ସଂସ୍କୃତରୂପ ପରିବେଷଣ କରିଥିଲେ ।

ମାତ୍ର ବିଶିଷ୍ଟ ଐତିହାସିକ F. W. Thomas ଓ Sten Konow ଯଥାକ୍ରମେ "Annual Reports of the Archaeological Survey of India, 1922-23" ଏବଂ Acta Orientalia. Vol. I ରେ ଏହି ଅଭିଲେଖ ଉପରେ ନୂତନ ଆଲୋକପାତ କରି ଏହାର ଐତିହାସିକ ମହତ୍ତ୍ୱ ପ୍ରତିପାଦନ କରିଥିଲେ । ତତ୍‌ପରେ ଜୟସ୍ୱାଲ ଓ ବାନାର୍ଜୀଙ୍କ ସମ୍ମିଳିତ ଉଦ୍ୟମରେ ଏହି ଅଭିଲେଖର ଅନ୍ୟ ଏକ ସଂଶୋଧିତ ପାଠ "Epigraphia India. Vol. XX. 1929-30" ରେ ପ୍ରକାଶିତ ହୋଇଥିଲା । ପୁନଶ୍ଚ ୧୯୨୯ରେ ବେଣୀମାଧବ ବଡୁଆ ସ୍ୱରଚିତ "The Old Brahmi Inscriptions in the Udayagiri and Khandagiri Cave" ପୁସ୍ତକରେ ହାତୀଗୁମ୍ଫା ଅଭିଲେଖର ପୂର୍ଣ୍ଣାଙ୍ଗପାଠ ପ୍ରକାଶନ ନିମିତ୍ ପ୍ରଯତ୍ନ କରିଥିଲେ ହେଁ ସେ କଳ୍ପନାଶ୍ରୟୀ ଭାବେ ଅଭିଲେଖର ପ୍ରମାଦପୂର୍ଣ୍ଣ ପାଠ କରିଥିବାରୁ ଓ ଖାରବେଳଙ୍କ ସମ୍ବନ୍ଧରେ ତାଙ୍କ ପ୍ରଦତ୍ ବିବରଣୀ ଭ୍ରାନ୍ତତଥ୍ୟ ଉପରେ ପର୍ଯ୍ୟବସିତ ହୋଇଥିବାରୁ; ଏହାର ଐତିହାସିକ ଉପାଦେୟତା ଖର୍ବ ହୋଇଥିଲା । ଅବଶ୍ୟ ସେ ପରବର୍ତ୍ତୀ କାଳରେ ଏହି ଅଭିଲେଖର ଏକ ସଂଶୋଧିତ ପାଠ "Indian Historical Quarterly, 1938" ରେ ପ୍ରକାଶ କରିଥିଲେ । ଲିପିଶାସ୍ତ୍ରବିତ୍ ଦୀନେଶ ଚନ୍ଦ୍ର ସରକାର ୧୯୪୨ରେ ସ୍ୱସଙ୍କଳିତ "Select Inscriptions Bearing on Indian History and Civilisation, Vol.I" ଗ୍ରନ୍ଥରେ ପ୍ରକାଶ କରିଥିଲେ ।

ସର୍ବୋପରି ୧୯୬୪ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ History of Orissa Vol. I ଗ୍ରନ୍ଥରେ ହାତୀଗୁମ୍ଫା ଅଭିଲେଖର ଯେଉଁ ପାଠ ପ୍ରକାଶ କରିଛନ୍ତି; ତାହା ହେଉଛି ଏ କ୍ଷେତ୍ରରେ ସର୍ବଶେଷ (୧୮) ଉଦ୍ୟମ । ଏହି ପରିପ୍ରେକ୍ଷୀରେ ରମାପ୍ରସାଦ ଚନ୍ଦ, ହେମଚନ୍ଦ୍ର ରାୟଚୌଧୁରୀ, ନରେନ୍ଦ୍ରନାଥ ଘୋଷ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡଃ ନବୀନ କୁମାର ସାହୁଙ୍କ ପ୍ରୟାସ ମଧ୍ୟ ନଗଣ୍ୟ ନୁହେଁ । ଅନେକ ବୈଦେଶିକ ତଥା ଭାରତୀୟ ପ୍ରତ୍ନତତ୍ତ୍ୱବିତ୍, ଲିପିତତ୍ତ୍ୱବିତ୍, ଐତିହାସିକ ତଥା ଗବେଷକଗଣଙ୍କ ନିରବଚ୍ଛିନ୍ନ ଅନୁସନ୍ଧିତ୍ସା ଏବଂ ସେମାନଙ୍କର ସଫଳୀକୃତ ଉଦ୍ୟମ ଯୋଗୁଁ ହାତୀଗୁମ୍ଫା ଅଭିଲେଖର ଯେଉଁ ପାଠୋଦ୍ଧାର କରାଯାଇଛି, ତଦ୍ଦ୍ୱାରା ପ୍ରାଚୀନ କଳିଙ୍ଗର ଏକ ଗୌରବମୟ ଐତିହ୍ୟ ଯେ ଉଦ୍‌ଘାଟିତ ହୋଇପାରିଛି; ଏହି ନିଃସନ୍ଦେହ ।

**ଅଭିଲେଖର ଭାଷା-** ହାତୀଗୁମ୍ଫାର ବ୍ରାହ୍ମୀ ଅଭିଲେଖ ପାଲିଭାଷାରେ ବୋଲି ଅନେକ ଐତିହାସକ ମତବ୍ୟକ୍ତ କରିଥାନ୍ତି । ପ୍ରଫେସର ଓଲ୍‌ଡେନ୍‌ବର୍ଗଙ୍କ ମତରେ ସିଂହଳରେ ପ୍ରଚଳିତ ପାଲିଭାଷାର ଜନ୍ମଭୂମି ହେଉଛି କଳିଙ୍ଗ । ହାତୀଗୁମ୍ଫା

(୧୮) ଡଃ ନବୀନ କୁମାର ସାହୁ – ଓଡ଼ିଆ ଜାତିର ଇତିହାସ, (ପ୍ରଥମ ଖଣ୍ଡ), ପୃ. ୧୬୯ ।

ଅଭିଲେଖର ଭାଷା ସହିତ କଳିଙ୍ଗ ଓ ସିଂହଳର ଥିବା ଘନିଷ୍ଠ ସମ୍ପର୍କକୁ ବିଚାର କରି ଓଲ୍‌ଡେନ୍‌ବର୍ଗ (୧୯), ପ୍ରଫେସର ଭଣ୍ଡାରକର (୨୦), କାଶୀପ୍ରସାଦ ଜୟସ୍ୱାଲ (୨୧), କର୍ଣ୍ଣ (୨୨), ଉଲନର (୨୩), ଗ୍ରୀଅରସନ୍ (୨୪) ଏହାର ଭାଷା ପାଲିଭାଷା ବୋଲି ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ପ୍ରବୋଧ୍ ଚନ୍ଦ୍ର ବାଗ୍‌ଚୀ (୨୫) ମଧ୍ୟ ଏହି ଅଭିଲେଖର ଭାଷା ଯେ ପାଲିଭାଷା ତାହା ସ୍ପଷ୍ଟ ଭାବେ ପ୍ରକାଶ କରିଅଛନ୍ତି । ପ୍ରସିଦ୍ଧ୍ ପାଲିଗ୍ରନ୍ଥ 'ମିଳିନ୍ଦ ପାଞ୍ଜୋ' ଭାଷା ସହିତ ହାତୀଗୁମ୍ଫା ଅଭିଲେଖ ଭାଷାର ସାମଞ୍ଜସ୍ୟ ଥିବା ଦର୍ଶାଇ ଡଃ ବେଣୀମାଧବ ବଡୁଆ (୨୬) ଏହାର ଭାଷାକୁ ପାଲିଭାଷା ବୋଲି ଦୃଢ଼ମତ ଉପସ୍ଥାପନ କରିଛନ୍ତି । କିନ୍ତୁ ଅଶୋକଙ୍କ ଗିର୍ଣ୍ଣାର ଶିଳାଲେଖର ଭାଷା ସହିତ ହାତୀଗୁମ୍ଫା ଅଭିଲେଖର ଭାଷା ମଧ୍ୟରେ ଥିବା ସାମଞ୍ଜସ୍ୟକୁ ଆଧାରକରି ଗିର୍ଣ୍ଣାର ଅଳର ପାଲି ଜାଣିଥିବା କୌଣସି ଜୈନମୁନିଙ୍କ ଦ୍ୱାରା ହାତୀଗୁମ୍ଫା ଅଭିଲେଖ ଉତ୍କୀର୍ଣ୍ଣ ହୋଇଛି ବୋଲି ଡଃ ବଡୁଆ ଯେଉଁ ଅଭିମତ ପୋଷଣ କରିଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ।

କାରଣ ଏହି ଅଭିଲେଖ ଉତ୍କୀର୍ଣ୍ଣ ଓ ଭରତମୁନିଙ୍କ ନାଟ୍ୟଶାସ୍ତ୍ର ପ୍ରଣୟନ ସମୟ ମଧ୍ୟରେ ବ୍ୟବଧାନ ସ୍ୱଳ୍ପତା ଦୃଷ୍ଟିରୁ ନାଟ୍ୟଶାସ୍ତ୍ର ବର୍ଣ୍ଣିତ ଉଡ୍ରବିଭାଷା ଅବଲମ୍ବନରେ ଏହି ଅଭିଲେଖର ଭାଷା ଓଡ୍ରପ୍ରାକୃତ ହୋଇଥିବା ସମ୍ଭାବନା । କାରଣ ଅଭିଲେଖର ଓଡ୍ରପ୍ରାକୃତ ଭାଷା ସହିତ ପାଲିଭାଷାର ପ୍ରଭୂତ ସାମଞ୍ଜସ୍ୟ ରହିଛି । କେବଳ ସୌସାଦୃଶ୍ୟ ଦୃଷ୍ଟିରୁ ନୁହେଁ, ବରଂ ସଂସ୍କୃତ ପ୍ରଭାବିତ ଓଡ଼୍ରପ୍ରାକୃତରେ ଉତ୍କୀର୍ଣ୍ଣ ଏହି ଅଭିଲେଖର ଭାଷା ଯେ ପ୍ରାଚୀନ କଳିଙ୍ଗର ମାର୍ଜିତ, ସମୁନ୍ନିତ, ସୁସମୃଦ୍ଧ୍ ତଥା ବିକାଶପ୍ରାପ୍ତ ଭାଷା; ଏଥିରେ ଦ୍ୱିମତର ଅବକାଶ ନାହିଁ । କେବେଳ ସେତିକି ନୁହେଁ ଅଭିଲେଖର ସାହିତ୍ୟିକ ଶୈଳୀ, ଅମୂଳପ୍ରାନ୍ତ ସମ୍ଭ୍ରାନ୍ତ ଶବ୍ଦଯୋଜନା ଓ ଉଚ୍ଚକୋଟୀର ଭାବବ୍ୟଞ୍ଜନା ଦୃଷ୍ଟିରୁ ଏହା ଯେ ତଦାନିନ୍ତନ କଳିଙ୍ଗ ସଭ୍ୟତା ଓ ସଂସ୍କୃତିର ସାର୍ଥକ ନିଦର୍ଶନ; ଏହା ଅନସ୍ୱୀକାର୍ଯ୍ୟ ।

ଏହି ହାତୀଗୁମ୍ଫା ଅଭିଲେଖରେ ଯେ କ'ଣ ଉତ୍କୀଣ୍ଣ ହୋଇଛି; ଯାହା ଆବିଷ୍କାର କରିବା ନିମନ୍ତେ ଦୀର୍ଘ ଦୁଇଶହ ବର୍ଷବ୍ୟାପୀ ବିଶେଷଜ୍ଞମାନେ ଉଦ୍ୟମରତ ଅଛନ୍ତି । ପାଠକମାନଙ୍କ ଅବଗତି ତଥା ଆଲୋଚନାର ସୌନ୍ଦର୍ଯ୍ୟ ଦୃଷ୍ଟିରୁ ନିମ୍ନରେ ସେହି ହାତୀଗୁମ୍ଫା ଅଭିଲେଖର ବିବରଣୀ ପଦତ୍ ହେଲା ।

**ହାତୀଗୁମ୍ଫା ଅଭିଲେଖ ବିବରଣୀ** – ଉଦୟଗିରିସ୍ଥ ହାତୀଗୁମ୍ଫାରେ ଉତ୍କୀର୍ଣ୍ଣ ଅଭିଲେଖ ହେଉଛି ଏକ ମହାନ ଐତିହାସିକ ବିଭବ । ଅଶୋକଙ୍କ ଧଉଳି ଅଭିଲେଖ ସଦୃଶ ହାତୀଗୁମ୍ଫା ଅଭିଲେଖ କେବଳ ଏକ ରାଜକୀୟ ଅନୁଶାସନ ମାତ୍ର ନୁହେଁ; ଏହା ହେଉଛି ସମ୍ପୂର୍ଣ୍ଣ ଐତିହାସିକ ପୃଷ୍ଠଭୂମିରେ ଉତ୍କୀର୍ଣ୍ଣ ମହାମହିମ ସମ୍ରାଟ ଖାରବେଳଙ୍କର ବର୍ଷାନୁକ୍ରମିକ ଜୀବନ ଚରିତ ତଥା ମହତ୍ୱପୂର୍ଣ୍ଣ କୀର୍ତ୍ତିକଳାପର ମୌଳିକ ଉପାଦାନ । ଖାରବେଳଙ୍କ ସଦୃଶ ଏକ ମହାପ୍ରତାପୀ ଦିଗ୍‌ବିଜୟୀ ବୀରପୁରୁଷଙ୍କ କୀର୍ତ୍ତିଗାଥା ପ୍ରାଚୀନ ଭାରତୀୟ ସାହିତ୍ୟ କିମ୍ବା ଇତିହାସରେ ବିରଳ । ମାତ୍ର ଏହି ହାତୀଗୁମ୍ଫା ଅଭିଲେଖ ହେଉଛି ଏକମାତ୍ର ଆଲୋକସ୍ରୋତ; ଯାହାର ଅବଲମ୍ବନରେ ଐତିହାସିକମାନେ ଖାରବେଳଙ୍କ ଜୀବନୀ ତଥା ରାଜତ୍ୱ ସମ୍ବନ୍ଧରେ ଉପାଦାନ ସଂଗ୍ରହ କରିଛନ୍ତି । ହାତୀଗୁମ୍ଫା ପ୍ରଶସ୍ତିର ବିଶେଷତ୍ୱ ହେଉଛି ଏଥିରେ ତାଙ୍କର ବଂଶ ଜୀବନୀ ଓ ଶାସନ ସମ୍ପର୍କୀୟ ବହୁ ବିଶିଷ୍ଟ ଘଟଣାବଳୀ ସହିତ ଖାରବେଳଙ୍କ ସମସାମୟିକ ବହୁ ରାଜା ତଥା ରାଜବଂଶର ପ୍ରାଚୀନ ଐତିହାସିକ ବିବରଣୀ ସନ୍ନିବିଷ୍ଟ ।

---

(୧୯) Prof. Woldenberg- The Vinaya Pitaka, Vol. I.
(୨୦) Prof. Bhandarkar- Cronichael Lectures (1918) Page - 7.
(୨୧) K. P. Jayswal - Epygraphia Indica, Vol. XX.
(୨୨) H. Kern-Manual of Indian Budhism (1898), Page -39.
(୨୩) Woolner - Introduction to Prakrit, Page-66.
(୨୪) Greerson-Journal of Bihar- Orissa Research Society, Vol. I, Page-367.
(୨୫) P.C. Bagchi - Indian Culture, Vol. II, Page-778.
(୨୬) Dr. B.M. Barua - The Old Brahmi Inscriptions in Udayagiri and Khandagiri Caves, P-162.

ଅଶୋକଙ୍କ ମୃତ୍ୟୁପରେ ଚେଦି ରାଜବଂଶର ପ୍ରତିଷ୍ଠାତା ଚୈତ୍ରଐର କଳିଙ୍ଗ ଅଧିକାର କରି ଖଣ୍ଡଗିରି ସମୀପରେ ରାଜଧାନୀ ସ୍ଥାପନ କରିଥିଲେ । ସମ୍ଭବତଃ ଶିଶୁପାଳଗଡ଼ ଚୈତ୍ରଐରଙ୍କ ରାଜଧାନୀ (୨୭) ଥିଲା । ଏହାପରେ ଚୈତ୍ରଐରଙ୍କ ପୁତ୍ରଙ୍କର ଅକାଳ ବିୟୋଗ ଘଟିବାରୁ ପୌତ୍ର ଖାରବେଳଙ୍କୁ ନାବାଳକ ଅବସ୍ଥାରେ ପଦଶବର୍ଷ ବୟସରେ ଯୁବରାଜରୂପେ ଶାସନଭାର ଗ୍ରହଣ କରିବାକୁ ପଡ଼ିଥିଲା । ଅବଶ୍ୟ ଏହା ପୂର୍ବରୁ ଖାରବେଳ ଜଣେ ଦକ୍ଷଶାସକ ହେବା ପରିପ୍ରେକ୍ଷୀରେ ଆନୁଷଙ୍ଗିକ ଶିକ୍ଷାଲାଭ କରିସାରିଥିଲେ । ତାଙ୍କର ଯୌବରାଜ୍ୟ ଶାସନର ୯ ବର୍ଷ ଅବ୍ୟବହିତ ପରେ ୨୪ ବର୍ଷ ବୟସରେ ସେ ନବପ୍ରତିଷ୍ଠିତ ରାଜବଂଶର ୩ୟ ରାଜରୂପେ କଳିଙ୍ଗ ସିଂହାସନ ଆରୋହଣ କଲେ । ସମ୍ରାଟଙ୍କର ୨୪ ବର୍ଷ ବୟସଠାରୁ ୩୭ ବର୍ଷ ବୟସ ପର୍ଯ୍ୟନ୍ତ ୧୪ ବର୍ଷ ବ୍ୟାପୀ ରାଜତ୍ୱର ବିବରଣୀ ହାତୀଗୁମ୍ଫା ଅଭିଲେଖର ୧୭ ପଙ୍କ୍ତି ବିଶିଷ୍ଟ ପ୍ରଶସ୍ତିରେ ରୂପାୟିତ ହୋଇଛି; ଯହିଁରୁ ସ୍ୱଳ୍ପକାଳସ୍ଥାୟୀ ଶାସନ ମଧ୍ୟରେ ତାଙ୍କର ଧର୍ମନୀତି, ରାଜନୀତି, ସମରନୀତି, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସହିତ ତତ୍କାଳୀନ କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ, କଳିଙ୍ଗ ନଗରୀର ପ୍ରାକୃତିକ ଅବସ୍ଥିତି ସର୍ବୋପରି ତାଙ୍କର ସୁଶୃଙ୍ଖଳ ଶାସନରୀତି, ସୁଦକ୍ଷ ସୈନ୍ୟବାହିନୀ, ସୁସମୃଦ୍ଧ୍ ରାଜକୋଷ ସମ୍ବନ୍ଧରେ ସମ୍ୟକ୍ ଚିତ୍ର ଉଦ୍‌ଭାସିତ ହୋଇଥାଏ ।

ଖାରବେଳଙ୍କ ରାଜତ୍ୱର ଶେଷବର୍ଷରେ ହାତୀଗୁମ୍ଫାରେ ପ୍ରସ୍ତରମୟ କାନ୍ଥରେ ଉତ୍କୀର୍ଣ୍ଣ ଏହି ସତର ପଙ୍କ୍ତି ବିଶିଷ୍ଟ କୀର୍ତ୍ତିଲିପିରୁ ପ୍ରଥମ ଚାରିଧାଡ଼ି ଅକ୍ଷୁର୍ଣ୍ଣ ଅବସ୍ଥାରେ ରହିଥିବା ସ୍ଥଳେ ଅବଶିଷ୍ଟାଂଶ କାଳର ଲେଲିହାନଜିହ୍ୱା ଲେହନ କରିବାକୁ ବସିଲାଣି । ଅର୍ହତ ଓ ସିଦ୍ଧ୍‌ଗଣଙ୍କୁ ପ୍ରଣାମ କରି ପ୍ରଶସ୍ତିରେ ଆରମ୍ଭ ହୋଇଛି । "ନେମୋଅରି ହନ୍ତାନଂ" "ନମୋ ସବସିଧାନଂ" - ଅଭିଲେଖର ପ୍ରାରମ୍ଭରେ ଉତ୍କୀର୍ଣ୍ଣ ଏହି ଦୁଇଟି ବାକ୍ୟାଂଶରୁ ସମ୍ରାଟଙ୍କର ଜୈନଧର୍ମ ପ୍ରତି ସ୍ୱକୀୟପ୍ରୀତି ଓ ସର୍ବଧର୍ମର ସିଦ୍ଧାଚାର୍ଯ୍ୟମାନଙ୍କ ପ୍ରତି ଉଦାରତାର ସ୍ପଷ୍ଟ ସୂଚନା ମିଳିଥାଏ । ଅଭିଲେଖର ବାମପାର୍ଶ୍ୱରେ ବଦ୍ଧ୍‌ମଙ୍ଗଳ ଓ ସ୍ୱସ୍ତିକ ଚିହ୍ନ ଦକ୍ଷିଣପାର୍ଶ୍ୱରେ ନନ୍ଦିପଦ ଓ ବୃକ୍ଷଚୈତ୍ୟ ଇତ୍ୟାଦି ଜୈନଧର୍ମର ପବିତ୍ର ଧର୍ମସଙ୍କେତ ଖୋଦନରୁ ଅଭିଲେଖରେ ଉତ୍କୀର୍ଣ୍ଣ ପ୍ରଶସ୍ତିର ବାସ୍ତବତାହିଁ ପ୍ରମାଣିତ ।

ଖାରବେଳ ତାଙ୍କ ରାଜତ୍ୱର ପ୍ରଥମବର୍ଷରେ ୩୫ ଲକ୍ଷ କାର୍ଷାପଣ ବ୍ୟୟରେ ବାତ୍ୟାବିଧ୍ୱସ୍ତ କଳିଙ୍ଗ ନଗରୀର ଦୁର୍ଗ, ପ୍ରାଚୀର, ଗୋପୁର, ଅଟ୍ଟାଳିକାମାନଙ୍କର ପୁନଃ ନିର୍ମାଣ କରିବା ସହିତ ଶୀତଳ ତଡାଗଗୁଡ଼ିକୁ ପାବଚ୍ଛ ଶ୍ରେଣୀଦ୍ୱାରା ସଂସ୍କାରସାଧନ ତଥା ପ୍ରମୋଦ ଉଦ୍ୟାନଗୁଡ଼ିକୁ ପୁନର୍ବାର ସୁଶୋଭନ କରି ଜନସାଧାରଣଙ୍କ ଆନନ୍ଦ ବୃଦ୍ଧି କରିଥିଲେ । ଫଳରେ ରାଜଧାନୀ କଳିଙ୍ଗ ନଗରୀର ଚରମୋତ୍କର୍ଷ ସାଧିତ ହୋଇଥିଲା । ଦୁର୍ଗର ନିର୍ମାଣ କୌଶଳ ଅନୁଧ୍ୟାନରୁ ଉପଲବ୍‌ଧ ହୁଏ ଯେ କଳିଙ୍ଗ ନଗରୀକୁ ଏକ ସୁରକ୍ଷିତ ତଥା ଶକ୍ତିଶାଳୀ ରାଜଧାନୀ ରୂପେ ଗଢ଼ିତୋଳିବା ପରିପ୍ରେକ୍ଷୀରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ ଥିଲା ।

ରାଜଧାନୀକୁ ଦୃଢ଼ୀଭୂତ କରିବାପରେ ରାଜତ୍ୱର ୨ୟ ବର୍ଷରେ ଖାରବେଳ ଦିଗ୍‌ବିଜୟ ଅଭିଯାନ ଆରମ୍ଭ କରିଥିଲେ । ତତ୍କାଳରେ ଦାକ୍ଷିଣାତ୍ୟର ଅନେକ ଅଳରେ ପ୍ରଭାବ ବିସ୍ତାର କରିଥିବା ସାତବାହନ ବଂଶୀ ସାତରକର୍ଣ୍ଣୀଙ୍କ ବଳବିକ୍ରମକୁ ଭ୍ରୁକ୍ଷେପ ନ କରି ଅଶ୍ୱାରୋହୀ, ଗଜାରୋହୀ, ରଥାରୋହୀ ଓ ପଦାତିକ ପ୍ରଭୃତି ଚତୁରଙ୍ଗ ବଳକୁନେଇ ଗଠିତ କଳିଙ୍ଗର ସୁଦକ୍ଷ ସେନାବାହିନୀକୁ ପଶ୍ଚିମ ଦ୍ୱିଗକୁ ପ୍ରେରଣ କରିଥିଲେ । ସେହି ବିଶାଳ ସେନାବାହିନୀ କୃଷ୍ଣାବେଣୀ ନଦୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଅସ୍‌ସକ ନଗରୀକୁ ଅବରୋଧ କରିଥିଲେ । ଅବଶ୍ୟ ଖାରବେଳଙ୍କର ଏହି ପ୍ରଥମ ଯୁଦ୍ଧାଭିଯାନ ବିଶେଷ ଫଳପ୍ରଦ ନଥିଲା । ରାଜତ୍ୱର ୩ୟ ବର୍ଷ ସେ କଳିଙ୍ଗର କଳାପ୍ରେମୀମାନଙ୍କୁ ଉତ୍ସାହିତ କରିବା ନିମିତ୍ ଗାନ୍ଧର୍ବବିଦ୍ୟା ପ୍ରବୀଣ ସଙ୍ଗୀତବିଶାରଦମାନଙ୍କ ସାହାଯ୍ୟରେ ୬୪ କଳାଯୁକ୍ତ ତୌର୍ଯ୍ୟତ୍ରିକ ଅର୍ଥାତ ନୃତ୍ୟ-ଗୀତ-ବାଦିତ୍ରର ବିପୁଳ ଆୟୋଜନ କରିଥିଲେ । ଯାହା ଫଳରେ କଳିଙ୍ଗ ନଗରୀ ସର୍ବତ୍ର ସଙ୍ଗୀତ ମୁଖରିତ ହୋଇ ଉଠିଥିଲା । ରାଜତ୍ୱର ୪ର୍ଥ ବର୍ଷରେ ଖାରବେଳଙ୍କ

(୨୭) ପୂର୍ଣ୍ଣଚନ୍ଦ୍ର ରଥ - କୋଶଳ ଇତିହାସ କଥା, ପୃ. ୧୨ ।

୨ୟ ପର୍ଯ୍ୟାୟ ଯୁଦ୍ଧାଭିଯାନ କାଳରେ ରାଷ୍ଟ୍ରିକ ଓ ଭୋଜକ ରାଜ୍ୟର ଶାସକଦ୍ୱୟ ପରାଜୟ ବରଣ କରି ରାଜଛତ୍ର ଓ ଲାଞ୍ଛନ ପରିହାର ପୂର୍ବକ ଭଗ୍ନ ମୁକୁଟ ହୋଇ ମଣିରତ୍ନାଦି ସମ୍ପଦ ସମର୍ପଣ ଜରିଆରେ ଖାରବେଳଙ୍କ ପଦବନ୍ଦନା କରିଥିଲେ ।

ଫଳରେ କଳିଙ୍ଗର ରାଜନୈତିକ ପ୍ରଭାବ ପଶ୍ଚିମ ସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ରାଜତ୍ୱର ୫ମ ବର୍ଷରେ ପୂର୍ବରୁ ମହାପଦ୍ମନନ୍ଦ ଖନନ କରିଥିବା କୁଲ୍ୟା (କେନାଲକୁ ତନସୁଳି (ତୋଷାଳି) ବାଟ ଦେଇ ଖାରବେଳ କଳିଙ୍ଗନଗରୀ ପର୍ଯ୍ୟନ୍ତ ବିସ୍ତୃତ କରାଇଥିଲେ । ଏହାଦ୍ୱାରା ଜଳସେଚନ ଜନିତ ଉପଲବ୍ଧ ସୁବିଧା ଯୋଗୁଁ କୃଷି ଓ ବାଣିଜ୍ୟର ପ୍ରଭୂତ ଉନ୍ନତି ହେବା ସହିତ ଏହା କଳିଙ୍ଗ ନଗରୀ ଦୁର୍ଗକୁ ଏକ ଗଭୀର ପରିଖା ରୂପେ ବଳୟତ ହୋଇଥାରୁ ରାଜଧାନୀର ପ୍ରତିରକ୍ଷା ତଥା ସମୃଦ୍ଧିରେ ସହାୟକ ହୋଇଥିଲା । ରାଜତ୍ୱର ୬ଷ୍ଠ ବର୍ଷରେ ରାଜଐଶ୍ୱର୍ଯ୍ୟ ପ୍ରଦର୍ଶନ ପୂର୍ବକ ଖାରବେଳ ରାଜ୍ୟରେ ସର୍ବତ୍ର ବହୁବିଧ କରଛାଡ କରି ଉଭୟ ପୌର ଓ ଜାନପଦବାସୀଙ୍କୁ ଉନ୍ନତ ତଥା ସୁଖମୟ ଜୀବନଯାପନ ପାଇଁ ସୁବିଧା ପ୍ରଦାନ କରିଥିଲେ । ରାଜତ୍ୱର ସପ୍ତମ ବର୍ଷରେ ଖାରବେଳଙ୍କର ଅଗ୍ରମହିଷୀ ବଜିରଘର ରାଣୀ ମାତୃତ୍ୱଲାଭ କରିଥିଲେ ।

ଖାରବେଳ ୩ୟ ବର୍ଷ ସମରାଭିଯାନ ସ୍ଥଗିତ ରଖିବା ପରେ ରାଜ୍ୱର ୮ମ ବର୍ଷରେ ସେ ଉତ୍ତରାଭିମୁଖରେ ସୈନ୍ୟଚାଳନା କରି ମଗଧର ପ୍ରାଚୀନ ରାଜଧାନୀ ରାଜଗୃହ ଅବରୋଧ କରିଥିଲେ । ଇତ୍ୟବସରରେ ଗିରିଦୁର୍ଗ ଗୋରଥଗିରି ମଧ୍ୟ କଳିଙ୍ଗ ସେନାଙ୍କ ଆକ୍ରମଣରେ ଧ୍ୱଂସ ପ୍ରାପ୍ତ ହୋଇଥିଲା । ରାଜଗୃହ ଅଧିକାର କରିବା ପରେ ପ୍ରସିଦ୍ଧ ଜୈନକ୍ଷେତ୍ର ମଥୁରାକୁ ଯବନମାନଙ୍କ କବଳରୁ ମୁକ୍ତ କରିବା ଅଭୀପ୍ସାରେ କଳିଙ୍ଗ ସୈନ୍ୟବାହିନୀ ମଥୁରାରୁ ଗ୍ରୀକ୍‌ମାନଙ୍କୁ ବିତାଡନ କରିଥିଲେ । ତେଣୁ ଖାରବେଳଙ୍କ ରାଜତ୍ୱର ୮ମ ବର୍ଷର ଯୁଦ୍ଧ ଅଭିଯାନ ଅତ୍ୟନ୍ତ ଗୌରବମୟ ବିବେଚିତ ହୋଇଥିଲା । ଜୈନତୀର୍ଥ ମଥୁରାକୁ ଯବନମାନଙ୍କ ହସ୍ତରୁ ଉଦ୍ଧାର କରିଥିବା କାର୍ଯ୍ୟର ଧାର୍ମିକ ନିଦର୍ଶନ ସ୍ୱରୂପ ମଥୁରାରୁ ପବିତ୍ର କଳ୍ପବୃକ୍ଷର ଏକ ପଲ୍ଲବଭାର ଶାଖାକୁ ଚତୁରଙ୍ଗବଳ ସୈନ୍ୟ-ବାହିନୀର ବିରାଟ ଶୋଭାଯାତ୍ରାରେ କଳିଙ୍ଗ ନଗରୀକୁ ଆଣିବା ସହିତ ବିଜୟଲବ୍ଧ ଧନରତ୍ନ କଳିଙ୍ଗବାସୀଙ୍କୁ ବିତରଣ ପୂର୍ବକ ରାଜକୀୟ ଉତ୍ସବମାନ ପାଳନ କରିଥିଲେ ।

ରାଜତ୍ୱର ୯ମ ବର୍ଷରେ ମଥୁରା ବିଜୟ ତଥା ଗ୍ରୀକ୍‌ମାନଙ୍କ ପରାଭବର ସ୍ମାରକୀ ସ୍ୱରୂପ ୩୮ ଲକ୍ଷ କର୍ଷାପଣ ବ୍ୟୟରେ ମହାବିଜୟ ପ୍ରାସାଦ ନାମ ବୈଦୁର୍ଯ୍ୟଖଚିତ କଳିଙ୍ଗ ରାଜନିବାସ ନିର୍ମାଣ କରିଥିଲେ । ରାଜତ୍ୱର ଦଶମ ବର୍ଷରେ ଖାରବେଳ ୨ୟ ଥର ପାଇଁ ଉତ୍ତର ଭାରତ ଅଭିମୁଖରେ ସୈନ୍ୟ ଚାଳନା କରିଥିଲେ । ସେହି ଯୁଦ୍ଧ ଅଭିଯାନ ତାଙ୍କର ଏକାଦଶ ବର୍ଷ ରାଜତ୍ୱ ସମୟ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ସେହି ବର୍ଷ ଦକ୍ଷିଣ ଭାରତର ଦ୍ରାମିଳ ରାଷ୍ଟ୍ରସଂଘ ସହିତ ଖାରବେଳଙ୍କୁ ପ୍ରବଳ ଯୁଦ୍ଧ କରିବାକୁ ପଡିଥିଲା । ରାଷ୍ଟ୍ରସଂଘର ପଳାୟମାନ ଶତ୍ରୁଙ୍କଠାରୁ ଖାରବେଳ ବହୁ ମଣିରତ୍ନ ଲାଭ କରିଥିଲେ ।

ରାଷ୍ଟ୍ରସଂଘର ମୁଖ୍ୟ ପାଣ୍ଡ୍ୟରାଜା କଳିଙ୍ଗନଗରୀକୁ ଆଗମନ କରି ବଶ୍ୟତା ସ୍ୱୀକାର ପୂର୍ବକ ବହୁପରିମାଣର ମଣି, ମୁକ୍ତା ଓ ପ୍ରବାଳ ଉପଢ଼ୌକନ ପ୍ରଦାନ କରିଥିଲେ । ତାହାଫଳରେ କଳିଙ୍ଗର ରାଜତ୍ୱ ଦକ୍ଷିଣରେ ତାମ୍ରପର୍ଣ୍ଣୀ (ସିଂହଳ) ଦ୍ୱୀପ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା । ଏହି ସମୟରେ ସେ କଳିଙ୍ଗର ପ୍ରାଚୀନ ଜୈନକ୍ଷେତ୍ର ପିଥୁଣ୍ଡ ନଗରର ପୁନରୁଦ୍ଧାର କରିଥିଲେ । ତତ୍‌ପରେ ରାଜତ୍ୱର ଦ୍ୱାଦଶ ବର୍ଷରେ ଖାରବେଳ ସ୍ୱୟଂ ଏକଲକ୍ଷ ସେନା ନେଇ ଉତରାପଥ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଇତ୍ୟବସରରେ ଉତ୍ତରାପଥ ଅଳର ବହୁ ଶାସକ ତାଙ୍କର ପ୍ରଭୁତ୍ୱ ସ୍ୱୀକାର କରିଥିଲେ ।

ତତ୍କାଳରେ ଅଙ୍ଗ ଓ ମଗଧ ରାଜ୍ୟର ଅଧୀଶ୍ୱର ବୃହସ୍ପତି ମିତ୍ରଙ୍କୁ ପଦାନତ କରି (ମାଗଧଂ ଚ ରାଜାନଂ ବହସତି ମିତଂ ପାଦେବନ୍ଦାପୟତି) ଅଶୋକଙ୍କ କଳିଙ୍ଗ ବିଜୟର ପ୍ରତିଶୋଧ ନେଇଥିଲେ । ତିନିଶତ ବର୍ଷ ପୂର୍ବେ ମଗଧ ସମ୍ରାଟ ମହାପଦ୍ମନନ୍ଦ କଳିଙ୍ଗ ଜୟକରି ଯେଉଁ କଳିଙ୍ଗଜିନ ପ୍ରତିମା ବଳପୂର୍ବକ ଘେନି ଯାଇଥିଲେ, ଖାରବେଳ ସେହି ପ୍ରତିମା ଉଦ୍ଧାର କରିଆଣି ପିଥୁଣ୍ଡ ନଗରରେ ଅବସ୍ଥାପିତ କରିବା ଦ୍ୱାରା ତାଙ୍କର ସ୍ୱଦେଶପ୍ରେମ ଓ ସ୍ୱଧର୍ମପ୍ରେମ ଓ ସ୍ୱଧର୍ମପ୍ରୀତି ପରାକାଷ୍ଠା ପ୍ରମାଣିତ ହୋଇଥିଲା । ରାଜତ୍ୱର ତ୍ରୟୋଦଶ ବର୍ଷରେ ବିଜୟଚକ୍ର ସୁପବିର୍ତ୍ତିତ କୁମାର ପର୍ବତ ଗାତ୍ରରେ ଖାରବେଳ, ତାଙ୍କର ମହିଷୀ, ଉତ୍ତରାଧିକାରୀ, ରାଜକର୍ମଚାରୀ, ରାଜଭୃତ୍ୟ ପ୍ରଭୃତି ଜୈନ ସନ୍ନ୍ୟାସୀମାନଙ୍କ ବର୍ଷାବାସ ପାଇଁ 'ଅନେକ ଗୁମ୍ଫା' ଖୋଦନ

କରାଇଥିଲେ ।

ପୁନଶ୍ଚ କୁମାର ପର୍ବତରେ ଜୈନସନ୍ନ୍ୟାସୀଙ୍କର ଏକ ସମ୍ମିଳନୀ ଆୟୋଜନ କରି ସେମାନଙ୍କୁ ଶ୍ୱେତ ରେଶମବସ୍ତ୍ର ପ୍ରଦାନ ସହିତ ସେମାନଙ୍କ ପାନଭୋଜନର ଯଥୋଚିତ ବ୍ୟବସ୍ଥା କରିଥିଲେ । କୁମାରୀ ପର୍ବତର ଶିଖର ଦେଶରେ ଭିକ୍ଷୁମାନଙ୍କର ନିବାସଗୃହ ତଥା ଜୈନମୁନିମାନଙ୍କର ସଭା ନିମିତ୍ ୭୫ ଲକ୍ଷ କାର୍ଷାପଣ ବ୍ୟୟରେ ଏକ ବିଶାଳ ମଣ୍ଡପ ନିର୍ମାଣ କରିଥିଲେ ଓ ତହିଁରେ ଅଳଙ୍କୃତ ବିଗ୍ରହ ଖଚିତ କରାଇଥିଲେ ।

ଉଦୟଗିରିର ଗୁହା ନଂ ୧୦ ର ଡାହାଣରେ ଉପରକୁ ଗଲେ ମାଙ୍କଡାପଥର ଦଲାଣର ଯେଉଁ ସୂର୍ପାକାର ସୌଧର ଧ୍ୱଂସାବଶେଷ ଦୃଷ୍ଟି ଗୋଚର ହୁଏ ତାହା ଖାରବେଳଙ୍କ ପ୍ରୋକ୍ତ କାର୍ଯ୍ୟାବଳୀର ସାର୍ଥକ ନିଦର୍ଶନ । ରାଜତ୍ୱର ଅନ୍ତିମ ବର୍ଷରେ ୨ୟା ମହିଷୀ ସିଂହପଥ ରାଣୀଙ୍କ ଅନୁରୋଧକ୍ରମେ ଚତୁର୍ଦ୍ଦିଗରୁ ଆଗତ ଯତି, ତାପସ, ଋଷି ଓ ସଂଘାୟନ ନିମନ୍ତେ କୁମାରୀଗିରିର ଗଡାଣିଆ ସ୍ଥାନରେ ପାଟଳବର୍ଣ୍ଣର ଚଟାଣ ଉପରେ ବୈଦୁର୍ଯ୍ୟଖଚିତ ସ୍ତମ୍ଭ ତଥା ଏକ ସୁରମ୍ୟ ହର୍ମ୍ୟ ନିର୍ମାଣ କରିଥିଲେ । ଏଥିପାଇଁ ବିଭିନ୍ନ ଶିଳାଖଣିରୁ ଆନୀତ ୩୫ ଲକ୍ଷ ପ୍ରସ୍ତର ଖଣ୍ଡ ସାହାଯ୍ୟରେ ଚୈତ୍ୟ, ଶିଳାସ୍ତମ୍ଭ, ପ୍ରାର୍ଥନାସ୍ଥଳ ଓ ଚତ୍ୱର ନିର୍ମାଣରେ ଏକଶତ ୫ଲକ୍ଷ କାର୍ଷାପଣ ବ୍ୟୟିତ ହୋଇଥିଲା ।

ପ୍ରବଳ ପରାକ୍ରମୀ ସମ୍ରାଟ ରାଜଚକ୍ରବର୍ତ୍ତୀ ଖାରବେଳଙ୍କ ରାଜତ୍ୱକାଳରେ କଳିଙ୍ଗର ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇଥିବାରୁ ହାତୀଗୁମ୍ଫା ଶିଳାଲେଖରେ ତାଙ୍କୁ କ୍ଷେମରାଜ, ବୃଦ୍ଧିରାଜ, ଭିକ୍ଷୁରାଜ, ଧର୍ମରାଜ, ରାଜର୍ଷିବସୁକୁଳ ଦାୟାଦ, ମହାବିଜୟୀ ଶ୍ରୀଖାରବେଳ, ଯେ ବିଶେଷ ଗୁଣର ଆଧାର, ସର୍ବଧର୍ମର ପୂଜକ, ସର୍ବଦେବାୟତନ ସଂସ୍କାରକ, ଅପ୍ରତିହତ ସେନାବଳର ଅଧିକାରୀ, ଶାସନଚକ୍ର ଧାରକ, ନିୟମ ଶୃଙ୍ଖଳା ରକ୍ଷକ, ନୀତି ନିୟମ ପ୍ରବର୍ତ୍ତକ ସର୍ବୋପରି ବହୁ କଲ୍ୟାଣକର କାର୍ଯ୍ୟ ସମ୍ପାଦକ ବୋଲି ଉତ୍କୀର୍ଣ୍ଣ ହୋଇଅଛି । ତାଙ୍କର ସାମରିକ ସାଫଲ୍ୟ, ରାଜନୀତି, ଅର୍ଥନୀତି, ଧର୍ମନୀତି, ବଦାନ୍ୟତା, ଉଦାରତା, ଦୁଷ୍ଟଦଳନ, ଶିଷ୍ଟପାଳନ ପ୍ରଭୃତି ସଦ୍‌ଗୁଣାବଳୀ ହାତୀଗୁମ୍ଫା ଅଭିଲେଖରେ ପ୍ରଜ୍ଞାପିତ ହୋଇଛି ।

ସେ ବାସ୍ତବରେ ଥିଲେ କଳିଙ୍ଗର ବରପୁତ୍ର, କଳିଙ୍ଗର ରାଜନୈତିକ ପ୍ରତିଷ୍ଠାର ପୃଷ୍ଠପୋଷକ, ତଥା କଳିଙ୍ଗ ସଂସ୍କୃତିର ଏକନିଷ୍ଠ ଉପାସକ । ରାଜ୍ୟର ଗୌରବର୍ଦ୍ଧନ ଥିଲା ତାଙ୍କ ଶାସନର ଆଦର୍ଶ । ସେଥିପାଇଁ ସେ ରାଜଦକ୍ଷତା ଦୃଢ଼ୀଭୂତ କରିବା ସହିତ କଳିଙ୍ଗକୁ ଶକ୍ତିଶାଳୀ ତଥା ସମୃଦ୍ଧିଶାଳୀ କରି ଗଢ଼ି ତୋଳିବା ଦିଗରେ ତାଙ୍କର ସର୍ବବିଧ ଉଦ୍ୟମ ଯୋଗୁଁ ସେ ଯଥାର୍ଥରେ କଳିଙ୍ଗ ଚକ୍ରବର୍ତୀ ଉପାଧିରେ ଭୂଷିତ ହୋଇଥିଲେ ।

**ଖଣ୍ଡଗିରିର ଅନ୍ୟାନ୍ୟ କୀର୍ତୀ –**ଖଣ୍ଡଗିରିସ୍ଥ 'ଅନନ୍ତଗୁମ୍ଫା'ର ବାମପାର୍ଶ୍ୱରେ ଥିବା ବାଟରେ ଅଗ୍ରସର ହେଲେ ପାହାଡର ଚୂଡାସ୍ଥିତ ସମତଳ ସ୍ଥାନରେ ଦେଖିବାକୁ ମିଳେ, ଖଣ୍ଡଗିରିର ମୁକୁଟ ପ୍ରାୟ ପ୍ରତୀୟମାନ ଜୈନ ମନ୍ଦିର । ଶ୍ୱେତମର୍ମର ପ୍ରସ୍ତରରେ ନିର୍ମିତ ମନ୍ଦିରର ପ୍ରଧାନ ଦେବତା ଋଷଭନାଥ ବିଗ୍ରହ, ଅଦୂର ଅତୀତରେ ଇଂରେଜ ଶାସନ କାଳରେ ଅବସ୍ଥାପିତ । କିନ୍ତୁ ପୀଢ଼ ଓ ପୀରାମିଡାକୃତି ଚାଳଯୁକ୍ତ ଜଥା ଜଗମୋହନ ସମ୍ୱଳିତ ମନ୍ଦିରଟି କୌଣସି ଏକ ପ୍ରାଚୀନ ଦେବାୟତନ ଉପରେ ପ୍ରତିଷ୍ଠିତ । ଏହା ନିକଟରେ ଅନ୍ୟଦୁଇଟି ପାର୍ଶ୍ୱମନ୍ଦିର ବିଦ୍ୟମାନ । ପ୍ରବେଶଦ୍ୱାରଠାରେ ମର୍ମର ପ୍ରସ୍ତର ନିର୍ମିତ ଦେବୀ ତଥା ଖୋଲାଗୃହରେ କୃଷ୍ଣମର୍ମର ପ୍ରସ୍ତର ନିର୍ମିତ ପାର୍ଶ୍ୱନାଥଙ୍କର ଏକ ଅତିକାୟ ପୂର୍ଣ୍ଣାବୟବ ବିଶିଷ୍ଟ ଦଣ୍ଡାୟମାନ ବିଗ୍ରହ ହେଉଛି, ଏହି ଜୈନପୀଠର ପ୍ରଧାନ ଆକର୍ଷଣ ।

କେବଳ ଏତିକି ନୁହେଁ, ମନ୍ଦିର ସନ୍ନିକଟବର୍ତ୍ତୀ ବିଭିନ୍ନ ତୀର୍ଥଙ୍କର ମୂର୍ତ୍ତି ଖୋଦିତ ରାଶି ରାଶି ପ୍ରସ୍ତର ଖଣ୍ଡ ପରିପୂର୍ଣ୍ଣ ସମତଳ ଭୂମିର ନାମ ହେଉଛି 'ଦେବସଭା' । ଏହା ମଧ୍ୟ ଅସମ୍ଭବ ନୁହେଁ ଯେ ନନ୍ଦରାଜା ମହାପଦ୍ମନନ୍ଦଙ୍କ ଦ୍ୱାରା ଅପହୃତ କଳିଙ୍ଗଜୀନଙ୍କ ଆଦି ଅବସ୍ଥାନ କ୍ଷେତ୍ର ଏହିଠାରେ ଥିଲା ଏବଂ ମଗଧବିଜୟ ପୂର୍ବକ ବୃହସ୍ପତି ମିତ୍ରଙ୍କ କବଳରୁ ଉଦ୍ଧାର କରିଆଣି, ଖାରବେଳ ସେହି କାଳିଙ୍ଗଜୀନଙ୍କୁ ପିଥୁଣ୍ଡନଗରରେ ପ୍ରତିଷ୍ଠିତ କରିବା ପୂର୍ବରୁ ସମାୟିକ ଭାବେ ଏହିଠାରେ ହିଁ

ଅବସ୍ଥାପିତ କରାଇଥିଲେ ।

**ଖଣ୍ଡଗିରିର ଜଳଭଣ୍ଡାର** – ଖଣ୍ଡଗିରି ଓ ଉଦୟଗିରି ପାହାଡର ବିଭିନ୍ନ ଗୁମ୍ଫାରେ ଅବସ୍ଥାନ କରୁଥିବା ସନ୍ନ୍ୟାସୀମାନଙ୍କର ସବୁଋତୁରେ ବ୍ୟବହାର ନିମିତ୍ ଉଭୟ ପାହାଡରେ ଖନନ କରାଯାଇଥିବା ଜଳଭଣ୍ଡାର ଦୃଷ୍ଟିଗୋଚର ହୋଇଥାଏ । ପାହାଡ ନିକଟରେ କୌଣସି ଜଳାଧାର ପ୍ରବାହିତ ହେଉନଥିବାରୁ ପାହାଡଖୋଳି କେତୋଟି ବାଙ୍ଗୀରେ ବୃଷ୍ଟିଜଳ ଧରିରଖିବା ପାଇଁ ତତ୍କାଳରେ ଜଳାଧାର ସବୁ ନିର୍ମିତ ହୋଇଥିଲା ।

ତନ୍ମଧ୍ୟରୁ ଉଦୟଗିରିରେ ଥିବା ଜଳାଧାର ଦୁଇଟିର ନାମ ହେଉଛି 'ହାତୀ ନିଶୁଣି' ଓ 'ଲଳିତାକୁଣ୍ଡ', ଯାହାକି ଗଣେଶ ଗୁମ୍ଫା (ଗୁହା ନଂ ୧୦)ର ଯଥାକ୍ରମେ ପୂର୍ବଦିଗ ଓ ଐଶାନ୍ୟ କୋଣରେ ଅବସ୍ଥିତ । ହାତୀନିଶୁଣି ବର୍ତମାନ ପ୍ରାୟ ପରିତ୍ୟକ୍ତ ଅବସ୍ଥାରେ ଥିଲେହେଁ ଲଳିତାକୁଣ୍ଡର ଜଳ ବେଶ୍ ଗଭୀର, ସ୍ୱଚ୍ଛ ତଥା ବ୍ୟବହାରୋପଯୋଗୀ ଅଟେ । ଏତଦବ୍ୟତୀତ ଲଲାଟେନ୍ଦୁକେଶରୀ ଗୁମ୍ଫାରେ ସୋମବଂଶୀ ରାଜା ଉଦ୍ୟୋତକେଶରୀଙ୍କ ରାଜତ୍ୱର୫ମ ବର୍ଷରେ ଉତ୍କୀର୍ଣ୍ଣ ଅଭିଲେଖରୁ ଜଣାଯାଏ ଯେ ସେହିବର୍ଷ କୁମାର ପର୍ବତରେ ଥିବା ଜୀର୍ଣ୍ଣବାଙ୍ଗୀ ଓ ପୁଷ୍କରିଣୀଗୁଡିକର ପୁନରୁଦ୍ଧାର ତଥା ସଂସ୍କାର କାର୍ଯ୍ୟ ସମାହିତ ହୋଇଥିଲା । ତାହା ଫଳରେ ଖଣ୍ଡଗିରି ପାହାଡର ସଂପ୍ରତି କେତେକ ଜଳଭଣ୍ଡାର ଦୃଷ୍ଟିପଥାରୁଢ଼ ହୋଇଥାଏ । ଲଲାଟେନ୍ଦୁକେଶରୀ ଗୁମ୍ଫା ନିକଟରେ ଥିବା ଜଳଭଣ୍ଡାର ପାହାଡ ଦେହରେ ଖୋଳାଯାଇଛି । ପାହାଡରୁ ନିର୍ଗତ ଜଳଦ୍ୱାରା ଏହା ପରିପୁଷ୍ଟ ହୋଇ ଜଳପୂର୍ଣ୍ଣ ହୋଇଥାଏ । ତାହା ବର୍ତମାନ 'ଆକାଶଗଙ୍ଗା' ବା 'ସ୍ୱର୍ଗଗଙ୍ଗା' ନାମରେ ନାମିତ ।

ଏହି ପାହାଡରେ ଖୋଳା ଯାଇଥିବା ଅନ୍ୟ ଜଳାଧାରଟି ହେଉଛି 'ରାଧାକୁଣ୍ଡ' । ମତାନ୍ତରେ ଏହା 'ସୀତାକୁଣ୍ଡ' (୨୮) ନାମରେ ଅଭିହିତ । ଏତଦ୍‌ବ୍ୟତୀତ ଖଣ୍ଡଗିରିରେ 'ଶ୍ୟାମକୁଣ୍ଡ' ଓ 'ଗୁପ୍ତଗଙ୍ଗା' ନାମରେ ଆଉ ଦୁଇଗୋଟି କ୍ଷୁଦ୍ର ଜଳାଧାର ଅଛି; ଯେଉଁଥିରୁ ବର୍ଷସାରା ପାନୀୟ ଜଳ ଉପଲବ୍ଧ ହୋଇଥାଏ । ପୂର୍ବୋକ୍ତ ରାଧାକୁଣ୍ଡର ବାମଦିଗକୁ କିଛିବାଟ ଅଗ୍ରସର ହେଲେ ନଂ ୧୨ ଗୁହାର ଐଶାନ୍ୟ କୋଣରେ ପାହାଡରେ କଟାଯାଇଥିବା ଏକ ଜଳାଧାର ଦେଖିବାକୁ ମିଳେ; ଯାହାର ନାମ ଶ୍ୟାମକୁଣ୍ଡ ଅଟେ । ଏହା ମଧ୍ୟକୁ ଏକ ପ୍ରବେଶ ପଥ ମଧ୍ୟ ରହିଛି । ଖଣ୍ଡଗିରିର ବାୟବ୍ୟ କୋଣରେ ସଂକୀର୍ଣ୍ଣ ଗିରିପଥ ଦେଇ ଅଗ୍ରସର ହେଲେ ଏକ କ୍ଷୁଦ୍ର ଗିରିନିର୍ଝରର ଅଂଶବିଶେଷ ପରିଦୃଷ୍ଟ ହୋଇଥାଏ, ଯାହାର ସ୍ଥାନୀୟ ନାମ ଗୁପ୍ତଗଙ୍ଗା ଅଟେ । ଜନଶ୍ରୁତିରୁ ଜଣାଯାଏ ଯେ ଏହା ନିକଟରେ ହରିବୋଲ-ହୁଳହୁଳି ପକାଇଲେ ଜଳସ୍ରାବ ହୋଇ ଏହା ପରିପୂର୍ଣ୍ଣ ହୋଇଥାଏ ।

**ଖଣ୍ଡଗିରି ମେଳା** -ଜୈନଧର୍ମାବଲମ୍ବୀମାନେ ପ୍ରତିବର୍ଷ ମାଘସପ୍ତମୀ ଦିନ ଖଣ୍ଡଗିରିଠାରେ ସମବେତ ହୋଇ ଜୈନମତାନୁଯାୟୀ ପୂଜାର୍ଚ୍ଚନା କରିଥାନ୍ତି । ତାହାର ସ୍ମାରକୀ ବହନ କରି ଅଦ୍ୟାବଧି ସେଠାରେ ସାତଦିନବ୍ୟାପୀ ମେଳା ଅନୁଷ୍ଠିତ ହେଉଅଛି । କିମ୍ବଦନ୍ତୀ ଅଛି ଯେ ଚନ୍ଦ୍ରବଂଶୀ ସମ୍ରାଟ ଜନ୍ମେଜୟ ଐରମାନଙ୍କୁ ପରାସ୍ତ କରି ହିନ୍ଦୁଧର୍ମ ପୁନଃପ୍ରତିଷ୍ଠିତ କରାଇବା ପରେ; ଦେବତାମାନେ ସନ୍ତୁଷ୍ଟ ହୋଇ ଖଣ୍ଡାଚଳଠାରେ ଏକ ସଭା କରିଥିଲେ । ଖଣ୍ଡଗିରିରେ ଦେବସଭା ନାମକ ଏହି ସ୍ଥାନ ସଂପ୍ରତି ବିଦ୍ୟମାନ ଅଛି । ଦେବସଭା ନିକଟରେ ଗୁପ୍ତଗଙ୍ଗା ଆବିର୍ଭାବ ପୁରାଣ ସମର୍ଥିତ ଅଟେ । ଖଣ୍ଡଗିରିରେ ଗୁପ୍ତଗଙ୍ଗା ନାମକ ଜଳାଶ୍ରୟ ମଧ୍ୟ ଅବସ୍ଥିତ । ଆଲୋଚ୍ୟ ଦେବସଭା ସମୟରେ ଏଠାରେ ମାଘସପ୍ତମୀଠାରୁ ସାତଦିନବ୍ୟାପୀ ଯଜ୍ଞାନୁଷ୍ଠାନ କରାଯାଉଥିଲା । ତାହାର ପବିତ୍ର ସ୍ମୃତିରକ୍ଷା ସ୍ୱରୂପ ସେହିଦିନଠାରୁ ଏଠାରେ ବହୁଲୋକ ସମାଗମରେ ଏକ ମେଳା ହୋଇ ଆସୁଅଛି (୨୯) । ମାଘସପ୍ତମୀଠାରୁ ୭ ଦିନ ପର୍ଯ୍ୟନ୍ତ ଲୋକମାନେ ଗୁପ୍ତଗଙ୍ଗା ତଥା ଅତ୍ରତ୍ୟ ଅନ୍ୟାନ୍ୟ ଜଳାଧାରରେ ବୁଡ ପକାଇ ପୂଜାର୍ଚ୍ଚନା କରିଥାନ୍ତି । ଉଭୟ ପାହାଡର ପାଦଦେଶରେ ବିପଣିମାଳାର ଏକ ମନୋରମ ପରିବେଶ ସୃଷ୍ଟି ହୁଏ । ନିତ୍ୟବ୍ୟବହାର୍ଯ୍ୟ ବସ୍ତୁର ବ୍ୟବସାୟ ତଥା ବିଭିନ୍ନ ଅପେରା ନାଟ୍ୟସଂସ୍ଥାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଏହି ମେଳା ମାସାବଧି ଚାଲେ ।

---

(୨୮) "ଅନ୍ତର୍ଦ୍ଦେଶେ ଯେଣୁ ବହେ ମହନୀୟ । ସୀତାକୁଣ୍ଡ ପୂତ ପୀୟୁଷ ପ୍ରବାହ ।"-କୁହୁକୂଜନ ପୃ-୨୮, ମଥୁରାନନ୍ଦ ସ୍ୱାଇଁ ।

(୨୯) ଜଗବନ୍ଧୁ ସିଂହ - ପ୍ରାଚୀନ ଉତ୍କଳ, ପୃ. ୩୧୯ ।

**ତପୋଭୂମି ଖଣ୍ଡଗିରି –** ବିଭିନ୍ନ ଯୁଗରେ ପ୍ରୋକ୍ତ ଗିରିଯୁଗ୍ମ ବହୁ ସିଦ୍ଧ ସନ୍ନ୍ୟାସୀଙ୍କର ଆବାସଭୂମି ଥିଲା । ରାଜଧାନୀ ତଥା ଜନପଦଠାରୁ ନିରୂପିତ ଦୂରତ୍ୱରେ ଅବସ୍ଥିତ ହେତୁ ବିଭିନ୍ନ ଧର୍ମ ସଂପ୍ରଦାୟର ମୁନିଋଷିମାନେ ସର୍ବଦା ଏହାକୁ ଏକ ଅନୂକୁଳ କ୍ଷେତ୍ର ରୂପେ ନିର୍ବାଚନ କରି ଆସିଛନ୍ତି । ଏଥିପାଇଁ ଯଥାର୍ଥରେ କୁହାଯାଇଛି -

"ଜୈନଭିକ୍ଷୁ ତପୀ ଶ୍ରମଣ ସନ୍ନ୍ୟାସୀ
ସାଧୁଥିଲେ ତପ ନିର୍ବିଘ୍ନରେ ଆସି ।" (୩୦)

ତେଣୁ ସ୍ଥାପତ୍ୟ ପରିପୂର୍ଣ୍ଣ, ସୁବିସ୍ତୃତ ଶିଳାଶ୍ରେଣୀ ସମୃଦ୍ଧ ଏହି ଯାମଳଗିରି ପ୍ରାଗୈତିହାସିକ କାଳରୁ ତପୋବନାନୁମୋଦିତ ହୋଇ ଆସିଛି । ସେ ପ୍ରୋତ୍‌ଥିତ ଗୌରବ ବିସ୍ମୃତିର ଅତଳ ଗର୍ଭରେ ବିଲୀନ ହୋଇ ଯାଇଥିଲେ ମଧ୍ୟ ଖଣ୍ଡଗିରିର ନୈସର୍ଗିକ ଶାନ୍ତ ପରିବେଶରେ ତଥାପି ପୂର୍ବର ତପୋବନ-ସଂସ୍କୃତି ଅଦ୍ୟାବଧି ଉଜ୍ଜୀବିତ ରହିଅଛି । ଫଳରେ ଧର୍ମାରଣ୍ୟ ଖଣ୍ଡଗିରିକୁ ଆବେଷ୍ଟନ କରି ଏହାର ପାଦଦେଶରେ ଗଢ଼ିଉଠିଛି ଅନେକ ଦେବାଳୟ, ମଠ, ଆଶ୍ରମପଦ ଓ ବିଦ୍ୟାନିକେତନ । ତନ୍ମଧ୍ୟରେ ଶ୍ରୀ ଅରକ୍ଷିତ ଦାସ ମହାପୁରୁଷଙ୍କର 'ପାଦୁକାଶ୍ରମ', ମହିମା ଗୋସାଇଁଙ୍କ ସ୍ମୃତିରେ 'ମହିମାଶ୍ରମ', ଜୋକନଦୀ ତୀରରେ ବ୍ରହ୍ମଲୀନ ଫଳାହାରୀ ବାବାଙ୍କ ସ୍ମୃତିପୀଠ 'ଶ୍ରୀନୃସିଂହ ମଠ', ବାବା ଶ୍ରୀଆନନ୍ଦ ସ୍ୱରୂପଙ୍କ ପ୍ରତିଷ୍ଠିତ 'ତପୋବନ ଆଶ୍ରମ' ପରମହଂସ ଶ୍ରୀମଦ୍ ବଳିଆଙ୍କ ପ୍ରତିଷ୍ଠିତ 'ଅନନ୍ତ ସନାତନ ସେବାଶ୍ରମ', ବ୍ରହ୍ମଲୀନ କ୍ଷମାନିଧି ବାବାଙ୍କର 'କୋଚିଳା ମଠ', କୃଷ୍ଣଚନ୍ଦ୍ର ଦାସଙ୍କର 'ଅନାଦି ଆଶ୍ରମ' ବାବା ଅକ୍ଷୟଦେବ ଦାସଙ୍କ ପ୍ରତିଷ୍ଠିତ 'ନିତ୍ୟାନନ୍ଦ ସେବାଶ୍ରମ', ଜାଗମରା ଗ୍ରାମ ସନ୍ନିକଟବର୍ତ୍ତୀ ବାବା ଶ୍ରୀ ଅକ୍ଷୟ ଦାସଙ୍କ ପ୍ରତିଷ୍ଠିତ, 'ଖଣ୍ଡୁଆଳ ମଠ', ଶ୍ରୀ ଶାନ୍ତ ଚୈତନ୍ୟଜୀ ମହାରାଜାଙ୍କର 'ଯୋଗବେଦାନ୍ତ ଆଶ୍ରମ', ଠାକୁର ଅଭିରାମ ପରମହଂସଙ୍କ ଖଣ୍ଡଗିରି ଶାଖା 'ଶାନ୍ତି ଆନନ୍ଦାଶ୍ରମ', ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍କ ଶିକ୍ଷାକେନ୍ଦ୍ର ଓ ଶ୍ରୀ ଶିବାନନ୍ଦ ଶତବାର୍ଷିକୀ ସ୍ମୃତିରେ ଆଧ୍ୟାତ୍ମିକ ଶିକ୍ଷାୟତନ ରୂପେ ପ୍ରତିଷ୍ଠିତ ଆବାସିକ 'ବାଳକ ଉଚ୍ଚବିଦ୍ୟାଳୟ' ଇତ୍ୟାଦି ଉଲ୍ଲେଖନୀୟ ।

ଗିରିବକ୍ଷରେ ନିଖୋଦିତ ଗୁହା, ପ୍ରତିଷ୍ଠିତ ଦେବଦେବୀଙ୍କ ଲଳିତ କମନୀୟ ବିଗ୍ରହ, ଲତାଫଳ ପୁଷ୍ପଗୁମ୍ଫିତ ବୃତ୍ତୋରଣାଦି ଓ ଶିଳାଶୋଭିତ ଭିତ୍ ଉପରେ ମନ୍ଦିରାଦିର ନିର୍ମାଣ ଏହି ଖଣ୍ଡଗିରିର ନୈସର୍ଗିକ ଶୋଭାକୁ ପରିପୁଷ୍ଟ କରୁଅଛି । ପର୍ଯ୍ୟଟନକାରୀମାନଙ୍କ ସୁବିଧା ନିମିତ୍ ଏହାର ପାଦଦେଶରେ ଗୋଟିଏ ଡାକବଙ୍ଗଳା, ଗୋଟିଏ ଯୁବ ହଷ୍ଟେଲ ଓ ଗୋଟିଏ ଜୈନ ଧର୍ମଶାଳା ସ୍ଥାପିତ ହୋଇଅଛି । ଏଣୁ ଉତ୍କଳର ଐତିହ୍ୟପ୍ରେମୀ, ପ୍ରକୃତି୍ପାସକ ତଥା କଳାପିପାସୁ ଛାତ୍ର, ଗବେଷକ, ଦାର୍ଶନିକ ଓ ପରିବ୍ରାଜକଗଣ ଏହି ଇତିହାସ ବିଶ୍ରୁତ ଯୁଗଳଭୂଧର ପରିଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ ।

---

(୩୦) ଦୁଖୀଶ୍ୟାମ ଚୌଧୁରୀ- ରାଜଧାନୀ, ପୃ ୨୭-୩୦ ।

## ହାତୀଗୁମ୍ଫା ଅଭିଲେଖ

*କାଶୀପ୍ରସାଦ ଜୟସ୍ୱାଲ ଓ ରାଖାଲ ଦାସ ବାନାର୍ଜି*

**୧ମ ଧାଡ଼ି :** ନମୋ ଅରାହଂତାନଂ । ନମୋ ସବସିଧାନଂ । ଐରେଣ ମହାରାଜେନ ମହାମେଘବାହନେନ ଚେତିରାଜ ବସ ବଧନେନ ପଥସସୁଭ ଲଖନେନ ଚତୁରଂତ - ଲୁଠିତ - ଗୁଣୋପହିତେନ କଳିଂଗାଧିପତିନା ସିରିଖାରବେଲେନ ।

**୨ୟ ଧାଡି :** ପଂଦରସବସାନି ସୀରି-କଡ଼ାର-ସରୀରବତା କୀଡିତା କୁମାର କୀଡିକା । ତତୋ ଲେଖ-ରୂପ-ଗଣନା-ବବହାର-ବିଧି-ବିସାରଦେନଜସବ-ବିବଦାତେନ ନବ-ବସାନି ଯୋବରଜଂ ପସାସିତଂ । ସଂପୁଣ-ଚତୁବୀସତି-ବସୋ ତଦାନି ବଧମାନ ସେସୟୋ ବେନା-ଭିବିଜୟୋ ତତିୟେ ।

**୩ୟ ଧାଡ଼ି :** କଲିଂଙ୍ଗ-ରାଜ-ବଂସେ ପୁରିସ-ଯୁଗେ ମହାରାଜା- ଭିସେଚନଂ ପାପୁନାତି । ଅଭିସିତ-ମତେ ଚ ପଧ୍ମେ ବସେ, ବାତ-ବିହତ-ଗୋପୁର-ପାକାର-ନିବେସନଂ ପଟିସଂଖାରୟତି, କଳିଂଗ-ନଗରି-ଖିବୀର-ଇସି-ତାଲ-ତଡ଼ାଗ-ପାଡିୟୋ ଚ ବଂଧାପୟତି; ସବୂୟାନ - ପ (ଟି) ସଂଥପନଂଚ ।

**୪ର୍ଥ ଧାଡ଼ି :** କାରୟତି ପନତିସାହି ସତ - ସହସେହି ପକତିୟୋ ଚ ରଂଜୟତି । ଦୁତିୟେ ଚ ବସେ ଅଚିତୟିତା ସାତକଂନିଂ ପଛିମ - ଦିସଂ ହୟ - ଗଜ- ନର- ରଧି- ବହୁଲଂ ଦଂଡଂ ପଠାପୟତି; କହ୍ନବେଂଣା- ଗତାୟ ଚ ସେନାୟ ବିତାସିତଂ ମୁସିକ- ନଗରଂ । ତତିୟେ ପୁନ ବସେ ।

**୫ମ ଧାଡ଼ି :** ଗଂଧ୍ୱ- ଦେବ- ବୁଧୋ ଦପ- ନତ- ଗୀତ- ବାଦିତ- ସଂଦଂସ- ନାହି ଉସବ- ସମାଜ- କରାପନାହି ଚ କୀଡ଼ାପୟତି ନଗରିଂ । ତଥା ଚବୁଥେ ବସେ ବିଜାଧିରାଧିବାସଂ ଅହତ-ପୁବଂ କଲିଂଗ- ଯୁବରାଜ ନିବେସିତଂ ବିତଧି-ମୁକୁଟ- ସବିଲମଧିତେ ଚ ନିଖିତଛତ-

**୬ଷ୍ଠ ଧାଡ଼ି :** ଭିଂଗାରେ ହି- ରତନ- ସାପତେୟେ ସବ- ରଠିକ- ଭୋଜକେ ପାଦେ ବଂଦାପୟତି । ପଂଚମେ ଚ ଦାନୀ ବସେ ନଂଦ- ରାଜ- ତିବସ- ସତ- ଓଘାଟିତଂ ତନସୁଲିୟବାଟା ପଣାଡ଼ିଂ ନଗରଂ ପବେସ- (ୟ) ତି । ସୋ... ଭିସିତୋ ଚ ରଜସୁୟଂ ସଂଦସୟଂତୋ ସବ- କର-ବଣଂ

**୭ମ ଧାଡ଼ି :** ଅନୁଗହ- ଅନେକାନି ସତସହସାନି ବିସଜତି ପୋରଂ ଜାନପଦଂ । ସତମଂ ଚ ବସଂ ପସାସତୋ ବଜିରଘର- ବତି- ଘସିତ- ଘରିନି ସ ମତୁକ- ପଦ- ପୁଂନ... (କୁ)ମ... । ଅଠମେ ଚ ବସେ ମହତା ସେନା ଗୋରଧିଗିରିଂ

**୮ମ ଧାଡ଼ି :** ଘାତାପୟିତା ରାଜଗହଂ ଉପପୀଡ଼ାପୟତି । ଏତି (ନା) ଚ କଂମପଦାନ- ସଂନାଦେନ ସଂବିତ- ସେନ-ବାହନେ ବିପମୁଂଚିତୁଂ ମଧୁରଂ ଅପୟାତୋ ଯବନ - ରାଜା.... ଦିମିତ.... ଯଛତି.... ପଲବ....

**୯ମ ଧାଡ଼ି :** କପରୁଖେ ହୟ- ଗଜ- ରଧି- ସହ- ଯଂତେ ସବ- ଘରା ବାସ- ପରିବସେନ ଅଗିସଥିୟା ସବ-ଗହନଂ ଚ କାରୟତୁଂ ବଂହଣାନଂ ଜାତିଂ- ପରିହରଂ ଦଦାତି । ଅରହତୋ (ବ ?) (ଗି) ୟ (ତୋ)

**୧୦ମ ଧାଡ଼ି :** .....କ.ଇ ମାନ (ତି) ରାଜ- ସଂନିବାସଂ ମହାବିଜୟ ପାସାଦଂ କାରୟତି ଅଠତିସାୟ ସତ- ସହସେହି । ଦସମେ ଚ ବସେ ଦଂଡ- ସଂଧୀ- ସା (ମ)- ମୟୋ ଭରଧିବସ- ପଠାନଂ ମହୀଜୟନଂ... କାରାପୟତି... ପାୟାତାନଂ ଚ ମଣିରତନାନି ଉପଲଭତେ ।

**୧୧ଶ ଧାଡ଼ି :** (ମଂଡଂ) ଚ ଅବ-ରାଜ- ନିବେସିତଂ ପୀଥଡଂ ଗଦଭ- ମଂଗଲେନ କାସୟତି ଜନସ ଦଭାବନ ଚ

ତେରସ ବସ- ସତିକଂ ଆଭିଂଦତି ତ୍ରମିର-ଦେଶ- ସଂଘାତଂ । ବାରସମେ ଚ ବସେ.... ହସ କେ (ସହ) ସେହି ବିତାସୟତି ଉତ୍ରାପଧ୍- ରାଜାନୋ....

**୧୨ଶ ଧାଡ଼ି :** ମଗଧାନଂ ଚ ବିପୁଲଂ ଭୟଂ ଜନେତୋ ହଥି ସୁଗଂଗୀୟଂ ପାୟ- ୟତି; ମ (ଗ) ଧ୍(୦) ଚ ରାଜାନଂ ବହ (ସ) ତି ମିତଂ ପାଦେ ବଂଦାପୟତି । ନଂଦ- ରାଜ- ନୀତଂ ଚ କା (ଲି)ଂଗ- ଜିନଂ ସଂନିବେ (ଶ)ଂ... (ଗହ)- ରତ (ନା) ନ (ଂ) ପଡ଼ିହାରେହି ଅଂଗ-ମଗଧ୍‌ବସୁଂ ଚ ନେୟାତି ।

**୧୩ଶ ଧାଡ଼ି :** ... (କ) ତୁଂ ତ ଜଠାର- (ଲି) ଖିଲ ବରାନି ସିହରାନି ନିବେସୟତି ସତ ବିସିକନଂ (ପ) ରିହାରେହି । ଅଭୁତମଛରିୟଂ ଚ ରଥି- ନିବା (ସ)- ପରିସରଂ ... ହୟ- ହାଥୀ- ରତନା- (ମାନିକାଂ) ପଂଡ- ରାଜା (ଚଏଦାନି ଅନେକାନି) ମୁତ- ମଣି- ରତନାନି ଅହରାପୟତି ଇଧ ସ ତ ।

**୧୪ଶ ଧାଡ଼ି :** ...... ସିନୋ ବସୀକରୋତି । ତେରସମେ ଚ ବସେ ସୁପବତ- ବିଜୟ- ଚକ- କୁମାରୀ- ପବତେ ଅରହୟତେ ପଖିଣ- ସଂସିତେହି କାୟ ନିସୀଦିୟାୟ ଯାପନାବକେହି ରାଜଭିତିନି ଚିନ- ବତାନି ବାସାସିତାନି; ପୂଜାନୁରତନୁବା ସଗ- ଖାରବେଲ ସିରିନା ଜୀବ-ଦେହ- (ସିରି) କା ପରିଖିତା ।

**୧୫ଶ ଧାଡ଼ି :** ..... ସୁକତା- ସମଣ- ସୁବିହିତାନଂ ଚ ସତଦିସାନଂ ଞାନିନଂ ତପସି- ଇସିନଂ ସଂଘୟନଂ । ଅରହତ- ନିସୀଦିୟା ସମୀପେ ପାଭାରେ ବରାକାର- ସମୁଥାପିତାହି ଅନେକ- ଯୋଜନାହି- ତାହି ପ ସି ଓ... ସିଲାହି ସିଂହପଥ ରଞ୍ଜୀ ସିଂଧୁଳାୟ ନିସୟାନି

**୧୬ଶ ଧାଡ଼ି :** .... ପଟାଲକୋ ଚତୁରୋ ଚ ବେଡୁରିୟ- ଗଭେ ଥଂଭେ ପତିଠାପୟତି, ପାନତରିୟ ସତ- ସହସେହି; ମୁରିୟ- କାଲ- ବୋଛିନଂ ଚ- ଚୋୟଠି ଅଂଗ- ସତିକଂ ତୁରୀୟଂ ଉପାଦୟତି । ଖେମ- ରାଜା ସ ବଢରାଜା ସ ଭିଖୁ- ରାଜ ଧମ- ରାଜା ପସଂତୋ ସୁନତୋ ଅନୁଭବତୋ କଲାଣାନି

**୧୭ଶ ଧାଡ଼ି:** ....ଗୁଣ- ବିସେସ- କୁସଲୋ ସବ- ପାସଂଡ- ପୂଜକୋ ସବ- ଦେବାୟତନ ସଂଖାର- କାରକୋ ଅପତିହତ- ଚକିବାହିନି- ବଲୋ ଚକ- ଧୁର- ଗୁତ- ଚକୋ ପବତ- ଚକୋ ରାଜସି- ବସୁ- କୁଲ- ବିନିସ୍ରିତୋ ମହାବିଜୟୋ ରାଜା- ଖାରବେଲ- ସିରି ।

# ଖାରବେଳଙ୍କ ହାତୀଗୁମ୍ଫା ଲେଖ (ସଂସ୍କୃତାନୁବାଦ)

*କାଶୀପ୍ରସାଦ ଜୟସ୍ୱାଲ*

**୧ମ ଧାଡ଼ି :** ନମୋଽର୍ହଦ୍ଭ୍ୟଃ, ନମଃ ସର୍ବସିଦ୍ଧେଭ୍ୟଃ, ଏଲେନ ମହାରାଜେନ ମହାମେଘବାହନେନ ଚୈତ୍ରରାଜବଂଶ ବର୍ଦ୍ଧନେନ, ପ୍ରଶସ୍ତ ଶୁଭଲକ୍ଷଣେନ ଚତୁରଂତର ସ୍ତୁଣଗୁଣୋପହିତେନ, କଳିଙ୍ଗାଧିପତିନା ଶ୍ରୀ କ୍ଷାରବେଳେନ ।

**୨ୟ ଧାଡ଼ି :** ପଦଶବର୍ଷାଣି ଶ୍ରୀକଡ଼ାର- ଶରୀରବତାକ୍ରୀଡ଼ିତାଃ କୁମାର କ୍ରୀଡ଼ାଃ । ତତୋ ଲେଖରୂପଗଣନା- ବ୍ୟବହାର- ବିଧିବିଶାରଦେନ ସର୍ବବିଦ୍ୟାବଦାତେନ ନବବର୍ଷାଣି ଯୌବରାଜ୍ୟଂ ପ୍ରଶାସିତମ୍ । ସପୂର୍ଣ୍ଣ- ଚତୁର୍ବିଂଶତି- ବର୍ଷ ସ୍ତଦାନୀଂ ବର୍ଦ୍ଧମାନଶେଷ- ଯୌବନାଭିବିଜୟ- ସ୍ତୁତୀୟେ ।

**୩ୟ ଧାଡ଼ି :** କଳିଙ୍ଗ ରାଜବଂଶେ ପୁରୁଷଯୁଗାୟ ମହାରାଜ୍ୟାଭିଷେକଂ ପ୍ରାପ୍ନୋତି । ଅଭିଷିକ୍ତ ମାତ୍ରଶ୍ଚ ପ୍ରଥମେ ବର୍ଷେ ବାତବିହିତଂ ଗୋପୁର- ପ୍ରାକାର- ନିବେଶନଂ ପ୍ରତିସଂସ୍କାରୟତି କଳିଙ୍ଗ- ନଗର୍ଯ୍ୟାଂ ଊଁଷିକାବିଲଂ ଇଷିତଲ୍ଲଂ ତଡ଼ାଗପାଲ୍ଲୀଶ୍ଚ ବନ୍ଧୟତି । ସର୍ବୋଦ୍ୟାନ ପ୍ରତିସଂସ୍ଥାପନ କାରୟତି ।

**୪ର୍ଥ ଧାଡ଼ି :** ପତ୍ରିଂଶତ୍ ଶତସହସ୍ରୈଃ ପ୍ରକୃତିଶ୍ଚ ରଞ୍ଜୟତି । ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ସାତକର୍ଣ୍ଣିଂ ପଶ୍ଚିମଦେଶଂ ହୟ- ଗଜ- ନର- ରଥ- ବହୁଳଂ ଦଣ୍ଡଂ ପ୍ରସ୍ଥାପୟତି । କୃଷ୍ଣବେଣାଂ ଗତୟା ଚ ସେନୟା ବିତାପୟତି ମୂଷିକନଗରଂ । ତୃତୀୟେ ପୁନର୍ବର୍ଷେ ।

**୫ମ ଧାଡ଼ି :** ଗନ୍ଧର୍ବବେଦବୁଧୋ ଦମ୍ପ- ନୃତ୍- ଗୀତ- ବାଦିତ୍ର- ସନ୍ଦର୍ଶନୈରୁତ୍ସବ- ସମ୍ଜ- କାରଣୈଶ୍ଚ କ୍ରିଡୟତି ନଗରୀଂ । ତଥା ଚତୁର୍ଥେ ବର୍ଷେ ବିଦ୍ୟାଧରାଧିବାସମ୍ ଅହତପୂର୍ବଂ କଳିଙ୍ଗ- ପୂର୍ବରାଜ ନିବେଶିତଂ..... ବିତଥ- ମୁକୁଟାନ୍ ସାର୍ଧିତ ବିଲ୍ଧାଂଶ୍ଚ ନିକ୍ଷିପ୍ତ- ଛତ୍ର- ଭୃଙ୍ଗାରାନ୍ ।

**୬ଷ୍ଠ ଧାଡ଼ି :** ହୃତ- ରତ୍ନ ସ୍ୱାପତେୟାନ ସର୍ବ- ରାଷ୍ଟ୍ରିକ- ଭୋଜକାନ୍ ପଦାବଭିବାଦୟତେ । ପମେ ଚେଦାନୀଂ ବର୍ଷେ ନନ୍ଦରାଜେନ ନଗରଂ ପ୍ରବେଶୟତି । ସୋ (ଽପିଚ ବର୍ଷେ) ଷଷ୍ଠେଽଭିଷିକ୍ତଶ୍ଚ ରାଜସୂୟଂ ସନ୍ଦର୍ଶୟନ୍ ସର୍ବକରପଣଂ ।

**୭ମ ଧାଡ଼ି :** ଅନୁଗ୍ରହାନନେକାନ୍ ଶତସହସ୍ରଂ ବି ସୃଜତି ପୋରାୟ ଜାନପଦାୟ । ସପ୍ତମଂ ଚ ବର୍ଷଂ ପ୍ରଶାସତୋ ବଜ୍ରଗୃହବତୀ ଧୃଷ୍ଟିରିତି ଗୃହିଣୀ ସନ୍- ମାତୃକପଦ- ପୂର୍ଣ୍ଣ । ସକୁମାରା ଅଷ୍ଟମେ ଚ ବର୍ଷେ ମହତ୍ୟା ସେନୟା ମହା (ଭିତ୍ତିଂ) ଗୋରଥଗିରିଂ ।

**୮ମ ଧାଡ଼ି :** ଘାତୟିତ୍ୱ ରାଜଗୃହ ମୁପପୀଡୟତି । ଏତେନ ଚ କର୍ମାବଦାନ ଏବ ନରେନ୍ଦ୍ରୋ (ନାମ) ମୋ. ଯଚ୍ଛତି (ବିଚ୍ଛ) ପଲ୍ଲବଭୃତାନି । ନବମେଚ ବର୍ଷେ ।

**୯ମ ଧାଡ଼ି :** କଳ୍ପବୃକ୍ଷାନ୍ ହୟଗଜରଥାନ୍ ସୟନ୍ତୃନ୍ ସର୍ବଗୃହାବାସ ପରିବସନାନି ସଗ୍ନିଷ୍ଟିକାନି ସର୍ବଗ୍ରହଣଂ ଚ କାରୟିତୁଂ ବ୍ରାହ୍ମଣାନାଂ ଜାତିପଙ୍କ୍ତ୍ୟୈ ପରିହାରଂ ଦଦାତି । ଅର୍ହତବନଗିୟା

**୧୦ମ ଧାଡ଼ି:** (କ) ମାନେଃ ରାଜସନ୍ନ ବାସଂ ମହାବିଜୟଂ ପ୍ରାସାଦଂ କାରୟତି ଅଷ୍ଟାତ୍ରିଂଶତା ଶତସହସ୍ରୈଃ । ଦଶମେ ଚ ବର୍ଷେ ମହ- ଧୃତାଭିସମୟୋ ଭାରତବର୍ଷ ପ୍ରସ୍ଥାନଂ ମହୀ- ଜୟନଂ ତି କାରୟତି (ନିରିତ୍ୟା) ଉଦ୍ୟାତାନାଂ ଚ ମଣିରତ୍ନାନି ଉପଲଭତେ ।

**୧୧ଶ ଧାଡ଼ି:** ଏକାଦଶେ ବର୍ଷେ ମଣ୍ଡେ ଚ ପୂର୍ବରାଜ ନିବେଶିତେ ପୃଥୁଦଗ୍ର- ଦଲ୍ ଭଲାଙ୍ଗଲେ ନିଷ୍କାସୟତି ଜନପଦ-

ଭାବନ ତ୍ରୟୋଦଶ- ଶତ- ବର୍ଷୀୟସ୍ୟ କେତୁଭଦ୍ରସ୍ୟ ତିକ୍ତାମର- ଦେହ- ସଂଘାତମ୍ । ଦ୍ୱାଦଶେଚ ବର୍ଶେ ଭି ବିତ୍ରାସୟତି ଉତ୍‌ରାପଥରାଜାନ୍ ।

**୧୨ଶ ଧାଡି :** ମଗଧାନା ବିପୁଳଂ ଭୟଂଜନୟନ୍ ହସ୍ତିଷୁ ଗଙ୍ଗାୟାଂ ପ୍ରାୟୟତି । ମାଗଧ୍ ରାଜାନଂ ବୃହସ୍ପତି ମିତ୍ରଂ ପଦାବଭିବାଦୟତେ । ନନ୍ଦରାଜନୀତ କାଳିଙ୍ଗ-ଜିନ-ସନ୍ନିବେଶଂ ଗୃହରତ୍ନାନାଂ ପ୍ରତିହାରୈ ଅଙ୍ଗ ମାଗଧ୍- ବସୁନି ଚ ନାୟୟତି ।

**୧୩ଶ ଧାଡି :** ତ ଜଠରୋଲ୍ଲିଖିତାନି ବରାଣି ଶିଖରାଣି ନିବେଶୟତି ଶତ- ବୈଶିକାନାଂ ପରିହାରେଣ; ଅଭୁତମାଶ୍ଚର୍ଯ୍ୟ ହସ୍ତିନାବାଂ ପାରିପୂରମ୍ ଉପଦେୟଂ ହୟ- ହସ୍ତୀ ରତ୍ନ ମାଣିକ୍ୟଂ ପାଣ୍ଡ୍ୟାରାଜାତ୍ ଇଦାନୀ ମନେକାନି ମଣିମୁକ୍ତା ରତ୍ନାନି ଆହାରୟତି ଇତି ଶତଶଃ ।

**୧୪ଶ ଧାଡି :** ସିନୋ ବଶୀକରୋତି । ତ୍ରେୟୋଦଶେ ଚ ବର୍ଷେ ସୁପ୍ରବୃତ୍- ବିଜୟି- ଚକ୍ରେ କୁମାରୀ ପର୍ବତେଽର୍ହତେ ଯାପ-କ୍ଷେମ-ବ୍ୟସଦ୍‌ଭ୍ୟଃ କାୟିକନିଷୀଦ୍ୟାଂ ଯାପ- ଜ୍ଞାପକେଭ୍ୟଃ ରାଜଭୃଷ୍ଟୀର୍ଣ୍ଣବ୍ରତାଃ ବ୍ୟବଶାସିତାଃ ପୂଜାଃ କୃତୋପାସାଃ କ୍ଷାରବେଳେନ ଶ୍ରୀମତା ଶ୍ରୀ ଜୀବଦେବ-କଳ୍ପଂ ରକ୍ଷିତାଃ ।

**୧୫ଶ ଧାଡି :**(ତା) ସୁ କୃତଂ ଶ୍ରମଣେଭ୍ୟଃ ସୁନିହିତେଭ୍ୟଃ ଶାସ୍ତ୍ରଦୃଗ୍‌ଭ୍ୟଃ ତପରଷିଭ୍ୟଃ ସଂଘାୟନମ୍ ଅର୍ହନ୍ନିଷୀଦ୍ୟାଃ ସମୀପେ ପ୍ରାଗ୍‌ଭାରେ ବରାକର ସୁମତଥାପିତା ଭିରନେକ-ଯୋଜନାହୃଦାଭିଃ ଶଳାଭିଃସିଂହ ପ୍ରସ୍ଥୀୟାୟୈରାଙ୍କ୍ୟୀ ଧୃଷ୍ଟେ୍ୟୈ ନିଃଶ୍ରୟାଣି ।

**୧୬ଶ ଧାଡି :** ପାଟଳିକାବଚତ୍ୱରେ ଚ ବୈଦୁର୍ଯ୍ୟଗର୍ଭା୍ନ୍ ସ୍ତମ୍ଭାନ୍ ପ୍ରତିଷ୍ଠାପୟତି ପସପ୍ତତ୍ୟା ଶତସହସ୍ରୈଃ । ମୁରିୟକାଳଂ ବ୍ୟବଚ୍ଛିନ୍ନ ଚତୁଃଷଷ୍ଟ୍ୟ ଗ୍ରଣତିକାନ୍ତରୀୟ ମୁପାଦାପୟତି । କ୍ଷେମରାଜଃ ସ ବର୍ଦ୍ଧ୍‌ରାଜଃ ଭିକ୍ଷୁରାଜୋ ଧର୍ମରାଜଃ ପଶ୍ୟନ୍ ଶୃଣ୍ୱନ୍ ଅନୁଭବନ୍ କଲ୍ୟାଣାନି ।

**୧୭ଶ ଧାଡି :** ଗୁଣବିଶେଷ କୁଶଳଃ ସର୍ବପାଷଣ୍ଡ- ପୂଜକଃ ସର୍ବଦେବାୟତନ- ସଂସ୍କାର କାରକଃ ଅପ୍ରତିହତ ଚକ୍ରି- ବାହିନୀ-ବଳଃ ଚକ୍ରଧିରଃ ଗୁପ୍ତଚକ୍ରଃ ପ୍ରବୃତ୍‌ଚକ୍ରେଃ ରାଜର୍ଷିବଂଶ କୁଳବିନିଃସୃତୋ ମହାବିଜୟୋ ରାଜା କ୍ଷାରବେଳ ଶ୍ରୀଃ ।

# ହାତୀଗୁମ୍ଫା ଶିଳାଲେଖ

*ବେଣୀମାଧବ ବରୁଆ*

**(ଓଡିଆ ଅନୁବାଦ - କେଦାରନାଥ ମହାପାତ୍ର)**

୧. ଅର୍ହତମାନଙ୍କୁ ନମସ୍କାର । ସକଳ ସିଦ୍ଧମାନଙ୍କୁ ନମସ୍କାର । ଆର୍ଯ୍ୟ ମହାରାଜ, ମହାମେଘବାହନ 'ଚେତ' ରାଜବଂଶ ବର୍ଦ୍ଧନ । ପ୍ରଶସ୍ତ ଶୁଭଲକ୍ଷଣ । ଅସମୁଦ୍ରକ୍ଷିତିର ଶାସକ ହେବା ପାଇଁ ସକଳ ଗୁଣରେ ଭୂଷିତ ଶ୍ରୀଧରଙ୍କ ପରି ରୂପ ସମ୍ପନ୍ନ, କଳିଙ୍ଗର ରାଜା ଶ୍ରୀ ଖାରବେଳ ପଦଶ ବର୍ଷ ପର୍ଯ୍ୟନ୍ତ କୁମାର ରୂପେ କ୍ରୀଡା କୌତୁକରେ କଟାଇଥିଲେ । ତାହା ପରେ ଲେଖ (ଲିଖନ), ରୂପ (ମୁଦ୍ରାତତ୍ତ୍ୱ), ଗଣନା (ଆୟବ୍ୟୟ ସମୀକ୍ଷଣ), ବ୍ୟବହାର (ମକଦ୍ଦମା ବିଚାର), ବିଧି (ରାଜ୍ୟ ଶାସନ ନିୟମମାନ) ପ୍ରଭୃତି ସର୍ବବିଦ୍ୟାରେ ନିପୁଣ ହୋଇ ନଅବର୍ଷ କାଳ ଯୁବରାଜ ରୂପେ ଶାସନ କରିଥିଲେ । ଚତୁର୍ବଂଶତି ବର୍ଷ ଉପଗତ ହୁଅନ୍ତେ, ସେ କଳିଙ୍ଗ ରାଜବଂଶର 'ତୃତୀୟ ପୁରୁଷ ଯୁଗ' (ପମ ପୁରୁଷ) ମହାରାଜ ରୂପେ ଅଭିଷିକ୍ତ ହୋଇଥିଲେ ଓ ଜୀବନର ଅବଶିଷ୍ଟାଂଶ ଦିଗ୍‌ବିଜୟ ଓ ଶାସନ କାର୍ଯ୍ୟରେ କଟାଇଥିଲେ ।

୨. ଅଭିଷିକ୍ତ ହେବା ମାତ୍ରେ ସେ ରାଜତ୍ୱର ପ୍ରଥମ ବର୍ଷରେ (କଳିଙ୍ଗର ରାଜଧାନୀ) କଳିଙ୍ଗ ନଗରର ପ୍ରବଳ ବାୟୁ-ପ୍ରବାହ ଦ୍ୱାରା ନଷ୍ଟ ହୋଇଥିବା ଗୋପୁର ପ୍ରାକାର ଓ ନିବେଶନ (ପ୍ରାସାଦ) ମାନଙ୍କର ସଂସ୍କାର କରିଥିଲେ । ଗଭୀର ଓ ଶୀତଳ ପୋଖରୀ ଓ ପ୍ରଣାଳୀମାନଙ୍କୁ ବନ୍ଧାଇଥିଲେ । ଉଦ୍ୟାନ ସକଳର ପୁନଃ ନିର୍ମାଣ କରିଥିଲେ । ଏଥିରେ ପଚ୍ଚିଂଶ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା । ସେ ପ୍ରଜାମାନଙ୍କୁ ରଞ୍ଜନ କରିଥିଲେ ବା ନାନା ପ୍ରକାର ସୁଖ ଦେଇଥିଲେ ।

୩. ରାଜତ୍ୱର ଦ୍ୱିତୀୟ ବର୍ଷରେ ହୟ-ଗଜ-ନର ରଥଯୁକ୍ତ ଚତୁରଙ୍ଗ ବଳ (ଦଣ୍ଡ) ପଶ୍ଚିମ ଦିଗକୁ ଚଳାଇ ଅତର୍କିତ ଭାବରେ ସାତକର୍ଣ୍ଣିଙ୍କୁ (ଆନ୍ଧ୍ରରାଜା) ଆକ୍ରମଣ କରିଥିଲେ । କଳିଙ୍ଗରୁ ପରେ ଆସିଥିବା ସେନା ଦ୍ୱାରା ଅସିକ ବା ଅସ୍ମକ ନଗର ଆକ୍ରମଣ କରିଥିଲେ ।

୪. ରାଜତ୍ୱର ତୃତୀୟ ବର୍ଷରେ ଗନ୍ଧର୍ବ ବେଦରେ ବିଶାରଦ (ଶ୍ରୀ ଖାରବେଳ) ଦର୍ପ (ପଶୁଯୁଦ୍ଧ), ନୃତ୍ୟ, ଗୀତ, ବାଦିତ୍ର (ବାଇଦ) ଇତ୍ୟାଦି ଦେଖାଇ ଉତ୍ସବ ଓ ସମାଜ ପ୍ରଭୃତି କରାଇ କଳିଙ୍ଗ ନଗରର ଲୋକମାନଙ୍କ ଆନନ୍ଦ ବିଧାନ କରିଥିଲେ ।

୫. ରାଜତ୍ୱର ଚତୁର୍ଥ ବର୍ଷରେ ବିଦ୍ୟାଧର ବାସସ୍ଥାନ ଅରହତପୁରକୁ କଳିଙ୍ଗର ପୂର୍ବ ରାଜାମାନଙ୍କର ଧର୍ମ, ନୀତି ଓ ଧର୍ମକୂଟ ଦ୍ୱାରା ଶାସନ କରିଥିଲେ । ଯୁଦ୍ଧରେ ଭୀତତ୍ରସ୍ତ ହୋଇଥିବା (ପରାସ୍ତ ହୋଇଥିବା) ରାଷ୍ଟ୍ରିକ ଓ ଭୋଜକମାନଙ୍କ ଛତ୍ର ଓ ଭୃଙ୍ଗାର (ସ୍ୱର୍ଣ୍ଣପାତ୍ର) ସମୂହ ନିକ୍ଷିପ୍ତ ହୋଇଥିଲା ଓ ସେମାନଙ୍କର ସମସ୍ତ ଧନରତ୍ନ ଅପହୃତ ହୋଇଥିଲା । ସେମାନେ ଶ୍ରୀ ଖାରବେଳଙ୍କ ପାଦବନ୍ଦନା କରିଥିଲେ ।

୬. ରାଜତ୍ୱର ପମ ବର୍ଷରେ 'ନନ୍ଦରାଜା'ଙ୍କ ଦ୍ୱାରା ୩୦୦ ବର୍ଷ ବା ୧୦୩ ବର୍ଷ ପୂର୍ବେ ଖୋଦିତ ହୋଇଥିବା ପ୍ରଣାଳୀକୁ ତଉଶୂଳୀ ବାଟରେ ନଗର ଭିତରକୁ ଅଣାଇଥିଲେ । ଏଥିରେ ଏକ ଲକ୍ଷ ମୁଦ୍ରା ବ୍ୟୟିତ ହୋଇଥିଲା ।

୭. ରାଜତ୍ୱର ଷଷ୍ଠ ବର୍ଷରେ ନିଜର ବିପୁଳ ଐଶ୍ୱର୍ଯ୍ୟ ଦେଖାଇବା ପାଇଁ କର (ଖଜଣା), ପଣ (ମାହାସୁଲ) ପ୍ରଭୃତି ରାଜସ୍ୱ ଛାଡି ଦେଇଥିଲେ ଏବଂ ନଗର ଓ ଗ୍ରାମର ଲୋକମାନଙ୍କୁ ନାନା ପ୍ରକାର ଅନୁଗ୍ରହ ଦେଖାଇଥିଲେ ।

୮. ସପ୍ତମ ବର୍ଷରେ ସହସ୍ର ସହସ୍ର ମୁଦ୍ରା ବ୍ୟୟ କରି ଅସି, ଛତ୍ର, ଧ୍ୱଜ, ରଥ, ରକ୍ଷୀ, ତୁରଙ୍ଗ, ଘଟ ପ୍ରଭୃତି ପ୍ରଦର୍ଶନ ଦ୍ୱାରା ସମାଜ ଓ ମଙ୍ଗଳ ବା ବିଜୟ ଉତ୍ସବ ଇତ୍ୟାଦି କରିଥିଲେ ।

୯. ଅଷ୍ଟମ ବର୍ଷରେ ବିପୁଳ ବାହିନୀ ସଙ୍ଗରେ ନେଇ ମଥୁରା ଯାଇଥିଲେ । ସେଠାରୁ ଯୁଦ୍ଧଯାତ୍ରା କରି ଗୋରଖଗିରିର ରାଜାଙ୍କୁ ପରାସ୍ତ କରି ମଗଧର ରାଜଧାନୀ ରାଜଗୃହକୁ ଅବରୋଧ୍ କରିଥିଲେ । ଶତ୍ରୁ ସୈନ୍ୟମାନଙ୍କର ପ୍ରତିରୋଧ୍ ଜନିତ କ୍ଳାନ୍ତି ଓ ଅବସାଦ ଦୂର କରିବା ପାଇଁ ସେ ନିଜ ସୈନ୍ୟମାନଙ୍କୁ ପୁଣି ମଥୁରା ନେଇଯାଇଥିଲେ । ସେଠାରେ ଉପଗତ ହୋଇ ସେ (ଶ୍ରୀ ଖାରବେଳ) ସମସ୍ତ ଗୃହବାସୀ, ଗୃହପତି, ବ୍ରାହ୍ମଣ, ଶ୍ରମଣମାନଙ୍କୁ ପାନ ଭୋଜନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ହୟ, ଗଜ, ନର, ରଥ ବେଷ୍ଟିତ ପଲ୍ଲବଭାର କଳ୍ପବୃକ୍ଷ ସହିତ ସେ କଳିଙ୍ଗକୁ ଫେରି ଆସିଥିଲେ । (ପଲ୍ଲବଭାର କଳ୍ପବୃକ୍ଷ ଦ୍ୱାରା ତାଙ୍କର ବିଜୟ ସୂଚିତ ହୁଏ ।) ଏଠାରେ ପହ୍ ସେ ଶତ ସହସ୍ର ମୁଦ୍ରା ବ୍ୟୟ କରି ଗୃହବାସୀ ରାଜଭୃତ୍ୟ, ଗୃହପତି, ବ୍ରାହ୍ମଣ, ଅର୍ହତ ଓ ଶ୍ରମଣମାନଙ୍କୁ ପାନ ଭୋଜନରେ ସନ୍ତୁଷ୍ଟ କରିଥିଲେ ।

୧୦. ନବମ ବର୍ଷରେ ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟ କରି ସେ ବୈଦୁର୍ଯ୍ୟଖଚିତ 'ମହାବିଜୟ ପ୍ରାସାଦ' ନାମକ କଳିଙ୍ଗ ରାଜନିବାସ ନିର୍ମାଣ କରିଥିଲେ ।

୧୧. ଦଶମ ବର୍ଷରେ କଳିଙ୍ଗ ରାଜବଂଶର 'ତୃତୀୟ ଯୁଗସର୍ଗ'ର ଅବସାନ ହୁଅନ୍ତେ ସେ ବହୁସଂଖ୍ୟକ ମୁଦ୍ରା ବ୍ୟୟ କରି କଳିଙ୍ଗର ପୂର୍ବ ରାଜାମାନଙ୍କର ଯଶଃ ସଂସ୍କାର କରିଥିଲେ ।

୧୨. ଏକାଦଶ ବର୍ଷରେ ମଣିରତ୍ନ ବିମଣ୍ଡିତ ପଟୁଆରରେ ବହିର୍ଗତ ହୋଇଥିଲେ । କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ସ୍ଥାପିତ ବହୁ ଉଦକପୂର୍ଣ୍ଣ ଖାତ ଓ ଘନକୁଶାଚ୍ଛାଦିତ ନଗରକୁ ପରିଷ୍କାର କରି 'ଜୀନପଦ ଭବନ' ବାହାର କରିଥିଲେ । ଏକଶତ ତେରବର୍ଷ କାଳ ପରିତ୍ୟକ୍ତ ହୋଇଥିବାରୁ ସେଠାରେ ଅନେକ ଦହ ସୃଷ୍ଟି ହୋଇଥିଲା ସେଗୁଡିକ ମଧ୍ୟ ପରିଷ୍କାର କରାଇଥିଲେ ।

୧୩. ଦ୍ୱାଦଶ ବର୍ଷରେ ଅସଂଖ୍ୟ ମୁଦ୍ରା ବ୍ୟୟ (କୌଣସି ଏକ ଅନୁଷ୍ଠାନରେ) କରିଥିଲେ । ଉତ୍ରାପଥ ରାଜାମାନଙ୍କର ଭୟ ଉତ୍ପାଦନ କରିଥିଲେ । ମଗଧ୍ବାସୀଙ୍କ ମଧ୍ୟରେ ବିପୁଳ ଭୟ ଜାତ କରାଇ ହସ୍ତୀ ଓ ଅଶ୍ୱମାନଙ୍କୁ ଗଙ୍ଗାଜଳ ପିଆଇଥିଲେ ଅର୍ଥାତ୍ ମଗଧ୍ ଆକ୍ରମଣ କରି ସୈନ୍ୟମାନଙ୍କୁ ଗଙ୍ଗା କୂଳରେ ରଖାଇଥିଲେ । ମଗଧ୍ରାଜ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରିଥିଲେ । ବହୁବର୍ଷ ପୂର୍ବେ କଳିଙ୍ଗରୁ ନନ୍ଦରାଜାଙ୍କ ଦ୍ୱାରା ନୀତ 'କଳିଙ୍ଗ ଜିନାସନ'କୁ ଅଙ୍ଗ ମଗଧ୍ ଦେଶରୁ ବିଜୟର ସ୍ମାରକ ସ୍ୱରୂପ ଅସଂଖ୍ୟ ଅଶ୍ୱ-ଗଜ-ରଥାରୋହୀ ସୈନ୍ୟବାହିନୀଙ୍କ ପଟୁଆର ମଧ୍ୟରେ କଳିଙ୍ଗକୁ ଘେନି ଆସିଥିଲେ । ଅଙ୍ଗ ଓ ମଗଧ୍ର ଲୋକମାନଙ୍କୁ ପଦଦଳିତ କରିଥିଲେ । ରାଜ୍ୟରେ ରାସ୍ତା, ଚତ୍ୱର, ପରିଖା, ଗୋପୁର, ଶିଖର ବା ମନ୍ଦିର ପ୍ରଭୃତି ନିର୍ମାଣ କରିଥିଲେ । ଶତ ବାସୁକି ତାଙ୍କ ନିକଟକୁ ମଣିମୁକ୍ତାଦି ମୂଲ୍ୟବାନ ରତ୍ନ ଏବଂ ଦୁର୍ଲଭ ବିସ୍ମୟୋତ୍ପାଦକ ହସ୍ତୀ, ଅଶ୍ୱ, କୃଷ୍ଣସାର ପ୍ରଭୃତି ନାନାବିଧ୍ ଜନ୍ତୁ ଉପଢୌକନ ସ୍ୱରୂପ ପଠାଇଥିଲେ । ପାଣ୍ଡ୍ୟରାଜ କଳିଙ୍ଗ ନଗରର ସୌନ୍ଦର୍ଯ୍ୟ ବୃଦ୍ଧି ନିମିତ୍ ନାନାବିଧ୍ ଅଭରଣ ମଣିମୁକ୍ତାଦି ରତ୍ନମାନ ଉପହାର ଦେଇଥିଲେ । ଅନେକ... ଦମନ କରିଥିଲେ ।

୧୪. ରାଜତ୍ୱର ତ୍ରୟୋଦଶ ବର୍ଷରେ ସୁପ୍ରବର୍ତ୍ତ-ବିଜୟ-ଚକ୍ର ବା ବିଜୟ ରାଜ୍ୟରେ ଅବସ୍ଥିତ କୁମାର ପର୍ବତ ବା ଉଦୟଗିରିରେ ଶ୍ରୀ ଖାରବେଳ ଓ ତାଙ୍କର ମହିଷୀ, ପୁତ୍ର, ଭ୍ରାତା, ବନ୍ଧୁ ଓ ରାଜଭୃତ୍ୟମାନେ ଅର୍ହତ ବା ଜୈନ ଶ୍ରମଣଙ୍କର ନିବାସ ନିମିତ୍ ୧୧୭ଟି ଗୁମ୍ଫା ଖୋଳାଇଥିଲେ ।

୧୫. ଚତୁର୍ଦ୍ଦଶ ବର୍ଷରେ ରାଜା ଶ୍ରୀ ଖାରବେଳ ଲବ୍ଧପ୍ରତିଷ୍ଠ ଶ୍ରମଣ ଓ ଶତଦିଗାଗତ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ଯତି, ତାପସ ଓ ଋଷିମାନଙ୍କ ନିମିତ୍ ଗୋଟିଏ ବିଶାଳ ଗୁମ୍ଫା ଖୋଳାଇଥିଲେ । ଏହି ଗୁମ୍ଫାଟି ପାହାଡର କ୍ରମନିମ୍ନ ପ୍ରଦେଶରେ ଅର୍ହତମାନଙ୍କ ବାସସ୍ଥାନ ବା ସମାଧିସ୍ଥଳ (କାୟନିଷୀଦି) ନିକଟରେ ଖୋଦିତ ହୋଇଥିଲା । ଏଥିରେ ବା ଏହା ନିକଟର ଚତୁର୍ଦ୍ଦିଗରେ ଥିବା ଶ୍ରେଷ୍ଠ ଖଣିମାନଙ୍କରୁ ଖୋଦିତ ଲକ୍ଷ ଲକ୍ଷ ପଥର ଦ୍ୱାରା ଶିଳାସ୍ତମ୍ଭ ଓ ଚୈତ୍ୟ ସମୁହ ନିର୍ମାଣ କରିଥିଲେ । ନାନା ଭରଣମଣ୍ଡିତ ତଳ ଓ ଛାତ ଥିବା ଏକ ବିଶାଳ ଗୃହରେ ୭୫ ଲକ୍ଷ ମୁଦ୍ରା ବ୍ୟୟ କରି ବୈଦୁର୍ଯ୍ୟାଚ୍ଛାଦିତ ସ୍ତମ୍ଭମାନ ସ୍ଥାପନ କରିଥିଲେ । ଏକାନ୍ତର ଭାବରେ ବୈଦୁର୍ଯ୍ୟ ଓ ନୀଳ ଖଚିତ ଅର୍ଦ୍ଧଶତ ଚୈତ୍ୟଯଷ୍ଟି ବା ଛତ୍ରଯଷ୍ଟି ସ୍ଥାପନ କରିଥିଲେ ।

୧୬. ସେ (ଶ୍ରୀ ଖାରବେଳ) କ୍ଷେମରାଜ (ମଙ୍ଗଳକାରକ), ବର୍ଦ୍ଧରାଜ (ଦାନଶୀଳ), ଇନ୍ଦ୍ରରାଜ (ପରାକ୍ରମଶାଳୀ), ଧର୍ମରାଜ (ନ୍ୟାୟ ଓ ସତ୍ୟପାଳକ), ନିଜର ଦୃଷ୍ଟି, ଶ୍ରୁତି ଓ ଅନୁଭବ ସାହାଯ୍ୟରେ (ପ୍ରଜାମାନଙ୍କ) ବିବିଧ କଲ୍ୟାଣ ସର୍ବଦା କରିବାକୁ ଚେଷ୍ଟା କରୁଛନ୍ତି । ଶ୍ରୀ ଖାରବେଳ ନାନାବିଧ ଗୁଣରେ ଭୂଷିତ ଅଟନ୍ତି । ସେ ସକଳ ଧର୍ମାବଲମ୍ବୀମାନଙ୍କର ପୂଜକ ଓ ଆଶ୍ରୟଦାତା; ସେ ଦେବମନ୍ଦିର ମାନଙ୍କର ସଂସ୍କାରକାରକ ଅଟନ୍ତି । ସେ ଅପ୍ରତିହତ ଚକ୍ରବାହନ ବଳ ଚକ୍ରଧର ଶୁକଚକ୍ର, ପ୍ରବର୍ତ୍ତଚକ୍ର, ରାଜର୍ଷି ବଂଶକୁଳ ବିନିସୃତ ମହାବିଜୟୀ ଅଟନ୍ତି ।

***(କେଦାରନାଥ ମହାପାତ୍ରଙ୍କ ଶ୍ରୀ ଖାରବେଳ ପୁସ୍ତକରୁ ଗୃହୀତ)***

# ହାତୀଗୁମ୍ଫା ଶିଳାଲେଖ

*ଡକ୍ଟର ନବୀନ କୁମାର ସାହୁ*

**୧ମ ଓ ୨ୟ ଧାଡ଼ି** : ଆର୍ହତମାନଙ୍କୁ ନମସ୍କାର । ସମସ୍ତ ସିଦ୍ଧଙ୍କୁ ନମସ୍କାର । ଆର୍ଯ୍ୟ ମହାମେଘବାହନ ଶ୍ରୀ ଖାରବେଳ, ଯେ ଚେଦି ରାଜବଂଶର ଗୌରବବର୍ଦ୍ଧକ, ସକଳ ଶୁଭ୍ର ଲକ୍ଷଣର ଆଧାର ସ୍ୱରୂପ ଓ ଯାହାଙ୍କର ଗୁଣରାଶି ଚତୁର୍ଦ୍ଦିଗରେ ଅବଲୁଣ୍ଠିତ ସେହି ସୁନ୍ଦର ପିଙ୍ଗଳବର୍ଣ୍ଣ ବିପୁବିଶିଷ୍ଟ କଳିଙ୍ଗାଧିପତି ପନ୍ଦର ବର୍ଷ ପର୍ଯ୍ୟନ୍ତ କୁମାର ସୁଲଭ କ୍ରୀଡାମାନ ଖେଳିଥିଲେ ।

**୨ୟ ଓ ୩ୟ ଧାଡ଼ି** : ତାହାପରେ ଲେଖ, ରୂପ, ଗଣନା, ବ୍ୟବହାର ଓ ବିଧି ଆଦି ବିଷୟ ଆୟତ୍ କରି ସେ ସବବିଦ୍ୟାରେ ପାରଙ୍ଗମ ହୋଇଥିଲେ ଏବଂ ନଅବର୍ଷ କାଳ ଯୁବରାଜ ରୂପେ ରାଜ୍ୟ ଶାସନ କରିଥିଲେ । ଚତୁର୍ବିଂଶତି ବର୍ଷ ବୟସ ପୂର୍ଣ୍ଣ ହେବା ପରେ ସେ କଳିଙ୍ଗ ରାଜବଂଶର ତୃତୀୟ ପୁରୁଷରେ ବୈଶ୍ୟଙ୍କ (ବେଣଙ୍କ ପୁତ୍ର ବୈଶ୍ୟ ଅନ୍ୟନାମ ପୃଥୁ) ତୁଲ୍ୟ ଗୌରବର ସହିତ ମହାରାଜ ରୂପେ ଅଭିଷିକ୍ତ ହୋଇଥିଲେ ।

**୩ୟ ଓ ୪ର୍ଥ ଧାଡ଼ି** : ଅଭିଷେକର ପ୍ରଥମ ବର୍ଷରେ ସେ ବାତବିଧ୍ୱସ୍ତ କଳିଙ୍ଗ ନଗରୀର ଦୁର୍ଗପ୍ରାକାର, ଗୋପୁର ଓ ଅଟ୍ଟାଳିକାଗୁଡ଼ିକର ସଂସ୍କାର ସାଧନ କରିଥିଲେ ଓ ତହିଁ ସଙ୍ଗେ ଶୀତଳ ପୁଷ୍କରିଣୀଗୁଡ଼ିକର ପାବଚ୍ଛଶ୍ରେଣୀ ନିର୍ମାଣ କରି ଉଦ୍ୟାନଗୁଡ଼ିକୁ ପୁଣିଥରେ ସଜାଇଥିଲେ । ସେହିସବୁ କାର୍ଯ୍ୟରେ ପଞ୍ଚତ୍ରିଶତ ଲକ୍ଷ ମୁଦ୍ରା ବ୍ୟୟ କରି ସେ ପ୍ରଜାବର୍ଗଙ୍କୁ ରଞ୍ଜନ କରିଥିଲେ ।

**୪ର୍ଥ ଓ ୫ମ ଧାଡ଼ି** : ଦ୍ୱିତୀୟ ବର୍ଷରେ ସେ ସାତକର୍ଣ୍ଣିଙ୍କୁ ଖାତିର ନକରି ଅଶ୍ୱ, ଗଜ, ନର, ରଥ ସହ ବିଶାଳ ସେନା ପଶ୍ଚିମ ଦିଗକୁ ପ୍ରେରଣ କରିଥିଲେ । ସେହି ସେନାଦଳ କୃଷ୍ଣାବେଣୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଆସିକ ନଗରରେ ଭୀତିସାର କରିଥିଲେ । ପୁଣି ତୃତୀୟ ବର୍ଷରେ ସେ ଗାନ୍ଧର୍ବ ବିଦ୍ୟାପ୍ରବୀଣ ବ୍ୟକ୍ତିଙ୍କ ସାହାଯ୍ୟରେ ଦର୍ପ, ନୃତ୍ୟ, ଗୀତ, ବାଦ୍ୟ ସହ ବିବିଧ ସନ୍ଦର୍ଶନର ଅୟୋଜନ ପୂର୍ବକ ଉତ୍ସବ ଓ ସମାଜମାନ କରାଇଥିଲେ । ତଦ୍ୱାରା କଳିଙ୍ଗ ନଗରୀ କ୍ରୀଡାରେ ମାତି ଉଠିଲା ପରି ଜଣାପଡୁଥିଲା ।

**୫ମ ଓ ୬ଷ୍ଠ ଧାଡ଼ି** : ଚତୁର୍ଥ ବର୍ଷରେ କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ସଂଗଠିତ ଅଜେୟ ବିଦ୍ୟାଧର ରାଜ୍ୟ... ରାଷ୍ଟ୍ରିକ ଓ ଭୋଜକ ରାଜ୍ୟର ଶାସକମାନେ ଭଗ୍ନମୁକୁଟ ହୋଇ, ରାଜଛତ୍ର ଓ ଲାଞ୍ଛନ ଫିଙ୍ଗି, ମଣି, ରତ୍ନ, ସମ୍ପଦ ସମର୍ପଣ ପୂର୍ବକ ତାଙ୍କର ପାଦ ବନ୍ଦନା କରିଥିଲେ ।

**୬ଷ୍ଠ ଓ ୭ମ ଧାଡ଼ି** : ରାଜତ୍ୱର ୫ମ ବର୍ଷରେ ସେ ନନ୍ଦରାଜ ତିନିଶତ ବର୍ଷ ତଳେ ଖୋଳାଇଥିବା ପ୍ରଣାଳୀକୁ ତନସୁଳୀ ବାଟ ଦେଇ (କଳିଙ୍ଗ) ନଗରୀ ପର୍ଯ୍ୟନ୍ତ ବିସ୍ତୃତ କରାଇଥିଲେ । ଅଭିଷେକର ଷଷ୍ଠ ବର୍ଷରେ ସେ ରାଜ ଐଶ୍ୱର୍ଯ୍ୟ ପ୍ରଦର୍ଶନ ପୂର୍ବକ ପୌର ଓ ଜାନପଦ ସର୍ବତ୍ର ବହୁ ଲକ୍ଷ ମୁଦ୍ରାର କର ଏବଂ ଅନୁଗ୍ରହ ଛାଡ଼ କରାଇ ଦେଇଥିଲେ । ରାଜତ୍ୱର ସପ୍ତମ ବର୍ଷରେ ବଜିର ଘର (ରାଣୀ) ମାତୃତ୍ୱଲାଭ କରିଥିଲେ ।

**୭ମ ଓ ୮ମ ଧାଡ଼ି** : ଅଷ୍ଟମ ବର୍ଷରେ ବିଶାଳା ସେନା ଘେନି ସେ ସୁଦୃଢ଼ (ଦୁର୍ଗ) ଗୋରଥଗିରି ଧ୍ୱଂସ କରିଥିଲେ ଏବଂ ରାଜ ଗୃହବାସୀଙ୍କୁ (ମଗଧର ପ୍ରାଚୀନ ରାଜଧାନୀ) ନିର୍ଯାତନା ଦେଇଥିଲେ । ସେହି କାର୍ଯ୍ୟକଳାପର ସମ୍ବାଦ ପାଇ ଯବନରାଜ..... ମଥୁରାରେ ଅବସ୍ଥାପିତ ସେନାଦଳର ରକ୍ଷା ନିମନ୍ତେ ପଳାୟନ କରିଥିଲେ ।

**୮ମ ଓ ୯ମ ଧାଡ଼ି** : ଯତି (ଖାରବେଳ) ପଲ୍ଲବଭାର କଳ୍ପବୃକ୍ଷକୁ ହୟ, ଗଜ, ରଥ ସହ... ପ୍ରତ୍ୟେକ ଗୃହ ଓ ଆବାସରେ.... ବିଜୟଲବ୍ଧ ଧନ ଯେ ସମସ୍ତଙ୍କର ଗ୍ରହଣୀୟ ତାହା ପ୍ରତିପାଦନ କରିବା ନିମନ୍ତେ ବ୍ରାହ୍ମଣମାନଙ୍କୁ ପ୍ରଦାନ

କରିଥିଲେ ।

**୯ମ ଓ ୧୦ ଧାଡି** : ନବମ ବର୍ଷରେ ସେ ଅଷ୍ଟତ୍ରିଂଶତ ଲକ୍ଷ ମୁଦ୍ରା ବ୍ୟୟରେ ମହାବିଜୟ ପ୍ରାସାଦ ନାମକ ରାଜନିବାସ ନିର୍ମାଣ କରିଥିଲେ । ଦଶମ ବର୍ଷରେ ଦଣ୍ଡସନ୍ଧି ସାମମୟ (ଖାରବେଳ) ଭାରତବର୍ଷ ଅଭିମୁଖରେ ସୈନ୍ୟପ୍ରେରଣ କରି (କେତେକ) ରାଜ୍ୟ ଜୟ କରିଥିଲେ ।

**୧୦ମ ଓ ୧୧ଶ ଧାଡି** : ଏବଂ ଏକାଦଶ ବର୍ଷରେ ପଳାୟମାନ ଶତ୍ରୁଙ୍କଠାରୁ ବହୁ ମଣିରତ୍ନ ଲାଭ କରିଥିଲେ । ସେ କଳିଙ୍ଗର ପୂର୍ବ ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ପିଥୁଡକୁ ଗଧଯୋଚା ଲଙ୍ଗଳରେ କର୍ଷଣ କରିଥିଲେ । ଆହୁରି ମଧ୍ୟ ତେର ଶହ ବର୍ଷ ଧରି ସଂଗଠିତ ତାମିଲ ରାଷ୍ଟ୍ରସଂଘକୁ ସେ ଭାଙ୍ଗି ଦେଇଥିଲେ ।

**୧୧ଶ ଓ ୧୨ଶ ଧାଡି** : ଦ୍ୱାଦଶ ବର୍ଷରେ ସେ ଏକ ଲକ୍ଷ ସୈନ୍ୟ ଘେନି ଉତରାପଥର ରାଜାମାନଙ୍କୁ ସଂତ୍ରସ୍ତ କରିଥିଲେ । ସେ ହସ୍ତୀମାନଙ୍କୁ ଗଙ୍ଗାନଦୀରେ ଜଳପାନ କରାଇବା କାଳରେ ମଗଧବାସୀଙ୍କ ମନରେ ବିପୁଳ ଭୟ ଜନ୍ମାଇଥିଲେ ଏବଂ ମଗଧରାଜ ବୃହସ୍ପତି ମିତ୍ର ତାଙ୍କର ପଦବନ୍ଦନା କରିଥିଲେ । ତାହାପରେ ସେ ନନ୍ଦରାଜ ନେଇଥିବା କାଳିଙ୍ଗଜିନ ସହିତ ଅଙ୍ଗ ଓ ମଗଧ୍ ରାଜ୍ୟର ବହୁ ସମ୍ପଦ ଘେନି ଆସିଥିଲେ । ମାତ୍ର ରାଜପ୍ରାସାଦର ମଣିରତ୍ନ ପରିହାର କରିଥିଲେ (ଆଣିନଥିଲେ) ।

**୧୩ଶ ଓ ୧୪ଶ ଧାଡି** : ସେ ଏକ ଶତ ବିଶିକ ବ୍ୟୟରେ ସୁଦୃଢ଼ ତଥା ସୁନ୍ଦର ଗୋପୁର ଓ ଶିଖରମାନ ନିର୍ମାଣ କରାଇଥିଲେ । ଅଦ୍ଭୁତ ଓ ଆଶ୍ଚର୍ଯ୍ୟ ଧରଣର ହସ୍ତୀ ଓ ନାବ ହରାଇ ସେ ଅନେକ ଅଶ୍ୱ, ହସ୍ତୀ, ମଣି, ମାଣିକ୍ୟ ଲାଭ କରିଥିଲେ । ପାଣ୍ଡ୍ୟ ରାଜା ଲକ୍ଷମୁଦ୍ରା ମୂଲ୍ୟର ଅନେକ ମୁକ୍ତା ଓ ମଣିରତ୍ନ ଏଠାକୁ (କଳିଙ୍ଗ ନଗରୀକୁ) ଉପହାର ଦେବା ନିମନ୍ତେ ଆଣିଥିଲେ ।

**୧୪ଶ ଧାଡି ଓ ୧୫ଶ ଧାଡି** : ସେ... ଅଧିବାସୀମାନଙ୍କୁ ବଶୀଭୂତ କରିଥିଲେ । ତ୍ରୟୋଦଶ ବର୍ଷରେ ରାଜବୃତିଭୋଗୀ, ଝିନବାସଧାରୀ, ବର୍ଷାବାସୀ ଅର୍ହତଙ୍କର ପୂଜକ ଉପାସକ ଶ୍ରୀ ଖାରବେଳ ବିଜୟ ଚକ୍ର ସୁପ୍ରବର୍ତ୍ତିତ ହୋଇଥିବା କୁମାରୀ ପର୍ବତ ଗାତ୍ରରେ ସର୍ବତ୍ୟାଗୀ ଜପୋଦ୍ୟାପକ ଅର୍ହତମାନଙ୍କର ଶରୀର ବିଶ୍ରାମ ନିମନ୍ତେ ଜୀବଦେଶ ଆଶ୍ରୟସ୍ଥଳୀ (ଗୁମ୍ଫା) ମାନ ଖୋଳାଇଥିଲେ ।

**୧୫ଶ ଧାଡି ଓ ୧୬ଶ ଧାଡି** : ସିଂହପଥ ରାଣୀଙ୍କ (ଅନୁରୋଧରେ) ସମ୍ମାନାସ୍ପଦ ଅର୍ହତମାନଙ୍କ ସୁବିଧା ପାଇଁ ଏବଂ ସର୍ବ ଦିଗରୁ ଆସୁଥିବା ଯତି, ତାପସ, ଋଷି ଓ ସଂଘାୟନଙ୍କ ନିମନ୍ତେ ସେ ବହୁ ଯୋଜନ ଦୂରରୁ ଆନୀତ ପଚ୍ଚିଂଶତ ଲକ୍ଷ୍ୟ ଶିଳାଖଣ୍ଡ ଦ୍ୱାରା ଅର୍ହତଙ୍କର ଆଶ୍ରୟସ୍ଥଳୀ ସମୀପରେ ତଥା ସମ୍ମୁଖ ଭାଗରେ ସୁନ୍ଦର ହର୍ମ୍ୟ ନିର୍ମାଣ କରାଇଥିଲେ ଏବଂ ତହିଁର ପାଟଳବର୍ଣ୍ଣର ଚଟାଣ ଉପରେ ବୈଦୁର୍ଯ୍ୟଖଚିତ ସ୍ତମ୍ଭମାନ ଗଢ଼ି ଏକଶତ ପାଲକ୍ଷ ମୁଦ୍ରା ବ୍ୟୟ କରିଥିଲେ । ସେ ମୌର୍ଯ୍ୟ ଶାସନ କାଳରେ ବ୍ୟବଚ୍ଛିନ୍ନ ହୋଇଥିବା ଚଉଷଠି କଳାଯୁକ୍ତ ତୌର୍ଯ୍ୟତ୍ରିକର ଉନ୍ନୟନ କରାଇଥିଲେ ।

**୧୬ଶ ଓ ୧୭ଶ ଧାଡି** : ଏହି ରୂପେ ରାଜ୍ୟ ଶାସନ କରି ସେହି କ୍ଷେମରାଜ, ବୃଦ୍ଧିରାଜ, ଭିକ୍ଷୁରାଜ, ଧର୍ମରାଜ, ରାଜର୍ଷିବସୁଙ୍କ ଦାୟାଦ, ମହାବିଜୟୀ ଶ୍ରୀ ଖାରବେଳ, ଯେ ବିଶେଷ ଗୁଣର ଆଧାର, ସର୍ବଧର୍ମର ପୂଜକ, ସର୍ବଦେବାୟତନ ସଂସ୍କାରକ, ଅପ୍ରତିହତ ସେନାବଳର ଅଧିକାରୀ ଏବଂ ତତ୍‌ସହ ଯେ ଶାସନ ଚକ୍ରଧାରକ, ନୀୟମ ଶୃଙ୍ଖଳାରକ୍ଷକ ଓ ନୀତିନିୟମ ପ୍ରବର୍ତ୍ତକ, ସେ ସର୍ବ ବିଷୟ ଦେଖି, ଶୁଣି ଏବଂ ଅନୁଭବ କରି ବହୁ କଲ୍ୟାଣମୟ କାର୍ଯ୍ୟ ସମ୍ପାଦନ କରନ୍ତି ।

**(ଡଃ. ନବୀନ କୁମାର ସାହୁଙ୍କ 'ଓଡିଆ ଜାତିର ଇତିହାସ' ପୁସ୍ତକରୁ ଗୃହୀତ)**

# ଖାରବେଳଙ୍କ ବଂଶ ପରିଚୟ

*ଡକ୍ଟର ଯଜ୍ଞ କୁମାର ସାହୁ*

ଖାରବେଳ ଓ ହାତୀଗୁମ୍ଫା ଅଭିଲେଖ ସମ୍ପର୍କରେ ଅନେକ ଗବେଷଣା ହୋଇସାରିଥିଲେ ମଧ୍ୟ ଆନ୍ତରିକ ଅନୁଧ୍ୟାନରୁ ଜଣାଯାଏ ଯେ କେତେକ ତଥ୍ୟ ଉପରେ ଏ ପର୍ଯ୍ୟନ୍ତ ଆଲୋକପାତ କରାଯାଇପାରି ନାହିଁ ଏବଂ କେତେକ ତଥ୍ୟର ଭ୍ରାନ୍ତିମୂଳକ ବ୍ୟାଖ୍ୟା ପରିବେଷିତ ହୋଇଅଛି । ଏହାର ଏକ ଉଦାହରଣ ସ୍ୱରୂପ ଖାରବେଳଙ୍କ ବଂଶ ସମ୍ପର୍କରେ ଐତିହାସିକମାନଙ୍କ ମତ ହେଲା ଯେ, ସେ ଥିଲେ ଚେଦିବଂଶର ସମ୍ରାଟ, ତାଙ୍କର ପିତାମହଙ୍କ ନାମ ଥିଲା ମହାମେଘବାହନ, ପିତାଙ୍କର ନାମ ଅଭିଲେଖରେ ଉଲ୍ଲେଖ ନାହିଁ, ତାଙ୍କର ବଂଶ କଳିଙ୍ଗ ରାଜବଂଶ ନାମରେ ମଧ୍ୟ ଅଭିହିତ ଥିଲା ଏବଂ ସେ ଥିଲେ ଚେଦି ରାଜା ବସୁଙ୍କର ବଂଶଧର । ଏହି ମତ ଉପରେ ଏକ ଆଲୋଚନା ନିମ୍ନରେ ପ୍ରଦତ୍ ହେଲା ।

ହାତୀଗୁମ୍ଫା ଅଭିଲେଖର ପ୍ରଥମ ଧାଡ଼ିରେ ଖାରବେଳଙ୍କୁ ଐର ମହାରାଜ ମହାମେଘବାହନ ଓ ଚେତରାଜ ବଂଶର ବର୍ଦ୍ଧନ ବୋଲି ବର୍ଣ୍ଣନା କରାଯାଇଅଛି । ଦ୍ୱିତୀୟ- ତୃତୀୟ ଧାଡ଼ିରେ ଉଲ୍ଲେଖ ଅଛି ଯେ ସେ କଳିଙ୍ଗ ରାଜବଂଶର ତୃତୀୟ ପୁରୁଷରେ ସିଂହାସନ ଅଳଂକୃତ କରିଥିଲେ । ସପ୍ତଦଶ ଧାଡ଼ି ଅନୁସାରେ ସେ ବସୁକୁଳ ସମ୍ଭୂତ (ବସୁକୁଳ ବିନିସିତୋ) ଥିଲେ । ଏହା ହେଲା ଅଭିଲେଖ ଅନୁସାରେ ଖାରବେଳଙ୍କ ବଂଶ ପରିଚୟ ।

୧୮୩୭ ଖ୍ରୀଷ୍ଟାବ୍ଦରେ ଜେମ୍ସ ପ୍ରିନ୍‌ସେସ୍ ସର୍ବପ୍ରଥମେ ହାତୀଗୁମ୍ଫା ଅଭିଲେଖ ପାଠ କରିଥିଲେ । ମାତ୍ର ସେ ଏହି ଅଭିଲେଖରୁ 'ଖାରବେଳ' ନାମ ଧରିପାରିଲେ ନାହିଁ ଏବଂ ମନେ କଲେ ଯେ ପ୍ରଥମ ଧାଡ଼ିର 'ଐର' ଶବ୍ଦ ହିଁ ସେହି ଦିଗ୍‌ବିଜୟୀ ରାଜାଙ୍କର ନାମ ଅଟେ । ଏହାପରେ ପ୍ରାୟ ପଚାଶ ବର୍ଷ ପର୍ଯ୍ୟନ୍ତ ପଣ୍ଡିତମାନଙ୍କର ଧାରଣା ଥିଲା ଯେ ହାତୀଗୁମ୍ଫାରେ ବର୍ଣ୍ଣିତ କୀର୍ତ୍ତି ଐର ନାମକ ରାଜାଙ୍କର ଅଟେ । ୧୮୭୯ରେ ପ୍ରକାଶିତ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ "ଓଡିଶାର ଇତିହାସ" ପୁସ୍ତକରେ ରାଜା ଐରଙ୍କ କୀର୍ତ୍ତିର ଉଲ୍ଲେଖ ରହିଲା । ପ୍ରାୟ ଏହି ସମୟରେ ରଚିତ 'ବ୍ରହ୍ମାଣ୍ଡ ପୁରାଣ'ର ସାତଗୋଟି ଶ୍ଳୋକରେ ଐର ରାଜାଙ୍କର ଏକ ଚିତ୍ତାକର୍ଷକ ବର୍ଣ୍ଣନା ଏଠାରେ ଉଲ୍ଲେଖ କରାଯାଇପାରେ । ଏଥିରେ ବର୍ଣ୍ଣିତ ଅଛି ଯେ ପ୍ରାଚୀନ କାଳରେ ଉତ୍କଳରେ ଐର ନାମକ ଜଣେ ବୌଦ୍ଧ ରାଜା ଥିଲେ । ବୈଦିକ ଧର୍ମର ପୃଷ୍ଠପୋଷକ ମଗଧର ନନ୍ଦରାଜାଙ୍କୁ ସେ ପରାସ୍ତ କରିଥିଲେ । ବୌଦ୍ଧ ରାଜା ଅଶୋକ ତାଙ୍କର ପରମ ମିତ୍ର ଥିଲେ । ଏକ ଦୈବ-ବାଣୀ କ୍ରମେ ସେ ତାଙ୍କ ରାଜଧାନୀ କୋଶଳ ନଗରରୁ ଏକ ପ୍ରସ୍ତରକୁ ଉଠାଇ ନେଲେ ଏବଂ ଖଣ୍ଡଗିରିଠାରେ ନିଜର ପ୍ରାସାଦ ନିର୍ମାଣ କଲେ । ଏହି ଶ୍ଳୋକଗୁଡିକ ଡକ୍ଟର ଜୟସ୍ୱାଲଙ୍କ ଦ୍ୱାରା JBORS (ତୃତୀୟ ଖଣ୍ଡ, ପୃ : ୪୮୨)ରେ ଏବଂ ଡକ୍ଟର ବରୁଆଙ୍କ Old Brahmin Inscriptions ପୁସ୍ତକ (ପୃ: ୧୮୩)ରେ ପ୍ରକାଶ ପାଇଛି । ଓଡିଆ ଲିପିରେ ବ୍ରହ୍ମାଣ୍ଡ ପୁରାଣ ଇଣ୍ଡିଏନ ମ୍ୟୁଜିଅମ୍, କଲିକତାରେ ସଂରକ୍ଷିତ ଅଛି । ଖାରବେଳଙ୍କ ବଂଶ ସମ୍ପର୍କରେ ସେହି ସମୟରେ କିପରି ଧାରଣା ଥିଲା ଏବଂ ତାହା କ୍ରମେ କିପରି ପରିମାର୍ଜିତ ହୋଇଅଛି ବା ହେଉଅଛି ଏଥିରେ ସେ ବିଷୟ ଉପଲବ୍ଧି କରିହୁଏ ।

ହାତୀଗୁମ୍ଫା ଅଭିଲେଖରେ ଖାରବେଳଙ୍କୁ ମହାମେଘବାହନ ରୂପେ ଅଭିହିତ କରାଯାଇଛି । ତତ୍ ସନ୍ନିକଟ ମପୁରୀ ଗୁମ୍ଫାରେ କୁଦେପଶିରୀଙ୍କର ଏକ ଅଭିଲେଖ ଅଛି, ଯହିଁରେ ସେ ମଧ୍ୟ ଐର ମହାରାଜା ମହାମେଘବାହନ ରୂପେ ବର୍ଣ୍ଣିତ ଅଛନ୍ତି । କୁଦେପଶିରୀ ଖାରବେଳଙ୍କର ଉତ୍ତରାଧିକାରୀ ଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି । ଆନ୍ଧ୍ର ପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲା ଗୁ□ପଲ୍ଲୀଠାରେ 'ମହାମେଘବାହନ ସଦ' ନାମକ ରାଜାଙ୍କର ଅଭିଲେଖ ମିଳିଅଛି । ଏହିସବୁ ଅଭିଲେଖରେ ମହାମେଘବାହନ ନିଶ୍ଚିତ ଭାବରେ ଏକ ରାଜବଂଶର ନାମକୁ ବୁଝାଉଛି, ଯାହା ସମସାମୟିକ ସାତବାହନ ରାଜବଂଶର ଅନୁରୂପ ଅଟେ । ମେଘବାହନର ଅର୍ଥ ଇନ୍ଦ୍ର (ଯାହାଙ୍କର ବାହନ ମେଘ ଅଟେ) ଏବଂ ମହାମେଘବାହନ

– ମହେନ୍ଦ୍ର ଅଟନ୍ତି । ତେଣୁ ଖାରବେଳ, କୁଦେପଶିରୀ, ସଦ ପ୍ରଭୃତି ରାଜା ମହାମେଘବାହନ ବା ଇନ୍ଦ୍ରକୂଳ ସମ୍ଭୂତ ଥିଲେ । ପ୍ରାଚୀନ କାଳରେ ଅନେକ ରାଜବଂଶ ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ଦେବତାଙ୍କଠାରୁ ଜନ୍ମଲାଭ କରିଥିଲେ ବୋଲି ଧାରଣା ପ୍ରଚଳିତ ଥିଲା । ସେହି ପରମ୍ପରାରେ ଖାରବେଳଙ୍କ ବଂଶ ଇନ୍ଦ୍ରବଂଶ ବା ମହାମେଘବାହନ ରୂପେ ଅଭିହିତ ଥିଲା । ମହାମେଘବାହନ ଖାରବେଳଙ୍କ ବଂଶର ନାମ ଥିଲା ବୋଲି ମାନିନେଇ ମଧ୍ୟ ଐତିହାସିକମାନେ ମତଦେଇଥାନ୍ତି ଯେ, ମହାମେଘବାହନ ଥିଲେ ଖାରବେଳଙ୍କର ପିତାମହ ଏବଂ ତାଙ୍କର ନାମାନୁସାରେ ହିଁ ଏହି ବଂଶର ନାମକରଣ ହୋଇଥିଲା । ମାତ୍ର ଖାରବେଳଙ୍କର ପିତାମହଙ୍କ ନାମ ମହାମେଘବାହନ ଥିବା କଥା କୌଣସି ସ୍ଥାନରେ ସୂଚିତ ହୋଇନାହିଁ । ଏହା ଐତିହାସିକମାନଙ୍କର କେବଳ ଅନୁମାନ ଅଟେ ।

ହାତୀଗୁମ୍ଫା ଅଭିଲେଖର ପ୍ରଥମ ଧାଡିରେ ଉଲ୍ଲେଖ ଅଛି ଯେ ଖାରବେଳ ଚେତରାଜଙ୍କର ବଂଶବୃଦ୍ଧି କରିଥିଲେ (ଚେତ ରାଜବଂଶ ବର୍ଦ୍ଧନେନ) । ଅନ୍ୟ କଥାରେ ସେ ଥିଲେ ଚେତରାଜଙ୍କର ପୁତ୍ର । ମାତ୍ର ଐତିହାସିକମାନେ ଏହି ବାକ୍ୟାଂଶକୁ ଚେତ ବା ଚେଦି ରାଜବଂଶ ରୂପେ ବ୍ୟାଖା କରି ଖାରବେଳ ଚେଦି ରାଜବଂଶର ଗୌରବ ବୃଦ୍ଧି କରିଥିଲେ ବୋଲି ଅନୁବାଦ କରିଥାନ୍ତି (Dr. Sahu- U.U. Hist. of Orissa 1, P : 405) ମାତ୍ର ଅଭିଲେଖରେ ବଂଶବୃଦ୍ଧିର ଉଲ୍ଲେଖ ଅଛି, ଗୌରବ ବୃଦ୍ଧି ନାହିଁ; ଚେତ ଅଛି ଚେଦି ନାହିଁ । ମହାମେଘବାହନ ବଂଶର ରାଜାମାନଙ୍କ ମପୁରୀ ଗୁମ୍ଫା ବା ଗୁ□ପଲ୍ଲୀ ଅଭିଲେଖରେ ମଧ୍ୟ ଚେଦି ବଂଶର କୌଣସି ଆଭାସ ସୁଦ୍ଧା ମିଳେ ନାହିଁ । ଡଃ ସାହୁ ୧୯୮୪ରେ ଖାରବେଳ ପୁସ୍ତକ ପ୍ରକାଶ କଲା ସମୟରେ ଏହି ସମସ୍ୟା ପ୍ରତି ତାଙ୍କର ଧ୍ୟାନ ଆକର୍ଷଣ କରାଯାଇଥିଲା । ସେ ଏହି ମତକୁ ମାନି ନେଲେ ମଧ୍ୟ ଚେତରାଜବଂଶକୁ ଉଭୟ ବ୍ୟକ୍ତିଗତ ତଥା ବଂଶୀୟ ନାମ ରୂପେ ଉପସ୍ଥାପନ କରି ଲେଖିଲେ : Chetaraja was the father of Kharavela and was a scion of chedi dynasty; (Cheta- Chediya) (ଖାରବେଳ, ପୃ:୧୮) । ତେଣୁ ଖାରବେଳ ଚେଦି ବଂଶୀୟ ରାଜା ଥିଲେ ବୋଲି ଭ୍ରାନ୍ତଧାରଣା ଏପର୍ଯ୍ୟନ୍ତ ରହିଯାଇଛି ।

ହାତୀଗୁମ୍ଫା ଅଭିଲେଖର ଦ୍ୱିତୀୟ- ତୃତୀୟ ଧାଡିରେ ବର୍ଣ୍ଣିତ ଅଛି ଯେ ଖାରବେଳ କଳିଙ୍ଗରାଜ ବଂଶର ତୃତୀୟ ପୁରୁଷ ଥିଲେ (ତତିୟେ କଳିଙ୍ଗରାଜ ବସେ ପୁରିସ ଯୁଗେ) ଅର୍ଥାତ୍ ସେ ଥିଲେ କଳିଙ୍ଗରାଜାଙ୍କର ପୌତ୍ର । ମାତ୍ର ଐତିହାସିକମାନେ ଚେତ (ଚେଦି) ରାଜବଂଶ ଭଳି କଳିଙ୍ଗ ମଧ୍ୟ ଏକ ରାଜବଂଶ ବୋଲି ବ୍ୟାଖ୍ୟା କଲେ । ଏହା ଫଳରେ ହାତୀଗୁମ୍ଫା ଅଭିଲେଖର ପ୍ରାରମ୍ଭରେ ଖାରବେଳ ମହାମେଘବାହନ ରାଜବଂଶ, ଚେଦି ରାଜବଂଶ ତଥା କଳିଙ୍ଗ ରାଜବଂଶର ରାଜା ରୂପେ ଅଭିହିତ ହୋଇ ରହିଲେ । କଳିଙ୍ଗରାଜ ଯେ ଏକ ବ୍ୟକ୍ତିଗତ ନାମ ବା ଅଭିଷେକନାମ ହୋଇପାରେ ଏହି କଳ୍ପନା ସେମାନଙ୍କୁ ସ୍ପର୍ଶ କରିପାରିଲା ନାହିଁ । ପ୍ରାଚୀନ କଳିଙ୍ଗବୋଧି ଜାତକରେ ପ୍ରଥମ କଳିଙ୍ଗ ମହାକଳିଙ୍ଗ ଓ ଦ୍ୱିତୀୟ କଳିଙ୍ଗ ନାମକ ତିନିଜଣ ରାଜାଙ୍କର ବର୍ଣ୍ଣନା ରହିଅଛି । ମଧ୍ୟଯୁଗୀୟ ଇତିହାସରୁ ଜଣାଯାଏ ଯେ କଳିଙ୍ଗରାଜ ନାମକ ଜଣେ କଳଚୁରୀ ରାଜା ମଧ୍ୟପ୍ରଦେଶର ତୁମ୍ମାଣ ଠାରେ ରାଜଧାନୀ ସ୍ଥାପନ କରି ଏକ ନୂତନ ରାଜ୍ୟର ଶିଳାନ୍ୟାସ କରିଥିଲେ । ଅନ୍ୟ ପକ୍ଷରେ କଳିଙ୍ଗ ଏକ ରାଜବଂଶର ନାମ ରୂପେ କୌଣସିଠାରେ ବର୍ଣ୍ଣିତ ହୋଇନାହିଁ । ବସ୍ତୁତଃ କଳିଙ୍ଗରାଜ ନାମକ ଜଣେ ରାଜା ଯେ ଖାରବେଳଙ୍କ ପିତାମହ ଥିଲେ ଏହା ଅଭିଲେଖରେ ସ୍ପଷ୍ଟ ପ୍ରତିପାଦିତ ହୋଇଅଛି ।

ହାତୀଗୁମ୍ଫା ଅଭିଲେଖର ସପ୍ତଦଶ ଧାଡିରେ ଖାରବେଳଙ୍କୁ ବସୁକୂଳ ସମ୍ଭୂତ (ବସୁକୁଳ ବିନିସିତୋ) ରୂପେ ଅଭିହିତ କରାଯାଇଅଛି । ଅଭିଲେଖର 'ବସୁକୂଳ' ଖାରବେଳଙ୍କ ସମ୍ପର୍କରେ ଗବେଷଣା କରୁଥିବା ଐତିହାସିକମାନଙ୍କ ପାଇଁ ଏକ ବଡ ସମସ୍ୟା ସୃଷ୍ଟି କରିଥାଏ । ସେମାନେ ଖାରବେଳଙ୍କୁ ଚେଦି ରାଜା ବୋଲି ମାନି ନେଲା ପରେ କୌଣସି ଏକ ଚେଦି ବଂଶରେ ବସୁ ନାମକ ରାଜାଙ୍କୁ ଠାବ କରିବା ପାଇଁ ବ୍ୟାକୁଳ ଉଦ୍ୟମ କରିଅଛନ୍ତି । ଏଥିପାଇଁ ତିନିଜଣ ରାଜାଙ୍କର ନାମ ଉପଲବ୍ଧ ହୋଇଅଛି । ସେମାନେ ହେଲେ ମହାଭାରତର ପୌରବ ରାଜା ବସୁ, ଚେତୀୟ ଜାତକର ଚେଦି ରାଜା ବସୁ ଉପଚର ଏବଂ ଜୈନ ହରିବଂଶ ପୁରାଣର ଅଭିଚନ୍ଦ୍ରଙ୍କ ପୁତ୍ର ବସୁ । ମହାଭାରତର ପୌରବରଜା ବସୁ ତପସ୍ୟା ବଳରେ

ଦେବରାଜ ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରି ତାଙ୍କଠାରୁ ଏକ ଦିବ୍ୟ ରଥ ଲାଭ କରିଥିଲେ । ଏହି ରଥରେ ସେ ସ୍ୱଚ୍ଛନ୍ଦରେ ଉପରେ ଉଡି ପାରୁଥିଲେ ବୋଲି ସେ ଉପରିଚର ନାମରେ ଖ୍ୟାତ ଥିଲେ । ଇନ୍ଦ୍ରଙ୍କର ନିର୍ଦ୍ଦେଶ କ୍ରମେ ଉପରିଚର ବସୁ ଚେଦିମାନଙ୍କ ରଜ୍ୟ ଜୟ କରିଥିଲେ । ଏହି ରାଜାଙ୍କର ପାପୁତ୍ର ଓ ସତ୍ୟବତୀ ନାମରେ ଏକମାତ୍ର କନ୍ୟା ଥିଲେ । ସତ୍ୟବତୀ ରାଜା ଶାନ୍ତନୁଙ୍କୁ ବିବାହ କରି କୃଷ୍ଣ ଦ୍ୱୈପାୟନ (ବ୍ୟାସ)ଙ୍କ ଜନନୀ ହୋଇଥିଲେ । ରାଜ୍ୟ ଉପରିଚର ବସୁଙ୍କୁ ଚେତିୟ ଜାତକର ଚେଦି ରାଜା ଉପଚର ବସୁଙ୍କ ସହିତ ପରିଚିହ୍ନିତ କରାଯାଇଅଛି । କିନ୍ତୁ ଉଭୟଙ୍କ ମଧ୍ୟରେ କୌଣସି ସମଞ୍ଜସ୍ୟ ପରିଲକ୍ଷିତ ହୁଏ ନାହିଁ । ମହାଭାରତର 'ଉପରିଚର ବସୁ' ଚେଦିୟବଂଶୀୟ ନଥିଲେ; ସେ ଚେଦି ରାଜ୍ୟ ଉପରେ ବିଜୟଲାଭ କରିଥିଲେ । ଜୈନ ହିରବଂଶ ପୁରାଣରେ ବର୍ଣ୍ଣିତ ଅଛି ଯେ, ଅଭିଚନ୍ଦ୍ର ନାମକ ଜଣେ ରାଜା ବିନ୍ଧ୍ୟ ପର୍ବତର ପାଦ ଦେଶରେ ଚେଦି ରାଷ୍ଟ୍ରର ପ୍ରତିଷ୍ଠା କରିଥିଲେ ଏବଂ ବସୁ ଥିଲେ ତାଙ୍କର ପୁତ୍ର ଓ ଉତ୍ତରାଧିକାରୀ । ଦକ୍ଷ ଓ ରାଣୀ ଏଲାଙ୍କ ଠାରୁ ଆରମ୍ଭ କରି ଅଭିଚନ୍ଦ୍ରଙ୍କର ବଂଶାବଳୀ ଏହି ପୁରାଣରେ ପ୍ରଦତ୍ ହୋଇଅଛି । ଅଭିଚନ୍ଦ୍ର ଥିଲେ ଦକ୍ଷଙ୍କ ବଂଶର ଅଷ୍ଟାଦଶ ପୁରୁଷ । ଅଭିଚନ୍ଦ୍ରଙ୍କ ପୁତ୍ର ବସୁଙ୍କର ଉପରିଚର ବସୁ ବା ଉପଚର ବସୁଙ୍କ ସହିତ କୌଣସି ସମ୍ପର୍କ ବା ସାମଞ୍ଜସ୍ୟ ନାହିଁ । ତେଣୁ ବ୍ରାହ୍ମଣ ଗ୍ରନ୍ଥ ମହାଭାରତର ବସୁ, ବୌଦ୍ଧଗ୍ରନ୍ଥ ଚେତୀୟ ଜାତକର ବସୁ ଏବଂ ଜୈନଗ୍ରନ୍ଥ ହରିବଂଶ ପୁରାଣର ବସୁଙ୍କୁ ଅଭିନ୍ନ ବୋଲି ପ୍ରତିପାଦନ କରି ଖାରବେଳଙ୍କୁ ତାଙ୍କର ବଂଶଧର ରୂପେ ଠିଆ କରାଇବା ପାଇଁ ଐତିହାସିକମାନଙ୍କ ଉଦ୍ୟମ କୌତୁହଳପ୍ରଦ ଅଟେ । ଖାରବେଳଙ୍କ ବହୁ ପରେ ରାଷ୍ଟ୍ରୀୟ ଅଷ୍ଟମ ଶତକରେ ହରିବଂଶ ପୁରାଣ ରଚିତ ହୋଇଥିଲା । ଚେଦି ରାଜାମାନଙ୍କର ଗୌରବ ବର୍ଣ୍ଣନା ଏହି ପୁରାଣର ଏକ ପ୍ରଧାନ ଉଦ୍ଦେଶ୍ୟ ଥିଲା । ଯଦି ମହାମେଘବାହନ ଖାରବେଳ ଚେଦିରାଜା ଅଭିଚନ୍ଦ୍ର ଓ ବସୁଙ୍କର ବଂଶଧର ହୋଇଥାନ୍ତେ ଏବଂ ଡକ୍ଟର ସାହୁଙ୍କ ମତ ଅନୁସାରେ ସେମାନଙ୍କ ମଧ୍ୟରେ ସମୟର ବ୍ୟବଧାନ ବେଶୀ ନଥିଲା । They were not far apart in time), ତେବେ ଜୈନ ପୁରାଣର ଲେଖକ ଖାରବେଳ ପ୍ରଭୃତିଙ୍କର କୀର୍ତ୍ତି ଓ କୃତିତ୍ୱ ନିଶ୍ଚିତ ଭାବରେ ବର୍ଣ୍ଣନା କରିଥାନ୍ତେ । ଐତିହାସିକମାନେ ଖାରବେଳଙ୍କୁ ଚେଦି ରାଜା ରୂପେ ଗ୍ରହଣ କରି ଗୋଟିଏ ଭୁଲ କଲାପରେ ତାକୁ ଠିକ୍ ବୋଲି ପ୍ରମାଣ କରିବା ପାଇଁ ଏକାଧିକ ଭୁଲ କରିବାକୁ ବାଧ ହୋଇଛନ୍ତି ।

ତେବେ ହାତୀଗୁମ୍ଫା ଅଭିଲେଖର 'ବସୁକୂଳ'ର ଅର୍ଥ କଣ ହୋଇପାରେ ? ଏହି ପ୍ରଶ୍ନର ଉତ୍ତର ଅତି ସରଳ ଓ ସହଜ ଅଟେ । ଯଦୁକୂଳ ଓ ଯାଦବକୂଳ, ରଘୁକୂଳ ଓ ଲାଘବକୂଳ ଭଳି ବସୁକୂଳ ଓ ବାସବ କୁଳ ସମାନ ଅର୍ଥରେ ନିଆଯାଇପାରେ । ବାସବର ଅର୍ଥ ଇନ୍ଦ୍ର । ତେଣୁ ବାସବକୁଳ ଓ ବସୂକୁଳର ଅର୍ଥ ଇନ୍ଦ୍ରକୂଳ ବା ମହାମେଘବାହନ କୁଳ ଅଟେ । ହାତୀଗୁମ୍ଫା ଅଭିଲେଖର ପଣ୍ଡିତଙ୍କ ପ୍ରକାଶ କରିବାର ଭଙ୍ଗୀକୁ ଆମେ ଉପଲବ୍ଧି କରିନପାରି ଜୀରାରୁ ଶିରା କାଢ଼ିବା ପାଇଁ ବ୍ୟାକୁଳ ହୋଇପଡିଛୁ ।

ଉପରୋକ୍ତ ଆଲୋଚନାରୁ ପ୍ରତିପାଦିତ ହୁଏ ଯେ କଳିଙ୍ଗ ସମ୍ରାଟ ଖାରବେଳଙ୍କର ବଂଶର ନାମ ଥିଲା ମହାମେଘବାହନ (ଇନ୍ଦ୍ରକୂଳ), ତାଙ୍କ ପିତାଙ୍କର ନାମଥିଲା ଚେତରାଜ ଏବଂ ପିତାମହଙ୍କର ନାମ ଥିଲା କଳିଙ୍ଗରାଜ ସେ ଚେଦି ବଂଶର ନଥିଲେ କିମ୍ବା ତାଙ୍କର ପିତାମହଙ୍କର ନାମ ମହାମେଘବାହନ ନଥିଲା ।

# ଶ୍ରୀ ଖାରବେଳଙ୍କ ଗାର୍ହସ୍ଥ୍ୟ ଜୀବନ, ସୈନ୍ୟବଳ, ଐଶ୍ୱର୍ଯ୍ୟ, ରାଜ୍ୟ ଶାସନପ୍ରଣାଳୀ, ବ୍ୟକ୍ତିତ୍ୱ ଓ ଭାରତ ଇତିହାସରେ ତାଙ୍କର ସ୍ଥାନ

*କେଦାରନାଥ ମହାପାତ୍ର*

**ଗୃହସ୍ଥାଶ୍ରମ** - କଳିଙ୍ଗ ସମ୍ରାଟ ଶ୍ରୀ ଖାରବେଳଙ୍କ ଗାର୍ହସ୍ଥ ଜୀବନ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରେ ବିଶେଷ ବର୍ଣ୍ଣନା ନାହିଁ । ସାଧାରଣ ଭାରତୀୟ ନୃପତିମାନଙ୍କ ପରି ସେ ବହୁ ଦାର ପରିଗ୍ରହ କରିଥିଲେ ଓ ନାନାଦେଶର ରାଜକନ୍ୟା ତାଙ୍କ ଅନ୍ତଃପୁରର ଶୋଭାବର୍ଦ୍ଧନ କରୁଥିଲେ । ଉଦୟଗିରିର ସ୍ୱର୍ଗପୁରୀ ଗୁମ୍ଫାରେ ଖୋଦିତ ଲେଖରୁ ଜଣାଯାଏ ଯେ ଉକ୍ତ ଗୁମ୍ଫା ତାଙ୍କର ଅଗ୍ରମହିଷୀ ବା ପାଟରାଣୀଙ୍କ ଦ୍ୱାରା ଖୋଦିତ ହୋଇଥିଲା । ସେ ହସ୍ତୀ ସାହ ବା ହସ୍ତୀ ସିଂହ ନାମକ ଲାଲରାଜ୍ୟର ଅଧିପତିଙ୍କ କନ୍ୟା ଥିଲେ । ଲାଲରାଜ୍ୟ ରାଢ଼ (ପଶ୍ଚିମବଙ୍ଗ) ବା ଲାଟ (ଗୁଜୁରାଟ) ସହିତ ଚିହ୍ନିତ ହୋଇପାରେ । ପାଟରାଣୀଙ୍କ ନାମ ଧୂସି ବୋଲି ସ୍ୱର୍ଗୀୟ ଜୟସ୍ୱାଲ ମତ ପ୍ରକାଶ କରିଥିଲେ । 'ଅଗ୍ରମହିଷୀ' ଶବ୍ଦ ବ୍ୟବହାରରୁ ସ୍ପଷ୍ଟ ଜଣାଯାଏ ଯେ, ତାଙ୍କର ଅନ୍ୟାନ୍ୟ କେତେକ ରାଣୀ ମଧ୍ୟ ଥିଲେ । ସେମାନଙ୍କର ନାମ ଓ ସେମାନେ କେଉଁ କେଉଁ ଦେଶର ରାଜକନ୍ୟା ତାହା ଜଣାଯାଏ ନାହିଁ ।

ଉଦୟଗିରିର ମପୁରୀ, ଯମପୁରୀ ଓ ଛୋଟ ହାତୀଗୁମ୍ଫାରେ ଥିବା ବ୍ରାହ୍ମୀ ଲେଖମାନଙ୍କରୁ ତାଙ୍କର ଦୁଇଟି ପୁତ୍ର କନ୍ଦର୍ପଶ୍ରୀ (୧) ଓ ବରେଷଶ୍ରୀ (୨)ଙ୍କ ନାମ ମିଳେ । କନ୍ଦର୍ପଶ୍ରୀ ସମ୍ରାଟ ଶ୍ରୀ ଖାରବେଳଙ୍କ ଦ୍ୱାରା ବ୍ୟବହୃତ ମହାରାଜା ମହାମେଘବାହନ, କଳିଙ୍ଗାଧିପତି ପ୍ରଭୃତି ବିରୁଦାବଳୀ ବ୍ୟବହାର କରିଥିବାରୁ ଏବଂ ପାଟରାଣୀଙ୍କ ଲେଖ ତାଙ୍କ ଲେଖ ନିକଟରେ ଅବସ୍ଥିତ ଥିବାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ସେ ପାଟରାଣୀଙ୍କର ଜ୍ୟେଷ୍ଠ ପୁତ୍ର ଏବଂ ଶ୍ରୀ ଖାରବେଳଙ୍କ ପରେ କଳିଙ୍ଗ ସାମ୍ରାଜ୍ୟର ଉତ୍ତରାଧିକାରୀ ହୋଇଥିଲେ ।

ମାତାଙ୍କ କୀର୍ତ୍ତି ନିକଟରେ ପୁତ୍ରର କୀର୍ତ୍ତି ନିର୍ମାଣ ପ୍ରାଚୀନ ଭାରତର ଗୋଟିଏ ଚିରାଚରିତ ପ୍ରଥା । ତଦନୁଯାୟୀ କନ୍ଦର୍ପଶ୍ରୀ ମାତାଙ୍କ ଗୁମ୍ଫା ନିକଟରେ ପରମପୂଜ୍ୟା ଜନନୀଙ୍କ ପ୍ରତି ଭକ୍ତି ଓ ସ୍ନେହର ନିଦର୍ଶନ ସ୍ୱରୂପ ଗୋଟିଏ ଗୁମ୍ଫା ଖୋଳାଇଥିଲେ । କୁମାର ବଡୁଖ ବା ବରେଷଶ୍ରୀଙ୍କ ଦ୍ୱାରା ଖୋଦିତ ଯମପୁରୀ ଗୁମ୍ଫା, ମପୁରୀ ଗୁମ୍ଫାର ଗୋଟିଏ ଅଂଶ ହୋଇଥିବାରୁ ଓ ଉଭୟ ରାଜକୁମାରଙ୍କ ଲେଖ ପରସ୍ପରଠାରୁ ଅଦୂରରେ ଖୋଦିତ ହୋଇଥିବାରୁ କନ୍ଦର୍ପ ଓ ବରେଷ ସହୋଦର ଭ୍ରାତା ଥିବାର ମନେହୁଏ । ଅନ୍ୟାନ୍ୟ ରାଣୀମାନଙ୍କ ଗର୍ଭଜାତ ସନ୍ତାନମାନଙ୍କର ନାମ ଓ ସେମାନଙ୍କର କୀର୍ତିକଳାପ ସମ୍ବନ୍ଧରେ ଲେଖଗୁଡ଼ିକ ନୀରବ । ନିଜର ପୂର୍ବଜନ୍ମର ସୁକୃତ ଓ ଭାଗ୍ୟବଳରୁ ଶ୍ରୀ ଖାରବେଳଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ଥିଲା ଏବଂ ମୃତ୍ୟୁ ପୂର୍ବରୁ ସେ ଯୁବରାଜ କନ୍ଦର୍ପଶ୍ରୀଙ୍କଠାରେ ବିଶାଳ ସାମ୍ରାଜ୍ୟର ଶାସନଭାର ଅର୍ପଣ କରି ଶାନ୍ତିରେ ପ୍ରାଣ ବିସର୍ଜନ କରିଥିଲେ ।

**ସୈନ୍ୟବଳ :** ସମଗ୍ର ଭାରତ ବିଜୟ ଓ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠାରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଶ୍ରୀ ଖାରବେଳ ବିରାଟ ସୈନ୍ୟ ବାହିନୀର ଅଧିକାରୀ ଥିଲେ । ରାଜତ୍ୱର ଦ୍ୱିତୀୟ ବର୍ଷରେ ସେ ସମଗ୍ର ଦକ୍ଷିଣାପଥର ଅଧିପତି ସାତକର୍ଣ୍ଣୀଙ୍କୁ ନର, ଗଜ, ରଥ, ତୁରଙ୍ଗ ସମନ୍ୱିତ ଚତୁରଙ୍ଗ ବଳ ସଙ୍ଗରେ ନେଇ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରିଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ, ତାଙ୍କ ରାଜତ୍ୱ ପୂର୍ବରୁ କଳିଙ୍ଗର ବିରାଟ ସେନାବାହିନୀ ଥିଲା ଓ ତାହା ସାହାଯ୍ୟରେ ସେ ରାଜତ୍ୱର ପ୍ରାରମ୍ଭରେ ଏପରି ଦୁଃସାଧ୍ୟ ଅଭିଯାନରେ ପ୍ରବୃତ୍ତ ହେବାକୁ ସାହସୀ ହୋଇଥିଲେ ।

ମେଘାସ୍ଥିନିସ୍‌ଙ୍କ ବିବରଣୀରୁ ଜଣାଯାଏ ଯେ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ କଳିଙ୍ଗରେ ୬୦ ହଜାର ପଦାତି, ୧୦୦୦ ଅଶ୍ୱ, ୭୦୦ ଯୁଦ୍ଧାଶ୍ୱ ଓ ବହୁ ସହସ୍ର ହସ୍ତୀ ଥିଲେ । ଏହି ସୈନ୍ୟ ସଂଖ୍ୟା ଅଶୋକଙ୍କ ସମୟରେ ବୃଦ୍ଧିଲାଭ କରିଥିଲା; କାରଣ ଭାରତ ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧରେ କଳିଙ୍ଗର ଦେଢ଼ଲକ୍ଷ ସୈନ୍ୟ ବନ୍ଦୀ ଓ ଦେଶାନ୍ତରିତ ଏବଂ ପ୍ରାୟ

ଏକ ଲକ୍ଷ ସୈନ୍ୟ ରଣଭୂମିରେ ପ୍ରାଣତ୍ୟାଗ କରିଥିଲେ ଏବଂ ବହୁ ସଂଖ୍ୟକ ସୈନ୍ୟ କ୍ଷତବିକ୍ଷତ ଓ ଆହତ ହୋଇଥିଲେ । ଅଶୋକଙ୍କ ସମୟରେ କଳିଙ୍ଗ ରାଜାଙ୍କର ପ୍ରାୟ ପାଲକ୍ଷ ସୈନ୍ୟ ଥିବାର ପ୍ରସିଦ୍ଧ୍ ଐତିହାସିକ ରାଧାକୁମୁଦ ମୁଖାର୍ଜୀ ସ୍ଥିର କରିଛନ୍ତି । ଅଶୋକଙ୍କ ସମୟରେ ସେମାନେ କେବଳ ରାଜ୍ୟ ରକ୍ଷା କାର୍ଯ୍ୟରେ ବ୍ୟାପୃତ ଥିଲେ । କିନ୍ତୁ ଶ୍ରୀ ଖାରବେଳଙ୍କ ରାଜତ୍ୱରେ କଳିଙ୍ଗ ସୈନ୍ୟମାନେ ରାଜ୍ୟରକ୍ଷା ଓ ସମଗ୍ର ଭାରତ ବିଜୟରେ ନିୟୋଜିତ ହୋଇଥିଲେ । ତାହାହେଲେ ଶ୍ରୀ ଖାରବେଳଙ୍କ ସୈନ୍ୟ ସଂଖ୍ୟା ଅଶୋକଙ୍କ ସମୟର ସୈନ୍ୟ ସଂଖ୍ୟା ଅର୍ଥାତ୍ ୫ ଲକ୍ଷ ଅପେକ୍ଷା ନିଶ୍ଚୟ ଅଧିକ ଥିଲା ।

ମୌର୍ଯ୍ୟ ସାମ୍ରାଜ୍ୟ ପ୍ରତିଷ୍ଠା ଚନ୍ଦ୍ରଗୁପ୍ତ ନବଗଠିତ ସାମ୍ରାଜ୍ୟରେ ନିଜର ଆଧିପତ୍ୟ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରାୟ ୬ ଲକ୍ଷ ସୈନ୍ୟ ରଖିଥିଲେ । ଭାରତ ବିଜୟୀ ଶ୍ରୀ ଖାରବେଳଙ୍କ ସାମ୍ରାଜ୍ୟ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟଠାରୁ ଆକାରରେ ବରଂ ବୃହତ୍ର ଥିଲା । କାରଣ ସମଗ୍ର ଦାକ୍ଷିଣାତ୍ୟ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟର ଅର୍ନ୍ତଭୁକ୍ତ ଥିବାର କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ମିଳିନାହିଁ । କିନ୍ତୁ ଶ୍ରୀ ଖାରବେଳ ଆକୁମାରୀ ବିସ୍ତୃତ ସମଗ୍ର ଦକ୍ଷିଣାପଥରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ତେଣୁ ତାଙ୍କର ପ୍ରାୟ ୬ ଲକ୍ଷ ବା ତତୋଧିକ ସୈନ୍ୟ ଥିବା ସପୂର୍ଣ୍ଣ ସମ୍ଭବପର । ତେଣୁ ହାତୀଗୁମ୍ଫା ଲେଖ ବ୍ୟବହୃତ 'ଅପ୍ରତିହତ-ଚକ୍ର (ସେନା) ବାହନବଳ' ଶବ୍ଦ ତାଙ୍କଠାରେ ସର୍ବାଦୌ ପ୍ରଯୁଜ୍ୟ ।

**କଳିଙ୍ଗ** - ସେନା ନିଜର ବୀରତ୍ୱ, ସାହସ, ଧୈର୍ଯ୍ୟ ଓ ରଣନୈପୁଣ୍ୟ ଯୋଗୁ ସମଗ୍ର ଭାରତରେ ଅଜେୟ ବୋଲି ଖ୍ୟାତିଲାଭ କରିଥିଲା । ବିଶ୍ୱବିଜୟୀ ନେପୋଲିୟନ୍ଙ୍କ ପରି ସମ୍ରାଟ ଶ୍ରୀ ଖାରବେଳ ସୈନ୍ୟମାନଙ୍କୁ ଜାତୀୟ ଭାବରେ ଉଦ୍‌ବୁଦ୍ଧ୍ କରୁଥିଲେ ଏବଂ ବିଜୟର ଗୌରବମୟ ଚିତ୍ର ଓ କଳିଙ୍ଗର ଉଜ୍ଜ୍ୱଳ ଭବିଷ୍ୟତର ଆଲେଖ୍ୟ ସେମାନଙ୍କ ମାନସ ପଟରେ ଅଙ୍କନ କରି ସେମାନଙ୍କ ମାତୃଭୂମିର ମଙ୍ଗଳ ପାଇଁ ନିଜର ଜୀବନ ଓ ଧନ ଅକାତରେ ଉତ୍ସର୍ଗ କରିବାକୁ ପ୍ରଚୋଦିତ ଓ ଉତ୍ସାହିତ କରୁଥିଲେ । ଏହାଫଳରେ କଳିଙ୍ଗ ସୈନ୍ୟଗଣ ସର୍ବଦା ଯୁଦ୍ଧ୍ ପାଇଁ ପ୍ରସ୍ତୁତ ଥିଲେ ଏବଂ ରାଜାଦେଶ ମାତ୍ରେ ଶତ ଶତ ସୈନିକ ରଣାଙ୍ଗନକୁ ଅମ୍ଲାନ ବଦନରେ ଲମ୍ଫ ପ୍ରଦାନ କରୁଥିଲେ ।

**ଐଶ୍ୱର୍ଯ୍ୟ-** ପୃଥିବୀ ପ୍ରସିଦ୍ଧ୍ ତାଜମହଲ ଓ ମୋତି ମସ୍‌ଜିଦର ନିର୍ମାତା ବିଳାସୀ-ଶିରୋମଣି ମୋଗଲ ସମ୍ରାଟ ଶାହାଜାହାନଙ୍କ ପରି ଶ୍ରୀ ଖାରବେଳଙ୍କ ରାଜକୋଷ ଅପରିମିତ ଧନରତ୍ନରେ ପୂର୍ଣ୍ଣ ଥିଲା । ତାଙ୍କ ପୂର୍ବରୁ କଳିଙ୍ଗ ରାଜକୋଷରେ ବିପୁଳ ଧନରତ୍ନ ସ୍ତୃତ ହୋଇଥିଲା । ବ୍ରହ୍ମ, ଶ୍ୟାମ ପ୍ରଭୃତି ସାଗର ପାଶ୍ୱବର୍ତ୍ତୀ ଦୂରଦେଶ ଏବଂ ଯବ, ସୁମାତ୍ରା ଓ ସିଂହଳ ପ୍ରଭୃତି ଦ୍ୱୀପମାନଙ୍କରେ ବାଣିଜ୍ୟ ବ୍ୟବସାୟ ଫଳରେ ସେ ଯୁଗରେ କଳିଙ୍ଗକୁ ଧନର ସ୍ରୋତ ପ୍ରବାହିତ ହେଉଥିଲା କହିଲେ, ଅତ୍ୟୁକ୍ତି ହେବ ନାହିଁ । ଧନୀ ବ୍ୟବସାୟୀମାନେ ଦୁର୍ଲଭ ମଣିମୁକ୍ତା- ପ୍ରବାଳାଦି ରତ୍ନମାନ ଅଚଳା ଭକ୍ତିର ନିଦର୍ଶନ ସ୍ୱରୂପ ରାଜାଙ୍କୁ ପବିତ୍ର ଦିବସମାନଙ୍କରେ ଉପହାର ଦେଇ ରାଜକୋଷ ବୃଦ୍ଧି୍ କରୁଥିଲେ । ବିଶାଳ ସାମ୍ରାଜ୍ୟରୁ କର, ଶୁଳ୍କ ଓ ପଣ ପ୍ରଭୃତି ଦ୍ୱାରା ବିପୁଳ ଅର୍ଥ ସଂଗୃହୀତ ହେଉଥିଲା । ବାରମ୍ବାର ଯୁଦ୍ଧ୍‌ଯାତ୍ରା କରି ସେ ପରାଭୂତ ଓ ପଦାନତ ନୃପତିମାନଙ୍କ ଠାରୁ ନାନବିଧ୍ ଧନରତ୍ନ, ମୂଲ୍ୟବାନ ପରିଚ୍ଛଦ ଏବଂ ମୁକ୍ତିପଣ ସ୍ୱରୂପ ବିପୁଳ ଅର୍ଥ ଗ୍ରହଣ କରି ନିଜ ରାଜକୋଷର ଶ୍ରୀବୃଦ୍ଧି୍ ସାଧନ କରୁଥିଲେ । ସାମନ୍ତ ପାଣ୍ଡ୍ୟରାଜା, ବାସୁକୀ (ନାଗବଂଶୀୟ ରାଜା) ଓ ବିଦ୍ୟାଧରମାନେ ସମୟ ସମୟରେ ତାଙ୍କୁ ବହୁ ଧନରତ୍ନ ଉପହାର ଦେଇଥିଲେ । ଏହିପରି ବହୁ ଉପହାର ଦ୍ୱାରା ଧନରତ୍ନ ସଂଗ୍ରହ କରି ସେ କଳିଙ୍ଗ ରାଜଭଣ୍ଡାର ପୂର୍ଣ୍ଣ କରୁଥିଲେ ।

ଚାରୁକଳା ଶୋଭିତ ଦୁର୍ଲଭ ଦୁର୍ମୂଲ୍ୟ ଆଭରଣ ଓ ପରିଚ୍ଛଦମାନ ଭଣ୍ଡାରରେ ସହସ୍ର ସହସ୍ର ସଂଖ୍ୟାରେ ସଂରକ୍ଷିତ ଥିଲା । ରାଜଧାନୀ ଓ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ବିଶାଳ ଶସ୍ୟାଗାରମାନ ପ୍ରତିଷ୍ଠିତ ହୋଇଥିଲା । ତାଙ୍କ ଭଣ୍ଡରରେ ହୀର, ନୀଳା, ମଣି, ମୁକ୍ତା, ବୈଦୁର୍ଯ୍ୟ, ପ୍ରବାଳ ପ୍ରଭୃତି ମୂଲ୍ୟବାନ ରତ୍ନମାନ ଓ କୋଟି କୋଟି ମୁଦ୍ରା ସ୍ତୃତ ହୋଇଥିଲା । ତାଙ୍କ ଦ୍ୱାରା ଅଷ୍ଟତ୍ରିଂଶ ଲକ୍ଷ ମୁଦ୍ରା ବ୍ୟୟରେ ବୈଦୁର୍ଯ୍ୟମଣ୍ଡିତ ବିଶାଳ 'ମହାବିଜୟ ପ୍ରାସାଦ' ଏବଂ ରାଜତ୍ୱର ଶେଷ ବର୍ଷରେ

ପ୍ରାୟ ଷାଠିଏ ଲକ୍ଷ ମୁଦ୍ରା ବ୍ୟୟରେ ଉଦୟଗିରି ନିକଟରେ ବୈଦୁର୍ଯ୍ୟଖଚିତ ଚୈତଗୃହ ପ୍ରଭୃତିର ନିର୍ମାଣ ତାଙ୍କର ବିପୁଳ ବିଭବର ପରିଚୟ ଦିଏ । ବିବିଧ୍ କାରୁକାର୍ଯ ଖଚିତ, ନାନଭରଣ ଭୂଷିତ, ନାନାରତ୍ନ ବିମଣ୍ଡିତ ଉକ୍ତ ପ୍ରାସାଦଯୁଗଳ କାଳସ୍ରୋତର ଭୀଷଣ ପ୍ରବାହରେ ଧ୍ୱଂସ ପାଇଛି ସତ୍ୟ; କିନ୍ତୁ ଏ ଦୁଇଟି ହର୍ମ୍ୟ ସେ ଯୁଗର ପ୍ରାସାଦ ଗୋଷ୍ଠୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବ, ଏଥିରେ ସନ୍ଦେହ ନାହିଁ ।

ଶ୍ରୀ ଖାରବେଳ ମୌର୍ଯ୍ୟ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ତୁଲ୍ୟ ପ୍ରାୟ ୬ ଲକ୍ଷ ସୈନ୍ୟ, ଅସଂଖ୍ୟ କର୍ମଚାରୀ ଓ ଭୃତ୍ୟଙ୍କୁ ଗ୍ରାସାଚ୍ଛଦନ ପ୍ରଦାନ କରି ଚିରସ୍ଥାୟୀ ଭାବରେ ପ୍ରତିପୋଷଣ ଏବଂ ଯୁଦ୍ଧୋପଯୋଗୀ ତଥା ଭାରବାହୀ, ହସ୍ତୀ, ଅଶ୍ୱ, ମହିଷ, ବଳିବର୍ଦ୍ଧ, ଗର୍ଦ୍ଦଭ, ଉଷ୍ଟ୍ରା ପ୍ରଭୃତି ପଶୁ ସହସ୍ର ସଂଖ୍ୟାରେ ପ୍ରତିପାଳନ କରିବାକୁ ସମର୍ଥ ହୋଇଥିଲେ । ରାଜକୋଷରେ ଅକଳନ ଧନ ଥିବାରୁ ସେ ରାଜ୍ୟାଭିଷେକ ପରେ ବହୁ ଲକ୍ଷ ମୁଦ୍ରା ବ୍ୟୟ କରି କଳିଙ୍ଗ ନଗରସ୍ଥ ପ୍ରାଚୀନ କୀର୍ତ୍ତିମାନଙ୍କର ଜୀର୍ଣ୍ଣ ସଂସ୍କାର କରିଥିଲେ । ସେ ରାଜତ୍ୱର ପମ ବର୍ଷରେ ସ୍ୱୀୟ ରାଜଧାନୀକୁ ପ୍ରଣାଳୀ ଖୋଦନ କାର୍ଯ୍ୟରେ ଏକଲକ୍ଷ, ସପ୍ତମ ବର୍ଷରେ, ଉତ୍ସବ, ସମାଜ ଇତ୍ୟାଦି କାର୍ଯ୍ୟରେ ବହୁଲକ୍ଷ, ପିତୃ- ପୁରୁଷମାନଙ୍କର ଶ୍ରାଦ୍ଧ୍ ଓ ଯଶଃ ସଂସ୍କାର କାର୍ଯ୍ୟରେ ଏକଲକ୍ଷ, ରାଜତ୍ୱର ଶେଷ ବର୍ଷରେ ଉଦୟଗିରିରେ ୧୧୭ଟି ଗୁମ୍ଫା ଖୋଦନ କାର୍ଯ୍ୟରେ ଏକଲକ୍ଷ ଏବଂ ରାଜତ୍ୱର ଦ୍ୱିତୀୟ, ଚତୁର୍ଥ, ଅଷ୍ଟମ ଓ ଦ୍ୱାଦଶ ବର୍ଷରେ ଯୁଦ୍ଧାଭିଯାନରେ ଲକ୍ଷ ଲକ୍ଷ ମୁଦ୍ରା ଅକୁଣ୍ଠିତ ଚିତ୍ତରେ ବ୍ୟୟ କରିବାକୁ ସମର୍ଥ ହୋଇଥିଲେ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଅପ୍ରକାଶିତ ଶତ ଶତ ପ୍ରଜାହତକର କାର୍ଯ୍ୟରେ ସେ ଯେ ଅକାତରରେ ଲକ୍ଷ ଲକ୍ଷ ମୁଦ୍ରା ବ୍ୟୟ କରିଥିବେ, ଏଥିରେ ସନ୍ଦେହ ନାହିଁ । ଏହି ସକଳ କାର୍ଯ୍ୟକଳାପ ତାଙ୍କର ବପୁଳ ଐଶ୍ୱର୍ଯ୍ୟ, ଅସାଧାରଣ ଦାନଶୀଳତା ଓ ପ୍ରଜାବାତ୍ସଲ୍ୟରୁ ସ୍ପଷ୍ଟ ହୁଏ । ନିଜର ମହନୀୟ ଅକ୍ଷୟ କୀର୍ତ୍ତିକଳାପ ଓ ଅସାଧାରଣ ଦେଶପ୍ରାଣତା ପ୍ରମାଣ ଯୋଗୁ, ସେ ଭାରତ ତଥା ପୃଥିବୀର ପ୍ରସିଦ୍ଧ୍ ସମ୍ରାଟମାନଙ୍କ ସହିତ ସମକକ୍ଷ ଓ ସମାସୀନ ବୋଲି ବିବେଚିତ ହୁଅନ୍ତି ।

**ରାଜ୍ୟ ଶାସନ ପ୍ରଣାଳୀ-** ଶ୍ରୀ ଖାରବେଳଙ୍କ ରାଜ୍ୟ ଶାସନ ସମ୍ବନ୍ଧରେ କଳିଙ୍ଗର ପୂର୍ବ ରାଜାମାନଙ୍କର ପଦାଙ୍କ ଅନୁସରଣ କରିଥିଲେ ଓ ପୂର୍ବ ପ୍ରଚଳିତ ଶାସନ ପ୍ରଣାଳୀକୁ ଅକ୍ଷୁର୍ଣ୍ଣ ରଖିଥିଲେ । ତାଙ୍କ ଶାସନ ପ୍ରଣାଳୀ ସମ୍ବନ୍ଧରେ ହାତୀଗୁମ୍ଫା ଲେଖରୁ କୌଣସି ସ୍ପଷ୍ଟ ସୂଚନା ନମିଳିଲେ ମଧ୍ୟ ଏହା ଯେ ମୁଖ୍ୟତଃ ରାଜତନ୍ତ୍ର ଥିଲା, ଏଥିରେ ସନ୍ଦେହର ଅବକାଶ ନାହିଁ । ଭାରତର ପ୍ରାଚୀନ ରାଜାଦର୍ଶ ଅନୁସରଣ ଦ୍ୱାରା ପ୍ରଜାବର୍ଗଙ୍କ ହିତସାଧନ ତାଙ୍କ ଶାସନର ମୂଳମନ୍ତ୍ର ଥିଲା । ସେଥିପାଇଁ ସେ ପ୍ରଜାମାନଙ୍କୁ କରପୀଡ଼ା ନଦେଇ କୃଷି, ଶିଳ୍ପ, ବାଣିଜ୍ୟର ଉନ୍ନତି ସାଧନ; ସ୍ୱଦେଶକୁ ବୈଦେଶିକ ଆକ୍ରମଣ, ଅନ୍ତର୍ବିବାଦ ଓ ଅରାଜକତାରୁ ରକ୍ଷା, ଶାନ୍ତ, ଶୃଙ୍ଖଳା ଓ ନ୍ୟାୟର ପ୍ରତିଷ୍ଠା ଏବଂ ନାନବିଧ୍ ହିତକର କୀର୍ତ୍ତିକଳାପ ସ୍ଥାପନ କରିଥିଲେ ।

**ଧର୍ମନୀତି -** ଧର୍ମ ସମ୍ବନ୍ଧରେ ସେ ଉଦାର ନୀତି ଅବଲମ୍ବନ କରିଥିଲେ । ସେ ଓ ତାଙ୍କର ପୂର୍ବ ପୁରୁଷ ଏବଂ ପରିବାରର ଅନ୍ୟାନ୍ୟମାନେ ସମସ୍ତେ ଜୈନ ଧର୍ମାବଲମ୍ବୀ ଥିଲେ । କିନ୍ତୁ ସମ୍ରାଟ ଅଶୋକ ବୌଦ୍ଧ-ଧର୍ମର ଉନ୍ନତି ପାଇଁ ଯେପରି ମନଃପ୍ରାଣ ଢ଼ାଳି ଦେଇଥିଲେ; ସେ ନିଜର କୁଳାଚରିତ ଜୈନ ଧର୍ମର ପ୍ରସାର ପାଇଁ ସେପରି କରିନଥିଲେ । ଅଶୋକଙ୍କ ପିତୃପିତାମହ ଓ ସେ ନିଜେ ପ୍ରଥମ ଜୀବନରେ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ଥିଲେ; କିନ୍ତୁ ବୌଦ୍ଧ୍ ଧର୍ମ ଗ୍ରହଣ କରି ସେ ନବଦୀକ୍ଷିତ ସୁଲଭ ଅପୂର୍ବ ଉତ୍ସାହ, ପ୍ରଗାଢ଼ ଧର୍ମନିଷ୍ଠ ଓ ଅସାଧାରଣ ଧର୍ମପ୍ରାଣତା ପ୍ରକାଶ କରିଥିଲେ ।

ରାଜ୍ୟଲିପ୍ସୁ ସାମ୍ରାଜ୍ୟ ପ୍ରତିଷ୍ଠା ବ୍ରତ ସ୍ୱଦେଶପ୍ରାଣ ସମ୍ରାଟ ଶ୍ରୀ ଖାରବେଳଙ୍କ ଜୀବନରେ ପ୍ରଗାଢ଼ ଧର୍ମନିଷ୍ଠା ବା ସ୍ୱଧର୍ମ ପ୍ରଚାର ପାଇଁ ଅଦମ୍ୟ ଉତ୍ସାହ ଦେଖାଯାଏ ନାହିଁ । ସେ ଜୈନ ଥିଲେ ମଧ୍ୟ ସେ ଯୁଗର ଅନ୍ୟାନ୍ୟ ବ୍ରହ୍ମଣ୍ୟ ଧର୍ମାବଲମ୍ବୀ ରାଜାମାନଙ୍କ ପରି ବାଲ୍ୟ ଓ ଯୌବନର ଶିକ୍ଷା ସମାପ୍ତ କରିଥିଲେ । ତାଙ୍କର ରାଜ୍ୟାଭିଷେକ ବୈଦିକ ବିଧିବିଧାନାନୁଯାୟୀ ସମ୍ପନ୍ନ ହୋଇଥିଲା । ସେ ପ୍ରାଚୀନ ସ୍ମୃତି - ସମ୍ମତ ପ୍ରଣାଳୀରେ ରାଜ୍ୟ ଶାସନ କରୁଥିଲେ । ଜୈନ ହୋଇ ମଧ୍ୟ ସେ ପ୍ରଜାରଞ୍ଜନ ପାଇଁ ଜୈନ ଧର୍ମଶାସ୍ତ୍ର ନିଷିଦ୍ଧ୍ ସମାଜ, ଉତ୍ସବ, ନୃତ୍ୟ, ଗୀତ, ଦର୍ପ (୩) ଇତ୍ୟାଦିରେ ଅମ୍ଳାନ ବଦନରେ

ଯୋଗଦାନ କରୁଥିଲେ । ସେ ଧର୍ମବିଜୟ ବା ଧର୍ମଘୋଷ ପରିବର୍ତ୍ତରେ ଭେରୀଘୋଷର ପକ୍ଷପାତୀ ଥିଲେ । ଜୈନ ଧର୍ମର ପ୍ରଧାନ ନୀତି ଅହିଂସା ଦ୍ୱାରା ପ୍ରଣୋଦିତ ହୋଇ ସେ ଯୁଦ୍ଧ ଓ ନରହତ୍ୟାରୁ ନିବୃତ୍ ହୋଇନଥିଲେ । ପରନ୍ତୁ ନିଜର ସମଗ୍ର ଜୀବନ ଯୁଦ୍ଧ ଓ ରାଜ୍ୟ ଜୟରେ କଟାଇଥିଲେ ।

ସେ ଜୈନ ଧର୍ମର ଉନ୍ନତି ଓ ପ୍ରସାର ପାଇଁ ନାନବିଧି କୀର୍ତ୍ତି ପ୍ରତିଷ୍ଠା କରିଥିଲେ ସତ୍ୟ; କିନ୍ତୁ ଅନ୍ୟାନ୍ୟ ଧର୍ମ ପ୍ରତି ତାଙ୍କର ଯଥେଷ୍ଟ ଶ୍ରଦ୍ଧା ଓ ଭକ୍ତି ମଧ୍ୟ ଥିଲା । ନିଜ ଲେଖରେ ସେ 'ସର୍ବପାଷଣ୍ଡ-ପୂଜକ' ଓ 'ସର୍ବ-ଦେବାୟତନ ସଂସ୍କାରକାରକ' ପ୍ରଭୃତି ଉପାଧିରେ ମଣ୍ଡିତ ହେବାକୁ ଗର୍ବ ଅନୁଭବ କରୁଥିଲେ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ସକଳ ଧର୍ମାବଲମ୍ବୀ ସମାନ ଭାବରେ ତାଙ୍କର ସ୍ନେହ, ଶ୍ରଦ୍ଧା ଓ ଅନୁଗ୍ରହ ଲାଭ କରୁଥିଲେ । ପ୍ରାଚୀନ ଭଗ୍ନ ହିନ୍ଦୁ ମନ୍ଦିରମାନଙ୍କର ସଂସ୍କାର କାର୍ଯ୍ୟକୁ ସେ ପବିତ୍ର ବୋଲି ମନେକରୁଥିଲେ । ମଥୁରା ବିଜୟ ସମୟରେ ସେ ବ୍ରାହ୍ମଣମାନଙ୍କ ଭୁରିଭୋଜନ ଓ ବିପୁଳ ଅର୍ଥଦାନ ଦ୍ୱାରା ସନ୍ତୁଷ୍ଟ କରିଥିଲେ । ସାର୍ବଜନୀନ ମୈତ୍ରୀଭାବ ଓ ଧର୍ମ ସମ୍ବନ୍ଧରେ ସାମ୍ୟ ଓ ଉଦାର ନୀତି ଅବଲମ୍ବନରେ ସେ ମୌର୍ଯ୍ୟସମ୍ରାଟ ଅଶୋକଙ୍କର ସମକକ୍ଷ ଥିଲେ । ଏହି ଉଦାର ନୀତି ଓ ସହାନୁଭବତା ଯୋଗୁଁ ସେ କଳିଙ୍ଗବାସୀ ସକଳ ସମ୍ପ୍ରଦାୟର ଶ୍ରଦ୍ଧା ଓ ପ୍ରୀତି ଆକର୍ଷଣ କରିଥିଲେ ।

**ବ୍ୟକ୍ତିତ୍ୱ –** ଶ୍ରୀ ଖାରବେଳ ଜଣେ ଜାତୀୟ ଭାବାପନ୍ନ ଆଦର୍ଶ ସମ୍ରାଟ ଥିଲେ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ଦେଶପ୍ରାଣତା ଓ ସ୍ୱଦେଶ ବାତ୍ସଲ୍ୟ ପ୍ରକାଶିତ ହୋଇଥିଲା । ନିଜର ବଂଶ, ରାଜ୍ୟ ଓ ପ୍ରଜାବର୍ଗଙ୍କର ଗୌରବ ଓ ଖ୍ୟାତି ବୃଦ୍ଧି ତାଙ୍କ ଜୀବନର ପ୍ରଧାନ ବ୍ରତ ଥିଲା । ସେଥିପାଇଁ ସେ ହାତୀଗୁମ୍ଫା ଲେଖରେ ବାରମ୍ବାର ନିଜର ବଂଶ, ରାଜ୍ୟ, ରାଜଧାନୀ ଓ ପ୍ରଜାବର୍ଗଙ୍କ ବିଷୟ ଉଲ୍ଲେଖ କରିଛନ୍ତି । ଏ ବିଷୟରେ ସେ ସ୍ୱନାମଧନ୍ୟ ସମ୍ରାଟ ଅଶୋକଙ୍କଠାରୁ ପୃଥକ ଥିଲେ । ଅଶୋକ ନିଜର କାର୍ଯ୍ୟକଳାପ ନିମିତ୍ ସମଗ୍ର ଜଗତରେ ଖ୍ୟାତିଲାଭ କରିଥିଲେ ସତ୍ୟ; କିନ୍ତୁ ସେ ମୌର୍ଯ୍ୟ ବଂଶ ଓ ବିଶାଳ ମଗଧ ସାମ୍ରାଜ୍ୟ ଯୋଗୁଁ ଗର୍ବ ଓ ଆନନ୍ଦ ଅନୁଭବ କରୁନଥିଲେ । ତାଙ୍କର ଶତ ଶତ ଲେଖ ଆବିଷ୍କୃତ ହୋଇଥିଲେ ମଧ୍ୟ କୁତ୍ରାପି ମୌର୍ଯ୍ୟବଂଶର ନାମ ମିଳେ ନାହିଁ । ରାଜପରିବାର ସମ୍ବନ୍ଧରେ ସେଗୁଡ଼ିକ ନୀରବ ।

ଆନ୍ଧ୍ରରାଜ୍ୟ ଅନ୍ତର୍ଗତ ମାକ୍ଷୀରୁ ପ୍ରାପ୍ତ ଶିଳାଲେଖ ବ୍ୟତୀତ ତାଙ୍କର ତଥା ତାଙ୍କ ପରିବାରର ଶତ ଶତ ଲେଖରେ ଅଶୋକଙ୍କ ନାମ ସୁଦ୍ଧା ମିଳେ ନାହିଁ । କେବଳ ବରହୁତ ସ୍ତୁପରେ ଥିବା ଗୋଟିଏ ଲେଖରେ ସେ ନିଜକୁ ମଗଧରାଜା ବୋଲି ଅଭିହିତ କରିଅଛନ୍ତି । 'ଦେବପ୍ରିୟ ପ୍ରିୟଦର୍ଶୀ' ଅଶୋକ ରାଜା ହୋଇ ମଧ୍ୟ ଜଣେ ଧର୍ମ ପ୍ରଚାରକ ଓ ଧର୍ମ ସଂସ୍କାରକ ମହାପୁରୁଷ ହେବା ପାଇଁ ଚେଷ୍ଟା କରିଥିଲେ । ମହାମାନବ ଗୌତମ ବୁଦ୍ଧଙ୍କର ପବିତ୍ର ଧର୍ମ ପ୍ରଚାର ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା; ତେଣୁ ସେ ନିଜତ୍ୱକୁ ଲୋପ କରି ଏହି ପବିତ୍ର କାର୍ଯ୍ୟରେ ମନ, ପ୍ରାଣ ଓ ଧନ ଉତ୍ସର୍ଗ କରିଥିଲେ । ଅଶୋକଙ୍କ ମହାମାନବ ସୁଲଭ ବ୍ୟକ୍ତିତ୍ୱ ବିରାଟ, ପବିତ୍ର ଓ ମହୀୟାନ ହେଲେ ମଧ୍ୟ ଶ୍ରୀ ଖାରବେଳ ନିଜର ମହନୀୟ ଅକ୍ଷୟ କିର୍ତ୍ତିକଳାପ ଓ ଅସାଧାରଣ ଦେଶପ୍ରାଣତା ଯୋଗୁଁ ଭାରତ ତଥା ପୃଥିବୀର ପ୍ରସିଦ୍ଧ ସମ୍ରାଟମାନଙ୍କ ସହିତ ସମକକ୍ଷ ଓ ସମାସୀନ ବୋଲି ବିବେଚିତ ହୁଅନ୍ତି ।

**ଭାରତ ଇତିହାସରେ ଶ୍ରୀ ଖାରବେଳଙ୍କ ସ୍ଥାନ –** ଶ୍ରୀ ଖାରବେଳ ନିଜର ନାନାବିଧ ସଦ୍‌ଗୁଣ, ଲୋକହିତକର କାର୍ଯ୍ୟକଳାପ ଓ ବିଶାଳ ସାମ୍ରାଜ୍ୟରେ ପ୍ରତିଷ୍ଠା ନିମିତ୍ ପ୍ରାଚୀନ ଭାରତ ଇତିହାସରେ ଗୋଟିଏ ଉଚ୍ଚତମ ସ୍ଥାନ ଅଧିକାର କରିବା ପାଇଁ ସର୍ବଥା ଯୋଗ୍ୟ । ମହୋଦାର ଧର୍ମସାମ୍ୟ, ସାର୍ବଜନୀନ ମୈତ୍ରୀଭାବ ଓ ମହାନୁଭବତା ବିଷୟରେ ପୁଣ୍ୟଶ୍ଳୋକ ବୌଦ୍ଧ ସମ୍ରାଟ ଅଶୋକ ଏବଂ ବିଶାଳ ସାମ୍ରାଜ୍ୟର ପ୍ରତିଷ୍ଠାତା ରୂପେ ମୌର୍ଯ୍ୟ ଚନ୍ଦ୍ରଗୁପ୍ତ ଓ ଗୁପ୍ତବଂଶାବତଂସ ଭାରତ ବିଜୟୀ ସମୁଦ୍ରଗୁପ୍ତଙ୍କ ଠାରୁ ସେ କୌଣସି ପ୍ରକାର ନ୍ୟୂନ ନୁହଁନ୍ତି । ତାଙ୍କର ଦେଶ- ପ୍ରାଣତା ପ୍ରାଚୀନ ଭାରତର ଅନ୍ୟାନ୍ୟ ପ୍ରସିଦ୍ଧ ନରପତିବାନଙ୍କ ଠାରେ କ୍ୱଚିତ ଦେଖାଯାଏ ।

ଶ୍ରୀ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ମଧ୍ୟ ଗୋଟିଏ ଅଦ୍ୱିତୀୟ ଜୀବନ ବୃତ୍ତାନ୍ତ । ଅଶୋକ, ସମୁଦ୍ରଗୁପ୍ତ ପ୍ରଭୃତି ପ୍ରସିଦ୍ଧ୍ ନରପତିମାନଙ୍କ ପ୍ରଶସ୍ତିରେ ସ୍ୱସ୍ୱ ଜୀବନର ଘଟଣାବଳୀର ଧାରାବାହିକତା ଓ ପୌର୍ବାପୌର୍ଯ୍ୟ ପ୍ରତି ଆଦୌ ଦୃଷ୍ଟି ଦିଆଯାଇ ନାହିଁ; କିନ୍ତୁ ଶ୍ରୀ ଖାରବେଳ ନିଜ ଜୀବନର ପ୍ରସିଦ୍ଧ୍ ଘଟଣା ବଳୀ ସମୟାନୁକ୍ରମରେ ତଥା ଧାରାବାହିକ ଭାବରେ ଲିପିବଦ୍ଧ୍ କରି ସମଗ୍ର ଭାରତ ସମ୍ମୁଖରେ ଗୋଟିଏ ଉଚ୍ଚ ଆଦର୍ଶ ଉପସ୍ଥାପିତ କରିଛନ୍ତି । ଅନ୍ୟାନ୍ୟ ପ୍ରାଚୀନ ନରପତିମାନଙ୍କ ଦ୍ୱାରା ଉକ୍ତ ଆଦର୍ଶ ଅନୁସୃତ ହୋଇଥିଲେ ଆଜି ଭାରତର ଧାରାବାହିକ ଇତିହାସ ସଂକଳନ ସହଜ ଓ ସୁଗମ ହୋଇଥାନ୍ତା। ଏବଂ ଉଜ୍ୱଳ ଆଲୋକପାତ ଦ୍ୱାରା ପ୍ରାଚୀନ ଭାରତ ଇତିହାସର ନାନାସ୍ଥାନରେ ପୁଞ୍ଜୀଭୁତ ଅନ୍ଧକାରରାଶୀ ଦୂରୀଭୂତ ହୋଇ ସମଗ୍ର ଜାତିର ବିରାଟ ମହୀୟାନ ଇତିବୃତ୍ ଦେଦୀପ୍ୟମାନ ହେଉଥାନ୍ତା । କଳିଙ୍ଗର ପ୍ରାଚୀନ ଇତିହାସ ରୂପ ଅନ୍ଧକାରାଛନ୍ନ ଗଗନପଟରେ ସମ୍ରାଟ ଶ୍ରୀ ଖାରବେଳ ନବୋଦିତ ଦିନମଣି ତୁଲ୍ୟ ନିଜର କନକ- କିରଣଜାଲ ବିସ୍ତାର କରି ସ୍ୱୀୟ ଜନ୍ମଭୂମି ତଥା ପୁଣ୍ୟଭୂମି ଭାରତବର୍ଷର ମୁଖ ଉଜ୍ୱଳ କରିଥିଲେ ।

**ପାଦଟୀକା:**

୧. ଆର୍ଯ୍ୟସ୍ୟ ମହାରାଜାସ୍ୟ କଳିଙ୍ଗାଥିପତେର୍ମହାମେଘବାହନସ୍ୟ ଶ୍ରୀ ପଦର୍ପସ୍ୟ ଲୟନଂ ।

୨. କୁମାର ବଡୁଖସ୍ୟ (ବରେକ୍ଷସ୍ୟ) ଲୟନଂ (ସଂସ୍କୃତାନୁବାଦ)

୩. ଦର୍ପ- ଏକ ପ୍ରକାର ବିଭତ୍ସ କ୍ରୀଡା; ଏଥିରେ ମଦ୍ୟପାନ, ଅମିତାଚାର କାମୁକତା ଇତ୍ୟାଦିକୁ ପ୍ରଶ୍ରୟ ଦଆଯାଉଥିଲା । ଅର୍ଥଶାସ୍ତ୍ରରେ ଉଚ୍ଚକୁଳର ବଧୂ ଓ କନ୍ୟାମାନେ ଦର୍ପକ୍ରୀଡ଼ା ଦେଖିବା ନିଷିଦ୍ଧ୍ ଥିଲା ।

୪.ପାଷାଣ୍ଡ – ଧର୍ମାବଲମ୍ବୀ ଏହି ଶବ୍ଦ ଅଶୋକଙ୍କ ଚତୁର୍ଦ୍ଦଶ ଶୈଳ ଅନୁଶାସନରେ ମଧ୍ୟ ଉକ୍ତ ଅର୍ଥରେ ବ୍ୟବହୃତ ହୋଇଅଛ ।

***(କେଦାରନାଥ ମହାପାତ୍ରଙ୍କ ଶ୍ରୀଖାରବେଳ ପୁସ୍ତକରୁ ଗୃହୀତ)***

# ଖାରବେଳଙ୍କ ସାମ୍ରାଜ୍ୟ

*ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ*

ହାତୀଗୁମ୍ଫା ଶିଳାଲିପିରେ ଖାରବେଳଙ୍କ ବାଲ୍ୟକାଳର ଇତିହାସ ସଙ୍ଗେ ସଙ୍ଗେ ସାମ୍ରାଜ୍ୟ ଗଠନର ବର୍ଣ୍ଣନା ମଧ୍ୟ ପ୍ରଦତ୍ ହୋଇଅଛି । ତହିଁରେ ଖାରବେଳଙ୍କ ଅମାନୁଷିକ ଶକ୍ତି ଓ ପରାକ୍ରମର ଭୂୟସୀ ପ୍ରଶଂସା କରାଯାଇଛି । ସର୍ବ ଶୁଭଲକ୍ଷଣ ସଂଯୁକ୍ତ ଏହି କଳିଙ୍ଗାଧିପତିଙ୍କର ରାଜତ୍ୱ କାଳର ଉପାଖ୍ୟାନ ଅତି ସୁନ୍ଦର ଭାବରେ ପରିବର୍ଣ୍ଣିତ ହୋଇଛି ।

ଖାରବେଳ 'ଚେଦି' ନାମକ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ (୧) । ଏହି ବଂଶର ସେ ଥିଲେ ତୃତୀୟ ରାଜା (୨) । ପ୍ରଫେସର ଷ୍ଟେନ କେନାଓ, ଡଃ ଜୟସ୍ୱାଲ ଓ ଡଃ ଟମାସ୍ ତାଙ୍କୁ 'ଚେତି' ବା 'ଚେଦି' ବଂଶର ବୋଲି ଅଭିହିତ କରିଛନ୍ତି (୩) ।

କୈଶୋର ଅବସ୍ଥାରେ ଖାରବେଳଙ୍କ ଶାସନ କାର୍ଯ୍ୟର ସୁପରିଚାଳନା ସକାଶେ ଆବଶ୍ୟକୀୟ ଶିକ୍ଷା ପ୍ରଦାନ କରାଯାଇଥିଲା । ସାମରିକ ଶିକ୍ଷା ସଙ୍ଗେ ସଙ୍ଗେ ସେ ଲେଖ, ବିଧି, ଗଣନା, ବ୍ୟବହାର ଆଦି ବିଦ୍ୟାଲାଭ କରିଥିଲେ (୪) ।

ଷୋଡ଼ଶ ବର୍ଷ ବୟସରେ ସେ 'ଯୁବରାଜ' ପଦରେ ଅଭିଷିକ୍ତ ହୋଇଥିଲେ । ସେତେବେଳେ ତାଙ୍କର ବିଦ୍ୟାଲାଭ ସମାପ୍ତ ହୋଇଥିଲେ ।

ଖାରବେଳଙ୍କ ବୀରତ୍ୱ-ବ୍ୟଞ୍ଜକ କ୍ରିୟାକଳାପର ଆଭାସ ମିଳୁଥିଲା ତାଙ୍କର ଅଙ୍ଗସୌଷ୍ଠବ ଓ ଶାରୀରିକ ବିକ୍ରମରୁ । ଯୁବରାଜ ଥିବା ସମୟରେ ସେ ନିଶ୍ଚୟ ସଂଯମ ଓ ଆତ୍ମା ସାଧନାର ଅଧ୍ୟବସାୟରେ ନିଜକୁ ନିୟୋଜିତ କରିଥିବେ । ଆତ୍ମସଂଯମ ଓ ସ୍ଥିର ଏବଂ ବିନୟ ଭାବ ହିଁ ସେ ସମୟରେ ରାଜାମାନଙ୍କର ପ୍ରଧାନ ଲକ୍ଷଣ ରୂପେ ବିବେଚିତ ହେଉଥିଲା, ଏହା ଚାଣକ୍ୟଙ୍କ 'ଅର୍ଥଶାସ୍ତ୍ର' ର ଅନୁସରଣ କରି (୫) ।

ଖାରବେଳ ଚତୁର୍ବିଂଶତି ବର୍ଷ ବୟସରେ କଳିଙ୍ଗର ସିଂହାସନ ଆରୋହଣ କରି ୧୩ ବର୍ଷ ମାତ୍ର ରାଜତ୍ୱ କରିଥିଲେ (୬) । ଏହି ସ୍ୱଳ୍ପ ସମୟ ମଧ୍ୟରେ ସେ କଳିଙ୍ଗର ଉତ୍ତର ଓ ଦକ୍ଷିଣରେ ଥିବା ସମସ୍ତ ରାଜ୍ୟ ଜୟ କରିଥିଲେ (୭) । ଅଶୋକଙ୍କ ଆକ୍ରମଣ ଫଳରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲେ ସୁଦ୍ଧା କଳିଙ୍ଗର ସ୍ୱାଧୀନ ମନୋଭାବର ମୃତ୍ୟୁ ଘଟିନଥିଲା । ଅଶୋକଙ୍କ ମୃତ୍ୟୁର କ୍ଷଣକାଳ ପରେ କଳିଙ୍ଗ ନିଶ୍ଚୟ ତାର ସ୍ୱାଧୀନତା ଲାଭ କରିଥିବ । ସ୍ୱାଧୀନତା ଲାଭର ପ୍ରାୟ ଦୁଇଶତ ବର୍ଷ ମଧ୍ୟରେ ପୁଣି କଳିଙ୍ଗ ଏକ ଶକ୍ତିଶାଳୀ ରାଷ୍ଟ୍ର ହୋଇ ପାରିଥିଲା ବିଗତ ବିପର୍ଯ୍ୟୟର ପ୍ରତିଶୋଧ ନେବା ପାଇଁ । ଖାରବେଳଙ୍କ ଆବିର୍ଭାବ ସମୟକୁ କଳିଙ୍ଗରେ ତାଙ୍କ ଦିଗବିଜୟ ନିମନ୍ତେ ସବୁ ପ୍ରକାର କ୍ଷେତ୍ର ପ୍ରସ୍ତୁତ ହୋଇସାରିଥିଲା । ଏତେ ଅଳ୍ପକାଳ ମଧ୍ୟରେ ସେ ଯେ କିପରି ସମଗ୍ର ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ନିଜର ବିଜୟକେତନ ଉଡ଼ାଇ ପାରିଲେ ତାହା ହିଁ ଆଶ୍ଚର୍ଯ୍ୟର ବିଷୟ । ଖାରବେଳଙ୍କ ସମୟରେ କଳିଙ୍ଗର ସୈନ୍ୟସଂଖ୍ୟା କଅଣ ଥିଲା ଜାଣିବାରେ ବର୍ତ୍ତମାନ କିଛି ଉପାୟ ନାହିଁ । ହାତୀଗୁମ୍ଫା ଶିଳାଲିପି ମଧ୍ୟ ସେ ସମ୍ବନ୍ଧରେ ସମ୍ପୂର୍ଣ୍ଣ ନୀରବ ।

ହାତୀଗୁମ୍ଫା ଶିଳାଲିପିର ଚତୁର୍ଥ ଧାଡ଼ିରୁ ଆମେ ଜାଣୁ ଯେ ଖାରବେଳ ତାଙ୍କ ରାଜତ୍ୱର ଦ୍ୱିତୀୟ ବର୍ଷରେ କଳିଙ୍ଗର ପଶ୍ଚିମ ଦିଗକୁ ସୈନ୍ୟ ପ୍ରେରଣ କରିଥିଲେ । ଏହି ବର୍ଷରୁ ତାଙ୍କ ସାମ୍ରାଜ୍ୟ ସ୍ଥାପନର ପ୍ରଚେଷ୍ଟା ଆରମ୍ଭ ହେଲା । ପଶ୍ଚିମ ଦିଗକୁ ସୈନ୍ୟ ପ୍ରେରଣ କରିବା ପୂର୍ବରୁ ଚକ୍ରବର୍ତ୍ତୀ ଖାରବେଳ ନିଶ୍ଚୟ ସୈନ୍ୟବାହିନୀର ଅଭୂତପୂର୍ବ ଉନ୍ନତି ସାଧନ କରି ତାକୁ ଅଜେୟ କରିଥିଲେ (୮) । ଏହି ଦୁର୍ଜୟ କଳିଙ୍ଗସେନାର ଶକ୍ତି ପ୍ରଥମେ ନିୟୋଜିତ ହୋଇଥିଲା ଆନ୍ଧ୍ର ସାତବାହନ ବଂଶର ତୃତୀୟ ରାଜା ସାତକର୍ଣ୍ଣୀଙ୍କ ବିରୁଦ୍ଧରେ (୯) । ସାତକର୍ଣ୍ଣୀଙ୍କ ସହିତ ଖାରବେଳଙ୍କ ଯୁଦ୍ଧର କାରଣ ଇତିହାସର

ବିସ୍ମୃତି ଗର୍ଭରେ ଆଚ୍ଛନ୍ନ ହୋଇରହିଛି । ହୁଏତ କଳିଙ୍ଗାଧିପତିଙ୍କର ସାମ୍ରାଜ୍ୟ ପ୍ରତିଷ୍ଠାର ଉଚ୍ଚାକାଂକ୍ଷାରେ ପ୍ରତିବେଶୀ ସାତକର୍ଣ୍ଣୀ କୌଣସି ପ୍ରକାର ଅନ୍ତରାୟ ସୃଷ୍ଟି କରିଥିବେ । ଏହି ଆକସ୍ମିକ ଆକ୍ରମଣର ପ୍ରତିରୋଧ କରିବା ସାତକର୍ଣ୍ଣୀଙ୍କ ପକ୍ଷରେ ସମ୍ଭବପର ନଥିଲା । ଅଗତ୍ୟା ବାଧ୍ୟ ହୋଇ ସେ ପରାଜୟ ସ୍ୱୀକାର କରିଥିଲେ ।

ତତ୍ପରେ କଳିଙ୍ଗବାହିନୀ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ନକରି କୃଷ୍ଣାନଦୀର ତୀରସ୍ଥ ଅସିକ ନଗର (୧୦) ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ପୁରାଣମାନଙ୍କର ବର୍ଣ୍ଣନାରୁ ପ୍ରତୀତ ହୁଏ ଯେ ଏହି କୃଷ୍ଣାନଦୀ ତୀରର ରାଜ୍ୟମାନେ ଅତି ପରାକ୍ରମୀ ଥିଲେ । କିନ୍ତୁ ଖାରବେଳଙ୍କ ଅଗ୍ରଗତିକୁ ପ୍ରତିରୋଧ୍ କରିବାର ଦୁଃସାହସ ସେମାନଙ୍କର ନଥିଲା । ଅସିକ ନଗରବାସୀଙ୍କୁ ଆତଙ୍କିତ କରି ଦୀର୍ଘ ଏକ ବର୍ଷର ବିଜୟଯାତ୍ରା ପରେ ଖାରବେଳ କଳିଙ୍ଗ ନଗରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ରାଜତ୍ୱର ତୃତୀୟ ବର୍ଷରେ ଖାରବେଳ କେଉଁଠାରେ ଜୟଯାତ୍ରା କରିବାର ପ୍ରମାଣ ଆମେ ପାଇନାହୁଁ । ବରଂ ସେହି ବର୍ଷ ସେ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଆମୋଦ- ପ୍ରମୋଦରେ ସମୟାତିବାହିତ କରିଥିଲେ ବୋଲି ହାତୀଗୁମ୍ଫା ଶିଳାଲିପିରେ ବର୍ଣ୍ଣିତ ହୋଇଛି ।

କିନ୍ତୁ ଚତୁର୍ଥ ବର୍ଷରେ ପୁଣି କଳିଙ୍ଗ ସୈନ୍ୟ ବାହିନୀର ରଣ ଦୁନ୍ଦୁଭିରେ ବିନ୍ଧ୍ୟାଚଳ ନିନାଦିତ ହୋଇ ଉଠିଥିଲା । ଅରକଡପୁରର ବିଦ୍ୟାଧରମାନଙ୍କୁ ଅଧିକାର କରି ଖାରବେଳ ରଥିକ ଓ ଭୋଜକମାନଙ୍କୁ ଆକ୍ରମଣ କରିଥିଲେ । ଯୁଦ୍ଧରେ ପରାସ୍ତ ହୋଇ ସେମାନେ କଳିଙ୍ଗ ସମ୍ରାଟଙ୍କର ଅଧୀନତା ସ୍ୱୀକାର କରିଥିଲେ । (୧୧)

ଖାରବେଳଙ୍କର ରାଜତ୍ୱର ଅଷ୍ଟମବର୍ଷ କେବଳ କଳିଙ୍ଗ ଇତିହାସରେ କାହିଁକି ଭାରତ ଇତିହାସରେ ମଧ୍ୟ ଏକ ଯୁଗାନ୍ତକାରୀ ସମୟ । ସେହି ବର୍ଷ ଦକ୍ଷିଣ ଭାରତ ପ୍ରତି ଦୃଷ୍ଟିପାଦ ନକରି ମହାମେଘବାହନ କଳିଙ୍ଗ ସମ୍ରାଟ ଉତ୍ତର ଭାରତ ଅଧିକାର କରିବାରେ ଆକାଂକ୍ଷା ପ୍ରକାଶ କରିଥିଲେ । ମହାପଦ୍ମନନ୍ଦ ଓ ଅଶୋକଙ୍କ ଦ୍ୱାରା ଦୁଇଥର ପରାଜିତ ହେବା ଦ୍ୱାରା କଳିଙ୍ଗବାସୀଙ୍କ ମନ ମଧ୍ୟରେ ପ୍ରତିଶୋଧର ବହ୍ନି ଅଧିକତର ପ୍ରଜ୍ୱଳିତ ହୋଇଥିବା ସ୍ୱାଭାବିକ । ମଗଧ ସାମ୍ରାଜ୍ୟର ଉନ୍ନତ ଓ ବିସ୍ତୀର୍ଣ୍ଣ ବକ୍ଷ ଉପରେ ପଦାଘାତ କରିବା ହିଁ ଥିଲା ସେମାନଙ୍କର ଏକମାତ୍ର ଓ ପ୍ରଧାନ ଅଭିଳାଷ । ଖ୍ରୀ:ପୂ: ୨୬୧ରେ ଘଟିଥିବା ରଣତାଣ୍ଡବର ମର୍ମନ୍ତୁଦ ପରିଣାମ ସେମାନଙ୍କ ସ୍ମୃତି ପଥରୁ ଲିଭି ଯାଇନଥିଲା । ସେମାନେ କେବଳ ସୁଯୋଗ ଓ ସମୟର ପ୍ରତୀକ୍ଷାରେ ଥିଲେ । ଚେଦି ରାଜବଂଶର ଅଭ୍ୟୁଦୟ ଫଳରେ ଏହି ଅଭିଳାଷ ପରିପୂରଣର ପଥ ସୁଗମ ହୋଇଗଲା ।

କଳିଙ୍ଗରେ ଚେତି ରାଜବଂଶର ଆବିର୍ଭାବ ବେଳକୁ ମଗଧର ରାଜନୈତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା । ଗ୍ରୀକ୍‌ମାନଙ୍କ ଦ୍ୱାରା ବାରମ୍ବାର ଆକ୍ରମିତ ହୋଇ ମଧ୍ୟ ମଗଧ ସମ୍ରାଜ୍ୟର ଅସ୍ତିତ୍ୱ ହିଁ ଅବଶିଷ୍ଟ ରହିଥିଲା ମାତ୍ର । ଏହି ସମୟରେ ମଗଧ୍ ଆକ୍ରମଣ କରି କାଣ୍ୱବଂଶର ଶେଷ ରାଜା ସୁଶର୍ମତଶଙ୍କୁ ବିତାଡ଼ିତ କରିଥିଲେ ଆନ୍ଧ୍ର ସାତବାହନ ବଂଶର ପ୍ରତିଷ୍ଠାତା ସିମୂକ । ସିମୂକଙ୍କର ଅଳ୍ପକାଳ ପରେ କଳିଙ୍ଗ ସୈନ୍ୟବାହିନୀ ଅଗ୍ରସର ହୋଇଥିଲେ ପାଟଳିପୁତ୍ର ଅଭିମୁଖରେ ଏବଂ ଖାରବେଳ ଗ୍ରହଣ କରିଥିଲେ ଏହାର ନେତୃତ୍ୱ । ଦକ୍ଷିଣ ଭାରତର ଅପ୍ରତିଦ୍ୱନ୍ଦ୍ୱୀ ଶାସକ ହିସାବରେ ତାଙ୍କର ଶକ୍ତି ଓ ସୈନ୍ୟସଂଖ୍ୟା ଅନେକ ପରିମାଣରେ ନିଶ୍ଚୟ ବୃଦ୍ଧି୍ ପାଇଥିବ । ଏହି ଅପରିମେୟ ଶକ୍ତି ସମକ୍ଷରେ ଉତ୍ତର ଭାରତର ରାଜନୈତିକ ବିପର୍ଯ୍ୟୟ କୌଣସି ଅନ୍ତରାୟ ସୃଷ୍ଟି କରିବା ପରିବର୍ତ୍ତେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଦିଗବିଜୟର କ୍ଷେତ୍ର ଓ ପଥ ସୁଗମ କରିଥିଲା । ମଗଧର ରାଜଧାନୀ ପାଟଳିପୁତ୍ର ଅଧିକାର କରିବା ପୂର୍ବରୁ ଗୋରଧଗିରିର ଧ୍ୱଂସ ସାଧିତ ହୋଇଥିଲା । ପାଟଳିପୁତ୍ରର ପ୍ରବେଶ ଦ୍ୱାରରେ ଛିଡ଼ା ହୋଇଥିଲା ଗୋରଧଗିରିର ଅଭେଦ୍ୟ ଦୁର୍ଗ ଯାହାର ଧ୍ୱଂସରେ ପାଟଳିପୁତ୍ରର ଧ୍ୱଂସ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିଲା । ଗୋରଧଗିରି ଅଧିକାର ପରେ ରାଜଗୃହ ମଧ୍ୟ ଖାରବେଳ ଅଧିକାର କରିଥିଲେ । (୧୨)

ପାଟଳିପୁତ୍ରରେ ଖାରବେଳଙ୍କୁ ପ୍ରତିରୋଧ କରିବାର ସାହସ ବୋଧହୁଏ କେହି କରିନଥିଲେ । ଯଦିବା ପ୍ରତିବିଧାନ ସୃଷ୍ଟି ହୋଇଥିବ ତେବେ ତାହା ଅତି ସାଧାରଣ ଧରଣର ଯାହାକୁ ଖାରବେଳ ଅନାୟାସରେ ଅତିକ୍ରମ କରିଥିବେ ।

ପାଟଳୀପୁତ୍ର ଅଧିକୃତ ହେବାର ଠିକ୍ ଅବ୍ୟବହିତ ପୂର୍ବରୁ ଖାରବେଳ ଆଉ ଏକ ଶତ୍ରୁର ସମ୍ମୁଖୀନ ହୋଇଥିଲେ । ହାତୀଗୁମ୍ଫା ଶିଳାଲେଖର ଅଷ୍ଟମ ଧାଡ଼ିରେ ଏହି ଶତ୍ରୁକୁ 'ଯବନରାଜ' ବୋଲି ଅଭିହିତ କରାଯାଇଛି । ଡଃ ଜୟସ୍ୱାଲ କହନ୍ତି ଯେ ଉକ୍ତ ଧାଡ଼ିରେ ଯବନରାଜ ଦିମିତ ବୋଲି ଉଲ୍ଲେଖ ଅଛି । (୧୩) କିନ୍ତୁ ଡଃ ବେନିମାଧବ ବରୁଆ (୧୪) ଓ ଡକ୍ଟର ଦୀନେଶଚନ୍ଦ୍ର ସରକାର (୧୫) ତାହା ଅସ୍ୱୀକାର କରିଛନ୍ତି । ଏହି 'ଯବନରାଜ' ବୋଧିହୁଏ କୌଣସି ଗ୍ରୀକ୍ ବା ତାଙ୍କ ଆକ୍ରମଣକାରୀଙ୍କ ଉଦ୍ଦେଶ୍ୟ କରି ଲେଖାଯାଇଛି । ଉକ୍ତ 'ଯବନରାଜ' ମଗଧ ଆକ୍ରମଣ କରିବା ସମୟରେ ଖାରବେଳ ମଧ୍ୟ ଆକ୍ରମଣ କରିଥିଲେ । ତେଣୁ ଉଭୟଙ୍କ ମଧ୍ୟରେ ଯୁଦ୍ଧହେବା ଅବଶ୍ୟମ୍ଭାବୀ ହୋଇଥିଲା । ଖାରବେଳଙ୍କ ବୀରତ୍ୱରେ ଅସ୍ଥିର ହୋଇ ଯବନରାଜ ଯୁଦ୍ଧର ସମ୍ମୁଖୀନ ହେବା ପରିବର୍ତ୍ତେ ମଥୁରାକୁ ପଳାୟନ କରିଥିଲେ । ହେଲେ ହେଁ କଳିଙ୍ଗ ସମ୍ରାଟ ଦୂରଦର୍ଶୀ ରାଜନୀତିଜ୍ଞ ହିସାବରେ ଯବନରାଜଙ୍କୁ ଭାରତରୁ ବହିଷ୍କାର କରିବାରେ ପରାଙ୍ମୁଖ ହୋଇନଥିଲେ । (୧୬) ଫଳତଃ କଳିଙ୍ଗ ସେନା ମଥୁରା ଅଭିମୁଖରେ ଯାତ୍ରା କରିଥିଲେ । କିନ୍ତୁ ଯବନରାଜ ଆତ୍ମରକ୍ଷା କରିଥିଲେ ଚିରଦିନ ସକାଶେ ଭାରତରୁ ପଳାୟନ କରି ।

ଉତ୍ତର ଭାରତ ବିଜୟ ପରେ ଖାରବେଳଙ୍କର ପ୍ରଜ୍ୱଳିତ ସ୍ୱର୍ଣ୍ଣ ମୁକୁଟ ଅଧିକ ଦୀପ୍ତିମନ୍ତ ହୋଇ ଉଠିଲା । କିନ୍ତୁ ବିଜୟର ସୁଯୋଗ ନେଇ କଳିଙ୍ଗ ସମ୍ରାଟ ଲୁଣ୍ଠନର ପର୍ଯ୍ୟାୟ ସୃଷ୍ଟି କରିନଥିଲେ । ମଥୁରାବାସୀଙ୍କୁ ଆମୋଦ ପ୍ରମୋଦରେ ଆପ୍ୟାୟିତ କରି ସେ ଗୃହାଭିମୁଖେ ଯାତ୍ରା କରିଥିଲେ । (୧୭)

ତାପରେ ତିନିବର୍ଷ ପର୍ଯ୍ୟନ୍ତ ଖାରବେଳ ପୁନରାୟ ଉତ୍ତର ଭାରତ ଆକ୍ରମଣ କରିନଥିଲେ । ଏହି ସମୟ ମଧ୍ୟରେ ଦକ୍ଷିଣ ଭାରତ ପୁଣି ତାଙ୍କ କ୍ରୁରଦୃଷ୍ଟି ଆକର୍ଷଣ କରିଥିଲା । ରାଜତ୍ୱର ନବମ ବର୍ଷରେ ବିଜୟର ପ୍ରତୀକ ସ୍ୱରୂପ ସେ ବହୁ ଅର୍ଥ ବ୍ୟୟରେ ଏକ ବିରାଟ ପ୍ରାସାଦ ନିର୍ମାଣ କରାଇଥିଲେ । (୧୮) ରାଜତ୍ୱର ଏକାଦଶ ବର୍ଷରେ ଦାକ୍ଷିଣାତ୍ୟର ମୁସଳମାନଙ୍କ ବିରୁଦ୍ଧରେ ସେ ଯୁଦ୍ଧଯାତ୍ରା କରିଥିଲେ । କଳିଙ୍ଗରେ ଖାରବେଳଙ୍କର ଅନୁପସ୍ଥିତିର ସୁଯୋଗ ନେଇ ଦାକ୍ଷିଣାତ୍ୟର ଅଧିକୃତ ରାଜ୍ୟମାନଙ୍କରେ ବୋଧିହୁଏ ବିଦ୍ରୋହର ଆୟୋଜନ ହୋଇଥିଲା ସ୍ୱାଧୀନତା ସକାଶେ । କାରଣ ତାମିଲ ରାଷ୍ଟ୍ରମାନେ ଏକବଦ୍ଧ ହୋଇ ଖାରବେଳଙ୍କ ବିରୁଦ୍ଧରେ ସଂଗ୍ରାମ କରିବାର ବର୍ଣ୍ଣନା ଆମେ ହାତୀଗୁମ୍ଫା ଶିଳାଲିପିରୁ ପାଉଁ । କ୍ରୋଧାନ୍ୱିତ ସମ୍ରାଟ ପ୍ରଥମେ ମୁସଳମାନଙ୍କ ଧ୍ୱଂସ ସାଧନ କରି ତାମିଲ ରାଷ୍ଟ୍ରମାନଙ୍କୁ ଅତି ବିଚକ୍ଷଣ ସହକାରେ ପରାସ୍ତ କରିଥିଲେ । ତାମିଲ ରାଷ୍ଟ୍ରମାନଙ୍କ ସଂଘ ୧୧୩ ବର୍ଷ ପୂର୍ବରୁ ପରିଗଠିତ ହୋଇଥିଲା ବୋଲି ଶିଳାଲିପିରେ ଉଲ୍ଲେଖ କରାଯାଇଛି । (୧୯) ସାତକର୍ଣ୍ଣୀଙ୍କର ପରାଜୟ ପରେ ହୁଏତ ଏହି ତାମିଲ ସଂଘ ଖାରବେଳଙ୍କ ପ୍ରତ୍ୟକ୍ଷ ଶତ୍ରୁତାଚରଣ କରିଥିଲା । ଉତ୍ତର ଭାରତରେ ଥିବା ସମୟରେ ଖାରବେଳ ନିଶ୍ଚୟ ତାମିଲ ରାଷ୍ଟ୍ରମାନଙ୍କର ଶକ୍ତି ବୃଦ୍ଧିକୁ ଏକ ଅନାଗତ ଭବିଷ୍ୟତର ବିପଦ ସଂକେତ ବୋଧ କରି ସେମାନଙ୍କର ଉଚ୍ଛେଦ ସାଧନରେ ବାଧ୍ୟ ହୋଇଥିଲେ । ରାଜତ୍ୱର ଏକାଦଶ ବର୍ଷରେ ତାଙ୍କର ଦାକ୍ଷିଣାତ୍ୟ ବିଜୟ ତାଙ୍କୁ ଅଧିକ ମହୀୟାନ କରି ଅପ୍ରତିଦ୍ୱନ୍ଦୀ ବୋଲି ପ୍ରମାଣିତ କଲା । ରାଜତ୍ୱର ଅବଶିଷ୍ଟ କାଳରେ ସେ ଦକ୍ଷିଣ ଭାରତରୁ କୌଣସି ବିପଦର ଆଶଙ୍କା କରିନଥିଲେ ।

ଖାରବେଳଙ୍କ ସଂଗ୍ରାମ ଏତିକିରେ ଶେଷ ହୋଇନଥିଲା । ନିର୍ବାଣୋନ୍ମୁଖ ପ୍ରଦୀପର ଶେଷ ବିକିରଣ ସଦୃଶ ଖାରବେଳ ପୁଣି ସୈନ୍ୟ ଚାଳନା କରିଥିଲେ ଉତ୍ତର ଭାରତ ଅଭିମୁଖରେ । ପ୍ରଥମଥରର ଉତ୍ତର ଭାରତ ଆକ୍ରମଣରେ ବୋଧିହୁଏ ସାମ୍ରାଜ୍ୟବାଦୀ ଖାରବେଳଙ୍କର ମନବୋଧ ଘଟିନଥିଲା । ମଗଧ ସମ୍ରାଜ୍ୟର ରାଜଧାନୀ ପାଟଳୀପୁତ୍ର ଅଧିକାର ପାଇଁ ବୋଧିହୁଏ ସେ ସମୟ ପାଇନଥିଲେ । କାରଣ ଅଧିକାରର ଅବ୍ୟବହିତ ପୂର୍ବରୁ ତାଙ୍କର ଅଗ୍ରଗତିରେ ପ୍ରତିବନ୍ଧକ

ସୃଷ୍ଟି କରିଥିଲେ ଯବନରାଜ । କଳିଙ୍ଗବାସୀଙ୍କ ବିକ୍ଷତ ହୃଦୟରୁ ବୋଧହୁଏ ପ୍ରତିଶୋଧର ହୁତାଗ୍ନି ପୂର୍ଣ୍ଣ ନିର୍ବାପିତ ହୋଇନଥିଲା । କଳିଙ୍ଗର ଇଷ୍ଟ ଦେବତା ସେ ପର୍ଯ୍ୟନ୍ତ ରହିଥିଲେ ସୁଦୂର ପାଟଳୀପୁତ୍ରରେ ପୂର୍ବ ଶତ୍ରୁର କରଗତ ହୋଇ । ସେହି କଳିଙ୍ଗ ଜନଙ୍କର ପୁନରୁଦ୍ଧାର ବୋଧହୁଏ ଖାରବେଳଙ୍କର ଦ୍ୱିତୀୟବାର ଉତ୍ତର ଭାରତ ଆକ୍ରମଣର ପ୍ରଧାନ କାରଣ ।

ଏହି ଦ୍ୱିତୀୟବାର ଆକ୍ରମଣରେ ଉତ୍ତର ଭାରତର ସମସ୍ତ ରାଜା ଓ ମଗଧର ଅଧିବାସୀମାନଙ୍କୁ ଖାରବେଳ ସଂତ୍ରସ୍ତ କରି ପକାଇଥିଲେ ।(୨୦) ଅଙ୍ଗ ଓ ମଗଧ ଅଧିବାସୀଙ୍କ ମନରେ ଆତଙ୍କ ସୃଷ୍ଟି କରି ଖାରବେଳ ତାଙ୍କର ଅଶ୍ୱ ଓ ଗଜମାନଙ୍କୁ ଭାଗୀରଥୀରେ ଜଳପାନ କରାଇଥିଲେ । ଉତ୍ତର ଭାରତର ରାଜାମାନେ ତାଙ୍କର ବଶ୍ୟତା ସ୍ୱୀକାର କରିବା ପରେ ମଗଧର ରାଜା ବୃହସ୍ପତି ମିତ୍ରଙ୍କୁ (୨୧) ପାଦବଂଦନା କରିବା ପାଇଁ ବାଧ୍ୟ କରିଥିଲେ ।

ତତ୍ପରେ ଖାରବେଳ କଳିଙ୍ଗ ଜିନଙ୍କୁ ଉଦ୍ଧାର କରିଥିଲେ ପାଟଳୀପୁତ୍ର ରାଜପ୍ରାସାଦରୁ । ଏହି କଳିଙ୍ଗ ଜିନ୍‌ଙ୍କୁ ପ୍ରାୟ ତିନିଶତ ବର୍ଷ ପୂର୍ବେ କଳିଙ୍ଗ ବିଜେତା ନନ୍ଦରାଜ ତାଙ୍କ ବିଜୟର ପ୍ରତୀକ ସ୍ୱରୂପ ଏଠାରୁ ଘେନି ଯାଇଥିଲେ । ସେ ସମୟରେ କଳିଙ୍ଗ ଜୈନଧର୍ମର କେନ୍ଦ୍ରସ୍ଥଳୀ ହେତୁ ଜିନ ଥିଲେ ତାର ଇଷ୍ଟଦେବ । ଜୈନ ସମ୍ରାଟ୍ ଖାରବେଳ ତେଣୁ ଜିନଙ୍କୁ ଅବହେଳା କରିଥାନ୍ତେ କିପରି ? ଦୀର୍ଘ ତିନିଶତ ବର୍ଷର କାରାବାସ ପରେ କଳିଙ୍ଗ ଜିନ ସ୍ୱସ୍ଥାନକୁ ଆନୀତ ହେଉଥିବାରୁ ଏକ ବିରାଟ ଶୋଭାଯାତ୍ରାର ଆୟୋଜନ କରିଥିଲେ । କଳିଙ୍ଗ ଜିନ ଶୋଭାଯାତ୍ରାର ଶୁଭ ଅବେଷ୍ଟନୀ ମଧ୍ୟରେ ନିଜର ପୂର୍ବ ସ୍ଥାନକୁ ଫେରିଆସିଥିଲେ ।

ଖାରବେଳ ମଗଧରୁ କେବଳ କଳିଙ୍ଗଜିନଙ୍କୁ ଆଣିଲେ ନାହିଁ, ସଙ୍ଗେ ସଙ୍ଗେ ବହୁ ପରିମାଣରେ ଧନରତ୍ନ ମଧ୍ୟ ମଗଧ ଓ ଅଙ୍ଗର ଅଧିବାସୀଙ୍କ ଠାରୁ ଆଣିଥିଲେ (୨୨) । ଏହି ଅର୍ଥ କଳିଙ୍ଗ ନଗରର ଶ୍ରୀବୃଦ୍ଧି ସାଧନ ନିମନ୍ତେ ବ୍ୟୟିତ ହୋଇଥିଲା । କଳିଙ୍ଗ ଓ ମଗଧ ଭିତରେ ଥିବା ଚିରନ୍ତନ ଶତ୍ରୁତାର ପରିସମାପ୍ତି ଘଟିଥିଲା ଏହିପରି ଭାବରେ ।

ସ୍ୱଦେଶାଗତ ବିଜୟୀ ଖାରବେଳ ତଥାପି ସ୍ଥିର ହୋଇରହି ପରିଲେ ନାହିଁ । ସେହିବର୍ଷ ସେ ଦକ୍ଷିଣାପଥ ଅତିକ୍ରମ କରି ପାଣ୍ଡ୍ୟ ରାଜ୍ୟକୁ ଆକ୍ରମଣ କଲେ । ହାତୀଗୁମ୍ଫା ଶିଳାଲିପିରେ ପାଣ୍ଡ୍ୟରାଜାଙ୍କ ନାମୋଲ୍ଲେଖ ନାହିଁ । ପାଣ୍ଡ୍ୟରାଜା ବାଧ୍ୟ ହୋଇଥିଲେ ଖାରବେଳଙ୍କ ବଶ୍ୟତା ସ୍ୱୀକାର କରିବାକୁ । ଫଳତଃ ତାଙ୍କୁ ବହୁ ପରିମାଣରେ ମୁକ୍ତା, ହୀରା ଆଦି ମୂଲ୍ୟବାନ ପଦାର୍ଥ ଭେଟି ଦେବାକୁ ପଡ଼ିଥିଲା । (୨୩)

ପାଣ୍ଡ୍ୟରାଜାଙ୍କୁ ଜୟ କରିବା ବେଳକୁ କଳିଙ୍ଗ ସାମ୍ରାଜ୍ୟ ଉତ୍ତରରେ ପାଟଳୀପୁତ୍ରଠାରୁ ଦକ୍ଷିଣରେ ପାଣ୍ଡ୍ୟ ପର୍ଯ୍ୟନ୍ତ ଏବଂ ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ ବିନ୍ଧ୍ୟାଚଳର ରାଷ୍ଟ୍ରିକ ଓ ଭୋଜକ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଡଃ ବେନିମାଧବ ବରୁଆ ଗୋଦାବରୀ ନଦୀକୁ ଖାରବେଳଙ୍କ ସାମ୍ରାଜ୍ୟର ଦକ୍ଷିଣ ପ୍ରାନ୍ତ ବୋଲି ଗ୍ରହଣ କରିଅଛନ୍ତି । ବିନ୍ଧ୍ୟ ପର୍ବତରୁ ନିର୍ଗତ ହୋଇ ଗୋଦାବରୀ ପ୍ରକୃତରେ ହୁଏତ କଳିଙ୍ଗ ସାମ୍ରାଜ୍ୟର ଦକ୍ଷିଣସୀମାରେ ପ୍ରବାହିତ ହୋଇଥିବ । କିନ୍ତୁ ଖାରବେଳଙ୍କ ରାଜତ୍ୱର ଦ୍ୱାଦଶବର୍ଷରେ ପାଣ୍ଡ୍ୟରାଜା କଳିଙ୍ଗ ସମ୍ରାଟଙ୍କର ଅଧୀନତା ସ୍ୱୀକାର କରିଥିବାରୁ ଆମେ ଗୋଦାବରୀ ନଦୀକୁ ଦକ୍ଷିଣ ସୀମା ରୂପେ ଗ୍ରହଣ କରିନପାରୁ । ହାତୀଗୁମ୍ଫା ଶିଳାଲେଖରୁ ଆମେ ଜାଣୁଛୁଁ ଯେ ପଶ୍ଚିମ ଦିଗରେ ଖାରବେଳ ସାତକର୍ଣ୍ଣୀଙ୍କୁ ଜୟ କରି ଅସକ ନଗର ପର୍ଯ୍ୟନ୍ତ ଅଧିକାର କରିବା ଦ୍ୱାରା କୋଶଳ କିମ୍ବା ଦକ୍ଷିଣକୋଶଳ (୨୪) ନିଶ୍ଚୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିବ । ଡଃ ଷ୍ଟେନ କୋନା ଓ ଡଃ ଜୟସ୍ୱାଲ କହନ୍ତି ଯେ ଅଶୋକ କଳିଙ୍ଗ ବିଜୟ ପରେ ଏହି କୋଶଳ ଅଳକୁ ଜୟକରି ନପାରି 'ଅନ୍ତା ଅବିଜିତା' ନାମରେ ଅବିହିତ କରିଥିଲେ (୨୫) । କୋଶଳର ଅଭେଦ୍ୟ ଅରଣ୍ୟ ମଧ୍ୟରେ ସେତେବେଳେ ବାସ କରୁଥିଲେ ଆଟବିକମାନେ । ଖାରବେଳଙ୍କ ପଶ୍ଚିମ ଦିଗକୁ ସୈନ୍ୟ ପ୍ରେରଣ ଫଳରେ ସେହି ଅଳ କଳିଙ୍ଗର ଅଧିକାରଭୁକ୍ତ ହୋଇଥିଲା ।

ଏହି ବିସ୍ତୀର୍ଣ୍ଣ ସାମ୍ରାଜ୍ୟର ଅଧୀଶ୍ୱର ହୋଇ ଖାରବେଳ ପୁନରାୟ ଯୁଦ୍ଧ କରିବାର ଇଚ୍ଛା ପ୍ରକାଶ କରିନଥିଲେ ।

ରାଜତ୍ୱର ତ୍ରୟୋଦଶ ବର୍ଷ ସେ ଅତିବାହିତ କରିଥିଲେ ଧର୍ମ କାର୍ଯ୍ୟରେ । ତାପରେ ମହାମେଘବାହନଙ୍କର ଇତିହାସ ସମ୍ପର୍କରେ ହାତୀଗୁମ୍ଫା ଶିଳାଲିପି ସମ୍ପୂର୍ଣ୍ଣ ନିରବ । ବୋଧହୁଏ ସ୍ୱଇଚ୍ଛାରେ ରାଜପଦ ତ୍ୟାଗକରି ଖାରବେଳ ଜୈନ ସନ୍ନ୍ୟାସୀର ପରିଚ୍ଛଦ ଗ୍ରହଣ କରିଥିଲେ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତଙ୍କ ସଦୃଶ ।

**ପାଦଟୀକା:**

୧. 'ଚେତିରାଜ ବଂଶ ବଧିନ' ।

୨. ତତୀୟେ କଳିଙ୍ଗ ରାଜବଶେ ପୁରିଷ ଯୁଗେ ମହାରାଜାଭିଷେଚନଂ ପାପୁନାତି ।

୩. Old Brahmi inscriptions, P.233

୪. Hatigumpha Inscriptions - line.1

୫. ବିଦ୍ୟାବିନିତୋ ରାଜାହଂ ପ୍ରଜାନାଂ ବିନୟେ ରତଃ । ଅନନ୍ୟାଂ ପୃଥିବୀଂ ଭୁଂକ୍ତେ ସର୍ବଭୁତହିତେ ରତଃ । K.A.

୬. History of Orissa- Dr. H.K. Mahatab and Early History of India-N.N. Ghosh.

୭. Glimpses of Kalinga History- M.N. Das, P.60.

୮. 'ଆପତିହତଚକ ବାହନଦଳୋ'.

୯. History of Orissa, Vol.II, Ed. by Dr. N.K. Sahu, P.327.

୧୦. ଅସିକ ନଗରକୁ ଡଃ ଜୟସ୍ୱାଲ ଓ ପ୍ରଫେସର ରାଖାଲଦାସ ବାନାର୍ଜୀ 'ମୂଷିକ ନଗର' ବୋଲି ପାଠ କରିଅଛନ୍ତି ।

୧୧. ରଥିକ (ରାଷ୍ଟ୍ରିକ) ଓ ଭୋଜକମାନଙ୍କ ଅଶୋକଙ୍କ ଶିଳାଲିପିରେ ମଧ୍ୟ ଉଲ୍ଲେଖ କରାଯାଇଛି ।

୧୨. ଅଂମେ ଚ ଦସେ ମହତି ସେନୟ ମଧୁରଂ ଅନୁପତୋ ଗୋରଧିଗିରିଂ ଘାତାପୟିତା ରାଜଗହାନାଂ ପପିଦାପୟତି ।

୧୩. J.B.O.R.S. XIII, 1929, P.221 & 228.

୧୪. O.B. Inscriptions, P.18.

୧୫. Select Inscriptions- Dr. D.C. Sircar, P.208.

୧୬. History of Orissa, Vol-II, Ed, by Dr. N.K. Sahu, P.328

୧୭. Hathigumpha Inscriptions- Line 9 (?)

୧୮. ଦଶମ ବର୍ଷର ଇତିହାସ ଶିଳାଲେଖରୁ ଅସ୍ପଷ୍ଟ ହୋଇଯାଇଛି । ତାହା ପାଠ କରିବା ସମ୍ଭବ ନୁହେଁ ।

୧୯. 'ତେରସ-ଦସ-ସତ-କଟଂ ରିଦତି ତିମିର- ଦହ- ସଂଘାତଂ'

୨୦. 'ଉତ୍‌ରା ପଥରାଜାନେ । ମଗଧାନଂ ଚ ବିପୁଳଂ ଭୟ ଜନେତୋ'

୨୧. 'ବହସତିମିତଂ ପଦେ ବନ୍ଦାପୟତି'

୨୨. ଓଡ଼ିଶା ଇତିହାସ, Dr. H.K. Mahatab, P.29.

୨୩. Hatigumpha Inscription - Line 13, Old Brahmi Inscriptions, P.22.

୨୪. ଦକ୍ଷିଣ କୋଶଳ କହିଲେ ବିଳାସପୁର, ରାୟପୁର ଓ ସମ୍ବଲପୁର ଅଳକୁ ବୁଝାଏ ।

୨୫. Separate Kalinga Edicts of Asoka at Jaugarh and Dhauli, C.I.I. Vol-I

# ଖାରବେଳଙ୍କ ସମୟ (କ)

**କୃଷ୍ଣଚନ୍ଦ୍ର ପାଣିଗ୍ରାହୀ**

*ଅନୁବାଦ - ଡଃ ରବିନାରାୟଣ ଦାଶ*

ଖାରବେଳଙ୍କ ସମୟ ନିର୍ଦ୍ଧାରଣ ଏକ ଅତ୍ୟନ୍ତ ବିବଦମାନ ବିଷୟ । କେତେକ ଆଲୋଚକ ତାଙ୍କୁ ଖ୍ରୀ:ପୂ: ଦ୍ୱିତୀୟ ଶତକରେ ଅବସ୍ଥାପିତ କରୁଥିବା ବେଳେ କେତେକ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରେ ଏବଂ ଅନ୍ୟ କେତେକ ତାଙ୍କୁ ଖ୍ରୀଷ୍ଟୀୟ ପ୍ରଥମ ଶତକର ପ୍ରଥମାର୍ଦ୍ଧରେ ଶେଷ ପର୍ଯ୍ୟାୟରେ ଅବସ୍ଥାପିତ କରିଥାନ୍ତି । ଏହି ଚେଦି ଯୁବରାଜଙ୍କ ବିବାଦୀୟ ସମୟ ଉପରେ ଏତେ ଅଧିକ କୁହାଯାଇଛି  ଯେ କେହି ଏ ସମ୍ପର୍କରେ ଏକ ସମ୍ପୂର୍ଣ୍ଣ ଆଲୋଚନା କରିବାକୁ ପଶ୍ଚାତପଦ ହେବ । ତଥାପି ଏଠାରେ ଖାରବେଳଙ୍କ ସମୟର ପ୍ରଧାନ ବିଷୟଗୁଡିକ ଉପରେ ଆଲୋଚନା କରାଯାଇ ସମୟ ସାରିଣୀରେ ତାଙ୍କ ରାଜତ୍ୱର କାଳ ନିର୍ଦ୍ଧାରଣ ନିମନ୍ତେ ଉଦ୍ୟମ କରାଯାଉଛି ।

ହାତୀଗୁମ୍ଫା ଅଭିଲେଖ ବିଶେଷ ଭାବରେ ବିନଷ୍ଟ ହୋଇଯାଇଥିବାରୁ ଆମକୁ ଖାରବେଳଙ୍କ ସମୟ ନିରୂପଣରେ ସାହାଯ୍ୟ କରିବା ଭଳି ଏହି ଅଭିଲେଖରେ (୧) ପ୍ରଦତ୍ କେତେକ ସୂତ୍ର ଖୋଜି ବାହାର କରିବାକୁ ପଡ଼ିବ । କିନ୍ତୁ ଏପରି କରିବା ବେଳେ ଆମେ ଆମର ନିର୍ଣ୍ଣୟକୁ ଏହି ଲେଖପାଠ କରିଥିବା ବିଦ୍ୱାନମାନଙ୍କ ମଧ୍ୟରେ ଆପାତତଃ ମତୈକ୍ୟ ପ୍ରକାଶ ପାଉଥିବା ପାଠ, ପୂର୍ବବର୍ତ୍ତୀ ଲେଖବିତ୍ମାନଙ୍କ ଭ୍ରମ ଦୂରକରି ପରିଶେଷରେ ନିର୍ଭୁଲ ପାଠ କରିଥିବା ତଥା ପରବର୍ତ୍ତୀ ଆଲୋଚକମାନଙ୍କ ଦ୍ୱାରା ଗୃହୀତ ହେଉଥିବା ବିଷୟଗୁଡିକ ମଧ୍ୟରେ ସୀମିତ ରଖିବାକୁ ହେବ । ଏହି ସୂଚନାଗୁଡ଼ିକ ନିମ୍ନମତେ ପ୍ରଦତ୍ ହୋଇପାରେ :

(୧) ଅଭିଲେଖଟିର ତୃତୀୟ ଧାଡ଼ିରେ ସାତକର୍ଣ୍ଣୀଙ୍କ ସମ୍ପର୍କରେ ଏକ ସୂଚନା ରହିଛି (ଦୁତୀୟ ଚ ବସେ ଅଚିତୟତ ସାତକର୍ଣ୍ଣୀମ୍) ତାହାଙ୍କୁ ଭ୍ରୁକ୍ଷେପ ନ କରି ଖାରବେଳ ବିପୁଳ ଅଶ୍ୱ, ଗଜ, ପଦାତି ଓ ରଥ ସହ ସୈନ୍ୟବଳ ପଶ୍ଚିମ ସୀମାନ୍ତକୁ ପ୍ରେରଣ କରିଥଲେ (୨) ।

(୨) ତ୍ରୟୋଦଶ ଧାଡ଼ିରେ ବହସତିମିତଙ୍କ ସୂଚନା ରହିଛି ଏବଂ ସେ ନିର୍ଦ୍ଦିଷ୍ଟ ଭାବରେ ମଗଧର ରାଜା ଥିବା ବ୍ୟକ୍ତ ହୋଇଛି (ମଗଧମ୍ ଚ ରାଜନମ୍ ବହସତିମିତମ୍) ଯେକି ଖାରବେଳଙ୍କ ପଦତଳେ ନତମସ୍ତକ ହେବା ପାଇଁ ବାଧ୍ୟ ହୋଇଥିଲେ । ସେହି ଧାଡ଼ିରେ ଖାରବେଳ ନନ୍ଦରାଜ ନେଇଯାଇଥିବା କଳିଙ୍ଗର ପର୍ବତ୍ର ଜିନାସନକୁ ଅଙ୍ଗ ଓ ମଗଧରୁ କଳିଙ୍ଗକୁ ଘେନିଆସିଥିବା ଗୌରବ ଘୋଷିତ ହୋଇଛି ।

(୩) ଅଭିଲେଖର ଷଷ୍ଠ ଧାଡ଼ିରେ ନନ୍ଦରାଜ ଏକଶହ ତିନିବର୍ଷ (ତିବସଶତ) ତଳେ ଖୋଳାଇଥିବା କେନାଲର ସୂଚନା ପଦତ୍ ହୋଇଛି ଏବଂ ତାହାକୁ ତନଶୁଳି ବାଟରୁ ଖାରବେଳ ରାଜଧାନୀକୁ ଆଣିଥିବା ବ୍ୟକ୍ତ ହୋଇଛି ।

ପ୍ରାୟ ସର୍ବସମ୍ମତ ଭାବରେ ସାତକର୍ଣ୍ଣୀ, ବହସତିମିତ ଓ ନନ୍ଦରାଜଙ୍କ ବିଷୟର ପାଠୋଦ୍ଧାର କରାଯାଇଥିବାରୁ ସେମାନଙ୍କୁ ମଧ୍ୟରୁ ଯେକୌଣସି ଜଣଙ୍କର ସଠିକ୍ ଚିହ୍ନଟ ଖାରବେଳଙ୍କ ସମୟ ନିର୍ଘ□କୁ ବହୁ ଭାବରେ ସାହଯ୍ୟ କରିବ । ଡଃ ବି.ଏମ୍. ବରୁଆଙ୍କ ଦ୍ୱାରା ଅଭିଲେଖର ନନ୍ଦରାଜ (୩) ଅଶୋକଙ୍କ ସହିତ ଚିହ୍ନିତ ହୋଇଛନ୍ତି ଓ ଆମ୍ଭମାନଙ୍କ ମତରେ ତାହାର ସମ୍ଭାବନା ବହୁ ଅଧିକ ଅଟେ । ମାତ୍ର ଏହି ନିର୍ଣ୍ଣୟ ଭିତ୍ତିରେ ଆଧାରିତ ତାଙ୍କର ଅନ୍ୟ ସିଦ୍ଧାନ୍ତଗୁଡ଼ିକ ସହିତ ଆମ୍ଭେମାନେ ଏକମତ ନୋହୁ । ଖାରବେଳଙ୍କ 'ନନ୍ଦରାଜ' ଙ୍କୁ କାହିଁକି ଅଶୋକଙ୍କ ସହିତ ଚିହ୍ନିତ କରାଯିବ ତାର ଏକାଧିକ କାରଣ ରହିଛି । ପ୍ରଥମତଃ ବରୁଆଙ୍କ ସୂଚନା ମତେ' ଅଶୋକଙ୍କ ତ୍ରୟୋଦଶ ଅଭିଲେଖର ବିବରଣୀରୁ ଏହା ପ୍ରାୟତଃ

ନିଶ୍ଚିତ ହୁଏ ଯେ ବୁଦ୍ଧଙ୍କ ନିର୍ବାଣ ପରେ ରାଜତ୍ୱ କରିଥିବା ରାଜାମାନଙ୍କ ମଧ୍ୟରେ ସେ ପର୍ଯ୍ୟନ୍ତ ଅବିଜିତ ଥିବା (ଅବିଜିତମ୍ ବିଜିନିତମ୍) କଳିଙ୍ଗ ରାଜ୍ୟକୁ ସେ ପ୍ରଥମେ ଜୟ କରି ତାଙ୍କ ରାଜ୍ୟରେ ମିଶାଇଥିଲେ । (୪)

ଦ୍ୱିତୀୟତଃ, ଖ୍ରୀଷ୍ଟଜନ୍ମର ପୂର୍ବବର୍ତ୍ତୀ ସମସ୍ତ ଖ୍ୟାତାନାମା ନୃପତିମାନଙ୍କ ମଧ୍ୟରେ ମୌର୍ଯ୍ୟ ସମ୍ରାଟମାନେ ବଡ଼ବଡ଼ ଜଳସେଚନ କାର୍ଯ୍ୟମାନ ଆରମ୍ଭ କରିଥିବା ଜଣାଯାଇଛି । ରାଜ୍ୟର ପଶ୍ଚିମ ପ୍ରାନ୍ତରେ ଚନ୍ଦ୍ରଗୁପ୍ତଙ୍କ ଶାସନକର୍ତ୍ତା ପୁଷ୍ୟଗୁପ୍ତ ସୌରାଷ୍ଟ୍ର (କାଥିଆବାଡ଼)ର ଗିରିନଗର (ଗିର୍‌ନାର୍) ଠାରେ ଏକ ବୃହତ ଜଳସେଚନ ପ୍ରକଳ୍ପ ଆରମ୍ଭ କରିଥିଲେ ଏବଂ ଅଶୋକ ହିଁ ତାଙ୍କ ପ୍ରତିନିଧି ତୁଷସ୍ପଙ୍କ (୫) ତତ୍ତ୍ୱାବଧାନରେ ତାକୁ ସମ୍ପୂର୍ଣ୍ଣ କରିଥିଲେ । ତୁଷସ୍ପ ନାମରୁ ସୂଚୀତ ହୁଏ ଯେ ସେ ଜଣେ ବିଦେଶୀୟ, ସମ୍ଭବତଃ ପାରସ୍ୟକ ଅଟନ୍ତି । ଖୁବ୍ ସମ୍ଭବ ଅଶୋକ ଏସିଆ ମହାଦେଶର ଅନ୍ୟ ଦେଶମାନଙ୍କରୁ ଦକ୍ଷ ଯନ୍ତ୍ରିମାନଙ୍କୁ ଜଣାଇ ସେମାନଙ୍କ ତତ୍ତ୍ୱାବଧାନରେ ବହୁ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିଥିଲେ । ଯଦି ସେ ତାଙ୍କ ସାମ୍ରାଜ୍ୟର ଏକ ସୁଦୂର ପଶ୍ଚିମ ପ୍ରଦେଶରେ ଗୋଟିଏ ବିଶାଳ ଜଳସେଚନ ପ୍ରକଳ୍ପ କରାଇ ପାରିଥିଲେ  ତେବେ ସେ ନୂତନ ଭାବରେ ଜୟ କରିଥିବା ପ୍ରଦେଶ କଳିଙ୍ଗରେ ଏକ କେନାଲ ଖୋଳାଇଥିବା ବିଷୟ ଆମ ଚିନ୍ତାର ବହିର୍ଭୁତ ହୋଇନପାରେ । ଏଥିପାଇଁ ସେ ତାଙ୍କର ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖରେ ବିଶେଷ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି । ନନ୍ଦରାଜମାନେ ତଥା ସେମାନଙ୍କ ମଧ୍ୟରେ ପ୍ରମୁଖ ଥିବା ମଳାପଦ୍ମନନ୍ଦ ପ୍ରଜାମାନଙ୍କ ମଙ୍ଗଳ ନିମନ୍ତେ କେବେ ଜଳସେଚନ ବ୍ୟବସ୍ଥା କରିଥିବାର କୌଣସି ଉଦାହରଣ ନାହିଁ । ଅନ୍ୟ ପକ୍ଷରେ ପୁରାଣମାନଙ୍କର ବିବରଣୀ ଓ ଗ୍ରୀକ୍ ସୂତ୍ରକୁ ଆଧାର କରି ଆମେ ନିର୍ଭର ଭାବରେ କହିପାରୁ ଯେ ସେମାନେ ଅତ୍ୟନ୍ତ ଲୋଭୀ, ଅତ୍ୟାଚାରୀ ଏବଂ ତାଙ୍କ ପ୍ରଜାଙ୍କ ମଧ୍ୟରେ ଅପ୍ରିୟ ଥିଲେ (୬) । ଏଣୁ ଅଶୋକ, ଖାରବେଳଙ୍କ ଅଭିଲେଖର ନନ୍ଦରାଜ ହୋଇପାରନ୍ତି ଯେ କି କଳିଙ୍ଗରେ ଏ କେନାଲ ଖୋଳାଇଥିଲେ ଏବଂ ଏଠାରୁ ବିଜୟଲବ୍ଧ ଦ୍ରବ୍ୟ ରୂପେ ପବିତ୍ର ଜିନାସନକୁ ନେଇଯାଇଥିଲେ । ଏହା ପରେ ଖାରବେଳଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା । ଯଦି ଏହି ନିର୍ଣ୍ଣୟ ଯୁକ୍ତି ଯୁକ୍ତ ବିବେଚିତ ହୁଏ ତେବେ ଅଶୋକଙ୍କ ପ୍ରତି ପ୍ରୟୋଗ କରାଯାଇଥିବା 'ନନ୍ଦରାଜ' ବିଶେଷଣରେ ଆମେ ଆତଙ୍କିତ ହେବାର କୌଣସି ହେତୁ ନାହିଁ । କାରଣ ଅଦ୍ୟାବଧି ଏପରି କୌଣସି ତଥ୍ୟ ମିଳିନାହିଁ ଯାହାଦ୍ୱାରା କି ଖାରବେଳ ସମୟରେ ଅଶୋକ ଜଣେ ମୌର୍ଯ୍ୟ ରାଜା ରୂପେ ବିଦିତ ଥିଲେ ଓ ନନ୍ଦରାଜା ରୂପେ ପରିଚିତ ନଥିଲେ ଏ ବିଷୟରେ ଯଥାଯଥ ପ୍ରମାଣ ଦେବ । ଅନ୍ୟଥା ତାଙ୍କ ପିତାମହ ଚନ୍ଦ୍ରଗୁପ୍ତ ନନ୍ଦାନ୍ୱୟ, ପୂର୍ବନନ୍ଦସୂତ ଓ ମୌର୍ଯ୍ୟପୁତ୍ର ଭାବରେ ବ୍ରାହ୍ମଣମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥାଦିରେ ପ୍ରତିପାଦିତ ହେଉଥିଲେ । ମାତ୍ର କେବଳ ବୌଦ୍ଧ ଗ୍ରନ୍ଥମାନଙ୍କରେ ତାଙ୍କ ପରିବାରବର୍ଗ ମୋରିୟ କ୍ଷତ୍ରୀୟ ରୂପେ ପରିଚିତ ହେଉଥିଲେ ।

ଅଶୋକ ପ୍ରାୟ ଖ୍ରୀ:ପୂ: ୨୬୧ ମସିହାରେ କଳିଙ୍ଗ ଜୟ କରିଥିଲେ ଏବଂ ପ୍ରାୟ ଖ୍ରୀ:ପୂ: ୨୫୭ ମସିହାରେ ଧଉଳି ଓ ଜଉଗଡରେ ଶିଳାଶାସନ ଉତ୍କୀର୍ଣ୍ଣ କରାଇଥିଲେ । ତେଣୁ ହାତୀଗୁମ୍ଫା ଶିଳାଲିପିରେ ଉଲ୍ଲେଖ ଥିବା କେନାଲ ଖନନର ସମୟ ଆପାତତଃ ଏହି ଉଭୟ ସମୟର ନିକଟବର୍ତ୍ତୀ ହୋଇଥିବ । ସମ୍ଭବତଃ କେନାଲ ଖନନ ଓ ଶିଳାଲିପି ଉତ୍କୀର୍ଣ୍ଣ ସମସାମୟିକ ଭାବରେ ହୋଇଥିଲା । ଯେହେତୁ ନନ୍ଦରାଜାଙ୍କ ଦ୍ୱାରା କେନାଲ ଖନନ ଓ ଖାରବେଳଙ୍କ ରାଜତ୍ୱର ପମବର୍ଷ ମଧ୍ୟରେ ଥିବା ସମୟ ବ୍ୟବଧାନକୁ 'ତି-ବସ-ଶତ' ରୂପେ କୁହାଯାଇଛି, ତେଣୁ ଏହି 'ପୁଗ୍ମପଦ'ର ସଠିକ ବ୍ୟାଖ୍ୟା ଦ୍ୱାରା ଆମେ ଖାରବେଳଙ୍କ ସମୟ ନିର୍ଦ୍ଧାରଣରେ ସଫଳ ହୋଇପାରିବା । କିନ୍ତୁ ଦୁର୍ଭାଗ୍ୟବଶତଃ ପଣ୍ଡିତମାନଙ୍କ ମଧ୍ୟରେ ଏହାର ବ୍ୟାଖ୍ୟା ଉପରେ ମତଭେଦ ଥିବା ଦେଖାଯାଏ । କେତେକ ଏହାକୁ ୩୦୦ ବର୍ଷ ରୂପେ ନିର୍ଦ୍ଧାରଣ କରିବା ବେଳେ ଅନ୍ୟ କେତେକ ତାକୁ ୧୦୩ ବର୍ଷ ରୂପେ ନିର୍ଣ୍ଣୟ କରନ୍ତି । ଏପରିକି ଗଭୀର ଅଧ୍ୟବସାୟ ଦ୍ୱାରା ଅଭିଲେଖର ପାଠୋଦ୍ଧାର କରିଥିବା ଶେଷ ଗବେଷକ ଡଃ ବି.ଏମ୍. ବରୁଆ ତି-ବସ-ଶତର ଅର୍ଥ ୧୦୩ କି ୩୦୦ ବର୍ଷ ହେବ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ନେଇ ପାରିନଥିବା ମନେହୁଏ (୭) । ଏହି ଯୌଗିକ ଶବ୍ଦର ସଠିକ ବ୍ୟାଖ୍ୟରେ ପହାଇବା ନିମନ୍ତେ ଖାରବେଳଙ୍କ ଅଭିଲେଖରେ ରହିଥିବା ଗୋଟିଏ ସୂତ୍ରକୁ ମଧ୍ୟ ସେ ଲକ୍ଷ୍ୟ କରିପାରିନାହାନ୍ତି । ଏ ବିଷୟରେ ଦ୍ୱିମତ ହେବାର

ଅବକାଶ ନାହିଁ ଯେ ଷଷ୍ଠ ଧାଡ଼ିରେ ଥିବା 'ତି-ବସ-ଶତ' ଓ ଚତୁର୍ଦ୍ଦଶ ଧାଡ଼ିରେ ଥିବା 'ଶତଦଶ - ଲେନ - ଶତ' ଉଭୟ ଏକ ପ୍ରକାର ବ୍ୟାକରଣ ଗଠନ ପ୍ରକ୍ରିୟା ଏବଂ ସେଥିପାଇଁ ନିଶ୍ଚିତ ଭାବରେ ଗୋଟିଏ ପ୍ରକାର ବ୍ୟାକରଣ ନିୟମ ଅନୁସରଣ କରାଯାଇଥିବ । କିନ୍ତୁ ଶତଦଶ-ଲେଣ-ଶତର ବ୍ୟାଖ୍ୟା କରି ତାହା ଏକଶହ ସତର ଗୁମ୍ଫାକୁ ମୁଝାଉଥିବା ସୂଚନା ଦେବାବେଳେ ସେ କେବେହେଲେ ଚିନ୍ତା କରିବା ଉଚିତ ନଥିଲା ଯେ 'ତି-ବସ-ଶତ' ୧୦୩ କି ୩୦୦ ବର୍ଷକୁ ବୁଝାଉଚି । 'ଶତଦଶ-ଲେନ-ଶତ' ଯୌଗିକ ଶବ୍ଦଟି କେବଳ ଗୋଟିଏ ମାତ୍ର ବ୍ୟାଖ୍ୟା ବ୍ୟକ୍ତ କରେ ଯାହାର ଅର୍ଥ ଏକଶହ ସତର ଗୁମ୍ଫା, - ସତର ଶହ ଗୁମ୍ଫା ନୁହେଁ । କାରଣ ଶେଷୋକ୍ତ ବ୍ୟାଖ୍ୟାକୁ ଗ୍ରହଣ କଲେ ଖାରବେଳ ଓ ତାଙ୍କ ସମ୍ପର୍କୀୟମାନେ ଉଦୟଗିରି ଭଳି ଏକ କ୍ଷୁଦ୍ର ମୁଣ୍ଡିଆ ସହିତ ଚିହ୍ନିତ କୁମାରୀ ପର୍ବତ ଦେହରେ ୧୭୦୦ ଗୁମ୍ଫା ଖୋଳାଇଥିବା ଭଳି ଏକ ଅବାସ୍ତବ ନିର୍ଦ୍ଧାରଣରେ ପହଞ୍ଚିବାକୁ ହେବ । ସେହିପରି 'ତି-ବସ-ଶତ' ଯୌଗିକ ଶବ୍ଦଟିର କେବଳ ଗୋଟିଏ ବ୍ୟାଖ୍ୟା ସମ୍ଭବ ଏବଂ ତାହା ୩୦୦ ବର୍ଷ ନୁହେଁ, ୧୦୩ ବର୍ଷ । ତେଣୁ ଖାରବେଳଙ୍କ ରାଜତ୍ୱର ପମ ବର୍ଷ (୨୫୭-୧୦୩) ଅର୍ଥାତ ପ୍ରାୟ ଖ୍ରୀ:ପୂ: ୧୫୪ ତଥା ତାଙ୍କ ରାଜତ୍ୱର ଆରମ୍ଭ ପ୍ରାୟ ଖ୍ରୀ:ପୂ: ୧୫୯ ମସିହାରେ ଅବସ୍ଥାପିତ କରାଯିବ ।

ଏ ଦୃଷ୍ଟିରୁ ଖାରବେଳଙ୍କ ରାଜତ୍ୱ ପୁଷ୍ୟମିତ୍ର ସୁଙ୍ଗ (ପ୍ରାୟ ଖ୍ରୀ:ପୂ: ୧୮୪ ରୁ ୧୪୮ ମସିହା)ଙ୍କ ରାଜତ୍ୱ କାଳ ମଧ୍ୟରେ ଅବସ୍ଥାପିତ ହେବ । କିନ୍ତୁ ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ମଗଧର ରାଜା ପୁଷ୍ୟମିତ୍ର ନୁହନ୍ତି କିନ୍ତୁ ବହସତିମିତ ଅଟନ୍ତ ଏବଂ ଏହା ବୃହସ୍ପତି ମିତ୍ରଙ୍କ ପ୍ରକୃତ ନାମ ଅଟେ । ସ୍ୱର୍ଗୀୟ କେ.ପି. ଜୟସ୍ୱାଲ ଏହି ଅସୁବିଧା ଦୂର କରିବା ପାଇଁ ବୃହସ୍ପତି ମିତ୍ରଙ୍କୁ ପୁଷ୍ୟମିତ୍ରଙ୍କ ସହ ତୁଳନା କରିଛନ୍ତି । ସାଂଖ୍ୟାୟନ ଗୃହ୍ୟସୂତ୍ରରେ ବର୍ଣ୍ଣନା କରାଯାଇଥିବା ପୁଷ୍ୟା ନକ୍ଷତ୍ରପୁର ଅଧିଷ୍ଠିତ ଦେବତା ବହସତି ବା ବୃହସ୍ପତିଙ୍କୁ ସେ ଏହାର ଉଦାହରଣ ରୂପେ ସୂଚାଇ ତାଙ୍କ ମତ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଛନ୍ତି (୮) । ଏହି ସମୀକରଣ ପାଣ୍ଡିତ୍ୟର ଏକ ଅନନ୍ୟ ନିଦର୍ଶନ ହୋଇପାରେ, ମାତ୍ର ତାହାକୁ ଗ୍ରହଣ କରିବା କାହା ପକ୍ଷରେ ସମ୍ଭବ ହୋଇନପାରେ । ବାସ୍ତବରେ, ଯଦିଓ ବହସତିମିତ ବା ବୃହସ୍ପତିମିତ୍ର ନାମଟି ଉତ୍ର ଭାରତର କେତେକ ଅଭିଲେଖ ଓ ମୁଦ୍ରାରେ ରହିଥିବା ଦେଖାଯାଏ ତଥାପି ଖାରବେଳଙ୍କ ସମସାମୟିକ ମଗଧର ରାଜା ବହସତିମିତ ଚିହ୍ନିତ ହୋଇପାରି ନାହାନ୍ତି । ଯଦି 'ଦିବ୍ୟାବଦାନ' ରେ ପ୍ରଖ୍ୟାପିତ ଅଶୋକଙ୍କ ନାତି ତଥା ସମ୍ପ୍ରତିଙ୍କ ପୁତ୍ର ବୃହସ୍ପତିଙ୍କ ସହିତ ତାଙ୍କୁ ଚିହ୍ନିତ କରାଯିବ ତେବେ ସମ୍ଭବତଃ ବହୁ ଅସୁବିଧା ଦୂର ହୋଇପାରିବ (୯) । ଏହି ଚିହ୍ନଟ ଉପରେ ଯେଉଁ ଯେଉଁ ପ୍ରତିବାଦସବୁ ଉଠିବାର ସମ୍ଭାବନା ରହିଛି ସେଥିମଧ୍ୟରେ ଦିବ୍ୟାବଦାନରେ ସ୍ଥାନୀତ ବୃହସ୍ପତିର ଶେଷର 'ମିତ୍ର' ଥିବା ଦେଖାଯାଏ ନାହିଁ; ସେ ମଧ୍ୟ କେବଳ ଗୋଟିଏ ସୂତ୍ରରୁ ପ୍ରତିପାଦିତ ହୁଅନ୍ତି; ଏବଂ ପୁଷ୍ୟମିତ୍ର ସୁଙ୍ଗଙ୍କ ଦ୍ୱାରା ମଗଧ ସିଂହାସନ ବଳପୂର୍ବକ ଅଧିକୃତ ହେବାପରେ ମୌର୍ଯ୍ୟବଂଶର କେହି ଉତ୍ରାଧିକାରୀ ମଗଧର ରାଜା ରୂପେ ଅଧିଷ୍ଠିତ ହୋଇଥିବା ଦୁରୁହ ମନେହୁଏ ।

ଆମ୍ଭେମାନେ ଯେଉଁ ତଥ୍ୟାଦି ବଳରେ ଏକ ସୁଦୂର ପ୍ରସାରି ଅତୀତରେ ଇତିହାସ ପୁନର୍ଗଠନ କରିବାକୁ ଚେଷ୍ଟା କରୁଛୁ ସେଥିରେ ସ୍ୱତଃ ଏହି ଅସୁବିଧାମାନ ସୃଷ୍ଟି ହେବା କଥା । ଦିବ୍ୟାବଦାନ ଯଦିଓ କେତେକ ଐତିହାସିକ ପରମ୍ପରା ରକ୍ଷା କରିଛି ତଥାପି ତାହା ମଗଧରଜଣେ ରାଜାଙ୍କ ନାମ ସଠିକ୍ ଭାବରେ ଯେ ରକ୍ଷା କରିଥିବ ଏପରି ଆଶା କରିବା ସୁଦୂର ପ୍ରସାରି ଅଟେ । ବାସ୍ତବରେ ପୁରାଣମାନଙ୍କରେ ଥିବା ଏଭଳି ଅସ୍ପଷ୍ଟ ତଥ୍ୟକୁ ପଣ୍ଡିତମାନେ ଐତିହାସିକ ସୂତ୍ର ରୂପେ ବ୍ୟବହାର କରିବା କିମ୍ବା ସେଥିରେ ଥିବା ଅସମ୍ପୂର୍ଣ୍ଣ ନାମଗୁଡ଼ିକୁ ମୁଦ୍ରା ଓ ଅଭିଲେଖରେ ଥିବା ନିର୍ଦ୍ଦିଷ୍ଟ ନାମମାନଙ୍କ ସହିତ ଚିହ୍ନିତ କରିବାରେ ପଶ୍ଚାତ୍ପଦ ହୋଇନାହାନ୍ତି । ଅଭିଲେଖରେ ବର୍ଣ୍ଣିତ ଭଦକ, ଭଗଭଦ୍ର ଓ ସିମୁକକୁ ଯଥାକ୍ରମେ ପୁରାଣର ଓଡ୍ରକ (ଅନ୍ଧ୍ରକ, ଭଦ୍ରକ ଆଦି) (୧୦) ଭଗ (ଭଗବତାଦି) ଓ ସିମୁକ (ସିନ୍ଧୁକ, ଚିସ୍ମକ ଆଦି) (୧୧) ଏବଂ ମୁଦ୍ରାମାନଙ୍କର ଯେଠମିତ୍ର ଓ ଇନ୍ଦ୍ରମିତ୍ରାଦିକୁ ପୁରାଣର (୧୨) ବାସୁଜ୍ୟେଷ୍ଠ (ସୁଜ୍ୟେଷ୍ଠ) ଓ ବଜ୍ରମିତ୍ର ରୂପେ ଚିହ୍ନିତ

କରାଯାଇଛି । ସମସାମୟିକ ହାତୀଗୁମ୍ଫା ଅଭିଲେଖ ସଠିକ ଭାବରେ ମଗଧର ରାଜାଙ୍କ ନାମକୁ ବହସତିମିତ ବା ବୃହସ୍ପତିମିତ୍ର ରୂପେ ପ୍ରଦାନ କରିଛି ଯାହାକୁ କି ପରମ୍ପରା ସଂକ୍ଷିପ୍ତ ଆକାରରେ ବୃହସ୍ପତି ଭାବରେ ବ୍ୟକ୍ତ କରିଛି । ଖାରବେଳଙ୍କ ଅଭିଲେଖର ବହସତିମିତ ଶେଷରେ ଥିବା 'ମିତ' (ମିତ୍ର)ରୁ ତାଙ୍କୁ ନିଶ୍ଚିତ ଭାବେ ସୁଙ୍ଗ ବଂଶୋଭବ ରୂପେ ଉପସ୍ଥାପିତ କରାଯାଇ ପାରିବ ନାହିଁ, କାରଣ ପୁରାଣ ବର୍ଣ୍ଣିତ ଦଶଜଣ ସୁଙ୍ଗ ରାଜାଙ୍କ ମଧ୍ୟରୁ ମାତ୍ର ଚାରିଜଣଙ୍କ ନାମ ଶେଷରେ ଏହି ଉପାଧି ରହିଛି । ବୃହସ୍ପତି ମିତ୍ର ନାମ ପରବର୍ତ୍ତୀ ମୌର୍ଯ୍ୟ ଓ ଆଦ୍ୟ ସୁଙ୍ଗ ରାଜାମାନଙ୍କ ମଧ୍ୟରେ ପ୍ରଚଳିତ ଏକ ସାଧାରଣ ନାମ ହୋଇଥିବାରୁ ଏହା କୌଣସି ନିର୍ଦ୍ଦିଷ୍ଟ ରାଜବଂଶର ଏକଚାଟିଆ ଅଧିକାରଭୁକ୍ତ ଥିବା ଚିନ୍ତା କରିବା ଅଯୌକ୍ତିକ ହେବ (୧୩) । ବାସ୍ତବରେ ଦିବ୍ୟାବଦାନ ବ୍ୟତୀତ ଅନ୍ୟ କୌଣସି ସୂତ୍ରରୁ ଅଶୋକଙ୍କ ଉତ୍ତରାଧିକାରୀ ରୂପେ ବୃହସ୍ପତିଙ୍କ ବର୍ଣ୍ଣନା ମିଳେ ନାହିଁ । ତେଣୁ ଅନ୍ୟ କୌଣସି ପ୍ରମାଣ ଏପରି ଚିହ୍ନଟର ବିରୁଦ୍ଧାଚରଣ ନକରିବା ଯାଏଁ ସେହି ନିର୍ଣ୍ଣୟ ଅଯୌକ୍ତିକ ହେବ ନାହିଁ । ଅନ୍ୟ ପକ୍ଷରେ ଯଦି ଅନ୍ୟାନ୍ୟ ପ୍ରମାଣ ଏପରି ଏକ ଚିହ୍ନଟକୁ ସମର୍ଥନ କରେ ତେବେ ଅଶୋକଙ୍କ ଉତ୍ତରାଧିକାରୀ ରୂପେ ବୌଦ୍ଧ ସାହିତ୍ୟରେ ସଂରକ୍ଷିତ ପରମ୍ପରାକୁ ଅଧିକ ବିଶ୍ୱସନୀୟ ଭାବେ ଗ୍ରହଣ କରିବାକୁ ହେବ । ଅଭିଲେଖ ସୂତ୍ରରୁ ଅଶୋକଙ୍କର ଦଶରଥ ନାମରେ କେବଳ ଜଣେ ମାତ୍ର ଉତ୍ତରାଧିକାରୀ ଥିବା ପ୍ରମାଣିତ ହୋଇଛି (୧୪) । କିନ୍ତୁ ପୁରାଣ ବର୍ଣ୍ଣିତ ନଅଜଣ ଓ ରାଜତରଙ୍ଗିଣୀ ବର୍ଣ୍ଣିତ ଜଣେ ଉତ୍ତରାଧିକାରୀଙ୍କର କୌଣସି ସମର୍ଥନ ଯୋଗ୍ୟ ପ୍ରମାଣ ଅଦ୍ୟାବଧି ମିଳିନାହିଁ । ଏ ପରିସ୍ଥିତିରେ ଆମର ଜ୍ଞାତବ୍ୟ କୌଣସି ଗୋଟିଏ ନିଶ୍ଚିତ ସୂତ୍ରକୁ ପରିତ୍ୟାଗ କରି ଅନ୍ୟ ଭବିଷ୍ୟତରେ ମିଳିବାକୁ ଥିବା ସୂତ୍ରର ଅପେକ୍ଷା କରିବା ବିଜ୍ଞତାର କାର୍ଯ୍ୟ ହେବ ନାହିଁ । ଏହା ସ୍ୱାଭାବିକ ଯେ ଅଶୋକଙ୍କ ଉତ୍ତରାଧିକାରୀଙ୍କ ସମ୍ପର୍କରେ ବୌଦ୍ଧ ଓ ବ୍ରାହ୍ମଣ୍ୟ ସୂତ୍ରରୁ ଆମକୁ ମିଳିଥିବା ବିବରଣୀ ଖଣ୍ଡିତ ଏବଂ କେତେକ କ୍ଷେତ୍ରରେ କାଳ୍ପନିକ ଓ ଏପରିକି ଗୋଷ୍ଠୀଗତ ପକ୍ଷପାତିତା ଦ୍ୱାରା ସଂଶ୍ଳିଷ୍ଟ ହୋଇଥିବା ସମ୍ଭବପର । ଏହି ସୂତ୍ରମାନଙ୍କ ମଧ୍ୟରୁ ପ୍ରତ୍ୟେକ ଆଂଶିକ ସତ୍ୟ ଅଥବା ସତ୍ୟର କେତେକ ଅଂଶକୁ ସଂରକ୍ଷଣ କରିଥିବା ମନେହୁଏ, ମାତ୍ର ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ସେମାନଙ୍କ ବିବରଣୀର ଗୁରୁତ୍ୱ କେବଳ ସେଗୁଡ଼ିକ ସମର୍ଥନ କରୁଥିବା ସାକ୍ଷ୍ୟମାନଙ୍କ ଦ୍ୱାରା ପରୀକ୍ଷା କରାଯାଇପାରିବ । ଯେତେବେଳେ ଏକ ସମସାମୟିକ ଅଭିଲେଖ ବୃହସ୍ପତି ମିତ୍ର ନାମକ ଜଣେ ମଗଧର ରାଜା ଅବସ୍ଥିତି ବିଷୟରେ ସୂଚନା ପ୍ରଦାନ କରିବ ସେତେବେଳେ ଆମେ ଦିବ୍ୟାବଦାନର ବୃହସ୍ପତିଙ୍କୁ ଅଶୋକଙ୍କର ଏକ ଉତ୍ତରାଧିକାରୀ ରୂପେ ଗ୍ରହଣ କରିବା । ବୃହସ୍ପତି ଶବ୍ଦ ସ୍ୱତଃ ଏହି ସମୟରେ କୌଣସି ରାଜାଙ୍କର ନାମ ହୋଇନପାରେ, କାରଣ ପୃଷ୍ଠପୋଷକ ଅଥବା ରକ୍ଷକ ରୂପେ ଗୃହୀତ ଦେବତାମାନଙ୍କର ନାମମାନ ସାଧାରଣତଃ ଗୁପ୍ତ ବା ମିତ୍ର ସହିତ ଯୋଗହୋଇ ରାଜା ଓ ତତ୍କାଳୀନ ଅନ୍ୟାନ୍ୟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ନାମ ଗଠନ କରିଥିବା ମଧ୍ୟ ଦେଖାଯାଏ, - ଯଥା ଚନ୍ଦ୍ରଗୁପ୍ତ, ପୁଷ୍ୟଗୁପ୍ତ, ଜ୍ୟେଷ୍ଠମିତ୍ର, ଫାଲଗୁନିମିତ୍ର, ବୃହସ୍ପତିମିତ୍ର, ଅଗ୍ନିମିତ୍ର, ଭୂମିମିତ୍ର, ଇନ୍ଦ୍ରମିତ୍ର, ଇତ୍ୟାଦି । ସେଥିପାଇଁ ଅଶୋକଙ୍କ ଏକ ଉତ୍ତରାଧିକାରୀର ନାମ ଦିବ୍ୟାବଦାନରେ ସଂକୁଚିତ ହୋଇ କେବଳ ବୃହସ୍ପତି ରୂପେ ପ୍ରକାଶ ପାଇଥିବା ବିଷୟ ଚିନ୍ତା କରିବା ପାଇଁ ଯଥେଷ୍ଟ କାରଣ ରହିଛି ।

ପୁଷ୍ୟମିତ୍ରଙ୍କ ବିଦ୍ରୋହ ସଂଘଟନ ପରେ ମୌର୍ଯ୍ୟବଂଶର ଜଣେ ଉତ୍ତରାଧିକାରୀ ରହିଥିବା ଭାରତ ଇତିହାସରେ ଅସଂଗତ ହୋଇନପାରେ । ପୁଷ୍ୟମିତ୍ର ସୁଙ୍ଗ କେବେହେଲେ ରାଜା ରୂପେ ପ୍ରଖ୍ୟାପିତ ହୋଇନାହାନ୍ତି; ଅନ୍ୟଥା ଆମ୍ଭେମାନେ ଜାଣିଥିବା ସମସ୍ତ ଅଭିଲେଖରେ ତାଙ୍କୁ ସେନାପତି ରୂପେ ବ୍ୟକ୍ତ କରାଯାଇଛି ବା ସେ ସେନାଧ୍ୟକ୍ଷ ରୂପେ ଉଲ୍ଲିଖିତ ହୋଇଛନ୍ତି (୧୫) । ଏହା ସ୍ପଷ୍ଟ ଭାବରେ ପ୍ରତିପାଦିତ କରିଥାଏ ଯେ ସେ କେବେହେଲେ ରାଜା ଉପାଧିରେ ଭୂଷିତ ନଥିଲେ କିମ୍ବା ଲୋକମାନେ ତାଙ୍କୁ ସେଭଳି ଗ୍ରହଣ କରିନଥିଲେ । ଏଥିରୁ ଉପଲବ୍ଧ ହୁଏ ଯେ ମଗଧରେ ଜଣେ ନାମମାତ୍ର ରାଜା ଥିଲେ ଯଦିଓ ପୁଷ୍ୟମିତ୍ର ପ୍ରକୃତ ପକ୍ଷରେ ଶାସନ କରୁଥିଲେ । ଖୁବ ସମ୍ଭବ ବୃହଦ୍ରଥଙ୍କୁ ହତ୍ୟା କରିବା ପରେ ପୁଷ୍ୟମିତ୍ର ମୌର୍ଯ୍ୟବଂଶର ଜଣେ ଉତ୍ତରାଧିକାରୀଙ୍କୁ ସଖି କଣ୍ଢେଇ ଭଳି ରାଜଗାଦିରେ ବସାଇଥିଲେ । ଯଦିଓ ସେ ସମସ୍ତ କାର୍ଯ୍ୟରେ ସୂତ୍ରଧର ଥିଲେ ତଥାପି ସେ ତାଙ୍କ 'ପୂର୍ବ ସେନାପତି' ପଦବୀରେ ସନ୍ତୁଷ୍ଟ ଥିଲେ । ଯଦି ସେ ରାଜା ହୋଇଥାନ୍ତେ ତେବେ

ପୁଷ୍ୟମିତ୍ର ସୁଙ୍ଗଙ୍କ ସହିତ ସମ୍ପର୍କକୁ ନେଇ ଗର୍ବ ଅନୁଭବ କରୁଥିବା ଅଯୋଧ୍ୟା ଅଭିଲେଖର (୧୬) ଧନଦେବ କେବେହେଲେ ତାଙ୍କୁ କେବଳ ସେନାପତି ରୂପେ ଅଭିହିତ କରିନଥାନ୍ତେ । ଦିବ୍ୟାବଦାନ ପୁଷ୍ୟମିତ୍ରଙ୍କୁ ବୃହସ୍ପତିଙ୍କ ଉତ୍ତରାଧିକାରୀ ରୂପେ ଉପସ୍ଥାପିତ କରି ପରମ୍ପରାରେ ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିଛି ଏବଂ ଉପରୋକ୍ତ ଆଲୋଚନା ମତେ ସେ ନାମମାତ୍ର ରାଜା ବୃହସ୍ପତି ମିତ୍ରଙ୍କ ମୁଖ୍ୟ ସେନାପତି ଥିବା ଅନୁଭୂତ ହୁଏ । ପୁଷ୍ୟମିତ୍ର ସୁଙ୍ଗ ରାଜାଠାରୁ ମଧ୍ୟ ଅଧିକ ଥିଲେ ଏବଂ ରାଜ୍ୟର ଧର୍ମ ତଥା ବୈଦେଶିକ ନୀତି ସ୍ୱାଧୀନ ଭାବରେ ନିୟନ୍ତ୍ରଣ କରୁଥିଲେ । ଭାରତ ଇତିହାସରେ ଏପରି ରାଜନୈତିକ ଅବସ୍ଥାନ ଅଜଣା ନୁହେଁ ଏବଂ ଶେଷୋକ୍ତ ଉଦାହରଣ ମରହଟ୍ଟା ସାମ୍ରାଜ୍ୟର ବ୍ରାହ୍ମଣ ପେଷବା ଓ ନେପାଳର ପ୍ରଧାନମନ୍ତ୍ରୀମାନେ ଅଟନ୍ତି । ତେଣୁ ଖୁବ୍ ସମ୍ଭବ ଖାରବେଳ ଆକ୍ରମଣ କରିବା ବେଳେ ଦିବ୍ୟାବଦାନର ବୃହସ୍ପତି ମଗଧର ରାଜା ଥିଲେ ଏବଂ ସେଥିପାଇଁ ସେ ତାଙ୍କ ଅଭିଲେଖରେ ବହସତିମିତଙ୍କ ସୂଚନା ପ୍ରଦାନ କରିଛନ୍ତି । ଆମକୁ ମିଳିଥିବା ସୂଚନାର ସୂତ୍ରସବୁର ବିବରଣୀ ଏହିଭଳି ବିବିଧ ଥିବା ହେତୁ ଅଶୋକ ବା ତାଙ୍କନାତିଙ୍କ ସହିତ ତାଙ୍କର ପ୍ରକୃତ ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଅନାବଶ୍ୟକ । ପୁରାଣ ତାଲିକାର କେତେକ ସଂସ୍କରଣରେ ଅଶୋକଙ୍କ ଉତ୍ତରାଧିକାରୀଙ୍କ ସଂଖ୍ୟା ଦଶ ରୂପେ ପ୍ରଦାନ କରାଯାଇଥିବାବେଳେ ଅନ୍ୟ କେତେକରେ ତାହା ଛଅ ସଂଖ୍ୟା ବିଶିଷ୍ଟ ହୋଇଛି, ଯଥା- ଦିବ୍ୟାବଦାନରେ ଛଅ, ତାରାନାଥଙ୍କ ବିବରଣୀରେ ତିନି ଓ ରାଜତରଙ୍ଗିଣୀରେ ଏକ (୧୭) । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଏକ ଶାସନକର୍ତ୍ତାଙ୍କ ନାମ ଥିଲା ପୁଷ୍ୟଗୁପ୍ତ ଏବଂ ସେଥିପାଇଁ ନାମାନ୍ତ ସମ୍ପର୍କରେ ସୂଚନା ଦେବାବେଳେ ଏହା ଅସଙ୍ଗତ ନୁହେଁ ଯେ ବୃହସ୍ପତି ମିତ୍ର ମୌର୍ଯ୍ୟଙ୍କ ମୁଖ୍ୟ ସେନାପତିଙ୍କ ନାମ ପୁଷ୍ୟମିତ୍ର ଥିଲା ।

ତେଣୁ ଯାହା ଜଣାଯାଉଛି ଯେତେବେଳେ ଖାରବେଳ ତାଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧ ଆକ୍ରମଣ କଲେ ସେତେବେଳେ ବୃହସ୍ପତି ମିତ୍ର ମଗଧର ରାଜା ଥିଲେ । ଆମ୍ଭମାନଙ୍କ ଦ୍ୱାରା ଏଠାରେ ଗୃହୀତ ହୋଇଥିବା ସମୟସୂଚୀ ଅନୁସାରେ ଖାରବେଳଙ୍କ ଦ୍ୱାରା ଦ୍ୱିତୀୟ ବାର ମଗଧ ଆକ୍ରମଣ ପୁଷ୍ୟମିତ୍ରଙ୍କ ପ୍ରକୃତ ଶାସନ ଶେଷ ହେବାର ଅବ୍ୟବହିତ ପରେ ଅର୍ଥାତ୍ ଖ୍ରୀ:ପୂ: ୧୪୭ ମସିହାରେ ସମାପ୍ତ ହେବାପରେ ହୋଇଥିବ । ଯାହା ଜଣାଯାଉଛି ପୁଷ୍ୟମିତ୍ର ସୁଙ୍ଗ ଜୀବିତ ଥିବା ପର୍ଯ୍ୟନ୍ତ ମଗଧ ଶକ୍ତିକୁ ଖାରବେଳ ପରାଭୂତ କରିପାରି ନଥିଲେ । ବାସ୍ତବରେ ଏହିଭଳି ଏକ ଅବସ୍ଥା ତାଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ଘଟିଥିବା ଘଟଣାବଳିରୁ ଅନୁମାନ କରାଯାଇପାରେ, ଯେତେବେଳେ କି ଖାରବେଳ ତାଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ଗୋରଥଗିରିକୁ (୧୮) ଅତିକ୍ରମ କରିଥିଲେ ବା ନିହତ କରିଥିଲେ ଏବଂ ରାଜଗୃହର ଲୋକମାନଙ୍କ ଉପରେ ଗଭୀର ଚାପ ପକାଇଥିଲେ ଓ ପରେ ମଥୁରାକୁ ଫେରିଆସିଥିଲେ । ଯେତେବେଳେ ମଗଧର ରାଜଧାନୀ ବା ପାଟଳୀପୁତ୍ର ତାଙ୍କ ଆକ୍ରମଣର ଲକ୍ଷ୍ୟ ଥିବା ବିଷୟ କେହି ଚିନ୍ତାକରେ ସେତେବେଳେ ଏହା ଟିକିଏ ଅବାସ୍ତବ ଭଳି ମନେହୁଏ । ଅନୁଭୂତ ହୁଏ ଯେ ଖାରବେଳ ରାଜଗୃହଠାରେ ଏହି ଅଲୌକିକ ସେନାପତିଙ୍କଠାରୁ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ; ଯାହା ଫଳରେ କି ତାଙ୍କ ପାଟଳୀପୁତ୍ର ଆଡକୁ ଗତିରୋଧ ହୋଇଥିଲା । ତେଣୁ ସେ ମଥୁରା ଆକ୍ରମଣ କରି ଦୃଷ୍ଟି ଏଡ଼ାଇ ଥିଲେ ଯାହାକି ସମ୍ଭବତଃ ମଗଧ ସାମ୍ରାଜ୍ୟର ଅଂଶ ବିଶେଷ ଥିଲା । ମଗଧ ଉପରେ ଦ୍ୱିତୀୟ ବାର ଆକ୍ରମଣର ଏକ ଉପଯୁକ୍ତ ସମୟ ତାଙ୍କୁ ସ୍ଥିର କରିବାକୁ ହୋଇଥିଲା ଏବଂ ସେହି ମାହେନ୍ଦ୍ର ମୁହୂର୍ତ୍ତ ପୁଷ୍ୟମିତ୍ରଙ୍କ ମୃତ୍ୟୁ ପରେ ହିଁ ତାଙ୍କୁ ମିଳିଥିଲା । ମଗଧ ରାଜଗାଦିରେ ବୃହସ୍ପତି ମିତ୍ରଙ୍କ ଭଳି ଜଣେ ଦୁର୍ବଳ ରାଜା ଥିବାରୁ ପାଟଳୀପୁତ୍ର ଉପରେ ଆକ୍ରମଣ କରିବା ଖାରବେଳଙ୍କ ପକ୍ଷରେ ଅପେକ୍ଷାକୃତ ସହଜସାଧ୍ୟ ହୋଇଥିବ ଏବଂ ରାଜତ୍ୱ କରୁଥିବା ରାଜାଙ୍କୁ ତାଙ୍କ ପଦତଳେ ନତମସ୍ତକ ହେବା ପାଇଁ ତଥା ପୂର୍ବେ ତାଙ୍କର ଜଣେ ପୂର୍ବ ପୁରୁଷଙ୍କ ଦ୍ୱାରା କଳିଙ୍ଗରୁ ମଗଧକୁ ନିଆଯାଇଥିବା ପବିତ୍ର ଜିନାସନ ଅର୍ପଣ କରିବକୁ ବାଧ୍ୟ କରିଥିବ ।

ପୁଷ୍ୟମିତ୍ର ସୁଙ୍ଗଙ୍କ ପରେ ମଗଧ ଓ ପାଟଳୀପୁତ୍ରର ରାଜନୈତିକ ଅବସ୍ଥା ଅତ୍ୟନ୍ତ ଅନ୍ଧକାରାଚ୍ଛନ୍ନ ଥିଲା । ସେ ତାଙ୍କ ସମୟରେ ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ଏବଂ ତାଙ୍କ ଦ୍ୱାରା ଅନ୍ୟମାନେ ନିଷ୍ପ୍ରଭ ହୋଇଯାଇଥିଲେ । ସେଥିପାଇଁ ସେ ଦୁଇଟି

ଅଶ୍ୱମେଧ୍ ଯଜ୍ଞ କରାଇ ଓ ବୌଦ୍ଧ୍ ବିରୋଧି କାର୍ଯ୍ୟରେ ଲିପ୍ତ ରହି ବ୍ରାହ୍ମଣ୍ୟ ଓ ବୌଦ୍ଧ୍ ପରମ୍ପରାରେ ଇନ୍ଦ୍ରଧନୁ ତୁଲ୍ୟ ବହୁ ଭାବରେ ଚିତ୍ରିତ ହୋଇଛନ୍ତି । ଯଦିଓ ପୁରାଣଗୁଡ଼ିକ ତାଙ୍କର ବହୁ ଉତ୍ତରାଧିକାରୀଙ୍କ ବିଷୟରେ ବିବରଣୀ ପ୍ରଦାନ କରନ୍ତି ତଥାପି ମଗଧ୍ ଓ ପାଟଳୀପୁତ୍ର ସହିତ ସେମାନଙ୍କ ସମ୍ପର୍କ କୌଣସି ପ୍ରତ୍ନତାତ୍ତ୍ୱିକ ଆବିଷ୍କାରର ସାକ୍ଷ୍ୟ ଦ୍ୱାରା ସମର୍ଥିତ ହୋଇପାରି ନାହିଁ । ମିତ୍ର ମୁଦ୍ରାଗୁଡ଼ିକ ଯେଉଁଥିରୁ କି କେତେକ ସୁଙ୍ଗମାନଙ୍କ ଦ୍ୱାରା ପ୍ରଚଳିତ ଥିବା ଚିହ୍ନିତ ହୁଏ । ସେଗୁଡ଼ିକ ବହୁ ପରିମାଣରେ ଉତ୍ତରାଳ ବିଶେଷତଃ କୌଶାମ୍ବି (ଆଲାହାବାଦ ନିକଟରେ ଥିବା କୋଶାମ) ଏବଂ ଅହିଛତ୍ର (ବରେଲି ଜିଲ୍ଲା) ରୁ ମିଳିଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବରେ ତାହା ଖୋଦ ମଗଧରୁ ମିଳିପାରି ନାହିଁ । ପ୍ରାଚୀନ ପାଟଳୀପୁତ୍ର (୧୯) ବା କୁମରାହାରରୁ ଇନ୍ଦ୍ରମିତ୍ରଙ୍କ ମୁଦ୍ରା ମିଳିଥିବା ବେଳେ ପୁରାଣରେ ପ୍ରଦତ୍ ସୁଙ୍ଗ-କାଣ୍ୱାୟନ ରାଜାମାନଙ୍କ ନାମ ତାଲିକାରେ ତାଙ୍କ ନାମ ନଥିବା ଦେଖାଯାଏ । ଯାହା ଜଣାପଡୁଛି ପୁଷ୍ୟମିତ୍ର ସୁଙ୍ଗଙ୍କ ମୃତ୍ୟୁପରେ ତାଙ୍କ ପରିବାରର ବିଭିନ୍ନ ଶାଖା ଭାରତର ବିଭିନ୍ନ ଭାଗରେ ନିଜକୁ ପ୍ରତିଷ୍ଠିତ କରିଥିଲେ । ସେତେବେଳେ ପାଟଳୀପୁତ୍ର ଓ ଏହାର ପାଶ୍ୱବର୍ତ୍ତୀ ଅଳ ମୌର୍ଯ୍ୟ ବଂଶୀୟ ଜଣେ ଉତ୍ତରାଧିକାରୀଙ୍କ ଅଧିକାରରେ ଥିଲା । ବିଳମ୍ବିତ ଖ୍ରୀଷ୍ଟିୟ ସପ୍ତମ ଶତାବ୍ଦୀରେ ପାଟଳୀପୁତ୍ରଠାରେ ରାଜତ୍ୱ କରୁଥିବା ଏକ ମୌର୍ଯ୍ୟ ରାଜପରିବାରର ଅବସ୍ଥିତି ୟୁଆନ ଚ୍ୱାଙ୍ଗଙ୍କ ବିବରଣୀରୁ ମଧ ସମର୍ଥିତ ହୋଇଥାଏ (୨୦) ।

ପୁଷ୍ୟମିତ୍ର ସୁଙ୍ଗଙ୍କ ସମୟରେ କଳିଙ୍ଗ ଓ ମଗଧ୍ ମଧରେ ରହିଥିବା ଶତ୍ରୁତା ପାତଞ୍ଜଳିଙ୍କ ଦ୍ୱାରା ପ୍ରଣୀତ ମହାଭାଷ୍ୟ ଭଳି ଏକ ବ୍ୟାକରଣ ପୁସ୍ତକରେ ଉଦାହରଣ ସ୍ୱରୂପ ପ୍ରତିଫଳିତ ହୋଇଥିବା ମଧ ଦେଖାଯାଏ । ପାତଞ୍ଜଳିଙ୍କୁ ପୁଷ୍ୟମିତ୍ର ସୁଙ୍ଗଙ୍କ ସମସାମୟିକ ରୂପେ ବିଚାର କରାଯାଇଥାଏ । ସମ୍ପୂର୍ଣ୍ଣ ଭାବରେ ନାସ୍ତି ସୂଚକ ଅର୍ଥରେ ବ୍ୟବହାର କରାଯାଇଥିବା ତଥା 'ଲିଟ୍' ର ସଂଯୋଜକ ଥିବା ପରୋକ୍ଷ ଅର୍ଥରେ ବ୍ୟବହୃତ ଗୋଟିଏ ବାର୍ତ୍ତିକର ବ୍ୟାଖ୍ୟା କରିବାକୁ ଯାଇ ପାତଞ୍ଜଳି ଜରକ ତୁଣ୍ଡରେ କୁହାଇଛନ୍ତି "ମୁଁ ଆଦୌ ଖଣ୍ଡିକ ରାଜ୍ୟକୁ ଯାଇନାହିଁ" (୨୧) ଡଃ ଭି.ଏସ୍. ଅଗ୍ରବାଲ ସଠିକ୍ ଭାବରେ ଦର୍ଶାଇଛନ୍ତି ଯେ ପାତଞ୍ଜଳି ଏହି ଉଦାହରଣଟିକୁ କଳିଙ୍ଗର ଏକ ଗୁପ୍ତଚର ମୁହଁରେ କୁହାଇଥିବା ମନେହୁଏ ଯେ କି ମଗଧ୍ ସାମ୍ରାଜ୍ୟର କର୍ମଚାରୀମାନଙ୍କ ଦ୍ୱାରା ଧରାପଡ଼ିବା ପରେ ପରିସ୍ଥିତିକୁ ଏଡ଼େଇ ଯିବା ପାଇଁ ସ୍ପଷ୍ଟ ଭାବରେ ନାହିଁ କରି କଳିଙ୍ଗ ଓ ଖଣ୍ଡିକ ଦେଶମାନଙ୍କ ବିଷୟରେ କିଛି ଜାଣିନଥିବା ପ୍ରକାଶ କରିଥିଲା ।

ଉପର ଲିଖିତ ଆଲୋଚନାରେ ଦର୍ଶାଯାଇଥିବା ଖାରବେଳ ଓ ପୁଷ୍ୟମିତ୍ର ସୁଙ୍ଗଙ୍କ ସାମୟିକତ୍ୱ ବ୍ୟତୀତ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ଅନ୍ୟ ଏକ ସମସାମୟିକତ୍ୱ ସାତକର୍ଣ୍ଣୀଙ୍କ ସମ୍ପର୍କରେ ପ୍ରଦତ୍ ସୂଚନାରୁ ମିଳିଥାଏ । ଏହି ସାତକର୍ଣ୍ଣୀ ପଶ୍ଚିମ ଦିଗର ପ୍ରଭୁ ରୂପେ ବର୍ଣ୍ଣିତ ହୋଇଥିବା ହେତୁ ତାଙ୍କୁ ଦାକ୍ଷିଣାତ୍ୟର ସାତବାହନ ବଂଶୀୟ ଜଣେ ରାଜାଙ୍କ ସହିତ ଆପାତତଃ ଚିହ୍ନିତ କରାଯିବା ଆବଶ୍ୟକ । ସେହି ରାଜବଂଶରେ ସାତକର୍ଣ୍ଣୀ ନାମରେ ବହୁ ରାଜା ରହିଛନ୍ତି । ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ସାତକର୍ଣ୍ଣିଙ୍କୁ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନିତ କରିବା ଯେତେ ପରିମାଣରେ ଖାରବେଳଙ୍କ ଏହି ଅଭିଲେଖର ଲିପି ସହିତ ଆଦ୍ୟ ସାତବାହନ ଅଭିଲେଖର ପ୍ରାଚୀନ ଲିପିରୁ ତୁଳନା ଉପରେ ନିର୍ଭର କରେ ସେତିକି ପରିମାଣରେ ସାତବାହନ ବଂଶର ସମୟ ନିର୍ଦ୍ଧାରଣ ଉପରେ ମଧ ନିର୍ଭରଶୀଳ ଅଟେ । ବୁଲ୍‌ହରଙ୍କ ମତରେ ପ୍ରାଚୀନ ଲିପିର ସୂଚନା ମତେ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖ, ସାତକର୍ଣ୍ଣୀଙ୍କ ମହିଷୀ ନାଗନିକାଙ୍କ ନାନାଘାଟ ଅଭିଲେଖ ଏବଂ ଶେଷ ମୌର୍ଯ୍ୟ ଓ ଆଦ୍ୟ ସୁଙ୍ଗମାନଙ୍କ ଦ୍ୱାରା ବ୍ୟବହୃତ ଲିପି (୨୨) ସକଳ ସମସାମୟିକ ଓ ସେ ସମସ୍ତ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀର ଅଟନ୍ତି । ଖାରବେଳଙ୍କ ଅଭିଲେଖ ସମ୍ପର୍କରେ ଭାରତର ଲିପିତତ୍ତ୍ୱବିତ୍‌ମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଥିବା ଦେଖାଯାଏ । ତା ସତ୍ତ୍ୱେ କେବଳ ଡଃ ବି.ଏମ୍. ବରୁଆଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହାକୁ ଖ୍ରୀ:ପୂ: ଦ୍ୱିତୀୟ ବା ପ୍ରଥମ ଶତକରେ ଅବସ୍ଥାପିତ କରିଥାନ୍ତି (୨୪) । ତାଙ୍କ ନିର୍ଦ୍ଧାରଣ ମତେ ଖାରବେଳଙ୍କ ସମୟ ଓ ସ୍ୱାସ୍ତୁପର ଶ୍ରୀ ସାତକର୍ଣ୍ଣୀଙ୍କ ଅଭିଲେଖ ଯାହାଙ୍କୁ କି ସେ ହାତୀଗୁମ୍ଫା ଅଭିଲେଖର ସାତକର୍ଣ୍ଣୀଙ୍କ ସହିତ ଚିହ୍ନିତ କରନ୍ତି ତାହା ଇତିହାସର ଏକ ଉତ୍ସ ରୂପେ ଗୃହୀତ ପୁରାଣମାନଙ୍କର ଅତ୍ୟଧିକ ମୂଲ୍ୟାୟନ ହେତୁ ଘଟିଛି । ମାତ୍ର ଐତିହାସିକ ତଥ୍ୟ ରୂପେ ସେଗୁଡିକର ସୀମା ରେଖା ତଥା

ବିଫଳତା ସମସ୍ତଙ୍କ ନିକଟରେ ସ୍ୱତଃ ବିଦିତ । ପୁରାଣଗୁଡ଼ିକ ଆନ୍ଧ୍ର (ସାତବାହନ) ମାନଙ୍କର ଉ□ାନକୁ ସୁଙ୍ଗ ଓ କାଣ୍ୱମାନଙ୍କ ପରେ ଅବସ୍ଥାପିତ କରିଥାନ୍ତି । ପୁରାଣମାନଙ୍କର ସମୀମତା ସତ୍ତ୍ୱେ ଏହି ବିବରଣୀକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଇ ଅନ୍ୟ ପ୍ରମାଣମାନଙ୍କୁ ଏହାଠାରୁ ଅଳ୍ପ ପ୍ରାଧାନ୍ୟ ପ୍ରଦାନ କରାଯାଇଛି । ଲିପିତତ୍ତ୍ୱର ପ୍ରମାଣ ଏ ସମୟରେ ଏକ ପରିବର୍ତ୍ତନଶୀଳ ବିଷୟ ଅଟେ ଏବଂ ପଣ୍ଡିତମାନେ ଏ ବିଷୟରେ ସଚେତନ ଯେ ଏକ ଶତାବ୍ଦୀର ଅବଧି ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ନିଆଯାଇ ପାରିବ ନାହିଁ । ଖାରବେଳ ଏବଂ ସାତବାହନ ମାନଙ୍କ ଅଭିଲେଖକୁ ବହୁ ପଣ୍ଡିତଙ୍କ ସିଦ୍ଧାନ୍ତ ମତେ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ବି ଅବସ୍ଥାପିତ କରାଯାଇପାରେ । ସେଥିପାଇଁ ପୁରାଣମାନଙ୍କର ଏକ ବିବରଣୀ ଉପରେ ଅତ୍ୟଧିକ ଗୁରୁତ୍ୱ ଦିଆଯିବା ଉଚିତ ହେବ ନାହିଁ; କାରଣ ଇତିହାସର ଏକ ସୂତ୍ର ଭାବରେ ଏହାର ମୂଲ୍ୟ ସନ୍ଦେହାତ୍ମକ ଅଟେ । କେମ୍ବ୍ରିଜ ଇତିହାସ, ପ୍ରଥମ ଖଣ୍ଡ (ପୃ-୫୨୨)ରୁ କିଛି ଅଂଶ ଏଠାରେ ଉଦ୍ଧାର କରିବା ଅସଂଗତ ହେବ ନାହିଁ ଯାହାକି ଏହି ସମୟରେ ଇତିହାସ ପୁନର୍ଗଠନରେ ପୁରାଣମାନଙ୍କ ଅନୁସୃତ ସମୟ ଖସଡ଼ାର ପ୍ରକୃତି ଉନ୍ମୋଚନ କରିଥାଏ ।

"ପୁରାଣଗୁଡ଼ିକ ସମ୍ପାଦନା କରାଯାଇଛି ଓ ଏହି କ୍ରମରେ ତଥ୍ୟମାନଙ୍କର ମୂଲ୍ୟ ବହୁ ଭାବରେ ବିନିଷ୍ଟ ହୋଇଛି । ସେଥିରେ ଥିବା କେତେକ ଘଟନାତ୍ମକ ବିବରଣୀ ସମ୍ପାଦକଙ୍କ ଦୃଷ୍ଟିରେ ପଡ଼ିନାହିଁ । ଏହା ଏତିକି ମାତ୍ର ଜଣାଉଛି ଯେ କାଣ୍ୱ ଓ ସୁଙ୍ଗମାନେ ସମସାମୟିକ । କାଣ୍ୱମାନେ ସୁଙ୍ଗମାନଙ୍କ ମନ୍ତ୍ରୀ ରୂପେ ବିଦିତ ଓ କେତେକ ପୋଥିରେ ସୁଙ୍ଗମାନଙ୍କ ମଧ୍ୟରେ ରାଜା ଥିବା ମଧ୍ୟ ଦର୍ଶାଯାଇଛି. ଏବଂ ପୂର୍ବ କଥିତ ମତେ କାଣ୍ୱମାନଙ୍କ ସହିତ ସୁଙ୍ଗମାନଙ୍କ ଅବଶିଷ୍ଟ ରାଜଶକ୍ତିକୁ ଆନ୍ଧ୍ରମାନେ ବିଲୋପ କରିବା ଗୌରବରେ ମଧ୍ୟ ମଣ୍ଡିତ ହୋଇଛନ୍ତି । ଆନ୍ଧ୍ରମାନଙ୍କ ସମ୍ପର୍କରେ ଅଭିଲେଖମାନଙ୍କ ସୂତ୍ରରୁ ପ୍ରଦତ୍ ନିଶ୍ଚିତ ସାକ୍ଷ୍ୟ ସେମାନଙ୍କୁ ଯେଉଁ ସମୟରେ ଅବସ୍ଥାପିତ କରେ ତାହା ପୁରାଣରେ ସେମାନଙ୍କୁ ଦିଆଯାଇଥିବା ସ୍ଥିତିର ସମ୍ପୂର୍ଣ୍ଣ ପରିପନ୍ଥୀ ଅଟେ ।"

ତେଣୁ ଏହା ସମ୍ଭବ ଯେ କଳିଙ୍ଗରେ ଖାରବେଳଙ୍କ ବଂଶ ଓ ଦାକ୍ଷିଣାତ୍ୟରେ ସାତବାହନ ବଂଶ ଅଶୋକଙ୍କ ପରେ ମୌର୍ଯ୍ୟ କ୍ଷମତାର ଅବସାନ ହେତୁ ଏକ ସମୟରେ କ୍ଷମତାଶାଳୀ ହୋଇଥିଲେ । ଏପରି ସିଦ୍ଧାନ୍ତ ମଧ୍ୟ ଅଯୌକ୍ତିକ ନୁହେଁ ଯେ ବୃହଦ୍ରଥଙ୍କ ମୁଖ୍ୟ ସେନାପତିଙ୍କ ଦ୍ୱାରା ତାଙ୍କ ନିଧନ ପରେ କେନ୍ଦ୍ରୀୟ କ୍ଷମତା ବିକେନ୍ଦ୍ରୀକରଣର ସଂକେତ ମିଳିଥିଲା ଏବଂ ପ୍ରଦେଶମାନଙ୍କ ସ୍ୱତନ୍ତ୍ର ହେବା ନିମନ୍ତେ ସାମର୍ଥ୍ୟ ଯୋଗାଇଥିଲା । ଏହି ଦୁଇ ରାଜବଂଶର ଉ□ାନକୁ ପ୍ରାୟ ଏକ ସମୟରେ ଅବସ୍ଥାପିତ କରାଯାଇପାରେ । ଆପାତତଃ ପଶ୍ଚିମ ଦିଗରେ ଖାରବେଳଙ୍କ ପ୍ରତିଦ୍ୱନ୍ଦ୍ୱି ସାତକର୍ଣ୍ଣୀଙ୍କୁ ସେ ସମୟର ଏକ ସମସାମୟିକ ସାତବାହାନ ରାଜାଙ୍କ ସହିତ ଚିହ୍ନିତ କରିବାକୁ ହେବ । ପୁରାଣ ବର୍ଣ୍ଣିତ ସାତକର୍ଣ୍ଣୀମାନଙ୍କ ମଧ୍ୟରୁ ପ୍ରଥମ ଦୁଇଜଣ ପଛକୁ ପଛ ନିକଟତର ଥିଲେ । ହାତୀଗୁମ୍ଫା ଅଭିଲେଖରେ ସୂଚୀତ ହେବା ବ୍ୟତୀତ ନାନଗାଟ ଓ ସ୍ା ଅଭିଲେଖମାନଙ୍କରେ ମଧ୍ୟ ସାତକର୍ଣ୍ଣୀ ନାମ ବିବୃତ୍ ହୋଇଛି ଏବଂ ଆପାତତଃ ନାନାଗାଟର ଏକ ବୃହତ ଅଭିଲେଖରେ ପରୋକ୍ଷ ଭାବରେ ମଧ୍ୟ ବର୍ଣ୍ଣନା କରାଯାଇଛି । ହାତୀଗୁମ୍ଫା ଅଭିଲେଖରେ ପ୍ରଖ୍ୟାପିତ ସାତକର୍ଣ୍ଣୀଙ୍କୁ ରାଣୀ ନାଗନିକାଙ୍କ ସ୍ୱାମୀ ତଥା ନାନାଘାଟ ଅଭିଲେଖରେ ବିବୃତ୍ ସାତକର୍ଣ୍ଣୀଙ୍କ ସହିତ ସାଧାରଣତଃ ଚିହ୍ନିତ କରାଯାଏ (୨୫) । ଯଦିଓ ପଣ୍ଡିତମାନେ ଉଭୟଙ୍କୁ ପୃଥକ ରୂପେ ଉପସ୍ଥାପିତ କରନ୍ତି ତଥାପି ହାତୀଗୁମ୍ଫା ଅଭିଲେଖର ସାତକର୍ଣ୍ଣୀଙ୍କୁ ସ୍ା ଅଭିଲେଖରେ ବର୍ଣ୍ଣିତ ସାତକର୍ଣ୍ଣୀଙ୍କ ସହିତ ଚିହ୍ନିତ କରିଥାନ୍ତି (୨୬) । ଆଉ କେତେକ ପଣ୍ଡିତ ଏହି ତିନିଙ୍କୁ ମଧ୍ୟ ତାଙ୍କ ସହିତ ଚିହ୍ନାଇଥାନ୍ତି । ନାନାଘାଟ ଅଭିଲେଖର ସାତକର୍ଣ୍ଣୀ ସାଧାରଣତଃ ପୁରାଣର ସାତକର୍ଣ୍ଣୀ ୧ମଙ୍କ ସହିତ ଚିହ୍ନିତ ହୁଅନ୍ତି (୨୭) । ନାନାଘାଟ ଅଭିଲେଖରୁ ଜଣାଯାଏ ଯେ ଜଣେ କ୍ଷମତାଶାଳୀ ଓ ଉଚ୍ଚାଭିଳାଷୀ ରାଜା ଅଟନ୍ତି । ଖାରବେଳ ମଧ୍ୟ ସମପରିମାଣରେ କ୍ଷମତାଶାଳୀ ଓ ଉଚ୍ଚାଭିଳାଷୀ ଥିବା ହାତୀଗୁମ୍ଫା ଅଭିଲେଖରୁ ସୂଚୀତ ହୁଏ ଏବଂ ଏହା ସମ୍ଭବ ଯେ ସେ ତାଙ୍କ ଲକ୍ଷ୍ୟ ପଥରେ ସାତକର୍ଣ୍ଣୀ ୧ମଙ୍କୁ ଏକ ପ୍ରତିବନ୍ଧକ ରୂପେ ବିବେଚନା କରୁଥିଲେ । ସେଥିପାଇଁ ସେ ତାଙ୍କୁ ପଶ୍ଚିମ ଦିଗର ପ୍ରଭୁ ରୂପେ ଏହି ଅଭିଲେଖରେ ବର୍ଣ୍ଣନା କରିଛନ୍ତି । ସ୍ା ଅଭିଲେଖର ସାତକର୍ଣ୍ଣୀ ଯାହାଙ୍କୁ କି ଲିପିତତ୍ତ୍ୱ ଦୃଷ୍ଟିରୁ ନାନାଘାଟ

ଅଭିଲେଖର ପରବର୍ତ୍ତୀ କାଳରେ ଅବସ୍ଥାପିତ କରାଯାଇଥାଏ ସେ ବୋଧହୁଏ ପୁରାଣ ବର୍ଣ୍ଣିତ ସାତକର୍ଣ୍ଣୀ ଦ୍ୱିତୀୟ ଅଟନ୍ତି ।

ଏହି ଚିହ୍ନଟ ମଧ୍ୟ ନିକଟରେ ଭୁବନେଶ୍ୱରରୁ ଉପଲବ୍ଧ ପ୍ରତ୍ନତାତ୍ତ୍ୱିକ ଆବିଷ୍କାରରୁ ସମର୍ଥିତ ହୋଇଛି । ଖଣ୍ଡଗିରି ଉଦୟଗିରି ନିକଟରେ ଥିବା ଡୁମୁଡୁମା ଗ୍ରାମରୁ ଲେଖକ ଦ୍ୱାରା ସଦ୍ୟ ଆବିଷ୍କୃତ ତିନୋଟି ଯକ୍ଷ ମୂର୍ତ୍ତି ତାଙ୍କ ଠିଆହେବା ଢ଼ଙ୍ଗ, ପୋଷାକ ପରିଛଦ ଓ ଅଳଙ୍କାରାଦିରୁ ସ୍ୱାଁ ସ୍ତୁପର ପଶ୍ଚିମ ଫାଟକରେ ଖୋଦିତ ଯକ୍ଷମାନଙ୍କ ସହିତ ଆଶ୍ଚର୍ଯ୍ୟ ଜନକ ଭାବରେ ସାମ୍ୟ ବହନ କରୁଛନ୍ତି । ସ୍ୱାଁ ଓ ଡୁମୁଡୁମାର ଯକ୍ଷମାନଙ୍କ ସହିତ ଏକ ପାଖାପାଖି ତୁଳନା କଲେ ସେମାନଙ୍କ ସାଦୃଶ୍ୟ ଜଣାଯାଇଥାଏ ଏବଂ ସେ ଦୁଇଟିଯାକ ଏକ କଳାତ୍ମକ ବିବର୍ତ୍ତନର ଅନ୍ତର୍ଗତ ଏବଂ ତାହାର ପ୍ରତିନିଧିତ୍ୱ କରୁଥିବା ଉପଲବ୍ଧ ହୁଏ । ଏହା ଉଲ୍ଲେଖ୍ୟଯୋଗ୍ୟ ଯେ ଯେତେବେଳେ ସ୍ୱାଁ ଓ ଡୁମୁଡୁମାର କ୍ଷୁଦ୍ରାବୟବ ଯକ୍ଷଗୁଡ଼ିକ ଉଦୟଗିରିର ରାଣୀଗୁମ୍ଫା ଓ ଗଣେଶଗୁମ୍ଫା ଏବଂ ଖଣ୍ଡଗିରିର ଅନନ୍ତଗୁମ୍ଫାରେ ଦେଖାଯାନ୍ତି ସେତେବେଳେ ସେଗୁଡ଼ିକ ଖାରବେଳ, ତାଙ୍କ ପଟ୍ଟମହିଷୀ ଐର ମହାରାଜ କଳିଙ୍ଗାଧିପତି କନ୍ଦର୍ପ- ଶିରି ଓ କୁମାର ବଦ୍ରେଖଙ୍କ ଅଭିଲେଖ ଥିବା ଗୁମ୍ଫାଗୁଡ଼ିକରେ ଆଦୌ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଏହା ଆହୁରି ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ଗଠନ ଭଙ୍ଗି ଦୃଷ୍ଟିରୁ ସାର୍ ଜନ୍ ମାର୍ଶାଲ ଓ ଡଃ ଷ୍ଟେଲା କ୍ରାମରିସ୍କ ଏଇ ମାତ୍ର ଉପରବର୍ଣ୍ଣିତ ଯକ୍ଷ ମୂର୍ତ୍ତି ଥିବା ସେହି ଗୁମ୍ଫା ମନ୍ଦିରଗୁଡ଼ିକୁ ଉଦୟଗିରି ଓ ଖଣ୍ଡଗିରିର ଆଦ୍ୟ ଗୋଷ୍ଠୀ ଅନ୍ତର୍ଭୁକ୍ତ ତଥା ବିବର୍ତ୍ତନର ପରବର୍ତ୍ତୀ ଭାଗରେ ଅବସ୍ଥାପିତ କରିଥାନ୍ତି (୨୮) । ତେଣୁ ଏହାହିଁ ସିଦ୍ଧାନ୍ତ ନିଆଯାଇପାରେ ଯେ ସ୍ୱାଁରେ ଦୃଷ୍ଟିଗୋଚର ହେଉଥିବା ଯକ୍ଷମୂର୍ତ୍ତିଗୁଡ଼ିକ ଖାରବେଳ ଓ ସମ୍ଭବତଃ ତାଙ୍କ ଅବ୍ୟବହିତ ପରର ଉତ୍ତରାଧିକାରୀ କନ୍ଦର୍ପ-ଶିରୀ ଓ ବଦ୍ରେଖଙ୍କ ପରବର୍ତ୍ତୀ ସମୟର ଅଟନ୍ତି । ଅଭିଲେଖରୁ ମିଳୁଥିବା ପ୍ରମାଣମତେ ସାତକର୍ଣ୍ଣୀ ୨ୟଙ୍କ ସମୟରେ ଆନ୍ଧ୍ର- ସାତବାହନ ଅଧିକାରଭୁକ୍ତ ହୋଇଥିବା ହେତୁ ରାଣୀ, ଗଣେଶ ଓ ଅନନ୍ତଗୁମ୍ଫା ତଥା ଡୁମୁଡୁମା ଗ୍ରାମରୁ ଆବିଷ୍କୃତ ଯକ୍ଷମୂର୍ତ୍ତୀମାନ ସ୍ୱାଁ ଓ ଭୁବନେଶ୍ୱର ମଧ୍ୟରେ ସୃଷ୍ଟି ହୋଇଥିବା ସମ୍ପର୍କରୁ ସମ୍ଭବପର ହୋଇଛି । ଭୂଖୋଦନ (୨୯) ଓ ପ୍ରାଚୀନ ସ୍ଥଳୀମାନଙ୍କୁ ପରିଷ୍କାର କରିବା ଅବସରରେ ଶିଶୁପାଳଗଡ଼ (ଭୁବନେଶ୍ୱର), ସାଳିହୁନ୍ଦମ, ରାମତୀର୍ଥମ୍ ଓ ସଂଘାରାମରୁ (୩୦) ବହୁ ପରିମାଣରେ ପରବର୍ତ୍ତୀ ସାତବାହନ ମୁଦ୍ରା ଲୋକଲୋଚନକୁ ଆସିଛି । ସେଥିରୁ ଜଣାଯାଏ ଯେ କଳିଙ୍ଗ ସହିତ ଏକଦା ସାତବାହନମାନଙ୍କ ସମ୍ପର୍କ ସ୍ଥାପିତ ହୋଇଥିଲା । ସାତବାହନ ଓ କଳିଙ୍ଗ ମଧ୍ୟରେ ବିବାଦ ଖାରବେଳ ଓ ସାତକର୍ଣ୍ଣୀ ୧ମଙ୍କ ରାଜତ୍ୱ ସମୟରୁ ଆରମ୍ଭ ହୋଇଥିଲା । ଖାରବେଳଙ୍କ ପରେ କଳିଙ୍ଗର ଇତିହାସ ଅନ୍ଧକାରାଛନ୍ନ ଏବଂ ସମ୍ଭବତଃ ଏହି ବିବାଦ ହେତୁ କଳିଙ୍ଗରେ ଖାରବେଳଙ୍କ ବଂଶ ଓ ତାଙ୍କ ସାମ୍ରାଜ୍ୟର ପତନ ସାତକର୍ଣ୍ଣୀ ୨ୟଙ୍କ ସମୟରେ ଘଟିଥିଲା ।

କେତେକ ପଣ୍ଡିତ ହାତୀଗୁମ୍ଫା ଅଭିଲେଖର ଏକ ଅଂଶକୁ ଯବନରାଜ ଦିମିତ ପାଠ କରିଥାନ୍ତି । ଦିମିତ ପାଠ ସଂଦେହାତ୍ମକ ଏବଂ ଡଃ ବି.ଏମ୍. ବରୁଆ ଏହାକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି (୩୧) । ଖାରବେଳଙ୍କ ସମୟରେ ଉପରୋକ୍ତ ନିର୍ଦ୍ଧାରଣ କରିବାକୁ ଆମ୍ଭେମାନେ ଚେଷ୍ଟା କରିଛୁ । ଯାହା ଜଣାଯାଉଛି ଅଭିଲେଖରେ ବର୍ଣ୍ଣିତ ଯବନରାଜ ସମ୍ଭବତଃ ବକ୍ଟ୍ରିୟ- ଗ୍ରୀକ୍ ରାଜା ଇଉଥାଇଡେମସ୍‌ଙ୍କ ପୁତ୍ର ଡିମେଟ୍ରିୟସ୍‌ଙ୍କ ଲକ୍ଷ୍ୟ କରାଯାଇଛି, ଯେ କି ପାତଞ୍ଜଳିଙ୍କ ମହାଭାସ୍ୟରେ ସୂଚୀତ ସାକେତ ଓ ମାଧ୍ୟମିକର ଯବନ ଆକ୍ରମଣକାରୀ ହେବା ସମ୍ଭବ (୩୨) ।

ଏହା ଅସମ୍ଭବ ନୁହେଁ ଯେ କଳିଙ୍ଗର ଖାରବେଳ ମଧ୍ୟ ଯବନ ଭୟ ଦୂର କରିବାରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ଆଉ ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ଗାର୍ଗୀ ସଂହିତାର ଯୁଗ- ପୁରାଣ ଖଣ୍ଡରେ ମଥୁରାରେ ଯବନ ଆକ୍ରମଣ ବିଷୟ ବର୍ଣ୍ଣନା କରାଯାଇଛି ଏବଂ ଏହା ତାତ୍ପର୍ଯ୍ୟପୂର୍ଣ୍ଣ ଯେ ହାତୀଗୁମ୍ଫା ଅଭିଲେଖରେ ଯବନରାଜଙ୍କ ସହ ମଥୁରାର ଉଲ୍ଲେଖ ମଧ୍ୟ ହୋଇଛି ।

ଖାରବେଳଙ୍କ ସମୟ ସମ୍ପର୍କରେ ଆମ୍ଭମାନଙ୍କର ଉପରୋକ୍ତ ମତାମତ ବିଭିନ୍ନ ପଣ୍ଡିତମାନଙ୍କ ଦ୍ୱାରା ସମାଲୋଚନା

କରାଯାଇଛି । ଏଥିରେ ଗୋଟିଏ ଆଲୋଚନା ବ୍ୟକ୍ତ କରେ ଯେ ଲିପିତତ୍ୱ ଦୃଷ୍ଟିରୁ ହାତୀଗୁମ୍ଫା ଅଭିଲେଖ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର ହେବା ମନେ ହୁଏ; ମାତ୍ର ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ନୁହେଁ । ଆମ୍ଭେମାନେ ମଧ୍ୟ ବିଶିଷ୍ଟ ପ୍ରାଚୀନ ଲେଖବିତ ବୁଲ୍‌ହର ଓ ଅନ୍ୟମାନଙ୍କ ମତାମତ ଉଲ୍ଲେଖ କରି ଦର୍ଶାଇଛୁ ଯେ ଏହି ପ୍ରାଚୀନ ଲିପି ଲିପିତତ୍ୱ ଦୃଷ୍ଟିରୁ ଖ୍ରୀ:ପୂ: ୨ୟ ଶତାବ୍ଦୀରେ ଅବସ୍ଥାପିତ କରାଯାଇପାରେ । ପ୍ରାଚୀନ ଲିପିତତ୍ୱ ଏକ ପରିବର୍ତନଶୀଳ ବିଷୟ ଏବଂ କେବଳ ଏହି ମାଧ୍ୟମରେ ପ୍ରାଚୀନ ଲିପି କିମ୍ବା ଶାସକମାନଙ୍କର ସମୟ ନିର୍ଦ୍ଧାରଣରେ ବିଶେଷ ପାର୍ଥକ୍ୟ ରହିବା ସ୍ୱାଭାବିକ । କେବଳ ପ୍ରାଚୀନ ଲିପିକୁ ସମୟ ନିର୍ଦ୍ଧାରଣର ମାଧ୍ୟମ କରିବା ଫଳରେ ଶ୍ରେଷ୍ଠ କୁଶାଣ ନରପତି କନିଷ୍କ ୧ମଙ୍କ ସମୟ ଖ୍ରୀ:ପୂ: ୧ମ ଶତାବ୍ଦୀ ଠାରୁ ଖ୍ରୀଷ୍ଟିୟ ତୃତୀୟ ଶତକ ପର୍ଯ୍ୟନ୍ତ ବଦଳୁଛି । କେତେକ ପଣ୍ଡିତଙ୍କ ଦ୍ୱାରା ଗୃହୀତ ହୋଇଛି ଯେ ହାତୀଗୁମ୍ଫା ଅଭିଲେଖରେ କାବ୍ୟଭଙ୍ଗିରେ ପ୍ରଶସ୍ତିର ଉଲ୍ଲେଖ ଏହାର ସମୟକୁ ବହୁ ପରବର୍ତୀ ରୂପେ ସୂଚାଇ ଥାଏ । ଏ କଥା ମନେ ରଖିବାକୁ ହେବ ଯେ କେବଳ ଅଶୋକଙ୍କ ଶିଳାଲେଖ ଗୁଡିକ ଖାରବେଳଙ୍କ ପ୍ରଶସ୍ତିଠାରୁ ପ୍ରାଚୀନତର ଅଟନ୍ତି । ଅଶୋକଙ୍କ ଶିଳାଲେଖଗୁଡିକ ସମ୍ରାଟଙ୍କ ନିଜ ଭାଷାରେ ପ୍ରକାଶିତ ହୋଇଥିବା ହେତୁ ସେଥିରେ କାବ୍ୟ ଭଙ୍ଗିର ବ୍ୟବହାର ବ୍ୟାହତ ହୋଇଛି । ଖାରବେଳଙ୍କ ପୂର୍ବରୁ ଅନ୍ୟ କୌଣସି ରାଜାଙ୍କ ଦ୍ୱାରା କାବ୍ୟ ଭଙ୍ଗିରେ ପ୍ରଶସ୍ତି ରଚନା ହୋଇ ନଥିବାର ଆମ ନିକଟରେ ଉଦାହରଣ ମଧ୍ୟ ନାହିଁ । ଡଃ. ଏନ୍ କେ. ସାହୁ ଲେଖକଙ୍କୁ ଡଃ. ବି. ଏମ୍. ବରୁଆଙ୍କ ଭିତିହୀନ ତି-ବସ-ଶତ ପାଠ ଗ୍ରହଣ କରିଥିବାରୁ ସମାଲୋଚନା କରିଛନ୍ତି । ଡଃ ଏନ୍. କେ. ସାହୁ ନିଜେ ମଧ୍ୟ ବହୁ ଭିତିହୀନ ପାଠ କରିଛନ୍ତି । ପ୍ରାୟ ଏକଶତ ବର୍ଷରୁ ଅଧିକ କାଳ କାର୍ଯ୍ୟ କରିଥିବା ପାଲି ଭାଷାର ବଡ ବଡ ପଣ୍ଡିତ, ଲିପିତତ୍ୱବିତ୍ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ପଠିତ ତଥ୍ୟକୁ ବିଚାରକୁ ନନେଇ ଡଃ. ସାହୁ ତାଙ୍କର ବହୁ ଭିତିହୀନ ପାଠ ଓ ପୁନର୍ଗଠନ ମାଧ୍ୟମରେ ହାତୀଗୁମ୍ଫା ଅଭିଲେଖର ବିଷୟକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେଇଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ସେ ତାଙ୍କ ନୂତନ ପାଠକୁ କୌଣସି ପୁରାତତ୍ୱ ପତ୍ରିକାରେ ପ୍ରକାଶ ନକରି ଏକ ସାଧାରଣ ଇତିହାସ ପୁସ୍ତକରେ ସ୍ଥାନୀତ କରିଛନ୍ତି । 'ତି-ବସ-ଶତ' ପାଠକୁ ବହୁ ପଣ୍ଡିତ ୩୦୦ ପରିବର୍ତେ ୧୦୩ ଅର୍ଥରେ ପ୍ରକାଶ କରିଛନ୍ତି । ତେଣୁ ଯଦି ଡଃ ବରୁଆ ଙ୍କ ପାଠ ଶତଦଶ-ଲେନ-ଶତ ଗୃହୀତ ନହୁଏ ତେବେ ତିବସ-ଶତର ୧୦୩ ଅର୍ଥ ସୂଚକ ମୂଲ୍ୟାୟନ ସମ୍ପର୍କରେ ପ୍ରଶ୍ନ ଉଠିବ ନାହିଁ । କେତେକ ଅଲୋଚକଙ୍କ ଦ୍ୱାରା ଉଠୁଥିବା ଅନ୍ୟ ଗୋଟିଏ ବିଷୟ ଏହି ଯେ ଆମ୍ଭେମାନେ ଡଃ ବି. ଏମ୍. ବରୁଆଙ୍କୁ ଅନୁସରଣ କରି ହାତୀଗୁମ୍ଫା ଅଭିଲେଖର ନନ୍ଦରାଜାଙ୍କୁ ଅଶୋକଙ୍କ ସହିତ ଚିହ୍ନିତ କରିଛୁ । କୌଣସି ଆଲୋଚକ ଦର୍ଶାଇ ପାରିନାହାନ୍ତି ଯେ ସମସାମୟିକ ଅଥବା ପୂର୍ବବର୍ତ୍ତୀ ଦସ୍ତାବିଜରେ ଚନ୍ଦ୍ରଗୁପ୍ତ ସ୍ଥାପନ କରିଥିବା ବଂଶ ମୌର୍ଯ୍ୟବଂଶ ରୂପେ ବିଦିତ ଥିଲା । ତେଣୁ ଯାହା ଜଣାଯାଏ ତଥାକଥିତ ମୌର୍ଯ୍ୟବଂଶ ପ୍ରଚଳିତ ନନ୍ଦବଂଶର ଅଙ୍ଗୀଭୂତ ଥିଲା । ଆଲୋଚକମାନେ ଆମ୍ଭମାନଙ୍କ ଦ୍ୱାରା ଦିବ୍ୟାବଦାନର ବୃହସ୍ପତିଙ୍କୁ ବହସତିମିତ ସହ ଚିହ୍ନିତ କରିବା ସମ୍ପର୍କରେ ପ୍ରତିବାଦ ଉଠାଇଥିଲେ ମଧ୍ୟ କାହିଁକି ପୁଷ୍ୟମିତ୍ର ସୁଙ୍ଗଙ୍କୁ ଆମେ ଜାଣିଥିବା ସମସ୍ତ ଦଲିଲରେ ସେନାପତି ରୂପେ ବ୍ୟକ୍ତ କରାଯାଇଛି ତାହା ବୁଝାଇନାହାନ୍ତି ।

ଆମ୍ଭେମାନେ ଖାରବେଳଙ୍କ ସମୟ ସମ୍ପର୍କରେ ଆମର ମତାମତ ପ୍ରଦାନ କରିଛୁ ମାତ୍ର ଏହାଉପରେ ଶେଷ କଥା କହିନାହୁଁ । ପୂର୍ବରୁ ଆମେ ଦର୍ଶାଇଥିବା ମତେ ଏହି ଚେଦି ରାଜାଙ୍କ ସମୟର ଅନ୍ୟ କୌଣସି ପ୍ରମାଣ ଆବିଷ୍କୃତ ନହେବା ଯାଏଁ ବିବାଦିୟ ହୋଇ ରହିଥିବ।

ପାଦଟୀକା :

(୧) ବି. ଏମ୍. ବରୁଆ, Old Brahmi Inscription, P. 7-30,ଆମ୍ଭେମାନେ ଏଠାରେ ଡଃ. ବି. ଏମ୍. ବରୁଆଙ୍କ ପାଠ ଓ ତାଙ୍କର ଅନୁବାଦକୁ ଗ୍ରହଣ କରୁଛୁ । ତାଙ୍କଦ୍ୱାରା ନିର୍ଦ୍ଧାରିତ ଅଭିଲେଖର ଧାଡିଗୁଡିକ ମଧ୍ୟ ଏଥିରେ

ଗ୍ରହଣ କରାଯାଇଛି ।

(୨) ଏଜନ୍ ପୃ. ୪୦-୭

(୩) " ପୃ. - ୨୮୧

(୪) " ପୃ. - ୨୭୯

(୫) V.A. Smith, The Early History of India, (4th ed.) P. 139

(୬) H.C. Raychaudhuri, Political History of Ancient India (4th ed.) PP 216-17 and f.n. 5 p. 216

(୭) Old Brahmi Inscription, P. 281.

(୮) ଏଜନ୍ ପୃ. - ୨୭୪

(୯) J.B.O.R.S., vol. I, P-96 in (108) and Cambridge History of India, vol. I. p.511

(୧୦) Cambridge History of India, vol. I. p.521

(୧୧) Proceedings of the Indian History Congress, 1949, p. 63.

(୧୨) J.B.O.R.S., vol. III, Part IV, p. 479

(୧୩) Cambridge History of India, vol. I, p. 518

(୧୪) ଏଜନ୍, ପୃ. - ୫୧୨

(୧୫) ଏଜନ୍, ପୃ. - ୫୨୧

(୧୬) E.I. vol. XX. p. 57

(୧୭) Cambridge History of India, vol. I, p. 511

(୧୮) Dr. B.M Barua takes Gorathagiri to be the name of the king, while Dr. R.D. Banerjee thinks that it was the ancient name of the modern Barabar hills in the Gaya district, Hist. of Orissa, vol. I, P. 79

(୧୯) Proceedings of Indian History Congress, p. 1949, p. 58

(୨୦) Waters, on yumn chwang, vol. II. P, 115

(୨୧) Journal of the Kalinga Historical Research Society, vol. I, No. 3,

P. 241-2.

(୨୨) Cambridge History of India, vol. I, p. 530 and 535.

(୨୩) Old Brahmi Inscriptions, p. 207, f.n. 7.

(୨୪) ଏଜନ୍, ପୃ. - ୨୭୭

(୨୫) The Age of Imperial Unity, p. 213.

(୨୬) Old Brahmi Inscriptions, p. 145 - 53

(୨୭) Prof. G.V. Rao has tried to identify Satakarnis of the Hathigumpha, Nanaghat, and sanchi inscriptions as one and the same king. Proceedings of Indian History Congress, 1949, p. 62 - 5. But his observations are mainly based on hypothetical references and have not yet been accepted by other scholars.

(୨୮) B.M. Barua, Old Brahmi Inscriptions, p. 303 - 14.

(୨୯) Ancient India, No. 5, p. 97.

(୩୦) Proceedings of Indian History congress, p. 1949, 51.

(୩୧) Old Brahmi Inscriptions, p.p. 18. fns 16 and 17. Dr. Barua also says that the fifth letter of the reading yavana-raja is distinctly da and not ja. Dr. D.C. Sircar, however, mentions that the reading Yavamaraja is clear but Dimita or dimita is doubtful, Select Inscriptions, vol. I, p. 208, f.n.

(୩୨) R.C. Majumdar, History and Culture of the Indian People : The age of Imperial Unity, vol. II, pp. 106 - 7.

ବି.ଦ୍ର. :- ଏହି ପ୍ରବନ୍ଧଟି କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ History of Orissa ପୁସ୍ତକର Appendix-II ରେ ପ୍ରଦତ୍ 'Date of Kharavela' ପ୍ରବନ୍ଧର ଓଡ଼ିଆ ଅନୁବାଦ ଅଟେ ।

# ଖାରବେଳଙ୍କ ସମୟ(ଖ)

*ଡକ୍ଟର ନବୀନ କୁମାର ସାହୁ*

ଖାରବେଳଙ୍କର କାଳ ନିର୍ଣ୍ଣୟ ନେଇ ନାନା ମୁନିଙ୍କ ନାନା ମତ ଦେଖାଯାଏ । ରାଜେନ୍ଦ୍ରଲାଲ ମିତ୍ର ସେହି ଚେଦି ସମ୍ରାଟଙ୍କୁ ଖ୍ରୀ:ପୂ: ୪ର୍ଥ ଶତକରେ ସ୍ଥାନ ଦେବାବେଳେ ଫ୍ଲିଟ (J.F.Fleet) ଓ ଲ୍ୟୁଦର (H.Luder) ପ୍ରମୁଖ ଐତିହାସିକ ତାଙ୍କର ସ୍ଥାନ ନିରୂପଣ କରନ୍ତି ଖ୍ରୀ:ପୂ: ୩ୟ ଶତକରେ । ମାତ୍ର ଏହି ମତଦ୍ୱୟ ଗ୍ରହଣଯୋଗ୍ୟ ହୋଇପାରେ ନାହିଁ । ଖାରବେଳ ନିଜ ଅଭିଲେଖରେ ନନ୍ଦ ଓ ମୌର୍ଯ୍ୟ ରାଜତ୍ୱ ପ୍ରସଙ୍ଗର ସ୍ପଷ୍ଟ ଉଲ୍ଲେଖ କରିଥିବା ଯୋଗୁଁ ସେ ଖ୍ରୀ:ପୂ: ୪ର୍ଥ ବା ୩ୟ ଶତାବ୍ଦୀର ଶାସକ ହୋଇ ନ ପାରନ୍ତି । କଳିଙ୍ଗର ଚେଦି ରାଜତ୍ୱ ଯେ ମଗଧର ମୌର୍ଯ୍ୟ ଓ ସୁଙ୍ଗ ଶାସନର ପରବର୍ତୀ ତାହା ଇତିହାସର ଘଟଣାବଳୀରୁ ନିଶ୍ଚିତ ରୂପେ ଜଣାପଡେ । ଭଗବାନ ଲାଲ ଇନ୍ଦ୍ରଜୀ, କାଶୀ ପ୍ରସାଦ ଜୟସ୍ୱାଲ ଓ ରାଖାଲଦାସ ବେନର୍ଜୀ ଆଦି ଐତିହାସିକଙ୍କ ମତରେ ଖାରବେଳ ହେଉଛନ୍ତି ଖ୍ରୀ:ପୂ: ୨ୟ ଶତାବ୍ଦୀର । ଅପର ପକ୍ଷରେ ରମାପ୍ରସାଦ ଚନ୍ଦ୍ର, ହେମଚନ୍ଦ୍ର ରାୟଚୌଧୁରୀ, ନଗେନ୍ଦ୍ରନାଥ ଘୋଷ ଓ ଅନ୍ୟମାନେ ଯୁକ୍ତି ଦର୍ଶାଇ କହନ୍ତି ଯେ, ସେହି ଚେଦି ସମ୍ରାଟ ଖ୍ରୀ:ପୂ: ୧ମ ଶତାବ୍ଦୀର । ଏହି ସମସ୍ୟାକୁ କେନ୍ଦ୍ରକରି ଐତିହାସିକ ତର୍କ ବିବାଦ ଗତ ଶତାବ୍ଦୀ ଠାରୁ ଏ ପର୍ଯ୍ୟନ୍ତ ଚାଲି ଆସିଛି । ଏହାର ସନ୍ତୋଷଜନକ ସମାଧାନ ଉପରେ ଭାରତ ତଥା ଓଡିଶାର ଇତିହାସ ସଙ୍କଳନ ବହୁ ପରିମାଣରେ ନିର୍ଭର କରେ ।

ଯେଉଁ ଐତିହାସିକମାନେ ଖାରବେଳଙ୍କୁ ଖ୍ରୀ:ପୂ: ୨ୟ ଶତାବ୍ଦୀରେ ନିରୂପଣ କରନ୍ତି ସେମାନଙ୍କର ପ୍ରଧାନ ନିମ୍ନରେ ପ୍ରଦତ୍ ହେଲା ।

(୧) ହାତୀଗୁମ୍ଫା ଅଭିଲେଖର ୧୬ ଧାଡିରେ ଖାରବେଳ ନିଜ ରାଜତ୍ୱର ତ୍ରୟୋଦଶ ବର୍ଷକୁ ମୌର୍ଯ୍ୟ ସମ୍ୱତ୍ ୧୬୫ ବର୍ଷ ବୋଲି ଉଲ୍ଲେଖ କରିଅଛନ୍ତି । ଭଗବାନ ଲାଲ୍ ଇନ୍ଦ୍ରଜୀ କହନ୍ତି ମୌର୍ଯ୍ୟ ସମ୍ୱତ୍ ଅଶୋକଙ୍କର କଳିଙ୍ଗ ବିଜୟ କାଳରୁ ଅର୍ଥାତ୍ ଖ୍ରୀ:ପୂ: ୨୫୫ ଠାରୁ ଆରମ୍ଭ । ସୁତରାଂ ଖାରବେଳଙ୍କର ସିଂହାସନ ଆରୋହଣ କାଳ ହେଉଛି ଖ୍ରୀ:ପୂ: ୧୦୩ (୨୫୫-୧୬୫+୧୩) । ପୁଣି କାଶୀ ପ୍ରସାଦ ଜୟସ୍ୱାଲ୍ ଓ ରାଖାଲଦାସ୍ ବେନର୍ଜୀଙ୍କ ମୌର୍ଯ୍ୟ ସମ୍ୱତ୍‌ର ପ୍ରଚଳନ ହୋଇଅଛି ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଅଭିଷେକ ବର୍ଷଠାରୁ ଅର୍ଥାତ୍ ଖ୍ରୀ:ପୂ: ୩୨୨ରୁ । ତେଣୁ ଖାରବେଳଙ୍କ ରାଜତ୍ୱର ଆରମ୍ଭ ହେଉଛି ଖ୍ରୀ:ପୂ: ୧୨୦ (୩୨୨ - ୧୬୫ +୧୩) ।

(୨) ଖାରବେଳଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ ଯେଉଁ ମଗଧରାଜ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରିଥିଲେ, ସେ ହେଉଛନ୍ତି ସୁଙ୍ଗ ରାଜବଂଶର ସ୍ଥାପୟିତା ପୁଷ୍ୟମିତ୍ର । ସାଂଖ୍ୟାୟନ ଗୃହ୍ୟସୂତ୍ର ଅନୁସାରେ ଜୀବ ଅର୍ଥାତ ବୃହସ୍ପତି ହେଉଛନ୍ତି କର୍କଟ ରାଶି ଅନ୍ତର୍ଗତ ତିଷ୍ୟ ବା ପୁଷ୍ୟ ନକ୍ଷତ୍ର ମଣ୍ଡଳର ଅଧିପତି । ତେଣୁ ହାତୀଗୁମ୍ଫା ଅଭିଲେଖରେ ପୁଷ୍ୟ ମିତ୍ରଙ୍କର ନାମ ବୃହସ୍ପତି ମିତ୍ରରୂପେ ଉଲ୍ଲେଖ କରାଯାଇଅଛି ବୋଲି ଜୟସ୍ୱାଲ ମତ ଦିଅନ୍ତି । ପୁଷ୍ୟମିତ୍ର ସୁଙ୍ଗ ମଗଧ ସିଂହାସନ ଆରୋହଣ କଲେ ଖ୍ରୀ:ପୂ: ୧୮୫ରେ । ଖାରବେଳ ତାଙ୍କର ସମସାମୟିକ ହୋଇଥିବା ଦୃଷ୍ଟିରୁ ଖ୍ରୀ:ପୂ: ୧୭୦ରେ କଳିଙ୍ଗ ସିଂହାସନ ଆରୋହଣ କରିଥିବା ସମ୍ଭାବନା ।

(୩) ରାଜତ୍ୱର ଅଷ୍ଟମ ବର୍ଷରେ ଖାରବେଳ ମଗଧ ଆକ୍ରମଣ କଲାବେଳେ ଯେଉଁ ଯବନରାଜ ଡିମତ ଆତଙ୍କିତ ହୋଇ ପାଟଳୀପୁତ୍ର ପାଖରୁ ମଥୁରାକୁ ପଳାୟନ କରିଥିଲେ ସେ ହେଉଛନ୍ତି ସୁବିଖ୍ୟାତ୍ ଗ୍ରୀକ୍ ବୀର ଡିମେଟ୍ରିୟସ୍ । ସେ ଖ୍ରୀ:ପୂ: ୧୮୦ରେ ଭାରତର ପଞ୍ଜାବ ଅଳ ଶାସନ କରୁଥିବା ପ୍ରମାଣିତ ହୋଇଅଛି । ତେଣୁ ତାଙ୍କର ସମସାମୟିକ ସମ୍ରାଟ ଖାରବେଳ ପ୍ରାୟ ଖ୍ରୀ:ପୂ: ୧୭୦ରେ ସିଂହାସନ ଆରୋହଣ କରିଥିବା ଯୁକ୍ତିଯୁକ୍ତ ।

(୪) ହାତୀଗୁମ୍ଫା ଅଭିଲେଖର ୬ଷ୍ଠ ଓ ୧୨ଶ ଧାଡିରେ ଯେଉଁ ନନ୍ଦରାଜଙ୍କର ବିଷୟ ଉଲ୍ଲେଖ କରାଯାଇଅଛି । ସେ ହେଉଛନ୍ତି ଶୈଶୁନାବଂଶୀ ରାଜା ନନ୍ଦବର୍ଦ୍ଧନ । ସେ ପ୍ରଚଳନ କରାଇଥିବା ଅବ୍ଦର ୧୦୩ ବର୍ଷ (ତିବସ ସତ) ହେଉଛି ଖାରବେଳଙ୍କ ରାଜତ୍ୱର ପମ ବର୍ଷ ।

ପୁଣି ଜୟସ୍ୱାଲ ଓ ବେନାର୍ଜୀଙ୍କ ମତ ଅନୁସାରେ ତିବସ ସତ ହେଉଛି ୩୦୦ ବର୍ଷ ୧୦୩ ବର୍ଷ ନୁହେଁ । ଆଲ୍‌ବେରୁଣି ନନ୍ଦାବ୍ଦର ପ୍ରଚଳନ ନିରୂପଣ କରନ୍ତି ଖ୍ରୀ:ପୂ: ୪୫୮ରେ । ତେଣୁ ଖାରବେଳଙ୍କ ରାଜତ୍ୱର ପମ ବର୍ଷ ହେବ ଖ୍ରୀ:ପୂ: ୧୫୮ (୪୫୮-୩୦୦) । ସେହି ହିସାବରେ ଖାରବେଳ ସିଂହାସନ ଆରୋହଣ କରିଥିଲେ ଖ୍ରୀ:ପୂ: ୧୬୩ରେ ।

(୫) ହାତୀଗୁମ୍ଫା ଅଭିଲେଖର ୬ଷ୍ଠ ଧାଡିରେ ଥିବା 'ତିବସ ସତ'କୁ ୧୦୩ ବର୍ଷ ବୋଲି ଗ୍ରହଣ କରି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାହାର ଆହୁରି ଅଧିକ ସମର୍ଥନ ନିମନ୍ତେ ଉକ୍ତ ଅଭିଲେଖର ୧୪ଶ ଧାଡିରେ 'ସତଦସଲେନ ସତ' ଉଲ୍ଲେଖ ଥିବା ପ୍ରକାଶ କରନ୍ତି । 'ତିବସ ସତ' ଅର୍ଥ ୧୦୩ ବର୍ଷ ହେଲେ 'ସତଦସଲେନ ସତ' ର ଅର୍ଥ ହେବ ୧୧୭ ଗୋଟି ଗୁମ୍ଫା । ମାତ୍ର 'ତିବସ ସତ' କୁ ୩୦୦ ବର୍ଷ ବୋଲି ଅର୍ଥ କରାଗଲେ 'ସତଦସଲେନ ସତ'କୁ ୧୭୦୦ଟି ଗୁମ୍ଫା ବୋଲି ଗ୍ରହଣ କରିବାକୁ ହେବ । ପାଣିଗ୍ରାହୀଙ୍କ ମତରେ କୁମାରୀ ପର୍ବତ ବା ଉଦୟଗିରି ଭଳି କ୍ଷୁଦ୍ର ପାହାଡରେ ୧୧୭ଟି ଗୁମ୍ଫା ଖୋଦିତ ହେବା ସମ୍ଭବ; ମାତ୍ର ସେଠାରେ ୧୭୦୦ଟି ଗୁମ୍ଫା ଖୋଦନ କରାଯାଇଥିବା ସମ୍ପୂର୍ଣ୍ଣ ଅସମ୍ଭବ । ସେହି ବିଚାରରେ 'ତିବସ ସତ' ଅର୍ଥ ହେଉଛି ୧୦୩ ବର୍ଷ ।

(୬) ପାଣିଗ୍ରାହୀ ଆହୁରି ଯୁକ୍ତି ଦର୍ଶାଇ କହନ୍ତି ଯେ ହାତୀଗୁମ୍ଫା ଶିଳାଲେଖର ନନ୍ଦରାଜ ହେଉଛନ୍ତି ମୌର୍ଯ୍ୟ ସମ୍ରାଟ ଅଶୋକ । ସେ କାଳରେ ଚନ୍ଦ୍ରଗୁପ୍ତ ଓ ଅଶୋକଙ୍କ ବଂଶ ମୌର୍ଯ୍ୟ ବଂଶରୂପେ ପରିଚିତ ନଥିଲା । ଯେଉଁମାନଙ୍କୁ ମୌର୍ଯ୍ୟ ବୋଲି କୁହାଯାଏ ସେମାନେ ପୂର୍ବ ନନ୍ଦସୁତ ରୂପେ ନାମିତ ହୋଇଥିବା କୁହାଯାଏ । ପୁନଶ୍ଚ, ଅଶୋକ ନିଜେ ତ୍ରୟୋଦଶ ଅନୁଶାସନରେ ପ୍ରକାଶ କରନ୍ତି ଯେ ତାଙ୍କ ପୂର୍ବରୁ କଳିଙ୍ଗ ଏକ ଅବିଜିତ ରାଜ୍ୟଥିଲା । ସେଥିରୁ ସ୍ପଷ୍ଟ ସୂଚିତ ହୁଏ ଯେ ଯେଉଁ ନନ୍ଦରାଜ କଳିଙ୍ଗ ଜୟ କରିଥିବା ପ୍ରମାଣ ହାତୀଗୁମ୍ଫା ଅଭିଲେଖରୁ ମିଳେ ସେ ଅଶୋକ ଭିନ୍ନ ଅନ୍ୟ କେହି ନୁହନ୍ତି । ଅଶୋକ ଖ୍ରୀ:ପୂ: ୨୬୧ ରେ କଳିଙ୍ଗ ବିଜୟ କରିଥିବା ଦୃଷ୍ଟିରୁ ଖାରବେଳଙ୍କ ରାଜତ୍ୱର ପମ ବର୍ଷକୁ ଖ୍ରୀ:ପୂ: ୧୫୮ (ଖ୍ରୀ:ପୂ: ୨୬୧-୧୦୩) ବୋଲି ନିରୂପଣ କରାଯାଇପାରେ । ସୁତରାଂ ଖାରବେଳଙ୍କର ଅଭିଷେକ ଖ୍ରୀ:ପୂ: ୧୬୩ରେ ସମ୍ପନ୍ନ ହୋଇଥିବା ସମ୍ଭାବନା ।

ଜୟସ୍ୱାଲ ଓ ବେନର୍ଜୀ 'ତିବସ ସତ' କୁ ୩୦୦ ବର୍ଷ ବୋଲି ଗ୍ରହଣ କରି ଖାରବେଳଙ୍କ ଅଭିଷେକ ବର୍ଷକୁ ଖ୍ରୀ:ପୂ: ୧୬୩ରେ ନିରୂପଣ କରିଥିବା ବେଳେ ପାଣିଗ୍ରାହୀ 'ତିବସ ସତ'କୁ ୧୦୩ ବର୍ଷ ବୋଲି ଗ୍ରହଣ କରି ଠିକ୍ ସେହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ।

ଉପରୋକ୍ତ ଯୁକ୍ତି ଓ ମତାମତ ଗୁଡିକର ସମୀକ୍ଷା କ୍ରମାନ୍ୱୟଭାବେ ନିମ୍ନରେ ପ୍ରଦତ୍ ହେଲା ।

(୧) ପ୍ରାଚୀନ ଭାରତରେ ମୌର୍ଯ୍ୟ କାଳ ନାମରେ ଯେ ଏକ ସମ୍ବତ୍ ପ୍ରଚଳିତ ଥିଲା ତାହାର କୌଣସି ଐତିହାସିକ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ । ଚନ୍ଦ୍ରଗୁପ୍ତ, ଅଶୋକ ବା ଅନ୍ୟ କୌଣସି ମୌର୍ଯ୍ୟ ନରପତି ଏପରି ଏକ ସମ୍ବତ୍ କେବେ ବ୍ୟବହାର କରି ନାହାନ୍ତି । ହାତୀଗୁମ୍ଫା ଅଭିଲେଖର ୧୬ଶ ଧାଡିରେ ଅଛି :

"ମୁରୀୟକାଲ ବୋଛିନଂ ଚ ଚୋୟଠି

ଅଙ୍ଗ ସଂତିକଂ ତୁରୀୟଂ ଉପାଦୟତି" ।

ଏହି 'ମୁରୀୟକାଲ'କୁ କେତେକ ଐତିହାସିକ ମୌର୍ଯ୍ୟ ସମ୍ବତ୍ ବୋଲି ଅର୍ଥ କରି ସମସ୍ୟା ସୃଷ୍ଟି କରିଅଛନ୍ତି । ଭାରତ ଇତିହାସରେ ଏପର୍ଯ୍ୟନ୍ତ ମୌର୍ଯ୍ୟ ସମ୍ବତ୍ ବୋଲି କୌଣସି ପ୍ରଚଳିତ ସମ୍ବତ ମିଳି ନଥିଲେ ମଧ୍ୟ ସେମାନେ ଏହାକୁ ମୌର୍ଯ୍ୟ ସମ୍ବତ୍ ଅର୍ଥରେ ହିଁ ଗ୍ରହଣ କରନ୍ତି । ଦୀନେଶ ଚନ୍ଦ୍ର ସରକାର ଏହି ସମସ୍ୟାକୁ ଏଡାଇଦେବା ନିମନ୍ତେ 'ମୁରୀୟକାଲ'କୁ 'ମୁଖୀୟକଲା' ରୂପେ ପାଠୋଦ୍ଧାର କରିଅଛନ୍ତି । ସରକାରଙ୍କ ମତରେ ଖାରବେଳ ନିଜ ରାଜତ୍ୱର ତ୍ରୟୋଦଶ ବର୍ଷରେ ଚଉଷଠି ଅଙ୍ଗ ବିଶିଷ୍ଟ ମୁଖ୍ୟକଳା ସମନ୍ୱିତ ତୌର୍ଯ୍ୟତ୍ରିକ ପ୍ରଦର୍ଶନ କରାଇଥିଲେ । ମାତ୍ର ଅଭିଲେଖର ପ୍ରକୃତ ପାଠ 'ମୁଖୀୟକଲା' ନୁହେଁ, ତାହା ନିଶ୍ଚିତରୂପ 'ମୁରୀୟକାଲ' । ଏଠାରେ 'ବୋଛିନଂ' ଶବ୍ଦଟିକୁ ସରକାର ସମନ୍ୱିତ ଅର୍ଥରେ ଗ୍ରହଣ କରିଅଛନ୍ତି । ମାତ୍ର 'ବୋଛିନଂ'ର ସଂସ୍କୃତ ରୂପାନ୍ତର ହେଉଛି 'ବ୍ୟବିଛିନଂ' । ସୁତରାଂ ୧୬ଶ ଧାଡିର ଉପରୋକ୍ତ ବାକ୍ୟଟିରେ ଯେଉଁ ଅର୍ଥ ପ୍ରକାଶ ପାଏ ତାହା ଏହି, - ଖାରବେଳ ରାଜତ୍ୱର ତ୍ରୟୋଦଶ ବର୍ଷରେ ମୌର୍ଯ୍ୟ ଶାସନ କାଳରେ ବ୍ୟବଚ୍ଛିନ୍ନ ହୋଇଥିବା ଚଉଷଠି ଅଙ୍ଗଯୁକ୍ତ ତୌର୍ଯ୍ୟତ୍ରିକ (ନୃତ୍ୟ, ଗୀତ, ବାଦିତ୍ୟ)ର ଉନ୍ନୟନ କରାଇଥିଲେ ।

ଏଥିରେ ମୌର୍ଯ୍ୟ ସମ୍ବତ୍‌ର ପରିକଳ୍ପନା ନାହିଁ ଏବଂ ଖାରବେଳଙ୍କର କାଳ ନିର୍ଦ୍ଧାରଣ ନିମନ୍ତେ ଏହା ବିଶେଷ କିଛି ଆଲୋକପାତ କରୁନାହିଁ । ଏଥିରୁ ଏତିକି ମାତ୍ର ଜଣାପଡ଼େ ଯେ, ଖାରବେଳ ମୌର୍ଯ୍ୟ ଶାସନର ପରବର୍ତ୍ତୀ କାଳର ଶାସକ ।

(୨) କାଶୀପ୍ରସାଦ ଜୟସ୍ୱାଲ୍ ହାତୀଗୁମ୍ଫା ଅଭିଲେଖର 'ବହ-ସତିମିତ' ବା ବୃହସ୍ପତି ମିତ୍ରଙ୍କୁ ସୁଙ୍ଗ ବଂଶର ଶାସକ ପୁଷ୍ୟ ମିତ୍ର ସୁଙ୍ଗ ବୋଲି ଚିହ୍ନିତ କରିଅଛନ୍ତି । ସେଥିପାଇଁ ସେ ଯେଉଁ ଜ୍ୟୋତିଷିକ ଯୁକ୍ତି ଦର୍ଶାଇ ଅଛନ୍ତି ତାହା ପାଣ୍ଡିତ୍ୟର ସୂଚନା ଦେଲେହେଁ ଐତିହାସିକ ସମସ୍ୟା ସମାଧାନ ନିମନ୍ତେ ଆଦୌ ଉପଯୋଗୀ ନୁହେଁ । ବୃହସ୍ପତି ମିତ୍ର ନାମଧେୟ ରାଜା ଭାରତ ଇତିହାସରେ ଅଜ୍ଞାତ ନୁହଁନ୍ତି । କୌଶାମ୍ବୀ ନିକଟସ୍ଥ ପଭୋଷା ଗ୍ରାମରୁ ମିଳିଥିବା ଶିଳାଲେଖରୁ ଜଣାପଡେ ଯେ, ରାଜା ବୃହସ୍ପତି ମିତ୍ରଙ୍କର ଯସମିତା (ଯଶୋମିତ୍ରା) ନାମ୍ନୀ ଦୁହିତା ମଥୁରା ଅଳର ରାଣୀ ଥିଲେ । ବୃହସ୍ପତି ମିତ୍ରଙ୍କର ନାମାଙ୍କିତ ମୁଦ୍ରା ବହୁ ସଂଖ୍ୟାରେ କୋଶାମ୍ବୀ ଓ ଅହିଛତ୍ର ଅଳରୁ ମିଳିଅଛି । ବୃହସ୍ପତି ମିତ୍ର ଥିଲେ କୌଶାମ୍ବୀ ଅଳର ଜଣେ ଶାସକ ଏବଂ ମାତୁଳ ଆଷାଢ଼ସେନଙ୍କ ପରେ ସେ ଅହିଛତ୍ର (ଆଧୁନିକ ରାମନଗର) ଅଳରେ ଆଧିପତ୍ୟ ବିସ୍ତାର କରିଥିବା ଜଣାଯାଏ । ଖାରବେଳଙ୍କର ଉତ୍ତର ଭାରତ ଅଭିଯାନ କାଳରେ ସେ ଅଙ୍ଗ ଓ ମଗଧର ଶାସକରୂପେ ପ୍ରତିଷ୍ଠିତ ହୋଇଥିଲେ । ବୃହସ୍ପତି ମିତ୍ର ଯେ ପୁଷ୍ୟ ମିତ୍ରଙ୍କଠାରୁ ଭିନ୍ନ ଏହା ସୁନିଶ୍ଚିତ । ପୁଷ୍ୟ ମିତ୍ରଙ୍କ କାଳର ଅଯୋଧ୍ୟା ଶିଳାଲେଖ ଓ ବୃହସ୍ପତି ମିତ୍ରଙ୍କ କାଳର ପଭୌଷା ଶିଳାଲେଖର ଲିଖନରୀତିରେ ଅନ୍ୟୁନ ଏକ ଶତାବ୍ଦୀର ବ୍ୟବଧାନ ପରିଲକ୍ଷିତ ହୁଏ । ପଭୌଷା ଅଭିଲେଖ ଏବଂ ବୃହସ୍ପତି ମିତ୍ରଙ୍କ ମୁଦ୍ରାର ଅକ୍ଷରମାନ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ନିରୂପିତ ହୋଇଅଛି । ଲିପିତତ୍ତ୍ୱ ଦୃଷ୍ଟିରୁ ଖାରବେଳଙ୍କର ହାତୀଗୁମ୍ଫା ଅଭିଲେଖ ମଧ୍ୟ ସେହି କାଳର । ସୁତରାଂ ବୃହସ୍ପତି ମିତ୍ର ଓ ଖାରବେଳ ଉଭୟ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର ଦ୍ୱତୀୟାର୍ଦ୍ଧରେ ଶାସନ କରୁଥିବା ଜଣାପଡ଼େ । ସେ ଦୁହିଁଙ୍କୁ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନିରୂପଣ କରିବା ଭ୍ରାନ୍ତିଜନକ ।

(୩) ହାତୀଗୁମ୍ଫା ଶିଳାଲେଖର ଅଷ୍ଟମ ଧାଡ଼ିରେ ଯବନରାଜ ଡିମତଙ୍କର ନାମ ଉଲ୍ଲେଖ ଥିବା ଜୟସ୍ୱାଲ୍, ବେନର୍ଜୀ ଓ ଷ୍ଟେନ୍‌କୋନାଓ (Sten Konow)ଆଦି ଐତିହାସକ ମତ ପ୍ରଦାନ କରନ୍ତି । ମାତ୍ର ସେହି ନାମ ଅଭିଲେଖରେ ପାଠ କରିବା ନିମନ୍ତେ କେତେକ ପରିମାଣରେ କଳ୍ପନାର ଆଶ୍ରୟ ନେବାକୁ ପଡ଼ିଥାଏ । ଅଭିଲେଖରେ 'ଯବନରାଜ' ଶବ୍ଦ ସ୍ପଷ୍ଟ ଦେଖାଯାଏ, ମାତ୍ର 'ଡିମତ' ଶବ୍ଦଟି ଆଦୌ ନିଶ୍ଚିତ ନୁହେଁ । ଏହି ଶବ୍ଦର କେବଳ 'ମ' ଅକ୍ଷରଟି ଚିହ୍ନିହୁଏ ଏବଂ କାହାକୁ 'ଡିମତ' ବୋଲି ପାଠକରିବାକୁ ହେଲେ 'ମ' ର ଡାହାଣ ଓ ବାମ ପାର୍ଶ୍ୱରେ ଯଥାକ୍ରମେ 'ଡ' ଓ 'ତ' ଅକ୍ଷରଦ୍ୱୟ ଅନୁମାନ କରିବାକୁ ହୁଏ । ଜୟସ୍ୱାଲ୍ ଓ ବେନର୍ଜୀ ମଧ୍ୟ ଏହାକୁ ଅନୁମାନ ଦ୍ୱାରାହିଁ ଗ୍ରହଣ କରି ନେଇଅଛନ୍ତି । ଏତାଦୃଶ ଅନୁମାନ ସାପେକ୍ଷ ପଠନକୁ ନିର୍ଭର କରି ପୁଣି 'ଡିମତ' କୁ ଗ୍ରୀକ୍‌ରାଜ ଡିମେଟ୍ରିୟସଙ୍କ ସହିତ ଆରୋପକରି ଖାରବେଳଙ୍କ ଖ୍ରୀ:ପୂ:

ଦ୍ୱିତୀୟ ଶତାବ୍ଦୀର ପ୍ରଥମାର୍ଦ୍ଧରେ ନିରୂପଣ କରିବା ଉଦ୍ୟମ ଗ୍ରହଣଯୋଗ୍ୟ ହୋଇ ନପାରେ ।

(୪) ମୌର୍ଯ୍ୟ ସମ୍ୱତ୍ ପରି ନନ୍ଦ ମଧ୍ୟ ଏପର୍ଯ୍ୟନ୍ତ ଇତିହାସରେ ଅଜ୍ଞାତ ରହିଅଛି । ଆଲବେରୁଣି ନନ୍ଦାବ୍ଦ ନାମରେ କୌଣସି ସମ୍ୱତ୍ର ଉଲ୍ଲେଖ କରିନାହାନ୍ତି । ସେ ଯେଉଁ ଅବ୍ଦକୁ ଖ୍ରୀ:ପୂ: ୪୫୭ ରେ (୪୫୮ ନୁହେଁ) ନିରୂପଣ କରିଅଛନ୍ତି, ତାହାକୁ ନିଜେ ଶ୍ରୀହର୍ଷଙ୍କର ଅବ୍ଦ ବୋଲି କହିଅଛନ୍ତି । ମାତ୍ର ସେତେବେଳେ ଶ୍ରୀହର୍ଷ ବା ହର୍ଷବର୍ଦ୍ଧନ ନାମରେ କେହି ନରପତି ନଥିବା ଦୃଷ୍ଟିରୁ ରମେଶ ଚନ୍ଦ୍ର ମଜୁମ୍ଦାର, କାଶୀପ୍ରସାଦ ଜୟସ୍ୱାଲ୍ ଓ ରାଖାଲଦାସ ବେନର୍ଜୀ ଆଦି ଐତିହାସିକ ତାହା ନନ୍ଦବର୍ଦ୍ଧନଙ୍କ ଅବ୍ଦ ହେବା ସମ୍ଭାବନା ବୋଲି ମତ ପ୍ରଦାନ କରିଅଛନ୍ତି । ନନ୍ଦବର୍ଦ୍ଧନ ନାମରେ ମଧ୍ୟ କୌଣସି ବିଖ୍ୟାତ ରାଜା ସେ କାଳରେ ମିଳନ୍ତି ନାହିଁ । ସେଥିପାଇଁ ଯେଉଁ ଶୈଶୁନାଗ ରାଜାଙ୍କୁ ଲକ୍ଷ୍ୟ କରାଯାଏ ସେ ନନ୍ଦବର୍ଦ୍ଧନ ନୁହନ୍ତି, ନନ୍ଦିବର୍ଦ୍ଧନ । ସେ ଖ୍ରୀ:ପୂ: ୩୮୬ରେ ଅନୁଷ୍ଠିତ ଦ୍ୱିତୀୟ ବୌଦ୍ଧ ମହାସଭାର ଅଳ୍ପକାଳ ପୂର୍ବେ ମଗଧ ଶାସନ କରୁଥିଲେ । ଶିଶୁନାଗବଂଶୀ ନନ୍ଦିବର୍ଦ୍ଧନଙ୍କୁ ଖାରବେଳ ନନ୍ଦରାଜ ବୋଲି କିପରି ଉଲ୍ଲେଖ କରିବେ ବୁଝିହୁଏ ନାହିଁ । ପୁଣି ନନ୍ଦିବର୍ଦ୍ଧନ କଳିଙ୍ଗ ଜୟ କରିଥିବା ଇତିହାସରେ ଆଦୌ ସମ୍ଭବ ନୁହେଁ । ହାତୀଗୁମ୍ଫା ଅଭିଲେଖର ନନ୍ଦରାଜ ଶିଶୁନାଗବଂଶୀ ନ ହୋଇ ପ୍ରସିଦ୍ଧ ନନ୍ଦରାଜବଂଶର ନରପତି ହୋଇଥିବା ସୁନିଶ୍ଚିତ । ମତ୍ସ୍ୟ, ବାୟୁ, ବ୍ରହ୍ମାଣ୍ଡ ଆଦି ପୁରାଣରେ ଏବଂ ଜୈନ ପରିଶିଷ୍ଟ ପର୍ବନ୍‌ରେ ନନ୍ଦରାଜ ମହାପଦ୍ମ କଳିଙ୍ଗ ଅଧିକାର କରିଥିବା ସ୍ପଷ୍ଟ ଉଲ୍ଲେଖ ରହିଛି । ତେଣୁ ହାତୀଗୁମ୍ଫାର ନନ୍ଦରାଜଙ୍କୁ ମହାପଦ୍ମ ନନ୍ଦରୂପେ ଗ୍ରହଣ କରିବା ସମୀଚୀନ । ମହାପଦ୍ମନନ୍ଦ ଖ୍ରୀ:ପୂ: ୩୬୨ ଠାରୁ ଖୀ:ପୂ: ୩୩୪ ପର୍ଯ୍ୟନ୍ତ ମଗଧ ଶାସନ କରିଥିବା ଅନ୍ୟତ୍ର ଆଲୋଚିତ ହୋଇଅଛି । ତାଙ୍କ ରାଜତ୍ୱର ତିବସ ସତ (୧୦୩ କିମ୍ବା ୩୦୦ ବର୍ଷ) ପରେ ଖାରବେଳଙ୍କୁ ନିରୂପଣ କରିବାକୁ ପଡିବ ।

(୫) 'ତିବସ ସତ' ର ଅର୍ଥ ୧୦୩ ବର୍ଷ ନହୋଇ ୩୦୦ ବର୍ଷ ହେବା ଅଧିକ ସଙ୍ଗତ ଜଣାପଡେ । ସୁବିଖ୍ୟାତ ପାଲିଗ୍ରନ୍ଥ ମିଳିନ୍ଦପଁହରେ ମିଳିନ୍ଦ (ମେନାନ୍ଦର)ଙ୍କ ସମୟର ସୂଚନା ଦେବାକୁ ଯାଇ ଲେଖାଅଛି - "ପରିନିବ୍ବାଣତୋ ପ ବସ୍‌ସସତେ ଅତିକ୍କଂ ତେ... ।" ଅର୍ଥାତ୍ ବୁଦ୍ଧଙ୍କ ପରିନିର୍ବାଣର ପାଶତ ବା (ଏକଶତ ପା) ବର୍ଷ ଅତିକ୍ରାନ୍ତ ହେବା ପରେ । ମିଳିନ୍ଦପହଁ ଗ୍ରନ୍ଥ ପରିନିର୍ବାଣର ପାଶତ ବା (ଏକଶତ ପା) ବର୍ଷ ଅତିକ୍ରାନ୍ତ ହେବା ପରେ । ମିଳିନ୍ଦପହଁ ଗ୍ରନ୍ଥ ସିଂହଳରୁ ପ୍ରାପ୍ତ ହୋଇଥିବାରୁ ତହିଁରେ ବୁଦ୍ଧ ନିର୍ବାଣ ବର୍ଷ ସିଂହଳ ପରମ୍ପରା ଅନୁଯାୟୀ ଖ୍ରୀ:ପୂ: ୫୪୩ରେ ଗୃହୀତ ହୋଇଥିବା ସ୍ୱାଭାବିକ । ସୁତରାଂ ସେହି ଗ୍ରନ୍ଥ ଅନୁସାରେ ମିଳିନ୍ଦଙ୍କ ସମୟ ଖ୍ରୀ:ପୂ: ୪୩ (ଖ୍ରୀ:ପୂ: ୫୪୩-୫୦୦) କିମ୍ବା ଖ୍ରୀ:ପୂ: ୪୩୮ (ଖ୍ରୀ:ପୂ: ୫୪୩-୧୦୫) ରେ ନିରୂପିତ ହୋଇଅଛି । ମେନାନ୍ଦର ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀର ଶାସକ ହୋଇଥିବାରୁ ସେହି ଉଭୟ ସମୟ ଇତିହାସ ଦୃଷ୍ଟିରୁ ନିଶ୍ଚିତ ଭାବରେ ଭୁଲ୍ । ମାତ୍ର ଉକ୍ତ ଗ୍ରନ୍ଥର ଲେଖକଙ୍କ ସମୟ ଜ୍ଞାନକୁ ଇତିହାସର ମାପକାଠିରେ ଗାଣିତିକଙ୍କ ପରି ମାପିବା ଠିକ୍ ହେବନାହିଁ । ମିଳିନ୍ଦଙ୍କୁ ଖ୍ରୀ:ପୂ: ୪୩୮ ରେ ଅର୍ଥାତ୍ ମହାବୀର ଆଲେକଜାଣ୍ଡରଙ୍କ ପ୍ରାୟ ଏକ ଶତାବ୍ଦୀ ପୂର୍ବେ ସ୍ଥାନ ଦେବା ଅର୍ଥ ଇତିହାସରେ ବିଭ୍ରାଟ ସୃଷ୍ଟି କରିବା । ମିଳିନ୍ଦପଁହର ଲେଖକ 'ପବସ୍‌ସ ସତ' କୁ ଯେ ପା ଶହ ବର୍ଷ ଅର୍ଥରେ ବୁଝିଛନ୍ତି ତାହା ନିଃସନ୍ଦେହ ଏବଂ ପାଲିସାହିତ୍ୟ କ୍ଷେତ୍ରରେ ତାହା ସେହି ଅର୍ଥରେ ହିଁ ଗୃହୀତ । ବୌଦ୍ଧ ଜାତକରେ ତପସୁ ଓ ଭଲ୍ଲିକ ନାମରେ ଉକ୍ରଳର ଦୁଇଜଣ ବଣିକ ପାଶହ ଶକଟ ଘେନି ମଧ୍ୟଦେଶକୁ ଯାଉଥିବା ପ୍ରସଙ୍ଗରେ ଉଲ୍ଲେଖ ଅଛି- "ଦ୍ୱେ ବଣିଜା ପହି ସକଟ ସତେହି ଉକ୍‌କଲ ଜନପଦା ମଝିଝିମ ଦେସଂ ଗଚ୍ଛନ୍ତ" । ଏଠାରେ "ପହି ସକଟ ସତେହି" ଅର୍ଥ ପାଶହଶକଟ ସହିତ । ସେହିପରି "ପ ଜାତକ ସତ" ଅର୍ଥ ପା ଶହ ଜାତକ କାହାଣୀ । ପାଲି ସାହିତ୍ୟର ଏହିସବୁ ଉଦ୍ଧୃତିରୁ ସ୍ପଷ୍ଟ ବୁଝାପଡ଼େ ଯେ, 'ତିବସ ସତ' ଅର୍ଥ ହେଉଛି ତିନିଶହ ବର୍ଷ, ତାହା ଏକ ଶତ ତିନି ବର୍ଷ ଅର୍ଥରେ ପ୍ରଯୁଜ୍ୟ ନୁହେଁ । ହାତୀଗୁମ୍ଫା ଅଭିଲେଖରେ ୧୦୫ କୁ 'ପାନ ତରୀୟ ସତ' ରୂପେ ଉଲ୍ଲେଖ କରାଯାଇଥାନ୍ତା । ସୁତରାଂ 'ତିବସ ସତ' ୧୦୩ ବର୍ଷ ହୋଇ ନପାରେ, ତାହା ନିଶ୍ଚିତ ରୂପେ ୩୦୦ ବର୍ଷ ।

ଏହି ପ୍ରସଙ୍ଗରେ ପାଣିଗ୍ରାହୀ ଉତ୍ଥାପନ କରିଥିବା 'ସତଦସଲେନ୍ ସତ' ର ତାତ୍ପର୍ଯ୍ୟ ବିଚାର କରିବା ଆବଶ୍ୟକ । ଯଦି 'ତିବସ ସତ' ଅର୍ଥ ୩୦୦ ବର୍ଷ ହୁଏ ତେବେ 'ସତଦସଲେନ ସତ' ଅର୍ଥ ହେବ ୧୭୦୦ ଗୁମ୍ଫା । ଏତେ ଗୁଡିଏ ଗୁମ୍ଫା କ୍ଷୁଦ୍ର ଉଦୟଗିରି ପାହାଡରେ ଖନନ କରାଯାଇଥିବା ଯେ ଅତି ଅସମ୍ଭବ ବ୍ୟାପାର ତାହା ନିଶ୍ଚିତ ରୂପେ କୁହାଯାଇପାରେ । ମାତ୍ର ହାତୀଗୁମ୍ଫା ଅଭିଲେଖର ୧୪ଶ ଧାଡ଼ିରେ 'ସତଦସଲେନ ସତ' ର ଉଲ୍ଲେଖ ଆଦୌ ନାହିଁ । ଗତ ଶହେବର୍ଷ ଧରି ବହୁ ପଣ୍ଡିତ ଓ ଲିପିବିତ୍ ଉକ୍ତ ଅଭିଲେଖକୁ ପାଠ କରି ବିଭିନ୍ନ ତଥ୍ୟ ପ୍ରଦାନ କରିଅଛନ୍ତି । ମାତ୍ର କେହି ହେଲେ ତହିଁର ୧୪ଶ ଧାଡ଼ିରେ 'ସତଦସଲେନ ସତ' ଉଲ୍ଲେଖ ଥିବା ପାଠ କରି ନାହାନ୍ତି । ସେହି ପାଠୋଦ୍ଧାର କରିଛନ୍ତି କେବଳ ବେଣୀମାଧବ ବଡ଼ୁଆ । ମାତ୍ର ବଡ଼ୁଆ ମହାଶୟ ହାତୀଗୁମ୍ଫା ଅଭିଲେଖର ଯେଉଁ ପାଠ ଦେଇ ଯାଇଅଛନ୍ତି ତାହା ବହୁ ସ୍ଥାନରେ ତାଙ୍କର କଳ୍ପନା ବା ଅନୁମାନ ଉପରେ ପ୍ରତିଷ୍ଠିତ ହୋଇଅଛି । ଉକ୍ତ ଅଭିଲେଖର ଯେଉଁସବୁ ଅଂଶ ଦୁଷ୍ପାଠ୍ୟ ହୋଇଅଛି ତାହା ସୁପାଠ୍ୟ କରିବା ପାଇଁ ବଡ଼ୁଆ ମହାଶୟ କଳ୍ପନାର ଆଶ୍ରୟ ନେବାକୁ ଦ୍ୱିଧାବୋଧ କରିନାହାନ୍ତି । ୧୪ଶ ଧାଡ଼ିରେ ତାଙ୍କର 'ସତଦସଲେନ ସତ' ପାଠୋଦ୍ଧାର ଯେ କଳ୍ପନା-ପ୍ରସୂତ ଏହା ନିଶ୍ଚିତ ଭାବରେ କୁହାଯାଇପାରେ ।

(୬) ହାତୀଗୁମ୍ଫାର ନନ୍ଦରାଜଙ୍କୁ ଅଶୋକ ବୋଲି ଚିହ୍ନିତ କରିବାରେ ନିର୍ଭରଯୋଗ୍ୟ ଐତିହାସିକ କାରଣ ନାହିଁ। ପ୍ରାଚୀନ ଭାରତର କୌଣସି ଅଭିଲେଖ ବା ସାହିତ୍ୟରେ ଅଶୋକ ନନ୍ଦବଂଶର ଶାସକରୂପେ ବର୍ଣ୍ଣିତ ହୋଇନାହାନ୍ତି । ଏକାଦଶ ଶତାବ୍ଦୀରେ କାଶ୍ମୀରର ସୋମଦେବ ଓ କ୍ଷେମେନ୍ଦ୍ର ନାମକ ଦୁଇଜଣ ପଣ୍ଡିତ ଯଥାକ୍ରମେ 'କଥା ସରିତ୍ ସାଗର' ଓ 'ବୃହତ୍ କଥା ମଞ୍ଜରୀ' ନାମରେ ଦୁଇଟି ଗ୍ରନ୍ଥ ପ୍ରଣୟନ କରିଥିଲେ । ଗ୍ରନ୍ଥ ଦୁଇଟି ହେଉଛି କବି ଗୁଣାଢ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ପୈଶାଚୀ ଭାଷାରେ ଲେଖିଥିବା 'କଥାକୋଷ' ର ସଂସ୍କୃତ ଅନୁବାଦ । 'କଥାକୋଷ' ବା 'ବୃହତ୍ କଥାକୋଷ' ଏକ ଅନବଦ୍ୟ କାହାଣୀ ପୁସ୍ତକ । ସେଥିରେ ଚନ୍ଦ୍ରଗୁପ୍ତ ନାମକ ନାୟକଙ୍କୁ ପୂର୍ବନନ୍ଦସୁତ ରୂପେ ବର୍ଣ୍ଣନା କରାଯାଇଅଛି । କ୍ଷେମଦେବ ଓ କ୍ଷେମେନ୍ଦ୍ରଙ୍କ ଗ୍ରନ୍ଥର ବିବରଣୀକୁ ଭିତିକରି ପୂର୍ବ ନନ୍ଦସୁତ ଚନ୍ଦ୍ରଗୁପ୍ତଙ୍କୁ ଐତିହାସିକ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସହିତ ଚିହ୍ନିତ କରିବା ଏବଂ ମୌର୍ଯ୍ୟବଂଶକୁ ନନ୍ଦ ବଂଶ ବୋଲି ଯୁକ୍ତି କରିବା ଯଥାର୍ଥ ହେବ ନାହିଁ । କାହାଣୀ ଗୁଡ଼ିକର ନାୟକଙ୍କୁ ଐତିହାସିକ ପୁରୁଷମାନଙ୍କ ସହିତ ଚିହ୍ନିତ କରିବା ଭ୍ରମାତ୍ମକ ।

ହାତୀଗୁମ୍ଫା ଅଭିଲେଖରୁ ସ୍ପଷ୍ଟ ଜଣାପଡ଼େ ଯେ ଖାରବେଳଙ୍କୁ ନନ୍ଦବଂଶ ଓ ମୌର୍ଯ୍ୟବଂଶର ଶାସନ ବିଷୟ ଅଜ୍ଞାତ ନଥିଲା । ସେହି ରାଜବଂଶଦ୍ୱୟଙ୍କୁ ସେ ଏକାଧିକବାର ଉଲ୍ଲେଖ କରିଅଛନ୍ତି । ତେଣୁ ସେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କୁ ନନ୍ଦରାଜ ବୋଲି ଭ୍ରମ କରିବା ଆଦୌ ସମ୍ଭବ ନୁହେଁ । ଖାରବେଳଙ୍କର ପ୍ରାୟ ଏକଶତାବ୍ଦୀ ପରେ ଶକରାଜ ରୁଦ୍ରଦାମନ ଜୁନାଗଡ଼ ଅଭିଲେଖରେ ଚନ୍ଦ୍ରଗୁପ୍ତ ଓ ଅଶୋକ ଉଭୟଙ୍କୁ ମୌର୍ଯ୍ୟବଂଶୀ ନରପତି ବୋଲି ସ୍ପଷ୍ଟ ଉଲ୍ଲେଖ କରିଅଛନ୍ତି । ସୁତରାଂ ଖାରବେଳ ଯେ ଅଶୋକଙ୍କୁ ମୌର୍ଯ୍ୟବଂଶୀୟ ବୋଲି ଜାଣି ନପାରି ତାଙ୍କୁ ନନ୍ଦରାଜ ବୋଲି ପ୍ରକାଶ କରିବା ଯେପରି ଭ୍ରାନ୍ତିକର, ଅଶୋକଙ୍କୁ ନନ୍ଦବଂଶୀ ବୋଲି ପ୍ରତିପାଦନ କରିବା ସେହିପରି ଅଯୌକ୍ତିକ ।

ଅଶୋକ ତ୍ରୟୋଦଶ ଅନୁଶାସନରେ କଳିଙ୍ଗକୁ 'ଅବିଜିତ' ବୋଲି ପ୍ରକାଶ କରିଥିବା ହେତୁ ସେହି ରାଜ୍ୟ ଅଶୋକଙ୍କ ପୂର୍ବେ ଆଉ କାହାରି ଦ୍ୱାରା ବିଜିତ ହୋଇ ନଥିଲା ବୋଲି ଭାବିବା ଠିକ୍ ହେବ ନାହିଁ । କୁରୁକ୍ଷେତ୍ର ଯୁଦ୍ଧରେ କଳିଙ୍ଗରାଜ ଶ୍ରୁତାୟୁଧ ଭୀମଙ୍କ ହସ୍ତରେ ପରାସ୍ତ ହୋଇ ସବଂଶରେ ନିହତ ହୋଇଥିବା କଥା ମହାଭାରତରେ ବର୍ଣ୍ଣିତ ହୋଇଅଛି । ରାଜା ଦ୍ୱିତୀୟ କଳିଙ୍ଗ ଅସ୍ସକରାଜ ଅରୁଣଙ୍କ ଦ୍ୱାରା ପରାଜିତ ହୋଇଥିବା ବୌଦ୍ଧ ସାହିତ୍ୟରୁ ଜଣାପଡ଼େ। ଅଶୋକଙ୍କ ପୂର୍ବେ ସର୍ବକ୍ଷତ୍ରାନ୍ତକ ମହାପଦ୍ମ ନନ୍ଦ କଳିଙ୍ଗ ବିଜୟ କରିଥିବା ପ୍ରାଚୀନ ପୁରାଣଗୁଡ଼ିକରେ ସ୍ପଷ୍ଟ ଉଲ୍ଲେଖ ରହିଛି । ତେଣୁ ଅଶୋକ କଳିଙ୍ଗ 'ଅବିଜିତ' ବୋଲି କହିବାରେ ତାହାର ଅର୍ଥ ନୁହେଁ ଯେ କଳିଙ୍ଗ ଅତୀତରେ କେବେ ପରାଜୟ ସ୍ୱୀକାର କରିନଥିଲା । ତାହାର ଅର୍ଥ ସମ୍ଭବତଃ ହେଉଛି କଳିଙ୍ଗ ଅଶୋକଙ୍କର ପୂର୍ବପୁରୁଷ, ବିନ୍ଦୁସାର ଓ ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା

କେବେ ବିଜିତ ହୋଇନଥିଲା ।

ହାତୀଗୁମ୍ଫା ଅଭିଲେଖର ନନ୍ଦରାଜ ନିଶ୍ଚିତ ରୂପେ ମହାପଦ୍ମ ନନ୍ଦ ଏବଂ ସେଠାରେ ଉଲ୍ଲେଖ ଥିବା 'ତିବସ ସତ'ର ଅର୍ଥ ହେଉଛି ତିନିଶହ ବର୍ଷ । ଏହି ସିଦ୍ଧାନ୍ତରେ ଉପନୀତ ହେବା ପରେ ଖାରବେଳଙ୍କର ସମୟ ନିର୍ଣ୍ଣୟ ଆଦୌ କଷ୍ଟକର ନୁହେଁ ।

ମହାପଦ୍ମ ନନ୍ଦଙ୍କ ପ୍ରସଙ୍ଗରେ ଆଲୋଚିତ ହୋଇଅଛି ଯେ ପ୍ରାୟ ଖ୍ରୀ:ପୂ: ୩୫୦ ରେ ସେହି ନନ୍ଦରାଜ କଳିଙ୍ଗର ଶେଷ କ୍ଷତ୍ରିୟ ରାଜାଙ୍କୁ ନିହତ କରି ସେହି ରାଜ୍ୟ ଅଧିକାର କରିଥିଲେ (ଓଡ଼ିଆ ଜାତିର ଇତିହାସ, ୪ର୍ଥ ଅଧ୍ୟାୟ) । ତାଙ୍କର ଶାସନାଧୀନରେ କଳିଙ୍ଗରେ କୃଷିର ଉନ୍ନୟନ ନିମନ୍ତେ କେନାଲ ଖନନ କରାଯାଇଥିଲା । ମହାପଦ୍ମ କଳିଙ୍ଗର ଶାସନଭାର ଗ୍ରହଣ କରିବାର କିଛିକାଳ ପରେ କଳିଙ୍ଗବାସୀଙ୍କର ଅଭାବ ଅସୁବିଧା ଉପଲବ୍ଧି କରି କେନାଲ ଖନନ ଯୋଜନା କରିଥିବେ ଏବଂ ସେହି କାର୍ଯ୍ୟ ତାଙ୍କର ମୃତ୍ୟୁ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡେ । ମହାପଦ୍ମ ନନ୍ଦଙ୍କର ମୃତ୍ୟୁ ହେଲା ଖ୍ରୀ:ପୂ: ୩୩୪ରେ । ସୁତରାଂ ତାଙ୍କର କେନାଲ ଖନନ କାର୍ଯ୍ୟ ଖ୍ରୀ:ପୂ: ୩୩୫ ବେଳକୁ ସମାପ୍ତ ହୋଇଥିବା ସୁନିଶ୍ଚିତ । ଏହାକୁ ଭିତ୍ତିକରି ସମୟ ଗଣନା କଲେ ଖାରବେଳଙ୍କ ରାଜତ୍ୱର ୫ମ ବର୍ଷକୁ ଖ୍ରୀ:ପୂ: ୩୫ (ଖ୍ରୀ:ପୂ: ୩୩୫ - ୩୦୦) ବୋଲି ଗ୍ରହଣ କରାଯିବ ଏବଂ ସେହି ହିସାବରେ ଖାରବେଳଙ୍କର ଅଭିଷେକ ସମ୍ପନ୍ନ ହୋଇଥିଲା ଖ୍ରୀ:ପୂ: ୪୦ ରେ ।

ଏହି ଗଣନାକୁ ସାତବାହନ ବଂଶର ସମୟ ସହିତ ମେଳକରି ପରୀକ୍ଷା କରିନେବା ଆବଶ୍ୟକ ମନେହୁଏ । ପ୍ରାଚୀନ ପୁରାଣମାନଙ୍କର ଗଣନା ଅନୁଯାୟୀ ମୌର୍ଯ୍ୟବଂଶ ୧୩୭ ବର୍ଷ ଏବଂ ସୁଙ୍ଗ ଓ କାଣ୍ୱବଂଶ ୧୧୨ ବର୍ଷ ରାଜ୍ୟଶାସନ କରିଥିଲେ । କାଣ୍ୱଙ୍କ ୪୫ ବର୍ଷ ରାଜତ୍ୱ ଏହି ୧୧୨ ବର୍ଷ ମଧ୍ୟରେ ଅନ୍ତର୍ଗତ ହୋଇଥିବା ସୁନିଶ୍ଚିତ ଜଣାପଡ଼େ । ତେଣୁ ସାତବାହନବଂଶୀ ସିମୁକ ସୁଙ୍ଗ-କାଣ୍ୱ ଶାସନର ବିଲୋପସାଧନ କରିଥିଲେ ଖ୍ରୀ:ପୂ: ୭୩ ରେ (ଖ୍ରୀ:ପୂ: ୩୨୨-୧୩୭-୧୧୨) । ସିମୁକ ସାତବାହନ ସିଂହାସନ ଆରୋହଣ କରିବା ପରେ ମଗଧର ସୁଙ୍ଗ କାଣ୍ୱ ଶକ୍ତି ବିରୁଦ୍ଧରେ ଅଭିଯାନ କରିବା ନିମନ୍ତେ ଦୀର୍ଘକାଳ ଆୟୋଜନ କରିଥିବେ । ସେ ରାଜତ୍ୱର ପଦଶ ବର୍ଷରେ ମଗଧ ଆକ୍ରମଣ କରିଥିବେ ବିଚାରକରି ତାଙ୍କର ସିଂହାସନାରୋହଣ କାଳ ଖ୍ରୀ:ପୂ: ୮୮ ରେ ନିରୂପଣ କରାଯାଏ । ପୁରାଣ ମତରେ ସିମୁକ ୨୩ ବର୍ଷ ଏବଂ ତାଙ୍କପରେ ତାଙ୍କର ଭାଇ କହ୍ନ (କୃଷ୍ଣ) ୧୮ ବର୍ଷ ରାଜ୍ୟ ଶାସନ କରିଥିଲେ । କହ୍ନଙ୍କ ପରେ ସିମୁକଙ୍କ ପୁତ୍ର ସାତକର୍ଣ୍ଣୀ ମାତ୍ର ଦଶବର୍ଷ ରାଜତ୍ୱ କରିଥିଲେ । ସେହି ହିସାବରେ ସାତବାହନ ବଂଶର ପ୍ରଥମ ତିନିଜଣ ଶାସକଙ୍କର ରାଜତ୍ୱ କାଳ ନିମ୍ନମତେ ସ୍ଥିର କରାଯାଏ ।

ସିମୁକ - ଖ୍ରୀ:ପୂ: ୮୮ ରୁ ଖ୍ରୀ:ପୂ ୬୫ ପର୍ଯ୍ୟନ୍ତ ।

କହ୍ନ - ଖ୍ରୀ:ପୂ: ୬୫ ରୁ ଖ୍ରୀ:ପୂ ୪୭ ପର୍ଯ୍ୟନ୍ତ ।

ସାତକର୍ଣ୍ଣୀ - ଖ୍ରୀ:ପୂ: ୪୭ ରୁ ଖ୍ରୀ:ପୂ ୩୬ ପର୍ଯ୍ୟନ୍ତ ।

ଖାରବେଳଙ୍କ ରାଜତ୍ୱର ଦ୍ୱିତୀୟ ବର୍ଷରେ ସାତକର୍ଣ୍ଣୀ ମହାରାଷ୍ଟ୍ର ଓ ଦାକ୍ଷିଣାତ୍ୟ ଅଳର ଶାସକ ଥିବା ହାତୀଗୁମ୍ଫା ଅଭିଲେଖରୁ ଜଣାପଡ଼େ । ମାତ୍ର ସେହି ଅଭିଲେଖରୁ ଆହୁରି ମଧ୍ୟ ସୂଚୀତ ହୁଏ ଯେ, ଖାରବେଳଙ୍କ ରାଜତ୍ୱର ଚତୁର୍ଥ ବର୍ଷରେ ସେହି ପ୍ରବଳ ପ୍ରତାପୀ ସାତକର୍ଣ୍ଣୀ ଜୀବିତ ନଥିଲେ । ଖାରବେଳ ସାତବାହନ ରାଜ୍ୟ ଜୟ କରିଥିଲେ ମଧ୍ୟ ସେହି ବର୍ଷର ବିବରଣୀରେ ସାତକର୍ଣ୍ଣୀଙ୍କର ନାମୋଲ୍ଲେଖ କରି ନଥିବେ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ । ଖାରବେଳ ରାଜତ୍ୱର ତୃତୀୟ ବର୍ଷରେ ସାତକର୍ଣ୍ଣୀଙ୍କ ମୃତ୍ୟୁ ହୋଇଥିବା ବିଶେଷ ସମ୍ଭାବନା । ସେହି ସୁଯୋଗରେ ଖାରବେଳ ରାଜତ୍ୱର ଚତୁର୍ଥ

ବର୍ଷରେ ସାତବାହନ ରାଜ୍ୟ ଜୟ କରିପାରିଥିଲେ । ଯଦି ଖ୍ରୀ:ପୂ: ୩୭ ହେଉଛି ଖାରବେଳଙ୍କ ରାଜତ୍ୱର ତୃତୀୟ ବର୍ଷ ତାଙ୍କର ରାଜତ୍ୱକାଳ ଖ୍ରୀ:ପୂ: ୪୦ ରେ ନିରୂପଣ କରାଯାଇ ପାରିବ ।

ସାତବାହନ ବଂଶର ସମୟ ନିର୍ଣ୍ଣୟ ଭାରତ ଇତିହାସରେ ଏକ ଜଟିଳ ସମସ୍ୟା ଏବଂ ଏ ପର୍ଯ୍ୟନ୍ତ ସେହି ସମସ୍ୟାର ସନ୍ତୋଷଜନକ ସମାଧାନ ହୋଇପାରି ନାହିଁ । ତେବେ ମହାପଦ୍ମନନ୍ଦ ଓ ଖାରବେଳ ସମ୍ପର୍କ ନେଇ ଯେଉଁ କାଳ ନିର୍ଣ୍ଣୟ କରାଯାଇଅଛି, ତାହା ବଳିଷ୍ଠ ଐତିହାସିକ ଯୁକ୍ତି ଦ୍ୱାରା ସମର୍ଥିତ ଏବଂ ସେହି ଆଲୋକରେ ସାତକର୍ଣ୍ଣୀଙ୍କର ସମୟ ନିରୂପଣ ସମ୍ଭବ ହୋଇପାରେ । ଖାରବେଳ ଯେ ଖ୍ରୀ:ପୂ: ୪୦ ରେ କଳିଙ୍ଗ ସିଂହାସନ ଆରୋହଣ କରିଥିଲେ ସେହି ଗଣନା ଐତିହାସିକ ସତ୍ୟର ନିକଟବର୍ତ୍ତୀ ।

***(ଡଃ. ନବୀନ କୁମାର ସାହୁଙ୍କ 'ଓଡ଼ିଆ ଜାତିର ଇତିହାସ' ପୁସ୍ତକରୁ ଗୃହୀତ)***

# ଖାରବେଳ ଓ ଜୈନଧର୍ମ

**ଅଶୋକ କୁମାର ରଥ**

ଖାରବେଳ ଥିଲେ ଚେଦି (ଚେତି) ରାଜ ବଂଶୋଦ୍ଭବ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଚେଦି ରାଜ୍ୟ ଷୋଡ଼ଶ ମହାଜନପଦ ଅନ୍ତର୍ଭୁକ୍ତ ଥିଲା (୧) ଏବଂ ତାହା ବୁନ୍ଦେଲଖଣ୍ଡ ଅଞ୍ଚଳରେ ଅବସ୍ଥିତ ଥିଲା (୨) । ଯକ୍ଷ ଥିଲେ ଚେଦି ରାଜ୍ୟର ପ୍ରତିଷ୍ଠାତା । ଜୈନ ହରିବଂଶ ପୁରାଣ (୩) ଅନୁସାରେ ଦକ୍ଷଙ୍କ ପରେ ଐଳେୟ, କୁନିମ, ପୁଲୋମା, ପୌଲମା ମହିଦତ୍, ମତ୍ସ୍ୟ, ଆୟୋଧନ, ମୂଳ, ସନ୍ଧ, ସୂର୍ଯ୍ୟ, ଅମର, ଦେବଦତ୍, ମିଥିଳାନାଥ, ହରିସେନ, ଶଙ୍ଖ, ଭଦ୍ର, ଅଭିଚନ୍ଦ୍ର ପ୍ରଭୃତି ରାଜାମାନେ ରାଜତ୍ୱ କରିଥିଲେ । ଅଭିଚନ୍ଦ୍ରଙ୍କ ରାଜତ୍ୱ କାଳରେ ଚେଦିମାନେ ବୁନ୍ଦେଲଖଣ୍ଡ ତ୍ୟାଗକରି ବିନ୍ଧ୍ୟ ପର୍ବତାଞ୍ଚଳକୁ ଆଗମନ କରିଥିଲେ । ଅଭିଚନ୍ଦ୍ର ବିନ୍ଧ୍ୟାଞ୍ଚଳରେ ଶୁକ୍ତିମତିପୁରୀ ତାଙ୍କର ରାଜଧାନୀ ହେଲା -

*"ବିନ୍ଧ୍ୟ ପୃଷ୍ଠେ ଅଭିଚନ୍ଦ୍ରେଣ ଚେଦିରାଷ୍ଟ୍ରଧିଷ୍ଠିତଂ*
*ଶୁକ୍ତିମତ୍ୟାସ୍ତଟେ ଅଧାୟି ନାମ୍ନା ଶୁକ୍ତିମତିପୁରୀ ।" (୪)*

Alexander cunningham ଶୁକ୍ତିମତୀ ନଦୀକୁ ମହାନଦୀ ସହିତ ଚିହ୍ନିତ କରିଛନ୍ତି । (୫) D.C. Sircar ଙ୍କ (୬) ମତରେ ଶୁକ୍ତିମତୀ ହେଉଛି ବଲାଙ୍ଗୀର ଜିଲ୍ଲାରେ ପ୍ରବାହିତ ସୁକ୍ତେଲ ନଦୀ । ଗନ୍ଧମାର୍ଦ୍ଦନ ପର୍ବତ (ପରିମଳଗିରି) ରୁ ସୁକ୍ତେଲ ନଦୀ ପ୍ରବାହିତ ହୋଇ ତେଲ ଓ ମହାନଦୀର ସଂଗମସ୍ଥଳର ପୂର୍ବରୁ କିଛି ଦୂରରେ ତେଲ ନଦୀରେ ପତିତ ହୋଇଛି । ଚେଦି ରାଜ୍ୟର ରାଜଧାନୀ ଶୁକ୍ତିମତୀପୁର କଳିଙ୍ଗର ସମୀପବର୍ତ୍ତୀ ଥିଲା ବୋଲି ବେସ୍‌ସନ୍ତର (୭) ଜାତକରୁ ବିଦିତ ହୁଏ । ଅଭିଚନ୍ଦ୍ରଙ୍କ ପରେ ତାଙ୍କର ପୁତ୍ର ବସୁ (ଉପରିଚର) ରାଜତ୍ୱ କରିଥିଲେ । ତାଙ୍କ ପରେ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଚେଦି ବଂଶର ଏକ ଶାଖା ମହାମେଘବାହନଙ୍କ ନେତୃତ୍ୱରେ କଳିଙ୍ଗରେ ରାଜ୍ୟ ପ୍ରତିଷ୍ଠା କରିଥିଲେ ।

କଳିଙ୍ଗରେ ଚେଦି ରାଜବଂଶର ପ୍ରଥମ ରାଜା ଥିଲେ ମହାମେଘବାହନ । ବିମଳ ସୁରିଙ୍କ ରଚିତ ପ୍ରାଚୀନ ଜୈନଗ୍ରନ୍ଥ ପଉମଚରିୟମ୍‌ରେ ରାଜା ମହାମେଘବାହନ ବିନ୍ଧ୍ୟ ପର୍ବତ ସନ୍ନିକଟ ଶୁକ୍ତିମତୀ ଉପତ୍ୟକାସ୍ଥ ଚେଦିରାଷ୍ଟ୍ରର ରାଜା ଋଷଭଙ୍କ ବଂଶଧର ବୋଲି ଉଲ୍ଲିଖିତ । (୮) ଏହି ଋଷଭ ହିଁ ରାଜା ବସୁ (ଉପରିଚର) । ମହାମେଘବାହନ ଜୀମୂତ ବାହନ ନାମରେ ମଧ୍ୟ କଥିତ । (୯) ଧନପାଳଙ୍କ ପ୍ରଣୀତ ତିଳକ ମଞ୍ଜରୀ ଜୈନ ଗ୍ରନ୍ଥରେ ରାଜା ମହାମେଘବାହନ ଜୈନ ଥିଲେ ବୋଲି ଲିଖିତ ହୋଇଛି । (୧୦) ଖାରବେଳ ହାତୀଗୁମ୍ଫା ଶିଳାଲେଖରେ ନିଜକୁ ରାଜର୍ଷି ବସୁ (ଋଷଭ) ଏବଂ ମହାମେଘବାହନଙ୍କ ବଂଶଧର ବୋଲି ପରିଚିତ କରାଇଛନ୍ତି ।

କଳିଙ୍ଗରେ ଚେଦି ରାଜବଂଶର ତୃତୀୟ ପୁରୁଷ ଯୁଗରେ (ତିତିୟେ ପୁରିଷ ଯୁଗେ) ଖାରବେଳ ସମ୍ରାଟ ରୂପେ ଅଭିଷିକ୍ତ ହୋଇଥିଲେ । ଅର୍ଥାତ୍ ଖାରବେଳ ଥିଲେ କଳିଙ୍ଗରେ ଚେଦି ରାଜବଂଶର ତୃତୀୟ ରାଜା । ଅତଏବ ମହାମେଘବାହନ ଥିଲେ ପ୍ରଥମ ରାଜା ଏବଂ ସେ ଥିଲେ ଖାରବେଳଙ୍କ ପିତାମହ । ଚେତରାଜ ଖାରବେଳଙ୍କ ପିତା ଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖର ପ୍ରଥମ ଧାଡ଼ିରୁ ଜଣାଯାଏ । (୧୧) ଖାରବେଳଙ୍କୁ ୧୫ ବର୍ଷ ବୟସ ହେଲାବେଳେ ତାଙ୍କ ପିତା ଚେତରାଜଙ୍କ ଅକାଳ ମୃତ୍ୟୁ ହୋଇଥିଲା । ତେଣୁ ସେ ଯୁବରାଜ ପଦରେ ଅଧିଷ୍ଠିତ ହୋଇ ୨୪ ବର୍ଷ ବୟସ ହେବା ମାତ୍ରେ କଳିଙ୍ଗର ରାଜା ହୋଇଥିଲେ । ଖାରବେଳଙ୍କ ସମୟ କାଳ ଖ୍ରୀ:ପୂ ପ୍ରଥମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ନିରୂପିତ ହୋଇଛି । ସମ୍ଭବତଃ ସେ ଖ୍ରୀ:ପୂ: ୪୦ ରେ ସିଂହାସନ ଆରୋହଣ କରିଥିଲେ । (୧୨) ବୋଧହୁଏ ଚେଦି ରାଜବଂଶ ଖାରବେଳଙ୍କ ରାଜତ୍ୱ କାଳରେ ମହାମେଘବାହନ ବଂଶ ନାମରେ କଥିତ ହେଲା । ପିତାମହ ମହାମେଘବାହନଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଖାରବେଳ ନିଜକୁ ମହାମେଘବାହନ ବଂଶୀ ରୂପେ ପରିଚିତ କରାଇଥିଲେ । ମଞ୍ଚପୁରୀ ଗୁମ୍ଫାର ତଳ ମହଲାରେ ଖୋଦିତ ଶିଳାଲେଖରେ ଖାରବେଳଙ୍କ ପୁତ୍ର ତଥା ଉତ୍ତରାଧିକାରୀ କୁଦେପଶିରି ମଧ୍ୟ ନିଜକୁ ମହାମେଘବାହନ

ବଂଶଧର ବୋଲି ଉଦ୍‌ଘୋଷିତ କରିଛନ୍ତି । (୧୩)

ଜୈନ ଧର୍ମର ପୃଷ୍ଟପୋଷକ ରୂପେ ଭାରତ ଇତିହାସରେ ଖାରବେଳଙ୍କ ସ୍ଥାନ ଅଦ୍ୱିତୀୟ । ସାମ୍ରାଜ୍ୟ ଗଠନ, ଉଦାର ଶାସନ ଓ ଧର୍ମନୀତି, ଜନହିତକର କାର୍ଯ୍ୟ ତଥା କଳା, ସ୍ଥାପତ୍ୟ, ଧର୍ମାଦି କ୍ଷେତ୍ରରେ ଖାରବେଳଙ୍କ କୃତିତ୍ୱ ଅସାଧାରଣ । ତାଙ୍କ ନେତୃତ୍ୱରେ କଳିଙ୍ଗ ରାଷ୍ଟ୍ର ସମଗ୍ର ଭାରତ ବର୍ଷରେ ଏକ ଶକ୍ତିଶଳୀ ସାମ୍ରାଜ୍ୟ ରୂପେ ଖାତିଲାଭ କରିଥିଲା ।

ଜୈନ ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖର ପ୍ରାରମ୍ଭରେ ସମସ୍ତ ଅର୍ହତ ଓ ସିଦ୍ଧ୍‌ମାନଙ୍କୁ ପ୍ରଣାମ ଜ୍ଞାପନ କରିଛନ୍ତି । ରାଜତ୍ୱର ଅଷ୍ଟମ ବର୍ଷରେ ଖାରବେଳଙ୍କ ଉତ୍‌ରାପଥ ଅଭିଯାନ କାଳରେ ଜଣେ ଯବନରାଜ 'ଦିମିତ' ଯମୁନା ନଦୀ କୂଳରେ ଅବସ୍ଥିତ ମଥୁରା ଅଧିକାର କରି ମଗଧ୍ ଆଡ଼କୁ ଦ୍ରୁତ ଅଗ୍ରସର ହେଉଥିଲେ । କିନ୍ତୁ ଖାରବେଳଙ୍କ ବଳ ବିକ୍ରମ ଓ ମଗଧ୍‌ରେ ବିଜୟ ଅଭିଯାନର ସମ୍ବାଦ ପାଇ ଯବନ ରାଜ ଦିମିତ ଭୟଭୀତ ହୋଇପଡ଼ିଲେ ଏବଂ ଖାରବେଳ ତତ୍‌କ୍ଷଣାତ ଯବନରାଜଙ୍କ ଅନୁଧାବନ କରି ତାଙ୍କୁ ପବିତ୍ର ଜୈନ କ୍ଷେତ୍ର ମଥୁରାରୁ ବହିଷ୍କାର କରିଥିଲେ । ଖାରବେଳ ମଥୁରାରୁ କଳ୍ପବୃକ୍ଷର (ଜୈନ ଧର୍ମର ପବିତ୍ର ବୃକ୍ଷ) ଏକ ଶାଖା ନେଇ ହୟ, ଗଜ, ନର, ରଥପୂର୍ଣ୍ଣ ଚତୁରଙ୍ଗ ସେନା ସହ ସଗୌରବ କଳିଙ୍ଗ ପ୍ରତ୍ୟାବର୍ତ୍ତନ କରିଥିଲେ ।

ରାଜତ୍ୱର ଏକାଦଶ ବର୍ଷରେ ପାଣ୍ଡ୍ୟରାଜା ଖାରବେଳଙ୍କ ବଶ୍ୟତା ସ୍ୱୀକାର ପୂର୍ବକ ତାଙ୍କୁ ବହୁ ମଣି ମୁକ୍ତାଦି ଉପହାର ଦେଇଥିଲେ । ଏହି ସମୟରେ ଖାରବେଳ ଜୈନଧର୍ମର ଏକ ତୀର୍ଥ କ୍ଷେତ୍ର ରୂପେ ଖ୍ୟାତ 'ପିଥୁଣ୍ଡ' ନାମକ ନଗର ଅଧିକାର କରିଥିଲେ । ସେଠାରେ ସେ ଏକ ବିଶାଳ କୃଷିକ୍ଷେତ୍ର ରଚନା କରି ତାହା ଗଦର୍ଭ ଯୋଚା ହଳ ଲଙ୍ଗଳ ସାହାଯ୍ୟରେ କର୍ଷଣ କରାଇଥିଲେ । ବୃଷଭ ଆଦିତୀର୍ଥକରଙ୍କ ଲାଞ୍ଛନ ହୋଇଥିବା ଯୋଗୁ ଖାରବେଳ ବଳଦ ପରିବର୍ତ୍ତେ ହଳ ଲଙ୍ଗଳରେ ଗଧ୍ ଯୋଚିଥିବା ଅନୁମିତ ହୁଏ । ତଦ୍ୱାରା ଆଦି ତୀର୍ଥଙ୍କର ଋଷଭନାଥଙ୍କ ପ୍ରତି ଖାରବେଳଙ୍କର ଶ୍ରଦ୍ଧା ଓ ଭକ୍ତିର ସୂଚନା ମିଳେ । (୧୪)

ରାଜତ୍ୱର ଦ୍ୱାଦଶ ବର୍ଷରେ ଖାରବେଳ ମଗଧ୍ ବିଜୟ ପରେ ଖ୍ରୀ:ପୂ: ଚତୁର୍ଥ ଶତାବ୍ଦୀରେ ନନ୍ଦରାଜ (ମହାପଦ୍ମ ନନ୍ଦ) ଙ୍କ ଦ୍ୱାରା କଳିଙ୍ଗରୁ ମଗଧ୍‌କୁ ନୀତ କଳିଙ୍ଗ ଜିନ ମୂର୍ତ୍ତି (୧୫) ସମ୍ଭ୍ରମ ସ୍ୱଦେଶକୁ ଫେରାଇ ଆଣିଥିଲେ- "ନନ୍ଦରାଜ ନୀତଂ କାଳିଙ୍ଗ ଜିନଂ ସନ୍ନିବେଶଂ...." । (୧୬) କଳିଙ୍ଗ ଜିନ ସହ ଖାରବେଳ ଅଙ୍ଗ (ଭାଗଲପୁର ଓ ମୋଂଘେର ଜିଲ୍ଲା) ଏବଂ ମଗଧ୍ (ପାଟଣା ଓ ଗୟା ଜିଲ୍ଲା) ରୁ ପ୍ରଚୁର ଧନରତ୍ନ କଳିଙ୍ଗକୁ ଆଣିଥିଲେ ।

ରାଜତ୍ୱର ତ୍ରୟୋଦଶ ବର୍ଷରେ ଖାରବେଳ ନିଜକୁ ଧର୍ମ କାର୍ଯ୍ୟରେ ନିୟୋଜିତ କରାଇଥିଲେ । ସେ କୁମାରୀ ପର୍ବତ (ଉଦୟଗିରି) ଗାତ୍ରରେ ଜୈନ ଭିକ୍ଷୁକମାନଙ୍କ ବିଶ୍ରାମ ନିମନ୍ତେ ୧୧୭ଟି ଗୁମ୍ଫା ଖୋଦନ କରାଇଥିଲେ ଏବଂ ସେମାନଙ୍କୁ ରେଶମ ଓ ଶୁକ୍ଳ ବସ୍ତ୍ର ଦାନ କରିଥିଲେ । ଏତଦ୍‌ବ୍ୟତୀତ ସେ ଏକ ଜୈନ ମହାସଭା ଆହ୍ୱାନ କରିଥିଲେ । ଭାରତବର୍ଷର ବିଭିନ୍ନ ଅଳରୁ ଜୈନ ଅର୍ହତ ଓ ଶ୍ରମଣ, ବ୍ରାହ୍ମଣ, ତାପସ ଓ ଋଷି ତଥା ବୌଦ୍ଧ୍ ଭିକ୍ଷୁ ପ୍ରଭୃତି ବିଭିନ୍ନ ଧର୍ମବାଦୀ ଆଗନ୍ତୁକଙ୍କ ନିମନ୍ତେ ଉଦୟଗିରି ପାର୍ଶ୍ୱରେ ଏକ ସୁରମ୍ୟ ପ୍ରାସାଦ ତୋଳାଇଥିଲେ ।

ଜୈନଧର୍ମର ଉପାସକ ଓ ଶ୍ରେଷ୍ଠ ପୃଷ୍ଟପୋଷକ ରୂପେ ଖାରବେଳ ଇତିହାସ ପ୍ରସିଦ୍ଧ୍ । ତାଙ୍କ ରାଜତ୍ୱ କାଳରେ ଜୈନଧର୍ମ ଉନ୍ନତିର ଚରମ ସୋପାନରେ ଉପନୀତ ହୋଇ କଳିଙ୍ଗର ରାଷ୍ଟ୍ରଧର୍ମ ରୂପେ ପରିଗଣିତ ହୋଇଥିଲା । ଜୈନ ଧର୍ମର ପ୍ରଚାର, ପ୍ରସାର ଓ ଶ୍ରୀବୃଦ୍ଧି୍ ସାଧନ ନିମନ୍ତେ ଖାରବେଳ ନିଜର ସମସ୍ତ ସମୟ, ଶକ୍ତି ଓ ସମ୍ବଳ ବିନିଯୋଗ କରିଥିଲେ ମଧ୍ୟ ସେ ଅନ୍ୟାନ୍ୟ ଧର୍ମ ପ୍ରତି ଅନୁଦାର ନଥିଲେ । ହାତୀଗୁମ୍ଫା ଶିଳାଲିପିରୁ ତାଙ୍କ ଧର୍ମନୀତିର ଏକ ବିସ୍ତୃତ ବିବରଣୀ ସ୍ପଷ୍ଟ ଭାବରେ ପ୍ରତୀୟମାନ ହେଉଅଛି । ସେ ଅଶୋକଙ୍କ ଭଳି ନୂତନ ଧର୍ମ ଦୀକ୍ଷା ଗ୍ରହଣ କରି ନଥିଲେ । କଳିଙ୍ଗ ଯୁଦ୍ଧ୍ ପରେ ଅଶୋକ ବୌଦ୍ଧ୍ ଧର୍ମ ଗ୍ରହଣ ପୂର୍ବକ ତାହାର ପୃଷ୍ଟପୋଷକତା କରିଥିଲେ । କିନ୍ତୁ ଖାରବେଳ ଆଜନ୍ମ

ଜୈନ ଧର୍ମାବଲମ୍ବୀ ଥିଲେ । ସେ ସର୍ବସାଧାରଣଙ୍କ ସହ ଜୈନ ଧର୍ମର ଉପାସନା କରିଥିଲେ । ହାତୀଗୁମ୍ଫା ଅଭିଲେଖର ପ୍ରାରମ୍ଭରେ ସେ ଅର୍ହତ ଓ ସମସ୍ତ ସିଦ୍ଧମାନଙ୍କୁ ନମସ୍କାର ଜଣାଇଛନ୍ତି - 'ନମୋ ଅରହଂତାନଂ, ନମୋ ସବସିଧାନଂ' । ତେଣୁ ସେ ଜୈନ ଥିବାର ପ୍ରମାଣିତ ହୁଏ । ଏହି ଉକ୍ତିରୁ ସିଦ୍ଧ ହୁଏ ଯେ ଖାରବେଳ ଜୈନ ସମ୍ପ୍ରଦାୟର ପ୍ରଚଳିତ ପ ନମସ୍କାର ପରମ୍ପରା ଅବଲମ୍ବନ କରିଥିଲେ । ଏହି ପ ନମସ୍କାର ହେଲା-

"ନମୋ ଅରିହଂତାନଂ ନମୋ ସିଧାନଂ

ନମୋ ଐର୍ଯ୍ୟନଂ ନମୋ ଉଭଟ୍ଟାୟାନଂ

ନମୋ ଲୋଏ ସବ୍‌ବ ସାହୁନଂ"

ଅର୍ଥାତ୍ କେବଳ ଜ୍ଞାନ ପ୍ରାପ୍ତ ଅର୍ହତ, ମୋକ୍ଷ ପ୍ରାପ୍ତ ସିଦ୍ଧପୁରୁଷ, ଉତମ ଚରିତ୍ର- ମାର୍ଗ ପ୍ରଦର୍ଶକ ଆଚାର୍ଯ୍ୟ, ଜ୍ଞାନଦାତା ଉପାଧ୍ୟାୟ ଏବଂ ସମ୍ୟକ୍ ଦର୍ଶନ, ଜ୍ଞାନ ଓ ଚରିତ୍ର ପ୍ରାପ୍ତ ସାଧୁ ବା ମୁନି ଏହି ପ ପରିମେଷ୍ଟି ପରମ ଗୁରୁ (ସହଜ ଆତ୍ମା ସ୍ୱରୂପ ପରମଗୁରୁ)ଙ୍କୁ ଆରାଧନା କରିବାର ବିଧାନ ଜୈନ ଧର୍ମରେ ରହିଛି । ସେମାନଙ୍କର ମଧ୍ୟରୁ ସକଳ ଅର୍ହତ ଓ (ସିଦ୍ଧ) ସାଧୁପୁରୁଷଙ୍କୁ ଖାରବେଳ ହାତୀଗୁମ୍ଫା ଅଭିଲେଖର ପ୍ରାରମ୍ଭରେ ନିଜର ଭକ୍ତିପୂର୍ଣ୍ଣ ପ୍ରଣତି ନିବେଦନ କରିଛନ୍ତି ।

ହାତୀଗୁମ୍ଫା ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଜୈନ ଧର୍ମର ଦୁଇଟି ଲେଖାଏଁ ପବିତ୍ର ସଂକେତ ଅଙ୍କିତ ହୋଇଛି । ଏହି ପବିତ୍ର ଚିହ୍ନଗୁଡ଼ିକ ହେଲା- 'ବଦ୍ଧମଙ୍ଗଳ', 'ନନ୍ଦୀପଦ', 'ସ୍ୱସ୍ତିକ' ଓ 'ରଖ ଚେତିୟ' ବା 'ବୃକ୍ଷ ଚୈତ୍ୟ' ।

ଜୈନଧର୍ମର ଉପାସକ ଥିବା ହେତୁ ଖାରବେଳ ଉପର୍ଯ୍ୟୁକ୍ତ ସଂକେତ (ଲାଞ୍ଛନ) ଗୁଡିକ ହାତୀଗୁମ୍ଫା ଅଭିଲେଖରେ ଖୋଦନ କରାଇଥିଲେ ।

ହାତୀଗୁମ୍ଫା ଶିଳାଲେଖରୁ ଖାରବେଳ ଜୈନ ଧର୍ମାନୁଗାମୀ ଥିବା ଆହୁରି ଅନେକ ପ୍ରମାଣ ମିଳେ । ରାଜତ୍ୱର ଅଷ୍ଟମ ବର୍ଷରେ ସେ ଜୈନ ତୀର୍ଥ କ୍ଷେତ୍ର ମଥୁରାକୁ ଯବନ (ଗ୍ରୀକ୍) ରାଜଙ୍କ ଉପଦ୍ରବରୁ ରକ୍ଷା କରିଥିଲେ । ବୌଦ୍ଧମାନଙ୍କ ପବିତ୍ର ବୃକ୍ଷ ବୋଧିଦ୍ରୁମ ପରି ଜୈନମାନଙ୍କ ଦ୍ୱାରା ପବିତ୍ର ବିବେଚିତ କଳ୍ପବଟ (କଳ୍ପବୃକ୍ଷ)ର ଏକ ପଲ୍ଲବମୟ ଶାଖା ସେ ମଥୁରାରୁ ସାମରିକ ଶୋଭାଯାତ୍ରାରେ କଳିଙ୍ଗ ନଗରକୁ ଆଣି ସେଠାରେ ରୋପଣ କରିଥିଲେ । କଳ୍ପବୃକ୍ଷ ହେଉଛି ଆଦି ତୀର୍ଥଙ୍କର ଋଷଭନାଥଙ୍କ ପବିତ୍ର ବୃକ୍ଷ । ରାଜତ୍ୱର ଏକାଦଶ ବର୍ଷରେ ସେ କଳିଙ୍ଗର ପ୍ରସିଦ୍ଧ ଜୈନପୀଠ ପିଥୁଣ୍ଡ ନଗରୀର ପୁନରୁଦ୍ଧାର କରିଥିଲେ । ଏହି ପିଥୁଣ୍ଡ ନଗରୀ ଜୈନ 'ଉତ୍ରାଧ୍ୟୟନ ସୂତ୍ର' ରେ (୧୯) ବର୍ଣ୍ଣିତ ସମୁଦ୍ର ତୀରବର୍ତ୍ତୀ ପିହୁଣ୍ଡ ନଗର ସହିତ ଚିହ୍ନିତ ହୋଇଛି । (୨୦) ତାହା ଗୋଦାବରୀ ଓ ମହାନଦୀର ମଧ୍ୟବର୍ତ୍ତୀ ତ୍ରିକୋଣଭୂମି ଅଳରେ ଅବସ୍ଥିତ ଥିଲା । (୨୧) ପିଥୁଣ୍ଡ କଳିଙ୍ଗ ଜିନଙ୍କ ଆଦିପୀଠ ଥିଲା । ଋଷଭନାଥଙ୍କ ଲାଞ୍ଛନା ବୃଷଭକୁ ସମ୍ମାନ ଦେଇ ଖାରାବେଳ ବଳଦ ପରିବର୍ତ୍ତେ ଗଧଯୋଚା ଲଙ୍ଗଳ ସାହାଯ୍ୟରେ ପିଥୁଣ୍ଡରେ ଭୂମି କର୍ଷଣ କରାଇଥିଲେ । (୨୨) ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧ ବିଜୟର ସ୍ମାରକୀ ସ୍ୱରୂପ ଖାରବେଳ ମଗଧରୁ କଳିଙ୍ଗ ଜିନ ପ୍ରତିମୂର୍ତ୍ତି (କଳିଙ୍ଗ ଜିନାସନ) କଳିଙ୍ଗ ନଗରକୁ ବିଜୟ ଶୋଭାଯାତ୍ରାରେ ଫେରାଇ ଆଣିଥିଲେ । ଏହି କଳିଙ୍ଗ ଜିନ ଖାରବେଳଙ୍କ ରାଜତ୍ୱର ୩୦୦ ବର୍ଷ ପୂର୍ବେ ମଗଧର ନନ୍ଦବଂଶୀ ନୃପ ମହାପଦ୍ମନନ୍ଦଙ୍କ ଦ୍ୱାରା ପିଥୁଣ୍ଡରୁ ମଗଧକୁ ଅପହୃତ ହୋଇଥିଲା । ଖାରବେଳ ଏହି କଳିଙ୍ଗ ଜିନ କଳିଙ୍ଗକୁ ଫେରାଇ ଆଣିବା ଦ୍ୱାରା ଜୈନ ଧର୍ମ ପ୍ରତି ନିଜର ପ୍ରଗାଢ଼ ଅନୁରକ୍ତିର ପ୍ରମାଣ ଦେଇଛନ୍ତି । ତତ୍କାଳୀନ କଳିଙ୍ଗର ଧାର୍ମିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର ଥିଲେ ଏହି 'କଳିଙ୍ଗ ଜିନ' ।

କଳିଙ୍ଗ ଜିନଙ୍କ ସମ୍ପର୍କରେ ଐତିହାସିକମାନେ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ପଣ୍ଡିତ କାଶୀପ୍ରସାଦ ଜୟସ୍ୱାଲ (୨୩) ଏବଂ ରାଖାଲ ଦାସ ବାନାର୍ଜୀ (୨୪) କଳିଙ୍ଗ ଜିନଙ୍କୁ ଉଦଳପୁର ଅଥବା ଭଦ୍ରପୁର (ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ

ଆଧୁନିକ ଭଦ୍ରାଚଳମ) ଠାରେ ଜନ୍ମ ଥିବା ଦଶମ ତୀର୍ଥଙ୍କର ଶୀତଳନାଥଙ୍କ ସହିତ ଚିହ୍ନିତ କରିଅଛନ୍ତି । ଆଉ କେତେକଙ୍କ ମତରେ ତାହା ଦ୍ୱିତୀୟ ଜୈନ ତୀର୍ଥଙ୍କର ଅଜିତନାଥଙ୍କ ପ୍ରତିମୂର୍ତ୍ତି । (୨୫) ଡଃ ନବୀନ କୁମାର ସାହୁ (୨୬) କଳିଙ୍ଗ ଜିନଙ୍କୁ କଳିଙ୍ଗର ତତ୍କାଳୀନ ରାଜଧାନୀ ପିଥୁଣ୍ଡ ନଗରସ୍ଥ ଋଷଭଦେବଙ୍କ ପ୍ରତିମୂର୍ତ୍ତି ବୋଲି ମତବ୍ୟକ୍ତ କରିଛନ୍ତି । କିନ୍ତୁ ଆମ୍ଭ ମତରେ ସମ୍ଭବତଃ ମହାବୀରଙ୍କ ପ୍ରତିମା ହିଁ କଳିଙ୍ଗ ଜିନ ରୂପେ ପୂଜିତ ହେଉଥିଲା । କାରଣ ୨୪ ଜଣ ତୀର୍ଥଙ୍କରଙ୍କ ମଧ୍ୟରେ ମହାବୀଙ୍କର ହିଁ କଳିଙ୍ଗ ସହିତ ନିବିଡ଼ ସମ୍ପର୍କ ଥିଲା । ସେ କୁମାରୀ ପର୍ବତରେ ଜୈନଧର୍ମ ପ୍ରଚାର କରିଥିଲେ । ତାଛଡ଼ା ମହାବୀର ତୋଷାଳି ଓ ମୋଷଳି ପରିଦର୍ଶନ କରି ସେଠାରେ ଧର୍ମ ପ୍ରଚାର କରିଥିଲେ ବୋଲି ଆବଶ୍ୟକ ସୂତ୍ରରୁ (୨୭) ଜଣାଯାଏ । ମହାବୀରଙ୍କ ପିତା ସିଦ୍ଧାର୍ଥଙ୍କର ତତ୍କାଳୀନ କଳିଙ୍ଗ ରାଜାଙ୍କ ସହିତ ବନ୍ଧୁତା ଥିବାର ଉଲ୍ଲେଖ 'ଜୈନ ହରିଭଦ୍ରିୟ ବୃତ୍ତି' ରେ (୨୮) ରହିଛି । କଳିଙ୍ଗର ମାଠରବଂଶୀ ରାଜା ଉମାବର୍ମନଙ୍କ ଟେକ୍କାଲି ତାମ୍ର ଅଭିଲେଖରେ (୨୯) ଉଲ୍ଲିଖିତ ବର୍ଦ୍ଧମାନପୁର ନଗର ଏବଂ ଗଙ୍ଗରାଜା ଇନ୍ଦ୍ରବର୍ମନଙ୍କ ଅଚ୍ୟୁତପୁରମ୍ ତାମ୍ରଲେଖରେ (୩୦) ବର୍ଣ୍ଣିତ ସିଦ୍ଧାର୍ଥକ ଗ୍ରାମ ଯଥାକ୍ରମେ ବର୍ଦ୍ଧମାନ ମହାବୀର ଓ ତାଙ୍କ ପିତା ସିଦ୍ଧାର୍ଥଙ୍କ ନାମାନୁସାରେ ନାମିତ ହୋଇଥିବା ଅନୁମିତ ହୁଏ । ଏ ସମସ୍ତ ବିଷୟ ଆଲୋଚନା କଲେ ସ୍ୱତଃ ସିଦ୍ଧ ହୁଏ ଯେ ମହାବୀର ହିଁ ଅନ୍ୟାନ୍ୟ ତୀର୍ଥଙ୍କରମାନଙ୍କ ଅପେକ୍ଷା କଳିଙ୍ଗରେ ଅଧିକ ଲୋକପ୍ରିୟ ଥିଲେ । ତେଣୁ କଳିଙ୍ଗର ଜନସାଧାରଣ ମହାବୀରଙ୍କ ପ୍ରତିମା ସ୍ଥାପନ କରି ତାହା 'କଳିଙ୍ଗ ଜିନ' ରୂପେ ଆରାଧନା କରିଥିବା ଯୁକ୍ତିଯୁକ୍ତ ମନେହୁଏ । (୩୧)

ଖାରବେଳ ଶ୍ୱେତାମ୍ବର ପନ୍ଥୀଜୈନ ଥିଲେ ମଧ୍ୟ ସେ ଦିଗମ୍ବର ସମ୍ପ୍ରଦାୟ ପ୍ରତି ସମଭାବାପନ୍ନ ଥିଲେ । ରାଜତ୍ୱର ତ୍ରୟୋଦଶ ବର୍ଷରେ କୁମାରୀ ପର୍ବତ (ଉଦୟଗିରି) ଓ କୁମାର ପର୍ବତ (ଖଣ୍ଡଗିରି) ଗାତ୍ରରେ ସର୍ବତ୍ୟାଗୀ ଜପୋଦ୍ୟାପକ ଦିଗମ୍ବର ଜୈନ ଓ ଝିନ ଅଥବା ସୂକ୍ଷ୍ମବସ୍ତ୍ର (ଚିନ ବତାନି) ପରିହିତ ଶ୍ୱେତାମ୍ବର ଜୈନ ଅର୍ହତମାନଙ୍କ ବର୍ଷା ଋତୁରେ (ବର୍ଷା ସିତାନଂ ବା ବର୍ଷା ବାସ) କାୟିକ ବିଶ୍ରାମ (କାୟାନିଶି ଦୟାଭ) ନିମନ୍ତେ ସେମାନଙ୍କର ପୂଜକ (ପୂଜାନୁରତ) ଖାରବେଳ ନିଜେ ଏବଂ ନିଜର ମହିଷୀ, ରାଜକୁମାର, ଆତ୍ମୀୟ, ରାଜକର୍ମଚାରୀ ତଥା ଭୃତ୍ୟମାନଙ୍କ ଦ୍ୱାରା ଏକଶହ ସତରଟି ଆଶ୍ରୟସ୍ଥଳୀ (ଗୁମ୍ଫା) ଖନନ କରାଇଥିଲେ । ସେ ଜୈନମାନଙ୍କ ମଧ୍ୟରେ ଶ୍ୱେତବସ୍ତ୍ର ବ□ନ କରିଥିଲେ । ଏଥିରେ ସେ ଶ୍ୱେତାମ୍ବର ଜୈନ ଥିବା ପ୍ରମାଣିତ ହୁଏ । ଏହି ତ୍ରୟୋଦଶ ବର୍ଷରେ ଖାରବେଳ ଜୈନ ଅର୍ହତମାନଙ୍କ ଏକ ମହାସଭା ଉଦୟଗିରିଠାରେ ଅନୁଷ୍ଠିତ କରାଇଥିଲେ ବୋଲି କେତେକ ଐତିହାସିକ ମତବ୍ୟକ୍ତ କରନ୍ତି । ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ଆଗତ ୩୫୦୦ ଜୈନ ଅର୍ହତ ଓ ଶ୍ରମଣ ସମବେତ ହୋଇ ଧର୍ମ ଚର୍ଚ୍ଚା କରିଥିଲେ । ସମ୍ଭବତଃ ହାତୀଗୁମ୍ଫାର ଉର୍ଦ୍ଧ୍ୱଭାଗରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉଦୟଗିରିରେ ବହୁକାଳ ପୂର୍ବରୁ ଗୋଟିଏ ଜୈନ ବସ୍ତୁ ବିଗ୍ରହ (ରେଲିକ୍‌ମେମୋରିଆଲ) ବିଦ୍ୟମାନ ଥିଲା (୩୩) । ସେଠାରେ ଜୈନମାନେ ଧର୍ମଚର୍ଚ୍ଚା କରୁଥିଲେ । ସମ୍ଭବତଃ ସେହିଠାରେ ହିଁ ବିଜୟଚକ୍ର ସୁପ୍ରବର୍ତ୍ତିତ (ସୁପର୍ବତ-ବିଜୟ-ଚକେକୁମାରି ପବତେ) ହୋଇଥିଲା । ଅର୍ଥାତ୍ ସେଠାରେ ମହାବୀରଙ୍କର ଧର୍ମ ପ୍ରଚାରକୁ ବିଜୟଚକ୍ର ପ୍ରବର୍ତ୍ତନ କୁହାଯାଏ । ଖାରବେଳ ଏହି ବସ୍ତୁ ବିଗ୍ରହର ଜୀର୍ଣ୍ଣୋଦ୍ଧାର କରିଥିଲେ ।

ମୌର୍ଯ୍ୟ ରାଜତ୍ୱ କାଳରେ ଲୁପ୍ତ ହୋଇଥିବା ଜୈନମାନଙ୍କର ଧର୍ମ ଗ୍ରନ୍ଥ 'ସପ୍ତାଙ୍ଗ' ର ଖାରବେଳ ପୁନରୁଦ୍ଧାର କରାଇଥିଲେ । ଏହାଦ୍ୱାରା ଜୈନମାନଙ୍କର ଗୋଟିଏ ବଡ଼ ଅଭାବ ସେ ଦୂର କରିପାରିଥିଲେ । ହାତୀଗୁମ୍ଫା ଅଭିଲେଖର ୧୪ଶ ଧାଡ଼ିରେ ଆତ୍ମା (ଜୀବ) ଓ ଦ୍ରବ୍ୟ (ଦେହ) ର ଉଲ୍ଲେଖ ରହିଛି । ଏ ସଂକ୍ରାନ୍ତରେ ଖାରବେଳଙ୍କ କଥନ ହେଲା ତାଙ୍କର ଆତ୍ମା ଓ ଦେହ ପରସ୍ପର ନିର୍ଭରଶୀଳ । (ଶାରିତ ସ୍ୱ-ଆଶ୍ରିତ) । ଖାରବେଳଙ୍କର ଏହି ଉକ୍ତି ଜୈନ ଧର୍ମର ଜୀବ (ଆତ୍ମା) ଓ ଅଜୀବ (ଦେହ ବା ଶରୀର ଆଦି ଜଡ଼ ପଦାର୍ଥ) ତତ୍ତ୍ୱ ସହ ସମାନ । (୩୪) ଏଥିରୁ ଖାରବେଳଙ୍କ ଉପରେ ଜୈନ ଦର୍ଶନର ପ୍ରଭାବ ପରିଲକ୍ଷିତ ହୁଏ ।

"କୁମାରୀ ପବତେ ଅରହତେହି ପଖିନ ସଂସିତେହି କାୟାନିସୀ ଦିୟାୟ ଯା ପଜାବ କେହି ରାଜଭିତିନଂ ଚିନ

ବତାନଂ ବାସାସିତାନାଂ ପୂଜାନୁରତ ଉବ୍ୟସଗ (ଖା)ର ବେଲ ସିରିନା ଜୀବ ଦେହ ସୟିକା ପରିଖାତା” (୩୫)

ଖାରବେଳଙ୍କ ରାଜତ୍ୱ କାଳରେ ଉଦୟଗିରି ଭାରତରେ ଏକ ପ୍ରଧାନ ଜୈନ ପୀଠ ରୂପେ ଖ୍ୟାତି ଲାଭ କରିଥିଲା । ତାହା ଥିଲା ଭାରତର ବିଭିନ୍ନ ପ୍ରାନ୍ତରୁ ଆଗତ ଅର୍ହତ ଓ ଯତି, ତପସ୍ୱୀ ଓ ଋଷି ଏବଂ ସଂଘାୟନ (ବୌଦ୍ଧ ଭିକ୍ଷୁ) ମାନଙ୍କର ମିଳନ ସ୍ଥଳୀ । ଜୈନ ଧର୍ମାବଲମ୍ବୀ ହେଲେ ହେଁ ଖାରବେଳ ଅନ୍ୟାନ୍ୟ ଧର୍ମପ୍ରତି ସହନଶୀଳ ଥିଲେ ଏବଂ ବ୍ରାହ୍ମଣ ଓ ଆଜିବିକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ଏହି ଉଦାର ଧର୍ମ ନୀତି ମୂଳରେ ତାଙ୍କର ଦ୍ୱିତୀୟା ମହିଷୀ ସିଂହପଥ ରାଣୀଙ୍କ ନିରବଚ୍ଛିନ୍ନ ପ୍ରେରଣା ଥିବା ଅନୁମିତ ହୁଏ । ପ୍ରଜାମାନଙ୍କ ଧର୍ମାନୁଚିନ୍ତା ଓ ପୂଜାପଦ୍ଧତିରେ ଖାରବେଳ କୌଣସି ପ୍ରତିବନ୍ଧକ ସୃଷ୍ଟି କରୁ ନ ଥିଲେ । ସେ ଭାରତର ବିଭିନ୍ନ ପ୍ରାନ୍ତରୁ ଆଗତ ଆଗନ୍ତୁକ ଜୈନ ଅର୍ହତ, ଶ୍ରମଣ, ଆଜିବିକ (ଗୋଶାଳଙ୍କ ଅନୁଗାମୀ), ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ଯତି, ମୁନି, ଋଷି ଏବଂ ବୌଦ୍ଧ ଭିକ୍ଷୁମାନଙ୍କୁ ଅଭ୍ୟର୍ଥନା ଜଣାଇ ସେମାନଙ୍କ ବସବାସ ନିମନ୍ତେ ଉଦୟଗିରି ଗୁମ୍ଫା ସମୂହ ପାର୍ଶ୍ୱରେ ଏକ ସୁରମ୍ୟ ପ୍ରାସାଦ ଏକଶତ ପାଲକ୍ଷ ମୁଦ୍ରା ବ୍ୟୟରେ ନିର୍ମାଣ କରାଇଥିଲେ । ଏହି ପ୍ରାସାଦର ୩୫ ଲକ୍ଷ ମସୃଣ ପ୍ରସ୍ତର ଫଳକ ବ୍ୟବହୃତ ହୋଇଥିଲା । ପ୍ରାସାଦଟି ନାନା ଆଭରଣ ବୈଦୁର୍ଯ୍ୟାଚ୍ଛାଦିତ ୫୦ଟି ସ୍ତମ୍ଭ (ଚୈତ୍ୟ ଯଷ୍ଟି) ଦ୍ୱାରା ମଣ୍ଡିତ ହୋଇଥିଲା ।

ବିଭିନ୍ନ ଦିଗରେ ଯୁଦ୍ଧ ଅଭିଯାନ କରିଥିବା ବେଳେ ଖାରବେଳ ପଶ୍ଚିମ ଭାରତର ଶତ୍ରୁଞ୍ଜୟ ଓ ତେରପୁର ଏବଂ ଦକ୍ଷିଣ ଭାରତର ଶ୍ରବଣ ବେଲଗୋଲା ଆଦି ଜୈନ ତୀର୍ଥସ୍ଥାନଗୁଡ଼ିକ ପରିଦର୍ଶନ କରିଥିବା ଅନୁମିତ ହୁଏ ।

ହାତୀଗୁମ୍ଫା ଶିଳାଲେଖର ଷୋଡ଼ଶ ଧାଡ଼ିରେ ଖାରବେଳଙ୍କର ଚାରିତ୍ରିକ ମହନୀୟତାର ଚିତ୍ରଣ କରାଯାଇଛି । ସେ ନିଜକୁ କ୍ଷେମରାଜ, ବର୍ଦ୍ଧରାଜ, ଧର୍ମରାଜ ଏବଂ ଭିକ୍ଷୁରାଜ ଆଖ୍ୟା ଦେଇଛନ୍ତି । ଏଥିରୁ ସିଦ୍ଧ ହୁଏ ଯେ ସେ ଥିଲେ ମଙ୍ଗଳକାଂକ୍ଷୀ ତଥା କ୍ଷମାଶୀଳ, ପରିବର୍ଦ୍ଧନର ଆଧାର ତଥା ଦାନଶୀଳ, ଧର୍ମପ୍ରାଣ ଓ ସତ୍ୟପାଳକ ତଥା ନ୍ୟାୟଶୀଳ । ଭିକ୍ଷୁରାଜ ଉପାଧିରୁ ସେ ଜୈନ ଭିକ୍ଷୁମାନଙ୍କର ରାଜା ଥିବାର ପ୍ରମାଣ ମିଳେ ।

“କ୍ଷେମରାଜାସ ବଧରାଜାସ, ଭିକ୍ଷୁରାଜାସ, ଧର୍ମରାଜା ପସଂତୋ ଅନୁଭବଂତୋ କଲାଣାନି ।”

ଖାରବେଳ ନିଜର ଦୃଷ୍ଟି, ଶ୍ରୁତି ଓ ଅନୁଭବ ଦ୍ୱାରା ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ପ୍ରଜାମାନଙ୍କର ବହୁ କଲ୍ୟାଣକର କାର୍ଯ୍ୟ ସମ୍ପାଦନ କରିଥିଲେ ।

ହାତୀଗୁମ୍ଫା ଅଭିଲେଖର ସପ୍ତଦଶ ପଂକ୍ତିରେ ଖାରବେଳଙ୍କୁ ‘ସର୍ବପୋଷଣ ପୂଜକୋ’ ଏବଂ ‘ସବ ଦେବାୟତନ ସଂକାର କାରକୋ’ ରୂପେ ଅଭିହିତ କରାଯାଇଛି । ଅର୍ଥାତ୍ ଖାରବେଳ ସର୍ବ ଧର୍ମର ପୂଜକ, ସର୍ବ ଧର୍ମାବଲମ୍ବୀମାନଙ୍କର ଆଶ୍ରୟଦାତା ଏବଂ ସକଳ ପ୍ରକାର ଦେବ ମନ୍ଦିରଗୁଡ଼ିକର ଜୀର୍ଣ୍ଣ ସଂସ୍କାର କରାଇଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ, ଜୈନଧର୍ମାବଲମ୍ବୀ ହେଲେ ହେଁ ଖାରବେଳ ଅନ୍ୟାନ୍ୟ ଧର୍ମ ପ୍ରତି ସହନଶୀଳ ଥିଲେ ଏବଂ ବ୍ରାହ୍ମଣ ଏବଂ ଆଜିବିକ (ଗୋଶାଳଙ୍କ ଅନୁଗାମୀ) ଙ୍କ ପ୍ରତି ସମଭାବାପନ୍ନ ତଥା ସମ୍ମାନ ପ୍ରଦର୍ଶନ କରୁଥିଲେ । ସେ ଜୈନ ଥିଲେ ମଧ୍ୟ ତାଙ୍କର ବାଲ୍ୟ ଓ ଯୌବନର ଶିକ୍ଷା ତତ୍‌କାଳୀନ ବ୍ରାହ୍ମଣ ଧର୍ମାବଲମ୍ବୀ ଯୁବରାଜଙ୍କ ପରି ହୋଇଥିଲା । ତାଙ୍କର ରାଜ୍ୟାଭିଷେକ ଉତ୍ସବ ମଧ୍ୟ ପାରମ୍ପରିକ ବୈଦିକ ରୀତିରେ ନିର୍ଦ୍ଦିଷ୍ଟ ତିଥିରେ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ସକଳ ପ୍ରକାର ଦେବାୟତନ, ଚୈତ୍ୟ, ମଠ, ବିହାରମାନଙ୍କରେ ତାଙ୍କର ଶୁଭକାମନା କରି ପୂଜା, ଆରାଧନା ହୋଇଥିଲା । ତାଙ୍କର ରାଜ୍ୟ ଶାସନ ନୀତି ପ୍ରାଚୀନ ସ୍ମୃତି ସମ୍ମତ ପ୍ରଣାଳୀରେ ଅନୁସୃତ ହେଉଥିଲା । ରାଜତ୍ୱର ଦ୍ୱିତୀୟ ବର୍ଷରେ ଆନ୍ଧ୍ର ସାତବାହନଙ୍କ ପରାସ୍ତ କରି ବିଜୟୋଲ୍ଲାସରେ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରିବାପରେ ସେ ଜୈନଧର୍ମ ଶାସ୍ତ୍ର ନିଷିଦ୍ଧ ଉତ୍ସବ, ସମାଜ ପ୍ରଭୃତି ଅନୁଷ୍ଠାନ ଏବଂ ଗୀତ, ନୃତ୍ୟ, ବାଦ୍ୟ ଇତ୍ୟାଦିର ପରିବେଷଣ ଦ୍ୱାରା ପ୍ରଜାମାନଙ୍କର ଚିତ୍ତ ବିନୋଦନ କରିଥିଲେ । ରାଜତ୍ୱର ଅଷ୍ଟମ ବର୍ଷରେ ସେ ଜୈନ କ୍ଷେତ୍ର ମଥୁରାକୁ ଶତ୍ରୁ (ଯବନ ରାଜ ଦିମିତ) ହସ୍ତରୁ

ରକ୍ଷା କରି ସେଠାରେ ସମସ୍ତ ଗୃହବାସୀ, ଗୃହପତି, ବ୍ରାହ୍ମଣ ଓ ଶ୍ରମଣମାନଙ୍କୁ ପାନ ଭୋଜନଦ୍ୱାରା ଆପ୍ୟାୟିତ କରିଥିଲେ ।

ଅଶୋକଙ୍କ ପରି ଖାରବେଳ ଯୁଦ୍ଧ୍ ପରିତ୍ୟାଗ କରି ଧର୍ମ ବିଜୟ ବା ଧର୍ମଘୋଷର ପରିକଳ୍ପନା କରି ନଥିଲେ । ସେ ଭେରୀ ଘୋଷର ପକ୍ଷପାତୀ ଥିଲେ । ଜୈନ ଧର୍ମର ଉପାସକ ହୋଇ ମଧ୍ୟ ଖାରବେଳ ଅହିଂସା ନୀତି ପାଳନ କରିବା ପରିବର୍ତ୍ତେ ହିଂସା ପ୍ରଣୋଦିଦ ଯୁଦ୍ଧ୍ ଦିଗ୍‌ବିଜୟ ଓ ସାମ୍ରାଜ୍ୟ ବିସ୍ତାରରେ ରାଜତ୍ୱର ଅଧିକାଂଶ ସମୟ ନିର୍ବାହ କରିଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ ଜୈନ ଧର୍ମର ଅହିଂସା ନୀତି ତାଙ୍କର ରାଜନୈତିକ ଜୀବନରେ କୌଣସି ପ୍ରକାର ପ୍ରଭାବ ପକାଇପାରି ନଥିଲେ । ପ୍ରାଚୀନ ବୈଦିକ ପରମ୍ପରା ଅନୁଯାୟୀ, ରାଜ୍ୟ ଜୟ ଓ ସାମ୍ରାଜ୍ୟ ବିସ୍ତାର ରାଜାମାନଙ୍କର କର୍ତ୍ତବ୍ୟ ବୋଲି ସେ ବିବେଚନା କରିଥିଲେ । ତେଣୁ କଳିଙ୍ଗର ରାଜା ଭାବେ ସେ ଏହି କର୍ତ୍ତବ୍ୟ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଜୀବନରେ ଜୈନଧର୍ମାବଲମ୍ବୀ ଭାବେ ଅହିଂସା ନୀତି ପାଳନ କରିଥିଲେ । ଖାରବେଳ ସ୍ୱୀୟ ରାଜନୈତିକ ଜୀବନରେ ବୈଦିକ ପରମ୍ପରା ଏବଂ ବ୍ୟକ୍ତିଗତ ଜୀବନରେ ଜୈନ ପରମ୍ପରା ଅନୁସରଣ କରିଥିଲେ । ସେ ରାଜନୀତିକୁ ଧର୍ମ ସହିତ ଜଡିତ କରି ନଥିଲେ ।

ରାଜତ୍ୱର ଶେଷ ବର୍ଷରେ ସେ ଜୈନ ଶ୍ରମଣ ଏବଂ ବ୍ରାହ୍ମଣ ଧର୍ମାବଲମ୍ବୀ ଯତି, ମୁନି ଋଷିମାନଙ୍କ ନିବାସ ନିମନ୍ତେ ଏକ ବିଶାଳ ପ୍ରାସାଦ (ଗୁମ୍ଫା) ନିର୍ମାଣ କରାଇଥିଲେ । କେବଳ ସେତିକି ନୁହେଁ, ସେ ଥିଲେ ମଧ୍ୟ ସକଳ ଧର୍ମର ପୂଜକ, ସର୍ବ ଧର୍ମାବଲମ୍ବୀମାନଙ୍କର ପୃଷ୍ଠପୋଷକ ତଥା ବିଭିନ୍ନ ଧର୍ମ ସଂପ୍ରଦାୟର ଦେବାୟତନ ବା ଦେବ ମନ୍ଦିରମାନଙ୍କର ସଂସ୍କାରକ । ଏଥିରୁ ବିଦିତ ହୁଏ ଯେ, ଖାରବେଳ ରାଜ୍ୟର ସକଳ ଧର୍ମାବଲମ୍ବୀ ମାନଙ୍କ ପତି ଅନୁରୂପ ସ୍ନେହ, ଶ୍ରଦ୍ଧା ଓ ଅନୁଗ୍ରହ ପ୍ରଦର୍ଶନ କରିଥିଲେ । ଧର୍ମ ନିର୍ବିଶେଷରେ ସେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖୁଥିଲେ, ସମସ୍ତଙ୍କର ବାଣୀ ଶ୍ରବଣ କରୁଥିଲେ, ସମସ୍ତଙ୍କର ନୀତି ଅନୁଭବ କରୁଥିଲେ ଏବଂ ସମସ୍ତଙ୍କର କଲ୍ୟାଣ କାମନା କରୁଥିଲେ । "ସେ ନିଜର ଜୈନଭାବ ସଙ୍ଗେ ସଙ୍ଗେ ଉଦାର ଧର୍ମ ନୀତିର ବ୍ୟାଖ୍ୟାନ କରିବାକୁ ଯାଇ ରାଜା ଧର୍ମର ଉଚ୍ଚ ଆଦର୍ଶ ମଧ୍ୟ ପ୍ରକାଶ କରିଛନ୍ତି । ସେ ନିଜକୁ ଶାଶ୍ୱତ ନିୟମର ଧାରକ, ସଂରକ୍ଷକ ଓ ପ୍ରବର୍ତ୍ତକ ରୂପେ ଜ୍ଞାନ କରୁଥିଲେ ଏବଂ ନିଜ ପୂର୍ବ ପୁରୁଷ ରାଜର୍ଷି ବସୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଧର୍ମ ଓ ରାଜନୀତିର ସମନ୍ୱୟ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କରିଥିଲେ ।" (୩୬) ଏହି ଉଦାର ଧର୍ମନୀତି ଓ ମହାନୁଭବତା ଯୋଗୁଁ ସେ କଳିଙ୍ଗର ସକଳ ସଂପ୍ରଦାୟର ଶ୍ରଦ୍ଧା ଓ ପ୍ରୀତି ଭାଜନ ହୋଇଥିଲେ । ସାର୍ବଜନୀନ ମୈତ୍ରୀ-ଭାବ ଓ ଧର୍ମ କ୍ଷେତ୍ରରେ ସାମ୍ୟ ଓ ଉଦାର ନୀତି ଅବଲମ୍ବନ କରିଥିବା ହେତୁ ଖାରବେଳ ଇତିହାସରେ ଚିରସ୍ମରଣୀୟ ହୋଇ ରହିଛନ୍ତି ।

**ପାଦଟୀକା:**

(୧) Anguttara Nikaya, **Pali Text Society I,** P. 213, IV, PP, 252 - 56, ଜୈନ ଭାଗବତୀ ସୂତ୍ର, ସ୍ୱର୍ଗ, ୧୫, ଉଦ୍ଦେଶ C,

(୨) Bhandarkar, Carmichael Lectures (1918), P. 52, H.C. Raychoudhury, **Political History of Ancient India,** P. 118 (5th. edition), Pargiter, Ancient Indian Historical Tradition, P. 272.

(୩) ଶ୍ରୀ ଜିନସେନାଚାର୍ଯ୍ୟଙ୍କ ହରିବଂଶ ପୁରାଣ, ୧୭, ୧-୩୮.

(୪) ହରିବଂଶ, ୧୭, ୩୬.

(୫) **Archaeological Survey Report,** Vol-XVI, P-69.

(୬) D.C. Sircar, Geography of Ancient and Mediaeval India, P-55

(୭) **Jataka,** VI, P-511. -21

(୮) ପଉମ ପରିୟସ, ୫, ୧୬୮ - ୨୫୧, ବାରାଣସୀ, ୧୯୨୨ ।

(୯) କଥା ସରିତ୍ ସାଗର, ୧୨, ୭.

(୧୦) ତିଳକ ମଞ୍ଜରି, ପୃ : ୨୫, ନିର୍ଣ୍ଣୟ ସାଗର ପ୍ରେସ୍.

(୧୧) **JBORS,** Vol.XVII, P. 435.

(୧୨) ଖାରବେଳଙ୍କ କାଳ ନିରୂପଣ ସମ୍ପର୍କରେ ଡ଼ଃ.ନବୀନ କୁମାର ସାହୁଙ୍କ Orissa State Museum ଦ୍ୱାରା ପ୍ରକାଶିତ 'Kharavela', PP. 32 - 53 ଦ୍ରଷ୍ଟବ୍ୟ । ତାହା ୧୯୮୪ରେ ପ୍ରକାଶିତ ହୋଇଥିଲା ।

(୧୩) Epigraphia Indica, Vol. XIII, P. 160.

(୧୪) ଡଃ. ନବୀନ କୁମାର ସାହୁ, ଓଡ଼ିଆ ଜାତିର ଇତିହାସ, ପୃ:୧୩୬-୧୩୭.

(୧୫) B.M. Barua କଳିଙ୍ଗ ଜିନାସନ ବୋଲି ପାଠ କରିଛନ୍ତି ।

(୧୬) ହାତୀଗୁମ୍ଫା ଅଭିଲେଖ ୧୨ଶ ଧାଡ଼ି .

(୧୭) Sasikanta, **The Hathigumpha Inscription of Kharavela and the Bhabru edict of Ashok-A critical study,** P. 60.

(୧୮) ଏହି ପନମସ୍କାର ଭଳି ବୌଧ୍ ଧର୍ମରେ ମଧ ତ୍ରିରତ୍ନ ବନ୍ଦନା ରହିଛି, ଯଥା-

ବୁଧ୍ଂ ଶରଣଂ ଗଚ୍ଛାମି

ଧମ୍ମଂ ଶରଣଂ ଗଚ୍ଛାମି

ସଂଘଂ ଶରଣଂ ଗଚ୍ଛାମି

(୧୯) S. Levi, **Indian Antiquary,** Vol. LV, PP. 145-147, 926,

(୨୦) ଉତ୍ରାଧ୍ୟନ ସୂତ୍ର, ୨୧, ୧-୪.

(୨୧) Ptolemy, VII, 1, 15 and 93.

(୨୨) N.K. Sahu, **Utkal University History of Orissa,** Voil. I,P. 353 (1961).

(୨୩) **Epigraphia Indica,** Vol. XX, P-85.

(୨୪) History of Orissa, Vol. I, PP.60-61, Indian Antiquary, Vol.II, P. 36.

(୨୫) A.C. Mittal, **An early History of Orissa,** P. 145.

(୨୬) N.K. Sahu, **Utkal University History of Orissa,** Vol. I, P.145 (1961).

(୨୭) ଆବଶ୍ୟକ ସୂତ୍ର, ପୃ : ୨୧୯ -୨୨୦.

(୨୮) ହରିଭଦ୍ରିୟ ବୃତ୍ତି, (ଆଗମୋଦୟ ସମିତି),ପୃ: ୨୧୮-୨୨୦, JBORS. Vol. III, P. 223.

(୨୯) S.N. Rajguru, **Inscriptions of Orissa,** Vol. I, Part II, PP. 4-6.

(୩୦) Epigraphica Indica, Vol. III, PP. 127 - 130.

(୩୧) A.K. Rath, 'A note on the relation of parsvanatha and Mahavira with Kalinga', **Indian History Congress, proceedings of the 39th session,** P. 140

(Hyderabad, 1978).

(୩୨) Sasikant, **The Hathigumpha Inscription of Kharavela and the Bhabru edict of Ashoka:** Acritical study, PP.62-63, Delhi, 1978.

(୩୩) **JOBRS,** Vol. III, Pt. IV, PP. 425 - 505.

(୩୪) Mrs. Sinclair Stevenson, **The Heart of Jainism,** Chapter VIII.

(୩୫) ହାତୀଗୁମ୍ଫା ଅଭିଲେଖର ୧୪ଶ ଧାଡ଼ି ।

(୩୬) ଡଃ. ନବୀନ କୁମାର ସାହୁ, ଓଡ଼ିଆ ଜାତିର ଇତିହାସ (ପ୍ରାଚୀନ କଳିଙ୍ଗ), ପୃ:୧୧୪ ।

# ଖାରବେଲଙ୍କ ଉ□ାନରେ ଧର୍ମ ସଂଘର୍ଷର ଭୂମିକା

*ଡକ୍ଟର ରବିନାରାୟଣ ଦାଶ*

ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ବହୁ ପ୍ରାଚୀନ କାଳରୁ ଭାରତର ତାହାର ଅସ୍ତିତ୍ୱ ରକ୍ଷା କରି ଆସିଛି । ସାମୟିକ ଉ□ାନ ପତନ ମଧ୍ୟରେ ଏହାର ବିକାଶ ଘଟିଥିଲେ ମଧ୍ୟ ଧର୍ମକୁ ନେଇ ସଂଘର୍ଷର ସୂତ୍ରପାତ ସର୍ବ ପ୍ରଥମେ କେବେ ଓ କିପରି ଭାବରେ ହେଲା, ତାହା ଠିକ୍ ଭାବରେ କୁହାଯାଇ ପାରିବ ନାହିଁ । ତଥାପି ଜୈନ ଧର୍ମର ପ୍ରଚାର ଫଳରେ ତତ୍କାଳୀନ ଓଡ଼ିଶା ବା କଳିଙ୍ଗର ପ୍ରାକୃତିକ ତଥା ବୈଦିକ ଧର୍ମଧାରଣାରେ ନିଶ୍ଚିତ ଭାବରେ ଭାବ ରାଜ୍ୟରେ ସଂଘର୍ଷ ଘଟିଥିବା ମନେହୁଏ । ମାତ୍ର ତାହାର ସ୍ୱରୂପ ଅସ୍ପଷ୍ଟ ଏବଂ ଆଦାନ ପ୍ରଦାନ ଭିତରେ ସେଥିରେ ସମନ୍ୱୟ ଘଟିଥିବା କୁହାଯାଇପାରେ । ବଳି ପ୍ରଥା ଓଡ଼ିଶାର ପ୍ରାଚୀନ ଧର୍ମ ପରମ୍ପରାକୁ ଆଚ୍ଛାଦିତ କରିଥିବା ଅସ୍ୱୀକାର କରାଯାଇ ନପାରେ । କାରଣ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଅଧିକାଂଶ ଆଦିମ ଅଧିବାସୀ ଅଟନ୍ତି । ସେମାନଙ୍କ ଧର୍ମ ବିଶ୍ୱାସ ବଳି ଓ ଉତ୍ସର୍ଗ ପ୍ରଥା ଦ୍ୱାରା ପରିପୁଷ୍ଟ ହୋଇଥିବା ଜଣାଯାଏ । ଏହି ଆଦିବାସୀମାନଙ୍କ ମଧ୍ୟରେ ନର ବଳି ପ୍ରଥା ଏହାର ଚରମ ପରିଣତି ରୂପେ ସ୍ୱୀକୃତ ହୋଇପାରେ । ସମ୍ଭବତଃ ଆର୍ଯ୍ୟ ତଥା ବୈଦିକ ଧର୍ମ ପ୍ରଭାବରେ ଏହି ସାର୍ବଜନୀନ ବଳି ପ୍ରଥାରେ କିଂଚିତ୍ ପରିବର୍ତ୍ତନ ଘଟିଥିଲା । ବୈଦିକ ଉତ୍ସର୍ଗ ପ୍ରଥାର ଅନୁକରଣ ବା ଆହରଣ ଆଦିବାସୀମାନଙ୍କ ଦ୍ୱାରା କେତେକ ପରିମାଣରେ ଗ୍ରହଣ କରାଯାଇଥିଲେ ମଧ୍ୟ ସେମାନଙ୍କ ପାରମ୍ପରିକ ପ୍ରକୃତି ପୂଜା ପଦ୍ଧତିରେ ପରିବର୍ତ୍ତନ ହୋଇ ନଥିଲା । ମାତ୍ର ଜୈନ ଧର୍ମର ପ୍ରଭାବ ସର୍ବ ପ୍ରଥମେ ଏଥିରେ ଅନ୍ତରାୟ ସୃଷ୍ଟି କରିଥିଲା ଏବଂ ଉପକୂଳବର୍ତ୍ତୀ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ଭାବରେ ଅନୁଭୂତ ହୋଇଥିଲା ।

ଜୈନଧର୍ମ ଓଡ଼ିଶାରେ କେବେ ପ୍ରଚାରିତ ହେଲା, ତାହା ନିର୍ଦ୍ଦିଷ୍ଟ ଭାବରେ କୁହାଯାଇପାରିବ ନାହିଁ । ତଥାପି ଋଷଭନାଥଙ୍କ ସମ୍ପର୍କରେ ପୁରାଣମାନଙ୍କରୁ କେତେକ ତଥ୍ୟ ମିଳିଥାଏ । ସେ ଓଡ଼ିଶାର ପ୍ରାଚୀନ ସାଧକମାନଙ୍କ ମଧ୍ୟରେ ଅନ୍ୟତମ ଥିବା 'ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପ' ରୁ ଜଣାଯାଇଥାଏ । ଋଷଭ ଦେବଙ୍କୁ ନିର୍ଦ୍ଦିଷ୍ଟ ଭାବରେ କୌଣସି ଐତିହାସିକ କାଳରେ ଉପସ୍ଥାପିତ  କରାଯାଇପାରି ନାହିଁ । ଜୈନ ଧର୍ମର ମୂଳ ପ୍ରବକ୍ତା ଋଷଭ ଦେବ ଥିବା ଜୈନମାନଙ୍କ ବିବରଣୀରୁ ଜଣାଯାଏ । ଓଡ଼ିଶାର ସାଂସ୍କୃତିକ ଜୀବନରେ ଋଷଭନାଥଙ୍କ ସମ୍ପର୍କ ସହିତ ତାଙ୍କର ମୂର୍ତ୍ତି ଏଠାରେ ପୂଜିତ ହେଉଥିବା ବ୍ୟକ୍ତହୁଏ । କିନ୍ତୁ ତତ୍କାଳୀନ ଓଡ଼ିଶାର ରାଜା, ରାଜତନ୍ତ୍ର ଅଥବା ଲୋକତନ୍ତ୍ର ଆଦି ସମ୍ପର୍କରେ ଆମ୍ଭେମାନେ କୌଣସି ତଥ୍ୟ ଜାଣିପାରି ନାହୁଁ । ତଥାପି ଓଡ଼ିଶାର ଲୋକ ସଂଖ୍ୟାର ତୁଳନାତ୍ମକ ଭାବେ ଅଧିକ ପରିମାଣ ଆଦିବାସୀ ଓ ଅସବର୍ଣ୍ଣ ଥିବା ହେତୁ ସେମାନେ ପ୍ରତ୍ୟକ୍ଷ ଭାବରେ ବ୍ରାହ୍ମଣ୍ୟ ଧର୍ମର ପରିସରଭୁକ୍ତ ହୋଇନଥିବା ମନେହୁଏ । ସେଥିପାଇଁ ସେମାନଙ୍କ ମଧ୍ୟରେ ଋଷଭନାଥଙ୍କ ଜୈନଧର୍ମ ପ୍ରତି ଆକର୍ଷଣ ସୃଷ୍ଟି ହୋଇଥିବା ସ୍ୱାଭାବିକ । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଓଡ଼ିଶାର ଉପକୂଳବର୍ତ୍ତୀ ଅଳ ଅଧିକ ଭାବରେ ନାବିକ, ମତ୍ସ୍ୟଜୀବି ଓ ବସ୍ତ୍ର ଉତ୍ପାଦନକାରୀ ତନ୍ତୀ ତଥା ବଣିକମାନଙ୍କ ଦ୍ୱାରା ଅଧ୍ୟୁଷିତ ହୋଇଥିବାରୁ ସେମାନେ ମଧ୍ୟ ତାଙ୍କ ପ୍ରଚାରରେ ଉଦ୍‌ବୁଧ୍ ହୋଇ ଥିବା ବିଚିତ୍ର ନୁହେଁ । ଗବେଷକମାନେ ଋଗ୍‌ବେଦର ପମ ମଣ୍ଡଳରେ ଋଷଭ ଦେବଙ୍କ ଉଲ୍ଲେଖ ଥିବା ଦର୍ଶାଇବା ସହ ତାଙ୍କୁ ଖ୍ରୀ:ପୂ: ୩୦୦୦ ବର୍ଷରେ ଅବସ୍ଥାପିତ କରିଥାନ୍ତି । ମାତ୍ର ଅନ୍ୟମାନେ ବେଦରେ ଋଷଭଙ୍କ ଉଲ୍ଲେଖକୁ ପ୍ରକ୍ଷିପ୍ତ ରୂପେ ବ୍ୟକ୍ତି କରିଥାନ୍ତି । ସେ ଯାହା ହେଉନା କାହିଁକି, ଋଷଭ ଦେବଙ୍କ ଓଡ଼ିଶା ସହିତ ସମ୍ପର୍କ ତାଙ୍କ ମୂର୍ତ୍ତି ଓଡ଼ିଶାରେ ପୂଜିତ ହେବାରୁ ନିର୍ଣ୍ଣୟ କରାଯାଇପାରେ । ଆଉ ମଧ୍ୟ ଋଷଭ ଦେବଙ୍କ ପ୍ରତୀକ 'ବୃଷଭ ପୂଜା' ଶୈବଧର୍ମ ପ୍ରଭାବରେ ବିସ୍ମୃତ ହୋଇଥିବା ମନେହୁଏ । କେତେକଙ୍କ ମତରେ ଋଷଭ ଦେବଙ୍କ ମୂର୍ତ୍ତି 'କଳିଙ୍ଗ ଜିନ' ଥିଲେ ଏବଂ ନନ୍ଦ ରାଜା ଓଡ଼ିଶା ଜୟ କରିବା ପରେ ତାକୁ ଯୁଦ୍ଧର ବିଜୟ ପ୍ରତୀକ ସ୍ୱରୂପ ମଗଧକୁ ନେଇଯାଇଥିଲେ । ଏ ବିଷୟ ମଧ୍ୟ ବିବାଦୀୟ ଅଟେ । ମାତ୍ର ଏତିକି କୁହାଯାଇପାରେ ଯେ, ଋଷଭଦେବଙ୍କ ମୂର୍ତ୍ତି ପୂଜା ଓଡ଼ିଶାରେ ତାଙ୍କର ପ୍ରତିଷ୍ଠା ହେତୁ ହୋଇଥିଲା ଏବଂ ଲୋକମାନେ ତାଙ୍କୁ ବିଶେଷ ଭକ୍ତି କରିବା ସହ ତାଙ୍କ

ଧର୍ମମତକୁ ଗ୍ରହଣ କରିଥିଲେ ।

ଋଷଭଙ୍କ ପରେ ପାର୍ଶ୍ୱନାଥ ହେଉଛନ୍ତି ଦ୍ୱିତୀୟ ଜୈନ ଧର୍ମଗୁରୁ ବା ତୀର୍ଥଙ୍କର ଯେ କି ଓଡ଼ିଶା ଆସି ଧର୍ମ ପ୍ରଚାର କରିଥିଲେ । ପାର୍ଶ୍ୱନାଥ ବାରାଣସୀର ରାଜା ଅଶ୍ୱସେନଙ୍କ ପୁତ୍ର ଥିଲେ ଏବଂ ସେ କୁଶସ୍ଥଳୀର ରାଜା ପ୍ରସେନଜିତ୍‌ଙ୍କ କନ୍ୟା ପ୍ରଭାବତୀଙ୍କୁ ବିବାହ କରିଥିଲେ । ମାତ୍ର ଏହି ବିବାହକୁ କଳିଙ୍ଗର ରାଜା ଯବନ ବିରୋଧ୍ କରୁଥିଲେ । ସେଥିପାଇଁ ସେ କୁଶସ୍ଥଳୀ ଆକ୍ରମଣ କରି କନ୍ୟା ଲାଭ କରିବାର ଉଦ୍ୟମ କରିଥିଲେ । ମାତ୍ର ପାର୍ଶ୍ୱନାଥ ଅଶ୍ୱସେନଙ୍କୁ ସମସ୍ତ ସାହାଯ୍ୟ ପ୍ରଦାନ କରି ରକ୍ଷା କରିବା ସହ ପ୍ରଭାବତୀଙ୍କୁ ବିବାହ କରିଥିଲେ । ଜୈନ୍ୟଧର୍ମ ପୁସ୍ତକ 'ଜମ୍ବୁଦ୍ୱୀପପନ୍ନଟି' ରୁ ପାର୍ଶ୍ୱନାଥଙ୍କ ଓଡ଼ିଶା କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ମିଳିଥାଏ । ଏଥିରେ ଉଲ୍ଲେଖ କରାଯାଇଛି ଯେ, ଜୈନଧର୍ମର ତେଇଶି ତୀର୍ଥଙ୍କର ପାର୍ଶ୍ୱନାଥ କଳିଙ୍ଗରେ ଚାତୁର୍ଯ୍ୟାମ ବିଧିର ପ୍ରଚାର କରିଥିଲେ (ପରିଚ୍ଛେଦ ୨୦, ପୃ: ୧୦୭) । 'ଜୈନକ୍ଷେତ୍ର ସମାସ' ରେ ଉଲ୍ଲେଖ କରାଯାଇଛି ଯେ ପାର୍ଶ୍ୱନାଥ କୋପକଟକରେ ଜୈନଧର୍ମ ପ୍ରଚାର କରିଥିଲେ ଏବଂ ଜନୈକ ଶିଷ୍ୟ ଧ୍ୟାନଙ୍କ ଗୃହରେ ଉପବାସ ଭଗ୍ନ କରିଥିଲେ । ଏହି କୋପକଟକକୁ କୁପାରୀ ସହ ଚିହ୍ନିତ କରାଯାଏ ଏବଂ ଶୁଭାକରଦେବ ୧ମଙ୍କ ଦ୍ୱାରା ପ୍ରକାଶିତ ନେଉଳପୁର ତାମ୍ରଶାସନରେ ଏହା କୋମ୍ପାରକ ରୂପେ ଚିହ୍ନିତ ହୋଇଥିବା ବ୍ୟକ୍ତ ହୁଏ । କେତେକ କୁପରୀ ନିକଟରେ ଥିବା ଗୁହମାନ ପାର୍ଶ୍ୱନାଥଙ୍କୁ କୁପାରୀ ଆଗମନର ସାକ୍ଷ୍ୟ ବହନ କରୁଥିବା ଜଣାନ୍ତି । ମାତ୍ର ଏହା ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ତଥା ଗବେଷଣା ସାପେକ୍ଷ ମନେହୁଏ । ପାର୍ଶ୍ୱନାଥ ଜୈନ ତୀର୍ଥଙ୍କର ମହାବୀରଙ୍କଠାରୁ ୨୫୦ ବର୍ଷ ପୂର୍ବରୁ ଆବିର୍ଭୁତ ହୋଇଥିବା ପ୍ରକାଶ କରାଯାଏ । ତେଣୁ ଉକ୍ତ ଗଣନା ଅନୁସାରେ ଖ୍ରୀ:ପୂ: ୭୭୭ ଅବ୍ଦରେ ପାର୍ଶ୍ୱନାଥ ତାଙ୍କର କ୍ରିୟାକଳାପ ଚଳାଇଥିବା ସ୍ଥିର କରାଯାଇପାରେ । ଓଡ଼ିଶାରେ ସେ ବିଶେଷ ଭାବରେ ଜୈନଧର୍ମର ପ୍ରଚାର କରିବା ପଛରେ ଦୁଇଟି କାରଣ ରହିଥିବା ଅନୁମାନ କରାଯାଇପାରେ । ପ୍ରଥମତଃ ଓଡ଼ିଶାର ରାଜାଙ୍କ ସହିତ ତାଙ୍କର ଶତ୍ରୁତା ଏବଂ ଦ୍ୱିତୀୟତଃ ଓଡ଼ିଶାରେ ଜୈନଧର୍ମର ପ୍ରସାର ଘଟିନଥିବା ହିଁ ଅନ୍ୟତମ କାରଣ ହୋଇପାରେ । ତେଣୁ ପାର୍ଶ୍ୱନାଥଙ୍କ ଓଡ଼ିଶାରେ ଧର୍ମ ପ୍ରଚାର ଏକ ରାଜନୈତିକ ତଥା ଧର୍ମନୈତିକ ସଂଘର୍ଷର ଆଧାର ଥିଲା । ଏହି ମଧ୍ୟ ଅନ୍ୟ ସୂତ୍ରରୁ ସମର୍ଥିତ ହୋଇଥାଏ ।

ପାର୍ଶ୍ୱନାଥଙ୍କ ସମସାମୟିକ ରାଜା ରୂପେ ଗାନ୍ଧାରର ନଗ୍ନଜିତ, ବିଦେହର ନିମି, ପାଞ୍ଚାଳର ଦ୍ୱିମୁଖ, ବିଦର୍ଭର ଭୀମ, କୁଶସ୍ଥଳୀର ପ୍ରସେନଜିତ୍, ବାରାଣସୀର ଅଶ୍ୱସେନ ଓ ଚମ୍ପାର ଦଧିବାହନ ବା ଦଧିଭାବନ ରାଜ୍ୟ ଶାସନ କରୁଥିଲେ । ଖୁବ୍ ସମ୍ଭବ କଳିଙ୍ଗର ରାଜା ଯବନ ଜୈନ ଧର୍ମାବଲମ୍ବୀ ନଥିଲେ । ତେଣୁ ଉପର୍ଯ୍ୟୁକ୍ତ ଜୈନ ରାଜାମାନଙ୍କ ସାହାଯ୍ୟରେ କଳିଙ୍ଗର ରାଜାଙ୍କୁ ଗାଦିଚ୍ୟୁତ କରାଯାଇଥିଲା । ଏହାର ଉଦାହରଣ ରୂପେ 'କରକଣ୍ଡୁ ଚରିତ' ର ସୂଚନା ଦିଆଯାଇପାରେ । କରକଣ୍ଡୁ ଚରିୟା ରେ ଉଲ୍ଲେଖ ଅଛି ଯେ, ସେ ଚମ୍ପାର ରାଜା ଥିଲେ ଏବଂ ପାର୍ଶ୍ୱନାଥଙ୍କର ଶିଷ୍ୟ ଥିଲେ । ମାତ୍ର 'ଅଭିଧାନ ରାଜେନ୍ଦ୍ର' ରୁ ଜଣାଯାଏ ଯେ, କରକଣ୍ଡୁ କଳିଙ୍ଗର ରାଜା ଥିଲେ ଏବଂ ତାଙ୍କର ମହିଷୀ ଥିଲେ ପଦ୍ମାବତୀ । ଏହି ପାର୍ଶ୍ୱନାଥଙ୍କ ଶିଷ୍ୟ କରକଣ୍ଡୁ ଚମ୍ପାର ରାଜାରୁ କଳିଙ୍ଗର ରାଜା ହେବା ମଧ୍ୟରେ କଳିଙ୍ଗ ତାଙ୍କ ଦ୍ୱାରା ବିଜିତ ହୋଇଥିବା ସ୍ଥିର କରାଯାଇପାରେ । ଏହାପରେ ପାର୍ଶ୍ୱନାଥଙ୍କ ଉଦ୍ୟମରେ ଓଡ଼ିଶାରେ ଜୈନଧର୍ମର ଦ୍ରୁତ ପ୍ରସାର ହେବା ସହିତ କରକଣ୍ଡୁଙ୍କ ଦ୍ୱାରା ରାଷ୍ଟ୍ରଧର୍ମ ରୂପେ ତାହା ଗୃହୀତ ହୋଇଥିବା ସମ୍ଭବ । ମନେହୁଏ, କଳିଙ୍ଗରେ ଋଷଭନଥଙ୍କ ଦ୍ୱାରା ପ୍ରଚାରିତ ଜୈନଧର୍ମ ଦୁର୍ବଳ ହୋଇଯିବ ପରେ ଏବଂ ଯବନ ଏହାର ରାଜା ହେବା ପରେ ଅନ୍ୟ ଧର୍ମ, ସମ୍ଭବତଃ ବ୍ରାହ୍ମଣ୍ୟ ଧର୍ମ ବା ଆଦିମ ଅଧିବାସୀଙ୍କ ଦ୍ୱାରା ଅନୁସୃତ ପ୍ରକୃତି ଧର୍ମର ପୁନରୁଦ୍ଧାର କରିଥିଲେ । ତାଙ୍କ ଅଧୀନରେ କଳିଙ୍ଗ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ସେଥିପାଇଁ ସେ ସାହସର ସହିତ କୁଶସ୍ଥଳୀ ଆକ୍ରମଣ କରିଥିଲେ ଏବଂ କୁଶସ୍ଥଳୀର ରାଜା ପ୍ରସେନଜିତ ତାଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ବାରାଣସୀର ରାଜା ଅଶ୍ୱସେନଙ୍କ ଶରଣାପନ୍ନ ହୋଇଥିଲେ । ଅଶ୍ୱସେନ ତାଙ୍କୁ ସାହଯ୍ୟ କରିବା ନମନ୍ତେ ପାର୍ଶ୍ୱନାଥଙ୍କୁ ପ୍ରେରଣ କରିଥିଲେ । ଏହା ଫଳରେ ବାରାଣସୀ ଓ କୁଶସ୍ଥଳୀ ମଧ୍ୟରେ ବୈବାହିକ ସମ୍ପର୍କ ଜନିତ ବନ୍ଧୁତାର ସୂତ୍ରପାତ ହୋଇଥିଲା । ପରେ ସମ୍ଭବତଃ କଳିଙ୍ଗର ରାଜଶକ୍ତିକୁ ଖର୍ବ କରିବା

ପାଇଁ ଜୈନଧର୍ମକୁ ରାଜଧର୍ମ ରୂପେ ଗ୍ରହଣ କରିଥିବା ଅଥବା ତାକୁ ପ୍ରୋତ୍ସାହନ ଦେଉଥିବା ଗାନ୍ଧାର, ବିଦେହ, ପାଞ୍ଚାଳ, ଅଯୋଧ୍ୟା (ପାର୍ଶ୍ୱନାଥଙ୍କ ମାତାଙ୍କ ବଂଶର ରାଜ୍ୟ), ବିଦର୍ଭ, କୁଶସ୍ଥଳୀ, ବାରାଣସୀ, ଚମ୍ପା ଓ ଚେତ ରାଜ୍ୟ ଏକତ୍ରିତ ହୋଇଥିଲେ । ଏଥି ନିମନ୍ତେ ପାର୍ଶ୍ୱନାଥ ସମ୍ଭବତଃ ଚମ୍ପାର ରାଜା କରକଣ୍ଡୁଙ୍କୁ ଜୈନଧର୍ମରେ ଦୀକ୍ଷିତ କରିବା ସହ ଲିଚ୍ଛାବୀ ଅଧିବାସୀଙ୍କ ରାଜ୍ୟ ବା ଚେତରାଜ୍ୟର ରାଜା ଚେତକଙ୍କ କନ୍ୟା ପଦ୍ମାବତୀଙ୍କୁ ତାଙ୍କ ସହିତ ବିବାହ ଦେବାରେ ସାହାଯ୍ୟ କରିଥିଲେ । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ କଳିଙ୍ଗ ଯୁଦ୍ଧରେ ଖୁବ ସମ୍ଭବ ଯବନ ନିହତ ହୋଇଥିଲେ ଏବଂ ଏହି ଯୁଦ୍ଧରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କରକଣ୍ଡୁ କଳିଙ୍ଗ ଅଧିକାର କରି ଦଣ୍ଡପୁରଠାରୁ ରାଜ୍ୟ ଶାସନ କରିଥିଲେ । (ଅଭିଧାନ ରାଜେନ୍ଦ୍ର ଓ Dictionary of Pali proper names by G.P. Malalasekhara) ଜୈନଗ୍ରନ୍ଥ 'ଉତ୍ରାଧ୍ୟାୟନ ସୂତ୍ର' ରୁ ଜଣାଯାଏ ଯେ କରକଣ୍ଡୁ ପାର୍ଶ୍ୱନାଥଙ୍କ ଶିଷ୍ୟ ଥିଲେ । (ପରିଚ୍ଛେଦ ୮, ଶ୍ଲୋକ ୪୫-୪୭) । କୁମ୍ଭକାର ଜାତକରୁ ରାଜା କରକଣ୍ଡୁଙ୍କ ସମ୍ପର୍କରେ ସୂଚନା ମିଳିଥାଏ । ପାର୍ଶ୍ୱନାଥଙ୍କ ସମୟ ଖ୍ରୀ:ପୂ: ୮ମ ଶତାବ୍ଦୀ ରୂପେ ଏସ୍.ଷ୍ଟିଭେନ୍‌ସନ ନିର୍ଣ୍ଣୟ କରିଥାନ୍ତି । (The Heart of Jainism, by S. Stevenson, P-48) । କରକଣ୍ଡୁ ପାର୍ଶ୍ୱନାଥଙ୍କ ଶିଷ୍ୟ ଥିବା ହେତୁ ତାଙ୍କୁ ଖ୍ରୀ:ପୂ: ୮ମ ଶତାବ୍ଦୀର ଶେଷାର୍ଦ୍ଧରେ ଅଥବା ଏହାର ଅବ୍ୟବହିତ ପୂର୍ବରୁ ଅବସ୍ଥାପିତ କରାଯିବା ଉଚିତ ହେବ; କାରଣ ପାର୍ଶ୍ୱନାଥଙ୍କୁ କେତେକ ଖ୍ରୀ:ପୂ: ୮୨୦ ରୁ ୭୫୦ ମସିହା ମଧ୍ୟରେ ଅବସ୍ଥାପିତ କରିଥାନ୍ତି । ତେଣୁ ଏହି ସମୟରେ ପାର୍ଶ୍ୱନାଥ ଓଡ଼ିଶାରେ ଧର୍ମ ପ୍ରଚାର କରିଥିବା ସମ୍ଭବ; ଅନ୍ୟଥା ଏକ ଶତ୍ରୁ ରାଜ୍ୟର ରଜା ଜୀବିତ ଥିବା ଅବସ୍ଥାରେ ପାର୍ଶ୍ୱନାଥ ଓଡ଼ିଶାରେ ସ୍ୱଚ୍ଛନ୍ଦ ଭାବରେ ଧର୍ମ ପ୍ରଚାର କରିଥିବା ବିଶ୍ୱାସ ଯୋଗ୍ୟ ନୁହେଁ । ପାର୍ଶ୍ୱନାଥ କଳିଙ୍ଗର ବ୍ୟାପକ ଧର୍ମ ପ୍ରଚାର କରିଥିବା ହେତୁ ଏଥି ପୂର୍ବରୁ କଳିଙ୍ଗରେ ରାଜଧର୍ମ ଜୈନ ଧର୍ମ ନଥିବା ମନେହୁଏ । ସେଥିପାଇଁ ପାର୍ଶ୍ୱନାଥଙ୍କ ଧର୍ମପ୍ରଚାରର ପୃଷ୍ଠଭୂମିରେ ଯୁଦ୍ଧ ଓ ଭାବଗତ ସଂଘର୍ଷ ନିହିତ ଥିବା ସ୍ଥିର କରାଯାଇପାରେ । ପାର୍ଶ୍ୱନାଥ ଓଡ଼ିଶାରେ ଜୈନ ଧର୍ମ ପ୍ରଚାରରେ ସଫଳ ହୋଇଥିବା ତାଙ୍କ ପ୍ରତିମୂର୍ତ୍ତି ପୂଜାରୁ ସ୍ପଷ୍ଟ ହୁଏ । କାରଣ ମହେନ୍ଦ୍ର ପର୍ବତରେ ସହସ୍ର ଫଣାଯୁକ୍ତ ସର୍ପ ଆଚ୍ଛାଦିତ ପାର୍ଶ୍ୱନାଥ ମୂର୍ତ୍ତି ଏବଂ ଖଣ୍ଡଗିରିର ଅନନ୍ତ ଗୁମ୍ଫାରେ ଥିବା ସର୍ପଛତ୍ର ଶୋଭିତ ପାର୍ଶ୍ୱନାଥ ମୂର୍ତ୍ତି ଏହି ସିଦ୍ଧାନ୍ତକୁ ସମର୍ଥନ କରିଥାଏ । ଆଉ ମଧ୍ୟ ଏଥିରୁ ଅନୁମିତ ହୋଇପାରେ ଯେ, ପାର୍ଶ୍ୱନାଥ ନିଜ ଧର୍ମ ପ୍ରଚାରରେ ନାଗମାନଙ୍କ ସହାୟତା ଲାଭ କରିଥିଲେ । ଏହାସତ୍ତ୍ୱେ ତାଙ୍କ ଧର୍ମ ପ୍ରଚାର ଉପକୂଳବର୍ତ୍ତୀ ଅଳରେ ସଫଳ ହୋଇଥିଲା, ମାତ୍ର ଆଦିବାସୀ ପ୍ରାଧାନ୍ୟ ରହିଥିବା ଉତ୍ତର ଓ ପଶ୍ଚିମାଳରେ ତାଙ୍କ ପ୍ରଭାବ ସମ୍ପର୍କରେ କୌଣସି ଉଲ୍ଲେଖଯୋଗ୍ୟ ସାକ୍ଷ୍ୟ ମିଳିନାହିଁ । ତଥାପି ପାର୍ଶ୍ୱନାଥଙ୍କ ଉପର୍ଯ୍ୟୁକ୍ତ ମୂର୍ତ୍ତିମାନ କରକଣ୍ଡୁଙ୍କ ରାଜତ୍ୱ କାଳରେ ଅଥବା ଖାରବେଳଙ୍କ ରାଜ୍ୟ ଶାସନ କାଳରେ ଗଠିତ ବା ଖୋଦିତ ହୋଇଥିଲା, ତାହା ଠିକ୍ ଭାବରେ କୁହାଯାଇପାରିବ ନାହିଁ; ଯଦିଓ ଖାରବେଳଙ୍କ ସମୟରେ ଏହା ହୋଇଥିବା ମନେ ହୁଏ ।

ପାର୍ଶ୍ୱନାଥଙ୍କ ପରେ ଜୈନ ଧର୍ମର ୨୪ତମ ବା ଶେଷ ତୀର୍ଥଙ୍କର ମହାବୀର ଜୈନ ଧର୍ମ ପ୍ରଚାର ନିମନ୍ତେ ଓଡ଼ିଶା ଆସିଥିଲେ । ସେ ଭୁବନେଶ୍ୱରର କୁମାରୀ ପର୍ବତ (ଉଦୟଗିରି ପାହାଡ଼)ରୁ ଧର୍ମ ପ୍ରଚାର କରିଥିବା ସୂଚୀତ ହୁଏ । ହରିବଂଶ ପୁରଣରୁ ସୂଚନା ମିଳେ ଯେ, ସେ ଜୈନ ଧର୍ମର 'ପଯାମ ତତ୍ତ୍ୱ' ପ୍ରଚାର କରିଥିଲେ । ମହାବୀରଙ୍କ ପିତା କଳିଙ୍ଗ ରାଜାଙ୍କ ବନ୍ଧୁ ଥିଲେ । (J.B.O.R.S, Vol-2nd, P-223; ହରିଭଦ୍ରିୟ ବୃତ୍ତି ଆଗେମୋଦୟ ସଂଜତି, ପୃଷ୍ଠା-୨୧୮-୨୦) । ମହାବୀର କଳିଙ୍ଗ ଆସି ତୋଷାଳୀରେ ପହଞ୍ଚିଲେ । ଏହା ଜୈନଗ୍ରନ୍ଥ 'ଆବଶ୍ୟକ ସୂତ୍ର' ରୁ ଜଣାଯାଇଥାଏ (ଆବଶ୍ୟକ ସୂତ୍ର, ପୃଷ୍ଠା-୨୧୯-୨୦) । ଜୈନଧର୍ମର ଗ୍ରନ୍ଥ 'ନ୍ୟାୟଧମ୍ମକହା' ରୁ ଜଣାଯାଏ ଯେ, ସେ ଜଣେ ଦସ୍ୟୁ ରୂପେ ଲୋକମାନଙ୍କ ସନ୍ଦେହର ପରିସରକୁ ଆସିଥିଲେ । ମାତ୍ର ତୋଷାଳୀର କ୍ଷତ୍ରୀୟମାନଙ୍କ ହସ୍ତକ୍ଷେପ ଫଳରେ ରକ୍ଷା ପାଇଥିଲେ (ପରିଚ୍ଛେଦ - ୧୭, ପୃଷ୍ଠା -୨୧୦) । ଏଥିରୁ ଏତିକି ମାତ୍ର ଜଣାଯାଏ ଯେ, ସେତେବେଳେ ତୋଷାଳୀରେ ଜୈନଧର୍ମର ବିଶେଷ ପ୍ରସାର ଘଟିନଥିଲା । ଖୁବ୍ ସମ୍ଭବ ଏହାପରେ ସେ କୁମାରୀ ପର୍ବତରୁ ଜୈନ ଧର୍ମ ପ୍ରଚାର କରିଥିଲେ । ତୋଷାଳୀରେ ପହଞ୍ଚିବା ପୂର୍ବରୁ ସେ ବାଲୁୟଗାମ, ସୁଭୋମ. ମୁଚ୍ଛେତା, ମଳୟ ଓ ହ□ଶୀଷ ଆଦି ସ୍ଥାନମାନଙ୍କରୁ ଧର୍ମ

ପ୍ରଚାର ପାଇଁ ଉଦ୍ୟମ କରିଥିଲେ । ମାତ୍ର ତାଙ୍କୁ ସେହି ସ୍ଥାନମାନଙ୍କରେ ଅକଥନୀୟ ଶାରୀରିକ ଯନ୍ତ୍ରଣା ଭୋଗ କରିବାକୁ ହୋଇଥିଲା । ଏହାର କାରଣ, ସମ୍ଭବତଃ ଏହି ଅଳମାନଙ୍କରେ ଜୈନ ଧର୍ମର ଅସ୍ତିତ୍ୱ ନଥିଲା ଏବଂ ସେଠାରେ ଶାସକମାନେ ଜୈନ ବିରୋଧୀ ଥିଲେ । ସେହିପରି ତୋଷାଳି ମଧ୍ୟ ଜୈନ କେନ୍ଦ୍ର ନଥିଲା । ଆଉ ମଧ୍ୟ ଏହି ସ୍ଥାନଗୁଡ଼ିକ କୋଶଳ ରାଜ୍ୟ ଅନ୍ତର୍ଗତ ଥିଲା (Lord Mahavir and his times, by K.C. Jain, P-54) । କେତେକ, ଏହି ସ୍ଥାନମାନଙ୍କ ମଧ୍ୟରୁ 'ଶୁଭୋମ୍' କୁ ସୋନପୁର ଓ 'ମଳୟ' କୁ ପାଲଲହଡ଼ାସ୍ଥିତ ମଳୟଗିରି ବା ମାଲ୍ୟଗିରି ସହିତ ଚିହ୍ନିତ କରିଥାନ୍ତି । ଏହାର କାରଣ ସ୍ୱରୂପ ସେମାନେ ଏହି ସ୍ଥାନମାନଙ୍କରୁ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଗୁରୁତ୍ୱଲାଭ କରିଥିବା କେତେକ ପ୍ରାଚୀନ ଜୈନ ଅବଶେଷର ଉପଲବ୍ଧି ବିଷୟ ସୂଚାଇଥାନ୍ତି (ସାହୁ, Utkal University History of Orissa, Vol-1, P-140, Studies on some aspects of the history and culture of Orissa, by A.K. Rath, P-19) । ତୋଷାଳି ଠାରୁ ମହାବୀର ମୋଷଳୀକୁ ଯାଇଥିଲେ ଏବଂ ସେଠାରେ ତାଙ୍କୁ ଡକାୟତ ବୋଲି ସନ୍ଦେହ କରାଯାଇଥିଲା । ମୋଷଳୀକୁ କେତେକ ଟଲେମୀଙ୍କ ବର୍ଣ୍ଣିତ ମୈଷୋଲୋ ବା ଗଂଜାମଠାରୁ ଗୋଦାବରୀ ନଦୀ ମଧ୍ୟବର୍ତ୍ତୀ ଅଳ ରୂପେ ସୂଚାଇଥାନ୍ତି । ମାତ୍ର ସେ ସେଥିରୁ ଉଦ୍ଧାର ପାଇଥିଲେ । ଏହା ମଧ୍ୟ ସ୍ପଷ୍ଟ ଭାବରେ ପ୍ରମାଣ କରିଥାଏ ଯେ, କଳିଙ୍ଗରେ ମହାବୀରଙ୍କ ଆବିର୍ଭାବ ବେଳକୁ ଜୈନ ଧର୍ମର ଅବକ୍ଷୟ ଘଟିଥିଲା ଏବଂ ମହାବୀର ତାହାର ପୁନରୁଦ୍ଧାର କରିବା ନିମନ୍ତେ ଅଶେଷ କ୍ଳେଶ ଭୋଗ କରିଥିଲେ । ଖୁବ୍ ସମ୍ଭବ ପାର୍ଶ୍ୱନାଥ ଓ କରକଣ୍ଡୁଙ୍କ ପରେ କଳିଙ୍ଗରେ ଜୈନ ଧର୍ମର ବଲୋପ ଘଟିଥିଲା । ଏହି ପରିବର୍ତ୍ତନ ସହିତ କଳିଙ୍ଗର ରାଜଧାନୀ ଦଣ୍ଡପୁର ଠାରୁ ତୋଷଳୀକୁ ପରିବର୍ତ୍ତିତ ହୋଇଥିଲା । ଏତେବେଳକୁ ବୌଦ୍ଧ ଧର୍ମର ଆବିର୍ଭାବ ହୋଇନଥିବାରୁ ବ୍ରାହ୍ମଣ୍ୟ ଧର୍ମ ଅଥବା ଆଦିବାସୀମାନଙ୍କ ଦ୍ୱାରା ଅନୁସୃତ ପ୍ରାକୃତିକ ଧର୍ମର ପ୍ରସାର ଘଟିଥିଲା ।

'ଉତ୍ରାଧ୍ୟାୟନ ସୂତ୍ର' ରୁ ଜଣାଯାଏ ଯେ ପିହୁଣ୍ଡ ବନ୍ଦର କଳିଙ୍ଗର ଏକ ପ୍ରସିଦ୍ଧ ଜୈନ କେନ୍ଦ୍ର ଥିଲା । ପିହୁଣ୍ଡକୁ କେତେକ ହାତୀଗୁମ୍ଫା ଶିଳାଲେଖ ବର୍ଣ୍ଣିତ ପିଥୁଣ୍ଡ ସହିତ ତୁଳନା କରି ତାହାକୁ ମୈଷୋଲଇ ରାଜ୍ୟର ଶ୍ରିକାକୁଲମ ଓ କଳିଙ୍ଗ ପତ୍ନ ନିକଟବର୍ତ୍ତୀ ଅଳରେ ଥିବା ସ୍ଥିର କରନ୍ତି (Levi, I.A., Vol-LV, 1926, P-14, Sahu, U.U.H.O, Vol-I, P-87) । ଜୈନ ଗ୍ରନ୍ଥ 'ଭଗବତୀ ସୂତ୍ର' ରୁ ଜଣାଯାଏ, ମହାବୀର କୂର୍ମ ଗ୍ରାମ ଓ ସିଦ୍ଧାର୍ଥ ଗ୍ରାମ ଦ୍ୱୟ ତାଙ୍କ ଶିଷ୍ୟ ଗୋଶାଳଙ୍କ ସହ ଯାଇ ଜୈନ ଧର୍ମ ପ୍ରଚାର କରିଥିଲେ । ମାତ୍ର ସେଠାରୁ ଗୋଶାଳ ତାଙ୍କଠାରୁ ପୃଥକ ହୋଇଯାଇଥିଲେ (Mahavir and his times, By K.C. Jain, P-47) । କୂର୍ମ ଗ୍ରାମକୁ ଶ୍ରୀକୂର୍ମ୍ମମ ସହିତ ଓ ସିଦ୍ଧାର୍ଥ ଗ୍ରାମକୁ ଶ୍ରୀକୂର୍ମ୍ମମ ନିକଟବର୍ତ୍ତୀ ସିଦ୍ଧାନ୍ତମ ସହିତ କେତେକ ଚିହ୍ନିତ କରିଥାନ୍ତି । ସିଦ୍ଧାନ୍ତମ୍ ଗ୍ରାମ ସିଦ୍ଧାର୍ଥ ଗ୍ରାମର ଅପଭ୍ରଂଶ ତଥା ମହାବୀରଙ୍କ ପିତାଙ୍କ ନାମାନୁସାରେ ନାମିତ ଥିବା ସେମାନେ ଦର୍ଶାଇଥାନ୍ତି । 'ହରିଭଦ୍ରିୟ ବୃତ୍ତି' ରେ ପଦତ୍ ତଥ୍ୟ ଅନୁସାରେ ସିଦ୍ଧାର୍ଥ କଳିଙ୍ଗ ରାଜାଙ୍କ ବନ୍ଧୁ ଥିଲେ । କୂର୍ମ ଓ ସିଦ୍ଧାର୍ଥ ଗ୍ରାମମାନଙ୍କ ନିକଟରେ ଥିବା ଏକ ବର୍ଦ୍ଧମାନ ପୁରନଗର ପରବର୍ତ୍ତୀ କାଳୀନ ଅଭିଲେଖରୁ ଉପଲବ୍ଧ ହୋଇଥାଏ । (Tekkali grant of Umavarman, I.O. Vol-I Pt.ii, P.4-6) । ଏହି ନଗର ମହାବୀରଙ୍କ ନାମାନୁସାରେ ନାମିତ ହୋଇଥିବା କେହି କେହି ମତ ଦିଅନ୍ତି । କଳିଙ୍ଗ ରାଜ୍ୟର ବିଭିନ୍ନ ଗ୍ରାମ ଓ ନଗରରେ ମହାବୀରଙ୍କ ସମ୍ପର୍କରୁ ସ୍ଥିର କରାଯାଇପାରେ ଯେ ମହାବୀର କଳିଙ୍ଗରେ ଜୈନ ଧର୍ମ ପ୍ରଚାର ଉପରେ ଅଧିକ ଗୁରୁତ୍ୱ ଅର୍ପଣ କରିଥିଲେ ଏବଂ ଏହାର କାରଣ ଥିଲା କଳିଙ୍ଗରୁ ଲୁପ୍ତପ୍ରାୟ ଜୈନଧର୍ମର ପୁନଃ ସଂସ୍ଥାପନ ।

ମହାବୀର (ଖ୍ରୀ:ପୂ: ୫୨୭-୪୫୫ ମସିହା) ବୈଶାଳୀରେ ଜନ୍ମ ହୋଇଥିଲେ ଏବଂ ତାଙ୍କ ମାତା ତ୍ରିଶଳା ମଧ୍ୟ ବୈଶାଳୀର ବିଖ୍ୟାତ ରାଜା ଚେତକଙ୍କ ଭଗିନୀ ଥିଲେ । ସେ ବିଦେହ ରାଜ୍ୟର ଅଧିବାସୀ ଥିବା ହେତୁ 'ବିଦେହ ଜିନ୍ନ' ରୂପେ ମଧ୍ୟ ପରିଚିତ ଥିଲେ । ତାଙ୍କର ଚମ୍ପା, ବୈଶାଳୀ, ରାଜଗୃହ, ମିଥିଳା ଓ ଶ୍ରାବସ୍ତୀ ରାଜ୍ୟମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ଥିଲା । ଏହା ବ୍ୟତୀତ ଲିଚ୍ଛାବୀ ଓ ମଲ୍ଲ ଜନତନ୍ତ୍ର ତାଙ୍କ ନିର୍ବାଣ କାଳରେ ଆଲୋକସଜ୍ଜା କରିଥିବା ହେତୁ ସେମାନଙ୍କ

ଉପରେ ମହାବୀରଙ୍କର ଅଖଣ୍ଡ ପ୍ରଭାବ ପଡ଼ିଥିବା ମନେହୁଏ । ମହାବୀର ବୁଦ୍ଧଙ୍କ ପୂର୍ବରୁ ମୃତ୍ୟୁବରଣ କରିଥିଲେ ମଧ ପ୍ରାୟ ତାଙ୍କ ସମସାମୟିକ ଥିଲେ । ମହାବୀରଙ୍କ ସହ ଘନିଷ୍ଠ ସମ୍ପର୍କ ରଖିଥିବା ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ମଗଧ, କୋଶଳ, ଅଙ୍ଗ ଓ ବିଦେହ ଆଦି ଅନ୍ତର୍ଭୁକ୍ତ ଥିଲା । ମହାବୀର ମଗଧରାଜ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମସାମୟିକ ଥିବା ମନେହୁଏ । ସେ ଯଦିଓ ପାର୍ଶ୍ୱନାଥଙ୍କ ଦ୍ୱାରା ବିସ୍ତାର କରାଯାଇଥିବା ରାଜ୍ୟମାନଙ୍କରେ ଜୈନ ଧର୍ମ ପ୍ରଚାର କରି ସେହି ଧର୍ମର ପୁନରୁଦ୍ଧାର କରିଥିଲେ; ତଥାପି ସେ ଯୁଦ୍ଧର ସହାୟତା ନକରି କଠୋର ଅଧ୍ୟବସାୟ ତଥା ପ୍ରଚେଷ୍ଟା ବଳରେ ଏହା କରିବାକୁ ଉଦ୍ୟମ କରିଥିଲେ । ତାଙ୍କ ଦ୍ୱାରା କଳିଙ୍ଗରେ ଜୈନ ଧର୍ମ ଦୃଢ଼ ଭିତିରେ ପ୍ରତିଷ୍ଠିତ ହୋଇଥିଲା । ଏହାସତ୍ତ୍ୱେ ପାର୍ଶ୍ୱନାଥଙ୍କ ପରଠାରୁ ମହାବୀରଙ୍କ ଆବିର୍ଭାବ ମଧ୍ୟରେ କଳିଙ୍ଗ ତଥା ଓଡ଼ିଶାରୁ ଜୈନ ଧର୍ମର ଅବକ୍ଷୟ ଓ ଦଣ୍ଡପୁର ଠାରୁ ତୋଷଳୀକୁ ରାଜଧାନୀର ଆନୟନ ପଛରେ ରହିଥିବା କାରଣ ଅସ୍ପଷ୍ଟ । ଏହା ପଛରେ ଧର୍ମ ସଂଘର୍ଷ ଓ ରାଜନୈତିକ ଉ□ାନପତନ ରହିଥିବା ମନେହୁଏ ।

ଖାରବେଳଙ୍କ ଶିଳାଲିପିରୁ ଜଣାଯାଏ ଯେ, ନନ୍ଦରାଜ କଳିଙ୍ଗରୁ ବିଜୟ ଉପଢୌକନ ରୂପେ କଳିଙ୍ଗ ଜିନ୍‌ଙ୍କୁ ମଗଧକୁ ନେଇ ଯାଇଥିଲେ । ମାତ୍ର ନନ୍ଦରାଜାମାନେ ଜୈନ ଥିବାର କୌଣସି ସୂଚନା ମିଳେ ନାହିଁ । ଅନ୍ୟ ପକ୍ଷରେ ଜୈନପଦସ୍ଥ କର୍ମଚାରୀମାନେ ନନ୍ଦରାଜତ୍ୱର ବିଲୋପ ଘଟାଇବା ନିମନ୍ତେ ଚାଣକ୍ୟଙ୍କୁ ସାହାଯ୍ୟ କରିଥିବା ସୂଚିତ ହୁଏ । ତେଣୁ ନନ୍ଦରାଜା, ସମ୍ଭବତଃ ମହାପଦ୍ମନନ୍ଦ ଓଡ଼ିଶା ଜୟ କରିବା ପରେ ଏଠାରୁ ଜୈନ ପ୍ରଭାବ ହ୍ରାସ କରିବା ନିମନ୍ତେ ଉଦ୍ୟମ କରିଥିଲେ । ତାଙ୍କ ଦ୍ୱାରା କଳିଙ୍ଗ ଜିନ୍ ମୂର୍ତି ମଗଧକୁ ନିଆଯାଇଥିଲା । ଏ ସମ୍ପର୍କୀୟ ହାତୀଗୁମ୍ଫା ଅଭିଲେଖ ବର୍ଣ୍ଣନାରୁ ଏହା ସମର୍ଥିତ ହୋଇଥାଏ । ଏହାସତ୍ତ୍ୱେ ଓଡ଼ିଶାର ରାଷ୍ଟ୍ର ଦେବତା ରୂପେ କଳିଙ୍ଗ ଜିନ ପ୍ରତିଷ୍ଠିତ ହୋଇଥିବାରୁ ଜୈନଧର୍ମ ରାଜକୀୟ ପ୍ରୋତ୍ସାହନ ପାଇଥିବା ନିରୂପିତ ହୋଇପାରେ । ସେଥିପାଇଁ ନନ୍ଦରାଜ ଏହାକୁ ବଳପୂର୍ବକ ଅପହରଣ କରିନେବା ଉଚିତ ମନେକରିଥିଲେ । ସେ ସମୟରେ ଓଡ଼ିଶାର ରାଜା କିଏ ଥିଲେ ଏବଂ ନନ୍ଦରାଜାଙ୍କ ସହିତ ତାଙ୍କ ଶତ୍ରୁତାର କାରଣ କଣ, ତାହାର ଆକଳନ ଅସମାହିତ ରହିଛି । ଏହା ନନ୍ଦରାଜଙ୍କ ଦ୍ୱାରା ଦିଗବିଜୟ ଅଥବା ଧର୍ମ ସଂଘର୍ଷର ଉଦ୍ୟମ, ତାହା କୁହାଯାଇପାରିବ ନାହିଁ । ତଥାପି ଏହାକୁ ଧର୍ମଯୁଦ୍ଧ ଆଖ୍ୟା ଦିଆଯାଇପାରେ । କାରଣ ଜୈନମାନେ ନନ୍ଦମାନଙ୍କ ଧ୍ୱଂସରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଏହା ପ୍ରମାଣିତ ହୁଏ । ଖୁବ୍ ସମ୍ଭବ, କଳିଙ୍ଗରୁ ଜୈନ ମୂର୍ତି ଅପସାରଣ ସହିତ ଏକ ଜୈନ ରାଜ୍ୟର ଧ୍ୱଂସ ସାଧନକୁ ନନ୍ଦ ରାଜ୍ୟର ଜୈନ ରାଜକର୍ମଚାରୀ ମାନେ ପସନ୍ଦ କରି ନଥିଲେ । ନନ୍ଦମାନେ ଖ୍ରୀ:ପୂ: ୩୪୪ ରୁ ୩୨୪ ମସିହା ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିବାରୁ ଏହି ସମୟ ମଧ୍ୟରେ ଅଥବା ପ୍ରାୟ ଖ୍ରୀ:ପୂ: ୩୪୦ ମସିହା ବେଳକୁ ଓଡ଼ିଶା ଅଧିକାର କରି ଜୈନ ଧର୍ମର ପ୍ରଭୂତ କ୍ଷତି ଘଟାଇଥିଲେ । ଏହି ସମୟ ପରଠାରୁ ଖ୍ରୀ:ପୂ: ୨୬୧ ମସିହାରେ ଅଶୋକ କଳିଙ୍ଗ ଯୁଦ୍ଧରେ ବିଜୟୀ ହେବାଯାଏଁ, ଓଡ଼ିଶାରେ ଧର୍ମର କି ପ୍ରକାର ଗତି ହୋଇଥିଲା ତାହା ଅଜ୍ଞାତ ରହିଛି । ବୋଧହୁଏ, ଏହି ସମୟରେ ଜୈନଧର୍ମ ଲୋକମାନଙ୍କ ମଧ୍ୟରେ ଅଧିକ ଆଦୃତ ଥିଲେ ମଧ୍ୟ ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମର ପ୍ରବକ୍ତାମାନେ ସ୍ୱ ସ୍ୱ ଧର୍ମର ପରିଧି ବିସ୍ତାର କରିବା ପାଇଁ ଉଦ୍ୟମ କରୁଥିଲେ । ଅଶୋକଙ୍କ କଳିଙ୍ଗ ଆକ୍ରମଣ ପର୍ଯ୍ୟନ୍ତ ଏହି ଅବସ୍ଥା କଳିଙ୍ଗର ଜନ ଜୀବନକୁ ପ୍ରଭାବିତ କରିଥିଲା ।

ଅଶୋକ ଖ୍ରୀ:ପୂ: ୨୬୧ରେ କଳିଙ୍ଗ ଆକ୍ରମଣ କରିବା ପରେ ଓଡ଼ିଶାର ଧର୍ମ ଜୀବନରେ ବ୍ୟାପକ ପରିବର୍ତ୍ତନ ଘଟିଥିଲା । ତାଙ୍କ ପ୍ରୋତ୍ସାହନରେ ବୌଦ୍ଧ ଧର୍ମର ବ୍ୟାପକ ପ୍ରଚାର ଘଟିଥିଲା । ମାତ୍ର ଚନ୍ଦ୍ରଗୁପ୍ତ (ମୌର୍ଯ୍ୟ) ନିଜେ ଜୈନ ଥିବା ହେତୁ ସମ୍ଭବତଃ ଜୈନ ପ୍ରତିମା କଳିଙ୍ଗ ଜିନଙ୍କ ଦୁଃଖଦ ଅପହରଣ ପରେ କଳିଙ୍ଗ ଆକ୍ରମଣ କରି ଲୋକମାନଙ୍କୁ ଅଧିକ କଷ୍ଟ ପ୍ରଦାନ କରିବା ପାଇଁ ଇଚ୍ଛା କରି ନ ଥିଲେ । ଅଶୋକଙ୍କ ରାଜତ୍ୱର ପରିସମାପ୍ତି ପର୍ଯ୍ୟନ୍ତ ଅର୍ଥାତ ଖ୍ରୀ:ପୂ: ୨୩୬ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ବୌଦ୍ଧ ଧର୍ମର ବ୍ୟାପକ ପ୍ରଚାର ଓ ପ୍ରସାର ଘଟି ଥିଲା । ଖୁବ ସମ୍ଭବ, ଏହି ସମୟରେ କେତେକ ବୌଦ୍ଧ ବିହାର, ଚୈତ ଏବଂ ଏକଶିଳା ସ୍ତମ୍ଭ ଅଶୋକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା । ଭୁବନେଶ୍ୱରରୁ ଏପରି

ସ୍ତମ୍ଭର ଅବଶେଷାଂଷ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ଆବିଷ୍କୃତ ହେବା ସହିତ ଭାସ୍କରେଶ୍ୱର ଲିଙ୍ଗ ଏପରି ଏକ ସ୍ତମ୍ଭ ଥିବା ତାଙ୍କ ଦ୍ୱାରା ନିର୍ଣ୍ଣିତ ହୋଇଛି । ଏହା ବ୍ୟତୀତ ଧଉଳିଗିରି ଓ ଜଉଗଡ଼ରେ ଦିଆଯାଇଥିବା ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନକୁ ଜଣେ ଲୋକ ପାଇଁ ମଧ୍ୟ ତିଷ୍ୟ ନକ୍ଷତ୍ର ବ୍ୟତୀତ ଅନ୍ୟ ଦିବସରେ ପଢ଼ି ଶୁଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ ଶାହାବଜଗଡ଼ିଠାରେ ଉତ୍କୀର୍ଣ୍ଣ ତ୍ରୟୋଦଶ ଅନୁଶାସନରେ କଳିଙ୍ଗ ଯୁଦ୍ଧର ବିଭୀଷିକା ପରେ ଅଶୋକ ଧର୍ମ ବିଜୟର ସପକ୍ଷରେ ତାଙ୍କର ଆଦେଶ ପ୍ରଦାନ କରିଛନ୍ତି । ଏହାସତ୍ତ୍ୱେ ସେ ବୌଦ୍ଧ ଧର୍ମ ପ୍ରଚାର ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲେ । ଏହାର କାର୍ଯ୍ୟପ୍ରଣାଳୀ ମଧ୍ୟରେ ଅନ୍ୟାନ୍ୟ ଦିଗ ବ୍ୟତୀତ ବୁଦ୍ଧଙ୍କ ଦେହାବଶେଷ ୮୪,୦୦୦ଟି ସୁନିର୍ବାଚିତ ସ୍ଥାନକୁ ପଠାଯାଇଥିଲା । ଓଡ଼ିଶାରେ ମଧ୍ୟ ଏହି ସ୍ଥାନମାନଙ୍କ ମଧ୍ୟରୁ କେତେକ ରହିଥିବ; କାରଣ ଓଡ଼ିଶା ଏକ ବିଜିତ ରାଜ୍ୟ ଏବଂ ଅଶୋକ ଏଠରେ ବୌଦ୍ଧ କେନ୍ଦ୍ରମାନ ପ୍ରତିଷ୍ଠା ନିମନ୍ତେ ଅଧିକ ଧ୍ୟାନ ଦେଇଥିବେ । ଏହି କ୍ରମରେ କେତେକ ଜୈନ କେନ୍ଦ୍ରରେ ମଧ୍ୟ ବୌଦ୍ଧ ସ୍ମାରକୀ ନିର୍ମିତ ହୋଇଥିବା ଅସମ୍ଭବ ନୁହେଁ । କିନ୍ତୁ ଅଦ୍ୟାବଧି ଠିକ୍ ଭାବରେ ତାହା ଜଣାଯାଇପାରି ନାହିଁ । ତଥାପି କେତେକ ସ୍ଥାନରେ ଏହାରେ ସଂକେତ ମିଳିପାରିଛି ।

ଅଶୋକ ବୁଦ୍ଧଙ୍କ ଅଂଶ ବିଶେଷକୁ ବିଭିନ୍ନ ସ୍ଥାନକୁ ପ୍ରେରଣ କରିବା ପାଇଁ ହୀନଜାନୀ ବା ଥେରବାଦୀମାନଙ୍କ ବୈଭାଜ୍ୟବାଦୀ ଶାଖା ଦ୍ୱାରା ଅନୁପ୍ରେରିତ ହୋଇଥିଲେ । ଏହି ଥେରବାଦୀମାନେ ବୁଦ୍ଧଙ୍କ ତ୍ରିରତ୍ନର ପୂଜା କରୁଥିଲେ ଏବଂ ତାହାକୁ ପ୍ରତୀକ ଭାବରେ ବୁଦ୍ଧ, ଧର୍ମ ଓ ସଂଘ ନାମରେ ନାମିତ କରୁଥିଲେ । ନିକଟ ଅତୀତରେ ଲଳିତଗିରି ଭୂଖୋଦନ ବେଳେ ଏପରି ପେଟିକାମାନ ଏବଂ ତହିଁରେ ଥିବା ଅସ୍ଥିର ଅଂଶ ବିଶେଷ ମିଳିଥିବା ଜଣାଯାଇଛି । ଏହି ଅସ୍ଥି ସମ୍ପର୍କରେ ସିଂହଳର ବୌଦ୍ଧ ଗ୍ରନ୍ଥ ମହାବଂଶରେ ସୂଚନା ଦିଆଯାଇଛି । ଏହାର ବିସ୍ତୃତ ବିବରଣୀ 'ଦାଠାବଂଶ' ନାମକ ଏକ ସିଂହଳୀ ବୌଦ୍ଧ ଗ୍ରନ୍ଥରେ ପ୍ରଦାନ କରାଯାଇଛି । ସିଂହଳର ଏହି ପୁସ୍ତକରେ କୁହାଯାଇଛି ଯେ, କଳିଙ୍ଗର ରାଜା ବ୍ରହ୍ମଦତ୍‌ଙ୍କୁ କ୍ଷେମ (ଜନୈକଥେର) ବୁଦ୍ଧଙ୍କ ବାମ ଦନ୍ତ ପ୍ରଦାନ କରି ପୂଜା କରିବା ପାଇଁ ଉପଦେଶ ଦେଇଥିଲେ । ବ୍ରହ୍ମଦତ୍ ତାଙ୍କର ରାଜଧାନୀ ଦନ୍ତପୁରଠାରେ ତାହାକୁ ଗ୍ରହଣ କରି ପୂଜାର ବ୍ୟବସ୍ଥା କରିଥିଲେ । କ୍ଷେମ ବ୍ରହ୍ମଦତ୍‌ଙ୍କୁ ଦନ୍ତ ପ୍ରଦାନ କରିବା ପୂର୍ବରୁ ତାଙ୍କ ଅଧର୍ମ ଧାରଣା ଦୂର କରି ଧର୍ମ ଉପଦେଶ ଦେବା ପରେ ଏହି ଦନ୍ତ ଦାନ କରିଥିଲେ । ଏହାର ଅର୍ଥ ବ୍ରହ୍ମଦତ୍ ପ୍ରଥମେ ବୌଦ୍ଧ ନଥିଲେ । ସେ କ୍ଷେମଙ୍କ ଦ୍ୱାରା ସେଥିରେ ଦୀକ୍ଷିତ ହୋଇଥିଲେ । ଏଥିରେ ଦୁଇଟି ପ୍ରଶ୍ନ ଉଠିପାରେ; - ବ୍ରହ୍ମଦତ୍ କେଉଁ ଧର୍ମର ଅନୁଗାମୀ ଥିଲେ ? ସେ ପୂର୍ବେ ଓଡ଼ିଶାରେ ରାଜା ଥିଲେ କି ? ଯଦି ସେ ବ୍ରାହ୍ମଣ୍ୟ ଧର୍ମର ଅନୁଗାମୀ ହୋଇଥାନ୍ତେ, ତେବେ ଦାଠାବଂଶରେ ଜୈନମାନଙ୍କୁ ଅଧର୍ମ ଧାରଣାର ବଶବର୍ତ୍ତୀ, ଈର୍ଷା ପରାୟଣ ଆଦି ରୂପେ ଚିତ୍ରିତ କରାଯାଇଥିବା ବେଳେ ବ୍ରାହ୍ମଣ ତଥା ଦେବ ପୂଜକମାନଙ୍କୁ ମଧ୍ୟ ଉପଯୁକ୍ତ ମତେ ସୂଚନା ଦିଆଯାଇଥାନ୍ତା । ମାତ୍ର ଦାଠାବଂଶରେ କେବଳ ଜୈନମାନଙ୍କୁ ଏପରି କୁହାଯାଇଛି । ତେଣୁ ଏହା ବ୍ରହ୍ମଦତ୍‌ଙ୍କ କ୍ଷେତ୍ରରେ ମଧ୍ୟ ପ୍ରୟୋଗ କରାଯାଇଥିବା ମନେହୁଏ । କେବଳ ବୌଦ୍ଧ ସୂତ୍ରରୁ ଜଣା ଯାଏ ଯେ, ବ୍ରହ୍ମଦତ୍‌ଙ୍କୁ ବୌଦ୍ଧ ରୂପେ ଦୀକ୍ଷିତ କରାଯାଇଥିଲା । ଏହାପରେ ତାଙ୍କ ବଂଶ ଓଡ଼ିଶା ବା କଳିଙ୍ଗରେ ରାଜତ୍ୱ କରି ନଥିବାରୁ ଏହି ବ୍ରହ୍ମଦତ୍‌ଙ୍କୁ ତାଙ୍କ ପୂର୍ବରୁ ରାଜା ଭାବେ ଗ୍ରହଣ କରିବା ଉପଯୁକ୍ତ ହେବ । ଆଉ ମଧ୍ୟ ଓଡ଼ିଶାରେ ଖ୍ରୀଷ୍ଟୀୟ ୭ମ-୮ମ ଶତାବ୍ଦୀରେ ବୌଦ୍ଧ ଧର୍ମାବଲମ୍ବୀ ଭୌମକରମାନେ ରାଜତ୍ୱ କରୁଥିବା ଜଣାଯାଏ । ସେମାନଙ୍କ ଶାସନ ପରେ ଅନ୍ୟ କୌଣସି ଜୈନ ରାଜବଂଶ ଓଡ଼ିଶାରେ ଶାସନ କରିଥିବା ଜଣାନାହିଁ । ସେଥିପାଇଁ ଅଶୋକଙ୍କଠାରୁ ଖାରବେଳଙ୍କ ରାଜତ୍ୱ କାଳରେ ସମ୍ଭବତଃ ଏକ ବୌଦ୍ଧ ଧର୍ମାବଲମ୍ବୀ ରାଜବଂଶ ବା ରାଜାମାନେ ଶାସନ କରୁଥିଲେ । ଏହା 'ମହାବଂଶ ସୂତ୍ର' ରୁ ସଂଗୃହୀତ ହୋଇ 'ଦାଠାବଂଶ' ରେ ସ୍ଥାନିତ ହୋଇଥିଲା । ସେହି ଦୃଷ୍ଟିରୁ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଆଦୃତ ଜୈନ ଧର୍ମକୁ ଲୋକମାନଙ୍କ ଚାପରେ କ୍ରମେ ରାଜାମାନେ ପ୍ରୋତ୍ସାହନ ଦେବା ପାଇଁ ବାଧ୍ୟ ହୋଇଥିଲେ । ଦାଠାବଂଶ ବିବରଣରେ ଏହା ପ୍ରକାଶିତ ହୋଇଥିବା ଅନୁଭୂତ ହୁଏ । ପ୍ରଥମେ ବୌଦ୍ଧ ତ୍ରିରତ୍ନଙ୍କ ପୂଜା ପଦ୍ଧତିରେ ଜୈନ ପ୍ରଥାର ପ୍ରୟୋଗ କରାଯାଇଥିଲା । ଦାଠାବଂଶ ବିବରଣୀ ମତେ ବ୍ରହ୍ମ ଦତ୍‌ଙ୍କ ପୁତ୍ର କାଶୀରାଜ ଦନ୍ତପୂଜା ପଦ୍ଧତିରେ ମଣିମୟ ପ୍ରଦୀପ ଦ୍ୱାରା ଆଲୋକ ସଜ୍ଜାର ବ୍ୟବସ୍ଥା କରିଥିଲେ ।

ଏହି ପ୍ରଥା ଜୈନମାନଙ୍କ ଦ୍ୱାରା ଅନୁସୃତ ହେଉଥିଲା ଏବଂ ମହାବୀରଙ୍କ ନିର୍ବାଣ ବେଳେ ତାଙ୍କ ସମ୍ମାନାର୍ଥେ ଆଲୋକସଜ୍ଜାର ଯେଉଁ ବ୍ୟବସ୍ଥା କରାଯାଇଥିଲା; ତାହାକୁ ବିଭିନ୍ନ ଧର୍ମରେ ଏକ ଅଙ୍ଗ ରୂପେ କ୍ୱିତ ପରିବର୍ତ୍ତନ ସହ ପ୍ରୟୋଗ କରାଯାଇଥିଲା। କାଶୀରାଜ ସମ୍ଭବତଃ ଅଶୋକଙ୍କ ପୁତ୍ର ସମ୍ପ୍ରତିଙ୍କ ସମସାମୟିକ ଥିଲେ। ସମ୍ପ୍ରତି ଜଣେ ବଡ଼ ଅର୍ହତ ଥିଲେ ଏବଂ ଆର୍ଯ୍ୟେତର ରାଜ୍ୟଗୁଡିକରେ ଶ୍ରମଣମାନଙ୍କ ନିମନ୍ତେ ବହୁ ବିହାର ନିର୍ମାଣ କରିଥିଲେ । ଜୀପ୍ରଭୁସୁରି ତାଙ୍କୁ ଜୈନ ଧର୍ମର ଜଣେ ପୃଷ୍ଟପୋଷକ ଭାବେ ବ୍ୟକ୍ତ କରନ୍ତି । ସେ ଦୃଷ୍ଟିରୁ କାଶୀରାଙ୍କ ବୌଦ୍ଧ ତ୍ରିରତ୍ନ ପୂଜାରେ ଜୈନ ରୀତିର ସେ ବିରୋଧ୍ କରିନଥିବା ମନେହୁଏ ।

ବୃହଦ୍‌ରଥ ମଗଧ୍‌ର ସେନାପତି ପୁଷ୍ୟମିତ୍ରଙ୍କ ଦ୍ୱାରା ନିହତ ହେବା ହେତୁ ସେଠାରେ ବୌଦ୍ଧ ପ୍ରଭାବର ଅବସାନ ଘଟିଲା । ସେଥିପାଇଁ ମଗଧ୍ ସାମ୍ରାଜ୍ୟର ଅଂଶାବଶେଷ ରାଜ୍ୟଗୁଡିକ କ୍ରମେ ନିଜ ନିଜକୁ ବୌଦ୍ଧ ପ୍ରଭାବରୁ ମୁକ୍ତ କରିବା ପାଇଁ ଉଦ୍ୟମ କରିଥିବା ମନେହୁଏ । କାରଣ ପୁଷ୍ୟମିତ୍ର ବ୍ରାହ୍ମଣ୍ୟ ଧର୍ମର ପୃଷ୍ଟପୋଷକ ଥିଲେ । ଖୁବ ସମ୍ଭବ ଏହାର ସୁଯୋଗ ନେଇ କଳିଙ୍ଗରେ ଜୈନମାନେ ରାଜ୍ୟ ଶାସନକୁ କରଗତ କରିବା ପାଇଁ ଉଦ୍ୟମ କରିଥିଲେ । ମଗଧ୍‌ରୁ ବୌଦ୍ଧ ପ୍ରଭାବାଧୀନ ଶାସନର ପରିସମାପ୍ତି ଘଟିବା ପରେ ଏବଂ ବ୍ରାହ୍ମଣ୍ୟ ଧର୍ମ ନିଜକୁ ସେଠାରେ ପ୍ରତିଷ୍ଠିତ କରିବା ହେତୁ ବୌଦ୍ଧ ଓ ଜୈନ ସଂଘର୍ଷ କ୍ରବେ ଅନ୍ୟ ଅଳରେ ସେମାନଙ୍କ ପ୍ରଭାବ ବିସ୍ତାର କରି ପୃଷ୍ଟପୋଷକତାଲାଭକୁ ଅଗ୍ରାଧିକାର ଦେଇଥିଲେ । ପୂର୍ବରୁ ଆମ୍ଭେମାନେ କାଶୀରାଜଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଛୁ । ତାଙ୍କ ପରେ ତାଙ୍କ ପୁତ୍ର ସୁନନ୍ଦ କଳିଙ୍ଗର ରାଜା ହୋଇଥିଲେ । ମାତ୍ର ତାଙ୍କ ରାଜତ୍ୱ ଘଟଣାବହୁଳ ନଥିବା ହେତୁ ଦାଠାଧାତୁବଂଶରେ ତାହାର ବିଶେଷ ବର୍ଣ୍ଣନା ନାହିଁ । ସୁନନ୍ଦଙ୍କ ପରଠାରୁ ଗୁହଶିବଙ୍କ ରାଜତ୍ୱ ପର୍ଯ୍ୟନ୍ତ ଅନ୍ୟାନ୍ୟ ରାଜାମାନଙ୍କ ଶାସନର ଘଟଣା 'ଦାଠା ଧାତୁବଂଶ'ରୁ ମିଳେନାହିଁ । ସମ୍ଭବତଃ ଏହି ସମୟରେ ବୌଦ୍ଧମାନଙ୍କ ପ୍ରଭାବ ହ୍ରାସ ପାଇଥିବାରୁ ତାହାର ବିବରଣୀ ବୌଦ୍ଧ ଗ୍ରନ୍ଥରେ ଲିଖିତ ହୋଇନାହିଁ । ଏହା ମଧ୍ୟ ଗହଶିବଙ୍କ ବିବରଣୀରୁ ସମର୍ଥିତ ହୋଇଥାଏ । ସମ୍ଭବତଃ ସୁନନ୍ଦଙ୍କ ତିରୋଧାନ ପରେ ଗହଶିବଙ୍କ ଆଗମନ ପର୍ଯ୍ୟନ୍ତ କଳିଙ୍ଗରେ ଜୈନ ଧର୍ମ ନିଜକୁ ପ୍ରତିଷ୍ଠିତ କରିପାରିଥିଲା । ମାତ୍ର ଏହା ମଗଧ୍‌ର ନିୟନ୍ତ୍ରଣରୁ ମୁକ୍ତ ନଥିଲା ।

ଦାଠାଧାତୁବଂଶର ବିବରଣୀ ପରିଶେଷରେ ଗୁହଶିବଙ୍କ ରାଜତ୍ୱର ସୂଚନା ଦେଇଥାଏ । ସେଥିରେ କୁହାଯାଇଛି ଯେ "ଯାହାର ଆଜ୍ଞାକୁ ଅବଜ୍ଞା କରାଯାଏ ନାହିଁ, ସେହିଭଳି ଜଣେ ରାଜା ଗୁହଶିବ ରାଜ୍ୟଲାଭ କଲେ । ସେ ଜନତାଙ୍କ ସାହା ପକ୍ଷ ହୋଇ ସେମାନଙ୍କୁ ଅନୁଗୃହୀତ କରିଥିଲେ । ଗୁହଶିବ ନିଗ୍ରନ୍ଥ (ଜୈନ) ମାନଙ୍କୁ ପୂଜା କଲେ । ଏହି ଜୈନମାନେ ଚତୁର, ଅଜ୍ଞାନ ଅନ୍ଧକାରରେ ଆଚ୍ଛନ୍ନ, ଲାଭ ଓ ଗୌରବ ଆଶାରେ ଅତ୍ୟନ୍ତ ଆଶାୟୀ ଏବଂ ନିଜର ତଥା ଅନ୍ୟମାନଙ୍କର ଉନ୍ନତି ସମ୍ପର୍କରେ ଅଜ୍ଞ ଅଟନ୍ତି । ଉପର୍ଯ୍ୟୁକ୍ତ ବିବରଣୀ ପରୋକ୍ଷରେ ସୂଚାଇଥାଏ ଯେ, ଗୁହଶିବ ଜୈନ ତଥା ସାଧାରଣ ଜନତାଙ୍କ ଦ୍ୱାରା ସମର୍ଥିତ ହୋଇ ରାଜ୍ୟଲାଭ କରିଥିଲେ । ସେ ମଧ୍ୟ ରାଜା ହେବା ପରେ ବୌଦ୍ଧ ତ୍ରିରତ୍ନ ପୂଜା ପରିହାର କରି ଜୈନମାନଙ୍କ ପୂଜା ପ୍ରବର୍ତନ କରିଥିଲେ ଏବଂ ଏହାଦ୍ୱାରା ସାଧାରଣ ଜନତାଙ୍କ ଅନୁରାଗ ଭାଜନ ହୋଇଥିଲେ । ଫଳରେ ବୌଦ୍ଧମାନେ ରାଜ ପୃଷ୍ଟପୋଷକତାରୁ ବୃତ ହେବା ହେତୁ ଗୁହଶିବଙ୍କ ମନ୍ତ୍ରୀ, ସମ୍ଭବତଃ ତାଙ୍କ ପ୍ରଧାନ ଅମାତ୍ୟ ତଥା ଅନୁଗତ ଧର୍ମାବଲମ୍ବୀ ଗୁହଶିବଙ୍କୁ ଜଣାଇଥିଲେ ଯେ "ହେ ରାଜନ ! ସମସ୍ତଙ୍କ ପ୍ରଭୁ ଓ ସମସ୍ତ ଇଚ୍ଛାର ପରିସମାପ୍ତି ଘଟାଇଥିବା ବୁଦ୍ଧଙ୍କର ଏହି ଅବଶୋଷକୁ ପୂଜା କରିବା ହେତୁ ଉତମ ବନ୍ଧୁମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଦେବତ୍ୱ ପ୍ରାପ୍ତ ହୋଇଥିଲେ । ଯେଉଁ ନାଗରିକମାନେ ପରଲୋକରେ ସୁଖ ଆଶା କରୁଥିଲେ, ସେମାନେ ଏହା ନିକଟକୁ ଯାଇ ଗୁରୁଙ୍କ ଅବଶେଷକୁ ପୂଜା କରିଥିଲେ । ରାଜା ଅମାତ୍ୟଙ୍କ ଠାରୁ ଉତ୍ମ ଧର୍ମ କଥାମାନ ଶ୍ରବଣ କରି କଳ୍ମଶ ଓ ଭ୍ରମ ଧାରଣା ଦୂର କଲେ ଏବଂ ତ୍ରିରତ୍ନଙ୍କ ଠାରେ ବିଶ୍ୱାସ ସ୍ଥାପନ କଲେ । ଏହା ପରେ ରାଜା ସେହି ଅଦ୍‌ଭୂତ ଅବଶେଷକୁ ଆରାଧନା କରି ବିଧର୍ମୀମାନଙ୍କ ଅସନ୍ତୋଷର କାରଣ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ସନ୍ତୋଷ ବିଧାନ

କରିଥିଲେ । ଦାଠାଧାତୁ ବଂଶ ଏହି ବିଧର୍ମୀମାନଙ୍କୁ ଲଜ୍ଜାହୀନ, ବିଶ୍ୱାସଘାତକ, କଠୋର ହୃଦୟ, ଶଠ, ବୁଦ୍ଧିହୀନ, ସ୍ୱର୍ଗଲାଭ ବା ମୋକ୍ଷ ଓ ମୁକ୍ତିର ପ୍ରତିବନ୍ଧକ ଆଦି ଉତ୍ତମ ଗୁଣ ବିବର୍ଜିତ ରୂପେ ବ୍ୟକ୍ତ କରିଛି । ଏହାପରେ ସେହି ନିଗ୍ରନ୍ଥମାନେ କ୍ରୋଧରେ ଜର୍ଜରିତ ହୋଇ ପାଟଳୀପୁତ୍ରକୁ ଆସିଥିଲେ । ଏହି ବିବରଣୀରେ କଳିଙ୍ଗ ଅମାତ୍ୟ ଓ ତାଙ୍କ ଅନୁଗତ ରାଜକର୍ମଚାରୀ ବୌଦ୍ଧ୍ ଧର୍ମର ଏକାନ୍ତ ଅନୁଗତ ତଥା କ୍ଷମତାଶାଳୀ ଥିବା ଅନୁମିତ ହୁଅନ୍ତି । ସେମାନେ ମଧ୍ୟ ଘୋର ଜୈନ ବିରୋଧୀଥିବା ଏବଂ ସେମାନଙ୍କ ପ୍ରଭାବ ବୃଦ୍ଧିକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟରୁ ବହିଷ୍କାର କରିବା ପାଇଁ ରାଜାଙ୍କୁ ପରାମର୍ଶ ଦେବାରେ କୃତକାର୍ଯ୍ୟ ହୋଇଥିଲେ । ଏହା କଳିଙ୍ଗ ବା ଓଡିଶାରେ ବୌଦ୍ଧ୍ ଓ ଜୈନ ସଂଘର୍ଷର ଏକ ଚରମ ଘଟଣା ବ୍ୟକ୍ତ କରିଥାଏ ।

ସେହି ସମୟରେ ଜମ୍ବୁ ଦ୍ୱୀପରେ ପଣ୍ଡୁ ନାମକ ଜଣେ ପ୍ରଭାବଶାଳୀ ରାଜା ରାଜତ୍ୱ କରୁଥିଲେ । ତାଙ୍କର ଏକ ବିଶାଳ ସେନାବାହିନୀ ଥିଲା । ଜୈନମାନେ ତାଙ୍କୁ ଜଣାଇଲେ ଯେ "ଆପଣ ସର୍ବଦା ଶିବ, ବ୍ରହ୍ମା ଆଦି ଦେବତାମାନଙ୍କୁ ଭକ୍ତି କରନ୍ତି । ଏହି ଦେବତା ମାନେ ଅଦ୍ଭୁତ ପରାକ୍ରମଶାଳୀ ଅଟନ୍ତି । ସେମାନେ ପ୍ରତ୍ୟେକ ଦେବତା ତଥା ମନୁଷ୍ୟ ଦ୍ୱାରା ପୂଜିତ ହେବା ଉଚିତ । କିନ୍ତୁ ବର୍ତମାନ ଆପଣଙ୍କର ଅଧସ୍ତନ ସାମନ୍ତ ରାଜା ଗୁହଶିବ ଏହି ଦେବତାମାନଙ୍କୁ ଅବଜ୍ଞା କରି ମୃତ ବ୍ୟକ୍ତିଙ୍କ ଅସ୍ଥିକୁ ପୂଜା କରୁଛନ୍ତି ।" ଏହା ଶୁଣି ଚକ୍ରବର୍ତୀ ପଣ୍ଡୁ ତାଙ୍କ ସାମନ୍ତ ରାଜା ତଥା ସେନାପତି ଚିତଯାନଙ୍କୁ ସେହି ଅସ୍ଥି ଓ ଗୁହଶିବଙ୍କୁ ଆଣିବା ପାଇଁ ପ୍ରେରଣ କଲେ । ଏହି ପଣ୍ଡୁରାଜାଙ୍କ ପରିଚୟ ଭାରତ ଇତିହାସରେ ଅଜ୍ଞାତ ରହିଛି । ସେ ସମ୍ଭବତଃ କୌଣସି ମୁରୁଣ୍ଡ ଶୃଙ୍ଗ ଅଥବା କାଣ୍ୱବଂଶୀ ରାଜା ହେବା ସମ୍ଭବ ଅଥବା ସେମାନଙ୍କ ମଧ୍ୟରୁ କୌଣସି ରାଜାଙ୍କ ଡାକନାମ ଅଟେ । ପଣ୍ଡୁରାଜାଙ୍କ ନାମରେ କେତେକ ଗଡ ବିଭିନ୍ନ ସ୍ଥାନରେ ଥିବା ଜଣାଯାଏ । ସେଥିମଧ୍ୟରେ ପଶ୍ଚିମବଙ୍ଗର 'ପଣ୍ଡୁରାଜାର ଧିବି' ଓ ଖିଚିଂ ନିକଟରେ ଥିବା ପାଣ୍ଡବମାନଙ୍କ ଗଡ ଓ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଏହି ନାମର ସ୍ଥାନମାନ ରହିଥିବା ଜଣାଯାଏ । ଏହି ଅଞ୍ଚଳମାନଙ୍କରୁ ଆଦ୍ୟ ଐତିହାସିକ ସମୟର ପ୍ରତ୍ନତାତ୍ତ୍ୱିକ ଅବଶେଷମାନ ଆବିଷ୍କୃତ ହୋଇଥିବା ଏପରି ଏକ ଧାରଣାକୁ ସମର୍ଥନ କରିଥାଏ । ତେଣୁ ଜନୈକ ପଣ୍ଡୁ ରାଜା ହୁଏତ ପାଟଳୀପୁତ୍ର ବା ଜମ୍ବୁଦ୍ୱୀପର ତତ୍କାଳୀନ ରାଜଧାନୀରେ ଶାସନ କରୁଥିବା ଅସମ୍ଭବ ମନେ ହୁଏ ନାହିଁ । ଆଉ ମଧ୍ୟ ସେ ଖୁବ ସମ୍ଭବ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ ଥିଲେ । କାରଣ ଦାଠାବଂଶର ବିବରଣୀ ମତେ ସେମାନେ ବୌଦ୍ଧ ନଥିଲେ । କିମ୍ବା ଜୈନ ମଧ୍ୟ ନଥିଲେ ମାତ୍ର ନିର୍ଦ୍ଦିଷ୍ଟ ଭାବରେ କୌଣସି ସୂତ୍ରରୁ ତାଙ୍କର ପରିଚୟ ମିଳିନାହିଁ । ଚିତଯାନ କଳିଙ୍ଗ ଆସି ଏହାର ରାଜଧାନୀ ଦନ୍ତପୁର ଠାରେ ଅବସ୍ଥାନ କରି ଗୁହଶିବ ଓ ଦନ୍ତଧାତୁକୁ ପାଟଳୀପୁତ୍ର ନେଇଯାଇଥିଲେ ।

ପଣ୍ଡୁଙ୍କ ରାଜତ୍ୱ କାଳରେ ଖିରଧାର ଶତ୍ରୁମାନଙ୍କୁ ନିଜେ ଭୁଜବଳରେ ଦମନ କରିପାରୁଥିବା ଏକ ସେନାବାହିନୀ ସହ ଦନ୍ତପୁର ଆକ୍ରମଣ କଲେ । ପଣ୍ଡୁ ତାଙ୍କ କରଦ ରାଜ୍ୟ ରକ୍ଷା କରିବା ନିମନ୍ତେ ବ୍ୟବସ୍ଥା କରି ଖିରଧାରଙ୍କୁ ପରାସ୍ତ କଲେ । ଏହାପରେ ପଣ୍ଡୁ ନିଜ ପୁତ୍ରକୁ ରାଜଗାଦି ଅର୍ପଣ କରିବା ସହିତ ଗୁହଶିବଙ୍କୁ ଦଣ୍ଡପ୍ରଦାନ କରି ତାଙ୍କ ରାଜଧାନୀକୁ ସମ୍ମାନର ସହ ପଠାଇ ଦେଲେ । ଗୁହଶିବ ଫେରିଆସି ପୂର୍ବପରି ଦନ୍ତପୂଜା କରିବାକୁ ଲାଗିଲେ । ଏହି ସମୟରେ ଉଜ୍ଜୟିନୀର ରାଜକୁମାର ଦନ୍ତକୁମାର କଳିଙ୍ଗକୁ ଆସି ସେହି ଅବଶେଷକୁ ପୂଜା କଲେ । ଗୁହଶିବ ତାଙ୍କ କନ୍ୟା ହେମମାଳାଙ୍କୁ ଦନ୍ତକୁମାରଙ୍କ ସହିତ ବିବାହ ଦେଲେ ।

ଖିରଧାରଙ୍କ ମୃତ୍ୟୁ ପରେ ତାଙ୍କ ପୁତୁରାମାନେ ମଳୟବନକୁ ଆସିଲେ ଏବଂ ଏକ ବିଶାଳ ସେନାବାହିନୀ ସହିତ ଯୁଦ୍ଧ କରି ନିହତ ହେଲେ । ଦନ୍ତ କୁମାର ଗୁହଶିବଙ୍କ ମୃତ୍ୟୁର ଖବର ପାଇ ହେମମାଳାଙ୍କ ସହିତ ଦନ୍ତଧାତୁକୁ ନେଇ ଏକ ବ୍ରାହ୍ମଣ ବେଶରେ ଶିଘ୍ର ଦନ୍ତପୁରରୁ ପ୍ରସ୍ଥାନ କଲେ । ମାତ୍ର ସେ ଯିବା ପୂର୍ବରୁ ଦନ୍ତଧାତୁକୁ ଏକ ବିରାଟ ନଦୀର ଅପରପ୍ରାନ୍ତରେ ଥିବା ସମୁଦ୍ର କୂଳସ୍ଥ ବାଲୁକାସ୍ତୂପ ମଧ୍ୟରେ ଲୁକାୟିତ ଭାବରେ ରଖିଦେଲେ । ଏହି ଦନ୍ତଧାତୁକୁ ପରେ ଜଣେ ଥେର ପୂଜା କଲେ । ମାତ୍ର ଗନୈକ ନାଗରାଜ ଦନ୍ତଧାତୁକୁ ଉଦରସ୍ଥ କରି ତାକୁ ନେଇ ଲୁଚାଇ ରଖି ରତ୍ନଗିରି

ବା ମେରୁ ପର୍ବତରେ ଗୁଡ଼ାଇ ହୋଇଗଲେ । କିନ୍ତୁ ଅନ୍ୟ ଏକ ଥେରଙ୍କ ସହାୟତାରେ ଦନ୍ତକୁମାର ସେହି ଦନ୍ତଧାତୁକୁ ଉଦ୍ଧାର କରି ତାଙ୍କ ତମ୍ଳିତ୍ ବା ତାମ୍ରଲିପି ବନ୍ଦର ନିକଟକୁ ନେଇଯାଇଥିଲେ । ସେଠାରୁ ସମୁଦ୍ର ପଥରେ ସେ ଶ୍ରୀଲଙ୍କାକୁ ଦନ୍ତଧାତୁ ସହ ପ୍ରସ୍ଥାନ କରିଥିଲେ ।

ଶ୍ରୀଲଙ୍କାର ରାଜା ମହାଦିସେନଙ୍କ ପୁତ୍ର କୀର୍ତିଶିର ମେଘଙ୍କ ରାଜତ୍ୱର ନବମ ବର୍ଷରେ ସେମାନେ ସିଂହଳରେ ପହଞ୍ଚିଥିଲେ । କିନ୍ତୁ ସିଂହଳର ଶାସନ ସମ୍ପର୍କୀତ ପଞ୍ଜିକା ଯାହାକି ୧୮୩୪ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା; ତହିଁରେ ଉଲ୍ଲେଖ ଅଛି ଯେ, ମହାସେନ ଖ୍ରୀଷ୍ଟୀୟ ୨୭୫ରୁ ୨୭ ବର୍ଷ ଯାଏଁ ରାଜତ୍ୱ କରିଥିଲେ । ତାଙ୍କ ପୁତ୍ର କିତଶିରି ମୈଉଆନ ୧ମ ବା କୀର୍ତିଶ୍ରୀ ମେଘବର୍ଣ୍ଣ ୩୦୨ ଖ୍ରୀଷ୍ଟାବ୍ଦରୁ ୨୮ ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତେଣୁ ଏହି ପଞ୍ଜିକା ମତେ ତାଙ୍କ ରାଜତ୍ୱର ନବମ ବର୍ଷ ଖ୍ରୀଷ୍ଟୀୟ ୩୧୧ ମସିହାରେ ପଡୁଥିବା ଜଣାଯାଏ । ଏହା ସିଂହଳ ପଞ୍ଜିକା ମତେ ବୁଦ୍ଧ୍ ନିର୍ବାଣର ୮୫୪ ବର୍ଷ ପରେ ଘଟିଥିଲା । ମାତ୍ର ଏହି ସମୟ ଭ୍ରମାତ୍ମକ ଅଟେ । କାରଣ ସିଂହଳର ସମୟ ସାରଣୀରେ ବୁଦ୍ଧଙ୍କ ନିର୍ବାଣ ଖ୍ରୀଷ୍ଟପୂର୍ବ ୫୪୩ ମସିହାରେ ଘଟିଥିବା ସୂଚିତ ହୁଏ । ଆଉ ମଧ୍ୟ ଦାଠାଧାତୁବଂଶ ଖ୍ରୀଷ୍ଟୀୟ ୩୧୦ ମସିହାରେ ରଚିତ ହୋଇଥିବା ମହାବଂଶରୁ ଉପଲବ୍ଧ ହୁଏ । ତେଣୁ ଏଥିରେ ପ୍ରଦତ୍ ସମୟ ମଧ୍ୟ ଭ୍ରମାତ୍ମକ ଅଟେ । ବୁଦ୍ଧଙ୍କ ନିର୍ବାଣକୁ ସାଧାରଣତଃ ଆନୁମାନିକ ଖ୍ରୀ:ପୂ: ୪୮୬ ମସିହା ରୂପେ ସ୍ଥିର କରାଯାଇଥାଏ । ଅନ୍ୟ ଦଷ୍ଟିରୁ ଦେଖିଲେ କଳିଙ୍ଗ ବା ଓଡିଶାର ଜୈନ ରାଜତ୍ୱ ଦୁଇଟି ପର୍ଯ୍ୟାୟରେ ନିର୍ଦ୍ଦେଶିତ ହୋଇଥାଏ । ପ୍ରଥମ ପର୍ଯ୍ୟାୟ ଅଶୋକଙ୍କ କଳିଙ୍ଗ ବିଜୟ ପୂର୍ବରୁ ଏବଂ ତାହା ଖ୍ରୀ:ପୂ: ୨୬୧ ମସିହା ପୂର୍ବର ଘଟଣା । ଓଡିଶାରେ ଦ୍ୱିତୀୟ ପର୍ଯ୍ୟାୟ ଜୈନ ଶାସନ ଅଶୋକଙ୍କ ପରେ ଏବଂ ଖାରବେଳଙ୍କ ସମୟରେ ଘଟିଥିଲା । ଅର୍ଥାତ୍, ଖ୍ରୀ:ପୂ: ୨୩୬ ମସିହା ପରେ ହିଁ ତାହା ହୋଇଥିଲା । ଏହି ପର୍ଯ୍ୟାୟ ସମ୍ପର୍କରେ ବର୍ଣ୍ଣନା ଦାଠାଧାତୁବଂଶରେ ଥିବା ହେତୁ ଏବଂ ତାହା ନିଶ୍ଚିତ ଭାବରେ ୩୧୦ ଖ୍ରୀଷ୍ଟାବ୍ଦ ପୂର୍ବର ଘଟଣାବଳୀକୁ ଆଶ୍ରୟ କରି ରଚିତ ହୋଇଥିବାରୁ ଓଡିଶାରେ ଏହି ପର୍ଯ୍ୟାୟ ଜୈନ ଶାସନ ଖ୍ରୀ:ପୂ: ୨୩୬ ରୁ ଖ୍ରୀଷ୍ଟୀୟ ୩୧୦ ମସିହା ମଧ୍ୟରେ ଘଟିଥିବା ନିଶ୍ଚିତ ହୋଇପାରେ । ଏହି ସମୟ ମଧ୍ୟରେ କେବଳ ଖାରବେଳଙ୍କ ଶାସିତ ଜୈନ ରାଜତ୍ୱ ଥିବା ହେତୁ ଦାଠାଧାତୁବଂଶରେ ପ୍ରଦତ୍ ବିବରଣୀ କେବଳ ତାଙ୍କରି ବଂଶର ଉତ୍ପତ୍ତି ଅଥବା ବିଜୟ ଏବଂ ରାଜ୍ୟ ଶାସନକୁ ବୁଝାଇବା ବ୍ୟତିତ ଅନ୍ୟ କିଛି ହୋଇନପାରେ । ଅନ୍ୟ ଦୃଷ୍ଟିରୁ ଦେଖିଲେ, ଉପରେ ବର୍ଣ୍ଣିତ ଦାଠାଧାତୁ ବଂଶର ସୂଚନା ମତେ ଖାରବେଳଙ୍କ ଦନ୍ତପୁର ଆକ୍ରମଣ ଏକ ଜୈନ ଆକ୍ରମଣ ଥିଲା ଏବଂ ଏହା ପାଟଳୀପୁତ୍ର ବା ମଗଧର ରାଜଧାନୀରେ ବୌଦ୍ଧ ରାଜତ୍ୱର ପରିସମାପ୍ତି ପରେ ହିଁ ଘଟିଥିଲା । ସେହିପରି ଖିରଧାରଙ୍କ ଆକ୍ରମଣ ମଧ୍ୟ ଓଡିଶାରେ ବୌଦ୍ଧ୍ ରାଜତ୍ୱର ପରିସମାପ୍ତି ଘଟାଇ ଜୈନ ରାଜତ୍ୱର ଆରମ୍ଭ କରିଥିଲେ । ସେଥିପାଇଁ ଏହି ରାଜତ୍ୱ ନିଶ୍ଚିତ ଭାବରେ ସାତବାହନ ରାଜତ୍ୱର ପୂର୍ବବର୍ତୀ ହେବ । କାରଣ ସାତବାହନ ରାଜତ୍ୱ ଓଡିଶାରେ ଖାରବେଳଙ୍କ ବଂଶ ତଥା ଜୈନ ଧର୍ମର ପରିସମାପ୍ତି ଘଟାଇଥିବା ସ୍ଥିର କରାଯାଏ ।

ଡକ୍ଟର ଦୀନେଶ ଚନ୍ଦ୍ର ସରକାରଙ୍କ ମତରେ ମହାମେଘବାହନ କଳିଙ୍ଗରେ ଚେତ ବା ଚେଦୀ ରାଜବଂଶର ସ୍ଥାପୟିତା ତଥା ପ୍ରଥମ ରାଜା ଏବଂ ଖାରବେଳ ସେହି ବଂଶର ତୃତୀୟ ସମ୍ରାଟ । ମାତ୍ର ବରୁଆଙ୍କ ମତରେ ସେ ଏହି ବଂଶର ପମ ରାଜା । ଖାରବେଳଙ୍କୁ ତୃତୀୟ ରାଜା ଏବଂ ଖାରବେଳ ସେହି ବଂଶର ତୃତୀୟ ସମ୍ରାଟ । ମାତ୍ର ବରୁଆଙ୍କ ମତରେ ସେ ଏହି ବଂଶର ପମ ରାଜା । ଖାରବେଳଙ୍କୁ ତୃତୀୟ ରାଜା ରୂପେ ଗ୍ରହଣ କଲେ ତାଙ୍କ ପିତାଙ୍କ ବକ୍ରଦେବ ବା ଚେତରାଜ ଓ ପିତାମହଙ୍କ ନାମ ମେଘବାହନ ରୂପେ ଧରାଯିବ । ଯଦି ସେ ତୃତୀୟ ସମ୍ରାଟ ରୂପେ ଗୃହିତ ହୁଅନ୍ତି ଏବଂ ପାଣିଗ୍ରାହୀଙ୍କ ନିର୍ଣ୍ଣୟମତେ, ତାଙ୍କ ରାଜତ୍ୱର ଆରମ୍ଭ କାଳ ଖ୍ରୀ: ପୂ: ୧୫୯ ମସିହା ରୂପେ ଗ୍ରହଣ କରାଯିବ ତଥା ତାଙ୍କ ପରବର୍ତୀ ରାଜାମାନଙ୍କ ଶାସନ କାଳକୁ ପ୍ରତ୍ୟେକଙ୍କ ପାଇଁ ୧୫ ବର୍ଷ ରୂପେ ନିଆଯିବ, ତେବେ ମହାମେଘବାହନ ରାଜତ୍ୱର ଆରମ୍ଭକାଳ ଖ୍ରୀ:ପୂ: ୧୭୯ ମସିହା ବୋଲି ଧରାଯିବ । ସେହି ଦୃଷ୍ଟିରୁ ଅଶୋକଙ୍କ ପରବର୍ତୀ ଶେଷ ବୌଦ୍ଧ୍ ରାଜା

ଗୁହଶିବଙ୍କ ରାଜତ୍ୱର ଅନ୍ତିମ କାଳ ରୂପେ ଖ୍ରୀ:ପୂ: ୧୭୯ ମସିହା ନିର୍ଣ୍ଣିତ ହେବ । ଗୁହଶିବଙ୍କ ରାଜତ୍ୱର ଅବଧିକୁ ୧୫ ବର୍ଷ ଧରିଲେ ତାଙ୍କ ରାଜତ୍ୱର ଆରମ୍ଭ ଖ୍ରୀ:ପୂ: ୧୯୪ ମସିହା ରୂପେ ଗ୍ରହଣ କରିବାକୁ ହେବ । ସମ୍ଭବତଃ ସେହି ସମୟରୁ ଜୈନ ଓ ବୌଦ୍ଧମାନଙ୍କ ମଧ୍ୟରେ ସଂଘର୍ଷ ତୀବ୍ରତର ହୋଇଥିଲା ଏବଂ ଗୁହଶିବ ଏହି ସମୟରେ ଜୈନ ନିଗ୍ରନ୍ଥମାନଙ୍କୁ ତାଙ୍କ ରାଜ୍ୟରୁ ବହିଷ୍କାର କରିଥିଲେ । ଯଦି ଖାରବେଳଙ୍କ ରାଜତ୍ୱର ଆରମ୍ଭ ସମୟ ଖ୍ରୀ:ପୂ: ୪୦ (ନବୀନ କୁମାର ସାହୁଙ୍କ ମତରେ) ମସିହା ରୂପେ ଗ୍ରହଣ କରାଯିବ ତେବେ ତାଙ୍କ ପିତାମହ ମହାମେଘବାହନଙ୍କ ରାଜତ୍ୱର ଆରମ୍ଭ ଖାରବେଳଙ୍କ ପୂର୍ବ ପ୍ରତ୍ୟେକଙ୍କ ନିମନ୍ତେ ୧୫ ବର୍ଷ ରୂପେ ନିର୍ଦ୍ଧାରଣ କଲେ) ଖ୍ରୀ:ପୂ: ୮୫ ମସିହା ହେବ । ଏହା ସହିତ ଗୁହଶିବଙ୍କ ୧୫ ବର୍ଷ ରାଜତ୍ୱକୁ ମିଶାଇଲେ ଖ୍ରୀ:ପୂ: ୧୦୦ ମସିହାରେ ଗୁହଶିବ ରାଜତ୍ୱ ଆରମ୍ଭ କରିଥିବା ସହିତ ସେହି ସମୟରେ ଜୈନମାନଙ୍କୁ ବହିଷ୍କାର କରାଯାଇଥିବା ସ୍ଥିର କରାଯିବ । ତେଣୁ ଅଶୋକଙ୍କ ପରେ ଶେଷ ବୌଦ୍ଧ୍ ରାଜା ଗୁହଶିବଙ୍କ ରାଜତ୍ୱର ପରିସମାପ୍ତି ଖ୍ରୀ:ପୂ: ୮୫ ମସିହା ରୂପେ ନିର୍ଣ୍ଣିତ ହେବ । ବୌଦ୍ଧ୍-ଜୈନ ସଂଘର୍ଷର ଏହି ଅନ୍ତିମ ପର୍ଯ୍ୟାୟ ପୂର୍ବରୁ ଅଶୋକଙ୍କ ପରଠାରୁ ସେମାନଙ୍କ ମଧ୍ୟରେ ଯେଉଁ ସଂଘର୍ଷର ସୂତ୍ରପାତ ହୋଇଥିଲା, ତାହା ଏକାଧିକ ରାଜାଙ୍କ ଶାସନକାଳରେ ଘଟିଥିବ । ଅଶୋକଙ୍କ ଠାରୁ ବ୍ରହ୍ମଦତ୍‌ଙ୍କ ବଂଶ ଶାସନ କରୁଥିବାରୁ ଏବଂ ସେ ବୌଦ୍ଧ୍ ଧର୍ମରେ ଦୀକ୍ଷିତ ହୋଇଥିବା ହେତୁ ତାଙ୍କ ପରବର୍ତ୍ତୀ କାଶୀରାଜ ଓ ସୁନନ୍ଦ ଅନ୍ୟୁନ ୧୫ ବର୍ଷ ଲେଖାଏଁ ରାଜତ୍ୱ କରିଥିବା ଧରାଗଲେ ଅଶୋକଙ୍କ ପରେ ଏମାନଙ୍କ ରାଜତ୍ୱର ଅବଧି ୪୫ ବର୍ଷ (ବ୍ରହ୍ମଦତ୍‌ଙ୍କ ରାଜତ୍ୱକୁ ମିଶାଇ) ହେବ; ଅର୍ଥାତ୍ ବୌଦ୍ଧ୍ ଶାସନର ପରିସର ଖ୍ରୀ:ପୂ: ୧୯୧ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଚାଲିଥିବା ନିର୍ଣ୍ଣୟ କରାଯାଇପାରେ । ତେଣୁ ପ୍ରାୟ ଖ୍ରୀ:ପୂ: ୧୯୧-୮୫ = ୧୦୬ ବର୍ଷର ବୌଦ୍ଧ୍ ଓ ଜୈନ ସଂଘର୍ଷ ଅଥବା ଶାସନ କାଳର କୌଣସି ଠିକ୍ ତଥ୍ୟ ଆମ୍ଭ ମାନଙ୍କର ହସ୍ତଗତ ହୋଇପାରେ ନାହିଁ । ଯଦି ଖାରବେଳଙ୍କୁ ତାଙ୍କ ବଂଶର ରାଜତ୍ୱର ଆରମ୍ଭ ଖ୍ରୀ:ପୂ: ୧୧୫ ମସିହା (ପୂର୍ବ ପ୍ରତ୍ୟେକ ରାଜାଙ୍କ ନିମନ୍ତେ ୧୫ ବର୍ଷର ରାଜତ୍ୱକୁ ବିଚାରକୁ ନେଲେ) ହେବ । ସେଥିରେ ଗୁହଶିବଙ୍କ ରାଜତ୍ୱକୁ ମିଶାଇଲେ ବୌଦ୍ଧ୍ - ଜୈନ ସଂଘର୍ଷର ଚରମ ପର୍ଯ୍ୟାୟ ଖ୍ରୀ:ପୂ: ୧୩୦ ମସିହା ହେବ । ତେଣୁ ଗୁହଶିବଙ୍କ ରାଜତ୍ୱର ପରିସମାପ୍ତି ଖ୍ରୀ:ପୂ: ୧୧୫ ମସିହା ରୂପେ ଧରାଯିବ । ଏହି ଗଣନା ମତେ ଅଶୋକଙ୍କ ପରବର୍ତ୍ତୀ ରାଜା ବ୍ରହ୍ମଦତ୍‌ଙ୍କ ବଂଶର ରାଜତ୍ୱର ଶେଷଠାରୁ ଅର୍ଥାତ ଖ୍ରୀ:ପୂ: ୧୯୧ ମସିହା ଠାରୁ ଗୁହଶିବଙ୍କ ରାଜତ୍ୱର ଆରମ୍ଭ କାଳ ଅର୍ଥାତ୍ ଖ୍ରୀ:ପୂ: ୧୩୦ ମସିହା ମଧ୍ୟରେ ଥିବା ୬୧ ବର୍ଷ ଅନ୍ୟାନ୍ୟ ରାଜାମାନଙ୍କ ଦ୍ୱାରା କଳିଙ୍ଗ ଶାସିତ ହୋଇଥିବା ମନେ ହୁଏ । ଏହି ସମୟର ଜୈନ-ବୌଦ୍ଧ୍ ସଂଘର୍ଷ ସମ୍ପର୍କରେ ମଧ୍ୟ ଆମ୍ଭମାନଙ୍କର କୌଣସି ତଥ୍ୟ ହସ୍ତଗତ ହୋଇନାହିଁ । ତେବେ ଏତିକି କୁହାଯାଇପାରେ ଯେ, ଏହି ସମୟରେ ସାମୟିକ ଭାବରେ ବୌଦ୍ଧ୍ କିମ୍ବ ଜୈନ ମାନେ ଶାସନ କରିଥିବେ ଏବଂ ବୌଦ୍ଧ ସୂତ୍ରରୁ ଏ ବିଷୟରେ ଆମର କୌଣସି ତଥ୍ୟ ହସ୍ତଗତ ହୋଇନଥିବାରୁ ଅଧିକ ସମୟ ଜୈନମାନେ କଳିଙ୍ଗର ଶାସନକୁ ପ୍ରଭାବିତ କରିଥିବା ମନେହୁଏ ।

ଖିରଧାରଙ୍କ ଦନ୍ତପୁର ଆକ୍ରମଣ ଗୁହଶିବଙ୍କ କନ୍ୟା ହେମମାଳାଙ୍କ ସହିତ ଉଜ୍ଜୟିନୀର ରାଜପୁତ୍ର ଦନ୍ତକୁମାରଙ୍କ ବିବାହ ପରେ ହିଁ ସଂଘଠିତ ହୋଇଥିଲା । ଅବନ୍ତୀର ରାଜଧାନୀ ଉଜ୍ଜୟିନୀ ପ୍ରଦ୍ୟୋତଙ୍କ ପରେ ବୌଦ୍ଧ୍ ଧର୍ମର ପୃଷ୍ଠପୋଷକ ରାଜାମାନଙ୍କ ଶାସନାଧୀନ ହୋଇଥିଲା । ଅଶୋକଙ୍କ ସମୟରେ ଉଜ୍ଜୟିନୀରେ ରାଜପ୍ରତିନିଧି କୁମାର ଶାସନ କାର୍ଯ୍ୟ ପରିଚାଳନା କରୁଥିବା ଅଶୋକଙ୍କ ପ୍ରଦତ୍ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ (୧) (ଧଉଳି ଶିଳାଲେଖ)ର ୨୩-୨୪ ଧାଡ଼ିରେ ବର୍ଣ୍ଣିତ ହୋଇଛି । ସେ ମଧ୍ୟ ଏହି ଅଭିଲେଖରେ ମହାପାତ୍ରମାନଙ୍କୁ ପରଦିଦର୍ଶନରେ ପଠାଇ ଶାସନ କାର୍ଯ୍ୟ ଅନୁଧାନ କରିବାକୁ ଅଶୋକ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଏହି ପରିଦର୍ଶନ ସମୟର ବ୍ୟବଧାନ ୩ ବର୍ଷରୁ ଅଧିକ ହେବ ନାହିଁ । ସମ୍ଭବତଃ ସେହି ସମୟରୁ ଉଜ୍ଜୟିନୀର ପ୍ରତ୍ୟକ୍ଷ ପରିଦର୍ଶନ କ୍ଷମତା ମଧ୍ୟରେ କଳିଙ୍ଗ ରହିଥିଲା ଏବଂ ମଗଧ୍ ଶାସନ ଅନ୍ତର୍ହିତ ହୋଇଥିଲେ ମଧ୍ୟ ଉଜ୍ଜୟିନୀର କ୍ଷମତା ମଧ୍ୟରେ କଳିଙ୍ଗ ରହିଥିଲା ଏବଂ ମଗଧ୍ ଶାସନ ଅନ୍ତର୍ହିତ ହୋଇଥିଲେ ମଧ୍ୟ ଉଜ୍ଜୟିନୀର କ୍ଷମତା ବଳୟ ଏହା ଉପରୁ ଅପସାରିତ ହୋଇନଥିଲା । ତେଣୁ ଦନ୍ତକୁମାରଙ୍କର ହେମମାଳାଙ୍କ ସହିତ ବିବାହ

ଜୈନମାନଙ୍କ ବିରୁଦ୍ଧରେ ଏକ ମୁଖ୍ୟ ସାମ୍ମୁଖ୍ୟ ରୂପେ କାର୍ଯ୍ୟ କରିବାର ସମ୍ଭାବନାକୁ ପ୍ରତିହତ କରିବା ନିମନ୍ତେ ଜୈନ ଧର୍ମର ପୃଷ୍ଠପୋଷକ ରାଜାମାନେ ଉଦ୍ୟମ କରିବା ସ୍ୱଭାବିକ । ଖୁବ୍ ସମ୍ଭବ ଉଜ୍ଜିୟିନୀ ରାଜ୍ୟ ଜୈନମାନଙ୍କ ଦ୍ୱାରା ଅଧିକୃତ ହେବା ପରେ ଦନ୍ତକୁମାର କଳିଙ୍ଗ ରାଜଧାନୀ 'ଦନ୍ତପୁର'କୁ ଆଶ୍ରୟ ନିମନ୍ତେ ଆସିଥିଲେ । ହୁଏତ ଖିରଧାରଙ୍କ ଦ୍ୱାରା ଏହି ବିଜୟ ସଂଘଠିତ ହୋଇଥିଲା । ପରେ ସେ ଦନ୍ତପୁରକୁ ଆକ୍ରମଣ କରି ବ୍ୟର୍ଥ ହୋଇଥିଲେ । ମନେହୁଏ ଯୁଦ୍ଧକ୍ଷେତ୍ରରେ ଗୁହଶିବଙ୍କ ସୈନ୍ୟ ଓ ପଣ୍ଡୁରାଜାଙ୍କ ସୈନ୍ୟମାନଙ୍କ ତରଫରୁ ହୋଇଥିବା ଆକ୍ରମଣରେ ଖିରଧାର ଓ ତାଙ୍କର ସୈନ୍ୟମାନେ ଉଭୟ ଦିଗରୁ ଆକ୍ରମିତ ହୋଇ ବିନଷ୍ଟ ହୋଇଥିଲେ । ସେଥିପାଇଁ ପରେ ତାଙ୍କର ପୁତୁରାମାନେ ଏକ ବିଶାଳ ସେନା ନେଇ ମଳୟପବନରୁ ଦନ୍ତପୁର ଆକ୍ରମଣ କରି ଗୁହଶିବଙ୍କୁ ନିହତ କରିଥିଲେ । ଖିରଧାରଙ୍କ ଏହି ପୁତୁରାମାନଙ୍କ ମଧ୍ୟରୁ କଳିଙ୍ଗର ଜୈନ ଧର୍ମାବଲମ୍ବୀ ପରବର୍ତୀ ରାଜା ମହାମେଘବାହନ ଅନ୍ୟତମ ହୋଇ ପାରନ୍ତି । ଖାରବେଳ ଚେଦୀ ବଂଶ ରାଜତ୍ୱର ତୃତୀୟ ବା ପମ ରାଜା ଯାହାକି ହୁଅନ୍ତା ନା କାହିଁକି, ମହାମେଘବାହନ ଅଥବା ତାଙ୍କର ଅନ୍ୟ କେହି ପିତୃ ପୁରୁଷ ଏହି ଯୁଦ୍ଧପରେ କଳିଙ୍ଗରେ ଚେଦୀ ବଂଶର ରାଜତ୍ୱ ସହ ଜୈନ ରାଜତ୍ୱର ଆରମ୍ଭ କରିଥିଲେ । ଏହି ବଂଶ ସୁକ୍ତିମତୀ ନଦୀକୂଳରେ ତାଙ୍କ ରାଜ୍ୟ ଶାସନ କରୁଥିବା ପଣ୍ଡିତମାନେ ବ୍ୟକ୍ତ କରିଛନ୍ତି, ଏବଂ ଏହି ନଦୀକୁ ବଲାଙ୍ଗୀର ଜିଲ୍ଲାରେ ପ୍ରବାହିତ ଶୁକ୍ତେଲ ନଦୀ ରୂପେ ଚିହ୍ନିତ କରିଛନ୍ତି । ତେଣୁ ବଲାଙ୍ଗୀର ଓ ସମ୍ବଲପୁର ମଧ୍ୟରେ ରହିଥିବା ଗନ୍ଧମାର୍ଦ୍ଦନ ପର୍ବତ ଏହି ମଳୟବନ ହେବା ସମ୍ଭବ ।

ସୁନନ୍ଦଙ୍କ ପରେ ଗୁହଶିବଙ୍କ ରାଜତ୍ୱ ମଧ୍ୟରେ ଅନ୍ୟାନ୍ୟ ବୌଦ୍ଧରାଜାମାନେ ରାଜତ୍ୱ କରିଥିବା 'ଦାଠା ଧାତୁବଂଶ'ର ବିବରଣୀରୁ ଜଣାଯାଏ, ଏହି ସମୟ ବୌଦ୍ଧମାନଙ୍କ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନଥିଲା କିମ୍ବା ସେମାନଙ୍କ ବିରୁଦ୍ଧରେ ଅସନ୍ତୋଷ ଚରମ ପର୍ଯ୍ୟାୟକୁ ଯାଇ ନଥିଲା । କିନ୍ତୁ ଗୁହଶିବଙ୍କ ରାଜତ୍ୱର ପ୍ରାରମ୍ଭରେ ସେ ଜୈନ ସମର୍ଥକ ଥିଲେ ଏବଂ ଏହା ଜନତାଙ୍କ ଦ୍ୱାରା ଆଦୃତ ହୋଇଥିଲା । ମାତ୍ର ପରେ ସେ ବୌଦ୍ଧ ପ୍ରଭାବରେ ଜୈନମାନଙ୍କୁ ବହିଷ୍କାର କରିଥିଲେ । 'ଦାଠାବଂଶ'ର ଏହି ବିବରଣୀ ଆଉ ମଧ୍ୟ ପରୋକ୍ଷରେ ସୂଚାଇଥାଏ ଯେ, କଳିଙ୍ଗରେ ବୌଦ୍ଧମାନଙ୍କ ଶାସନକୁ ରାଜା ଓ ମନ୍ତ୍ରୀ ଅଥବା ତାଙ୍କର ପାରିଷଦମାନେ ରକ୍ଷା କରିଥିଲେ ଓ ଉଜ୍ଜୟିନୀ ଏହି ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଥିଲା । ମାତ୍ର ଜନତାଙ୍କ ଦ୍ୱାରା ଗୃହୀତ ହୋଇ ନଥିଲା । ସମ୍ଭବତଃ ଅଶୋକଙ୍କ ସମୟରୁ ଏହି ଶାସକ କର୍ମଚାରୀ ଗୋଷ୍ଠୀ ବା ପାରିଷଦମାନେ ବୌଦ୍ଧଧର୍ମକୁ ରକ୍ଷା କରିଥିଲେ । ସେଥିପାଇଁ ପରେ ଖାରବେଳଙ୍କ ବଂଶ ତାଙ୍କର ରାଜଧାନୀକୁ ଦନ୍ତପୁରରୁ ତୋଷଳୀକୁ ଉଠାଇ ଆଣି ରାଜ୍ୟ ଶାସନ କରିଥିଲେ । ସେମାନଙ୍କ ପ୍ରୋତ୍ସାହନରେ ଜୈନ ଧର୍ମ ଓ ଶାସନର ବିକାଶ ଘଟିଥିଲା ଏବଂ ଖାରବେଳଙ୍କ ଉ□ାନରେ ଏହି ଧର୍ମ ସଂଘର୍ଷ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲା ।

# ଖାରବେଳ ଓ ସମ୍ପୃକ୍ତ ଐତିହାସିକ ସମସ୍ୟା

(ଏକ ଅଭିଲେଖ ଭିତ୍‌ିକ ଆଲୋଚନା)

*ଡକ୍ଟର ସ୍ନିଗ୍ଧା ତ୍ରିପାଠୀ*

କଳିଙ୍ଗାଧିପତି ଖାରବେଳଙ୍କ ରାଜତ୍ୱ କାଳୀନ ଓଡିଶାର ଇତିହାସ ଏପର୍ଯ୍ୟନ୍ତ ରହସ୍ୟାବୃତ । ବିଗତ ଉନବିଂଶ ଶତାବ୍ଦୀର ଦ୍ୱିତୀୟ ଶତକ ପର୍ଯ୍ୟନ୍ତ ଉକ୍ତ କଳିଙ୍ଗାଧିପତି ଐତିହାସିକମାନଙ୍କଠାରେ ଅଜ୍ଞାତ ଥିଲେ । ଭୁବନେଶ୍ୱର ଯୁଗ୍ମ ପାହାଡ ଉଦୟଗିରି-ଖଣ୍ଡଗିରି ଠାରେ, ଖ୍ରୀ:ପୂ: ପ୍ରାୟ ୧ମ ଶତାବ୍ଦୀୟ ବ୍ରାହ୍ମୀ ଅକ୍ଷରରେ ଉତ୍କୀର୍ଣ୍ଣ ପ୍ରାକୃତ ଭାଷାର ଶିଳାଲେଖ ସମୂହ ଆବିଷ୍କାର ଏବଂ ପାଠୋଦ୍ଧାର ପରେ ଓଡିଶା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଚୀନ ଅଧ୍ୟାୟ ଉନ୍ମୋଚିତ ହେଲା । ଉଦୟଗିରିସ୍ଥିତ ହାତୀଗୁମ୍ଫା ଠାରେ ଉତ୍କୀର୍ଣ୍ଣ ଓ ସର୍ବବୃହତ ଶିଳାଲେଖଟି କଳିଙ୍ଗାଧିପତି ଖାରବେଳଙ୍କ ତ୍ରୟୋଦଶ ବର୍ଷ ବ୍ୟାପୀ ଘଟନା ବହୁଳ ରାଜତ୍ୱର ବିବରଣୀ । କଳିଙ୍ଗ ଏକଦା ଅନ୍ୟତମ ସୁବୃହତ ସାମ୍ରାଜ୍ୟରେ ପରିଣତ ହୋଇଥିଲା ଏବଂ ଏହାର ଅଧିପତି ଖାରବେଳ ତାଙ୍କ ତ୍ରୟୋଦଶ ବର୍ଷ ରାଜତ୍ୱ କାଳରେ ଅଧିକାଂଶ ସମୟ ଉତ୍‌ର ତଥା ଦକ୍ଷିଣ ଭାରତୀୟ ବିଭିନ୍ନ ରାଜ୍ୟ ବିରୋଧରେ ଯୁଦ୍ଧ୍ ଅଭିଯାନରେ ଅତିବାହିତ କରି ସୁଦ୍ଧା ନିଜ ସାମ୍ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧିନ କରିଥିଲେ । ଏହି ସୂଚନା ଉକ୍ତ ଅଭିଲେଖରେ ବିସ୍ତୃତ ରୂପେ ଦିଆଯାଇଛି ।

କିନ୍ତୁ ଦୁର୍ଭାଗ୍ୟର ବିଷୟ, ଖାରବେଳଙ୍କ ରାଜତ୍ୱ କାଳ ସମ୍ପର୍କରେ ଆଲୋକପାତ କରୁଥିବା ଏକମାତ୍ର ଶିଳାଲେଖଟି କାଳର କରାଳ କବଳରେ ଅତି ଶୋଚନୀୟ ଭାବେ କ୍ଷତ ବିକ୍ଷତ । ହାତୀଗୁମ୍ଫା ଶିଳାଲେଖଟିର ପ୍ରତ୍ୟେକ ଧାଡିରେ ଉତ୍କୀର୍ଣ୍ଣ ଅକ୍ଷର ବର୍ତମାନ ଲୁପ୍ତ ପ୍ରାୟ । ତେଣୁ, ବିଗତ ଉନବିଂଶ ଶତାବ୍ଦୀର ତୃତୀୟ ଦଶକଠାରୁ ଅର୍ଥାତ ଉକ୍ତ ହାତୀଗୁମ୍ଫା ଶିଳାଲେଖର ଆବିଷ୍କାର ଦିନଠାରୁ ଅସଂଖ୍ୟ ବିଦେଶୀ ତଥା ସ୍ୱଦେଶୀ ଐତିହାସିକ, ଲିପିତତ୍ୱ ବିଶାରଦଙ୍କ ନିରନ୍ତର ପ୍ରଚେଷ୍ଟା ସତ୍ୱେ ଲେଖଟିର ନିର୍ଭୁଲ ଏବଂ ଯୁକ୍ତସମ୍ମତ ପାଠୋଦ୍ଧାର ସମ୍ଭବ ନାହିଁ । (୧) ଏହି କାରଣରୁ ଅସଂଖ୍ୟ ବିତର୍କ ସୃଷ୍ଟି ହୋଇ ପ୍ରାଚୀନ କଳିଙ୍ଗ ଇତିହାସ ଜଟିଳ ସମସ୍ୟା ବହୁଳ ହୋଇ ପଡିଛି । ଖାରବେଳଙ୍କ ବଂଶ ପରିଚୟ, ତାଙ୍କର ରାଜତ୍ୱ ସମୟ, କଳିଙ୍ଗ ସାମ୍ରାଜ୍ୟର ଅବସ୍ଥିତି ଓ ବିସ୍ତୃତି, ରାଜଧାନୀ କଳିଙ୍ଗ ନଗରୀର ଅବସ୍ଥିତି ଇତ୍ୟାଦି ଏବଂ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପ୍ରଶ୍ନ ଆଜି ପର୍ଯ୍ୟନ୍ତ ଗବେଷକ, ଐତିହାସିକମାନଙ୍କୁ ବିଭ୍ରାନ୍ତ କରେ । ଆଉ ଏକ ଦୁର୍ଭାଗ୍ୟର ବିଷୟ ହେଉଛି, ହାତୀଗୁମ୍ଫା ଶିଳାଲେଖ ବ୍ୟତୀତ କଳିଙ୍ଗାଧିପତି ଖାରବେଳଙ୍କର ଦ୍ୱିତୀୟ ଅଭିଲେଖ ଏପର୍ଯ୍ୟନ୍ତ ଭାରତର ଅନ୍ୟ କୌଣସି ଅଞ୍ଚଳରେ ଆବିଷ୍କୃତ ହୋଇନାହିଁ କିମ୍ବା ଅନ୍ୟ କୌଣସି ପତ୍ନତାତ୍ୱିକ ବା ସାହିତ୍ୟିକ ଉପକରଣରୁ ଖାରବେଳ କିମ୍ବା ତାଙ୍କ ରାଜତ୍ୱ କାଳ ସମ୍ପର୍କରେ ପରିପୂରକ ତଥ୍ୟ ନ ମିଳିବା ହେତୁ ତତ୍କାଳୀନ କଳିଙ୍ଗର ଲୁପ୍ତ ଇତିହାସ ପୁନରୁଦ୍ଧାର କଷ୍ଟସାଧ ହୋଇପଡିଛି । ହାତୀଗୁମ୍ଫା ଅଭିଲେଖର ପାଠ ତଥା ଅର୍ଥାନ୍ତରରେ ବିଶାରଦମାନଙ୍କ ମତଭେଦ ରହିଥିବା କାରଣରୁ, ଖାରବେଳଙ୍କୁ କେନ୍ଦ୍ର କରି ଐତିହାସିକ ତଥା ସାଧାରଣ ଲୋକଙ୍କ ମନରେ ନାନା ବିଭ୍ରାନ୍ତିକର ଧାରଣା ଜନ୍ମ ନେଇଛି । ଫଳରେ ଐତିହାସିକ ସମସ୍ୟାଗୁଡିକ କ୍ରମଶଃ ଜଟିଳରୁ ଜଟିଳତର ହେବାରେ ଲାଗିଛି । ସଂକ୍ଷେପରେ କହିଲେ, ଖାରବେଳଙ୍କ ସମୟର ଓଡିଶା ଇତିହାସ ଆଜି ପର୍ଯ୍ୟନ୍ତ ନାନା ବିଭ୍ରାନ୍ତିକର ଧାରଣା ଉପରେ ପର୍ଯ୍ୟବେସିତ । ଏ ସମୟର ଇତିହାସ ସମ୍ବନ୍ଧରେ ଏକ ଯୁକ୍ତିଯୁକ୍ତ ସ୍ଥିର ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଉକ୍ତ ଅଭିଲେଖର ଯୁକ୍ତି ସମ୍ମତ ପାଠୋଦ୍ଧାର ତଥା ଅର୍ଥାନ୍ତର ନିତାନ୍ତ ପ୍ରୟୋଜନ । ତେବେ, ଶିଳାଲେଖଟିର ଶୋଚନୀୟ ଜୀର୍ଣ୍ଣାବସ୍ଥା, ଆଧୁନିକ ଗବେଷକମାନଙ୍କୁ କେତେଦୂର ସାହାଯ୍ୟ କରିବ ସେ ବିଷୟରେ ସନ୍ଦେହ ରହିଛି । ପୁନଶ୍ଚ, କେବଳ ହାତୀଗୁମ୍ଫା ଶିଳାଲେଖକୁ ଆଧାର କରି ଖାରବେଳଙ୍କ ରାଜତ୍ୱ କାଳୀନ ଇତିହାସ ପୁନରୁଦ୍ଧାର ବର୍ତ୍‌ମାନ ପରିସ୍ଥିତିରେ କଷ୍ଟସାଧ ଏବଂ ଅଯୌକ୍ତିକ । ଯେଉଁସବୁ ବିଭ୍ରାନ୍ତିକର ଧାରଣା ଐତିହାସିକମାନଙ୍କ ମନରେ ବଦ୍ଧମୂଳ ଓ ଗତାନୁଗତିକତାରେ ପରିଣତ ହୋଇଛି ଏବଂ ସମାଧାନ ପରିବର୍ତ୍ତେ ଜଟିଳ ସମସ୍ୟା ସୃଷ୍ଟି କରିଛି, ସେ ସବୁର ପରିବର୍ତ୍‌ନ ବିନା ଖାରବେଳ ଏବଂ ସଂପୃକ୍ତ ଐତିହାସିକ ସମସ୍ୟା

ସମୂହର ସ୍ଥିର ସମାଧାନ ସମ୍ଭବ ନୁହେଁ । ତେଣୁ ହାତୀଗୁମ୍ଫା ଶିଳାଲେଖ ଛଡା ଅନ୍ୟାନ୍ୟ ପ୍ରାମାଣିକ ତଥ୍ୟ ଅନୁସନ୍ଧାନ ନିତାନ୍ତ ପ୍ରୟୋଜନ ।

ଆଲୋଚ୍ୟ ପବନ୍ଧଟିର ମୂଳ ଉଦ୍ଦେଶ୍ୟ ହେଉଛି, ଖାରବେଳଙ୍କ ରଜତ୍ୱ କାଳୀନ କଳିଙ୍ଗ ଇତିହାସରେ ବର୍ତ୍ତମାନ ସୁଦ୍ଧା ରହିଥିବା କେତେକ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ଏ ବିଷୟରେ ଭବିଷ୍ୟତ ଗବେଷଣା ପାଇଁ ଉପଯୁକ୍ତ ଭିତ୍ତିଭୂମିର ଅନୁସନ୍ଧାନ । ଏଥିରେ ଖାରବେଳଙ୍କ ବଂଶ ପରିଚୟ ତାଙ୍କ ରାଜ୍ୟ ତଥା ରାଜଧାନୀ ସମ୍ପର୍କିତ ସମସ୍ୟା ଉପରେ ନୂତନ ଆଲୋକପାତର ପ୍ରଚେଷ୍ଟା କରାଯାଇଛି । ଏହି ସମସ୍ୟାଗୁଡ଼ିକର ଉପଯୁକ୍ତ ସମାଧାନ ହେଲେ ସମ୍ପୃକ୍ତ ଅନ୍ୟାନ୍ୟ ସମସ୍ୟା ସମୂହର ସମାଧାନ ପାଇଁ ପଥ ସୁଗମ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

ହାତୀଗୁମ୍ଫା ଶିଳାଲେଖଟିର ପ୍ରଥମ ଧାଡ଼ିରେ ମହାରାଜ ଖାରବେଳଙ୍କ ବିରୁଦାବଳୀ ସହିତ ତାଙ୍କର ବଂଶ ପରିଚୟ ମଧ୍ୟ ଉତ୍କୀର୍ଣ୍ଣ ହୋଇଛି- "ଐରେଣ ମହାରାଜେନ ମହାମେଘବାହନେନ ଚେତରାଜବଂଶ ବଧନେନ ପସଥସୁଭ- ଲଖନେନ ଚତୁରଂତ- ଲୁଂଣ ଗୁଣ- ଉପିତେନ କଳିଂଗାଧିପତିନା ସିରି- ଖାରବେଲେନ-..." ଇତ୍ୟାଦି । ଏହା ସଂସ୍କୃତ ଭାଷାରେ ରୂପାନ୍ତରିତ କଲେ- "ଆର୍ଯ୍ୟେଣ ମହାରାଜେନ ମହାମେଘବାହନେନ ଚେତ- ରାଜବଂଶ-ବର୍ଦ୍ଧନେନ ପ୍ରଶସ୍ତ- ଶୁଭ- ଲକ୍ଷଣେନ ଚତୁରନ୍ତ- ଲୁଣ୍ଠନ- ଗୁଣୋପେତେନ..." । ଏଥିରୁ କେତେକ ଶବ୍ଦର ପାଠାନ୍ତରରେ ବିଶାରଦମାନଙ୍କ ମଧ୍ୟରେ (୨) ମତଭେଦ ଏପର୍ଯ୍ୟନ୍ତ ରହିଥିଲେ ମଧ୍ୟ ଖାରବେଳଙ୍କ ବଂଶ ପରିଚୟ ଉକ୍ତ ଧାଡ଼ିରେ ହିଁ ଦିଆଯାଇଥିବା ସମସ୍ତେ ହିଁ ଜାଣନ୍ତି । ଖାରବେଳଙ୍କୁ ପ୍ରଥମତଃ 'ଐରେଣ' ସମ୍ମାନ ସୂଚକ ଶବ୍ଦରେ ଭୂଷିତ କରାଯାଇଛି । ଉକ୍ତ ଶବ୍ଦଟିକୁ କେନ୍ଦ୍ର କରି ବହୁଦିନ ପର୍ଯ୍ୟନ୍ତ ପଣ୍ଡିତମାନଙ୍କ ବିତର୍କ ଚାଲିଥିଲା । ପୂର୍ବେ, ଅନେକ ଏହି ଶବ୍ଦଟିକୁ ଖାରବେଳଙ୍କ ଅନ୍ୟତମ ବଂଶ- ନାମ ବୋଲି ବିଶ୍ୱାସ କରୁଥିଲେ । ଏପରିକି, କେହି କେହି ଏହା ଖାରବେଳଙ୍କ ଅନ୍ୟ ଏକ ନାମ ହୋଇଥିବ ମଧ୍ୟ ସନ୍ଦେହ କରୁଥିଲେ । ତେବେ, ଶବ୍ଦଟିର ସଂସ୍କୃତ ସମାର୍ଥକ ଶବ୍ଦ ଯେ "ଆର୍ଯ୍ୟେଣ", ବର୍ତ୍ତମାନ ଅନେକେ ହୃଦୟଙ୍ଗମ କଲେଣି । ଖ୍ରୀଷ୍ଟୀୟ ୧ମ /୨ୟ ଶତାବ୍ଦୀର ବହୁ ପ୍ରାକୃତ ଭାଷାର ଅଭିଲେଖରେ ଏହି ଐର ସମ୍ମାନ- ସୂଚକ ଶବ୍ଦଟି ଶାସକ କିମ୍ବା ତାଙ୍କ ପୂର୍ବଜଙ୍କ ପ୍ରତି ବ୍ୟବହୃତ ହୋଇଥିବା ଦେଖାଯାଇଛି । ଖ୍ରୀଷ୍ଟୀୟ ୧ମ ବା ୨ୟ ଶତାବ୍ଦୀରେ ଆନ୍ଧ୍ରପ୍ରଦେଶର କୃଷ୍ଣା- ଗୁ□ୁର ଅଳରେ ରାଜତ୍ୱ କରୁଥିବା ହାରିତୀ ପୁତ୍ର- ମାନସଦଙ୍କ (୩) ନାମ ସହିତ 'ଐର' ଶବ୍ଦ ଯୁକ୍ତ ହୋଇଥିବା ହେତୁ ଅନେକେ ଏହାଙ୍କୁ ଖାରବେଳଙ୍କ ପରବର୍ତ୍ତୀ ବଂଶଧର ବୋଲି ଅନୁମାନ କରିଥାନ୍ତି । ଖ୍ରୀଷ୍ଟୀୟ ୨ୟ / ୩ୟ ଶତାବ୍ଦୀରେ କୃଷ୍ଣା-ଗୋଦାବରୀ ଅଳରେ ରାଜତ୍ୱ କରୁଥିବା ଇକ୍ଷ୍ୱାକୁ ବଂଶୀୟ ଶାସକମାନଙ୍କ ନାମ ସହିତ 'ଐର' ଯୁକ୍ତ ହୋଇଥିବା ଲକ୍ଷ୍ୟ କରାଯାଇଛି । (୪) ଏହାଛଡ଼ା ସାତବାହନ ବଂଶୀୟ ଅଭିଲେଖରେ ମଧ୍ୟ ବଂଶର ଶାସକମାନଙ୍କୁ 'ଐର' ବା 'ଆର୍ଯ୍ୟ' (କେବେ କେବେ ମହାଐରକ ଅର୍ଥାତ୍ ମହାର୍ଯ୍ୟକ) ଶବ୍ଦରେ ଭୂଷିତ କରାଯାଇଛି । (୫)

ଅନେକେ 'ମହାମେଘବାହନ' ଶବ୍ଦଟିକୁ ଖାରବେଳଙ୍କ ନାମ ସହ ଯୁକ୍ତ ଏକ ବିରୁଦ ବୋଲି ବିଶ୍ୱାସ କରନ୍ତି । କିନ୍ତୁ ଏହା କେବଳ ଅନୁମାନ ଆଧାରିତ । ଦାକ୍ଷିଣାତ୍ୟର ସାତବାହନ ରାଜବଂଶ ପରି, ମେଘବାହନ ନାମରେ ଆଉ ଏକ ରାଜବଂଶ କଳିଙ୍ଗରେ ପ୍ରତିଷ୍ଠା ଲାଭ କରିଥିବା ବିଷୟ, ନିକଟ ଅତୀତରେ ଆବିଷ୍କୃତ କେତେକ ପୁରାଭିଲେଖରୁ ପ୍ରମାଣିତ । ଏହାଛଡ଼ା ଉଦୟଗିରିସ୍ଥିତ (ଭୁବେନେଶ୍ୱର) ମପୁରୀ ଗୁମ୍ଫାରେ ଖାରବେଳଙ୍କ ଅଗ୍ରମହିଷୀ ଓ ଉତ୍ତରାଧିକାରୀଙ୍କ ସମ୍ପର୍କରେ ସୂଚନା ଦେଉଥିବା କେତେକ ଅଭିଲେଖ ରହିଛି । (୬) ତେଣୁ ଏଗୁଡ଼ିକ ହାତୀଗୁମ୍ଫା ଅଭିଲେଖର ସମସାମୟିକ । ଏଗୁଡ଼ିକ ମଧ୍ୟରୁ ଖାରବେଳଙ୍କ ଉତ୍ତରାଧିକାରୀ (ସମ୍ଭବତଃ ଜ୍ୟେଷ୍ଠ ପୁତ୍ର) କୁଡେପ- ସିରିଙ୍କର (୭) ଏକଧାଡ଼ି ବିଶିଷ୍ଟ ଅଭିଲେଖଟିରେ ତାଙ୍କୁ 'ମହାରାଜା କଳିଙ୍ଗାଧିକତି- ମହାମେଘବାହନ- କୁଡେପ- ସିରି' ରୂପେ ବର୍ଣ୍ଣନା କରାଯାଇଛି । ଖାରବେଳ ତଥା କୁଡେପ-ସିରିଙ୍କ ବଂଶ- ନାମ ଯେ ମହାମେଘବାହନ ଥିଲା, ସେ ବିଷୟରେ ନିଃସନ୍ଦେହ ହେବା ପାଇଁ ଆଉ ଏକ ପ୍ରାମାଣିକ ତଥ୍ୟ ପୁରାଭିଲେଖରୁ ଦିଆଯାଇପାରେ । ନିକଟ ଅତୀତରେ ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ

ଜିଲ୍ଲା ଅନ୍ତର୍ଗତ ଗୁ□ୁପଲ୍ଲୀ ଅଳର, ଭାରତୀୟ ପ୍ରତ୍ନ - ସର୍ବେକ୍ଷଣ ବିଭାଗ ଆନୁକୁଲ୍ୟରେ ଏକ ସୁବିସ୍ତୃତ ବୌଦ୍ଧକୀର୍ତ୍ତି-ଅବଶେଷ ଆବିଷ୍କୃତ ହୋଇଛି । ଏଠାରେ ଆବିଷ୍କୃତ ବିଭିନ୍ନ ଯୁଗରେ ଉତ୍କୀର୍ଣ୍ଣ ଲେଖ ମଧ୍ୟରୁ ସର୍ବପ୍ରାଚୀନ (ଖ୍ରୀ:ପୂ: ଆନୁମାନିକ ୧ମ ଶତାବ୍ଦୀର ପୂର୍ବଭାଗ) ଅଭିଲେଖଟି ବ୍ରାହ୍ମୀଲିପିଯୁକ୍ତ ପ୍ରାକୃତ ଭାଷାରେ ଲେଖାଯାଇଛି । (୮) ଏଥିରେ 'ମହାମେଘବାହନ- କଳିଙ୍ଗ- ମହିଷକାଧିପତି- ସିରି- ସଦ' ନାମରେ ମେଘବାହନ ରାଜବଂଶୀୟ ଜଣେ ଶାସକଙ୍କ ନାମର ଉଲ୍ଲେଖ ରହିଛି । ତେଣୁ ଖାରବେଳ ଓ କୁଡେପ- ସିରି ବ୍ୟତୀତ, ଆଉ ଜଣେ ମହାମେଘବାହନ ବଂଶୀୟ ଶାସକଙ୍କ ନାମ ଆମେ ପୁରାଭିଲେଖ ସାହାଯ୍ୟରେ ଦେଖିବାକୁ ପାଉଛୁ । ତେବେ, ଖାରବେଳଙ୍କ ସହିତ ଉକ୍ତ ଅଭିଲେଖରେ ଉଲ୍ଲିଖିତ 'ସିରି-ସଦ'ଙ୍କ କୌଣସି ସମ୍ପର୍କ ଥିବା ନଥିବା ବିଷୟ ଆଲୋଚନା କରିବା ପୂର୍ବରୁ ହାତୀଗୁମ୍ଫା ଶିଳାଲେଖର ପ୍ରଥମ ଧାଡ଼ିରେ ପଠିତ ଆଉ ଏକ ସମସ୍ୟାକୀର୍ଣ୍ଣ ଶବ୍ଦ ଓ ବାକ୍ୟାଂଶର ବିଶ୍ଳେଷଣାତ୍ମକ ଆଲୋଚନା କରିବା ନିତାନ୍ତ ପ୍ରୟୋଜନ । ଏହାର କାରଣ, ପୂର୍ବ ବିଶାରଦମାନେ ଉକ୍ତ ବାକ୍ୟାଂଶଟି ଖାରବେଳଙ୍କ ବଂଶ ପରିଚୟ ସଂକ୍ରାନ୍ତୀୟ ସମସ୍ୟା ସହ ଜଡିତ କରିଯାଇଛନ୍ତି । ବାକ୍ୟାଂଶଟି ହେଲା 'ଚେତ- ରାଜବଂଶ- ବଧନେନ' (ସଂସ୍କୃତରେ;- "ଚେତ-ରାଜ-ବଂଶ- ବର୍ଦ୍ଧନେନ" ଅର୍ଥାତ ଯେ ଚେତ ରାଜବଂଶର ବର୍ଦ୍ଧକ ବା ବିସ୍ତାରକ) । ପୂର୍ବ ବିଶାରଦଙ୍କ ମଧ୍ୟରୁ ଅନେକ 'ଚେତ' ପାଠ କରିଥିଲେ ହେଁ ଭ୍ରମବଶତଃ ଏହାକୁ ସଂଶୋଧନ କରି 'ଚେତି' ଅର୍ଥାତ୍ ଚେଦୀ ଲେଖା ହୋଇଥିବା ଅନୁମାନ କରିଛନ୍ତି । (୯) ଫଳ ସ୍ୱରୂପ, ଖାରବେଳ ଚେଦୀ ରାଜବଂଶୀୟ ହୋଇଥିବା ବଦ୍ଧମୂଳ ଧାରଣାରେ ପରିଣତ ହୋଇଛି । ପ୍ରାଚୀନ ଭାରତୀୟ ସାହିତ୍ୟିକ ଉପକରଣରେ ଚେଦୀ ରାଜବଂଶର ଉଲ୍ଲେଖ ଥିବା ହେତୁ ଐତିହାସିକମାନେ ଖାରବେଳଙ୍କୁ ଉକ୍ତ ବଂଶ ସହିତ ସମ୍ପୃକ୍ତ କରିଛନ୍ତି । ଆହୁରି ମଧ୍ୟ ହାତୀଗୁମ୍ଫା ଶିଳାଲେଖର ଶେଷ ଦୁଇଧାଡ଼ିରେ ଖାରବେଳଙ୍କ ଉଦ୍ଦେଶ୍ୟରେ କେତେକ ପ୍ରଶସ୍ତି ସୂଚକ ବିରୁଦ ଉତ୍କୀର୍ଣ୍ଣ ହୋଇଛି, ଯେପରିକି କ୍ଷେମରାଜଃ, ବୃଦ୍ଧିରାଜଃ, ଭିକ୍ଷୁରାଜଃ, ଧର୍ମରାଜଃ, ସର୍ବପାର୍ସଦ ପୂଜକଃ, ସର୍ବଦେବାୟତ ସଂସ୍କାରମାରକଃ... ରାଜର୍ଷି-ବସୂ- କୁଳ- ବିନିଶ୍ରିତୋ (ପ୍ରାକୃତରେ, ରାଜସି ବସୂ-କୁଳ)... ଇତ୍ୟାଦି । କେହି କେହି 'ରାଜିସି - ବଂସ-କୁଳ'ପାଠ କରିଥିବାବେଳେ (ବେଣୀମାଧବ ବଡୁଆ ପ୍ରମୁଖ) ଆଉ କେହି କେହି "ରାଜସି-ବସୁ-କୂଳ' (ଦୀନେଶ ଚନ୍ଦ୍ର ସରକାର ପ୍ରମୁଖ) ପାଠ କରିଛନ୍ତି ଏବଂ ପୌରାଣିକ ସାହିତ୍ୟ ବର୍ଣ୍ଣିତ ଚେଦୀ ବଂଶୀୟ 'ଉପରିଚର ବସୁ' ଙ୍କ ବଂଶଧର ବୋଲି ଖାରବେଳ ନିଜକୁ ଘୋଷଣା କରିଥିବା ବିଶ୍ୱାସ କରନ୍ତି । କିନ୍ତୁ ଅନ୍ୟ କୌଣସି ପରିପୂରକ ତଥ୍ୟ ମିଳିବା ପର୍ଯ୍ୟନ୍ତ ଏହା ଗ୍ରହଣଯୋଗ୍ୟ ନୁହେଁ । ଏହା ଖାରବେଳଙ୍କ ବିରୁଦାବଳୀର ଅଂଶବିଶେଷ । ଏହାର ପାଠୋଦ୍ଧାର ଯାହା ହେଲେ ମଧ, ପ୍ରାଚୀନ ଇତିହାସ ପୁନର୍ଗଠନ ପରିପ୍ରେକ୍ଷୀରେ ଏହାର ଅର୍ଥାନ୍ତର କରିବାରେ ବିଶେଷ ସାବଧାନତା ଅବଲମ୍ବନର ପ୍ରୟୋଜନ ରହିଛି । ନିଜ ନିଜ ବଂଶ ଗୌରବର ଅଭିବୃଦ୍ଧି ଉଦ୍ଦେଶ୍ୟରେ ସ୍ୱନାମଧନ୍ୟ ପୂର୍ବ ପୁରୁଷମାନଙ୍କୁ ସମ୍ମାନ ପ୍ରଦର୍ଶନାର୍ଥେ ପ୍ରଶସ୍ତି ସୂଚକ ବିରୁଦାବଳୀ ବ୍ୟବହାର ପ୍ରଥା ପ୍ରାଚୀନ ଅଭିଲେଖ ତଥା ସାହିତ୍ୟିକ ଉପକରଣରେ ବିରଳ ନୁହେଁ । ସମ୍ଭବତଃ, ଖାରବେଳଙ୍କ ପୂର୍ବ ବଂଶଧରଙ୍କ ମଧ୍ୟରେ ବସୂ ବା ବସୁ ନାମରେ କେହି ଜଣେ ସୁନାମଧନ୍ୟ ଶାସକ ଥିଲେ; ଯାହାଙ୍କ ପ୍ରତି ସମ୍ମାନ ସୂଚକ 'ରାଜର୍ଷି' ଶବ୍ଦ ବ୍ୟବହାର କି ତାଙ୍କର ଉତ୍ର ବଂଶଧର ରୂପେ ଖାରବେଳ ନିଜକୁ ଗୌରାବାନ୍ୱିତ ମନେ କରୁଥିଲେ । ଅଥବା, ନିଜର ବଂଶ ଗୌରବରେ ଗୌରାବାନ୍ୱିତ ଖାରବେଳ ମହାମେଘବାହନ ରାଜବଂଶକୁ ସମ୍ମାନ ସୂଚକ 'ରାଜର୍ଷି' ଶବ୍ଦ ବସ୍ତୁତଃ ନିଜ ନିଜ ବଂଶର ପୂର୍ବ ପୁରୁଷମାନଙ୍କ ସମ୍ମାନାର୍ଥେ ବ୍ୟବହାର କରାଯାଇଥିବା ଦେଖାଯାଏ । ଉଦାହରଣ ସ୍ୱରୂପ, ସାତବାହନ ବଂଶୀୟ ବାଶିଷ୍ଠି ପୁତ୍ର ପୁଳମାୟି (ଆ:ମା: ୨ୟ ଶତାବ୍ଦୀ) ଙ୍କ ଅଭିଲେଖରେ ତାଙ୍କ ପୂର୍ବବଂଶଧର ଶ୍ରୀ ସାତକର୍ଣ୍ଣୀ (ଗୌତମୀ ପୁତ୍ର ସାତକର୍ଣ୍ଣୀ) ଙ୍କ ମାତା ମହାଦେବୀ ଗୌତମୀ- ବଳଶ୍ରୀୟାଙ୍କୁ ସମ୍ମାନ ପ୍ରଦର୍ଶନାର୍ଥେ 'ରାଜର୍ଷି- ବଧୂ'... ଏବଂ ସାତକର୍ଣ୍ଣୀଙ୍କ ପିତାଙ୍କୁ 'ରାଜର୍ଷି' ସମ୍ମାନ ସୂଚକ ଶବ୍ଦରେ ଭୂଷିତ କରାଯାଇଛି । (୧୦) ତେଣୁ ହାତୀଗୁମ୍ଫା ଶିଳାଲେଖର ପ୍ରଥମ ଧାଡ଼ିରେ 'ଚେତ- ରାଜବଂଶ- ବର୍ଦ୍ଧକ' ଏବଂ ଶେଷ ଧାଡ଼ିରେ 'ରାଜର୍ଷି-ବସୁ-କୁଳ...' ଖାରବେଳ ଏବଂ ତାଙ୍କ ବଂଶର ପ୍ରଶସ୍ତି ସୂଚକ ବିରୁଦାବଳୀର ଅନ୍ୟତମ ଅଂଶ ।

'ଚେତ' ପରିବର୍ତ୍ତେ 'ଚେତି' ଅର୍ଥାତ୍ 'ଚେଦି' ପାଠାନ୍ତର ଫଳରେ ଖାରବେଳଙ୍କ ବଂଶ- ପରିଚୟ ନିର୍ଦ୍ଧାରଣରେ ଅନ୍ୟତମ ଜଟିଳ ସମସ୍ୟା ସୃଷ୍ଟି ହୋଇଛି । ଅର୍ଥାତ୍ ତାଙ୍କୁ ଚେଦି ରାଜବଂଶୀୟ ହୋଇଥିବା ଐତିହାସିକମାନେ ଏପର୍ଯ୍ୟନ୍ତ ବିଶ୍ୱାସ କରନ୍ତି । ଆହୁରି ମଧ୍ୟ, ମହାମେଘବାହନ ବଂଶ ପୌରାଣିକ ଚେଦିବଂଶ ଏବଂ ଉପରିଚର ବସୁଙ୍କର କି ପ୍ରକାର ସମ୍ପର୍କ ସ୍ଥାପିତ ହୋଇଥିଲା, ସେ ବିଷୟରେ ବିଶ୍ଲେଷଣାତ୍ମକ ଅନୁଧ୍ୟାନର ପ୍ରୟୋଜନୀୟତା ରହିଛି ।

ଦକ୍ଷିଣ ଭାରତୀୟ ପ୍ରାକୃତ ଭାଷାର ଅଭିଲେଖଗୁଡ଼ିକରେ ବହୁ ଶବ୍ଦ ରହିଛି, ଯେଉଁଗୁଡ଼ିକର ଉଚ୍ଚାରଣଗତ ବୈଚିତ୍ର୍ୟ ଅନୁଧ୍ୟାନ ସାପେକ୍ଷ । ଏ ପ୍ରକାର ବୈଚିତ୍ର୍ୟ ପୁରାଭିଲେଖର ପାଠାନ୍ତର ତଥା ଇତିହାସର ଗତିପଥକୁ ପ୍ରଭାବିତ କରିପାରେ । ହାତୀଗୁମ୍ଫା ଅଭିଲେଖରେ ମଧ୍ୟ ଏହିପରି ଅନେକ ଶବ୍ଦ ରହିଛି, ଯେଉଁଗୁଡ଼ିକର ବୈଚିତ୍ର୍ୟ ସମ୍ବନ୍ଧୀୟ ବିଶେଷ କିଛି ଆଲୋଚନା ହୋଇ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଲୁଗୁ, କନ୍ନଡ଼, ତାମିଲ ଆଦି ଦକ୍ଷିଣ ଭାରତୀୟ ଭାଷାରେ କେତେକ ଅକ୍ଷରର ବିଭିନ୍ନ ପ୍ରକାର ଉଚ୍ଚାରଣ ପରିଲକ୍ଷିତ ହୁଏ । ଦାକ୍ଷିଣାତ୍ୟର ପୁରାଭିଲେଖଗୁଡ଼ିକରେ ମଧ୍ୟ ଏହାର ପ୍ରଭାବ ଲକ୍ଷଣୀୟ । ଉଦାହରଣ ସ୍ୱରୂପ 'ଢ଼' ଉଚ୍ଚାରଣ କେବେ କେବେ 'ଦ' ଆଉ କେବେ 'ଧ୍' ହୋଇଥାଏ । ପ୍ରାକୃତ ଭାଷାରେ ସାଧାରଣତଃ 'ତ' ଓ 'ଥ' ସ୍ଥାନରେ ଯଥାକ୍ରମେ 'ଦ' ଓ 'ଧ' ଉଚ୍ଚାରଣ ହୋଇଥାଏ । ହାତୀଗୁମ୍ଫା ଅଭିଲେଖରେ ଏହାର ଯଥେଷ୍ଟ ଉଦାହରଣ ରହିଛି । 'ରଥ' ସ୍ଥାନରେ 'ରଧ୍' (ଧାଡ଼ି-୪, ତେବେ ଆଉ କେତେକ ସ୍ଥଳରେ 'ରଥ' ମଧ୍ୟ ଲେଖାହୋଇଛି); 'ପ୍ରଥମେ' ସ୍ଥାନରେ ପଧମେ (ଧାଡ଼ି-୩) 'ମଥୁରାମ୍' ପରିବର୍ତ୍ତେ 'ମଧୁରଂ' (ଧାଡ଼ି-୮) ଇତ୍ୟାଦି । ମହାରାଷ୍ଟ୍ରର ନାନାଘାଟସ୍ଥିତ, ପ୍ରାୟ ସମସାମୟିକ, ସାତବାହନ ବଂଶୀୟ ରାଣୀ ନାଗଣିକା (ସାତକର୍ଣ୍ଣି ୧ମଙ୍କ ରାଣୀ) ଙ୍କ ଅଭିଲେଖରେ (୧୧) 'ଥ' ସ୍ଥାନରେ 'ଠ' ବ୍ୟବହାର ଦେଖାଯାଏ । (ଦଖିନ ପଠ-ଦକ୍ଷିଣପଥ, ଧାଡ଼ି-୨) । ସାତବାହନ ବଂଶୀୟ ଅନ୍ୟାନ୍ୟ ଅଭିଲେଖଗୁଡ଼ିକରେ ମଧ୍ୟ ଅନେକ କ୍ଷେତ୍ରରେ 'ତ' ସ୍ଥାନରେ 'ଦ'ର ବ୍ୟବହାର ଲକ୍ଷ୍ୟ କରାଯାଉଛି, ଯେପରି 'ସାତ' ବା 'ଶାତ' ସ୍ଥାନରେ 'ସଦ', 'ସାଦ', 'ସାତବାହନ' ସଦକଂଣି (ସାତକର୍ଣ୍ଣି) ଇତ୍ୟାଦି । ଦକ୍ଷିଣ ଭାରତୀୟ ଭାଷାରେ 'ଚ' ର ଉଚ୍ଚାରଣଗତ ପାର୍ଥକ୍ୟ ବିଶେଷ ଭାବରେ ଲକ୍ଷଣୀୟ । ଆନ୍ଧ୍ରପ୍ରଦେଶର ନାଗାର୍ଜୁନୀ କୋଣ୍ଡାଠାରେ ଆବିଷ୍କୃତ ଇକ୍ଷ୍ୱାକୁ ରାଜବଂଶୀୟ (ଆ:ମା: ୩ୟ ଖ୍ରୀଷ୍ଟାବ୍ଦ) ପ୍ରାକୃତ ଅଭିଲେଖମାନଙ୍କରେ (୧୨) 'ଶାନ୍ତମୂଳ' ପରିବର୍ତ୍ତେ 'ଚାଂତମୂଳ', 'ଶାନ୍ତିଶ୍ରୀ' ପରିବର୍ତ୍ତେ 'ଚାଂତିସିରି' ଲେଖାଥିବା ଦେଖାଯାଏ । ବିଶେଷତଃ ତେଲୁଗୁ କନ୍ନଡ ଭାଷାଭାଷୀ 'ଚ' ପରିବର୍ତ୍ତେ 'ସ' ବା 'ଶ' ପୁଣି କେବେ କେବେ 'ସ' ସ୍ଥାନରେ 'ଚ'ର ଉଚ୍ଚାରଣ ବହୁଳ ଭାବରେ ବ୍ୟବହାର ଦେଖାଯାଏ । ଆହୁରି ମଧ୍ୟ 'କ'ର ଉଚ୍ଚାରଣ ସାଧାରଣତଃ ତେଲୁଗୁ- ତାମିଲ ଆଦି ଦକ୍ଷିଣ ଭାରତୀୟ ଭାଷାରେ 'ଗ' ହୋଇଥାଏ ଏବଂ 'ଘ' ସ୍ଥାନରେ 'ଖ'ର ଉଚ୍ଚାରଣ କେବେ କେବେ ଦେଖାଯାଏ । ଗୁ□ୁପଲ୍ଲୀ ଅଭିଲେଖରେ 'ମହାମେଘବାହନ' ପରିବର୍ତ୍ତେ 'ମହାମେଖବାହନ' ଲେଖାଯାଇଛି । ପୈଶାଚୀ ପ୍ରାକୃତ ଭାଷାରେ 'ଘ' ସ୍ଥାନରେ 'ଖ' ର ଉଚ୍ଚାରଣ ଏକ ବୈଶିଷ୍ଟ୍ୟ । ପୈଶାଚୀ ପ୍ରାକୃତ ସାଧାରଣତଃ ଦ୍ରାବିଡୀୟ ପ୍ରଭାବରୁ ଦକ୍ଷିଣ ଭାରତୀୟ ଅଭିଲେଖରେ ଦେଖାଯାଏ । (୧୩) ତେଲୁଗୁ-କନ୍ନଡ ଉଚ୍ଚାରଣ ପ୍ରଭାବରେ 'କ' କେବେ କେବେ 'ଗ' ରେ ପରିଣତ ହୁଏ 'ପ' ପରିବର୍ତ୍ତେ 'ବ' ଉଚ୍ଚାରିତ ହୁଏ । (ଉଦାହରଣ ସ୍ୱରୂପ 'ଉଦକ' ସ୍ଥାନରେ 'ଉଦଗ') । ହାତୀଗୁମ୍ଫା ଶିଳାଲେଖରେ ମଧ୍ୟ ଏହି ବୈଚିତ୍ର୍ୟ ସମଧିକ ରହିଛି, ଯେପରି 'ଉପାସକ' ସ୍ଥାନରେ ଉବାସଗ (ଧାଡ଼ି-୧୪) ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ମନେ ହୁଏ, ଉଦୟଗିରିସ୍ଥିତି ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖ ତଥା ତାଙ୍କ ସମୟର ଅନ୍ୟାନ୍ୟ ଉତ୍‌କୀର୍ଣ୍ଣ ଲେଖ ସମୂହ କୌଣସି ଦକ୍ଷିଣ ଭାରତୀୟ ଲେଖକ- ଲିପିକାରଙ୍କ ଦ୍ୱାରା ଉତ୍‌କୀର୍ଣ୍ଣ କରାଯାଇଥିଲା। ପରବର୍ତ୍ତୀ ଆଲୋଚନାରେ ଏ ବିଷୟ ଅଧିକ ସ୍ପଷ୍ଟ ହେବ । ଖାରବେଳଙ୍କ ବଂଶ ପରିଚୟ ପ୍ରସଙ୍ଗକ୍ରମେ, ତାଙ୍କ ଅଭିଲେଖର ପ୍ରଥମ ଧାଡ଼ିରେ ଲେଖାଥିବା 'ଚେତ' > ସଦ >ସାଦ (ଶାତ) ମଧ୍ୟ ଉଚ୍ଚାରଣ କରାଯାଇପାରେ । ଗୁ□ୁପଲ୍ଲୀ ଅଭିଲେଖ ଉଲ୍ଲେଖିତ ସିରି- ସଦ (ଶ୍ରୀଶତ ବା ଶ୍ରୀଶାତ) ଙ୍କ ନାମ ଖାରବେଳଙ୍କ ଅଭିଲେଖରେ 'ଚେତ' ହୋଇଥିବା ଅସମ୍ଭବ

ମନେ ହୁଏ ନାହିଁ । ତେଣୁ ହାତୀଗୁମ୍ଫା ଅଭିଲେଖର ପ୍ରଥମ ଧାଡ଼ିରେ ପ୍ରାକୃତ ଗଦ୍ୟ- କାବ୍ୟ ରୀତିରେ ଖାରବେଳଙ୍କ ଯେଉଁ ବିରୁଦାବଳୀ ରହିଛି, ସେଥିରେ ଚେତ- ରାଜ ବସ ବଧନନେ (ଚେତ- ରାଜବଂଶ- ବର୍ଦ୍ଧନେନ) ପ୍ରକୃତରେ 'ଚେଦି ରାଜବଂଶ' ନ ବୁଝାଇ ଖାରବେଳଙ୍କ ପୂର୍ବପୁରୁଷ 'ଚେତ' ଅର୍ଥାତ 'ସଦ' (ବା ଶ୍ରୀଶତ କିମ୍ବା ଶ୍ରୀ- ଶାସତ)ଙ୍କୁ ବୁଝାଉଥିବା ଅଧିକ ଯୁକ୍ତିଯୁକ୍ତ ମନେ ହୁଏ । ଅର୍ଥାତ ସିରି-ସଦ (କିମ୍ବା ଶ୍ରୀଶାତ) ଖାରବେଳଙ୍କ ପୂର୍ବବର୍ତ୍ତୀ ଅର୍ଥାତ୍ ମହାମେଘବାହନ ବଂଶର ପୂବାବର୍ତ୍ତୀ ଶାସକ ଥିବା ହେତୁ ଖାରବେଳଙ୍କୁ ସିରି- ସଦଙ୍କ 'ବଂଶ-ବର୍ଦ୍ଧକ' ବା 'ବଂଶ ବିସ୍ତାରକ' ରୂପେ ବର୍ଣ୍ଣନା କରାଯାଇଛି । 'ସଦ' ବା 'ଶାତ' ସାଧାରଣତଃ ଦାକ୍ଷିଣାତ୍ୟର ସାତବାହନ ବଂଶର ଶାସକମାନଙ୍କ ନାମରେ ଦେଖାଗଲେ ମଧ୍ୟ ସମସାମୟିକ ଦାକ୍ଷିଣାତ୍ୟର ଅନ୍ୟାନ୍ୟ ରାଜପରିବାରରେ ଏହି ନାମର ବହୁଳ ପ୍ରଚଳନ ଥିଲା, ଯେପରି କର୍ଣ୍ଣାଟକ ଅଳର ସାତବାହନ ବଂଶୀୟ ଅନ୍ୟତମ ଶାଖା- ଚୁଟୁକୁଳ - ସାତକର୍ଣ୍ଣୀ (ଆ:ମା: ୧ମ ଖ୍ରୀଷ୍ଟାବ୍ଦ), (୧୫) ଆନ୍ଧ୍ରପ୍ରଦେଶର ଗୁ□ୁର ଜିଲ୍ଲାସ୍ଥିତ ବେଲପୁରୁ ଗ୍ରାମରୁ ପ୍ରାପ୍ତ ହାରିତୀ- ପୁତ୍ର ସିରିବାନ ସଦ (ଆ:ମା: ୨ୟ ଖ୍ରୀଷ୍ଟାବ୍ଦ)ଙ୍କ ଶିଳାଲେଖରୁ ମିଳିଥିବା ଅଜ୍ଞାତ ରାଜବଂଶୀୟ ଶାସକ ସିରିମାନ ସଦ (ଶ୍ରୀମାନ ସଦ ବା 'ଶତ'= ଶାତ) (୧୬) ଇତ୍ୟାଦି । ଏଠାରେ ଉଲ୍ଲେଖ, କେହି କେହି ଐତିହାସିକ ପ୍ରୋକ୍ତ ଗୁ□ପଲ୍ଲୀ ଅଭିଲେଖରେ ବ୍ୟବହୃତ ଲିପିକୁ ଆଧାର କରି ସିରି-ସଦଙ୍କୁ ଖାରବେଳଙ୍କ ବହୁ ପରବର୍ତ୍ତୀ ମହାମେଘବାହନ ବଂଶୀୟ ଶାସକ ବୋଲି ମନେ କରନ୍ତି । (୧୭) ଆହୁରି ମଧ୍ୟ ଉକ୍ତ ବେଲପୁରୁ ଅଭିଲେଖର ସିରିମାନ- ସଦଙ୍କ ସହିତ, ସିରି-ସଦଙ୍କ ବଂଶଗତ ସମ୍ପର୍କ ଥିବା ମଧ୍ୟ ବିଶ୍ୱାସ କରନ୍ତି (୧୮) କିନ୍ତୁ, କେବଳ ଲିପିକୁ ଆଧାର କରି ଅଭିଲେଖ କିମ୍ବା ଲେଖ ବର୍ଣ୍ଣିତ ରାଜବଂଶର ସମୟ ନିର୍ଣ୍ଣୟ ଅନେକ କ୍ଷେତ୍ରରେ ନିର୍ଭରଯୋଗ୍ୟ ନୁହେଁ । ଏଥିସହିତ ପରିପୂରକ ତଥ୍ୟର ପ୍ରୟୋଜନୀୟତା ଅନସ୍ୱୀକାର୍ଯ୍ୟ । 'ସଦ' ବା 'ଶାତ' ନାମର ବ୍ୟବହାର ସାତବାହନ ବଂଶର ସମସାମୟିକ ଅନ୍ୟାନ୍ୟ ରାଜବଂଶରେ ମିଳୁଥିବାରୁ ଏବଂ ସାତବାହନ, ମହାମେଘବାହନ ଇତ୍ୟାଦି ବଂଶ ନାମରେ ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିବାରୁ କେହି କେହି ମନେ କରନ୍ତି, ସଦ, ମାନସଦ (ଉକ୍ତ ନାମ ପୂର୍ବରୁ ସିରି ଶବ୍ଦ ଉତ୍କୀର୍ଣ୍ଣ ହୋଇଥିବା ହେତୁ, ନାମଟି ସିରିମାନ- ସଦ ପାଠ କରିବା ଅଧିକ ଯୁକ୍ତିଯୁକ୍ତ ମନେ ହୁଏ) । ଆଦି ଶାସକମାନଙ୍କ ବଂଶ ସହିତ ସାତବାହନମାନଙ୍କ ବୈବାହିକ ସମ୍ପର୍କ ସ୍ଥାପିତ ହୋଇଥିଲା ଏବଂ ଉକ୍ତ ଶାସକମାନଙ୍କ ସାତବାହନୀୟ ରାଜକନ୍ୟାମାନଙ୍କ ଠାରୁ ଜାତ ହୋଇଥିଲେ । (୧୯)

ଏଠରେ ଉଲ୍ଲେଖ୍ୟ, ଖାରବେଳଙ୍କ 'ଚେତ- ରାଜବଂଶ-ବର୍ଦ୍ଧକ' ବିରୁଦ ପରି ସାତବାହନୀୟ ଅଭିଲେଖରେ ମଧ୍ୟ ଅନୁରୂପ ବିରୁଦର ବ୍ୟବହାର ଦେଖାଯାଏ । ସାତବାହନୀୟ ରାଣୀ ନାଗଣିକାଙ୍କ ନାନାଘାଟ ଅଭିଲେଖରେ (୨୦) (ଯାହାକି ହାତୀଗୁମ୍ଫା ଅଭିଲେଖର ପ୍ରାୟ ସମସାମୟିକ) ସାତକର୍ଣ୍ଣୀ ୧ମଙ୍କ ବିରୁଦରେ "ସାତବାହନସ- ବଂସ- ବଧନସ" (ସାତବାହନସ୍ୟ ବଂଶ- ବର୍ଦ୍ଧକସ୍ୟ), ମହାରଥିନଃ ଅଙ୍ଗିକ- କୁଳ- ବର୍ଦ୍ଧନସ୍ୟ ଇତ୍ୟାଦି ବର୍ଣ୍ଣନାତ୍ମକ ସାମଞ୍ଜସ୍ୟ ଲକ୍ଷଣୀୟ ।

ହାତୀଗୁମ୍ଫା ଶିଳାଲେଖର ସମସାମୟିକ ତିନୋଟି କ୍ଷୁଦ୍ର କ୍ଷୁଦ୍ର ଅଭିଲେଖ ଉଦୟଗିରିସ୍ଥିତ ସର୍ପ ଗୁମ୍ଫା ଓ ହରିଦାସ ଗୁମ୍ଫାରେ ଆବିଷ୍କୃତ ହୋଇଛି । (୨୧) ଏଗୁଡ଼ିକରେ ଚୁଲକଂମ୍ (ଚୁଲ୍ଲକର୍ମ) ନାମରେ, ସମ୍ଭବତଃ ଜଣେ ରାଜକର୍ମଚାରୀଙ୍କ ନାମ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଏ । ସର୍ପଗୁମ୍ଫାରେ ଚୁଲ୍ଲକର୍ମଙ୍କ ଦୁଇଟି କ୍ଷୁଦ୍ର ଅଭିଲେଖ ରହିଛି । ତନ୍ମଧ୍ୟରୁ ଗୋଟିକରେ ଚୁଲ୍ଲକର୍ମଙ୍କ ସହ ଆଉ ଜଣେ ବ୍ୟକ୍ତି ବିଶେଷଙ୍କ ନାମ ଦେଖାଯାଏ । ଲେଖଟିର ପାଠରୁ ମନେ ହୁଏ, ଚୁଲ୍ଲକର୍ମ ଓ ତାଙ୍କ ପତ୍ନୀ ଉଭୟ ଉକ୍ତ ଗୁମ୍ଫା ନିର୍ମାଣ କରାଇ ଜୈନ ସନ୍ନ୍ୟାସୀମାନଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ । ଉକ୍ତ ଗୁମ୍ଫା ସଂଲଗ୍ନ ଗୋଟିଏ କୋଠରୀ ନିଜର ବସବାସ ପାଇଁ ବ୍ୟବହାର କରୁଥିବା ଅନ୍ୟ ଅଭିଲେଖଟିରୁ ଜଣାଯାଏ । ପ୍ରଥମୋକ୍ତ ଅଭିଲେଖଟିର ସବିଶେଷ ଅନୁଧ୍ୟାନ ଏପର୍ଯ୍ୟନ୍ତ ହୋଇନାହିଁ । ଏଥିରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବାର ସମ୍ଭାବନା ରହିଛି । ସ୍ୱର୍ଗତଃ ରାଖାଲ ଦାସ ବାନାର୍ଜୀ ଲେଖଟିର ପାଠୋଦ୍ଧାର ନିମ୍ନୋକ୍ତ ପ୍ରକାରେ କରିଥିଲେ - (୨୨) ଲେଖଟି ଦୁଇଧାଡ଼ି ବିଶିଷ୍ଟ ।

(ଚୁଳ) କଂମସ ହଲଖିଣୟ ଚ ପସାଦୋ

ସ୍ୱର୍ଗତଃ ବାନାର୍ଜୀ ଲେଖରେ ଥିବା ଦ୍ୱିତୀୟ ଶବ୍ଦଟି ଶ୍ଳକ୍ଷ୍ଣାୟାଃ (?) ସଂସ୍କୃତ ରୂପାନ୍ତର କରି ମଧ୍ୟ ସନ୍ଦେହ ମୁକ୍ତ ହୋଇନାହାନ୍ତି । ତୃତୀୟ ଶବ୍ଦଟି 'ଚ' ପରିବର୍ତ୍ତେ 'ଚେ' ଲେଖା ହୋଇଥିବା ସେ ସ୍ୱୀକାର କରିଛନ୍ତି ଏବଂ ସଂଶୋଧିନ କରି 'ଚ' ଲେଖିଛନ୍ତି । ଏହାର ଅନୁବାଦ ସ୍ୱର୍ଗତ ବାନାର୍ଜୀଙ୍କ ମତରେ "କଂମ ଏବଂ ହଲକ୍ଷିଣଙ୍କ ମନ୍ଦିର" । ସେ ପସାଦୋ (ପ୍ରସାଦୋ) ପରିବର୍ତ୍ତେ ପାସାଦୋ (ପ୍ରାସାଦୋ) ବୋଲି ଗ୍ରହଣ କରିଛନ୍ତି ।

ଏହି ଅଭିଲେଖରେ ମଧ୍ୟ ଦକ୍ଷିଣ ଭାରତୟ ବିଭିନ୍ନ ଅକ୍ଷରର ଉଚ୍ଚାରଣ ବୈଚିତ୍ର୍ୟ ଲକ୍ଷଣୀୟ । 'ଶ' ବା 'ସ' ସ୍ଥାନରେ 'ହ' ସାତବାହନୀୟ ଅଭିଲେଖରେ (ନାନା ଘାଟ- ମହାରାଷ୍ଟ୍ର) ଦେଖାଯାଏ, ଉଦାହରଣ ସ୍ୱରୂପ ହକୁସିରି = ଶକ୍ତିଶ୍ରୀ ଇତ୍ୟାଦି । ହରିଦାସ ଗୁମ୍ଫାରେ ଚୁଲ୍ଲକର୍ମଙ୍କ ତୃତୀୟ ଅଭିଲେଖରେ "ପସାଦୋ" ପରିବର୍ତ୍ତେ "ପସାତୋ" ଲେଖାଯାଇଛି । 'ଦ' ସ୍ଥାନରେ 'ଢ଼'ର ଉଚ୍ଚାରଣ ଏଥିରେ ମଧ୍ୟ ଲକ୍ଷଣୀୟ । ସ୍ୱର୍ଗତ ବାନାର୍ଜୀ ଏହାର ପାଠାନ୍ତରରେ 'ପ୍ରାସାଦ' ଅର୍ଥାତ ମନ୍ଦିରକୁ ବୁଝାଉଥିବା ଉଲ୍ଲେଖ କରିଛନ୍ତି । କିନ୍ତୁ ଏଫ୍.ଡବ୍ଲ୍ୟୁ ଥୋମାସ ଏବଂ ପ୍ରଫେସର ଷ୍ଟେନ ନୋ (konow) ପ୍ରମୁଖ ୟୁରୋପୀୟ ବିଦ୍ୱାନମାନେ ପସାଦୋ (= ପ୍ରସାଦଃ) ଦାନ ଅର୍ଥରେ ଉଲ୍ଲେଖ ହୋଇଥିବା ବିଶ୍ୱାସ କରିଛନ୍ତି । 'ହଲଖିଣୟ' ଜଣେ ମହଳାଙ୍କୁ ବୁଝାଉଥିବା ସ୍ପଷ୍ଟ ଜଣାପଡୁଛି ଏବଂ ଅଭିଲେଖଟି ସଂସ୍କୃତରେ ରୂପାନ୍ତର କଲେ ଏହିଭଳି ହେବ-

(ଚୁଲ୍ଲ) କର୍ମସ୍ୟ ସ (ସୁ) ଲକ୍ଷଣାୟା ଚ ପ୍ରସାଦଃ । ତେଣୁ ଏହାର ଅର୍ଥାନ୍ତର ହେବ - ଚୁଲ୍ଲକର୍ମ ଏବଂ ସୁଲକ୍ଷଣାଙ୍କ ପ୍ରଦତ୍ (ଗୁମ୍ଫା) । ସୁଲକ୍ଷଣା, ଚୁଲ୍ଲକର୍ମଙ୍କ ଧର୍ମପତ୍ନୀ ହୋଇଥିବା ସହଜରେ ଅନୁମେୟ । ସର୍ପଗୁମ୍ଫାର ପ୍ରବେଶ ଦ୍ୱାରରେ ଚୁଲ୍ଲକର୍ମଙ୍କ ଆଉ ଗୋଟିଏ ଅଭିଲେଖରେ ଉତ୍କୀର୍ଣ୍ଣ ହୋଇଛି - ଚୁଲକଂମସ କୋଠାଜେୟା ଚ (=ଚୁଲ୍ଲକର୍ମସ୍ୟ କୋଠାଜେୟାଶ୍ଚ) ଅର୍ଥାତ୍ ଚୁଲ୍ଲକର୍ମଙ୍କ କୋଠରୀ । ହରିଦାସ ଗୁମ୍ଫାରେ ଚୁଲ୍ଲକର୍ମଙ୍କ ତୃତୀୟ ଅଭିଲେଖଟିରେ ରହିଛି- ଚୁଇକ୍ରମସ ପସାତୋ କୋଠାଜେୟା ଚ (= ଚୁଲ୍ଲକର୍ମସ୍ୟ ପ୍ରସାଦଃ କୋଠାଜେୟାଶ୍ଚ,) ଅର୍ଥାତ୍ "ଚୁଲ୍ଲକର୍ମଙ୍କ ଦାନ (ବା ପ୍ରଦତ୍ ଗୁମ୍ଫା) ଏବଂ କୋଠରୀ" । 'ପାସାତୋ' ବା 'ପସାଦୋ' ପ୍ରସାଦ ବା ମନ୍ଦିରକୁ ବୁଝାଉଥିଲେ 'ପସାଦୋ' ପରିବର୍ତ୍ତେ 'ପାସାଦୋ' ଲେଖା ହୋଇଥା'ନ୍ତା । ଏବଂ ଗୋଟିଏ ପ୍ରକାର ଭୁଲ୍ ଦୁଇଟି ଯାକ ଅଭିଲେଖରେ ଲେଖକ କେବେ ହେଲେ କରିନଥାଆନ୍ତେ । ଆଉ ଏକ ଲକ୍ଷଣୀୟ ବିଷୟ ହେଉଛି, ଚୁଲ୍ଲକର୍ମଙ୍କ ନାମଟି ଦୁଇଟି ଅଭିଲେଖରେ 'ଚୁଇକଂମ' ଲେଖା ହୋଇଥିବା ସ୍ଥଳେ (ସର୍ପଗୁମ୍ଫା) ତୃତୀୟ ଅଭିଲେଖରେ (ହରିଦାସ ଗୁମ୍ଫା) 'ଚୁଲକ୍ରମ' ଉତ୍କୀର୍ଣ୍ଣ ହୋଇଛି । ଏହା ବର୍ଣ୍ଣଶୁଦ୍ଧି ସମ୍ବନ୍ଧୀୟ ବୈଚିତ୍ର୍ୟ ଏବଂ ଏ ପ୍ରକାର ବୈଚିତ୍ର୍ୟ ବିଭିନ୍ନ ଯୁଗର ଅଭିଲେଖମାନଙ୍କରେ ସମଧିକ ଦେଖିବାକୁ ମିଳେ ।

ଉପର୍ଯ୍ୟୁକ୍ତ ସର୍ପଗୁମ୍ଫା ଓ ହରିଦାସ ଗୁମ୍ଫାରେ ଥିବା ଚୁଲ୍ଲକର୍ମଙ୍କ ଅଭିଲେଖଗୁଡ଼ିକ ସମ୍ପର୍କରେ ଆଲୋଚନାର ତାତ୍ପର୍ଯ୍ୟ ହେଉଛି, ଏଗୁଡ଼ିକ ଖାରବେଳ ବଂଶ ପରିଚୟ- ସମସ୍ୟା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରେ । ଯଦ୍ୟପି, ଉକ୍ତ ଅଭିଲେଖଗୁଡ଼ିକରେ ଚୁଲ୍ଲକର୍ମଙ୍କୁ କୌଣସି ପଦବୀରେ ଭୂଷିତ କରାଯାଇନାହିଁ, ସେ ସମ୍ଭବତଃ ଖାରବେଳଙ୍କ ଅନୁଗତ ଜଣେ ଉଚ୍ଚପଦସ୍ଥ ରାଜ କର୍ମଚାରୀ ଥିଲେ । ଅନୁମାନ କରାଯାଇପାରେ, ସେ ଖାରବେଳ ଏବଂ ରାଜ ପରିବାର ଅନ୍ୟାନ୍ୟ ସଦସ୍ୟଙ୍କ ସହ ରାଜକୀୟ ଲେଖକ ରୂପେ ଆସିଥିଲେ ଏବଂ ହାତୀଗୁମ୍ଫା ଶିଳାଲେଖ ତଥା ଉଦୟଗିରି ଖଣ୍ଡଗିରିସ୍ଥିତ ତତ୍କାଳୀନ ଯାବତୀୟ ବ୍ରାହ୍ମୀ ଓ ପ୍ରାକୃତ ଭାଷାଯୁକ୍ତ ଅଭିଲେଖଗୁଡ଼ିକର ଲେଖକ- ଲିପିକାର ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ । ଗୁ□ୁପଲ୍ଲୀସ୍ଥିତ ସିରି- ସଦଙ୍କ ରାଜତ୍ୱକାଳୀନ ଅଭିଲେଖଟି ସବିଶେଷ ଅନୁଧ୍ୟାନ କଲେ, ଏହି ଅନୁମାନର ଯୌକ୍ତିକତା ଜଣାପଡ଼ିବ । ଉକ୍ତ ଗୁ□ୁପଲ୍ଲୀ ଅଭିଲେଖଟିର ବିଷୟବସ୍ତୁ ହେଉଛି, ମହାମେଘବାହନ ବଂଶୀ କଳିଙ୍ଗ- ମହିଷକାଧିପତି ମହାରାଜ ସିରି- ସଦଙ୍କ ଲେଖକ ଚୁଲଗୋମଙ୍କ ଦ୍ୱାରା ମଣ୍ଡପ ଦାନ । ଏଠାରେ ଉଲ୍ଲେଖ୍ୟ, ଗୁ□ୁପଲ୍ଲୀଠାରେ ଯେଉଁ ପ୍ରାଚୀନ ବୌଦ୍ଧ ପ୍ରତିଷ୍ଠାନର ଅବିଶେଷ ଆବିଷ୍କୃତ ହୋଇଛି, (୨୪) ସେଠାରେ ଚାରିଗୋଟି ସ୍ତମ୍ଭରେ ଉକ୍ତ

ଅଭିଲେଖଟିର ଚାରିଗୋଟି ସଂସ୍କରଣ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଇଛି । ପାଧାଡ଼ି ବିଶିଷ୍ଟ ଅଭିଲେଖଟିର ପାଠୋଦ୍ଧାର ନିମ୍ନୋକ୍ତ ପ୍ରକାରେ କରାଯାଇଛି ।

୧. ମହାରାଜସ କଳିଙ୍ଗ ମହି -

୨. ସକାଧିପତିସ ମହାମେ -

୩. ଖବାହନସ ସିରିସଦ-

୪. ସ ଲେଖକସ ଚୁଲଗୋମସ ମଂ-

୫. ଡପ ଦନଂ (II)

ଏହି ଅଭିଲେଖରେ ଲେଖକଙ୍କ ନାମଟି ବିଶେଷ ଅନୁଧ୍ୟାନ ସାପେକ୍ଷ । ପୂର୍ବେ ହିଁ କୁହାଯାଇଛି, ଦକ୍ଷିଣ ଭାରତୀୟ ଶବ୍ଦ ଉଚ୍ଚାରଣରେ ବୈଚିତ୍ର୍ୟ ଥିବା ହେତୁ ବର୍ଣ୍ଣ ପ୍ରକରଣରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ ଏବଂ ଏଥି ସହିତ ଆଳିକ ପ୍ରାକୃତ ଭାଷା ତଥା ଏହାର ଉଚ୍ଚାରଣର ପ୍ରଭାବ ଭିନ୍ନ ଭିନ୍ନ ଅଭିଲେଖରେ ଭିନ୍ନ ଭିନ୍ନ ରୂପରେ ପ୍ରକାଶ ପାଏ । 'କ' ଅକ୍ଷରର ଉଚ୍ଚାରଣ ପ୍ରାୟତଃ କଥିତ ଭାଷାରେ 'ଗ' ହେଉଥିବା ଯୋଗୁ ପ୍ରାଚୀନ ଲେଖକ- ଲିପିକାରମାନେ ଅଭିଲେଖଗୁଡ଼ିକରେ ଅନେକ କ୍ଷେତ୍ରରେ ଏହା ବ୍ୟବହାର କରିଥିବା ଦେଖାଯାଏ । ଉଦାହରଣ ସ୍ୱରୂପ ହାତୀଗୁମ୍ଫା ଅଭିଲେଖର ଚତୁର୍ଦ୍ଦଶ ଧାଡ଼ିରେ 'ଉପାସକ' ପରିବର୍ତ୍ତେ 'ଉବାସଗ' ଲେଖାଯାଇଛି । ସେହିପରି ସର୍ପଗୁମ୍ଫା ଓ ହରିଦାସ ଗୁମ୍ଫାର ଚୁଲକଂମ, ଗୁ□ପଲ୍ଲୀ ଅଭିଲେଖରେ ଚୁଲଗୋମ ହୋଇଥିବା ଅସମ୍ଭବ ମନେ ହୁଏ ନାହିଁ । ଚୁଲକଂମ ଓ ଚୁଲଗୋମ ଏକ ଏବଂ ଅଭିନ୍ନ ବ୍ୟକ୍ତି ହୋଇଥିବା ଅନୁମାନ କରାଯାଇପାରେ । ସେ ସ୍ୱୟଂ ମଣ୍ଡପଟିର ଚାରିଗୋଟି ସ୍ତମ୍ଭରେ ଅଭିଲେଖଟିର ଚାରିଗୋଟି ସଂସ୍କରଣ ଉତ୍କୀର୍ଣ୍ଣ କରିଥିଲେ । ସେ ମଧ୍ୟ ହାତୀଗୁମ୍ଫା ଶିଳାଲେଖ ସହ ଉଦୟଗିରି ଓ ଖଣ୍ଡଗିରିସ୍ଥିତ ଖାରବେଳଙ୍କ ସମସାମୟିକ ଅନ୍ୟାନ୍ୟ ବ୍ରାହ୍ମୀ ଅଭିଲେଖଗୁଡ଼ିକ ଉତ୍କୀର୍ଣ୍ଣ କରିଥିଲେ । ଜଣେ ବ୍ୟକ୍ତି ଦ୍ୱାରା ଉକ୍ତ ଅଭିଲେଖ ସମୂହ ଉତ୍‌କୀର୍ଣ୍ଣ ହୋଇଥିବା ହେତୁ ଏଗୁଡ଼ିକରେ ବ୍ୟବହୃତ ଲିପିରେ ବିଶେଷ ସାମଞ୍ଜସ୍ୟ ରହିଛି । ତେବେ ପୂର୍ବ ଲିପିତତ୍ତ୍ୱ ବିଶାରଦମାନେ ଲିପି ଦୃଷ୍ଟିରୁ 'ସିରିସଦ'ଙ୍କ ଅଭିଲେଖଟିକୁ ହାତୀଗୁମ୍ଫା ଶିଳାଲେଖର ପରବର୍ତ୍ତୀକାଳୀନ ବୋଲି ମତ ପ୍ରକାଶ କରିଥାନ୍ତି ଏବଂ ଖାରବେଳଙ୍କୁ ସିରି-ସଦଙ୍କ ପୂର୍ବବର୍ତ୍ତୀ ମହାମେଘବାହନ ବଂଶୀୟ ଶାସକ ବୋଲି ବିଶ୍ୱାସ କରିଥାନ୍ତି । ଅର୍ଥାତ ଖାରବେଳଙ୍କ ରାଜତ୍ୱର ବହୁ ପରବର୍ତ୍ତୀ କାଳରେ ସିରି- ସଦ କଳିଙ୍ଗ ସିଂହାସନ ଆରୋହଣ କରିଥିବା ବିଶ୍ୱାସ କରାଯାଏ । (୨୫) କିନ୍ତୁ ବର୍ତ୍ତମାନ ଆବିଷ୍କୃତ ନାନା ଐତିହାସିକ ତଥ୍ୟ ପରିପ୍ରେକ୍ଷୀରେ ଉକ୍ତ ଲିପି ସମୂହର ପୁନରନୁଧ୍ୟାନ ତଥା ପୁନର୍ମୂଲ୍ୟାୟନ ନିତାନ୍ତ ଆବଶ୍ୟକ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଏତିକି ସୁସ୍ପଷ୍ଟ ଯେ, ଖାରବେଳ, ସିରି-ସଦଙ୍କ ଉତ୍ତରାଧିକାରୀ (ସମ୍ଭବତଃ, ପୁତ୍ର) ଥିଲେ ଏବଂ ଏହି କାରଣରୁ ଖାରବେଳଙ୍କ ଯଥାର୍ଥରେ, ତାଙ୍କ ଅଭିଲେଖର ପ୍ରଥମ ଧାଡ଼ିରେ 'ଚେତ-ରାଜ-ବଂସ-ବଧନେନ- ସତ' (ଶାତରାଜବଂଶ ବର୍ଦ୍ଧକ) କୁହାଯାଇଛି ।

ଆହୁରି ମଧ୍ୟ ଶିଳଲେଖର ପ୍ରାରମ୍ଭରେ ଉତ୍କୀର୍ଣ୍ଣ ଐରେଣ ସମ୍ମାନ ସୂଚକ ଶବ୍ଦଟି ଖାରବେଳ ବଂଶନାମକୁ କେନ୍ଦ୍ର କରି ଐତିହାସିକମାନଙ୍କ ମଧ୍ୟରେ ଏକ ବିତର୍କ ସୃଷ୍ଟି ହୋଇଥିଲା । ତେବେ 'ଐରେଣ'ର ସଂସ୍କୃତ ସମାର୍ଥକ ଶବ୍ଦ ଯେ 'ଆର୍ଯ୍ୟେଣ' ଏହା ବର୍ତ୍ତମାନ ଅନେକେ ହୃଦୟଙ୍ଗମ କରିଛନ୍ତି । ପୂର୍ବେ ଅନେକେ ଉକ୍ତ ଶବ୍ଦଟି ଖାରବେଳଙ୍କ ବଂଶର ଅନ୍ୟ ଏକ ନାମ ବୋଲି ବିଶ୍ୱାସ କରୁଥିଲେ । ଏପରି କି କେହି କେହି ଏହାକୁ ଖାରବେଳଙ୍କ ଅନ୍ୟ ଏକ ନାମ ହୋଇଥିବା ମଧ୍ୟ ସନ୍ଦେହ କରୁଥିଲେ । ଦାକ୍ଷିଣାତ୍ୟର ଅଧିକାଂଶ ପ୍ରାକୃତ ଭାଷାର ଅଭିଲେଖରେ (୨୬) (ସାତବାହନ, ଇକ୍ଷ୍ୱାକୁ ଆଦି

ରାଜବଂଶୀୟ ଅଭିଲେଖରେ) ଉକ୍ତ 'ଐର' ଶବ୍ଦ, ଶାସକ କିମ୍ବା ତାଙ୍କ ପୂର୍ବଜଙ୍କ ପ୍ରତି ବ୍ୟବହୃତ ହୋଇଥିବା ଦେଖାଯାଏ । ଖାରବେଳଙ୍କ ରାଜତ୍ୱ ପରବର୍ତ୍ତୀ ସମୟରେ ଅର୍ଥାତ ଖ୍ରୀଷ୍ଟାବ୍ଦ ପ୍ରାୟ ୧ମ / ୨ୟ ଶତାବ୍ଦୀରେ କୃଷ୍ଣା- ଗୁ□ୁର (ଆନ୍ଧ୍ରପ୍ରଦେଶ) ଅଞ୍ଚଳରେ ରାଜତ୍ୱ କରୁଥିବା ଅଜ୍ଞାତ ରାଜବଂଶ ସିରି-ମାନସଦଙ୍କୁ ଅଭିଲେଖରେ 'ଐର' ବିରୁଦ୍‌ରେ ଭୂଷିତ କରାଯାଇଛି ।" (୨୭)

## ଖାରବେଳଙ୍କ ରାଜ୍ୟ ଓ ରାଜଧାନୀ:

ହାତୀଗୁମ୍ଫା ଅଭିଲେଖରେ ଖାରବେଳଙ୍କୁ 'କଳିଙ୍ଗାଧିପତି' ଉପାଧିରେ ଭୂଷିତ କରାଯାଇଛି । ମଞ୍ଚପୁରୀ ଗୁମ୍ଫାରେ ଉତ୍କୀର୍ଣ୍ଣ ତାଙ୍କ ଉତ୍‌ରାଧିକାରୀ କୁଡେପ- ସିରିଙ୍କ ଅଭିଲେଖରେ ମଧ୍ୟ ଉକ୍ତ ରାଜାଙ୍କୁ 'କଳିଙ୍ଗାଧିପତି' କୁହାଯାଇଛି । ଖାରବେଳଙ୍କ ଅଗ୍ରମହିଷୀଙ୍କ ଅଭିଲେଖରେ ଖାରବେଳ 'କଳିଙ୍ଗ-ଚକ୍ରବର୍ତ୍ତୀ' ଉପାଧିରେ ଭୂଷିତ ହୋଇଛନ୍ତି । ଏଠାରେ ପ୍ରଶ୍ନ ଉଠିପାରେ ତାଙ୍କ ପୂର୍ବଜ ସିରି- ସଦ 'କଳିଙ୍ଗ-ମହିଷକାଧିପତି' ଉପାଧି ଲାଭ କରିଥିବାବେଳେ ଖାରବେଳଙ୍କୁ କେବଳ 'କଳିଙ୍ଗାଧିପତି' କୁହାଗଲା କାହିଁକି ? ଏଥି ସହିତ ଆଉ ଏକ ପ୍ରଶ୍ନ ଉଠିପାରେ, ଖାରବେଳଙ୍କ ରାଜତ୍ୱ ସମୟରେ ମହିଷକ ରାଜ୍ୟ କଳିଙ୍ଗଠାରୁ ବିଚ୍ଛିନ୍ନ ହୋଇସାରିଥିଲା କି ? ତାଙ୍କ ଉତ୍‌ଧାକାରୀ କୁଡେପ ସିରି ମଧ୍ୟ କେବଳ କଳିଙ୍ଗାଧିପତି ଉପାଧି ଧାରଣ କରିଥିବାରୁ, ମନେହୁଏ, ଖାରବେଳଙ୍କ ସମୟରୁ ମହିଷଙ୍କ ରାଜ୍ୟ କଳିଙ୍ଗଠାରୁ ବିଚ୍ଛିନ୍ନ ହୋଇସାରିଥିଲା । ସିରି- ସଦ ଯୁଗ୍ମ ରାଜ୍ୟର ଶାସକ ଥିବା ତାଙ୍କ ଉପାଧିରୁ ପ୍ରମାଣିତ ହୁଏ । ମହିଷକ ରାଜ୍ୟର ଅବସ୍ଥିତି, ପୂର୍ବେ ବିତର୍କିତ ଥିଲେ ମଧ୍ୟ ଅଧୁନା ପ୍ରାପ୍ତ କେତେକ ଐତିହାସିକ ତଥ୍ୟ ସାହାଯ୍ୟରେ ଏହାର ଠିକ୍ ଅବସ୍ଥିତିର ସୂଚନା ଦିଆଯାଇପାରେ । ଦାକ୍ଷିଣାତ୍ୟର କେତେକ ଅଭିଲେଖ ତଥା ପୌରାଣିକ ସାହିତ୍ୟରୁ ସୂଚନା ମିଳେ, ମହିଷକ ରାଜ୍ୟ କର୍ଣ୍ଣାଟକ ପ୍ରଦେଶର ଉତ୍‌ରାଞ୍ଚଳ ଅର୍ଥାତ ପୁରାତନ ମହୀଶୂର ରାଜ୍ୟର ଉତ୍‌ରାଂଶକୁ ନେଇ ଗଠିତ ହୋଇଥିଲା । ପ୍ରାଚୀନ କଦମ୍ବ ରାଜବଂଶୀୟ ବିଷ୍ଣୁବର୍ମା ୧ମଙ୍କ (ଆ:ମା: ୪ର୍ଥ-୫ମ ଶତାବ୍ଦୀ) ଏକ ତାମ୍ର ଶାସନରେ ମହିଷ-ବିଷୟରେ ଏକ ଗ୍ରାମଦାନର ଉଲ୍ଲେଖ ରହିଛି । ବର୍ତ୍ତମାନ କର୍ଣ୍ଣାଟକର ଟୁଙ୍କୁର ଜିଲ୍ଲା ଓ ଏହାର ଆଖପାଖ ଅଞ୍ଚଳକୁ ନେଇ ଉକ୍ତ ମହିଷ- ବିଷୟ ଗଠିତ ହୋଇଥିବା ଜଣାଯାଇଛି । (୨୮) ମହିଷ ବା ମହିଷକ ନାମରୁ ଆଧୁନିକ ମହୀଶୂର ନାମର ଉତ୍ପତ୍ତି ହୋଇଥିବାର ସମ୍ଭବ ବୋଲି ଐତିହାସିକ ମାନେ ବିଶ୍ୱାସ କରନ୍ତି । ମହିଷ-ବିଷୟ, ମହିଷକ ରାଜ୍ୟର ଏକ 'ବିଷୟ' ବା ଜିଲ୍ଲା ଥିବା ମନେ ହୁଏ। ଏଠାରେ ସୂଚନାଯୋଗ୍ୟ, ପ୍ରାଚୀନ କଦମ୍ବ ରାଜବଂଶ ଖ୍ରୀଷ୍ଟୀୟ ପ୍ରାୟ ୪ର୍ଥ-୫ମ ଶତାବ୍ଦୀରେ କୁନ୍ତଳ ବା କର୍ଣ୍ଣାଟ ରାଜ୍ୟ ସାତବାହନମାନଙ୍କ ଠାରୁ ଅଧିକାର କରି ରାଜତ୍ୱ କରୁଥିଲେ । ଉକ୍ତ କୁନ୍ତଳ ରାଜ୍ୟର ରାଜଧାନୀ ଥିଲା ବୈଜୟନ୍ତୀ ବା ବନବାସୀ । ବିଭିନ୍ନ ପୁରାଣରେ ଉଲ୍ଲେଖ ରହିଛି, ସାତବାହନ ବଂଶର ବିଭିନ୍ନ ଶାଖା ମଧ୍ୟରୁ ଚୁଟୁକୁଳ- ସାତକର୍ଣ୍ଣୀ ନାମରେ ଅନ୍ୟତମ ଶାଖା (ଆ:ମା: ଖ୍ରୀଷ୍ଟାବ୍ଦ ୧ମ ଶତାବ୍ଦୀ) କୁନ୍ତଳ ରାଜ୍ୟ ଶାସନ କରୁଥିଲେ । ଏମାନଙ୍କ ଅଭିଲେଖ ମୁଦ୍ରା ଆବିଷ୍କୃତ ହୋଇଛି । (୨୯) ବାୟୁ, ମସ୍ୟ ଆଦି ପୁରାଣରେ, କୁନ୍ତଳରେ ଶାସନ କରୁଥିବା ସାତବାହନମାନଙ୍କୁ କୁନ୍ତଳ- ସାତକର୍ଣ୍ଣୀ ଆଖ୍ୟା ଦିଆଯାଇଛି । ଖ୍ରୀଷ୍ଟୀୟ ପ୍ରାୟ ଦ୍ୱିତୀୟ - ତୃତୀୟ ଶତାବ୍ଦୀରେ ଆନ୍ଧ୍ର ପ୍ରଦେଶର କୃଷ୍ଣା - ଗୁ□ୁର ଅଞ୍ଚଳରେ ଇକ୍ଷ୍ୱାକୁ ବଂଶୀୟ ଶାସକମାନଙ୍କ ସହ ଏହି କୁନ୍ତଳ- ସାତକର୍ଣ୍ଣୀମାନଙ୍କ ବୈବାହିକ ସମ୍ପର୍କ ସ୍ଥାପିତ ହୋଇଥିବା ଇକ୍ଷ୍ୱାକୁ ଅଭିଲେଖଗୁଡ଼ିକରୁ ଜଣାଯାଏ । (୩୦) ଏହି କୁନ୍ତଳ ରାଜ୍ୟର ଅନ୍ୟତମ ଅଂଶ ଥିଲା ମହିଷକ, ଯାହା ସାତବାହନମାନଙ୍କଠାରୁ କଦମ୍ବମାନେ ଅଧିକାର କରଥିଲେ । କର୍ଣ୍ଣାଟକର ଉତ୍‌ରାଂଶ ତଥା ବମ୍ବେ ପ୍ରେସିଡେନ୍ସିର ଦକ୍ଷିଣାଂଶକୁ ନେଇ କୁନ୍ତଳ ରାଜ୍ୟ ଗଠିତ ହୋଇଥିଲା । ମହାଭାରତ, ବାୟୁ ଆଦି ପୌରାଣିକ ସାହିତ୍ୟରେ କୁନ୍ତଳ, ବନବାସୀ, ମହିଷକ ଆଦି ଭିନ୍ନ ଭିନ୍ନ ରଜ୍ୟ ସ୍ୱରୂପ ସୂଚନା ମିଳୁଥିଲେ ମଧ୍ୟ କେବେ କେବେ ଉକ୍ତ ଅଞ୍ଚଳ ସମୂହ ରାଜନୈତିକ କାରଣରୁ ଗୋଟିଏ ଅନ୍ୟଟିର ଅଂଶ ବିଶେଷ ରୂପେ ପରିଚିତ ହୋଇଥିଲା । ତେଣୁ ବନବାସୀ ବା ବୈଜୟନ୍ତୀ ଏକ ସମୟରେ କୁନ୍ତଳ ବା କର୍ଣ୍ଣାଟ ରାଜ୍ୟର ରାଜଧାନୀ ରୂପେ ଉଲ୍ଲେଖ ହୋଇଛି । ପୁଣି ଅନ୍ୟତ୍ର ଏହାକୁ ସ୍ୱତନ୍ତ୍ର ରାଜ୍ୟ ରୂପେ ଉଲ୍ଲେଖ କରାଯାଇଛି । ମହିଷକ, କୁନ୍ତଳ ରାଜ୍ୟର

ଉତ୍ତରାଳରେ ଥିବା ଉପର୍ଯ୍ୟୁକ୍ତ କଦମ୍ବ ବଂଶୀୟ ଅଭିଲେଖରୁ ଜଣାପଡ଼ିଛି । ଅର୍ଥାତ୍ ଆଧୁନିକ କର୍ଣ୍ଣାଟକର ଟୁଙ୍କୁର ଜିଲ୍ଲା ଓ ଏହାର ଆଖପାଖ ଅଳକୁ ନେଇ ମହିଷକ ଗଠିତ ହୋଇଥିଲା । ସିରି-ସଦ, ସମ୍ଭବତଃ କିଛିକାଳ କୁନ୍ତଳ ସାତକର୍ଣ୍ଣୀମାନଙ୍କଠାରୁ ମହିଷକ ଅଧିକାର କରି କଳିଙ୍ଗ ସାମ୍ରାଜ୍ୟର ଅଧୀନସ୍ଥ କରିଥିଲେ । ତାଙ୍କର 'କଳିଙ୍ଗ-ମହିଷକାଧିପତି' ଉପାଧି ଧାରଣରୁ ଏହା ସୁସ୍ପଷ୍ଟ ଯେ, ତାଙ୍କ ସମୟରେ କଳିଙ୍ଗର ଦକ୍ଷିଣ ସୀମା ଯଥେଷ୍ଟ ବିସ୍ତାର ଲାଭ କରି ଦକ୍ଷିଣ-ପଶ୍ଚିମରେ ମହିଷକ ରାଜ୍ୟକୁ ସଂଯୋଗ କରିଥିଲା । ତେବେ, ତାଙ୍କ ରାଜତ୍ୱ ପରେ ମହିଷକ, ପୁଣି, ସାତବହାନମାନଙ୍କ ଅଧିକାରଭୁକ୍ତ ହୋଇଥିବା ମନେ ହୁଏ ।

ଆଉ ଏକ ଅନୁଧ୍ୟାନର ବିଷୟ ହେଉଛି, ମାର୍କଣ୍ଡେୟ, ବାୟୁ, ବ୍ରହ୍ମାଣ୍ଡ, ବାମନ, ମତ୍ସ୍ୟ ଆଦି ପୌରାଣିକ ସାହିତ୍ୟର ଦାକ୍ଷିଣାତ୍ୟର ରାଜ୍ୟ ସମୂହ ତଥା ଅଧିବାସୀଙ୍କ ବିବରଣୀରେ ମହିଷକ ଓ କଳିଙ୍ଗର ଏକତ୍ର ବର୍ଣ୍ଣନା ଦେଖାଯାଏ ।

ସେତୁକା ମୂଷିକାଶ୍ଚୈବ କୁମାରାବନବାସକା ।

ମହାରାଷ୍ଟ୍ରା ମାହିଷକାଃ କଳିଙ୍ଗାଶ୍ଚୈବ ସର୍ବଶଃ ॥ (୩୧)

ଉକ୍ତ ଶ୍ଳୋକରେ ଉଲ୍ଲେଖିତ ରାଜ୍ୟଗୁଡ଼ିକୁ ଦକ୍ଷିଣାପଥ ଅର୍ଥାତ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ତଥା ରାଜ୍ୟର ଅଧିବାସୀମାନଙ୍କ ବିଷୟରେ ସୂଚନା ଦିଆଯାଇଛି । ଉତ୍ତରାପଥ ଅର୍ଥାତ୍ ବିନ୍ଧ୍ୟ ପର୍ବତର ଉତ୍ତରରେ ଅବସ୍ଥିତ ରାଜ୍ୟଗୁଡ଼ିକର ଅଧିବାସୀଙ୍କ ବିବରଣୀରେ କଳିଙ୍ଗ ଓ ମହିଷକର ବର୍ଣ୍ଣନା ଦେଖିବାକୁ ମିଳେନାହିଁ । ମହିଷକ, ଦାକ୍ଷିଣାତ୍ୟର ଏକ ରାଜ୍ୟ ବିଶେଷ ହୋଇଥିବାରୁ ସିରି-ସଦ ଓ ତାଙ୍କ ଉତ୍ତରାଧିକାରୀମାନଙ୍କ ରାଜତ୍ୱ କାଳରେ କଳିଙ୍ଗର ସୀମା ଦାକ୍ଷିଣାତ୍ୟରେ ବିସ୍ତୃତ ଲାଭ କରିଥିଲା ଏବଂ ମହିଷକ ସହ ଯୁକ୍ତ ହୋଇ ଏକ ବିଶାଳ ସାମ୍ରାଜ୍ୟରେ ପରିଣତ ହୋଇଥିଲା, କହିଲେ ଅଧିକ ଯୁକ୍ତିଯୁକ୍ତ ହେବ । ତେବେ ଖାରବେଳଙ୍କ ସମୟରେ ଏହି ବିଶାଳ ସାମ୍ରାଜ୍ୟର କେତେ ପରିମାଣ ଅବଶିଷ୍ଟ ରହିଥିଲା, ସେ ବିଷୟ ସମସ୍ୟାକୀର୍ଣ୍ଣ ଏବଂ ଅନୁଧ୍ୟାନ ସାପେକ୍ଷ । ପ୍ରାଚୀନ କଳିଙ୍ଗର ଭୌଗଳିକ ସୀମା ସମ୍ପର୍କରେ ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ କେବଳ ହାତୀଗୁମ୍ଫା ଅଭିଲେଖ ଯଥେଷ୍ଟ ନୁହେଁ, ସମକାଳୀନ ଭାରତୀୟ ଅନ୍ୟାନ୍ୟ ଅଳର ପୁରାଭିଲେଖଗୁଡ଼ିକ ମଧ୍ୟ ଅନୁଧ୍ୟାନ ସାପେକ୍ଷ । ଏପର୍ଯ୍ୟନ୍ତ ଐତିହାସିକମାନଙ୍କ ଧାରଣା ରହିଛି ଯେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ କଳିଙ୍ଗ ବିଜୟ ସମୟଠାରୁ ଖାରବେଳଙ୍କ ରାଜତ୍ୱ କାଳ ପର୍ଯ୍ୟନ୍ତ ଅର୍ଥାତ ଖ୍ରୀ:ପୂ: ତୃତୀୟ ଶତାବ୍ଦୀଠାରୁ ଅନ୍ତତଃ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀ ପର୍ଯ୍ୟନ୍ତ, ଉତ୍ତର ଓଡ଼ିଶା ତଥା ଦକ୍ଷିଣ ଓଡ଼ିଶାର ସମୁଦାୟ ଅଳକୁ କଳିଙ୍ଗ କୁହାଯାଇଥିଲା । ଏପରି ବିଶ୍ୱାସର ପ୍ରଧାନ କାରଣ ହେଉଛି, ଅଶୋକଙ୍କ ଧଉଳି ସ୍ୱତନ୍ତ୍ର ଅନୁଶାସନ ଏବଂ ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖର ଅବସ୍ଥିତି; ଯାହାକି ଓଡ଼ିଶାର ଉତ୍ତରାଂଶରେ ଅତି ପ୍ରାଚୀନ କାଳରୁ ତୋଷଳୀ ନାମରେ ପରିଚିତ ଥିଲା । ଏହାଛଡ଼ା, ଏହି ଭ୍ରାନ୍ତ ଧାରଣାକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ, ମହାଭାରତ, ବନ ପର୍ବରେ କଳିଙ୍ଗର ଅବସ୍ଥିତି ସୂଚକ ଏକ ଶ୍ଳୋକ –

"ଏତେ କଳିଙ୍ଗାଃ କୌନ୍ତେୟ ଯତ୍ର ବୈତରଣୀ ନଦୀ ।" (୩୨)

ଏହାର ଅର୍ଥ ହେଲା, ବୈତରଣୀ ନଦୀ ଯେଉଁଠାରେ ପ୍ରବାହିତ, ସେହି ଅଳ କଳିଙ୍ଗବାସୀଙ୍କ ବାସସ୍ଥାନ, ଅର୍ଥାତ୍ କଟକ, ପୁରୀ, ଆଦି ଅଳ ମଧ୍ୟ କଳିଙ୍ଗର ଅନ୍ତର୍ଭୁକ୍ତ ହୋଇଥିବା ଏପର୍ଯ୍ୟନ୍ତ ବିଶ୍ୱାସ କରାଯାଏ । ତେବେ ପୁରାଭିଲେଖରୁ ମିଳୁଥିବା ତଥ୍ୟ ଦୃଷ୍ଟିରୁ ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ, ଅତି ପ୍ରାଚୀନ ଐତିହାସିକ ଯୁଗରୁ ଓଡ଼ିଶାର ବିଭିନ୍ନ ଅଳ ତୋଷଳ ବା ତୋଷଳୀ, କୋଶଳ, କଳିଙ୍ଗ, ଉତ୍କଳ ଆଦି ନାମରେ ପରିଚୟ ଲାଭ କରିଥିଲା ଏବଂ ପ୍ରତ୍ୟେକ ଅଳ ସ୍ୱତନ୍ତ୍ର ରାଜ୍ୟ ରୂପେ ସଂଗଠିତ ହୋଇଥିଲା । ତେଣୁ କଳିଙ୍ଗ ସମ୍ପର୍କୀୟ ବଦ୍ଧମୂଳ ବିଭ୍ରାନ୍ତିକର ଧାରଣା ସମୂହ ଯୁକ୍ତିଯୁକ୍ତ ତଥ୍ୟ ସହକାରେ

ଦୂର କରାଗଲେ, ଓଡ଼ିଶାର ଐତିହାସିକ ସମସ୍ୟାଗୁଡ଼ିକ ଅନେକାଂଶରେ ସମାଧାନ କରାଯାଇପାରିବ; ଏଥିରେ ସନ୍ଦେହ ନାହିଁ ।

ଅଭିଲେଖରେ କଳିଙ୍ଗର ସର୍ବପ୍ରାଚୀନ ଉଲ୍ଲେଖ ରହିଛି, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଉତ୍କୀର୍ଣ୍ଣ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ତ୍ରୟୋଦଶ ଶିଳାନୁଶାସନରେ, ଯେଉଁଥିରେ ସମ୍ରାଟଙ୍କ କଳିଙ୍ଗ; ଜୟ ବର୍ଣ୍ଣନା ସହ ଯୁଦ୍ଧ୍ ଜନିତ ନିଜସ୍ୱ ଅନୁଶୋଚନାର ଉଲ୍ଲେଖ ରହିଛି ।(୩୩) ଅଶୋକଙ୍କ ଦୁଇଟି ସ୍ୱତନ୍ତ୍ର ଶିଳାନୁଶାସନ ଭୁବନେଶ୍ୱର ନିକଟସ୍ଥ ଧଉଳି ଓ ଗଂଜାମ ଜିଲ୍ଲାର ଜଉଗଡ଼ଠାରେ ଉତ୍କୀର୍ଣ୍ଣ ହୋଇଛି । କିନ୍ତୁ ଏ ଦୁଇଟି ଅନୁଶାସନରେ କଳିଙ୍ଗର ଉଲ୍ଲେଖ ନାହିଁ ।

ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ଦୁଇଟି ସ୍ୱତନ୍ତ୍ର ଅନୁଶାସନର ଅବିକଳ ଉଦ୍ଧୃତାଂଶ, କର୍ଣ୍ଣାଟକର ଗୁଲବର୍ଗା ଜିଲ୍ଲାସ୍ଥିତ ସନ୍ନତି ଗ୍ରାମରେ ଆବିଷ୍କୃତ ହୋଇଛି । ଏହି ଗ୍ରାମରେ ପ୍ରତିଷ୍ଠିତ ମହାକାଳୀଙ୍କ (ଆ:ମା: ୯ମ ଶତାବ୍ଦୀ) ପୀଠ-ଶିଳାରେ ଉକ୍ତ ଦୁଇଟି ସ୍ୱତନ୍ତ୍ର ଅନୁଶାସନ ସହ ଦ୍ୱାଦଶ ଓ ଚତୁର୍ଦ୍ଦଶ ଶିଳାନୁଶାସନ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଇଛି । ଖ୍ରୀଷ୍ଟୀୟ ପ୍ରାୟ ୯ମ ଶତାବ୍ଦୀରେ ଉତ୍କୀର୍ଣ୍ଣ ଶିଳାଖଣ୍ଡଟି ନିକଟସ୍ଥ କୌଣସି ସ୍ଥାନରୁ ଅଣାଯାଇ ତହିଁ ଉପରେ ମହାକାଳୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିବା ଅନୁମାନ କରାଯାଏ । ମୂର୍ତ୍ତି  ସ୍ଥାପନ ସମୟରେ ଶିଳାଟିର ମଧ୍ୟ ସ୍ଥଳରେ କେତେକାଂଶ କଟାଯାଇଥିବା ହେତୁ ଅଭିଲେଖର ଅନେକାଂଶ ନଷ୍ଟ ହୋଇଥିଲେ ସୁଦ୍ଧା ଶିଳାର ଏକ ପାର୍ଶ୍ୱରେ ସମ୍ରାଟ ଅଶୋକଙ୍କ ଦ୍ୱାଦଶ ଓ ଚତୁର୍ଦ୍ଦଶ ଶିଳାନୁଶାସନ ଏବଂ ଅନ୍ୟ ପାର୍ଶ୍ୱରେ ଧଉଳି ଓ ଜଉଗଡସ୍ଥିତ ସ୍ୱତନ୍ତ୍ର ଶିଳାନୁଶାସନର ଅଧିକାଂଶ ଉଦ୍ଧୃତି ଏପର୍ଯ୍ୟନ୍ତ ପାଠୋଦ୍ଧାର କରାଯାଇଛି । ଆହୁରି ମଧ୍ୟ, ଧଉଳୀ ଓ ଜଉଗଡ଼ର ସ୍ୱତନ୍ତ୍ର ଅନୁଶାସନରେ ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଅନୁଶାସନ ଉତ୍କୀର୍ଣ୍ଣ ହୋଇନଥିବାବେଳେ, ଉକ୍ତ ନବାବିଷ୍କୃତ ଶିଳାଲେଖର ଗୋଟିଏ ପାର୍ଶ୍ୱରେ ଦ୍ୱାଦଶ ଓ ଚତୁର୍ଦ୍ଦଶ ଅନୁଶାସନ ଉତ୍କୀର୍ଣ୍ଣ ହୋଇଥିବା ଦୃଷ୍ଟିରୁ ଏହାର ଐତିହାସିକ ଗୁରୁତ୍ୱ ଯଥେଷ୍ଟ ରହିଛି । ପ୍ରାଚୀନ ଭୀମା ନଦୀ ତଟବର୍ତ୍ତୀ ଉକ୍ତ ସନ୍ନତି ଗ୍ରାମ ଓ ଆଖ ପାଖର ବିସ୍ତୀର୍ଣ୍ଣ ଅଞ୍ଚଳରୁ ପ୍ରାଚୀନ ବୌଦ୍ଧକୀର୍ତ୍ତିର ଅବଶେଷ ସହ ମୌର୍ଯ୍ୟ, ସାତବାହନ ଓ ଅନ୍ୟାନ୍ୟ ପ୍ରମୁଖ ରାଜବଂଶୀୟ ଅଭିଲେଖଗୁଡ଼ିକର ଆବିଷ୍କାର ଫଳରେ, ମୌର୍ଯ୍ୟକାଳୀନ ଇତିହାସ ବ୍ୟତୀତ, ପ୍ରାଚୀନ ସାତବାହନ ଓ କଳିଙ୍ଗର ମହାମେଘବାହନୀୟ ରାଜତ୍ୱ କାଳୀନ ଇତିହାସରେ ନୂତନ ଅଲୋକପାତର ସମ୍ଭାବନା ଯଥେଷ୍ଟ ରହିଛି ।

ଧଉଳୀ ଅନୁଶାସନରେ କଳିଙ୍ଗ ପରିବର୍ତ୍ତେ ତୋସଳୀରେ ଉଲ୍ଲେଖ ରହିଛି । ଐତିହାସିକମାନଙ୍କ ଧାରଣା, ଦୁଇଟିଯାକ ସ୍ୱତନ୍ତ୍ର ଅନୁଶାସନର ଅବସ୍ଥିତି ଓଡ଼ିଶାର ସୀମା ମଧ୍ୟରେ ହୋଇଥିବାରୁ, ମୌର୍ଯ୍ୟ ଶାସନକାଳରେ, କଳିଙ୍ଗ ବିଜୟ ପରେ, ସମଗ୍ର ଓଡ଼ିଶା ବିଜିତ କଳିଙ୍ଗ ପ୍ରଦେଶର ଅନ୍ତର୍ଭୁକ୍ତ କରି ପ୍ରଶାସନର ସୁବିଧା ଦୃଷ୍ଟିରୁ ଅଶୋକ କଳିଙ୍ଗକୁ ଦୁଇଭାଗରେ ବିଭକ୍ତ କରିଥିଲେ । ଏହାର ଉତ୍ତର - ପୂର୍ବ ଅଂଶରେ ପ୍ରଧାନ ନଗର ଥିଲା ତୋସଳୀ ଓ ଦକ୍ଷିଣ-ପଶ୍ଚିମରେ ସମାପା । ଆହୁରି ମଧ୍ୟ, ଐତିହାସିକମାନଙ୍କ ବିଶ୍ୱାସ, ଖ୍ରୀ:ପୂ: ପ୍ରାୟ ୧ମ ଶତକ ସମୟରେ କଳିଙ୍ଗାଧିପତି ଖାରବେଳଙ୍କ ରାଜଧାନୀ କଳିଙ୍ଗନଗର (ବା କଳିଙ୍ଗନଗରୀ) ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ ଓ ଏହାର ଆଖ ପାଖ ଅଞ୍ଚଳକୁ ନେଇ ସ୍ଥାପିତ ହୋଇଥିଲା । ଆଜି ପର୍ଯ୍ୟନ୍ତ ଐତିହାସିକମାନଙ୍କ ଏହି ଧାରଣ ବଦ୍ଧମୂଳ ହୋଇ ରହିଛି । ଅଶୋକଙ୍କ ଅନୁଶାସନରେ ଉଲ୍ଲିଖିତ ତୋସଳୀ-ନଗରୀ, ଆଧୁନିକ ଧଉଳୀ ଓ ଏହାର ଆଖ-ପାଖ ଅଞ୍ଚଳକୁ ନେଇ ଗଠିତ ହୋଇଥିବା ବର୍ତ୍ତମାନ ପ୍ରମାଣିତ ହୋଇଛି । 'ତୋସଳୀ' କାଳକ୍ରମେ ଅପଭ୍ରଂଶ ହୋଇ 'ଧଉଳୀ'ରେ ପରିଣତ ହୋଇଛି । ସମ୍ଭବତଃ, ଅଶୋକଙ୍କ କଳିଙ୍ଗ ବିଜୟ ପୂର୍ବରୁ କିମ୍ବା ଏ ଅଞ୍ଚଳରେ ମୌର୍ଯ୍ୟ ଶାସନ ପ୍ରତିଷ୍ଠା ପୂର୍ବରୁ ତୋସଳୀ ପ୍ରତିଷ୍ଠା ଲାଭ କରି ଜନବସତିପୂର୍ଣ୍ଣ ହୋଇଥିଲା । ତେବେ ଅଶୋକଙ୍କ ରାଜତ୍ୱକାଳରେ ଏହି ନଗରୀ ବିଶେଷ ଭାବରେ ମୌର୍ଯ୍ୟକାଳୀନ ସ୍ଥାପତ୍ୟ-କୀର୍ତ୍ତିରେ ସମୃଦ୍ଧ ହୋଇଥିଲା । ଖ୍ରୀଷ୍ଟପୂର୍ବ ପ୍ରାୟ ୩ୟ ଶତାବ୍ଦୀଠାରୁ ହିଁ, ତୋସଳୀ ନଗରୀ ସହ ଓଡ଼ିଶାର ଉତ୍ତରାଞ୍ଚଳ କ୍ରମଶଃ ତୋସଳ ବା ତୋସଳୀ

ରାଜ୍ୟରେ ପରିଣତ ହୋଇଥିବା ଅସମ୍ଭବ ମନେ ହୁଏ ନାହିଁ । ପରବର୍ତ୍ତୀକାଳୀନ ତୋସଳୀର ଇତିହାସ ପର୍ଯ୍ୟାଲୋଚନା କଲେ ଏହାହିଁ ମନେ ହୁଏ । ପ୍ରାକ୍-ମଧ୍ୟ ଯୁଗରେ ଅର୍ଥାତ୍ ଖ୍ରୀଷ୍ଟୀୟ ପ୍ରାୟ ୫ମ ଶତାବ୍ଦୀଠାରୁ ୧୦ ଶତାବ୍ଦୀ ପର୍ଯ୍ୟନ୍ତ ତୋସଳ ବା ତୋସଳୀ ରାଜ୍ୟ ମହାନଦୀ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇ (ଉତ୍ତର ତୋସଳୀ ଓ ଦକ୍ଷିଣ ତୋସଳୀ) ଉତ୍ତରରେ ଦକ୍ଷିଣ-ପଶ୍ଚିମ ମେଦିନୀପୁରର ଜିଲ୍ଲାଠାରୁ (ପ.ବଙ୍ଗ) ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

କିନ୍ତୁ କୌଣସି ଯୁଗରେ ଧଉଳି-ଶିଶୁପାଳଗଡ଼ ଅଞ୍ଚଳକୁ କଳିଙ୍ଗନଗରୀ ଆଖ୍ୟା ଦିଆଯାଇଥିବା ସୁସ୍ପଷ୍ଟ ପ୍ରମାଣ ନାହିଁ । କେବଳ ଖାରବେଳଙ୍କ ଶିଳାଲେଖଟିର ଏ ଅଞ୍ଚଳରେ ଅବସ୍ଥିତି ଓ ତହିଁରେ ଉଲ୍ଲିଖିତ କଳିଙ୍ଗନଗରୀ, ଐତିହାସିକମାନଙ୍କୁ ଏପରି ଅନୁମାନ କରିବାକୁ ସାହାଯ୍ୟ କରେ । ଆହୁରି ମଧ୍ୟ, ଆଧୁନିକ ଓଡ଼ିଶା ପ୍ରଦେଶର ଅବସ୍ଥିତି ଓ ବିସ୍ତୃତିକୁ ଆଖି ଆଗରେ ରଖି ମୌର୍ଯ୍ୟ ଓ ମହାମେଘବାହନ ରାଜତ୍ୱକାଳୀନ କଳିଙ୍ଗର ଅବସ୍ଥିତିର କଳ୍ପନା କରାଯାଇଥିବା ମନେହୁଏ ।

ମହାଭାରତ ତଥା ପୌରାଣିକ ସାହିତ୍ୟିକ ଉପକରଣରେ ପ୍ରାଚୀନ ରାଜ୍ୟଗୁଡ଼ିକର ଅବସ୍ଥିତି ବର୍ଣ୍ଣନାରେ ଅନେକ କ୍ଷେତ୍ରରେ ପରସ୍ପର ବିରୋଧୀ ତଥ୍ୟର ଉଲ୍ଲେଖ ଦେଖାଯାଏ । ତେଣୁ ଏ ପ୍ରକାର ବର୍ଣ୍ଣନାର ମୂଲ୍ୟାୟନରେ ବିଶେଷ ସାବଧାନତା ଅବଲମ୍ବନ ପ୍ରୟୋଜନ । ଅନେକ କ୍ଷେତ୍ରରେ ପ୍ରାଚୀନ ସାହିତ୍ୟିକ ଉପକରଣରେ ରାଜ୍ୟଗୁଡ଼ିକର ନିର୍ଦ୍ଦିଷ୍ଟ ସୀମା ବର୍ଣ୍ଣନା ଆନୁମାନିକ ଏବଂ କେବେ କେବେ ଅତି ସ୍ଥୁଳ ହୋଇଥାଏ । ଏହି କାରଣରୁ ମହାଭାରତରେ କଳିଙ୍ଗର ଉପର୍ଯ୍ୟୁକ୍ତ ବର୍ଣ୍ଣନା ଥିବା ସଙ୍ଗେ ସଙ୍ଗେ ଉତ୍କଳ, କୋଶଳ ଆଦି ପ୍ରାଚୀନ ଓଡ଼ିଶାର ଅନ୍ୟାନ୍ୟ ରାଜ୍ୟଗୁଡ଼ିକର ମଧ୍ୟ ବର୍ଣ୍ଣନା ମିଳେ । କୌଣସି ଯୁଗରେ କଳିଙ୍ଗ ଓ ତୋସଳୀ ଉଭୟ ରାଜ୍ୟର ସମିଶ୍ରଣରେ ବୃହତ କଳିଙ୍ଗ ରାଜ୍ୟ ସଂଗଠିତ ହୋଇଥିବା, ଅଥବା କଳିଙ୍ଗର ମୁଖ୍ୟ ସହର ବା ରାଜଧାନୀ ତୋସଳୀ ହୋଇଥିବାର ସୁଦୃଢ଼ ପ୍ରମାଣ ଏପର୍ଯ୍ୟନ୍ତ ପୁରାଭିଲେଖଗୁଡ଼ିକରୁ ମିଳିନାହିଁ । ଏହି ଦୁଇ ସ୍ୱତନ୍ତ୍ର ରାଜ୍ୟର ଇତିହାସ ଅନୁଧ୍ୟାନ କଲେ, ଅବଶ୍ୟ ଜଣାପଡ଼େ, କେବେ କେବେ ରାଜନୈତିକ କାରଣରୁ ଏମାନଙ୍କ ସୀମା ସଙ୍କୋଚନ ବା ପ୍ରସାରଣ ଘଟିଛି । ସମଗ୍ର ଭାରତବର୍ଷର ବିଭିନ୍ନ ଅଞ୍ଚଳ ଓ ବିଭିନ୍ନ ରାଜ୍ୟର ଭୌଗଳିକ ବିବରଣୀ ପ୍ରସଙ୍ଗରେ, ପୁରାଣ ଉଲ୍ଲେଖିତ ବିବରଣୀମାନ ବିଶେଷ ଅନୁଧ୍ୟାନ ସାପେକ୍ଷ । ଏଗୁଡ଼ିକରେ, ସମଗ୍ର ଭାରତବର୍ଷକୁ ମୁଖ୍ୟତଃ କେତେକ ଭୌଗଳିକ ବିଭାଗରେ ବିଭକ୍ତ କରାଯାଇ ସେହି ସବୁ ବିଭାଗରେ ବିଭିନ୍ନ ରାଜ୍ୟ ବା ରାଜ୍ୟର ଅଧିବାସୀମାନଙ୍କ ଅବସ୍ଥିତି ଦର୍ଶାଯାଇଛି । ଏହି ସବୁ ବିଭାଗଗୁଡ଼ିକ ହେଲା, ମଧ୍ୟଦେଶ, ପ୍ରାଚ୍ୟ ବା ପୂର୍ବଦେଶ, ଉଦୀଚ୍ୟ ବା ଉତ୍ତରାପଥ, ଦାକ୍ଷିଣାତ୍ୟ ବା ଦାକ୍ଷିଣାପଥ, ଅପରାନ୍ତ ବା ପଶ୍ଚାଦେଶ, ବିନ୍ଧ୍ୟପୃଷ୍ଠ ଇତ୍ୟାଦି । ଏଥିମଧ୍ୟରୁ ଦକ୍ଷିଣାପଥ ଅନ୍ତର୍ଗତ ଦେଶଗୁଡ଼ିକ ସହିତ କଳିଙ୍ଗ ଓ ମହିଷକ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିବା ବିଷୟରେ ପୂର୍ବେ ଆଲୋଚନା କରାଯାଇଛି । ବିନ୍ଧ୍ୟପୃଷ୍ଠ ଅଞ୍ଚଳରେ ଅନ୍ତର୍ଭୁକ୍ତ ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍କଳ, କୋଶଳ ଓ ତୋସଳ ଏକତ୍ର ବର୍ଣ୍ଣିତ ହୋଇଥିବା ଲକ୍ଷ୍ୟ କରାଯାଏ ।

ମଳଦାଶ୍ଚ କାରୁଷାଶ୍ଚ ମେକଳାଶ୍ଚୋତକଳୈଃ ସହ ।

ତୋସଳାଃ କୋଶଳାଶ୍ଚୈବ ତ୍ରୈପୁରା ବୈଦିଶାସ୍ତଥା ॥ ୩୬

ତେଣୁ ଭୌଗଳିକ ଅବସ୍ଥିତି ଅନୁସାରେ ତୋସଳ ଏବଂ କଳିଙ୍ଗ ଦୁଇଟି ସ୍ୱତନ୍ତ୍ର ରାଜ୍ୟ ଥିଲା ଏବଂ ଅଶୋକଙ୍କ ସାମ୍ରାଜ୍ୟରେ ଏ ଦୁଇଟି ଭିନ୍ନ ଭିନ୍ନ ପ୍ରଦେଶ ରୂପେ ପରିଗଣିତ ହୋଇଥିଲା । ବିଭିନ୍ନ ଯୁଗର ପୁରାଭିଲେଖଗୁଡ଼ିକରେ ମଧ୍ୟ, ଅନ୍ତତଃ, ଖ୍ରୀଷ୍ଟୀୟ ୧୦ ଶତାବ୍ଦୀ ପର୍ଯ୍ୟନ୍ତ, କଳିଙ୍ଗ ଓ ତୋସଳ ରାଜ୍ୟ, ଗୋଟିଏ ଅନ୍ୟଟିର ସମ୍ପୂର୍ଣ୍ଣ ଅଧୀନସ୍ଥ ହୋଇଥିବାର ସୂଚନା ମିଳେ ନାହିଁ । ତେଣୁ ଖାରବେଳଙ୍କ ରାଜଧାନୀ କଳିଙ୍ଗନଗରୀ, ତୋସଳର ସୀମା ମଧ୍ୟରେ କଳ୍ପନା କରିବା ନିତାନ୍ତ ଅଯୌକ୍ତିକ । ତାଙ୍କ ପୂର୍ବପୁରୁଷ ସିରି-ସଦ, କଳିଙ୍ଗ ଓ ମହିଷକ ଦୁଇଟି ସ୍ୱତନ୍ତ୍ର ରାଜ୍ୟକୁ ଏକତ୍ର ଶାସନ କରୁଥିବା ଦୃଷ୍ଟିରୁ ତାଙ୍କୁ 'କଳିଙ୍ଗ-ମହିଷକାଧିପତି' କୁହାଯାଇଛି । ସେହିପରି କଳିଙ୍ଗ ସହିତ ତୋସଳର ଶାସକ ହୋଇଥିଲେ ଖାରବେଳ

କଳିଙ୍ଗ- ତୋସଳାଧିପତି ରୂପେ ପରିଚିତ ହୋଇଥାନ୍ତେ । ଖ୍ରୀ:ପୂ: ୩ୟ ଶତାବ୍ଦୀରେ ତୋସଳୀ ନଗରୀ ତୋସଳ ବା ତୋସଳୀ ରାଜ୍ୟର ପ୍ରଧାନ ନଗରରୂପେ ପ୍ରଖ୍ୟାତ ହୋଇଥିଲା ଏବଂ ଅଶୋକଙ୍କ ଶାସନକାଳରେ ଏହା ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ୟତମ ପ୍ରଦେଶ ଥିଲା, ଯେଉଁଠି ଶାସନର ସୁବିଧା ପାଇଁ ଜଣେ କୁମାରାମାତ୍ୟ ନିଯୁକ୍ତ ହୋଇଥିଲେ । ମୌର୍ଯ୍ୟ ଶାସନର ଅବସାନ ପରେ ଖ୍ରୀଷ୍ଟୀୟ ପ୍ରାୟ ୨ୟ - ୩ୟ ଶତାବ୍ଦୀ ପର୍ଯ୍ୟନ୍ତ ତୋସଳୀର ଇତିହାସ ଅନ୍ଧକାରାଚ୍ଛନ୍ନ । ତେବେ, ଆନ୍ଧ୍ରପ୍ରଦେଶର ନାଗାର୍ଜୁନୀ କୋଣ୍ଡାଠାରେ ଆବିଷ୍କୃତ ଇକ୍ଷ୍ୱାକୁ ବଂଶୀୟ ବୀରପୁରୁଷଦତ୍ତଙ୍କ ପ୍ରାକୃତ ଅଭିଲେଖରେ (ଆ:ମା: ୩ୟ ଶତାବ୍ଦୀର ପ୍ରାରମ୍ଭକାଳ) ତୋସଳୀର ଉଲ୍ଲେଖ ଦେଖାଯାଏ । (୩୮) ଏହି ସମୟରେ, ତୋସଳୀ ରାଜ୍ୟର ପ୍ରଧାନ ନଗରୀରୂପେ ତୋସଳୀ ଦେଶ-ବିଦେଶରେ ସୁପରିଚିତ ହୋଇସାରିଥିଲା । ଏଠାରେ ବୌଦ୍ଧଧର୍ମର ବିଶେଷ ସମୃଦ୍ଧି ସଙ୍ଗେ ସଙ୍ଗେ, ଏଠାରୁ ବୌଦ୍ଧ ସନ୍ୟାସୀ ଏବଂ ପରିବ୍ରାଜକମାନେ ଦେଶାନ୍ତର ଯାତ୍ରା କରି ବିଭିନ୍ନ ବୌଦ୍ଧ କେନ୍ଦ୍ରମାନଙ୍କରେ ଧର୍ମଚର୍ଚ୍ଚାରେ ଅଂଶଗ୍ରହଣ କରୁଥିଲେ; ଏହା ନାଗାର୍ଜୁନୀ କୋଣ୍ଡ ଅଭିଲେଖରୁ ସହଜରେ ଅନୁମାନ କରାଯାଇପାରେ । ଖ୍ରୀଷ୍ଟୀୟ ୩ୟ-୪ର୍ଥ ଶତାବ୍ଦୀ ସମୟରେ ତୋସଳୀ ରାଜ୍ୟ, ଦକ୍ଷିଣ-ତୋସଳୀ ଓ ଉତ୍ତର-ତୋସଳୀ, ଦୁଇ ଭାଗରେ ବିଭକ୍ତ ହୋଇ ଉଭୟ - ତୋସଳୀ ନାମରେ ଦେଶ - ବିଦେଶରେ ପରିଚୟ ଲାଭ କରିଥିବା ସ୍ପଷ୍ଟ ଐତିହାସିକ ପ୍ରମାଣ ରହିଛି । (୩୯)

ମହାନଦୀ ଦ୍ୱାରା ଦୁଇ ଭାଗରେ ବିଭକ୍ତ ହୋଇ, ଏହାର ଉତ୍ତରରେ ଥିବା ଓଡ଼ିଶାର ଜିଲ୍ଲା ସମୂହ ତଥା ପଶ୍ଚିମ ବଙ୍ଗର ମେଦିନୀପୁର ଜିଲ୍ଲା (ପ୍ରାଚୀନ ଦଣ୍ଡଭୁକ୍ତି ମଣ୍ଡଳ) ଉତ୍ତର- ତୋସଳୀର ଅନ୍ତର୍ଗତ ହୋଇଥିଲା । ମହାନଦୀର ଦକ୍ଷିଣ ଭାଗରେ ପୁରୀ ଓ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲା, ଦକ୍ଷିଣ ତୋସଳୀର ଅନ୍ତର୍ଭୁକ୍ତ ହୋଇଥିଲା । ତେବେ, ଷଷ୍ଠ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ଦକ୍ଷିଣ ତୋସଳୀର ଦକ୍ଷିଣ ସୀମାନ୍ତ ଅଳ (ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଆସ୍କା - ଭଞ୍ଜନଗର ତଥା ଆଧୁନିକ ଗଜପତି ଜିଲ୍ଲା ପ୍ରଭୃତି) 'କଳିଙ୍ଗରାଷ୍ଟ୍ର'ର ଅଂଶ ବିଶେଷରୂପେ ପରିଗଣିତ ହେଉଥିଲା । (୪୦)

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ପ୍ରାରମ୍ଭରେ ଏହି ଅଳ ସହ ଚିଲିକା ଉପକୂଳବର୍ତ୍ତୀ (ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ) ଅଂଶ ବିଶେଷକୁ ନେଇ କୋଙ୍ଗୋଦମଣ୍ଡଳ ନାମରେ ଏକ କରଦ ରାଜ୍ୟ ଗଠିତ ହୋଇଥିଲା । ଉକ୍ତ ରାଜ୍ୟର ଶୈଳୋଦ୍ଭବବଂଶୀୟ ଶାସକମାନେ ପରେ କିଛିକାଳ ସ୍ୱାଧୀନତା ଉପଭୋଗ କରିଥିଲେ ହେଁ ଖ୍ରୀଷ୍ଟୀୟ ୮ମ ଶତାବ୍ଦୀର ପ୍ରଥମ ଭାଗରେ କୋଙ୍ଗୋଦମଣ୍ଡଳ ଅଧିକାର କରି ଭୌମକର ବଂଶୀୟ ଶାସକମାନେ ନିଜ ରାଜ୍ୟ ତୋସଳୀରେ (ଦକ୍ଷିଣ - ତୋସଳୀରେ) ଅନ୍ତର୍ଭୁକ୍ତ କରିଥିଲେ । ଶୈଳୋଦ୍ଭବମାନେ ରାଜତ୍ୱର ପ୍ରଥମାବସ୍ଥାରେ (ମାଧବବର୍ମା ୨ୟଙ୍କ ଶାସନ କାଳରେ) ଅଳ୍ପ କିଛି କାଳ ପାଇଁ କୋଙ୍ଗୋଦର ଦକ୍ଷିଣ -ପଶ୍ଚମାଂଶରେ ବିସ୍ତୃତ କଳିଙ୍ଗ ରାଜ୍ୟର କିୟଦଂଶ ଅଧିକାର କରି 'କଳିଙ୍ଗାଧିପତି' ଉପାଧି ଧାରଣ କରିଥିଲେ । ଖ୍ରୀଷ୍ଟୀୟ ପ୍ରାୟ ୫ମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ, ଋଷିକୁଲ୍ୟା ନଦୀଠାରୁ ଦକ୍ଷିଣ ଓ ଦକ୍ଷିଣ - ପଶ୍ଚିମରେ ବିସ୍ତୃତ କଳିଙ୍ଗରାଜ୍ୟରେ ପୂର୍ବଗଙ୍ଗବଂଶୀମାନେ ରାଜତ୍ୱ କରୁଥିଲେ । ସେମାନଙ୍କ ରାଜଧାନୀ ଥିଲା କଳିଙ୍ଗନଗର ଏବଂ ସେମାନେ 'ସକଳ କଳିଙ୍ଗାଧିପତି' ଉପାଧିରେ ଭୂଷିତ ହୋଇଥିଲେ । ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ଶ୍ରୀକାକୁଲମ୍ ଜିଲ୍ଲାର ମୁଖଲିଙ୍ଗମ୍‌ଠାରେ, ବଂଶଧାରା ନଦୀ ମୁହାଣରେ ଉକ୍ତ କଳିଙ୍ଗନଗରୀର ଅବସ୍ଥିତି, ଐତିହାସିକମାନେ ଜାଣନ୍ତି । ଏହି ସ୍ଥାନରେ ମଧ୍ୟ କଳିଙ୍ଗ-ପତ୍ତନମ୍ ନାମକ ବନ୍ଦର ପ୍ରସିଦ୍ଧି ଲାଭ କରିଥିଲା ।

ତେବେ, ପୂର୍ବ - ଗଙ୍ଗବଂଶୀମାନଙ୍କ ଆଗମନ ବେଳକୁ କଳିଙ୍ଗର ଦକ୍ଷିଣ ସୀମା ଅନେକାଂଶରେ ସଙ୍କୁଚିତ ହୋଇ ବିଶାଖ ପତ୍ତନମ, ଶ୍ରୀକାକୁଲମ୍‌ଠାରୁ ଉତ୍ତରରେ ଋଷିକୁଲ୍ୟା ପର୍ଯ୍ୟନ୍ତ ସୀମିତ ହୋଇଯାଇଥିଲା । ମହାମେଘବାହନ ଶାସନକଳୀନ ବିଶାଳ କଳିଙ୍ଗ- ମହିଷକ ସାମ୍ରାଜ୍ୟର ସୀମା ସଙ୍କୋଚନ, ପୂର୍ବଗଙ୍ଗବଂଶୀମାନଙ୍କ ଆଗମନର ବହୁ ପୂର୍ବରୁ ଆରମ୍ଭ ହୋଇଯାଇଥିଲା । ସମ୍ଭବତଃ ସିରି- ସଦଙ୍କ ରାଜତ୍ୱର ଅବସାନ ସଙ୍ଗେ ସଙ୍ଗେ, ଆନୁମାନିକ ଖ୍ରୀ:ଅ: ୧ମ ଶତାବ୍ଦୀରେ ମହିଷକ ଅଳ ଚୁଟୁକୁଳ- ସାତକର୍ଣ୍ଣୀମାନଙ୍କ ଦ୍ୱାରା କଳିଙ୍ଗଠାରୁ ବିଚ୍ଛିନ୍ନ ହୋଇ କୁନ୍ତଳ- ବନବାସୀ ରାଜ୍ୟଭୁକ୍ତ

ହୋଇଥିଲା । ମନେହୁଏ, ଖାରବେଳଙ୍କ ରାଜତ୍ୱ ସମୟରୁ ହିଁ ବିଶାଳ କଳିଙ୍ଗ ସାମ୍ରାଜ୍ୟର କ୍ରମ ସଙ୍କୋଚନ ଆରମ୍ଭ ହୋଇଥିଲା । ତେଣୁ ତାଙ୍କ ଅଭିଲେଖରେ ମହିଷକର ଉଲ୍ଲେଖ ନାହିଁ । ଏହି ସାମ୍ରାଜ୍ୟ ସିର-ସଦଙ୍କ ସମୟରେ, ଉତ୍ତରରେ ଋଷିକୁଲ୍ୟା ବା ବଡ଼ନଦୀ (ପ୍ରାଚୀନ ନାମ ମହାନଦୀ) ଠାରୁ ଦକ୍ଷିଣ ଓ ଦକ୍ଷିଣ -ପଶ୍ଚିମରେ କର୍ଣ୍ଣାଟକର ଉତ୍ତରାଳ ଅର୍ଥାତ୍ ମହିଷକ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ଏହି ସମୟରେ ସାତବାହନମାନେ କ୍ରମଶଃ ପରାକ୍ରମଶାଳୀ ହୋଇ ମହାରଷ୍ଟ୍ର, କର୍ଣ୍ଣାଟକର ଉତ୍ତରାଳ ତଥା କୃଷ୍ଣା ଓ ଗୋଦାବରୀ ନଦୀ ମଧ୍ୟବର୍ତ୍ତୀ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଅଳ ନିଜ ଆୟତ୍ତାଧୀନ କରି ନେଇଥିଲେ । ଖ୍ରୀଷ୍ଟୀୟ ପ୍ରାୟ ୨ୟ ଶତାବ୍ଦୀର ଶେଷ ଭାଗରେ ସାତବାହନମାନେ କୃଷ୍ଣା-ଗୁ□ୁର ଅଳରୁ ବିତାଡ଼ିତ ହୋଇଥିଲେ । ଏମାନଙ୍କ ଅଧିନତା ସ୍ୱୀକାର କରିଥିବା ଦକ୍ଷିଣ – ପୂର୍ବାଳର କ୍ଷୁଦ୍ର ଦେଶୀୟ ରାଜ୍ୟସମୂହ, ଯେପରି ଇକ୍ଷ୍ୱାକୁ, ବୃହତ୍ ଫଳାୟନ, ଶାଳଙ୍କାୟନ, ବିଷ୍ଣୁକୁଣ୍ଡୀନ୍, ପଲ୍ଲବ ଆଦି ରାଜବଂଶ କ୍ରମଶଃ ସ୍ୱାଧିନତା ଘୋଷଣା କରି ୩ୟ-୪ର୍ଥ ଶତାବ୍ଦୀରେ ନିଜ ନିଜ ରାଜ୍ୟ ପ୍ରତିଷ୍ଠା କରିଥିଲେ । ତେଣୁ ପ୍ରାଚୀନ କଳିଙ୍ଗ ସାମ୍ରାଜ୍ୟର ଏହି ସବୁ ଅଳ ଚିରଦିନ ପାଇଁ କଳିଙ୍ଗଠାରୁ ବିଚ୍ଛିନ୍ନ ହୋଇଥିଲା ଏବଂ ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ, ଉତ୍ତର ଭାରତରୁ ଗୁପ୍ତବଂଶୀମାନଙ୍କ ଆଗମନ ବେଳକୁ କଳିଙ୍ଗର ଅଧିକାଂଶ ଅଳ, ବିଶେଷତଃ କୃଷ୍ଣା ଓ ଗୋଦାବରୀ ମଧ୍ୟବର୍ତ୍ତୀ ଅଳ ସମୂହ ଖଣ୍ଡ ଖଣ୍ଡ ହୋଇ ବେଙ୍ଗି ଇତ୍ୟାଦି ରାଜ୍ୟଭୁକ୍ତ ହୋଇଥିଲା । ପରବର୍ତ୍ତୀ କାଳରେ କଳିଙ୍ଗର ସୀମା ଆନ୍ଧ୍ରର ବିଶାଖାପାଟଣା, ଶ୍ରୀକାକୁଳମ୍ ଏବଂ ଓଡ଼ିଶାର ଗଞ୍ଜାମ ଜିଲ୍ଲା ମଧ୍ୟରେ ସୀମିତ ହୋଇଯାଇଥିଲା । ତେଣୁ ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀଠାରୁ ଖ୍ରୀ:ଅ: ୪ର୍ଥ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗର ରାଜନୈତିକ ଏବଂ ଭୌଗଳିକ ବିସ୍ତୃତିର ଇତିହାସ ତଥା ଏଥି ସହିତ ସଂଶ୍ଳିଷ୍ଟ ମହାମେଘବାହନୀୟ ଇତିହାସ ଜାଣିବାକୁ ହେଲେ, ତତ୍କଳୀନ ଦାକ୍ଷିଣାତ୍ୟର ଉପର୍ଯ୍ୟୁକ୍ତ ରାଜବଂଶଗୁଡ଼ିକର ଇତିହାସ ଅନୁଧ୍ୟାନ ଏକାନ୍ତ ପ୍ରୟୋଜନ ।

ଗୁପ୍ତବଂଶୀୟ ସମ୍ରାଟ୍ ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ଅଭିଯାନ ସମୟରେ (ଆ:ମା: ୪ର୍ଥ ଶତାବ୍ଦୀ), ବିଶାଳ କଳିଙ୍ଗ, କ୍ଷୁଦ୍ର କ୍ଷୁଦ୍ର ସ୍ୱାଧିନ ରାଜ୍ୟରେ ପରିଣତ ହୋଇଥିବା ଆଭାସ ମିଳେ, ଉତ୍ତର ପ୍ରଦେଶର ଏଲାହାବାଦସ୍ଥିତ ସ୍ତମ୍ଭ ଅଭିଲେଖରୁ। (୪୧) ଉକ୍ତ ଅଭିଲେଖରେ ପ୍ରାଚୀନ କଳିଙ୍ଗର ବିଭିନ୍ନ ଅଳ ବିଭିନ୍ନ ନାମରେ ଅଭିହିତ ହୋଇଥିବା ଦେଖାଯାଏ । ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀ ସମୟରେ କୌରାଳକ ନାମକ ରାଜ୍ୟରେ ମ□ରାଜ ଶାସନ କରୁଥିଲେ । ଏହି ରାଜ୍ୟ ଦାକ୍ଷିଣାତ୍ୟର ଅନ୍ୟାନ୍ୟ ଅଭିଲେଖରେ କୌନାଳ ବା କୁନାଳ ମଧ୍ୟ ଲେଖାଯାଇଥିବା ଦେଖାଯାଇଛି । (୪୨) ଗୋଦାବରୀ କୃଷ୍ଣା ନଦୀ ମଧ୍ୟବର୍ତ୍ତୀ ଆଧୁନିକ ଗୋଦାବରୀ ଜିଲ୍ଲାରେ ଅବସ୍ଥିତ କୋଲ୍ଲେରୁ ହ୍ରଦ ଓ ତତ୍ ସଂଲଗ୍ନ ଅଳକୁ ପ୍ରାଚୀନ ଗୁପ୍ତ ରାଜତ୍ୱ କାଳୀନ କୌରାଳକ ବୋଲି ଐତିହାସିକମାନେ ଅନୁମାନ କରିଥାନ୍ତି । ଅନ୍ୟ ଏକ ରାଜ୍ୟ ଥିଲା ପିଷ୍ଟପୁର । ଏହି ରାଜ୍ୟର ଶାସକ ମହେନ୍ଦ୍ରଗିରି ସମୁଦ୍ରଗୁପ୍ତଙ୍କ ବଶ୍ୟତା ସ୍ୱୀକାର କରିଥିଲେ । ଦେବରାଷ୍ଟ, ପ୍ରାଚୀନ କଳିଙ୍ଗର ଅନ୍ୟ ଏକ ସ୍ୱାଧୀନ ରାଜ୍ୟର ଶାସକ ଥିଲେ କୁବେର । ଆହୁରି ମଧ୍ୟ, ପଶ୍ଚିମ ଗୋଦାବରୀ ଜିଲ୍ଲାର ଗୁ□ୁପଲ୍ଲୀ ଅଳ, ସମୁଦ୍ରଗୁପ୍ତଙ୍କ ଅଭିଯାନ ସମୟରେ ସ୍ୱତନ୍ତ୍ର ବେଙ୍ଗି ରାଜ୍ୟରେ ପରିଣତ ହୋଇସାରିଥିଲା ଏବଂ ଏହାର ତତ୍କାଳୀନ ଶାସକ ଥିଲେ ଶାଳଙ୍କାୟନ ବଂଶୀୟ ହସ୍ତୀବର୍ମା । ଅନ୍ୟାନ୍ୟ ଶାଳଙ୍କାୟନ ଅଭିଲେଖରେ ଏହାଙ୍କ ସମ୍ପର୍କରେ ସୂଚନା ମିଳେ । (୪୩) ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ଅଭିଯାନ କାଳୀନ କଳିଙ୍ଗର ଆଉ କେତୋଟି କ୍ଷୁଦ୍ର ରାଜ୍ୟ ମଧ୍ୟରେ କୋଟ୍ଟୁରକ (ଗଞ୍ଜାମ ଜିଲ୍ଲାର ମହେନ୍ଦ୍ରଗିରି ଅଳ), ଏରଣ୍ଡପଲ୍ଲକ (ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଅଳ) ଆଦି ଅନ୍ୟତମ ।

ସମୁଦ୍ରଗୁପ୍ତଙ୍କ ଅଭିଯାନ ପରବର୍ତ୍ତୀ ସମୟରେ ମଧ୍ୟ କଳିଙ୍ଗ କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନ ରାଜ୍ୟରେ ବିଭକ୍ତ ହୋଇଥିବା ତତ୍କାଳୀନ ପୁରାଭିଲେଖଗୁଡ଼ିକରୁ ସୂଚନା ମିଳେ । ଖ୍ରୀଷ୍ଟୀୟ ପ୍ରାୟ ୫ମ ଶତାବ୍ଦୀ ସମୟରେ ମାଠର, ବାଶିଷ୍ଟ, ପିତୃପାଦଭକ୍ତ ଆଦି ରାଜବଂଶ, ପିଷ୍ଟପୁର (ଗୋଦାବରୀ ଜିଲ୍ଲା), ଦେବରାଷ୍ଟ୍ର (ବିଶାଖାପାଟଣା ଜିଲ୍ଲାର ୟେଲାମ୍ମାଲି ଅଳ), ଶ୍ରୀକାକୁଳମ ଆଦି ଅଳରେ ସ୍ୱାଧିନ ଭାବରେ ଶାସନ କରୁଥିଲେ । ଉକ୍ତ ରାଜବଂଶୀୟ ଶାସକମାନଙ୍କ ରାଜକୀୟ ଉପାଧି ଥିଲା 'ସକଳ କଳିଙ୍ଗାଧିପତି' ବା 'କଳିଙ୍ଗାଧିପତି' ଏବଂ ସେମାନେ ବର୍ଦ୍ଧମାନପୁର, ସୁନଗର, ପିଷ୍ଟପୁର, ସିଂହପୁର ଆଦି ପ୍ରାଚୀନ

କଳିଙ୍ଗର ପ୍ରସିଦ୍ଧ୍ ନଗରମାନଙ୍କୁ ଦାନପତ୍ର ଅଧାଦେଶ ଜାରି କରିଥିବା ସେମାନଙ୍କ ଅଭିଲେଖରୁ ଜଣାପଡ଼େ । ଉକ୍ତ ନଗର ସମୂହ ବର୍ତ୍ମାନ ଆନ୍ଧ୍ର ପ୍ରଦେଶରେ ଅନ୍ତର୍ଭୁକ୍ତ । ଏଠାରେ ଉଲ୍ଲେଖ୍ୟ, ଏମାନଙ୍କ ଅଭିଲେଖରୁ ତତ୍କାଳୀନ କଳିଙ୍ଗର ସୀମା ନିର୍ଦ୍ଦେଶ ଦେଖିବାକୁ ମିଳେ । ମାଠରବଂଶୀୟ ଶକ୍ତିବର୍ମାଙ୍କ ପୁତ୍ର ପ୍ରଭଞ୍ଜନ ବର୍ମାଙ୍କ ତାମ୍ରଶାସନରେ ଉଲ୍ଲେଖ ଅଛି, ତାଙ୍କ ପିତା ଓ ପିତାମହ, କୃଷ୍ଣାନଦୀଠାରୁ ମହାନଦୀ ପର୍ଯ୍ୟନ୍ତ କଳିଙ୍ଗ ରାଜ୍ୟ ଶାସନ କରୁଥିଲେ (‘କୃଷ୍ଣବେନ୍ନା ମହାନଦ୍ୟନ୍ତରଂ ସ୍ୱପ୍ରଜାଧର୍ମେଣାନୁଶାସିନଃ’...) । ପୂର୍ବେ ଐତିହାସିକମାନଙ୍କ ଧାରଣା ଥିଲା, ମାଠରମାନେ କୃଷ୍ଣାନଦୀଠାରୁ ଓଡ଼ିଶାର କଟକ ଜିଲ୍ଲାରେ ପ୍ରବାହିତ ମହାନଦୀ ପର୍ଯ୍ୟନ୍ତ କଳିଙ୍ଗ ରାଜ୍ୟ ବିସ୍ତାର କରିଥିଲେ । କିନ୍ତୁ ଏହି ଧାରଣା ବର୍ତ୍ମାନ ଭ୍ରାନ୍ତ ବୋଲି ପ୍ରମାଣିତ ହୋଇଛି । (୪୫) ମାଠର ଅଭିଲେଖରେ ଉଲ୍ଲିଖିତ ମହାନଦୀ, ବସ୍ତୁତଃ, ଗଞ୍ଜାମ ଜିଲ୍ଲାରେ ପ୍ରବାହିତ ମହାନଦୀ ବା ବଡନଦୀକୁ ହିଁ ନିର୍ଦ୍ଦେଶ କରାଯାଇଛି । ଉକ୍ତ ନଦୀଟି ଗଞ୍ଜାମ ଜିଲ୍ଲାର ଆସ୍କା ନିକଟରେ ଋଷିକୁଲ୍ୟା ନଦୀ ସହିତ ଯୁକ୍ତ ହୋଇଛି । ଅତି ପ୍ରାଚୀନ କାଳରୁ ଏହି ନଦୀ ‘ମହାନଦୀ’ ନାମରେ ପରିଚିତ ଏବଂ ଏବେ ସୁଦ୍ଧା ଓଡ଼ିଶାର ମାନଚିତ୍ରରେ ଏହାକୁ ‘ମହାନଦୀ’ ନାମରେ ଦର୍ଶାଯାଇଛି । (୪୬) ଏହି ପ୍ରାଚୀନ ମହାନଦୀ କଳିଙ୍ଗର ଉତ୍ର ସୀମା ନିର୍ଦ୍ଦେଶ କରୁଥିଲା । କଟକ ଅଳରେ ମାଠରବଂଶୀ ଶାସନର କୌଣସି ପ୍ରାମାଣିକ ତଥ୍ୟ ଏପର୍ଯ୍ୟନ୍ତ ମିଳି ନାହିଁ । ଏହାଛଡ଼ା, ଗଞ୍ଜାମ ଏବଂ ଉତ୍ର - ପଶ୍ଚିମସ୍ଥ ଫୁଲବାଣୀ ଜିଲ୍ଲାକୁ ସଂଯୋଗ କରୁଥିବା ଏକ ଘାଟିପଥ ଏବେ ସୁଦ୍ଧା କଳିଙ୍ଗ- ଘାଟି ନାମରେ ପରିଚିତ, ଅର୍ଥାତ୍ କଳିଙ୍ଗର ଉତ୍ର ସୀମା ଉକ୍ତ ଘାଟି ପଥ ପର୍ଯ୍ୟନ୍ତ ଥିଲା ।

ଖାରବେଳଙ୍କ ପରବର୍ତ୍ତୀ କାଳରେ, ଅର୍ଥାତ୍ ମାଠର, ବାଶିଷ୍ଠମାନଙ୍କ ଶାସନକାଳୀନ ଅଭିଲେଖରେ କଳିଙ୍ଗନଗରର ଉଲ୍ଲେଖ ନାହିଁ । ଏହି ସବୁ ରାଜବଂଶ, କଳିଙ୍ଗର ଅନ୍ୟାନ୍ୟ ନଗର, ଯଥା:- ପିଷ୍ଟପୁର, ସିଂହପୁର, ଆଦି ସ୍ଥାନରୁ ଶାସନ କରୁଥିଲେ । ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀର ପ୍ରାରମ୍ଭରେ ପୂର୍ବ-ଗଙ୍ଗବଂଶୀମାନେ କଳିଙ୍ଗନଗରରେ ସେମାନଙ୍କ ରାଜଧାନୀ ପୁନଃ ପ୍ରତିଷ୍ଠା କରିଥିବା ସେମାନଙ୍କ ଅଭିଲେଖରୁ ସୂଚନା ମିଳେ । ମାଠରମାନଙ୍କ ଶାସନ କାଳରେ କଳିଙ୍ଗ କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନ ରାଜ୍ୟରେ ପରିଣତ ହୋଇଥିବା କାରଣରୁ ପ୍ରାଚୀନ କଳିଙ୍ଗନଗରୀର ରାଜନୈତିକ ପ୍ରାଧାନ୍ୟ ହ୍ରାସ ପାଇଥିବା ମନେ ହୁଏ । ଆହୁରି ମଧ୍ୟ, ଖାରବେଳଙ୍କ ଅଭିଲେଖରୁ ହିଁ ସୂଚନା ମିଳେ, କଳିଙ୍ଗନଗରୀର ଅବସ୍ଥିତି ଏକ ବାତ-ବିଧ୍ୱସ୍ତ ଅଳରେ ଥିଲା ଏବଂ ଖାରବେଳ ସ୍ୱୟଂ, ବହୁ ଅର୍ଥ ବ୍ୟୟ କରି ଏହାର ସଂସ୍କାର ସାଧିନ କରିଥିଲେ । ବାରମ୍ବାର ପ୍ରାକୃତିକ ତଥା ରାଜନୈତିକ ବିପର୍ଯ୍ୟୟଗ୍ରସ୍ତ ହୋଇ ବହୁକାଳ ଅଯତ୍ନରେ ନଗରୀଟି ଧ୍ୱଂସମୁଖରେ ପଡ଼ିଥିବା ଅସମ୍ଭବ ମନେହୁଏ ନାହିଁ । ଗଙ୍ଗବଂଶୀମାନେ କ୍ଷୁଦ୍ର ରାଜ୍ୟ ଗୁଡ଼ିକର ଏକତ୍ରୀକରଣ କରି କଳିଙ୍ଗ ରାଷ୍ଟ୍ରର ପୁନର୍ଗଠନ ତଥା କଳିଙ୍ଗ ନଗରୀରେ ରାଜଧାନୀ ପୁନଃ ପ୍ରତିଷ୍ଠା କରିଥିଲେ । ତେବେ ସିରି - ସଦ ଓ ଖାରବେଳଙ୍କ ରାଜତ୍ୱକଳୀନ ବୃହତ୍ର କଳିଙ୍ଗ-ରାଷ୍ଟ୍ର ସଙ୍ଗଠନ ପୂର୍ବ-ଗଙ୍ଗ-ବଂଶୀମାନଙ୍କ ଦ୍ୱାରା ସମ୍ଭବ ହୋଇ ନଥିଲା । ଏହି କଳିଙ୍ଗନଗରୀର ଅବସ୍ଥିତି ସର୍ବପ୍ରାଚୀନ ଐତିହାସିକ ଯୁଗରୁ (ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀ) ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଅପରିବର୍ତ୍ତିତ ଥିଲା । ଅବଶ୍ୟ, ନାନା ପ୍ରାକୃତିକ ତଥା ରାଜନୈତିକ ଦୁର୍ଯୋଗ ବଶତଃ କେବେ କେବେ ନିରବଚ୍ଛିନ୍ନତା ହରାଇଥିଲେ ସୁଦ୍ଧା ବଂଶଧାରା ନଦୀ ମୁହାଣ ନିକଟରେ (ଆନ୍ଧ୍ର ପ୍ରଦେଶସ୍ଥ ଶ୍ରୀକୂର୍ମମ ନିକଟରେ) କଳିଙ୍ଗ ନଗରୀ ଓ କଳିଙ୍ଗ ପତ୍ନମ୍ର ପ୍ରାଚୀନତା ଅସ୍ୱୀକାର କରାଯାଇ ନପାରେ (୪୭) । ତେଣୁ ମୌର୍ଯ୍ୟ ଓ ମହାମେଘବାହନମାନଙ୍କ କଳିଙ୍ଗ ଶାସନକାଳରେ, ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ ଅଳରେ ଆଉ ଏକ କଳିଙ୍ଗ ନଗରୀ ପ୍ରତିଷ୍ଠା ଲାଭ କରିଥିବା ଯେ ଭ୍ରାନ୍ତ ଧାରଣା ଉପରେ ପର୍ଯ୍ୟବସିତ, ଏହା ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟତଃ ଅନୁମାନ କରାଯାଇପାରିବ ।

ହାତୀଗୁମ୍ଫା ଅଭିଲେଖର ସୂଚନା ଅନୁଯାୟୀ, ଖାରବେଳ ୨୫ ବର୍ଷ ବୟସରେ କଳିଙ୍ଗ ସିଂହାସନ ଆରୋହଣ କରିଥିଲେ ଏବଂ ତ୍ରୟୋଦଶ ବର୍ଷ ରାଜତ୍ୱ କରିଥିଲେ, ଅର୍ଥାତ୍ ତାଙ୍କର ୩୮ ବର୍ଷ ବୟସ ପର୍ଯ୍ୟନ୍ତ କଳିଙ୍ଗ ସିଂହାସନ ଅଳଙ୍କୃତ କରିଥିଲେ । ତାଙ୍କର ଉତ୍ରାଧିକାରୀ କୁଡ଼େପ-ସିରି ରାଜକୀୟ ‘କଳିଙ୍ଗାଧିପତି’ ଉପାଧି ଧାରଣ କରିଥିବା ଦୃଷ୍ଟିରୁ,

ଏହା ନିଶ୍ଚିତ ରୂପେ କୁହାଯାଇପାରେ ଯେ, ଖାରବେଳଙ୍କ ୧୩ ବର୍ଷ ଶାସନ ପରେ କୁଡ଼େପ-ସିରି ରାଜ୍ୟାଭିଷିକ୍ତ ହୋଇଥିଲେ । ତେବେ, ଉଦୟଗିରି-ଖଣ୍ଡଗିରିସ୍ଥିତ ଏହାଙ୍କର ଏକମାତ୍ର ଅଭିଲେଖ ଛଡ଼ା, ଏହାଙ୍କ କଳିଙ୍ଗ ରାଜ୍ୟ ଶାସନର କୌଣସି ଐତିହାସିକ ପ୍ରମାଣ ଏପର୍ଯ୍ୟନ୍ତ ଲୋକଲୋଚନକୁ ଆସି ନାହିଁ । ତେଣୁ, ଖାରବେଳଙ୍କ ତ୍ରୟୋଦଶ ବର୍ଷ ଶାସନ ପରବର୍ତ୍ତୀ କଳିଙ୍ଗର ଇତିହାସ ଏପର୍ଯ୍ୟନ୍ତ ରହସ୍ୟାବୃତ । ତତ୍କାଳୀନ ଦାକ୍ଷିଣାତ୍ୟର ରାଜନୈତିକ ଇତିହାସ ଅନୁଧ୍ୟାନ କଲେ, କଳିଙ୍ଗ ସମ୍ପନ୍ଧୀୟ ନୂତନ ଆଲୋକପାତ ସମ୍ଭବ । ଖାରବେଳ ତଥା ତାଙ୍କ ପରିବାରର ଅନ୍ୟମାନଙ୍କ ଅଭିଲେଖ ସମୂହ ତୋସଳୀର ସୀମା ମଧ୍ୟରେ ଥିବା ହେତୁ ସ୍ୱତଃ ପ୍ରଶ୍ନ ଉଠିପାରେ, ରାଜ୍ୟ ଜୟ ଉଦ୍ଦେଶ୍ୟରେ ଖାରବେଳ ତୋସଳୀ (ଦକ୍ଷିଣ ତୋସଳୀ) ଅଳକୁ ଆସିଥିଲେ କି ? ତାଙ୍କ ଆଗମନକାଳରେ ତୋସଳୀର ଶାସକ କିଏ ଥିଲେ ? ହାତୀଗୁମ୍ଫା ଅଭିଲେଖରେ ତାଙ୍କ ତୋସଳୀ ଅଳ ଅଧିକାର କିମ୍ବା ଏଠାରେ ତାଙ୍କର ଆଧିପତ୍ୟ ବିସ୍ତାର ସମ୍ପର୍କରେ କୌଣସି ସୂଚନା ନାହିଁ । ଖାରବେଳଙ୍କ ଅଭିଲେଖରେ ବ୍ୟବହୃତ ଲିପି ସହିତ ସାତବାହନୀୟ ମହିଷୀ ନାଗଣିକାଙ୍କ ନାନାଘାଟ (ମହାରାଷ୍ଟ୍ର) ଗୁମ୍ଫାରେ ଉତ୍କୀର୍ଣ୍ଣ ଲିପିର ଅବିକଳ ସାମଞ୍ଜସ୍ୟ ପରଲକ୍ଷିତ ହୋଇଛି । ଭାଷା ତଥା ବାକ୍ୟଗଠନ ରିତୀ ଦୃଷ୍ଟିରୁ ମଧ୍ୟ ସାମଞ୍ଜସ୍ୟ ଲକ୍ଷଣୀୟ । ପ୍ରତ୍ନତାତ୍ତ୍ୱିକମାନଙ୍କ ମତରେ, ନାନାଘାଟ ଅଭିଲେଖ ଖ୍ରୀ:ପୂ: ୧ମ ଶତାବ୍ଦୀର ପ୍ରଥମ ଭାଗରେ ଏବଂ ଖାରବେଳଙ୍କର ହାତୀଗୁମ୍ଫା ଲେଖ ସେହି ଶତାବ୍ଦୀର ଶେଷ ଭାଗରେ ଉତ୍କୀର୍ଣ୍ଣ ହୋଇଥିଲା । ଭାଷା ଦୃଷ୍ଟିରୁ ଖାରବେଳଙ୍କ ଅଭିଲେଖ ସହ ଆନ୍ଧ୍ର-ସାତବାହନ (ବାଶିଷ୍ଟିପୁତ୍ର ପୁଲମାବୀ ଆଦି ଖ୍ରୀ:ପୂ: ୨ୟ ଶତାବ୍ଦୀ) ତଥା ଇକ୍ଷ୍ୱାକୁ ବଂଶୀୟ (ଖ୍ରୀ:ଅ: ୨ୟ-୩ୟ ଶତାବ୍ଦୀ) ଅଭିଲେଖଗୁଡ଼ିକର ମଧ୍ୟ ବିଶେଷ ସାମଞ୍ଜସ୍ୟ ରହିଛି । ଏଥିରୁ ମଧ୍ୟ ପ୍ରମାଣିତ ହୁଏ, ଖାରବେଳ ଦାକ୍ଷିଣାତ୍ୟ ସହିତ ଅଧିକ ସଂଶ୍ଳିଷ୍ଟ ଥିଲେ । ଓଡ଼ିଶାର ପଶ୍ଚିମାଳ ବା ଉତ୍ରାଳରେ ତାଙ୍କର ଆଧିପତ୍ୟ ନଥିଲା ।

ତେବେ ତାଙ୍କର ଏକମାତ୍ର ଅଭିଲେଖ ତୋଷଳୀ ଅଳରେ କାହିଁକି ଉତ୍କୀର୍ଣ୍ଣ କରାଯାଇଥିଲା ? ଖ୍ରୀ:ପୂ: ୧ମ ଶତାବ୍ଦୀ ବେଳକୁ ପ୍ରାଚୀନ କୁମାର ଓ କୁମାରୀ ପର୍ବତ (ଖଣ୍ଡଗିରି ଓ ଉଦୟଗିରି) ପୂର୍ବ ଭାରତର ଅନ୍ୟତମ ଜୈନ ପୀଠ ରୂପେ ରାଜ୍ୟ ତଥା ବହିଃ ରାଜ୍ୟମାନଙ୍କରେ ପ୍ରଚାର ଓ ପ୍ରସାର ଲାଭ କରିଥିବା ନିଃସନ୍ଦେହରେ କୁହାଯାଇପାରେ । ସମ୍ଭବତଃ ଖାରବେଳ ଏହି ପ୍ରଖ୍ୟାତ ଜୈନ ତୀର୍ଥ ପରିଦର୍ଶନରେ ଆସି ବହୁ ଘଟନା ସମୃଦ୍ଧ୍ ତ୍ରୟୋଦଶ ବର୍ଷ ରାଜତ୍ୱର ବିବରଣୀ ସ୍ମାରକୀ ସ୍ୱରୂପ ଏଠାରେ ଉତ୍କୀର୍ଣ୍ଣ କରାଇଥିଲେ । କିନ୍ତୁ, ଏତେ ଅଳ୍ପକାଳ ରାଜତ୍ୱ ପରେ, ମାତ୍ର ୩୮ ବର୍ଷ ବୟସରେ କୁଡେପସିରିଙ୍କୁ ( ଯେ ସମ୍ଭବତଃ ଅଳ୍ପବୟସ୍କ କିଶୋର ହୋଇଥିବେ, ତୋସଳୀ ଅଳକୁ ଆଗମନ କାଳରେ) ରାଜ୍ୟଭାର ସମର୍ପଣ କରି ଜୈନ ସନ୍ନ୍ୟାସୀରୂପେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିବା ପଛରେ ଅନ୍ୟ କିଛି କାରଣ ବିଶେଷ କରି ଗୁରୁତର ରାଜନୈତିକ କାରଣ ରହିଥିବା ଅସମ୍ଭବ ନୁହେଁ ।

ହାତୀଗୁମ୍ଫା ଶିଳାଲେଖଟି ଅନୁଧ୍ୟାନ କଲେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ । ଖାରବେଳ, ରାଜତ୍ୱର ବିଭିନ୍ନ ବର୍ଷରେ ଉତ୍ର ତଥା ଦକ୍ଷିଣ ଭାରତର ଅନେକ ରାଜ୍ୟ ବିରୁଦ୍ଧ୍‌ରେ ଯୁଦ୍ଧ୍ ଅଭିଯାନ ଚଳାଇଥିଲେ । ଶତ୍ରୁ ରାଜ୍ୟଗୁଡିକର ସୈନ୍ୟ ସାମନ୍ତଙ୍କ ମଧ୍ୟରେ ଭୀତି ସାର କରି ପ୍ରଚୁର ଧନରତ୍ନ ଲୁଣ୍ଠନ କରିବା ବିଷୟ ଉକ୍ତ ଅଭିଲେଖରେ ବର୍ଣ୍ଣିତ ହୋଇଛି । ନାନା ଦିଗରେ ଯୁଦ୍ଧ୍ ଅଭିଯାନ ଚଳାଇଥିଲେ ମଧ୍ୟ କୌଣସି ଶତ୍ରୁରାଜ୍ୟ ଖାରବେଳଙ୍କ ନିଜ ରାଜ୍ୟାଧିନ ହୋଇଥିବା ବିଷୟରେ ଅଭିଲେଖଟିରୁ ସୂଚନା ମିଳୁନାହିଁ । କଳିଙ୍ଗର ପଶ୍ଚିମରେ ସାତ ବାହନୀୟ ରାଜ୍ୟର ଅବସ୍ଥିତି (ମହାରାଷ୍ଟ୍ର-ବିଦର୍ଭ ଅଳ) ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ । ରାଜତ୍ୱର ଦ୍ୱିତୀୟ ବର୍ଷରେ ଖାରବେଳ ବିପୁଳ ସୈନ୍ୟସାମନ୍ତ ସହ ପଶ୍ଚିମ ଦିଗରେ ସାତବାହନୀୟ ଶାସକ ଶାତକର୍ଣ୍ଣୀଙ୍କୁ ଅବଜ୍ଞା କରି କୃଷ୍ଣାନଦୀ ତଟବର୍ତ୍ତୀ ଋଷିକ ବା ଅସିକନଗରର ସୈନ୍ୟ ତଥା ଜନସାଧାରଣଙ୍କୁ ଭୟଭୀତ କରିଥିଲେ । ଏହି ଋଷିକ ବା ଅସିକ ନଗର ସାତବାହନ ରାଜ୍ୟର ଅଂଶବିଶେଷ ଥିବା ସାତବାହନୀୟ ଶାସକ ବାଶିଷ୍ଠି ପୁତ୍ର ପୁଲମାବୀଙ୍କ ନାସିକ ଗୁମ୍ଫା ଅଭିଲେଖରୁ ସୂଚନା ମିଳେ । (୪୮) ମହାକାବ୍ୟ ତଥା ପୌରାଣିକ ସାହିତ୍ୟରେ ଋଷିକ ବା ଅସିକ ରାଜ୍ୟର ଉଲ୍ଲେଖ ରହିଛି, ଯେପରି ରାମାୟଣରେ- ବିଦର୍ଭାନୃଷିକାଂଶ୍ଚୈବ

ରମ୍ୟାନ୍ନାହିଷକାନପି...” ଇତ୍ୟାଦି । ତେଣୁ ରଷିକନଗର, ରଷିକ (ବା ଅସିକ) ରାଜ୍ୟର ପ୍ରଧାନ ନଗରୀ ଏବଂ ରଷିକ, ବିଦର୍ଭ, ମହାରାଷ୍ଟ୍ରର ନାସିକ ଅଳ ଆଦି ସାତବାହନ ରାଜ୍ୟାନ୍ତର୍ଗତ ଥିଲା । ଖ୍ରୀ:ପୂ: ୧ମ ଶତାବ୍ଦୀ ସମୟରେ, ଦାକ୍ଷିଣାତ୍ୟର ଉତ୍ତରାଂଶ ତଥା ଉତ୍ତର ପଶ୍ଚିମାଳରେ ସାତବାହନମାନେ ରାଜତ୍ୱ କରୁଥିଲେ ଏବଂ ସେମାନଙ୍କ ରାଜଧାନୀ ଥିଲା ପ୍ରତିଷ୍ଠାନ (ଗୋଦାବରୀ ତଟବର୍ତ୍ତୀ, ମହାରାଷ୍ଟ୍ରର ଔରଙ୍ଗାବାଦ ଜିଲ୍ଲା ଅନ୍ତର୍ଗତ ପଇଥାଣ) । ସମ୍ଭବତଃ, ସାତବାହନମାନଙ୍କ ସାମୟିକ ଦୁର୍ବଳତାର ସୁଯୋଗ ନେଇ ଖାରବେଳ କଳିଙ୍ଗର ପଶ୍ଚିମ ଦିଗରେ, ଦାକ୍ଷିଣାତ୍ୟର ଉତ୍ତରାଳରେ ଥିବା ସାତବାହନୀୟ ରାଜ୍ୟ ମଧ୍ୟ ଦେଇ ତାଙ୍କ ସୈନ୍ୟ ଚାଳନା କରିଥିଲେ । କିନ୍ତୁ ରଷିକ ନଗର ତାଙ୍କ ଅଧୀନସ୍ଥ ହୋଇଥିବାର ଅଭିଲେଖରୁ କୌଣସି ସୂଚନା ମିଳୁ ନାହିଁ । ଏଥିରେ ଯେଉଁ ଶାତକର୍ଣ୍ଣୀଙ୍କ ଉଲ୍ଲେଖ ରହିଛି, ସମ୍ଭବତଃ ସେ ଶାତକର୍ଣ୍ଣୀ ୧ମ ଓ ୨ୟ ହୋଇଥିବା ଅନେକେ ବିଶ୍ୱାସ କରନ୍ତି । ସାତବାହନୀୟ ରାଜ୍ୟ ରଷିକ ନଗର ଆକ୍ରମଣ ଦ୍ୱାରା ଖାରବେଳ ଯେ ସାତବାହନମାନଙ୍କ ଅସନ୍ତୋଷ ଓ ଶତ୍ରୁତାର କାରଣ ହୋଇଥିବେ, ଏଥିରେ ସନ୍ଦେହ ନାହିଁ ।

ରାଜତ୍ୱର ଚତୁର୍ଥ ବର୍ଷରେ ଖାରବେଳ ସମସ୍ତ ରାର୍ଷ୍ଟିକ, ଭୋଜକ ଆଦି ଜନଜାତିମାନଙ୍କୁ ପରାଭୂତ କରିଥିଲେ । ଏହି ରାଷ୍ଟ୍ରିକ, ଭୋଜକମାନେ ପଶ୍ଚିମ ଭାରତୀୟ ଅଧିବାସୀ ଥିବା ବିଷୟରେ ମୌର୍ଯ୍ୟ ସମ୍ରାଟ ଅଶୋକ ମଧ୍ୟ ତାଙ୍କର ପମ ଓ ତ୍ରୟୋଦଶ ଶିଳାନୁଶାସନରେ ଉଲ୍ଲେଖ କରିଛନ୍ତି । ଏମାନଙ୍କ ସହିତ ସାତବାହନମାନଙ୍କ ବୈବାହିକ ସମ୍ପର୍କ ଥିବା ଅନେକେ ବିଶ୍ୱାସ କରନ୍ତି । ଖାରବେଳ ତେଣୁ ଏଥର ମଧ୍ୟ ପଶ୍ଚିମ ଦିଗରେ ସୈନ୍ୟ ଚାଳନା କରି ରାଷ୍ଟ୍ରିକ, ଭୋଜକମାନଙ୍କୁ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ସାତବାହନମାନଙ୍କ ଆକ୍ରୋଶର ଶୀକାର ହୋଇଥିବା ସମ୍ଭବ । ଏଥିରେ ମଧ୍ୟ, ଖାରବେଳ କୃଷ୍ଣାନଦୀ କୂଳେ କୂଳେ ପଶ୍ଚିମ ଦିଗକୁ ସୈନ୍ୟ ପଠାଇଥିଲେ । ତେବେ, ରାଷ୍ଟ୍ରିକ, ଭୋଜକମାନେ କଳିଙ୍ଗର ଅଧୀନସ୍ଥ ହୋଇଥିବା କୌଣସି ଅଭିଲେଖ ଏପର୍ଯ୍ୟନ୍ତ ସୂଚନା ଦେଇନାହିଁ ।

ତାଙ୍କ ଅଭିଲେଖ ଅନୁଯାୟୀ, ଖାରବେଳ ଅନ୍ତତଃ, ତିନିଥର ଉତ୍ତରାପଥର (ଉତ୍ତର ଭାରତ) ବିଭିନ୍ନ ରାଜ୍ୟ ଆକ୍ରମଣ କରିଥିଲେ ଏବଂ ପ୍ରତ୍ୟେକଥର ସେ ଗୋଦାବରୀ କିମ୍ବା କୃଷ୍ଣାନଦୀ କୂଳେ କୂଳେ ପଶ୍ଚିମ ଦିଗରୁ ସାତବାହନ ରାଜ୍ୟ, ସୀମା ମଧ୍ୟ ଦେଇ ଆକ୍ରମଣ କରିଥିବା ମନେହୁଏ । ରାଜତ୍ୱର ଅଷ୍ଟମ ବର୍ଷରେ ଖାରବେଳ ମଗଧର ରାଜଧାନୀ ରାଜଗୃହ ନିକଟସ୍ଥ ଗୋରଥଗିରି (ଅଭିଲେଖରେ ଗୋରଧଗିରି) (୫୦) ଆକ୍ରମଣ କରିଥିଲେ ଏବଂ ରାଜଗୃହର ସୈନ୍ୟ-ସାମନ୍ତଙ୍କୁ ଭୟଭୀତ କରିଥିଲେ । ଏହି ସମୟରେ ଯବନରାଜ ଦିମିତ (?) ମଧ୍ୟ ଉତ୍ତର-ପଶ୍ଚିମରୁ ରାଜଗୃହ ଆକ୍ରମଣ କରିଥିବା ହାତୀଗୁମ୍ଫା ଶିଳାଲେଖ ସୂଚନା ଦିଏ । ତେବେ ଖାରବେଳଙ୍କ ଆକ୍ରମଣ ବାର୍ତ୍ତାରେ ଭୟଭୀତ ହୋଇ ମଥୁରା ପଳାୟନ କରିଥିଲେ । ଏହି ଯବନରାଜ (ଇନ୍ଦୋଗ୍ରୀକ୍)ଙ୍କୁ ଠିକ୍ ଭାବରେ ଏପର୍ଯ୍ୟନ୍ତ ଚିହ୍ନିତ କରାଯାଇନାହିଁ । ତେବେ, ଖାରବେଳ ତାଙ୍କର ଅଷ୍ଟମ ବର୍ଷ ରାଜତ୍ୱକାଳୀନ ମଗଧ୍ ଅଭିଯାନରେ କେତେକାଂଶ କୃତକାର୍ଯ୍ୟ ହୋଇଥିଲେ ଓ ଏହାର ଫଳସ୍ୱରୂପ ପରବର୍ତ୍ତୀ ରାଜତ୍ୱ ବର୍ଷରେ ନିଜ ରାଜଧାନୀରେ ମହାବିଜୟ ପ୍ରସାଦ ନିର୍ମାଣ କରାଇଥିଲେ । ଏଠାରେ ଉଲ୍ଲେଖ୍ୟ, ଅଭିଲେଖର ଶେଷାଂଶରେ, ଖାରବେଳଙ୍କ ଅନ୍ୟାନ୍ୟ ବିରୁଦ ସହ ଅନ୍ୟତମ ବିରୁଦ ‘ମହାବିଜୟ’ର ଉଲ୍ଲେଖ ରହିଛି । ସମ୍ଭବତଃ, ଉକ୍ତ ବିରୁଦ ଅନୁଯାୟୀ ତାଙ୍କ ପ୍ରସାଦର ନାମକରଣ କରାଯାଇଥିଲା । ପୁଣି ଦଶମ ରାଜତ୍ୱ ବର୍ଷରେ ଖାରବେଳ ଭାରତବର୍ଷ (ଅର୍ଥାତ୍ ଉତ୍ତର ଭାରତ)ର ରାଜାମାନଙ୍କ ବିରୁଦ୍ଧରେ ଅଭିଯାନ ଚଳାଇଥିଲେ । ତେବେ, ଠିକ୍ କେଉଁ କେଉଁ ରାଜ୍ୟ ବିରୁଦ୍ଧରେ ଅଭିଯାନ ଚଳାଇଥିଲେ, ତାହା ସ୍ପଷ୍ଟତଃ ଉଲ୍ଲେଖ ନାହିଁ, ଏବଂ ଉକ୍ତ ଅଭିଯାନର ଫଳାଫଳ ମଧ୍ୟ ସ୍ପଷ୍ଟ ନୁହେଁ । ପୁଣି, ଏକାଦଶ ରାଜତ୍ୱ ବର୍ଷରେ, ପଳାୟମାନ ଶତ୍ରୁମାନଙ୍କଠାରୁ ଖାରବେଳ ପ୍ରଚୁର ଧନ-ରତ୍ନ, ମଣିମାଣିକ୍ୟ ଆହରଣ କରିଥିଲେ । ଏହି ପଳାୟିତ ଶତ୍ରୁମାନେ, ସମ୍ଭବତଃ, ପୂର୍ବ ରାଜତ୍ୱବର୍ଷରେ ଖାରବେଳ ଆକ୍ରମଣ କରିଥିବା ଉତ୍ତର ଭାରତୀୟ ରାଜ୍ୟଗୁଡିକର ସୈନ୍ୟ-ସାମନ୍ତ ହୋଇଥିବେ । ଏମାନେ ସମ୍ଭବତଃ, ରାଜତ୍ୱର ଏକାଦଶ ବର୍ଷରେ ପୂର୍ବ ବର୍ଷର ଆକ୍ରମଣର ପ୍ରତିଶୋଧ୍ ନେବା ଉଦ୍ଦେଶ୍ୟରେ କଳିଙ୍ଗ ଆକ୍ରମଣ କରିଥିବେ । କିନ୍ତୁ, ଖାରବେଳ, ଅଭିଲେଖର ସୂଚନା

ଅନୁଯାୟୀ, କୃତିତ୍ୱ ସହକାରେ ଏହି ଶତ୍ରୁମାନଙ୍କୁ କଳିଙ୍ଗରୁ ବିତାଡିତ କରିଥିବେ । ଏହି ଉଲ୍ଲେଖର ପରବର୍ତ୍ତୀ ଧାଡିରେ କୁହାଯାଇଛି, କଳିଙ୍ଗ ପୂର୍ବରାଜାଙ୍କଦ୍ୱାରା (ଅର୍ଥାତ୍ ଖାରବେଳଙ୍କ ପୂର୍ବରୁ କଳିଙ୍ଗରେ ଶାସନ କରୁଥିବା ମହାମେଘବାହନବଂଶୀ ଶାସକ) ପ୍ରତିଷ୍ଠିତ ପିଥୁଣ୍ଡ ନଗରୀରେ ଗଦର୍ଭ ଲଙ୍ଗଳ ସାହାଯ୍ୟରେ ଖାରବେଳ ଭୂମି କର୍ଷଣ କରାଇଥିଲେ । ଖ୍ରୀଷ୍ଟାବ୍ଦ ପ୍ରାୟ ୨ୟ ଶତାବ୍ଦୀରେ ଟଲେମି ତାଙ୍କର ଭୌଗୋଳିକ ବୃତ୍ତାନ୍ତରେ 'ପିତୁନ୍ଦ୍ର' ନାମରେ ଏକ ସାମୁଦ୍ରିକ ବନ୍ଦରର ଉଲ୍ଲେଖ କରିଛନ୍ତି । (୫୧) ଜୈନ 'ଉତ୍ତରାଧ୍ୟାୟନ-ସୂତ୍ର'ରେ ସମ୍ଭବତଃ ଏହି ବନ୍ଦରକୁ ପିହୁଣ୍ଡ ନାମରେ ଅଭିହିତ କରାଯାଇଛି । (୫୨) ଟଲେମିଙ୍କ ବର୍ଣ୍ଣନାନୁଯାୟୀ ଉକ୍ତ ବନ୍ଦର କୃଷ୍ଣା ଓ ଗୋଦାବରୀ ନଦୀର ଅନ୍ତର୍ବର୍ତ୍ତୀ ପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ (ମୋସୁଲି ପଟମ୍ ଅଞ୍ଚଳ) ଥିଲା । ଟଲେମିଙ୍କ ସମୟରେ ଏହି ଅଞ୍ଚଳ ବୃହତ୍ ଫଳାୟନ ଶାସକମାନଙ୍କ ଅଧୀନରେ ଥିଲା ଓ ସେମାନଙ୍କ ରାଜଧାନୀ ଥିଲା ପିତୁନ୍ଦ୍ର ବା ପିଥୁଣ୍ଡ । ସମ୍ଭବତଃ, ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଏହି ବନ୍ଦରାଞ୍ଚଳ ପରିତ୍ୟକ୍ତ କିମ୍ବା ଅବହେଳିତ ଅବସ୍ଥାରେ ଥିବା ହେତୁ ଖାରବେଳ ଏହାର ଉନ୍ନୟନରେ ପଦକ୍ଷେପ ନେଇଥିଲେ ।

ପୁନଶ୍ଚ, ଏହି ଏକାଦଶ ବର୍ଷ ରାଜତ୍ୱ କାଳରେ ଖାରବେଳ, ତେରଶହ ବର୍ଷୀୟ ପ୍ରାଚୀନ ଦ୍ରାବିଡ ରାଜ୍ୟସଂଘକୁ ବିଧ୍ୱସ୍ତ କରିଥିବା, ହାତୀଗୁମ୍ଫା ଅଭିଲେଖରେ ଉଲ୍ଲେଖ ରହିଛି । ଚେର, ଚୋଳ, ପାଣ୍ଡ୍ୟ ଇତ୍ୟାଦି ରାଜ୍ୟଗୁଡିକୁ ନେଇ ଏହି ରାଜ୍ୟସଂଘ ଗଠିତ ହୋଇଥିବା ଅନେକ ବିଶ୍ୱାସ କରନ୍ତି । ତେବେ ଏହାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ଆବଶ୍ୟକ ।

ରାଜତ୍ୱର ଦ୍ୱାଦଶ ବର୍ଷରେ, ଖାରବେଳ ପାଣ୍ଡ୍ୟ ରାଜାଙ୍କ ରାଜ୍ୟ ଆକ୍ରମଣ ପୂର୍ବକ ଅନେକ ଧନ-ରତ୍ନ ଆହରଣ କରିଥିଲେ । ଏହି ରାଜତ୍ୱ ବର୍ଷରେ ପୁଣି, ଖାରବେଳ, ଉଭୟ ଉତ୍ତର ତଥା ଦକ୍ଷିଣ ଭାରତର ରାଜ୍ୟଗୁଡିକ ବିରୁଦ୍ଧରେ ଅଭିଯାନ ଚାଳଇଥିବା ଅଭିଲେଖରୁ ସୂଚନା ମିଳିଛି । ଉତ୍ତରରେ ମଗଧ ଆକ୍ରମଣ ପୂର୍ବକ ତତ୍କାଳୀନ ମଗଧର ଶାସକ ବୃହସ୍ପତି ମିତ୍ରଙ୍କୁ ପରାଭୂତ କରି ଓ ଗଙ୍ଗାନଦୀ କୂଳରେ ସେନାଛାଉଣୀ କରି ମଗଧବାସୀଙ୍କ ମନରେ (୪୦) ବିପୁଳ ଭୟ ସାର କରିଥିଲେ । ପୂର୍ବରୁ ନନ୍ଦରାଜ ନେଇ ଯାଇଥିବା 'କଳିଙ୍ଗ ଜିନ'ଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିଥିଲେ । ଅଙ୍ଗ (ପୂର୍ବ ବିହାର), ମଗଧ (ଦକ୍ଷିଣ ବିହାର) ଇତ୍ୟାଦି ରାଜ୍ୟ ଆକ୍ରମଣ କରିଥିବା ଅଭିଲେଖରେ ସୂଚନା ଦିଆଯାଇଥିଲେ ମଧ୍ୟ, ଏହି ସବୁ ରାଜ୍ୟ କଳିଙ୍ଗର ଅଧୀନସ୍ଥ ହୋଇ ନଥିଲା ଏବଂ ଖାରବେଳଙ୍କ ଦ୍ୱାରା ଉକ୍ତ ରାଜ୍ୟ ସମୂହ ଆକ୍ରମଣର ପ୍ରଭାବ ଦୀର୍ଘଦିନ ସ୍ଥାୟୀ ହୋଇ ନଥିଲା । ତତ୍କାଳୀନ ଉତ୍ତର ଭାରତର ରାଜନୈତିକ ଇତିହାସ ଅନୁଧ୍ୟାନ କଲେ, ଏହା ଜଣାପଡିବ । ସେହି ଦ୍ୱାଦଶ ବର୍ଷରେ ପୁଣି, ଖାରବେଳ, ବହୁ ଅର୍ଥ ବ୍ୟୟ କରି ନିଜ ରାଜଧାନୀରେ ସୁନ୍ଦର ତୋରଣ ନିର୍ମାଣ ପୂର୍ବକ ନାନା ଉତ୍ସବ-ସମାଜର ଆୟୋଜନ କରିଥିଲେ; ସମ୍ଭବତଃ, ଉପର୍ଯ୍ୟୁକ୍ତ ଅଙ୍ଗ, ମଗଧ ଆଦି ଉତ୍ତର ଭାରତୀୟ ରାଜ୍ୟ ସମୂହ ଆକ୍ରମଣରେ ସାଫଲ୍ୟ ଲାଭ କରିଥିବା କାରଣରୁ ।

ଖାରବେଳ ତାଙ୍କ ଅଷ୍ଟମ ଏବଂ ଦ୍ୱାଦଶ ରାଜତ୍ୱ ବର୍ଷରେ ଦୁଇଥର ମଗଧ ଆକ୍ରମଣ କରିଥିବା ହାତୀ ଗୁମ୍ଫା ଅଭିଲେଖରୁ ସ୍ପଷ୍ଟ ଜଣାଯାଏ । ଦଶମ ବର୍ଷରେ ମଧ୍ୟ ଉତ୍ତର ଭାରତ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଚଳାଇଥିଲେ ଏବଂ ମଗଧ ସେଥିରେ ସଂଯୁକ୍ତ ହୋଇଥିବା ଅସମ୍ଭବ ନୁହେଁ । ତତ୍କାଳୀନ ମଗଧରାଜ୍ୟର ଶାସକ ବୃହସ୍ପତି ମିତ୍ରଙ୍କ ଦୁର୍ବଳତାର ସୁଯୋଗ ନେଇ ଯବନରାଜ ଦିମିତ (ଡିମେଟ୍ରିୟସ ୧ମ ବା ୨ୟ ?) ଏବଂ ଦକ୍ଷିଣ-ପଶ୍ଚିମ ଦିଗରୁ ଅର୍ଥାତ୍ ସାତବାହନ ରାଜ୍ୟ ସୀମା ଅତିକ୍ରମ କରି ଖାରବେଳ ମଗଧ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଚଳାଇଥିବେ । ଏଲାହାବାଦ -କୌଶାମ୍ବୀ ନିକଟସ୍ଥ ପୋଭୋସା ଗୁମ୍ଫାରେ ଏକ ପ୍ରାକୃତ ଅଭିଲେଖରେ ବୃହସ୍ପତି ମିତ୍ରଙ୍କ ଉଲ୍ଲେଖ ରହିଛି । (୫୩) ଲିପି ଦୃଷ୍ଟିରୁ ଉକ୍ତ ଅଭିଲେଖଟି ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଉତ୍କୀର୍ଣ୍ଣ ହୋଇଥିବା ଅନୁମାନ କରାଯାଏ । ତେଣୁ ଏହା ଖାରବେଳଙ୍କ ସମସାମୟିକ ହୋଇଥିବା ମନେ କରାଯାଇପାରେ । ସମ୍ଭବତଃ, ଖାରବେଳ ଉକ୍ତ ବୃହସ୍ପତି ମିତ୍ରଙ୍କୁ ଆକ୍ରମଣ କରିଥିବା ଉଲ୍ଲେଖ କରିଛନ୍ତି । ତେବେ ଏହା ଅଧିକ ଅନୁଧ୍ୟାନ ସାପେକ୍ଷ ।

ମହାମେଘବାହନମାନଙ୍କ ଉପର୍ଯ୍ୟୁପରି ନାନା ରାଜ୍ୟ ଆକ୍ରମଣ, ଅଶାନ୍ତ, ବିଶୃଙ୍ଖଳିତ ରାଜନୈତିକ ପରିସ୍ଥିତି, ସମ୍ଭବତଃ ସାତବାହନମାନଙ୍କୁ କ୍ରମଶଃ ଶକ୍ତିଶାଳୀ ହେବାକୁ ସୁଯୋଗ ଆଣିଦେଇଥିଲା । ଖ୍ରୀଷ୍ଟୀୟ ପ୍ରାୟ ୧ମ-୨ୟ ଶତାବ୍ଦୀରେ, ଗୌତମୀପୁତ୍ର-ଶାତକର୍ଣ୍ଣୀ, କର୍ଣ୍ଣାଟକର ଉତ୍ତରାଳ ଅର୍ଥାତ୍ ବନବାସି-ମହିଷକ ଆଦି ଅଧିକାର କରି କ୍ରମଶଃ ଦାକ୍ଷିଣାତ୍ୟର ପୂର୍ବ ଉପକୂଳବର୍ତ୍ତୀ ଅଳ ସମୂହ ଅର୍ଥାତ୍ କୃଷ୍ଣା-ଗୁ□ୁର ଓ ଆନ୍ଧ୍ର ପ୍ରଦେଶର ଅନ୍ୟାନ୍ୟ ଅଳରେ ରାଜ୍ୟ ବିସ୍ତାର ଆରମ୍ଭ କରିଥିଲେ । ଫଳରେ, ମହାମେଘବାହନମାନଙ୍କ ଶକ୍ତି କ୍ରମଶଃ ହ୍ରାସ ପାଇଥିବା ଅସମ୍ଭବ ମନେ ହୁଏ ନାହିଁ । ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିପାରେ । ଅତି ଅଳ୍ପକାଳ, ମାତ୍ର ତ୍ରୟୋଦଶ ବର୍ଷ ରାଜତ୍ୱକାଳର ଅଧିକାଂଶ ସମୟ ବହିଃ ରାଜ୍ୟ ସମୂହ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଚଳାଇବା ସଙ୍ଗେ ସଙ୍ଗେ, ନିଜ ରାଜ୍ୟରେ ସୁଶାସନ ପ୍ରତିଷ୍ଠା ତଥା ପ୍ରଚୁର ଅର୍ଥ ବ୍ୟୟ କରି ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସାଧନରେ ରତ କଳିଙ୍ଗାଧିପତି ଖାରବେଳ ହଠାତ୍ ମାତ୍ର ୩୮ ବର୍ଷ ବୟସରେ ସିଂହାସନ ତ୍ୟାଗ କରି ଜୈନ ତୀର୍ଥ କେନ୍ଦ୍ରରେ ଅବଶିଷ୍ଟ ଜୀବନ ଅତିବାହିତ କରିବା ପଛରେ କ'ଣ କାରଣ ଥାଇପାରେ ? କିମ୍ବା ହାତୀଗୁମ୍ଫା ଶିଳାଲେଖାଟି ଖାରବେଳଙ୍କ ମରଣୋତ୍ତର ସ୍ମାରକୀ ହୋଇପାରେ କି ? ଅବିଶ୍ରାନ୍ତ ଯୁଦ୍ଧ ଅଭିଯାନ, ବହିଃ ଶତ୍ରୁମାନଙ୍କ ପ୍ରତିବନ୍ଧକ ହେବା ଦ୍ୱାରା, ସ୍ୱୟଂ କ୍ରମଶଃ ଶତ୍ରୁ ପ୍ରତିରୋଧକ ଶକ୍ତି ହରାଇଥିବା ଏବଂ ଯୁଦ୍ଧ କ୍ଷେତ୍ରରେ ପ୍ରାଣବଳି ଦେଇଥିବା, ଆକ୍ରମଣାତ୍ମକ ଖାରବେଳଙ୍କ ପକ୍ଷରେ ଅସମ୍ଭବ ମନେ କରାଯାଇ ନପାରେ । ଏସବୁ ରହସ୍ୟ ଉଦ୍‌ଘାଟନ କରିବାକୁ ହେଲେ ତତ୍‌କାଳୀନ ଉତ୍ତର ତଥା ଦକ୍ଷିଣ ଭାରତୀୟ ପୁରାଭିଲେଖଗୁଡିକର (୫୪) ଏବଂ ସଂଶ୍ଳିଷ୍ଟ ଅନ୍ୟାନ୍ୟ ଐତିହାସିକ ଉପକରଣର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ପ୍ରାଚୀନ କଳିଙ୍ଗର ଇତିହାସ ଜାଣିବାର ସର୍ବାଧିକ ସାଫଲ୍ୟ ଲାଭ ହେବ, ଏଥିରେ ସନ୍ଦେହ ନାହିଁ ।

**ସୂଚନା ପଞ୍ଜୀ**

(୧) ହାତୀଗୁମ୍ଫା ଶିଳାଲେଖ ଓ ତତ୍‌କାଳୀନ ଅନ୍ୟାନ୍ୟ ଅଭିଲେଖ (ଉଦୟଗିରି ଓ ଖଣ୍ଡଗିରି ଗୁମ୍ଫାମାନଙ୍କରେ ଉତ୍କୀର୍ଣ୍ଣ) ସମୂହର ଆବିଷ୍କାର-ଇତିହାସ ସହ ଏଗୁଡିକର ପାଠୋଦ୍ଧାର ଓ ଗବେଷଣା ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ପାଇଁ ସ୍ୱର୍ଗତ ନବୀନ କୁମାର ସାହୁଙ୍କ "ଖାରବେଳ" (ଇଂରାଜୀ), (ଓଡିଶା ରାଜ୍ୟ) ସଂଗ୍ରହାଳୟ, ଭୁବନେଶ୍ୱର ଦ୍ୱାରା ପ୍ରଥମ ସଂସ୍କରଣ - ୧୯୮୪ରେ ପ୍ରକାଶିତ), ପୁସ୍ତକରେ ପ୍ରାରମ୍ଭିକ ସୂଚନା ଦ୍ରଷ୍ଟବ୍ୟ । ଏହାଛଡା, ବିଭିନ୍ନ ବିଶାରଦଙ୍କ ଦ୍ୱାରା ଅଭିଲେଖଟି ପାଠ ସମ୍ବନ୍ଧୀୟ ଆଲୋଚନା ପାଇଁ, D.C. Sircar, Select Inscriptions, Bearing on Indian History and Civi-lization, Vol-I, PP. 206 - 214, ଦ୍ରଷ୍ଟବ୍ୟ ।

(୨) D.C. Sircar, Select Inscriptions, Bearing on Indian History and Civi-lization, Vol-I, PP. 206 - 206 ff ଦ୍ରଷ୍ଟବ୍ୟ ।

(୩) Epigraphia Indiaca, Vol. XXXII, ପୃ : ୮୮ ଦ୍ରଷ୍ଟବ୍ୟ । ଅଭିଲେଖଟିରେ ବ୍ୟବହୃତ ଅକ୍ଷର ଦୃଷ୍ଟିରୁ ଏହା ହାତୀଗୁମ୍ଫା ଶିଳାଲେଖର ବହୁ ପରବର୍ତ୍ତୀ ମନେ ହୁଏ । ତେବେ, ଖାରବେଳଙ୍କ ବଂଶ ସହିତ ଉକ୍ତ 'ମାନସଦ'ଙ୍କ ସମ୍ପର୍କ ପ୍ରାମାଣିକ ତଥ୍ୟ ଅଭାବରୁ, ଏପର୍ଯ୍ୟନ୍ତ ସ୍ଥିର କରାଯାଇ ପାରିନାହିଁ ।

(୪) D.C. Sircar, Selection INscriptions, Vol. - I, PP. 206, 214, 223 ଇତ୍ୟାଦି ଦ୍ରଷ୍ଟବ୍ୟ ।

(୫) EI, Vol., VIII, PP. 65 ff.

(୬) EI, Vol., XIII, PP. 160 ff.

(୭) ଏହାଙ୍କ ନାମ କେହି କେହି ବକ୍ରଦେବ ପାଠ କରିଥିବା ବେଳେ ଆଉ କହେ କୁଡେପ-ସିରି, କୁଡେପ-ସିରି-

କଦମ୍ବା-ସିରି (ସଂସ୍କୃତରେ କନ୍ଦର୍ପଶ୍ରୀ) ପାଠ କରିଛନ୍ତି, - ଦ୍ରଷ୍ଟବ୍ୟ, D.C. Sircar, Sel Insc, Vol. I, P. 214.

(୮) Journal of the Epigraphical society of India, Vol. V, PP. 48 ff. ଦ୍ରଷ୍ଟବ୍ୟ । ଏହାଛଡା, ସ୍ୱର୍ଗତ ନବୀନ କୁମାର ସାହୁଙ୍କ ଉପର୍ଯ୍ୟୁକ୍ତ ପୁସ୍ତକ, ପୃ: ୩୬୮ - ୩୭୨ ଦ୍ରଷ୍ଟବ୍ୟ ।

(୯) D.C. Sircar, Selection Inscs, Vol. - I, ପୃ : ୨୦୭ ଏବଂ ପାଦଟୀକା ଦ୍ରଷ୍ଟବ୍ୟ ।

(୧୦) D.C. Sircar, Sel. Inscs, Vol. I, PP. 198 ff.

(୧୧) D.C. Sircar, Sel. Inscs, Vol, I, PP. 183, 187, 191

(୧୨) D.C. Sircar, Sel. Inses, Vol.-1, PP, 229 ff.

(୧୩) D.C. Sircar, A Grammar of Prakrit Language, Delhi (1970, 2nd ed.) P. 94, Journal of Ancient INdian History, Vol. III, PP. 32-33- ("An Alleged Inscription of Kharavela", a note by D.C. Sircar).

(୧୪) 'ସଦ', 'ସାତ' ଇତ୍ୟାଦି ସାତବାହନ, ଶାତକର୍ଣ୍ଣୀ ଆଦି ନାମର ସଙ୍କୁଚିତ ଶବ୍ଦ, ସାତବାହନୀୟ ମୁଦ୍ରାରେ ସାଧାରଣତଃ ଦେଖିବାକୁ ମିଳେ-ଦ୍ରଷ୍ଟବ୍ୟ- Rapson, catalouge of coins, p.1.

(୧୫) D.C. Sircr, The Successors of the satavahanas, PP. 218, 220 ff.

(୧୬) EI, Vol. XXXII, PP. 82-87.

(୧୭) J. Ancient Indian History, Vol. III, PP. 30 - 36 ff.

(୧୮) EI, Vol. XXXII, PP. 82-87.

(୧୯) JAIH, Vol. III, PP. 34 and note 10.

(୨୦) D.C. Sircar, Select Inscriptions, Vol. I, PP. 186 ff.

(୨୧) EI, Vol. XIII, PP. 161 ff.

(୨୨) EI, Vol. XIII PP. 162 ff.

(୨୩) D.C. Sircar, Select Inscriptions, Vol. I, P. 185.

(୨୪) J. Epigraphical Society of India, Vol. V, PP. 48 ff; ସ୍ୱର୍ଗତ ନବୀନ କୁମାର ସାହୁ ପ୍ରଣୀତ 'ଖାରବେଳ' (ଇଂରାଜୀ), ଭୁବନେଶ୍ୱର, ୧୯୮୪, ପୁସ୍ତକରେ ଅଭିଲେଖଟିର ଚାରିଗୋଟି ସଂସ୍କରଣର ଫଟୋଚିତ୍ର ପ୍ରକାଶିତ ହୋଇଛି ।

(୨୫) JAIH, Vol-III, PP-32-33, JESI, Vol-V, PP-49-50 ff; N.K. Sahu, Kharavela, Bhubaneswar (1984), PP-300ff, ଆଦି ଦ୍ରଷ୍ଟବ୍ୟ ।

(୨୬) D.C. Sircar, Select Inscription, Vol-I, PP-201, 206, 214 etc.

(୨୭) EI Vol- XXXII, PP-88ff.

(୨୮) D.C. Sircar, Studies in the Geography of Ancient and Medieval India, Delhi (1971, 2nd ed), PP-245-46 ff.

(୨୯) D.C. Sricar, the sucussors of The Satavahanas, Culcutta (1939), PP-218, 220 ff.

(୩୦) D.C. Sircar, Select inscriptions, Vol-I P. 230 f. ଏହି ଅଭିଲେଖରୁ ମନେ ହୁଏ ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀ ସମୟରେ ମହିଷକ, ବନବାସୀ ରାଜ୍ୟ (ଅର୍ଥାତ କୁନ୍ତଳ)ର ଅଧିନସ୍ଥଥିଲା ।

(୩୧) D.C. Sircar, Studies in the Geography of Ancient and Medieval India, PP-38-39.

(୩୨) ମହାଭାରତ III, 114, 4

(୩୩) Corpus Inscriptionum Indicarum, Vol-I, PP. 66 ff.

(୩୪) Corpus Inscriptionum Indicarum, Vol-I, PP. 92 ff; 115 ff

(୩୫) Indian Historical review, Vol-I, XIV, PP. 38-42; I.K. Sarma & V.P. Rao, Early Brahminscriptions from Sannati; New Delhi, (1993) PP. 3-5 ff.

(୩୬) D.C. Sircar, Studies in the Geography of Ancient and Medieval India, PP. 79-80; 121 ff etc JAIH Vol.1, PP-44 ff.

(୩୭) D.C. Sircar, Studies in the geography of Ancient and Medieval India, PP. 42-43 ff.

(୩୮) EI Vol, XX PP. 22 ff, D.C. Sircar, Select Inscriptions, Vol. I, PP 224-227 ff.

(୩୯) EI Vol, XL, PP. 121-126 ff; କେନ୍ଦୁଝର ଜିଲ୍ଲାର ଅଶନପାଟ ଗ୍ରାମରୁ ଆବିଷ୍କୃତ ନାଗବଂଶୀୟ ଶତ୍ରୁଭଞ୍ଜଙ୍କ ପ୍ରଶସ୍ତିମୂଳକ ଶିଳାଲେଖରେ ଉଭୟ ତୋସଳୀର ଉଲ୍ଲେଖ ରହିଛି । ଉକ୍ତ ଶାସକ ଉଭୟ ତୋସଳୀର ନାନା ତୀର୍ଥକେନ୍ଦ୍ର ସହ ଉତ୍ତର-ପୂର୍ବ ଭାରତର ବିଭିନ୍ନ ଅଳ ପରିଭ୍ରମଣ କରିଥିବା ଉକ୍ତ ଶିଳାଲେଖରେ ସୂଚନା ଦିଆଯାଇଛି ।

(୪୦) EI, Vol XXVIII, PP-79 ff.

(୪୧) CII, Vol-III, PP. 1-7 ff.

(୪୨) D.C. Sircar, Successors of the satavahanas, PP. 115 ff; EI, Vol. VI PP. 4 ff and note; ପୂର୍ବ-ଚାଲୁକ୍ୟ ବଂଶୀ ପୁଲକେଶୀ ୨ୟଙ୍କ (ଆ:ମା: ୭ମ ଶତାବ୍ଦୀ) ଆଇହୋଲ ଅଭିଲେଖରେ ଉଲ୍ଲେଖ ରହିଛି, ସେ କୋଶଳ, କଳିଙ୍ଗ ଆଦି ରାଜ୍ୟକୁ ପରାଭୂତ କରିଥିଲେ ଓ ପିଷ୍ଟପୁର ଜୟ କରିଥିଲେ । ଖ୍ରୀଷ୍ଟୀୟ ୭ମ ଶତାବ୍ଦୀର ମଧ୍ୟଭାଗରେ ପିଷ୍ଟପୁର କଳିଙ୍ଗ ରାଜ୍ୟରୁ ପୃଥକ ହୋଇ ବେଙ୍ଗି ରାଜ୍ୟାଧୀନ ହୋଇସାରିଥିଲା ।

(୪୩) D.C. Sircar Successors of the satavahanas, PP. 91, ff.

(୪୪) EI, Vol XXX, PP. 112-118

(୪୫) Orissa Historical Research Journal, Vol. XXXV, PP. 135 ff.

(୪୬) T.J. Maltby, Ganjam District Mannual, Madras, (1918)

(୪୭) ଏହି ସ୍ଥାନରେ ସର୍ବପ୍ରାଚୀନ ଐତିହାସିକ ଯୁଗର ବୌଦ୍ଧସ୍ତୁପ ଏବଂ ଅନ୍ୟାନ୍ୟ ଐତିହାସିକ ଉପକରଣ ଆବିଷ୍କୃତ

ହୋଇଛି । ପ୍ରତ୍ନଖନନ ତଥା ସର୍ବେକ୍ଷଣ ଅଭାବରେ ଏହି ଅଳ ଅବହେଳିତ ଅବସ୍ଥାରେ ରହିଛି । ଉପଯୁକ୍ତ ଅନୁଧ୍ୟାନ ଓ ପ୍ରତ୍ନଖନନ ହେଲେ ଉକ୍ତ ଅଳରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଦ୍‌ଘାଟନର ସମ୍ଭାବନା ରହିଛି ।

(୪୮) D.C. Sircar, Select Inscriptions, Vol-I, PP. 196 ff; ପ୍ରାକୃତ ଭାଷାରେ 'ଋଷିକ' କେବେ କେବେ 'ଅସିକ' ଲେଖା ହୋଇଥିବା ଦେଖାଯାଏ ।

(୪୯) ରାମାୟଣ ୪, ୪୧, ୧୧.

(୫୦) ଗୋରଥଗିରି, ଐତିହାସିକମାନଙ୍କ ମତରେ ବିହାରରେ ଅବସ୍ଥିତ ବରାବର ପର୍ବତ । ଐତିହାସିକ ରାଖାଲଦାସ ବାନାର୍ଜୀ, ବହୁ ବର୍ଷ ପୂର୍ବେ, ଉକ୍ତ ପର୍ବତରେ ଉତ୍କୀର୍ଣ୍ଣ ଦୁଇଟି କ୍ଷୁଦ୍ର ଅଭିଲେଖ ମଧ୍ୟରୁ ଗୋଟିକରେ 'ଗୋରଥଗିରି' ଓ ଅନ୍ୟଟିରେ 'ଗୋରଧଗିରି' ଲେଖା ହୋଇଥିବା ଲକ୍ଷ୍ୟ କରିଥିଲେ । ତାଙ୍କ ଅନୁମାନ ଅନୁଯାୟୀ ଦ୍ୱିତୀୟ ଲେଖଟି କୌଣସି ଜଣେ ଦାକ୍ଷିଣାତ୍ୟ ଅଧିବାସୀ ଦ୍ୱାରା ଉତ୍କୀର୍ଣ୍ଣ କରାଯାଇଥିଲା JBORS, Vol-III, Part IV, P. 501

(୫୧) Geography, VII, P. 93, D.C. Sircar, Sucussors of the Satavahanas, PP. 48 ff.

(୫୨) Indian Antiquary, (1926), P. 145; Sircar, Successors of the Satavahanas

(୫୩) D.C. Sircar, Select Inscriptions, Vol, I, PP. 97-98.

(୫୪) ସମ୍ପ୍ରତି କର୍ଣ୍ଣାଟକର ଗୁଲବର୍ଗା ଜିଲ୍ଲାସ୍ଥିତ ସନ୍ନତି ଗ୍ରାମର ବିସ୍ତୀର୍ଣ୍ଣ ଅଳରୁ ପ୍ରାଚୀନ ବୌଦ୍ଧକୀର୍ତ୍ତିର ଅବଶେଷ ସହ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ଶିଳାନୁଶାସନ ଏବଂ ଅନେକ ଗୁଡିଏ ସାତବାହନୀୟ ଶିଳାଲେଖ ଆବିଷ୍କୃତ ହୋଇଛି । ତନ୍ମଧ୍ୟରୁ ସିରି-ସାତକର୍ଣ୍ଣୀ (ସମ୍ଭବତଃ ବାଶିଷ୍ଠିପୁତ୍ର ସାତକର୍ଣ୍ଣୀ)ଙ୍କ ଗୋଟିଏ ଅଭିଲେଖରେ ତାଙ୍କ ଦୁଦୀର୍ଘ ବିରୁଦାବଳୀ ଉତ୍କୀର୍ଣ୍ଣ ହୋଇଛି । ଏଥିରେ ତାଙ୍କ ସାମ୍ରାଜ୍ୟର ବିଭିନ୍ନ ଅଳର ନାମ ସହ ଦାକ୍ଷିଣାତ୍ୟର ବିଭିନ୍ନ ରାଜ୍ୟ ତଥା ପଶ୍ଚିମାଳର କ୍ଷତ୍ରପମାନଙ୍କ ବିରୁଦ୍ଧରେ ଅଭିଯାନ ଓ ସାଫଲ୍ୟର ବିବରଣୀ ରହିଛି । ଦୁର୍ଭାଗ୍ୟ ବଶତଃ ଅଭିଲେଖଟି ସ୍ଥାନେ ସ୍ଥାନେ ଜୀର୍ଣ୍ଣ ହୋଇଯାଇଥିବା ହେତୁ ସମ୍ପୂର୍ଣ୍ଣ ପାଠୋଦ୍ଧାର ହୋଇପାରି ନାହିଁ । ଶାତକର୍ଣ୍ଣୀଙ୍କ ବିରୁଦ ବର୍ଣ୍ଣନାରେ "ଅଭଗବାହନସ..." ଲେଖା ହୋଇଥିବା ଦେଖାଯାଏ । 'ଅଭଗ' ଶବ୍ଦର ଅର୍ଥ ସାଧାରଣତଃ 'ଘନମେଘ'କୁ ବୁଝାଏ । ତେଣୁ 'ଅଭଗବାହନ'ର ଅର୍ଥ 'ମହାମେଘମାହନ' କରାଯାଇ ପାରେ । ଦୁଃଖର ବିଷୟ, ଏହାର ପରବର୍ତୀ ଶବ୍ଦଟି ଲୁପ୍ତ ହୋଇଯାଇଥିବାରୁ ଏହାର ସମ୍ପୂର୍ଣ୍ଣ ଅର୍ଥାନ୍ତର କରିବା ବର୍ତମାନ ପରିସ୍ଥିତିରେ କଷ୍ଟସାଧ୍ୟ । ସମ୍ଭବତଃ, ପରବର୍ତ୍ତୀ ଶବ୍ଦଟି, ଏହି ମହାମେଘବାହନବଂଶକୁ ପରାଭୂତ କରିଥିବା ଅର୍ଥରେ ବ୍ୟବହୃତ ହୋଇଥିବା ମନେ ହୁଏ । ସନ୍ନତି ଗ୍ରାମରୁ ସମ୍ପ୍ରତି ଆବିଷ୍କୃତ ବ୍ରାହ୍ମୀ ଅଭିଲେଖ ସମୂହ ତଥା ଅନ୍ୟାନ୍ୟ ପ୍ରତ୍ନାତାତ୍ତ୍ୱିକ ଉପାଦାନର ସମ୍ୟକ୍ ଆଲୋଚନା ପାଇଁ ଦ୍ରଷ୍ଟବ୍ୟ -

I.K. Sarma & J. Varaprasada Rao, Early Brahmi Inscriptions from Sannati, Delhi (1993), PP. 65 ff.

# ଖାରବେଳଙ୍କ ଓ ଲଳିତଗିରିର କଳା-ଭାସ୍କର୍ଯ୍ୟ

*ଡକ୍ଟର ଶିଶିର କୁମାର ପଣ୍ଡା*

**ଅନୁବାଦ - ଡକ୍ଟର ରବିନାରାୟଣ ଦାଶ**

ଓଡିଶା ତାର କଳା ଓ ଭାସ୍କର୍ଯ୍ୟ ପାଇଁ ବିଖ୍ୟାତ ଅଟେ । ତାର କଳା ପରଂପରା ବିଭିନ୍ନ ଧର୍ମର ଆନ୍ଦୋଳନ ତଥା ବିକାଶର ପ୍ରବାହରେ ବହୁ ଭାବରେ ପ୍ରଭାବିତ ହୋଇଥିବା ଜଣାଯାଏ । ବୌଦ୍ଧ, ଶୈବ, ବୈଷ୍ଣବ ଓ ଶାକ୍ତ-ତାନ୍ତ୍ରିକ ମତବାଦ ଭଳି ଜୈନ ଧର୍ମ ମଧ୍ୟ ଓଡିଶାର କଳା ଓ ଭାସ୍କର୍ଯ୍ୟ ଉପରେ ଗଭୀର ରେଖାପାତ କରିଥିବା ଦେଖାଯାଏ । ଐତିହାସିକ ଉପାଦାନମାନଙ୍କଠାରୁ ଜଣାଯାଏ ଯେ ଖ୍ରୀ:ପୂ: ଚତୁର୍ଥ ଶତାବ୍ଦୀଠାରୁ ଜୈନ ଧର୍ମ ଓଡିଶାରେ ଦୃଢ଼ ଭାବରେ ପ୍ରଭାବ ବିସ୍ତାର କରିଥିଲା । ଏହାର ଉତ୍ପତ୍ତି ଓ ବିକାଶ ସହିତ ଓଡିଶାରେ ବହୁ ଜୈନ କେନ୍ଦ୍ରର ଉଦ୍‌ଭବ ଘଟିଥିଲା । ବର୍ତ୍ତମାନ ଆମେ ଜୈନଧର୍ମର ଅବଶେଷାଂଶ ସବୁ ଗୁହା, ମନ୍ଦିର ଓ ମୂର୍ତ୍ତି ମାଧ୍ୟମରେ ଓଡିଶାର ବିଭିନ୍ନ ସ୍ଥାନରେ ଦେଖିବାକୁ ପାଇଥାଉ । ସେଗୁଡିକ ମଧ୍ୟରେ ଉଦୟଗିରି ଓ ଖଣ୍ଡଗିରି ପ୍ରାକ୍ତନ ଜୈନ ଅବଶେଷାଂଷମାନ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ଜଣାଯାଏ । ଏଠାରେ କେବଳ ଓଡିଶା ନୁହେଁ, ସମଗ୍ର ଭାରତବର୍ଷରେ ପ୍ରାଚୀନତମ ଗୋଷ୍ଠୀର ଅର୍ନ୍ତଗତ ଥିବା ଗିରିଗାତ୍ର ଖୋଦିତ ଜୈନ ସଂସ୍କୃତି ସମ୍ବଳିତ ଆଶ୍ରୟସ୍ଥାନମାନ ଦେଖିବାକୁ ମିଳିଥାଏ ।

ଉଦୟଗିରି (ଉଦୟାଚଳ) ଓ ଖଣ୍ଡଗିରି (ଖଣ୍ଡାଚଳ)ର ଯମଜ ପାହାଡ ଖୁରଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱରର ପଶ୍ଚିମକୁ ପ୍ରାୟ ଛଅ କି.ମି. ଦୂରରେ ରହିଥିବା ଦେଖାଯାଏ । ଏହି ପାହାଡମାନଙ୍କରେ ଜୈନ ସନ୍ୟାସୀମାନଙ୍କ ଦ୍ୱାରା ଅଧିକୃତ ତଥା ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ମହୁଫେଣା ସଦୃଶ ବହୁତ ଗୁମ୍ଫା ରହିଛି । ସେଗୁଡିକ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରୁ ଅର୍ଥାତ ଖାରବେଳଙ୍କ ସମୟରୁ ଅଦ୍ୟାବଧି ଜୈନ ସନ୍ୟାସୀମାନଙ୍କ କ୍ରିୟାକଳାପ ଦ୍ୱାରା ମୁଖରିତ ହୋଇଥିବା ପରିଲକ୍ଷିତ ହୁଏ । ନିଜକୁ ମହାମେଘବାହନ ରୂପେ ବ୍ୟକ୍ତ କରୁଥିବା ଚେଦି ବଂଶର ରାଜତ୍ୱ କାଳରେ ଏହି ପାହାଡମାନଙ୍କରେ ଗୁହାମାନ ଖୋଦନ କରାଯାଇଥିଲା । ଖାରବେଳଙ୍କ ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ହୋଇଛି ଯେ ରାଜ ପରିବାର ତଥା ସେମାନଙ୍କ ପଦସ୍ଥ କର୍ମଚାରୀମାନଙ୍କ ଦ୍ୱାରା ଜୈନମାନଙ୍କୁ ଏଠାରେ ପୃଷ୍ଠପୋଷକତା ପ୍ରଦାନ କରାଯାଇଥିଲା । ଚେଡି ରାଜବଂଶର ବିଲୟ ଘଟିବା ପରେ ମଧ୍ୟ ଉଦୟଗିରି ଓ ଖଣ୍ଡଗିରି ଜୈନମାନଙ୍କ ପ୍ରଭାବରୁ ମୁକ୍ତ ନଥିଲା । ଅଭିଲେଖମାନଙ୍କ ପ୍ରମାଣରୁ ସୂଚୀତ ହୁଏ ଯେ ସେଗୁଡିକରେ ଜୈନ ସନ୍ୟାସୀମାନେ ଭୌମକର ଓ ସୋମବଂଶୀମାନଙ୍କ ଶାସନ କାଳରେ ମଧ୍ୟ ରହୁଥିଲେ । ସୋମବଂଶୀ ରାଜତ୍ୱ କାଳରେ କେତେକେ ପୁରାତନ ଗୁହା କାନ୍ଥରେ ତୀର୍ଥଙ୍କର ଓ ଶାସନଦେବୀଙ୍କ ମୂର୍ତ୍ତୀମାନ ଖୋଦନ କରାଯାଇ ସେଗୁଡିକୁ ସେମାନଙ୍କ ଆଶ୍ରୟସ୍ଥଳରେ ପରିବର୍ତ୍ତିତ କରାଯାଇଥିଲା ।

ପରବର୍ତ୍ତୀ ଗଙ୍ଗ ଓ ସୂର୍ଯ୍ୟବଂଶୀ ଗଜପତି ରାଜାମାନଙ୍କ ରାଜତ୍ୱ କାଳରେ ଦିଗମ୍ବର ଜୈନମାନଙ୍କର ଖଣ୍ଡଗିରି ଗୁମ୍ଫାଗୁଡିକ ସହିତ ସମ୍ପର୍କ ଥିଲା । ଏହା ମହାବୀର ଗୁମ୍ଫାର କାନ୍ଥ ଦେହରେ ଖୋଦିତ କେତେକ ଅପରିପକ୍ୱ ତୀର୍ଥଙ୍କର ପ୍ରତିମାମାନଙ୍କ ସନ୍ନିବେଶରୁ ଉପଲବ୍ଧ ହୋଇଥାଏ । ଏହି ପ୍ରତିମାଗୁଡିକୁ ଖ୍ରୀଷ୍ଟୀୟ ପଦଶ ଶତକରେ ଅବସ୍ଥାପିତ କରାଯାଇପାରେ ।

ହାତୀଗୁମ୍ଫା ଶିଳାଲେଖରେ ଏହି ଗୁହାଗୁଡିକୁ 'ଲେନ' ରୂପେ ବ୍ୟକ୍ତ କରାଯାଇଛି । ଏହି ଗୁହାଗୁଡିକର ସାଧାରଣ ଗଠନଭଙ୍ଗୀ ଓ ଦାକ୍ଷିଣାତ୍ୟର ପାହାଡଗାତ୍ରରେ ଖୋଦିତ ବୌଦ୍ଧ ଗୁହାଗୁଡିକ ମଧ୍ୟରେ ପ୍ରଧାନତଃ କେତେକ ପାର୍ଥକ୍ୟ ରହିଥିବା ଦେଖିବାକୁ ମିଳେ । ଏଠାରେ ଲକ୍ଷ୍ୟ କଲେ, ଜଣେ କ୍ଷୁଦ୍ର କୋଠରୀମାନଙ୍କ ଦ୍ୱାରା ପରିବେଷ୍ଟିତ ଜନସମାବେଶ ନିମନ୍ତେ

ଉଦ୍ଦିଷ୍ଟ ପ୍ରକୋଷ୍ଠଟିଏ ଦେଖିବାକୁ ପାଇବନାହିଁ । ଆଉମଧ୍ୟ ଛୋଟ କୋଠରୀଗୁଡ଼ିକ ସିଧାସଳଖ ଭାବରେ ବାରଣ୍ଡା ଦିଗକୁ ଅଥବା ମେଲାକୁ ମୁହଁ କରିଥିବା ଦେଖାଯାଏ । ଏଠାରେ ଅନ୍ୟ ଏକ ବିଶେଷତ୍ୱ ହେଲା ପାହାଡ଼, ଗାତ୍ରରେ ଖୋଦିତ ଆରାଧନା ମଣ୍ଡପ ବା ମନ୍ଦିରର ଅଭାବ । କିନ୍ତୁ ପରବର୍ତ୍ତୀ କାଳରେ ଆବାସ ଯୋଗ୍ୟ କେତେକ କ୍ଷୁଦ୍ରକାୟ ନିବାସ ସ୍ଥଳକୁ ସାମାନ୍ୟ ପରିବର୍ତ୍ତନ ସହ ପୂଜାପୀଠରେ ରୂପାନ୍ତରିତ କରାଯାଇଛି ।

ଗୁହାଗୁଡ଼ିକ କୌଣସି ପୂର୍ବ ନିର୍ଦ୍ଧାରିତ ନକ୍ସା ଅନୁସାରେ ଖୋଦିତ ହୋଇ ନାହାନ୍ତି । କ୍ଷୁଦ୍ର ଆବାସସ୍ଥଳୀ ଗୁଡ଼ିକ ମଧ୍ୟ ବିଭିନ୍ନ ଉଚ୍ଚତାରେ ଖୋଦିତ ହୋଇଥିବା ଦେଖାଯାଏ । ସେଗୁଡ଼ିକ ମଧ୍ଯ ଅପ୍ରଶସ୍ତ ଅଟନ୍ତି । ଅଧିକାଂଶ ଗୁହାର ଉଚ୍ଚତା ଗୋଟିଏ ଲୋକକୁ ସିଧାସଳଖ ଭାବରେ ଠିଆ ହେବାପାଇଁ ସୁଯୋଗ ଦିଏନାହିଁ । କେତେକ ଗୁହା ଏତେ ସଂକୀର୍ଣ୍ଣ ଯେ ଗୋଟିଏ ଲୋକ ସେଠାରେ ଲମ୍ବ ହୋଇ ଶୋଇପାରିବ ନାହିଁ । ଗୁହା ଗୁଡ଼ିକ ମୁଖ୍ୟତଃ ଶୟନକକ୍ଷ । ଖୋଲା ଦିଗରୁ ସେଗୁଡ଼ିକ କ୍ରମେ ଭିତରକୁ ଢ଼ାଲୁ ହୋଇଥିବା ହେତ ସେ ଦିଗକୁ ମୁଣ୍ଡରଖି ଶୋଇବା ପାଇଁ ତକିଆ ରୂପେ କଳ୍ପିତ ହୋଇଥିବା ମନେହୁଏ । କ୍ଷୁଦ୍ର ପ୍ରକୋଷ୍ଠଗୁଡ଼ିକର କାନ୍ଥରେ କୌଣସି ଠଣାଥିବା ଦେଖାଯାଏ ନାହିଁ । ମାତ୍ର ବାରଣ୍ଡାର କାନ୍ଥ ଦେହରେ ବଡ ବଡ ଠଣା ଗୁଡ଼ିକ ଖୋଦିତ । କ୍ଷୁଦ୍ର ଆବାସସ୍ଥଳୀ ଗୁଡ଼ିକ ସାଧା କିନ୍ତୁ ସେଗୁଡ଼ିକର ସମ୍ମୁଖ ଭାଗ ଓ ତାର ଭାର ବହନ କରୁଥିବା ଖମ୍ବର ମସ୍ତକମାନ ଖୋଦେଇ ଦ୍ୱାରା ଅଳଂକୃତ ହୋଇଥିବା ଦେଖାଯାଏ । ଉତମ ରୂପେ ବିକଶିତ ଏକ ଆରାମ ବା ମଠରେ ଗୋଟିଏ ବା ଦୁଇଟି କ୍ଷୁଦ୍ର କୋଠରୀ ବାରଣ୍ଡାପଟକୁ ମୁହଁ କରି ରହିଛି । ଏପରିକି ଦ୍ୱିତଳ ଗୁହାମାନଙ୍କରେ ସେପରି କେତେକ ବ୍ୟବସ୍ଥା ହୋଇଥିବା ଦେଖାଯାଏ । ଅଧିକାଂଶ ସ୍ଥଳେ ଉପର ମହଲା ତଳ ମହଲାର ଠିକ୍ ଉପରକୁ ଥିବା ଦେଖିବାକୁ ମିଳେ ନାହିଁ । ଅନ୍ୟାନ୍ୟ ତାହା କିଡ୍ ପଛ ପାଖକୁ ହୋଇଥିବା ହେତୁ ତଳମହଲା ଉପରେ ଭାର ଲାଘବ କରିବା ନିମନ୍ତେ ଉଦ୍ଦିଷ୍ଟ ଥିବା ମନେହୁଏ । କ୍ଷୁଦ୍ର କୋଠରୀଗୁଡ଼ିକର ଛାତ ଅଧିକାଂଶ କ୍ଷେତ୍ରରେ ଖିଲାଣ ଆକୃତିର ଓ ଗୋଟିଏ କୁଟୀରର ଉପରିଭାଗ ଭଳି ବର୍ତ୍ତୁଳ । କାର୍ଯ୍ୟରେ ଲାଗୁ ନଥିବା ଦ୍ୱାର ବା ଝରକା ସବୁ ଖୁମ୍ବମାନଙ୍କ ଉପରେ ଡେରି ହୋଇ ବାରଣ୍ଡାର ଛାତଗୁଡ଼ିକୁ ଟେକି ଧରି ଦେଖିବାକୁ ମିଳେ । ଦ୍ୱାରଗୁଡ଼ିକର ଆକାର କ୍ଷୁଦ୍ର, ମାତ୍ର ସେଗୁଡ଼ିକର ପ୍ରବେଶପଥ ମୁକ୍ତ ଥିବା ହେତୁ ଉତମ ଭାବରେ କୋଠରୀଗୁଡ଼ିକ ଆଲୋକିତ ହୋଇଥାଏ । କେତେକ କୋଠରୀରେ ଗବାକ୍ଷ ମଧ୍ୟ ରହିଛି ।

ବେଳାମିତ୍ର ଏହି ଗୁମ୍ଫାଗୁଡ଼ିକୁ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ କରନ୍ତି, ଯଥା : (୧) ଖମ୍ବ ନଥିବା ବାରଣ୍ଡା ସଂଲଗ୍ନ ସିଧା ଗୁହା, ଓ (୨) ଉପଯୁକ୍ତ ଖମ୍ବଯୁକ୍ତ ବାରଣ୍ଡାଥିବା ଗୁହା । ତାଙ୍କ ମତରେ ପ୍ରଥମ ବିଭାଗରେ ଥିବା କେତେକ ଗୁମ୍ଫା ପରବର୍ତୀ ବିଭାଗର ଗୁହାମାନଙ୍କଠାରୁ ପ୍ରାଚୀନ । କିନ୍ତୁ ଗଠନ କଳା ଅନୁସାରେ ସେଗୁଡ଼ିକ ନିର୍ଦ୍ଦିଷ୍ଟ ଏକତ୍ର ଗୋଟିଏ ଗୋଷ୍ଠୀର ଅଟନ୍ତି । ଏହି ଗୁହା ବିଭାଗଗୁଡ଼ିକୁ ଲେଖଗତ ପ୍ରମାଣ ବ୍ୟତିରେକେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅବସ୍ଥାପିତ କରିବା କଠିନ ଅଟେ ।

# ଉଦୟଗିରିର କୀର୍ତ୍ତୀ

## ରାଣୀଗୁମ୍ଫା

ଖଣ୍ଡଗିରି ଓ ଉଦୟଗିରି ପାହାଡରେ ଥବବା ସବୁଠାରୁ ବଡ ଓ ଆକର୍ଷଣୀୟ ଗୁହା ହେଉଛି ରାଣୀଗୁମ୍ଫା । ପାହାଡରେ ଏକ ଚତୁର୍ଭୁଜାକାର ଅଠାରୁ ତିନି ପାଖ (ଡାହାଣ, ବାମ ଓ ମଝି)ରୁ ଖୋଦିତ ହୋଇଥିବା ଆରାମଟି ଦ୍ୱିତଳ ବିଶିଷ୍ଟ । ଯଦିଓ ଗଠନ ଭଙ୍ଗି ଦୃଷ୍ଟିରୁ ଏହା ଗୁରୁତ୍ୱପୂର୍ଣ୍ଣ ନୁହେଁ; ତଥାପି ଏହା ଭାସ୍କର୍ଯ୍ୟ ମଣ୍ଡିତ ଅଟେ । କୋଠରୀ ଅଭ୍ୟନ୍ତରରେ ଛାତର ନିମ୍ନାଂଶରେ ପ୍ରଖ୍ୟାପିତ ଏହି ଭାସ୍କର୍ଯ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ ।

# ତଳ ମହଲା

## ଦକ୍ଷିଣପାର୍ଶ୍ୱ

ତଳ ମହଲାର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ଛୋଟ କୋଠରୀ ରହିଛି । ତାହାର ତିନୋଟି ପ୍ରବେଶ ପଥ ଅଛି । ତାହା ସହିତ ଗୋଟିଏ ଖମ୍ବ ଯୁକ୍ତ ବାରଣ୍ଡା ଏବଂ ପଛ ପାଖକୁ ଏକ ଲମ୍ବା ଉଚ୍ଚ ପିଣ୍ଡି ମଧ୍ୟ ରହିଛି । ବାରଣ୍ଡା କାନ୍ଥରେ ଥିବା ଖମ୍ବଗୁଡିକ ମଧ୍ୟରୁ ଦୁଇଟିରେ ଦୁଇଟି ଦ୍ୱାରପାଳ ଖୋଦିତ ହୋଇଥିବା ଦେଖାଯାଏ । ବାମ ପଟରେ ଥିବା ଦ୍ୱାରପାଳ ପଛ ପଟକୁ ଘୋଡାଇଥିବା ଏକ କୋଷାକ, ଓଜନିଆ କାନ ଅଳଙ୍କାର, କଙ୍କଣ ଓ ହାର ପିନ୍ଧିବା ସଙ୍ଗେ ସଙ୍ଗେ ଡାହାଣ ହାତରେ ଗୋଟିଏ ବର୍ଚ୍ଛା ଧରିଥିବା ଦେଖିବାକୁ ମିଳେ । ଖମ୍ବଗୁଡିକ ଅନ୍ତର୍ହିତ ହୋଇଥିଲେ ମଧ୍ୟ ତାର ମସ୍ତକଗୁଡିକ ରହିଛି । ସେଥିରୁ ପ୍ରତ୍ୟେକଟିରେ ଛଅଟିକରି ପ୍ରାଣୀ ରହିଛନ୍ତି ଏବଂ ତହିଁରେ ବାମକୁ ଷଣ୍ଢ ଓ ଦକ୍ଷିଣ ସିଂହ ଥିବା ଦେଖାଯାନ୍ତି । କାନ୍ଥରେ ମିଶି ରହିଥିବା ଖୁ□ର ମସ୍ତକ ଦେହରେ ଅବସ୍ଥାପିତ ହୋଇଛନ୍ତି । ବାରଣ୍ଡାର ପଛକୁ ଥିବା କାନ୍ଥ ଦେହରେ ଛାତର ନିମ୍ନ ଅଂଶକୁ ଚାରୋଟି ଦୃଶ୍ୟର ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ପ୍ରଥମ ଦୃଶ୍ୟରେ ଏକ ଧର୍ମପ୍ରାଣ ଦମ୍ପତି ହାତ ଯୋଡି ଦଣ୍ଡାୟମାନ ହୋଇଥିବା ଦୃଶ୍ୟ ରହିଛି । ସେମାନଙ୍କ ବାମ କଡରେ ଗୋଟିଏ ବାମନ ଗଛ ତଳେ ଠିଆ ହୋଇଥିବା ବେଳେ ସେମାନଙ୍କ ଡାହାଣ ପଟରେ ବାମ ହାତରେ ପୂଜା ସାମଗ୍ରୀ ଓ ଡାହାଣ ହାତରେ ପେଡିଟିଏ ଧରି ଏକ ନାରୀ ଦଣ୍ଡାୟମାନ ହୋଇଥିବା ଦେଖାଯାଏ । ଦ୍ୱିତୀୟ ଦୃଶ୍ୟରେ ତିନୋଟି ବ୍ୟକ୍ତି ଦେଖାଯାନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ପୁରୁଷ ଓ ଦୁଇଟି ନାରୀ ଏକ ମ ଉପରେ ହାତ ଯୋଡି ବସି ଥିବା ଦେଖିବାକୁ ମିଳନ୍ତି । ସେମାନଙ୍କ ଡାହାଣ ପାଖରେ ସ୍ତ୍ରୀ ଲୋକଟିଏ ଗୋଟିଏ ଡାଲା ଏବଂ ବାମ ପାର୍ଶ୍ୱରେ ଅନ୍ୟ ଏକ ନାରୀ ଗୋଟିଏ ପାତ୍ର ଧରି ଥିବା ଦେଖାଯାଏ । ପୁରୁଷ ଜଣକ ରାଜା ଅଥବା ରାଜପୁରୁଷ ହୋଇଥିବା ମନେହୁଏ; କାରଣ, ତାଙ୍କ ଉପରେ ଏକ ଛତ୍ର ରହିଥିବା ଦୃଷ୍ଟି ପଥକୁ ଆସେ । ତୃତୀୟ ଦୃଶ୍ୟଟିରେ ନୃତ୍ୟ ଗୀତର ଆସର ଚାଲିଥିବା ପ୍ରଦର୍ଶିତ ହୋଇଛି । ଏଥିରେ ନୃତ୍ୟ ରତା ଏକ ନର୍ତକୀ ଚାରି ଜଣ ବାଦ୍ୟ ବାଦନ କରୁଥିବା ନାରୀଙ୍କ ଗହଣରେ ରହିଥିବା ଦେଖାଯାଏ । ସେମାନଙ୍କ ମଧ୍ୟରୁ ଜଣେ ମୃଦଙ୍ଗ, ଦ୍ୱିତୀୟଟି ଢ଼ୋଲକ, ତୃତୀୟଟି ବୀଣା ଏବଂ ଚତୁର୍ଥଟି ଏକ ବଂଶୀ ବାଦନ କରୁଥିବା ଦେଖିବାକୁ ମିଳେ । ଚତୁର୍ଥ ଦୃଶ୍ୟରେ ଜଣେ ବ୍ୟକ୍ତି ହାତ ଯୋଡି ପୂଜା ସ୍ଥଳକୁ ଯାଉ ଥିବା ଏବଂ ତା ସହିତ ଗୋଟିଏ ପୁରୁଷ ଓ ଦୁଇଟି ପରିଚାରିକା ଅନୁଗମନ କରୁଥିବା ଦେଖାଯାଏ ।

## ବାମ ପାର୍ଶ୍ୱ

ବାମ ପାର୍ଶ୍ୱରେ ତିନୋଟି ଛୋଟ କୋଠରୀ ଥିବା ଦେଖାଯାଏ । ସେଗୁଡିକ ଗୋଟିଏ ବାରଣ୍ଡାର ତିନି ପାଖରେ ଥିବା ଦେଖିବାକୁ ମିଳେ । ସାଧାରଣ ଦ୍ୱାର ବ୍ୟତୀତ ଗୋଟିକରେ ଗୋଟିଏ ଗବାକ୍ଷ ରହିଛି । ଖମ୍ବଗୁଡିକ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଥିବା ଦେଖାଯାଏ । କାନ୍ଥରେ ଲାଗି ଥିବା ଖମ୍ବଗୁଡିକ ଡାହାଣ ପାର୍ଶ୍ୱର ଖମ୍ବମାନଙ୍କ ଅନୁରୂପ ଅଟନ୍ତି । ସେଥିରେ ମଧ୍ୟ ଦ୍ୱାରପାଳମାନଙ୍କ ମୂର୍ତୀ ରହିଛି ।

## ମୁଖ୍ୟ ପାର୍ଶ୍ୱ

ମୁଖ୍ୟ ପାର୍ଶ୍ୱରେ ଚାରୋଟି ଛୋଟ କୋଠରୀ ଥିବା ଦେଖାଯାଏ । ସେଥି ମଧ୍ୟରୁ ତିନୋଟି ବାରଣ୍ଡା ପଛକୁ ଏବଂ ତୁର୍ଥଟି ଡାହାଣ ପଟକୁ ରହିଛି । ମଝିରେ ଥିବା ଛୋଟ କୋଠରୀରେ ତିନୋଟି ଦ୍ୱାର ରହିଛି ଏବଂ ଦୁଇ ପାଖରେ ଥିବା ଛୋଟ କୋଠରୀ ଗୁଡିକରେ ଦୁଇଟି ଲେଖାଏଁ ଦ୍ୱାର ଅଛି । ଡାହାଣ ପଟ ବାରଣ୍ଡାରେ ଗୋଟିଏ ମାତ୍ର ଛୋଟ କୋଠରୀ ରହିଛି । ଦ୍ୱାରଗୁଡିକ କାନ୍ଥ ସଂଲଗ୍ନ ଖମ୍ବ ଓ ଖିଲାଣମାନଙ୍କ ଦ୍ୱାରା ଅଳଂକୃତ । ସେଗୁଡିକ ଯକ୍ଷ ଓ ଯକ୍ଷୀ ପ୍ରତିମାଯୁକ୍ତ

ଧାରଣାମାନଙ୍କ ଦ୍ୱାରା ସଂଯୁକ୍ତ ଅଟେ । ଲମ୍ବ ଭାବରେ ବ୍ୟାପୀ ଥିବା ଖିଲାଣର ସମସ୍ତ ଅଂଶରେ ଅନଟି ଦୃଶ୍ୟ ହିତ ଆକାରରେ ପ୍ରଖ୍ୟାପିତ ହୋଇଛି । ଦୃଶ୍ୟ ଗୁଡିକରେ ଖାରବେଳଙ୍କ ଦିଗ୍‌ବିଜୟ ଯାତ୍ରା ପାଳନ ପ୍ରଦର୍ଶିତ ହୋଇଛି । ସେଥିରେ ସେ ତାଙ୍କ ରାଜଧାନୀରୁ ବାହାରି ବିଭିନ୍ନ ରାଜ୍ୟ ଦେଇ ଫେରି ଆସୁଥିବା ଦୃଶ୍ୟକୁ ଲୋକମାନେ ସେମାନଙ୍କ ବାସଭବନରୁ ଦେଖୁଥିବା ରୂପାୟିତ ହୋଇଛି ।

(୧) ପ୍ରଥମ ଦୃଶ୍ୟରେ ଏକ ଦ୍ୱିତଳ ପ୍ରାସାଦ ପ୍ରଦର୍ଶିତ ଏବଂ ତାର ଛାତ ପିମ୍ପାର ଉପର ଭଳି ଅଟେ । ଉପର ମହଲାରେ ଗୋଟିଏ ମାତ୍ର ଦ୍ୱାର ରହିଛି ଏବଂ ସେଇ ବାଟ ଦେଇ ଲୋକଟିଏ ବାହାରକୁ ଚାହିଁଛି । ଉପର ମହଲାର ଖୋଲାଂ ଛୋଟ ବାରଣ୍ଡାରେ ସ୍ତ୍ରୀ ଲୋକଟିଏ ଠିଆ ହୋଇଛି । ତଳ ମହଲାରେ ଦୁଇଟି ଦ୍ୱାର ଅଛି ଏବଂ ପ୍ରତ୍ୟେକଟିରେ ସ୍ତ୍ରୀ ଲୋକମାନେ ରହିଛନ୍ତି ।

(୨) ଦ୍ୱିତୀୟ ଦୃଶ୍ୟରେ ଘୋଡା ପିଠିରେ ଖଣ୍ଡାଧରି ବସିଥିବା ତିନିଜଣ ଲୋକଙ୍କର ରେଖାଚିତ୍ର ଦେଖିବାକୁ ମିଳେ ।

(୩) ଏହି ଦୃଶ୍ୟରେ ଗୋଟିଏ ଛତି ତଳେ ଜଣେ ରାଜପୁରୁଷ (ସମ୍ଭବତଃ ଖାରବେଳ) ଏକ ସଇସ ଓ ପରିଚାରକଗଣଙ୍କ ଗହଣରେ ଗୋଟିଏ ପ୍ରାଣୀ ଉପରେ ବସି ଥିବା ଦୃଷ୍ଟି ଗୋଚର ହୁଏ ।

(୪) ଏ ଦୃଶ୍ୟରେ ଦଳେ ଲୋକ ଓ ସେମାନଙ୍କ ମଧ୍ୟରୁ କେତେକ ହାତୀ ଉପରେ ବସିଥିବା ପରିଦୃଷ୍ଟ ହୁଏ ।

(୫) ଏ ଦୃଶ୍ୟଟିରେ ଜଣେ ରାଜପୁରୁଷ (ସମ୍ଭବତଃ ଖାରବେଳ)ଙ୍କ ଅନୁଗମନ କରୁଥିବା ଦୁଇଜଣ ଅନୁଚରଙ୍କୁ ଦେଖିବାକୁ ମିଳେ । ସେ ଦୁଇଜଣଙ୍କ ମଧ୍ୟରୁ ଜଣେ ଛତିଟିଏ ଧରିଥିବା ଏବଂ ଅନ୍ୟ ଜଣେ ବାମ ପାଖରେ ଗୋଟିଏ ଖଣ୍ଡା ଧରିଥିବା ଏଥିରେ ଦର୍ଶାଯାଇଛି । ଏମାନଙ୍କ ଡାହାଣ ପଟକୁ ଚାରିଜଣ ରହିଥିବା ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ହାତ ଯୋଡି ସମ୍ମାନ ଦେଖାଉ ଥିବା ଭଙ୍ଗୀରେ ରହି ଥିବା ଦେଖାଯାଏ ।

(୬) ଏ ଦୃଶ୍ୟଟିରେ ଜଣେ ରାଜା (ସମ୍ଭବତଃ ଖାରବେଳ) ଦୁଇ ଜଣ ଅନୁଚରଙ୍କ ସହିତ ଗୋଟିଏ ଛତି ତଳେ ଠିଆ ହୋଇ ଥିବା ଦେଖାଯାଆନ୍ତି ।

(୭) ଏ ଦୃଶ୍ୟଟିରେ କେତେକ ଲୋକେ ହାତ ଯୋଡି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଖଣ୍ଡା ଧରି ରାଜା (ସମ୍ଭବତଃ ଖାରବେଳ)ଙ୍କୁ ପରିବେଷ୍ଟନ କରିଥିବା ଦେଖାଯାଏ ।

(୮) ଏ ଦୃଶ୍ୟରେ ଜଣେ ରାଜପୁରୁଷ (ସମ୍ଭବତଃ ଖାରବେଳ) ଓ ତାଙ୍କ ଅନୁଗମନ କରୁଥିବା ଦୁଇ ଜଣ ଅନୁଚରଙ୍କ ପ୍ରତିମା ଦେଖିବାକୁ ମିଳେ । ସେହି ଅନୁଚରମାନଙ୍କ ମଧ୍ୟରୁ ଜଣେ ଛତି ଟେକି ଧରିଥିବା ବେଳେ ଅନ୍ୟ ଜଣେ ହାତ ଯୋଡି ତାଙ୍କ ଆଗରେ ଠିଆ ହୋଇଥିବା ଦେଖିବାକୁ ମିଳିଥାଏ । ସେମାନଙ୍କ ନିକଟରୁ କିଛି ଦୂରରେ ସ୍ତ୍ରୀ ଠିଆ ହୋଇଥିବା ଦେଖାଯାଆନ୍ତି । ସେଥି ମଧ୍ୟରୁ ଜଣେ ଡାଲାଟିଏ ଧରିଥିବା ବେଳେ ଅନ୍ୟ ଜଣକ ଫୁଲ ଦେଉଥିବା ପରିଦୃଷ୍ଟ ହୁଏ । ସେଠାରେ ଦୁଇଟି ପ୍ରତିମା ଆଣ୍ଠୁମାଡି ବସି ଥିବା ଏବଂ ସେମାନେ ଗ୍ରୀକ୍ ଆକୃତି ବିଶିଷ୍ଟ ଥିବା ଅନୁମିତ ହୁଏ । ଆଗ ପ୍ରତିମାଟି ଜଣେ ଲୋକର ପାଦଧରି ଶରଣ ପଶୁଥିବା ଏବଂ ସେ ତାର ପଗଡିକୁ କାଢ଼ି ଦେଉଥିବା ଏଥିରେ ଦର୍ଶାଯାଇଛି । ଅନ୍ୟ ଗୋଟିଏ ଲୋକ ସେଠାରେ ହାତଯୋଡି ଠିଆ ହୋଇଛି । ଉଭୟ ଡାହାଣ ପାର୍ଶ୍ୱର ଦଣ୍ଡାୟମାନ ଅଶ୍ୱପୃଷ୍ଠରୁ ଓହ୍ଲାଇଥିବା ମନେହୁଏ । ଘୋଡା କଡକୁ ଅନ୍ୟ ତିନୋଟି ପ୍ରତିମା ହାତ ଯୋଡି ଠିଆ ହୋଇଥିବା ଦେଖାଯାଏ ।

(୯) ଶେଷ ଦୃଶ୍ୟଟିରେ ରାଜା (ସମ୍ଭବତଃ ଖାରବେଳ) ତାଙ୍କ ଦିଗ୍‌ବିଜୟ ଯାତ୍ରାରୁ ଫେରି ଆସୁଥିବା ପ୍ରଦର୍ଶିତ ହୋଇଛି । ବାମ ପାଖୁ ରାଜା ଗୋଟିଏ ଛତି ତଳେ ଠିଆ ହୋଇଥା ଦେଖାଯାନ୍ତି ଓ ଛତିଟିକୁ ଗୋଟିଏ ଅନୁଚର ଧରିଥିବା

ଦେଖିବାକୁ ମିଳେ । ରାଜାଙ୍କର ଦୁଇଜଣ ଯୋଦ୍ଧା କାନ୍ଧରେ ଲମ୍ବ ଖଣ୍ଡା ପକାଇ ରହିଥିବା ଦେଖାଯାଏ । ଡାହାଣ ପଟକୁ ଛଅଟି ପ୍ରତିମା ରହିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଚାରିଜଣ ସ୍ତ୍ରୀ ଲୋକ ଓ ଅନ୍ୟ ଦୁଇଜଣ ପଗଡି ପିନ୍ଧିଥିବା ବ୍ୟକ୍ତି ଅଟନ୍ତି । ତିନୋଟି ସ୍ତ୍ରୀ ସେମାନଙ୍କ ମୁଣ୍ଡରେ ମାଠିଆ ଧରିଥିବା ବେଳେ ଚତୁର୍ଥଟି ଆଣ୍ଠୁମାଡି ବସିଥିବା ଭଙ୍ଗିରେ ରହିଛି ।

ବାମ ଏବଂ ଡାହାଣ ପାର୍ଶ୍ୱର ମିଳନ ସ୍ଥଳରେ ଦୁଇଟି ଜଗୁଆଳିଙ୍କ ପ୍ରକୋଷ୍ଠ ରହିଛି । ଏହି ପ୍ରକୋଷ୍ଠଗୁଡିକର ବାହାର ପାଖ ବିଶେଷ ଭାବରେ ଅଳଙ୍କୃତ ହୋଇଥିବା ଦେଖାଯାଏ । ଉଭୟ ଗୃହର ଉପରେ ଅଂଶ ପାହାଡ, ଝରଣା, ଫଳ ଭାରରେ ନଇଁ ଆସି ଥିବା ଆମ୍ବ ଓ ଅନ୍ୟାନ୍ୟ ଗଛ, ବନ୍ୟଜନ୍ତୁ, ଗୁହା, ପକ୍ଷୀ, ମର୍କଟ ଇତ୍ୟାଦିଙ୍କ ଦ୍ୱାରା ଅଳଂକୃତ ହୋଇଥିବା ଦେଖିବାକୁ ମିଳେ । ତଳ ଅଂଶରେ ପଦ୍ମ ପୋଖରୀ ଓ ସେଥିରେ ହାତୀମାନେ ଜଳକ୍ରୀଡା କରୁଥିବା ଦୃଷ୍ଟିଗୋଚର ହୁଏ ।

## ଉପର ମହଲା

ଉପର ମହଲାରେ ସର୍ବମୋଟ ଛଅଟି ଛୋଟ ଘର ରହିଛି । ସେଥିରୁ ଗୋଟିଏ ଲେଖାଏଁ ବାମ ଓ ଡାହଣ ପଟରେ ଥିଲା ବେଳେ ଅନ୍ୟ ଚାରୋଟି ପଛ ପଟକୁ ରହିଛନ୍ତି । ଏଗୁଡିକ ଅପେକ୍ଷାକୃତ ଉତ୍ତମ ଭାବରେ ସୁରକ୍ଷିତ ହୋଇଥିବା ବେଳେ ବାରଣ୍ଡାର ଆଗ ପଟ ସହ ଖମ୍ବଗୁଡିକ ଭାଙ୍ଗି ଯାଇ ଥିବା ଦେଖାଯାଏ ।

## ପ୍ରମୁଖ ପାର୍ଶ୍ୱ

ପ୍ରମୁଖ ପାର୍ଶ୍ୱରେ ଚାରୋଟି ଗୁମ୍ଫା ରହିଛି ଏବଂ ପ୍ରତ୍ୟେକଟିରେ ଦୁଇଟି ଦ୍ୱାର ଥିବା ଦେଖାଯାଏ । ସେଗୁଡିକର ଦୁଇପାଖରେ ଦୁଇଟି ଲେଖାଏଁ ଖୁ□ ରହିଛି । ତା ଉପରକୁ ଏକ ଖୋଦିତ ଖିଲାଣ ବାହାରି ଥିବା ଦେଖିବାକୁ ମିଳେ । ଖିଲାଣ ଉପରକୁ ଶ୍ରୀବତ୍ସ, ନନ୍ଦିପଦ, ସର୍ପ ଓ ପଦ୍ମ ଆଦି ଜୈନମାନଙ୍କ ନିମନ୍ତେ ଶୁଭପ୍ରଦ ଚିହ୍ନମାନ ରହିଛି । ଖିଲାଣଗୁଡିକ ପୁଷ୍ପ, ମହୁମାଛି ବସିଥିବା ମଧୁପୁଷ୍ପ, ପଦ୍ମ ଓ ବିଭିନ୍ନ ପଲ୍ଲବିତ ଲତାର ନମୂନାଯୁକ୍ତ ହୋଇଥିବା ଦେଖାଯାଏ । ଗୋଟିଏ ଲତାରେ ପଶୁମାନଙ୍କୁ ଘଉଡାଇଥିବା ବାଳକମାନଙ୍କ ପ୍ରଖ୍ୟାପନ ହୋଇଛି । ଖିଲାଣଗୁଡିକ ପରସ୍ପର ସହିତ ଧାରଣାଦ୍ୱାରା ସଂଯୁକ୍ତ । ଧାରଣା ଉପରକୁ ଖିଲାଣମାନଙ୍କ ମଝାମଝି ସ୍ଥାନରେ ନଅଟି ଦୃଶ୍ୟ ପ୍ରଖ୍ୟାପିତ ହୋଇଛି । ଏହି ଦୃଶ୍ୟଗୁଡିକରେ କେତେକ କାହାଣୀ ଅଥବା ଜୈନ ଘଟଣାବଳୀ ରୂପାୟିତ ହୋଇଛି । ପ୍ରତ୍ୟେକଟି ଦୃଶ୍ୟ ଅନ୍ୟଟିଠାରୁ ସ୍ୱତନ୍ତ୍ର ଅଟେ ।

୧) ଛାତର ନିମ୍ନ ଅଂଶରେ ପଗଡି, ଆଗରେ କୁଥିବା ଧୋତି, ଲମ୍ବିଥିା ଦୋସଡା, ବିବିଧ କୁଣ୍ଡଳ, ହାର ଓ କଙ୍କଣ ଆଦି ପିନ୍ଧିଥିବା ଉଡନ୍ତ ବଦ୍ୟାଧରଙ୍କ ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ପୂଜା ପାଇଁ ସେ ବାମ ହାତରେ ଗୋଟିଏ ଫୁଲମାଳା ଓ ଡାହାଣ ହାତରେ ଗୋଟିଏ ପଦ୍ମ ଧରିଥିବା ଦେଖାଯାନ୍ତି ।

୨) ଗୋଟିଏ ବଣ ଦୃଶ୍ୟରେ ଡାହାଣ ପାଖକୁ ଫୁଟିଥବା ଫୁଲରେ ମଣ୍ଡିତ ବୃକ୍ଷ, ଗୋଟିଏ ପାହାଡ ଏବଂ ସେଥିରେ ଥବବା ଗୁହା ନିକଟରେ ବାମ ପଟର ଶେଷକୁ ଏକ ସିଂହଥିବା ପରିଦୃଷ୍ଟ ହୁଏ । ପାହାଡର ପାଦ ଦେଶରେ ଗୋଟିଏ ପଦ୍ମପୋଖରୀ ଏବଂ ସେଥିରେ ତିନୋଟି ହାତୀଙ୍କର ଏକ ଦଳ ଦୃଷ୍ଟିଗୋଚର ହୁଅନ୍ତି । ହାତୀମାନଙ୍କ ମଧ୍ୟରୁ ଗୋଟିଏ, ଜଣେ ପୁରୁଷ ଓ ଦଶଜଣ ନାରୀଙ୍କର ଏକ ଦଳକୁ ଲକ୍ଷ୍ୟ କରୁଥିବା ଦେଖିବାକୁ ମିଳେ । ଜଣେ ପୁରୁଷ ଓ ଦୁଇଜଣ ନାରୀଙ୍କ ଦଳଟିଏ ସାହସିକତାର ସହ ହାତୀର ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଉଦ୍ୟମ କରୁଥିବା ଓ ହାତୀ ଦଳକୁ ଘଉଡାଇବା ପାଇଁ ଚେଷ୍ଟା କରୁଥିବା ଦେଖାଯାଏ ।

୩) ଏଥିରେ ପାହାଡ ନିକଟରେ ଆଉ ଗୋଟିଏ ଜଙ୍ଗଲର ଦୃଶ୍ୟ ରହିଛି । ତାହା ବାମ ପାର୍ଶ୍ୱର ଶେଷ ଆଡକୁ ଦୁଇଟି ମର୍କଟ ସେମାନଙ୍କ ଆଡକୁ ଆସୁଥିବା ଏକ ସର୍ପକୁ ଦେଖି ଭୟଭୀତ ହୋଇ ଗୋଟିଏ ଗୁହା ମଧ୍ୟରେ ଲୁଚୁଥିବା

ଦେଖାଯାଆନ୍ତି । ଏହାର ଠିକ୍ ପରେ ପରେ ପାହାଡ କଟାହୋଇ ପ୍ରସ୍ତୁତ ହୋଇଥିବା ଏକ ଗୁହା ପରିଲକ୍ଷିତ ହୁଏ । ତା ଆଗକୁ ମଣିଷଟିଏ ଏକ ସ୍ତ୍ରୀ କୋଳରେ ହାମୁଡି ପଡିଥିବା ଦେଖିବାକୁ ମିଳେ । ସ୍ତ୍ରୀ ଲୋକଙ୍କର କଟି ଦେଶରେ ଥିବା ଏକ ପଟିରୁ ଖଣ୍ଡାର ଖାପଟିଏ ଝୁଲିଥିବା ଦେଖାଯାଏ । ତାର ପାଦ ନିକଟରେ ପ୍ରାଣୀଟିଏ ଠିଆ ହୋଇଥିବା ପରିଦୃଷ୍ଟ ହୁଏ । ଦୃଶ୍ୟଟି ମହିଳାଟିର ପରାଜୟ ଓ ବନ୍ଧନରେ ଶେଷ ହୋଇଛି । ପୁରୁଷଟି ବଳପୂର୍ବକ ବାମ ହସ୍ତରେ ଢ଼ାଲ ଧରିଥିବା ନାରୀଟିକୁ ଟେକିନେଇ ପଳାୟନ କରୁଥିବା ମଧ୍ୟ ରୂପାୟିତ ହୋଇଛି ।

୪) ଏ ଦୃଶ୍ୟଟିରେ ଦୁଷ୍ମନ୍ତଙ୍କର ଶକୁନ୍ତଳାଙ୍କ ସହିତ ପ୍ରଥମ ସାକ୍ଷାତ ବୃତାନ୍ତକୁ ସଂଯୋଗ କରାଯାଇପାରେ । ଦୃଶ୍ୟଟିର ବାମ ପ୍ରାନ୍ତରେ ତିନୋଟି ପରିଚାରକ ପ୍ରଖ୍ୟାପିତ ହୁଅନ୍ତି । ସମାନଙ୍କ ମଧ୍ୟରେ ପ୍ରଥମଟି ଗୋଟିଏ ଛତ୍ର, ଦ୍ୱିତୀୟଟି ଗୋଟିଏ ଖଣ୍ଡା ଏବଂ ତୃତୀୟଟି ଗୋଟିଏ ଜଳପାତ୍ର ଧରିଥିବା ଦେଖାଯାଏ । ସେମାନଙ୍କ ବ୍ୟତୀତ ଘୋଡା ପିଠିରୁ ଓହ୍ଲାଉଥିବା ଜଣେ ରାଜା ବହୁ ପରିମାଣରେ ମଣି ମୁକ୍ତା ଖଚିତ ପଗଡି, ହାର, କଙ୍କଣ ଓ କର୍ଣ୍ଣ ଅଳଙ୍କାର ପରିଧାନ କରିଥିବା ମଧ୍ୟ ଦେଖିବାକୁ ମିଳେ । ରାଜାଙ୍କ ବାମ ପାର୍ଶ୍ୱକୁ ଏକ ଖଡ୍‌ଗ ଝୁଲି ରହିଛି ଏବଂ ସେ ପଳାଇ ଯାଉଥିବା ଏକ ପକ୍ଷୀରାଜ ମୃଗ ଓ ତାର ଅନୁଗମନ କରୁଥିବା ଦୁଇଟି ଶାବକଙ୍କୁ ଶରସଂଧାନ କରୁଥିବା ମଧ୍ୟ ଏଥିରେ ପ୍ରଦର୍ଶିତ ହୋଇଛି । ଏହା ପାଖକୁ ଗୋଟିଏ ପୁଷ୍ପିତ ବୃକ୍ଷ, ମୃଗ ଓ ରାଜାଙ୍କ ମଧ୍ୟରେ ରହିଥିବା ଦେଖିବାକୁ ମିଳେ । ମୃଗର ପଶ୍ଚାତ୍‌ଧାବନ କରି ଆସି ରାଜା ଏକ ବୃକ୍ଷ ମୂଳରେ ତାଙ୍କ ଧନୁ ଅବନମିତ କରି ଠିଆ ହୋଇଥିବା ଓ ଗଛଟି ମୂଳରେ ଏକ ନାରୀକୁ ଭେଟୁଥିବା ଦେଖାଯାଏ । ନାରୀଟି ରାଜାଙ୍କୁ ମୂଳରେ ପଡିଥିବା ମୃଗଟିକୁ ମାରିବା ପାଇଁ ବାରଣ କରୁଥିବା ମଧ୍ୟ ପରିଦୃଷ୍ଟ ହୁଏ ।

୫) ଏହାର ପରବର୍ତୀ ଦୃଶ୍ୟରେ ଦର୍ଶକମାନେ ନୃତ୍ୟ ଗୀତ ଉପଭୋଗ କରୁଥିବା ଏବଂ ସେମାନଙ୍କ ମଧ୍ୟରେ ଏକ ରାଜ ଦମ୍ପତି ରହିଥିବା ଦେଖିବାକୁ ମିଳେ । ପାଜଣ ପରିଚାରିକାଙ୍କ ମଧ୍ୟରେ ରାଣୀ ବସିଥିବା ଏବଂ ସେମାନଙ୍କ ମଧ୍ୟରୁ ତିନିଜଣ ତାଙ୍କ ପଛରେ ଥିବା ଦେଖାଯାଏ । ସେଥି ମଧ୍ୟରୁ ଜଣେ ତାଙ୍କ ମୁଣ୍ଡ ଉପରେ ଛତି ଧରିଥିବା, ଜଣେ ଆଲଟ ପକାଉଥିବା ଏବଂ ତୃତୀୟଟି ଡାହାଣ ହାତରେ ଏକ ପେଡି ଓ ବାମ ହାତରେ ଫୁଲ ଧରିଥିବା ବେଳେ ପମଟି ତାଙ୍କ ଆଗରେ ଫୁଲମାଳାର ଏକ ଡାଲା ଧରିଥିବା ଦେଖାଯାଏ । ଆସର ମଝିରେ ତିନିଜଣ ନର୍ତକୀ ନୃତ୍ୟ କରୁଥିବା ବେଳେ ଅନ୍ୟ ତିନିଜଣ ତଳେ ବସି ସଙ୍ଗୀତରେ ମଗ୍ନ ଥିବା ଦେଖାଯାଏ । ସେମାନଙ୍କ ମଧ୍ୟରୁ ଜଣେ ବୀଣା, ଜଣେ ଝାଞ୍ଜ ଓ ଅନ୍ୟଜଣେ ମୃଦଙ୍ଗ ଆଗରେ ଥୋଇ ତାଳି ବଜାଉଥିବା ଦେଖାଯାନ୍ତି । ଦୃଶ୍ୟର ଡାହାଣ ପଟରେ ଶେଷ ଆଡକୁ ରାଜା ବସିଥିବା ଏବଂ ତାଙ୍କ ତଳକୁ ଜଣେ ପରିଚାରକ ଏକ ଗୋଜିଆ ପାତ୍ରର କଡକୁ ଯୋଡ ହସ୍ତରେ ରହିଥିବା ଦେଖିବାକୁ ମିଳନ୍ତି ।

୬) ଏହି ଦୃଶ୍ୟଟି ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ ହୋଇଥିବା ଦେଖାଯାଏ ।

୭) ଏହି ଦୃଶ୍ୟଟିରେ ପ୍ରେମୀଯୁଗଳଙ୍କ ପ୍ରଖ୍ୟାପନ ହୋଇଥିବା ଏବଂ ସେହି ଦୃଶ୍ୟଟି ତିନିବାର ଦୋହରା ଯାଇଥିା ପରିଦୃଷ୍ଟ ହୁଏ ।

୮) ଦୃଶ୍ୟଟି ଅଧିକାଂଶତଃ ବିନଷ୍ଟ ଓ ଅସ୍ପଷ୍ଟ ହୋଇ ଯାଇଥିବା ଦେଖାଯାଏ । କେବଳ ଡାହାଣ ପଟକୁ ହାତୀମାନଙ୍କର ଆକୃତି ଚିହ୍ନିତ ଧାଡି ଏବଂ ବାମକୁ ଦୁଇଜଣ ଲୋକଙ୍କ ପାଦ ଦେଖିବାକୁ ମିଳିଥାଏ ।

୯) ଏହି ଦୃଶ୍ୟଟିରେ ଡାହାଣ ହାତରେ ମାଳା ଓ ବାମ ହାତରେ ଫୁଲ ଡାଲା ଧରି ଥିବା ଏକ ଅମ୍ବରଚର ପ୍ରତିମା ଦେଖାଯାଏ ।

## ଦକ୍ଷିଣ ପାର୍ଶ୍ୱ

ଏହି ପାର୍ଶ୍ୱର ଡାହାଣ ପଟରେ ଗୋଟିଏ ଛୋଟ କୋଠରୀ ଏବଂ ତା ଆଗକୁ ଦୁଇଟି ଖୁ□ ଲାଗିଥିବା ଏକ ଉଚ୍ଚ ବାରଣ୍ଡା ରହିଛି । ବାମ ପଟର ବାରଣ୍ଡା ଖୁ□ରେ ଗୋଟିଏ ଜଗୁଆଳିର ପ୍ରତିମା ଖୋଦିତ ହୋଇଛି ଏବଂ ସେ ଏକ ବିଦେଶୀ ପରି ମନେ ହୁଏ କାରଣ, ତା ଗୋଡରେ ପୂରା ଯୋତା ରହିଛି ଏବଂ ଯୋତାଟି ଲୋକଟିର ଗୋଡଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଘୋଡେଇ ରଖିଛି । ଲୋକଟିର ମୁଣ୍ଡରେ ଏକ ଶିରସ୍ତ୍ରାଣ ରହିଛି । ଲୋକର ଡାହାଣ ହାତ ଜଙ୍ଘ ଉପରେ ଅଛି, ଏବଂ ପାଖରେ ଥିବା ଖଣ୍ଡାଟି ତାର ବାମ ପାଖରେ ଝୁଲିଛି । ମାତ୍ର ଡାହାଣ ପଟ ଖମ୍ବ ନିକଟରେ ଥିବା ଜଗୁଆଳିଟି ଭାରତୀୟ ପୋଷାକ ପରିହିତ । ତାର ପାଦ ଖୋଲା ଓ ସେ ଧୋତି ପିନ୍ଧିଛି । ଜଗୁଆଳିଟିର ଡାହାଣ ହାତ ଛାତିକୁ ଲାଗିଛି ଓ ତାର ପାଖରେ ଥିବା ଖଣ୍ଡା ବାମ ହାତରୁ ଏକ ଚମଡା ଦଉଡିରୁ ଝୁଲି ରହିଛି ।

## ବାମ ପାର୍ଶ୍ୱ

ଏ ପାଖଟିରେ ମଧ ଗୋଟିଏ ଛୋଟ କୋଠରୀ ରହିଛି । କୋଠରୀଟି ଉଚ୍ଚ ବାରଣ୍ଡାର ବାମ ପଟକୁ ରହିଛି । ଏଥିରେ ଏକ କ୍ଷୁଦ୍ର ଗବାକ୍ଷ ଅଛି । ଅଣଓସାରିଆ ବାରଣ୍ଡାଟିରେ ଲାଗିରହିଥିବା ଦୁଇଟି ଖୁ□ ଅଛି; ମାତ୍ର ସେଥିରେ ସ୍ୱତନ୍ତ୍ର ଖମ୍ବ ନାହିଁ ।

## ବାଜାଘର ଗୁମ୍ଫା

ଏହି ଗୁମ୍ଫାଟିରେ ଅଲଗା ଅଲଗା ବାରଣ୍ଡା ଥିବା ଦୁଇଟି ଛୋଟ କୋଠରୀ ଅଛି । ସେଗୁଡିକ ଭାଙ୍ଗି ପଡିବା ଅବସ୍ଥାରେ ରହିଛନ୍ତି ସାମନା ପଟର କାନ୍ଥ ଓ ଏହାକୁ ଲଗି ରହିଥିବା ଉଚ୍ଚ ବାରଣ୍ଡା ଓ ତହିଁରେ ଥିବା ବାମ ଖୁ□ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇଛି । ଖୁ□ର ମସ୍ତକ ଉପରେ ଦୁଇଟି ପ୍ରାଣୀଙ୍କର ପ୍ରତିମା ଖୋଦିତ ହୋଇଛି । ସେମାନଙ୍କ ମୁଣ୍ଡ ପକ୍ଷୀମାନଙ୍କ ମୁଣ୍ଡ ଭଳି ଏବଂ ସେମାନେ ପରସ୍ପର ପଛକୁ ଲାଗି ରହିଛନ୍ତି । ଡାହାଣ ପାଖରେ ଛୋଟ କୋଠରୀଟି ମଧ ଭଲ ଅବସ୍ଥାରେ ନ ଥିବା ଦେଖାଯାଏ । ଡାହାଣ ପାଖ ବାରଣ୍ଡା କାନ୍ଥରେ ଥିବା ଖୁ□ର ଉପରି ଭାଗରେ ଗୋଟିଏ ହାତୀ ଖୋଳା ହୋଇ ଥିବା ଦେଖାଯାଏ ।

## ଛୋଟ ହାତୀଗୁମ୍ଫା

ଏଇଟି ଗୋଟିଏ ଅଳ୍ପ ଉଚ୍ଚ ଛାତ ଥିବା ଛୋଟ କୋଠରୀ । ସେଇଟି ବାରଣ୍ଡା ବିହୀନ; ମାତ୍ର ତାର ପ୍ରବେଶ ପଥ ଖୋଲା । ଏହି ଛୋଟ କୋଠରୀଟିର ବାହାର ଅଠାର ସାମନା ପଟରେ ଉପର ଆଡକୁ ଛଅଟି ବଳିଷ୍ଠ ହାତୀଙ୍କର ପ୍ରତିମା ଖୋଦିତ ହୋଇଛି । ସେମାନଙ୍କ ମଧ୍ୟରୁ ତିନୋଟି ଲେଖାଏଁ ଖିଲାଣର ଉଭୟ ପଟକୁ ରହିଛନ୍ତି । ଏହା ବ୍ୟତୀତ କୋଠରୀଟିର ଅନ୍ୟ ବାହାର ଅଂଶ ପଦ୍ମ ଓ ବୃକ୍ଷଲତାର ଖୋଦେଇ ଦ୍ୱାରା ଅଳଂକୃତ । ଛୋଟ ହାତୀମାନେ ସେମାନଙ୍କ ଶୁଣ୍ଢରେ ଫୁଲ ଆଣି ଖିଲାଣର ଉପର ଅଂଶରେ ଜମା କରିବା ଭଙ୍ଗିରେ ଥିବା ଦେଖାଯାନ୍ତି । ଦ୍ୱାର ଦେହରେ ଥିବା କାନ୍ଥ ଖୁ□ଗୁଡିକରେ ପକ୍ଷୀଥିବା ଜନ୍ତୁମାନେ ଅବସ୍ଥାପିତ ହୋଇଥିବା ଦେଖାଯାଏ ।

## ଅଳକାପୁରୀ ଗୁମ୍ଫା

ଏଇ ଗୁମ୍ଫାଟିରେ ଦୁଇଟି ପ୍ରଶସ୍ତ ତଥା ଛୋଟ କୋଠରୀ ରହିଛି ଏବଂ ସେଗୁଡିକ ଗୋଟିଏ ଅନ୍ୟଟି ଉପରକୁ ଅଛନ୍ତି । ତଳ ଛୋଟ କୋଠରୀଟି ଅରକ୍ଷିତ ଅବସ୍ଥାରେ ଅଛି ଓ ତାହା ଖୋଲା ପଡ଼ିଥିବା ଭଳି ଜଣାଯାଏ । ବାରଣ୍ଡାରେ ଲାଗି ରହିଥିବା ଅବଶିଷ୍ଟ ଖୁ□ଟି ଉପରେ ଦୁଇଟି ପକ୍ଷୀରାଜ ଘୋଡ଼ା ପଛକୁ ପଛ ରଖି କଦମ ପକାଇ ଚାଲୁଥିବା ଦେଖାଯାଏ

। ଉପରେ ଥିବା ଛୋଟ କୋଠରୀଟିକୁ ଯିବାପାଇଁ ପଥର କଟାଯାଇ ପ୍ରସ୍ତୁତ ହୋଇଥିବା ରାସ୍ତା ରହିଛି । ଭଗ୍ନ ମୁଖରୁ ବର୍ତ୍ତି ଥିବା ଖୁ□ର ଅବଶିଷ୍ଟ ଉପରଅଂଶର ଭିତରପାଖ ହିଡ଼ ଆକାର କାରୁକାର୍ଯ୍ୟ ମଣ୍ଡିତ । ସେଥି ମଧ୍ୟରୁ ଗୋଟିକରେ ପରିଚାରକମାନଙ୍କ ଦ୍ୱାରା ବେଷ୍ଟିତ ରାଜ ହସ୍ତୀ ରହିଛି । ପରିଚଙ୍କଙ୍କ ମଧ୍ୟରୁ ଜଣେ ଛତି ଧରିଥିବା ଏବଂ ଅନ୍ୟ ଜଣକ ଚାମର ପକାଉଥିବା ଦେଖାଯାଏ । ଅନ୍ୟ ଏକ ବେଠିଆ (ଖମ୍ବ ଉପର ଅଂଶର ପଥର)ରେ ଏକ ସିଂହ ତା ମୁହଁରେ ଆହାର ଧରିଥିବା ଦେଖିବାକୁ ମିଳେ । ଖମ୍ବ ଉପରିଅଂଶର ଦୁଇ ପାଖରେ ହଳେ ପକ୍ଷୀ ଥିବା ଜୀବଙ୍କର ତରଙ୍ଗାୟିତ ଛବି ଦେଖା ଯାଏ । ବାମପାର୍ଶ୍ୱରେ ଥିବା ଖୁ□ର ଉପରି ଭାଗରେ ଏକ ପୁରୁଷ ତାର ବାମ ହାତରେ ଗୋଟିଏ ନାରୀକୁ ଟେକିଧରିଥିବା ବେଳେ ଡାହାଣ ହାତରେ ହାତୀକୁ ଶୁଣ୍ଢକୁ ଧରିଥିବା ଦୃଷ୍ଟିଗୋଚର ହୁଏ । ଦକ୍ଷିଣ ପାଖର କାନ୍ଥରେ ଥିବା ଖମ୍ବଟିରେ ଗୋଟିଏ ସାପ ହାତୀକୁ ଗୁଡ଼ାଇ ଧରିଥିବା ଦେଖାଯାଏ । ଏହି ଛୋଟ କୋଠରୀର ତିନୋଟି ଦ୍ୱାର ରହିଛି ।

## ଜୟ ବିଜୟ ଗୁମ୍ଫା

ଏହି ଗୁହାଟିର ଦୁଇଟି ଛୋଟ କୋଠରୀ ଓ ଏକ ଉଚ୍ଚ ବାରଣ୍ଡା ରହିଛି । ବାମ ଓ ଦକ୍ଷିଣ ପାଖରେ ଥିବା କାନ୍ଥ ଦେହର ଖୁ□ରେ ପୁରୁଷ ଓ ନାରୀଙ୍କର ପ୍ରତିମା ରହିଥିବା ଦେଖାଯାଏ । ପୁରୁଷଟି ଧୋତି ଓ ଚଦର ପରିହିତ ଅଟେ । ତା ମୁଣ୍ଡ ଉପରକୁ ଥିବା ବେଠିଆରେ ଏହି ସିଂହ ହିଡ଼ ଆକୃତିରେ ପ୍ରଖ୍ୟାପିତ ହୋଇଥିବା ଦେଖାଯାଏ । ନାରୀ ପ୍ରତିମାଟି ଅଳ୍ପ ପରିମାଣରେ ଆଚ୍ଛାଦିତା ଏବଂ ଭାରୀ କର୍ଣ୍ଣ ଅଳଙ୍କାର, କଙ୍କଣ, ମେଖଳା ପରିହିତା ହୋଇ ହାତରେ ଗୋଟିଏ ଶୁଆ ଧରିଥିବା ଦୃଷ୍ଟି ପଥାରୂଢ଼ ହୁଏ । ତା ମୁଣ୍ଡ ଉପରେ ଥିବା ବେଠିଆରେ ଏକ ଲଜ୍ଜାଶୀଳା ନାରୀ ବୃକ୍ଷାରୋହଣ କରୁଥିବା ଦେଖାଯାଏ । ଛୋଟ କୋଠରୀଗୁଡ଼ିକରେ ଗୋଟିଏ ଲେଖାଏଁ ଦ୍ୱାର ରହିଛି । ସେଗୁଡିକର କାନ୍ଥ ଦେପରେ ଥିବା ଖୁ□ମାନଙ୍କର ମସ୍ତକ ବା ଉପରି ଅଂଶ ପକ୍ଷୀଥିବା ପ୍ରାଣୀ ଓ ମକରଦ୍ୱାର ଅଳଙ୍କୃତ ଅଟେ । ଖିଲାଣମାନଙ୍କ ମଧ୍ୟବର୍ତ୍ତୀ ସ୍ଥାନରେ ଏକ ପବିତ୍ର ବୃକ୍ଷ ଦୁଇପାର୍ଶ୍ୱରେ ଥିବା ଦୁଇ ଯୁଗଳ ଦମ୍ପତିଙ୍କ ଦ୍ୱାରା ଆଧାରିତ ହେଉଥିବା ଦେଖାଯାଏ । ଉଭୟ ପାଖରେ ପୁରୁଷମାନେ ହାତ ଯୋଡି ଠିଆ ହୋଇଥିବା ବେଳେ ତାଙ୍କ ପତ୍ନୀମାନେ ହାତରେ ଫୁଲ ଓ ଫୁଲମାଳ ଥିବା ଡାଲା ଧରିଥିବା ଦେଖାଯାନ୍ତି । ପବିତ୍ର ବୃକ୍ଷଟି ଉପରେ ଏକ ଛତି ଏବଂ ଦୁଇପାଖରେ ଦୁଇଟି ପତାକା ଥିବା ଦେଖିବାକୁ ମିଳେ ।

## ପଣସ ଗୁମ୍ଫା

ଗୁମ୍ଫାଟି ଆଗରେ ଏକ ପଣସ ଗଛ ଥିବାରୁ ତାର ନାମ ପଣସ ଗୁମ୍ଫା ହୋଇଛି । ଗୁମ୍ଫାଟିର ଆଗପଟ ମେଲା ଓ ତାର ମୂଳ ଚଟାଣ ତଳୁ ପଥର ଖୋଳାହେବା ହେତୁ ପ୍ରାୟ ଏକ ମିଟର ଦବି ଯାଇଛି ।

## ଠାକୁରାଣୀ ଗୁମ୍ଫା

ଏହି ଗୁମ୍ଫାଟି ଦ୍ୱିତଳ ବିଶିଷ୍ଟ ଅଟେ । ତଳ ମହାଲାର ଛୋଟ କୋଠରୀଟି ଅପେକ୍ଷାକୃତ ପ୍ରଶସ୍ତ ଓ ଉଚ୍ଚ । ଉଚ୍ଚ ବାରଣ୍ଡାଟିର କାନ୍ଥ ଦେହରେ ଏକ ଖୁ□ ରହିଛି । ଏହା ଉପରେ ଭିତର ପଟକୁ ଥିବା ବେଠିଆ ଦେହରେ ହଳେ ପକ୍ଷୀଥିବା ପ୍ରାଣୀଙ୍କ ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ଖୁ□ ଓ କାନ୍ଥରେ ଥିବା ଖୁ□ର ଉପରି ଭାଗରେ ମକର, ପକ୍ଷୀଯୁକ୍ତ ପ୍ରାଣୀ ଓ ପକ୍ଷୀମାନଙ୍କ ମୁଣ୍ଡର ଆକୃତିରେ ସ୍ମିତାକାର କାରୁକାର୍ଯ୍ୟ ହୋଇଛି । ଉପର ଛୋଟ କୋଠରୀଟି କ୍ଷୁଦ୍ରତର ଏବଂ ଏହା ଏକ ଉଚ୍ଚ ନିବୁଜ ବାରଣ୍ଡା ଯୁକ୍ତ ହୋଇଥିବା ଦେଖାଯାଏ । ଏଥିରେ ଅର୍ଦ୍ଧବୃତ୍ତାକାର ଖୋଲା ପାଖ ରହିଛି ଏବଂ ବାରଣ୍ଡା ଯୁକ୍ତ ହୋଇଥିବା ଦେଖାଯାଏ । ଏଥିରେ ଅର୍ଦ୍ଧବୃତ୍ତାକାର ଖୋଲା ପାଖ ରହିଛି ଏବଂ ବାରଣ୍ଡା ଖମ୍ବ ବିହୀନ ଥିବା ଦେଖିବାକୁ ମିଳେ ।

## ପାତାଳପୁରୀ ଗୁମ୍ଫା

ଏହି ଗୁମ୍ଫାଟି ଚାରୋଟି ଛୋଟ କୋଠରୀର ସମଷ୍ଟି ଅଟେ । ଏଥିରୁ ଦୁଇଟି ପଛ ପଟକୁ ଏବଂ ଅନ୍ୟ ଦୁଇଟି ଉଚ୍ଚ ବାରଣ୍ଡାର ଉଭୟ ପାର୍ଶ୍ୱରେ ଥିବା ଦେଖାଯାଏ । ମୂଳରୁ ଏଠାରେ ଦୁଇଟି କାନ୍ଥ ଦେହରେ ଲାଗିଥିବା ଖୁ□ ଏବଂ ତିନୋଟି ଖମ୍ବ ଥିଲା । ମାତ୍ର ଏବେ ମଝି ଖମ୍ବଟି ଦେଖିବାକୁ ମିଳେନାହିଁ । ଖମ୍ବର ଉତ୍ତର ଭାଗରେ ଅପରିପକ୍ୱ ଭାବରେ ପ୍ରସ୍ତୁତ ପକ୍ଷୀ ଥିବା ପ୍ରାଣୀସବୁ ପିଠିକୁ ପିଠି ଲଗାଇ ଠିଆହୋଇଥିବା ଦେଖାଯାନ୍ତି । ଧ୍ୱଂସ ମୁଖରୁ ରକ୍ଷାପାଇଥିବା ବେଠଆରେ ଜଣେ ମଣି ବର୍ଛା ଓ ଢ଼ାଲ ଧରି ଏକ ସିଂହ ସହିତ ଲଢ଼େଇ କରୁଥିବା ଦେଖାଯାଏ । ଛୋଟ କୋଠରୀଗୁଡ଼ିକ ସୁଉଚ୍ଚ ଓ ସେଥିରେ ଜଣେ ଲୋକ ସିଧା ଠିଆହୋଇ ପାରିବା ଭଳି ଏବଂ ଛାତଟି ଖିଲାଣଭଳି ହୋଇଛି । ପଛରେ ଥିବା ଛୋଟ କୋଠରୀଗୁଡ଼ିକ ବର୍ତ୍ତମାନ ଗୋଟିଏ ଘର ହୋଇଛି ଏବଂ ସେଗୁଡ଼ିକର ବାହାର ପାଖର ସମନା ଅଂଶରେ କୌଣସି କମକୁଟ ହୋଇନାହିଁ ।

## ମପୁରୀ ଓ ସ୍ୱର୍ଗପୁରୀ ଗୁମ୍ଫା

ଏହି ଗୁମ୍ଫାଟି ଦ୍ୱିତଳ ବିଶିଷ୍ଟ ଅଟେ । ଏହାର ତଳ ମହାଲାକୁ ମପୁରୀ ଓ ଉପର ମହାଲାକୁ ସ୍ୱର୍ଗପୁରୀ କୁହାଯାଇଥାଏ । ତଳ ମହଲା ଦୁଇ ପାର୍ଶ୍ୱରେ ଥିବା ଚାରୋଟି ଛୋଟ କୋଠରୀକୁ ନେଇ ଗଠିତ । ପ୍ରଧାନ-ପର୍ଶ୍ୱରେ ତିନୋଟି ଛୋଟ କୋଠାରୀ ଏବଂ ଏକ ଛୋଟ ପଛ-କୋଠରୀ ରହିଛି । ଉଭୟ ପାର୍ଶ୍ୱକୁ ଅସ୍ତ୍ରଧରି ଦ୍ୱାରାପାଳମାନେ ଜଗିଛନ୍ତି । ପ୍ରଧାନ-ପାର୍ଶ୍ୱରେ ଥିବା ବାମ ଦ୍ୱାର ରକ୍ଷକ ପଗଡ଼ି, ଧୋତି, ଚଦର ଓ ଭାରୀ କାନ ଅଳଙ୍କାର ପରିହିତ ହୋଇ ଖୋଲା ପାଦରେ ଥିବା ଦେଖାଯାଏ । ତାର ବାମ ପାର୍ଶ୍ୱରେ ଏକ ଲମ୍ବ ଖଡ୍‌ଗ ଝୁଲୁଥିବା ଦେଖିବାକୁ ମିଳେ । ଦ୍ୱାରଗୁଡ଼ିକ କାନ୍ଥକୁ ଲାଗିଥିବା ଖୁ□ଯୁକ୍ତ ଓ ସେଗୁଡ଼ିକ ମୂଳରେ ପୂର୍ଣ୍ଣକୁମ୍ଭ ଓ ମସ୍ତକରେ ଶ୍ରୀବତ୍ସ ବା ନନ୍ଦିପଦ ସଂଯୋଜିତ ହୋଇଥିବା ଦେଖାଯାଏ । ଖିଲାଣଗୁଡ଼ିକ ବୃକ୍ଷଲତାର ହିଡ଼ାକୃତି ନମୂନାରେ ନିର୍ମିତ । ଦ୍ୱିତୀୟ ଓ ତୃତୀୟ ଦ୍ୱାର ମଧ୍ୟରେ ରହିଥିବା ସ୍ଥାନ ହିଡ଼ ଆକୃତିର ତଥା ଜୈନଧର୍ମ ସମ୍ବଳିତ ପ୍ରତୀକ ଦ୍ୱାରା ପ୍ରକାଶିତ ହୋଇଥିବା ଦେଖାଯାଏ । ଏହାର କେନ୍ଦ୍ର ସ୍ଥଳରେ ଗୋଟିଏ ଉଚ୍ଚ ପୀଢ଼ା ଉପରେ ଏକ ଛତି ତଳେ ପୂଜା ପାଉଥିବା ବସ୍ତୁଟିଏ ରହିଛି ଏବଂ ଏହାର ଉଭୟ ପାର୍ଶ୍ୱରେ ଆଣ୍ଠୁମାଡ଼ି ବସିଥିବା ପ୍ରତିମା ସବୁ ଦେଖାଯାନ୍ତି । ଏହାର ଡାହାଣ ପଟକୁ ଗୋଟିଏ ଚାରିଜଣିଆ ଦଳ ହାତଯୋଡ଼ି ଠିଆ ହୋଇଥିବା ଏବଂ ଆହୁରି ଡାହାଣ ପଟକୁ ଗୋଟିଏ ହାତୀ ଠିଆ ହୋଇଥିବା ଦେଖାଯାଏ । ବାମ ପଟରୁ ଦ୍ୱିତୀୟ ପ୍ରତିମାଟି ମୁଣ୍ଡରେ ଏକ ମୁକୁଟ ପିନ୍ଧିଥିବା ହେତୁ ତାକୁ ରାଜା ରୂପେ ଚିହ୍ନଟ କରାଯାଇପାରେ । ସମସ୍ତ ପ୍ରତିମା ଧୋତି, ଚଦର ଓ ଭାରୀ କୁଣ୍ଡଳ ପିନ୍ଧିଥିବା ଦେଖାଯାନ୍ତି । ପ୍ରତିମାମାନଙ୍କ ଉପରିଭଗରେ ସୂର୍ଯ୍ୟଙ୍କର ଏକ ପ୍ରତୀକ, ବାଦ୍ୟଯନ୍ତ୍ର ଧରି ଉଡୁଥିବା ଉପରେ ଦୁଇଟି ଗନ୍ଧର୍ବ ଏବଂ ଏକ ଅମ୍ବରଚର ବିଦ୍ୟାଧର ପୂଜା ପାଇଥିବା ସେହି ଦ୍ରବ୍ୟଟି ଆଡକୁ ଏକ ଡାଲାରୁ ପୁଷ୍ପବୃଷ୍ଟି କରିବା ଢ଼ଙ୍ଗରେ ପ୍ରଖ୍ୟାପିତ ହୋଇଥିବା ପରିଦୃଷ୍ଟ ହୁଏ ।

ତୃତୀୟ ଓ ଚତୁର୍ଥ ଖିଲାଣର ମଧ୍ୟବର୍ତ୍ତୀ ଅଂଶରେ ଛାତର ଉପରି ଅଂଶ ଆଡକୁ ଗୋଟିଏ ଅଭିଲେଖ ରହିଛି । ଗୁହାଟି ଖାରବେଳଙ୍କ ଉତ୍ତରାଧିକାରୀ ରାଜା କୁଦେପଶିରି (କନ୍ଦର୍ପଶ୍ରୀ) ଅଥବା କଳିଙ୍ଗର ମହାମେଘବାହନ ବଂଶୀୟ ବକ୍ରଦେବଙ୍କ ଦାନ ରୂପେ ଉଲ୍ଲେଖ ଥିବା ଉପଲବ୍ଧ ହୁଏ । ସେଥିରେ ମଧ୍ୟ ବାରଣ୍ଡାର ଡାହାଣ ପଟକୁ ତଥା ଗୁହା ଛାତର ନିମ୍ନାଂଶରେ ରାଜକୁମାର ବଡୁଖଙ୍କ ଦ୍ୱାରା ପ୍ରଦତ୍ ଅନ୍ୟ ଏକ ଅଭିଲେଖ ଉତ୍କୀର୍ଣ୍ଣ ହୋଇଥିବା ଦେଖାଯାଏ । ବାମ ପାଖ ଛୋଟ କୋଠରୀଟିକୁ ଦାନ କରିଥିବା ବ୍ୟକ୍ତି ଅଭିଲେଖଟି ଭଗ୍ନ ଥିବା ହେତୁ ଅଜ୍ଞ ରହିଛନ୍ତି । ସେହି ଖଣ୍ଡିତ ଅଭିଲେଖଟି ବାହାର ପାଖର ସମ୍ମୁଖ ଭାଗରେ ରହିଥିବା ଦେଖାଯାଏ ।

ଡ଼ାହାଣ ପାର୍ଶ୍ୱଟିରେ ମାତ୍ର ଗୋଟିଏ କ୍ଷୁଦ୍ର କୋଠରୀ ରହିଛି । ଏହାର ବାରଣ୍ଡାଟି କାନ୍ଥ ସଂଲଗ୍ନ ଦୁଇଟି ଖୁ□ ଓ

ଗୋଟିଏ ଖମ୍ବ ଉପରେ ତିଷ୍ଠି ରହିଛି ।

ଉପର ମହାଲାଟି ପଛପାଖକୁ ରହିଥିବା ଏକ ଲମ୍ବ ଅଥଚ କ୍ଷୁଦ୍ର କୋଠରୀ ଅଟେ । ଏହାର ଛାତ ଅନୁଚ୍ଛ । ସେଥିରେ ତିନୋଟି ଦରଜା, ଗୋଟିଏ ପ୍ରବେଶ ପଥ ଥିବା କ୍ଷୁଦ୍ରକାୟ ପାର୍ଶ୍ୱସ୍ଥ କୋଠରୀ ଏବଂ ଆଗକୁ ଉଚ୍ଚ ହୋଇଥିବା ଏକ ବାରଣ୍ଡା ରହିଛି । ଦ୍ୱାରାଗୁଡ଼ିକ କାନ୍ଥକୁ ଲାଗିଥିବା ଖୁ଼ ଦ୍ୱାରା ଅଳଙ୍କୃତ । ସେଗୁଡ଼ିକର ମସ୍ତକ ପକ୍ଷୀଯୁକ୍ତ ପ୍ରାଣୀ ଏବଂ ଖିଲାଣଗୁଡ଼ିକ ମଗର ମୁଖରୁ ନିର୍ଗତ ବୃକ୍ଷଲତାର ନମୂନା ଦ୍ୱାରା ପୂର୍ଣ୍ଣ ହୋଇଥିବା ଦେଖାଯାଏ । ଗୁହାଟି ତିନିଧାଡ଼ିରେ ଏକ ଅଭିଲେଖ ହେତୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଶିଳାଲେଖଟି ବାହାର ଅଂଶର ସାମନା ପଟକୁ ଦ୍ୱିତୀୟ ଓ ତୃତୀୟ ଖିଲାଣ ମଧ୍ୟରେ ରହିଛି । ସେଥିରେ ଉଲ୍ଲେଖ ଅଛି ଯେ ଗୁମ୍ଫାଟି ଖାରବେଳଙ୍କ ପଟ୍ଟମହିଷୀଙ୍କ ଦ୍ୱାରା ପ୍ରଦତ୍ତ ।

## ଗଣେଶ ଗୁମ୍ଫା

ଗୁମ୍ଫାଟିରେ ଗୋଟିଏ ଗଣେଶ ମୂର୍ତ୍ତି ଖୋଦିତ ହୋଇଥିବାରୁ ତାହାର ନାମ 'ଗଣେଶ ଗୁମ୍ଫା' ହୋଇଛି । ଗୁମ୍ଫାର ଡାହାଣ ପାଖରେ ଥିବା ଛୋଟ କୋଠରୀଟିକୁ ପଛକୁ ଏହି ପ୍ରତିମାଟି ଖୋଦିତ । ଏଥିରେ ଦୁଇଟି ଛୋଟ କୋଠରୀ, ଅନୁଚ୍ଚ ଛାତ ଏବଂ ଆଗକୁ ଏକ ଉଚ୍ଚ ବାରଣ୍ଡା ତହିଛି । ଡାହାଣ ପାଖ ଛୋଟ କୋଠରୀର ପ୍ରବେଶ ପଥରେ ଉଭୟ ପାର୍ଶ୍ୱକୁ ଦୁଇଟି ଅଲଗା ଅଲଗା ହାତୀ ଏକ ପଦ୍ମଫୁଲ ଉପରେ ଆମ୍ବ ଡାଳମାନ ଧରିଥିବା ଦେଖାଯାଏ । ବାମ କାନ୍ଥ ସଂଯୁକ୍ତ ଖୁ଼ର ଆଗ ପାଖରେ ଏକ ପଗଡ଼ି ପିନ୍ଧିଥିବା ଜଗୁଆଳି ଖୋଦିତ ହୋଇଛି । ସେ ଧୋତି, ଚଦର, କୁଣ୍ଡଳ ବିଭୂଷିତ ହୋଇ ଡାହାଣ ହାତରେ ଏକ ବର୍ଚ୍ଛା ଧରିଥିବା ଦେଖିବାକୁ ମିଳେ । ତାର ମୁଣ୍ଡ ଉପରକୁ ଶୋଇଥିବା ଏକ ଷଣ୍ଢ ଖୋଦିତ ହୋଇଛି । ଖମ୍ବ ଉପରେ ଥିବା ବେଠିଆସବୁରେ ଦଣ୍ଡାୟମାନ ପ୍ରତିମା ସବୁ ହିଡ଼ ଆକାରରେ ଉତ୍‌କୀର୍ଣ୍ଣ ହୋଇଛନ୍ତି । ସେମାନେ ହାତରେ ଫୁଲ, ଗଡୁ ଓ ଡାଲାସବୁ ଧରିଥିବା ଦେଖାଯାନ୍ତି ।

ପ୍ରତ୍ୟେକ ଛୋଟ ବଖରାଟିରେ ଦୁଇଟି ଲେଖାଏଁ ଦ୍ୱାର ରହିଛି । ସେଗୁଡ଼ିକର ଦ୍ୱାରବନ୍ଧ ଗଡ଼ାଣିଆ ଓ କାନ୍ଥ ଖୁ଼ଗୁଡ଼ିକର ମସ୍ତକରେ ପ୍ରାଣୀମାନଙ୍କ ପ୍ରଖ୍ୟାପନ ଦେଖାଯାଏ । ଏହି ପ୍ରାଣୀମାନେ କାନ୍ଥରୁ ବାହାରି ଆସିଥିବା ବେଠିଆ ଉପରେ ବସିଥିବା ଦେଖିବାକୁ ମିଳେ । ଖିଲାଣଗୁଡିକ ମଗର ମୁହଁରୁ ବାହାରି ଆସୁଥିବା ଲତାଦ୍ୱାରା ଅଳଙ୍କୃତ ଏବଂ ସେମାନଙ୍କ ମଧ୍ୟ ସ୍ଥଳରେ ଉପର ଆଡ଼କୁ ନନ୍ଦିପଦ ଓ ଶ୍ରୀବତ୍ସର ପ୍ରଖ୍ୟାପନ ହୋଇଥିବା ଦେଖାଯାଏ ।

ପ୍ରଥମ ଓ ଦ୍ୱିତୀୟ ଏବଂ ତୃତୀୟ ଓ ଚତୁର୍ଥ ଦ୍ୱାର ମଧ୍ୟରେ ଥିବା ସ୍ଥାନଗୁଡ଼ିକରେ ଦୁଇଟି ଦୃଶ୍ୟର ସଂଯୋଜନା ହୋଇଛି । ବାମ ପାର୍ଶ୍ୱର ଦୃଶ୍ୟଟି ପୂର୍ବରୁ ଆଲୋଚିତ ହୋଇଥିବା ରାଣୀଗୁମ୍ଫା ଉପର ମହଲାସ୍ଥ ବାହାର ଅଂଶର ସମ୍ମୁଖ ଭାଗରେ ଉତ୍କୀର୍ଣ୍ଣ ଅପହରଣ ଦୃଶ୍ୟର ପୁନରାବୃତ୍ତି ଅଟେ । ଦ୍ୱିତୀୟ ଦୃଶ୍ୟଟି ସମ୍ଭବତଃ ଉଜ୍ଜୟିନୀର ରାଜକୁମାରୀ ବାସବଦତ୍ତାଙ୍କର କୌଶାମ୍ବୀ ରାଜ ଉଦୟନ ଓ ତାଙ୍କର ବନ୍ଧୁ ବସନ୍ତକଙ୍କ ସହିତ ପଳାୟନ ଘଟଣାକୁ ରୂପ ଦିଏ ।

ଛୋଟ କୋଠରୀଗୁଡ଼ିକର ଚଟାଣ ପଛ ପାଖକୁ ଉଚ୍ଚ ହୋଇଥିବା ଦେଖାଯାଏ । ଦୁଇଟିଯାକ ଛୋଟ କୋଠରୀର ମଝି କାନ୍ଥ ଦେହରେ ଗୋଟିଏ କ୍ଷୁଦ୍ରକାୟ ଗବାକ୍ଷ ରହିଛି । ବାମ ପଟ କୋଠରୀରେ ଯୋଗ ମୁଦ୍ରାରେ ଆସୀନ ଏକ ତୀର୍ଥଙ୍କରଙ୍କ ଅପରିପକ୍ୱ ଅବୟବର ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ଡାହାଣ ପଟ କୋଠରୀଟିରେ ତାଙ୍କ ବାହନ ଉପରେ ବସିଥିବା ଗଣେଶଙ୍କର ଏକ ମୂର୍ତ୍ତି ରହିଛି । ଅଣେଶଙ୍କ ଡାହାଣ ପଟକୁ ଏକ ଅଭିଲେଖ ଥିବା ଦେଖାଯାଏ । ଅଭିଲେଖଟି ଅଷ୍ଟମ ନବମ ଶତାବ୍ଦୀର ଭୌମ ରାଜା ଶାନ୍ତିକର ଦେବଙ୍କ ରାଜତ୍ୱ କାଳରେ ଉତ୍କୀର୍ଣ୍ଣ ହୋଇଥିଲା ଏବଂ ସେଥିରୁ ନନ୍ନଟ୍ଟଙ୍କ ପୁତ୍ର ବୈଦ୍ୟ ଭିମଟ୍ଟଙ୍କ ପରିଚୟ ମିଳିଥାଏ ।

## ଜମ୍ୟେଶ୍ୱର ଗୁମ୍ଫା

ଏହି ଗୁମ୍ଫାଟିର ଛାତ ଅନୁଚ୍ଚ । ସେଥିରେ ଦୁଇଟି ଉନ୍ମୁକ୍ତ ସାଧା ଦ୍ୱାର ରହିଛି । ଗୁମ୍ଫାର ଆଗରେ ଗୋଟିଏ ଉଚ୍ଚ ବାରଣ୍ଡା ରହିଛି । ବାରଣ୍ଡାଟି ଗୋଟିଏ ଖମ୍ବ ଓ ଦୁଇଟି କାନ୍ଥ ସଂଲଗ୍ନ ଖୁ□ ଉପରେ ତିଷ୍ଠି ରହିଛି । ଡାହାଣ ପାଖ ଦ୍ୱାର ଉପରକୁ ତଥା ଛାତର ନିମ୍ନ ଅଂଶରେ ଗୋଟିଏ ଶିଳାଲେଖ ରହିଛି । ସେଥିରେ ମହାମଦଙ୍କ ପତ୍ନୀ ନକୀୟଙ୍କ ଗୁହା ବୋଲି ଉଲ୍ଲେଖ କରାଯାଇଛି ।

## ବାଘ ଗୁମ୍ଫା

ଏହି ଗୁହାଟିର ମୁଖ ବାଘର ମୁଣ୍ଡ ସଦୃଶ ହୋଇଥିବାରୁ ତାହାର ନାମ ବାଘ ଗୁମ୍ଫା ହୋଇଛି । ଏହା ଗୋଟିଏ ଛୋଟ ଗୁମ୍ଫା । ଏହାର ଦ୍ୱାରବନ୍ଧଗୁଡ଼ିକ ଭିତରଆଡ଼କୁ ଚେରେଛା ଏବଂ ସେଗୁଡ଼ିକର ଦୁଇପାଖରେ ଖୁ□ ରହିଛି । ଖୁ□ର ମୂଳରେ ଘଟ ଓ ମସ୍ତକରେ ହଳେ ହାତୀ ପଛକୁ ପଛ ଲଗାଇ ଏକ ଘ□ ସଦୃଶ ପଦ୍ମ ଉପରେ ବସିଥିବା ଦେଖାଯାଏ । ବାରଣ୍ଡାର ଡାହାଣପାଖ ଛାତରେ ଏକ ଝିଟିପିଟି ପ୍ରଖ୍ୟାପିତ । ବାହାର କାନ୍ଥରେ ଗୋଟିଏ ଅଭିଲେଖ ରହିଛି ଏବଂ ତହିଁରେ ଏକ ତ୍ରିକୋଣାକାର ପ୍ରତୀକ ଓ ଶେଷ ଆଡ଼କୁ ଏକ ସ୍ୱସ୍ତିକର ପ୍ରତୀକ ରହିଥିବା ଦେଖାଯାଏ । ଅଭିଲେଖଟିରୁ ଜଣାଯାଏ ଯେ ଗୁହାଟି ନଗର ବିଚାରକ ଅଭୂତିଙ୍କର ଅଟେ ।

## ସର୍ପ ଗୁମ୍ଫା

ଗୁହାଟିର ବାରଣ୍ଡା ଉପରକୁ ଥିବା ଛାତର ତଳ ଅଂଶ ଏକ ସର୍ପର ଅନୁକରଣରେ ଖୋଦିତ ହୋଇଥିବାରୁ ଗୁହାଟିକୁ ସର୍ପଗୁମ୍ଫା ରୂପେ ନାମିତ କରାଯାଇଛି । ଏହା ଗୋଟିଏ ଛୋଟ ଗୁହା ଏବଂ ଗୋଟିଏ ମୁଣ୍ଡଆ ପଥରରୁ ଖୋଦେଇ କରାଯାଇ ପ୍ରସ୍ତୁତ ହୋଇଛି । ଦ୍ୱାର ଓ ଦ୍ୱାରର ବାମ ବନ୍ଧ ଉପରେ ଦୁଇଟି ଅଭିଲେଖ ଥିବା ଦେଖାଯାଏ । ପ୍ରଥମ ଅଭିଲେଖଟି ଚୂଲକମ ଓ କୋଠଜୀ ନାମରେ ଦୁଇଜଣ ବ୍ୟକ୍ତଙ୍କୁ ଉଲ୍ଲେଖ କରିଥିବା ବେଳେ ଦ୍ୱିତୀୟ ଗୁହାଟି କମ୍ମ ଓ ହଳଖୀନଙ୍କ ଦାନ ରୂପେ ବ୍ୟକ୍ତ କରାଯାଇଛି ।

## ହାତୀ ଗୁମ୍ଫା

ଏଇଟି ଗୋଟିଏ ବୃହଦାକାର ଅସମଞ୍ଜସ ପ୍ରାକୃତିକ ଗୁମ୍ଫା ଅଟେ । ପରେ ଏହାକୁ ଏକ ଶିଳାଶ୍ରୟ ରୂପେ ପରିବର୍ଦ୍ଧିତ କରାଯାଇଛି । ଗୁହା ଉପରକୁ ପାହାଡ଼ ଧାରରେ ଖାରବେଳଙ୍କ ବିଖ୍ୟାତ ଶିଳାଲେଖ ଉତ୍କୀର୍ଣ୍ଣ ହୋଇଛି । ଭାସ୍କର୍ଯ୍ୟକାଳ ଦୃଷ୍ଟିରୁ ଗୁହାଟିର କୌଣସି ବୈଶିଷ୍ଟ୍ୟ ନାହିଁ ।

## ଧାନଘର ଗୁମ୍ଫା

ଏ ଗୋଟିଏ ଦୀର୍ଘ କୋଠରୀ ଏବଂ ତାର ଛାତ ଅନୁଚ୍ଚ । ଏଥିରେ ତିନୋଟି ଦ୍ୱାର ଓ ଗୋଟିଏ ଉଚ୍ଚ ବାରଣ୍ଡା ରହିଛି । ସେଥିରେ ଦୁଇଟି ଖମ୍ବ ଓ ଦୁଇଟି କାନ୍ଥ ସଂଲଗ୍ନ ଖୁ□ ରହିଛି । ବାମ କାନ୍ଥ ଖୁ□ର ଆଗକୁ ପଗଡ଼ି ପିନ୍ଧିଥିବା ଗୋଟିଏ ଜଗୁଆଳି ରହିଛି । ସେ ଧୋତି ଓ ଚଦର ପିନ୍ଧି ଦୁଇ ହାତରେ ଏକ ଲମ୍ବ ବାଡ଼ି ଧରିଥିବା ଦେଖାଯାଏ । ଡାହାଣ କାନ୍ଥଖୁ□ର ଚୂଳରେ ଥିବା ବେଠିଆ ଉପରେ ଏକ ସିଂହର ମୁହଁ ପାଖ ରହିଛି । ବେଠିଆଗୁଡ଼ିକରେ ଭିତରପାଖରେ ମଧୁପୁଷ୍ପକର ଲଟି ଓ ପଦ୍ମଫୁଲ ସବୁ ସ୍ମିତକାରରେ ପ୍ରଖ୍ୟାପିତ । ଦ୍ୱାରଗୁଡ଼ିକ ଦୁଇପାଖରେ ଦ୍ୱାରବନ୍ଧ ରହିତ ହେଲେ ସୁଦ୍ଧା ସେମାନଙ୍କ ଶୀର୍ଷରେ ଟିକାଠିଆ ସଦୃଶ ବେଠିଆମାନ ଖଞ୍ଜାଯାଇଛି । ସେଗୁଡ଼ିକ ଉପରେ ଲାଗିଥିବା ଘ□ ଆକାରର ପଦ୍ମ ପୃଷ୍ଠରେ ହଳେ ଲେଖାଏଁ ପ୍ରାଣୀ ଅବସ୍ଥାପିତ ହୋଇଛନ୍ତି ।

## ହରିଦାସ ଗୁମ୍ଫା

ଗୁମ୍ଫାଟି ଗତ ଶତାବ୍ଦୀରେ ଏହାକୁ ଅଧିକାର କରିଥିବା ଜଣେ ସାଧୁଙ୍କ ନାମରେ ନାମିତ ହୋଇଛି । ଗୁମ୍ଫାଟି ପ୍ରଶସ୍ତ ଓ ତାର ଛାତ ବକ୍ରାକାର । ଏହି ଗୁମ୍ଫା ଆଗରେ ଏକ ଉଚ୍ଚ ବାରଣ୍ଡା ଏବଂ ତାହା ଦୁଇଟି କାନ୍ଥଯୁକ୍ତ ଖୁ□ ଓ ଗୋଟିଏ ଖମ୍ବର ପଛକୁ ରହିଛି । ଗୁହାର ତିନୋଟି ତେରେଛା ଦ୍ୱାର ରହିଛି । ଏହାର ଆଗରେ ଏକ ଶିଳାଲେଖ ରହିଛି । ତହିଁରେ ଉଲ୍ଲେଖ ଅଛି ଯେ ଗୁମ୍ଫାଟି ଚୁଲକମ୍ମ ଓ କୋଠଜୀଙ୍କ ପ୍ରଦତ୍ । ସର୍ପାଗୁମ୍ଫାଟି ମଧ୍ୟ ଏହି ଦୁଇ ଦାତାଙ୍କ ଦ୍ୱାରା ପ୍ରଦତ୍ ହୋଇଥିବା ଜଣାଯାଏ ।

## ଜଗନ୍ନାଥ ଗୁମ୍ଫା

ଏହି ଗୁମ୍ଫାର ଭିତର କାନ୍ଥରେ ବହୁ ପରବର୍ତ୍ତୀ କାଳରେ ଅଙ୍କିତ ଜଗନ୍ନାଥଙ୍କ ଏକ ଛବି ରହିଛି । ସେଥିପାଇଁ ଗୁମ୍ଫାଟିର ନାମ ଜଗନ୍ନାଥ ଗୁମ୍ଫା ହୋଇଛି । ପଥର କଟାଯାଇ ପ୍ରସ୍ତୁତ ହୋଇଥିବା ଏହି କୋଠରୀଟି ସବୁଠାରୁ ଲମ୍ବ ଓ ପ୍ରଶସ୍ତ । ଏହାର ଚାରୋଟି ଦ୍ୱାର ଓ ତାହା ଆଗରେ ଉଚ୍ଚ ବାରଣ୍ଡାଟିଏ ରହିଛି । ବାରଣ୍ଡାରେ ଦୁଇଟି କାନ୍ଥଯୁକ୍ତ ଖୁ□ ଓ ତିନୋଟି ଖମ୍ବ ରହିଛି । ଖମ୍ବ ଓ କାନ୍ଥ-ଖୁ□ମାନଙ୍କ ଚୁଳରେ ପିଠିକୁ ପିଠି ଲଗାଇ ବସିଥିବା ମୃଗ, ପକ୍ଷୀଥିବା ମୂର୍ତ୍ତି, ପ୍ରାଣୀ, ମାଛ, ପକ୍ଷୀ ଇତ୍ୟାଦିଙ୍କ ପ୍ରତୀକ ଥିବା ଦେଖାଯାଏ । ବାହାରେ ଥିବା ଚାରୋଟି ବେଠିଆରେ ବସିଥିବା ଗଣ, ଫୁଲଡାଲା ଧରିଥିବା ବିଦ୍ୟାଧର, ମାଳା ଧରିଥିବା ଏକ ପକ୍ଷଯୁକ୍ତ କିନ୍ନର ଏବଂ ଠିଆ ହୋଇଥିବା ଏକ ଗଣର ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ଗୁହାଟିରେ ତିନୋଟି ଠଣା ରହିଛି ଏବଂ ସେଗୁଡିକ ଦୀପ ରଖିବାପାଇଁ ଉଦ୍ଦିଷ୍ଟ ଅଟେ । ଏହି ଠଣା ମଧ୍ୟରୁ ଦୁଇଟି ଘର ଭିତର କାନ୍ଥରେ ଓ ଅନ୍ୟଟି ବାହାର ବାରଣ୍ଡା ଖୁ□ ଦେହରେ ଥିବା ଦେଖାଯାଏ । ସମ୍ଭବତଃ ଏଗୁଡ଼ିକ ପରବର୍ତ୍ତୀ କାଳରେ ସଂଯୋଜିତ ହୋଇଛି ।

## ରୋଷଇ ଗୁମ୍ଫା

ଏଇଟି ଗୋଟିଏ ଆବାସ ଯୋଗ୍ୟ କ୍ଷୁଦ୍ର କୋଠରୀ । ସେଥିରେ ଏକ ସରୁ ଖମ୍ବଯୁକ୍ତ ବାରଣ୍ଡା ରହିଛି । କୋଠରୀଟିକୁ ଏକ ରୋଷେଇଘରକୁ ପରିବର୍ତ୍ତିତ କରାଯାଇଥିବା ହେତୁ ତାହାରନାମ ରୋଷେଇଗୁମ୍ଫା ହୋଇଛି । ଜଗନ୍ନାଥ-ଗୁମ୍ଫାର ଜଗନ୍ନଥଙ୍କ ଛବିର ପୂଜା ପ୍ରଚଳିତ ହେବା ପରେ ଏହା ରୋଷେଇଶାଳ ରୂପେ ବ୍ୟବହାର କରାଯାଉଛି ।

## ଖଣ୍ଡଗିରିର ଗୁମ୍ଫା

ଉଦୟଗିରି ନିକଟରେ ଖଣ୍ଡଗିରି ରହିଛି । ସେଥିରେ ସର୍ବମୋଟ ପନ୍ଦରଟି ଗୁମ୍ଫା ଥିବା ଦେଖାଯାଏ । ଉଦୟଗିରି ପାହାଡ଼ର ଗୁମ୍ଫାଗୁଡ଼ିକ ଭଳି ସେଗୁଡ଼ିକ ମଧ୍ୟ ସ୍ଥାନୀୟ ନାମକରଣ ହୋଇଛି । ଏଗୁଡ଼ିକ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏକରୁ ପନ୍ଦର ପର୍ଯ୍ୟନ୍ତ ଅଙ୍କରେ ଗଣନା କରିଛନ୍ତି ।

## ତତୁଆ ଗୁମ୍ଫା (ନଂ-୧)

ଏଥିରେ ଦୁଇଟି ଗୁହା ରହିଛି । ସେଗୁଡ଼ିକ ତତୁଆ ଗୁମ୍ଫା ନାମରେ ନାମିତ । ଦ୍ୱାର ନିକଟସ୍ଥ ଖିଲାଣ ଦେହରେ ଦୁଇଟି ଶୁଆଙ୍କ ମୂର୍ତ୍ତି ଖୋଦିତ ହୋଇଥିବା ହେତୁ ସେଗୁଡ଼ିକର ଏପରି ନାମକରଣ କରାଯାଇଛି । ପ୍ରଥମଟି ଏକ ଅନୁଚ୍ଚ ଛୋଟ କୋଠରୀ ଏବଂ ତହିଁରେ ଦୁଇଟି ଦ୍ୱାର ରହିଛି । ଏହାର ଆଗକୁ ଏକ ଉଚ୍ଚ ବାରଣ୍ଡା ରହିଛି । ବାରଣ୍ଡାର ଛାତ ଗୋଟିଏ ଖୁ□ରେ ଟେକି ହୋଇ ରହିଛି । ଖୁ□ର ଭିତରେ ପାଖରେ ଗୋଟିଏ ବେଠିଆ ରହିଛି ଏବଂ ତାହା ପଦ୍ମ, ମଧୁବ୍ରତତୀ ଓ ଚାରିଦିଗକୁ ପତ୍ରଭଳି ମେଲିଥିବା ଫାଶର ସ୍ୱସ୍ତିକାର କାରୁକାର୍ଯ୍ୟରେ ମଣ୍ଡିତ ଅଟେ । ଗୁହାର ପ୍ରବେଶ ପଥର ଦୁଇଜଣ

ଦ୍ୱାରପାଳ ଧୋତି ଚାଦର ପରିହିତ ହୋଇ ଖଡ୍ଗ ଧରି ରହିଥିବା ଦେଖାଯାନ୍ତି । ସେଠାରେ ଦୁଇଟି ଦ୍ୱାର ଓ ତା ଦୁଇ କଡ଼କୁ ଦୁଇଟି କାନ୍ଥଯୁକ୍ତ ଖୁ□ ରହିଛି । ସେହି ଖୁ□ଗୁଡ଼ିକ ଉପରେ ହଳେ ଷଣ୍ଢ ଡାହାଣ ଦ୍ୱାର ପାଖକୁ ଏବଂ ହଳେ ସିଂହ ବାମ ଦ୍ୱାର ପଟକୁ ସ୍ଥାପିତ ହୋଇଛନ୍ତି । ଖୁ□ର ଉପରିଭାଗରୁ ମକର-ତୋରଣମାନ ବାହାରିଅଛି । ସେଥିରୁ ଗୋଟିଏ ଲତା ଏବଂ ଅନ୍ୟଟି ପଦ୍ମର ସ୍ତିତୀକୃତ ଅଳଙ୍କରଣରେ ନିର୍ଭିତ । ଖିଲାଣମାନଙ୍କ ମଧ୍ୟସ୍ଥଳରେ ଏକ ଛୋଟ ଅଭିଲେଖ ରହିଛି । ସେଥିରେ ଉଲ୍ଲେଖ ଅଛି ଯେ ଗୁହାଟି ପଦମୁଳିକର ଅଧିବାସୀ କୁସୁମଙ୍କର ।

## ତତୁଆ ଗୁମ୍ଫା (ନଂ-୨)

ଏହି ଗୁମ୍ଫାଟି ନଂ ୧ର ତତୁଆ ଗୁମ୍ଫାର ଅନୁରୂପ; ମାତ୍ର ଅଧିକ ପ୍ରଶସ୍ତ ଏବଂ ଅଧିକ ଆଳଙ୍କାରିକ ଅଟେ । ଏହାର ଛାତ ସୁଉଚ୍ଚ ତଥା ଅଳଙ୍କୃତ । ଗୁମ୍ଫାଟିରେ ତିନୋଟି ଦ୍ୱାର ଏବଂ ସେଗୁଡ଼ିକ ଖିଲାଣ ଓ କାନ୍ଥର ଖୁ□ଯୁକ୍ତ ଅଟନ୍ତି । ଖୁ□ଗୁଡ଼ିକ ଖୋଦିତ ଘଟ ଉପରେ ସ୍ଥାପିତ ଏବଂ ସେଗୁଡ଼ିକର ଉପରିଭାଗରେ ପ୍ରାଣୀମାନଙ୍କ ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ସେଥିରେ ବାମପଟ ଦ୍ୱାରରେ ହଳେ ସିଂହ, ମଝି ଦ୍ୱାରରେ ଚାରୋଟି ହାତୀଙ୍କ ଏକ ଦଳ ଏବଂ ଡାହାଣ ପଟ ଦ୍ୱାରରେ ହଳେ ବୃଷଭଙ୍କ ସଂଯୋଜନା ହୋଇଥିବା ଦେଖିବାକୁ ମିଳେ । ଖିଲାଣଗୁଡ଼ିକର ଡାହାଣପଟ ଧାଡ଼ିଏ ପଦ୍ମଯୁକ୍ତ ମଧୁଲତିକା, କପୋତ ଓ ଶୁଆ ଦ୍ୱାରା ଏବଂ ବାମପଟ ହଳେ ହରିଣଙ୍କ ଦ୍ୱାରା ଅଳଙ୍କୃତ । ଛାତକୁ ଟେକି ଧରିଥିବା ଖୋଦିତ ବେଠିଆମାନ ବିଭିନ୍ନ ନମୂନାର ସ୍ତିତୀକୃତ ଅଳଙ୍କରଣ ଦ୍ୱାରା ପ୍ରକାଶିତ । ନମୂନାଗୁଡିକ ମଧ୍ୟରେ ମଧୁ ଲତିକା ଓ ପଦ୍ମ ଏକାନ୍ତର ଭାବରେ, ସଙ୍ଗୀତଜ୍ଞଙ୍କ ଆସରରେ ଏକ ନର୍ତ୍ତକୀ ଏବଂ ଫୁଲଡାଲା ଧରିଥିବା ଏକ ପୂଜାରିଣୀଙ୍କ ରୂପ ଦ୍ୱାରା ମଣ୍ଡିତ ହୋଇଥିବା ଦେଖାଯାଏ । ଗୁହାଟିର ପଛ କାନ୍ଥ ଲାଲ ରଙ୍ଗରେ ଚିତ୍ରିତ ଏବଂ ତହିଁରେ ଖ୍ରୀ:ପୂ: ପ୍ରଥମ ଶତକରୁ ଖ୍ରୀଷ୍ଟୀୟ ଷଷ୍ଠ ଶତକ ମଧ୍ୟରେ ବିକଶିତ ବ୍ରାହ୍ମୀ ଅକ୍ଷରମାନ ଦୃଷ୍ଟିଗୋଚର ହୋଇଥାଏ ।

## ଅନନ୍ତ ଗୁମ୍ଫା

ଏହି ଗୁହାଟିର ଦ୍ୱାରରେ ଥିବା ଖିଲାଣ ଦେହରେ ସର୍ପ ଯୁଗଳଙ୍କ ପ୍ରତିମା ରହିଥିବା ହେତୁ ତାକୁ ଅନନ୍ତ ଗୁମ୍ଫା ନାମରେ ନାମିତ କରାଯାଇଛି । ଏହା ତତୁଆ ଗୁମ୍ଫାର ନକ୍ସା ଅନୁରୂପ ଅଟେ । ମାତ୍ର ସ୍ତିତାକାର କାରୁକଳାପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ଗୁହାର ଏକ ଉଚ୍ଚ ତଥା ବର୍ତ୍ତୁଳ ଛାତ ରହିଛି । ଗୁଡାଟିର ପଛପାଖ କାନ୍ଥରେ ପାହ୍ୱାଆ ବେଦୀରେ ଏକ ନନ୍ଦିପଦ ଖୋଦିତ । ଏହାର ଉଭୟ ପାର୍ଶ୍ୱରେ ତିନୋଟି କରି ପ୍ରତୀକ ରହିଥିବା ଦେଖାଯାଏ । ସେଗୁଡ଼ିକ ତ୍ରିଭୁଜ ମସ୍ତକ, ଶ୍ରୀବସ୍ତ ଓ ସ୍ୱସ୍ତିକ ଅଟନ୍ତି । ସେଗୁଡ଼ିକର ତଳ ଅଂଶରେ ଏକ (ଅର୍ଦ୍ଧ-ଖୋଦିତ) ତୀର୍ଥଙ୍କର ମଧ୍ୟଯୁଗରେ ଖୋଦିତ ହୋଇଥିବା ଦେଖାଯାନ୍ତି ।

ଚାରୋଟିଯାକ ଦ୍ୱାରରେ ପ୍ରତ୍ୟେକର ଉଭୟ ପାର୍ଶ୍ୱରେ କାନ୍ଥ ଖୁ□ ରହିଛି । ଖୁ□ଗୁଡ଼ିକ ଉପରି ଭାଗରେ ଶ୍ରୀବସ୍ତ ଅଥବା ନନ୍ଦିପଦ ଶୋଭାପାଉଛି । ସେଗୁଡ଼ିକର ମୂଳରେ ଘଟ ଓ ଚୂଳରେ ବୃଷଭ ଓ ସିଂହ ଆଦି ଦଳେ ପଶୁଙ୍କ ପ୍ରଖ୍ୟାପନ ଦେଖାଯାଏ । ଖିଲାଣଗୁଡ଼ିକର ବାହାରପଟ ଖୋଦନ କଳାରେ ମଣ୍ଡିତ । ସେଥିରୁ ଗୋଟିକରେ ପିଲାମାନେ ବୃଷଭ ଓ ସିଂହ ପ୍ରଭୃତି ପଶୁମାନଙ୍କ ଧରିବାକୁ ଉଦ୍ୟମରତ ଥିବା ଜଣାଯାଏ । ଅନ୍ୟଟିରେ ଚାରୋଟି ରାଜହଂସୀ ଦୁଇ ଦଳରେ ବିଭକ୍ତ ହୋଇ ଦୁଇ ପାଖରୁ ଯାତ୍ରା କରୁଥିବା ଦୃଶ୍ୟମାନ ।

ଦ୍ୱାରର ଉପର ବନ୍ଧ ଓ ଖିଲାଣ ଅଭ୍ୟନ୍ତରରେ ଥିବା ସ୍ଥାନରେ ପ୍ରଦତ୍ ପ୍ରତୀକଗୁଡ଼ିକ ମଧ୍ୟରେ ପ୍ରଥମଟି ଏକ ରାଜକୀୟ ହସ୍ତର ସମ୍ମୁଖଭାଗ ଏବଂ ତାର ପରିଚର୍ଯ୍ୟାରେ ନିଯୁକ୍ତ କ୍ଷୁଦ୍ରକାୟ ହାତୀମାନଙ୍କ ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ଦ୍ୱିତୀୟଟିରେ ସୂର୍ଯ୍ୟଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ସେ ଏକ ଭାରୀ କୁଣ୍ଡଳ, ପଗଡି, ହାର ଓ କଙ୍କଣ ପରିଧାନ କରି ଏକ ଛତ୍ର ତଳେ ଅବତୀର୍ଣ୍ଣ ହୋଇଛନ୍ତି । ତାଙ୍କର ଏକ ପାର୍ଶ୍ୱରେ ଚାମର ଧରିଥିବା ଓ ଅନ୍ୟ ପାର୍ଶ୍ୱରେ ଚାରିଗୋଟି

ଚତୁଘୋଡ଼ାଙ୍କ ଦ୍ୱାରା ଟଣାଯାଉଥିବା ରଥକୁ ଚଳାଉଥିବା ନାରୀଙ୍କ ଗହଣରେ ସେ ରହିଥିବା ଦେଖିବାକୁ ମିଳନ୍ତି । ସେମାନଙ୍କ ଉପରକୁ ସୂର୍ଯ୍ୟ ଓ ତାରକା ପରିବେଷ୍ଟିତ ଚନ୍ଦ୍ରଙ୍କର ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ରଥର ଡାହାଣ ଚକ ନିକଟରେ ଏକ ପରିଦୃଷ୍ଟ ହୁଏ । ସେ ଏକ ଗଡୁ ଓ ପତାକା ଧରିଥିବା ଦେଖିବାକୁ ମିଳେ । ତା'ପରେ ଦୃଶ୍ୟରେ ଲକ୍ଷ୍ମୀଦେବୀ ହ୍ରଦ ମଧ୍ୟରେ ଏକ ପଦ୍ମ ଉପରେ ବସିଥିବା ଓ ତାଙ୍କ ପଦ୍ମ ଉପରେ ଠିଆ ହୋଇଥିବା ଦୁଇଟି ହାତୀ କଳସୀରେ ଜଳ ନେଇ ଦୁଇ ପାଖରୁ ସ୍ନାନ କରାଉଥିବା ପ୍ରଖ୍ୟାପିତ ହୋଇଛି । ଚତୁର୍ଥଟିରେ ଏକ ପବିତ୍ର ବୃକ୍ଷ (ଅଶ୍ୱ□?) ଏକ ଛତ୍ର ତଳେ ଦୃଷ୍ଟିଗୋଚର ହୁଏ । ତାହାକୁ ଜଣେ ସ୍ତ୍ରୀଲୋକ ଗୋଟିଏ ପଦ୍ମ ଅର୍ପଣ କରି ପୂଜା କରୁଥିବା ଦେଖାଯାଏ । ତା ନିକଟରେ ଜଣେ ପୁରୁଷ ଯୋଡ଼ହସ୍ତ ହୋଇଠିଆ ହୋଇଥିବା ପରିଦୃଷ୍ଟ ହୁଏ । ଦୁଇଟି ବାମନ ମୂର୍ତ୍ତି ଭୋଗ ଡାଲା ଓ ଗଡୁଧରି ସେଠାରେ ଠିଆ ହୋଇଥିବା ଦେଖାଯାଏ ।

ବାମପଟ ଖୁ□ର ଉପରକୁ ଥିବା ବେଠିଆର ଭିତର ପାଖରେ ଗୋଟିଏ ବାମନ ଏକ ହାତୀକୁ ଟେକି ଧରିଥିବା ଦେଖାଯାଏ । ଡାହାଣ ପାଖରେ ହାତୀଟିଏ ପଦ୍ମ ଉପରେ ଠିଆ ହୋଇଥିବା ଲକ୍ଷ୍ୟ କରାଯାଏ । ବାହାରପଟ ବେଠିଆର ଉପର ଅଂଶରେ ପୃଥୁଳୋଦର ରାକ୍ଷସ ଆକାରରେ ଲମ୍ବା କାନ ଥିବା ଗଣମାନଙ୍କ ସନ୍ନିବେଶ ହୋଇଥିବା ଦେଖାଯାଏ । ଭାସ୍କର୍ଯ୍ୟଟିର ବାହାର ପାଖରେ ଗୋଟିଏ ଅଭିଲେଖ ରହିଛି । ସେଥିରେ ଉଲ୍ଲେଖ ଅଛି ଯେ ଏହି ଗୁହାଟି ସନ୍ୟାସୀ ଦୋହଦଙ୍କର ।

## ତେନ୍ତୁଳି ଗୁମ୍ଫା

ଅତୀତରେ ଗୁମ୍ଫାଟି ପାଖରେ ଗୋଟିଏ ତେନ୍ତୁଳିଗଛ ଥିବା ହେତୁ ତାହା ଏପରି ନାମିତ ହୋଇଛି । ଏଥିରେ ଗୋଟିଏ ମାତ୍ର କ୍ଷୁଦ୍ର କୋଠରୀ ଏବଂ ସେଥିରେ ଦୁଇଟି ଦ୍ୱାର ରହିଛି । ଏହା ସାଧାରଣ ଭାବରେ ଗୋଟିଏ ଖମ୍ବ ସହିତ ଏକ ଉଚ୍ଚ ବାରଣ୍ଡାଯୁକ୍ତ ହୋଇଥିବା ଦେଖାଯାଏ । କାନ୍ଥ-ଖୁ□ମାନଙ୍କ ମୂଳ ସାଧା ଓ ଘଟଯୁକ୍ତ ଓ ଚୂଳ ଦୁଇ ଦୁଇଟି ହାତୀ ଓ ସିଂହ-ଯୁକ୍ତ ହୋଇଛି । ଖମ୍ବରେ ଥିବା ଭିତର ପାଖ ବେଠିଆ ନାରୀମୂର୍ତ୍ତିମାନେ ଧରିଥିବା ପଦ୍ମ କଢ଼ର ସ୍ମିତାକାର ପ୍ରଖ୍ୟାପନ ଦ୍ୱାରା ପ୍ରକାଶିତ । କାନ୍ଥ-ଖୁ□ଗୁଡ଼ିକ ଅସମାପ୍ତ ଅଟନ୍ତି ।

## ଖଣ୍ଡଗିରି ଗୁମ୍ଫା

ଏହି ଗୁମ୍ଫାଟି ଫାଟିଯାଇ ଦୁଇଖଣ୍ଡ ହୋଇଥିବାରୁ ତାହାକୁ ଖଣ୍ଡଗିରି ଗୁମ୍ଫା ନାମରେ ନାମିତ କରାଯାଇଛି । ଏଥିରେ ଦୁଇଟି ସାଧା ଛୋଟ କୋଠରୀ ରହିଛନ୍ତି । ସେଗୁଡ଼ିକ ଗୋଟିଏ ଉପରେ ଅନ୍ୟଟି ଅବସ୍ଥିତ ଏବଂ ବିଶେଷ ଭାବରେ ନଷ୍ଟ ହୋଇଯାଇଛନ୍ତି ।

## ଧ୍ୟାନ ଗୁମ୍ଫା

ଧ୍ୟାନ ଗୁମ୍ଫାଟିକୁ ଶଂଖ ଗୁହା ମଧ୍ୟ କୁହାଯାଏ । ଏଠାରେ ଧ୍ୟାନ କରାଯାଉଥିବା ହେତୁ ତାହାର ଏପରି ନାମକରଣ ହୋଇଛି । ଗୁହାଟିରେ ଗୋଟିଏ ଅଭିଲେଖ ଶଙ୍ଖ ଲିପିରେ ବାମପଟ କାନ୍ଥରେ ଥିବା ହେତୁ ଏହାକୁ ଶଙ୍ଖ ଗୁମ୍ଫା ରୂପେ ବ୍ୟକ୍ତ କରାଯାଏ । ମୂଳରୁ ଗୁହାଟି ଦୁଇ ଗୋଟି ଖମ୍ବଯୁକ୍ତ ଏକ ବାରଣ୍ଡା ସହିତ ଥିଲା । ମାତ୍ର ଏବେ ଏହା ଆଗପଟ ମେଲାଥିବା ଗୋଟିଏ ପ୍ରଶସ୍ତ ଘର ଅଟେ ।

## ନବମୁନି ଗୁମ୍ଫା

ନଅଟି ତୀର୍ଥଙ୍କର ମୂର୍ତ୍ତି ଗୁହାଟିର ପଛ ଓ ଡାହାଣପଟ କାନ୍ଥରେ ଖୋଦିତ ହୋଇଥିବା ହେତୁ ଏହାର ନାମ ନବମୁନି

ଗୁମ୍ଫା ହୋଇଛି । ପୂର୍ବେ ଏହା ଦୁଇଟି କୋଠରୀ ସହ ଏକ ବାରଣ୍ଡାଯୁକ୍ତ ହୋଇ ରହିଥିଲା । ପରେ ଏହାକୁ ଏକ ପୂଜାସ୍ଥଳୀରେ ପରିଣତ କରାଯାଇଥିଲା । ସେଥିପାଇଁ ଏମାନଙ୍କ ମଝିରେ ଥିବା କାନ୍ଥଟିକୁ ଭଙ୍ଗାଯାଇଥିଲା ଏବଂ ଚଟାଣଟିକୁ ଖୋଲି ଗହିରିଆ କରାଯାଇଥିଲା । ବାରଣ୍ଡାର ଦୁଇଟିଯାକ ଖୁ□ ବର୍ତ୍ତମାନ ଅନ୍ତର୍ହିତ ହୋଇଛି ।

ଗୁହାଟିରେ ସର୍ବମୋଟ ପାଚୋଟି ଶିଳାଲେଖ ରହିଛି । ଗୋଟିଏ ଲେଖରେ ପାର୍ଶ୍ୱନାଥଙ୍କ ମୂର୍ତ୍ତି ତଳକୁ ଶ୍ରାବକିରୁବି ଲେଖାଯାଇଛି । ଅନ୍ୟ ତିନୋଟି ଲେଖ ଅବଶିଷ୍ଟ ରହିଥିବା ମଝି କାନ୍ଥରେ ଏବଂ ପମଟି ବାରଣ୍ଡାର ଭିତରପାଖ ବନ୍ଧ ଦେହରେ ରହିଥିବା ଦେଖାଯାଏ । ଉପର୍ଯ୍ୟୁକ୍ତ ତିନୋଟି ଅଭିଲେଖରୁ ଗୋଟିଏ ଶୁଭଚନ୍ଦ୍ରଙ୍କ ନାମ ଉଲ୍ଲେଖ କରିଥାଏ । ଅନ୍ୟ ଦୁଇଟି ବିଜୋ ଓ ଶ୍ରୀଧର ନାମରେ ଦୁଇଜଣ ଶିଷ୍ୟଙ୍କର ଉଲ୍ଲେଖ କରିଥାନ୍ତି । ପମ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିଳାଲେଖଟି କୁଳଚନ୍ଦ୍ରଙ୍କ ଶିଷ୍ୟ ଶୁଭଚନ୍ଦ୍ରଙ୍କ ନାମ ଉଲ୍ଲେଖ କରେ । ସେ ଉଦ୍ୟୋତ କେଶରୀଙ୍କ ଅଷ୍ଟାଦଶ ଅଙ୍କରେ ଆର୍ଯ୍ୟସଂଘ ଅନ୍ତର୍ଗତ ଦେଶିଗଣଙ୍କ ଆଚାର୍ଯ୍ୟ ଥିଲେ । ଉଦ୍ୟୋତକେଶରୀ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରେ ଓଡ଼ିଶାରେ ରାଜତ୍ୱ କରୁଥିବା ସୋମବଂଶୀ ଶାସକ ଥିଲେ ।

ଡାହାଣପଟ ଛୋଟ କୋଠରୀଟିର ପଛ କାନ୍ଥରେ ସାତୋଟି ତୀର୍ଥଙ୍କରଙ୍କ ମୂର୍ତ୍ତି ଖୋଳାଯାଇଥିବା ଦେଖିବାକୁ ମିଳେ । ସେମାନେ ଯଥାକ୍ରମେ ଋଷଭନାଥ, ଅଜିତନାଥ, ସମ୍ଭବନାଥ, ଅଭିନନ୍ଦନ, ବସୁପୂଜ୍ୟ, ପାର୍ଶ୍ୱନାଥ ଓ ନେମିନାଥ । ସମସ୍ତେ ଗୋଡ଼ ଉପରେ ଗୋଡ଼ ଛନ୍ଦି ଯୋଗ ମୁଦ୍ରାରେ ବସିଥିବା ଦେଖାଯାନ୍ତି । ସେମାନଙ୍କ ତଳକୁ ସେମାନଙ୍କ ଶାସନଦେବୀମାନେ ରହିଛନ୍ତି । ସେମାନେ ଯଥାକ୍ରମେ ଚକ୍ରେଶ୍ୱରୀ, ରୋହିଣୀ, ପ୍ରଜ୍ଞାପତି, ବଜ୍ର ଶୃଙ୍ଖଳା, ଗାନ୍ଧାରୀ, ପଦ୍ମାବତୀ ଓ ଆମ୍ରା ରୂପେ ଚିହ୍ନିତ ହୋଇଥାନ୍ତି । ଆମ୍ରାଙ୍କ ପରେ ଗଣେଶଙ୍କ ମୂର୍ତ୍ତିଟିଏ ମଧ୍ୟ ଖୋଦିତ ହୋଇଛି । ଦକ୍ଷିଣ କାନ୍ଥରେ ଦୁଇଟି ମୂର୍ତ୍ତିଙ୍କ ପ୍ରଖ୍ୟାପନ ହୋଇଥିବା ଦେଖାଯାଏ । ସେମାନଙ୍କ ମଧ୍ୟରୁ ଗୋଟିଏ ପାର୍ଶ୍ୱନାଥ ଓ ଅନ୍ୟଟି ଋଷଭନାଥ ଅଟନ୍ତି । ବାମ କାନ୍ଥରେ ଏକ ପଦ୍ମ ଉପରେ ବସିଥିବା ଚନ୍ଦ୍ରପ୍ରଭଙ୍କ ଛୋଟ ପ୍ରତିମାଟିଏ ରହିଥିବା ଦେଖାଯାଏ ।

## ବାରଭୁଜୀ ଗୁମ୍ଫା

ଗୁମ୍ଫାଟିର ପାର୍ଶ୍ୱସ୍ଥ କାନ୍ଥରେ ବାରଟି ହାତ (ବାର-ଭୁଜୀ) ଥିବା ଶାସନଦେବୀମାନଙ୍କ ମୂର୍ତ୍ତି ହେତୁ ତାହାର ଏହି ନାମକରଣ କରାଯାଇଛି । ଗୁହାଟି ଗୋଟିଏ ଦୀର୍ଘ କୋଠରୀ । ତାର ଛାତ ବର୍ତ୍ତୁଳ । ଗୋଟିଏ ଖମ୍ବଯୁକ୍ତ ବାରଣ୍ଡା କୋଠରୀଟିର ଆଗକୁ ରହିଛି । ସେଥିରେ ସର୍ବମୋଟ ପଚିଶଟି ତୀର୍ଥଙ୍କର ମୂର୍ତ୍ତି ତିନୋଟି କାନ୍ଥରେ ଥିବା ଦେଖାଯାନ୍ତି । ପାର୍ଶ୍ୱନାଥ ଦୁଇଥର ଅବସ୍ଥାପିତ ହୋଇଥିବା ଦେଖାଯାନ୍ତି । ଗୋଟିଏ ମୂର୍ତ୍ତି ଅନ୍ୟଟିଠାରୁ ବୃହତ୍ତର ଏବଂ ସେ ଗୋଟିଏ ଦ୍ୱିଦଳ ପଦ୍ମ ଉପରେ ଏକ ସପ୍ତଫେଣା ନାଗର ଛତ୍ରତଳେ ଲାଞ୍ଛିତ ହୋଇ ଠିଆ ହୋଇଥିବା ଦେଖାଯାନ୍ତି । ଅନ୍ୟ ତୀର୍ଥଙ୍କରମାନେ ଗୋଡଛନ୍ଦି ସିଂହମାନଙ୍କ ଉପରେ ଟେକିହୋଇ ରହିଥିବା ଦ୍ୱିଦଳପଦ୍ମ ଉପରେ ଯୋଗମୁଦ୍ରାରେ ବସିଥିବା ଦେଖାଯାନ୍ତି । ସେମାନଙ୍କ ମୁଣ୍ଡ ଉପରେ ତଥା ଗଛମାନଙ୍କ ନିମ୍ନରେ ଗୋଟିଏ ତିନିଥାକ ବିଶିଷ୍ଟ ଛତି ରହିଥିବା ଦେଖାଯାଏ । ମୂର୍ତ୍ତିଗୁଡ଼ିକର ସାଧାରଣ ଆକୃତି ପ୍ରାୟ ଏକାଭଳି ମାତ୍ର; ସେମାନଙ୍କ ଲାଞ୍ଛନଗୁଡ଼ିକ ପୃଥକ୍ ଅଟନ୍ତି । ତୀର୍ଥଙ୍କରମାନଙ୍କ ନିମ୍ନରେ ସେମାନଙ୍କ ନିଜ ନିଜ ଶାସନ-ଦେବୀମାନେ ଶାଢ଼ୀ ପରିହିତା ହେବା ସଙ୍ଗେ ସଙ୍ଗେ କଙ୍କର, ହାର, କର୍ଣ୍ଣ ଅଳଙ୍କାର, ମେଖଳା ଓ ଜଟା ମୁକୁଟ ଦ୍ୱାରା ଅଳଙ୍କୃତ ହୋଇ ଅବସ୍ଥାପିତ ହୋଇଛନ୍ତି ।

ବାରଣ୍ଡାର ବାମ କାନ୍ଥରେ ଚାରୋଟି ହାତ ଥିବା ଚକ୍ରେଶ୍ୱରୀଙ୍କ ମୂର୍ତ୍ତି ରହିଛି । ସେ ଶାଢ଼ୀ, ମେଖଳା, କଙ୍କଣ, ବାହୁଟି, ହାର, ଉପବୀତ, ଗୋଡ଼ବଳା, କୁଣ୍ଡଳ ଓ ମୁକୁଟ ପରିଧାନ କରି ଦ୍ୱିତକ ପଦ୍ମ ଉପରେ ଲଳିତାସନରେ ଉପବେଶନ କରିଛନ୍ତି । ତାଙ୍କ ମୁଣ୍ଡ ଉପରକୁ ଜୀନ ଋଷଭନାଥଙ୍କ ମୂର୍ତ୍ତି ରହିଛି ଏବଂ ତାଙ୍କ ନିମ୍ନକୁ ଏକ ବୃଷଭ ରହିଛି । ଦକ୍ଷିଣ କାନ୍ଥରେ ଚାରୋଟି ହାତଥିବା ରୋହିଣୀଙ୍କ ମୂର୍ତ୍ତି ଉପବେଶନ କରିଛନ୍ତି । ତାଙ୍କ ନିମ୍ନରେ ଗୋଟିଏ ବୃଷଭ ରହିଛି । ସେ

ଡାହାଣ ହାତରେ ବର, ପତାକା, ଅଙ୍କୁଶ ଓ ଚକ୍ର ଏବଂ ବାମ ହାତରେ ଶଙ୍ଖ, ଜଳପାତ୍ର, ତ୍ରିଦଣ୍ଡକ ଓ ଚକ୍ର ଧରିଛନ୍ତି ।

## ତ୍ରିଶୂଳ ଗୁମ୍ଫା ବା ମହାବୀର ଗୁମ୍ଫା

ମୂଳତଃ ଏହି ଗୁମ୍ଫାଟି ଗୋଟିଏ ରହିବା କୋଠରୀ ଥିଲା । ଏଥିରେ ତିନୋଟି ଦ୍ୱାର ଏବଂ ଦୁଇଟି ଖମ୍ୱ ଓ କାନ୍ଥ-ଖୁ◻ଯୁକ୍ତ ବାରଣ୍ଡା ଥିଲା । କିନ୍ତୁ ପରେ ଏହା ଗୋଟିଏ ପୂଜାପୀଠରେ ପରିବର୍ତ୍ତିତ ହୋଇଛି । ଗୃହଟିର ତିନିପାଖରେ ଚବିଶଟି ନଗ୍ନ ତୀର୍ଥଙ୍କରଙ୍କ ସ୍ଥିତୀକୃତ ମୂର୍ତ୍ତି ରହିଛି । ଏମାନଙ୍କୁ ଖ୍ରୀଷ୍ଟୀୟ ପଦଶ ଶତକରେ ଅବସ୍ଥାପିତ କରାଯାଇପାରେ । ଋଷଭନାଥ, ଅଜିତନାଥ, ଶୀତଳନାଥ, ପାର୍ଶ୍ୱନାଥ, ବସୁପୂଜ୍ୟ, ବିମଳନାଥ, ଶ୍ରେୟଂଶନାଥ ଓ ମହାବୀର ଏପରି ଆଠୋଟି ତୀର୍ଥଙ୍କରଙ୍କ କାୟୋତ୍ସର୍ଗ ଭଙ୍ଗୀରେ ଦଣ୍ଡାୟମାନ ମୂର୍ତ୍ତି ଏଠାରେ ଅବସ୍ଥାପିତ ହୋଇଛନ୍ତି । ଋଷଭନାଥଙ୍କ ମୂର୍ତ୍ତି ଏମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଅଟେ । କୋଠରୀଟିର ପଛକାନ୍ଥର ଶେଷ ଆଡ଼କୁ ଥିବା ଋଷଭନାଙ୍କ ତିନୋଟିଯାକ ମଗୁନିପଥରର ମୂର୍ତ୍ତି ମୂଳରୁ ଏହି ଗୁହାରେ ନଥିଲା । ମାତ୍ର ପରେ ସେଗୁଡ଼ିକ ଏଠାରେ ରଖାଯାଇଛି । ଗୁହାଟିର ଶୀର୍ଷ ଦେଶରେ ପଥର କାରିଗରମାନଙ୍କ ଦ୍ୱାରା ନିର୍ମିତ ଏକ ପୀଢ଼-ଶୈଳୀର ମନ୍ଦିର ଦେଖାଯାଏ । ସମ୍ଭବତଃ ତାହା ଏକ ଆଧୁନିକ ନିର୍ମାଣ ଅଟେ ତ୍ରିଶୂଳ ଗୁମ୍ଫାର ଦକ୍ଷିଣକୁ ଆଉଗୋଟିଏ ଗୁହା ରହିଛି । ତାହା ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଭଗ୍ନ । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷର ସଂସ୍ଥା ଦ୍ୱାରା ଏହାକୁ ନଂ ୧୦ର ଗୁହା ରୂପେ ଚିହ୍ନିତ କରାଯାଇଛି । ଏହାର ପଛ କାନ୍ଥରେ ତିନୋଟି ସ୍ଥିତୀକୃତ ମୂର୍ତ୍ତି ରହିଛି । ସେଥି ମଧ୍ୟରୁ ଦୁଇଟି ଋଷଭନାଥ ଏବଂ ଗୋଟିଏ ନେମିନାଥଙ୍କ ଆସନଦେବୀ ଆମ୍ରା ଅଟନ୍ତି । ଦୁଇଟିଯାକ ଋଷଭନାଥ ନଗ୍ନ ଏବଂ ସେମାନେ ଦ୍ୱିଦଳପଦ୍ମ ଉପରେ ଦଣ୍ଡାୟମାନ ହୋଇଥିବା ଦେଖାଯାଏ । ସେମାଙ୍କ କଡ଼ରେ ଆଠୋଟି ଗ୍ରହ ଓ ଦୁଇଟି ଚାମରଧାରୀ ଥିବା ଦେଖାଯାନ୍ତି । ଆମ୍ରାଙ୍କ ମୂର୍ତ୍ତି ଅର୍ଦ୍ଧଭଗ୍ନ ଏବଂ ସେ ଗୋଟିଏ ଆମ୍ୱଗଛ ତଳେ ଠିଆ ହୋଇଥିବା ଦେଖାଯାନ୍ତି । ସେ ଶାଢ଼ୀ, ମେଖଳା, କଙ୍କଣ, ବାହୁଟି ଓ କୁଣ୍ଡଳ ପିନ୍ଧିଥିବା ଦେଖିବାକୁ ମିଳନ୍ତି ।

## ଲଲାଟେନ୍ଦୁ କେଶରୀ ଗୁମ୍ଫା

ସ୍ଥାନୀୟ ଭାବରେ ଗୁହାଟି ଲଲଟେନ୍ଦୁକେଶରୀ ଗୁମ୍ଫା ରୂପେ ପରିଚିତ । ଗୁମ୍ଫାଟି ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ନଂ ୧୦ମ୍ୱର ଗୁମ୍ଫା ଅନୁରୂପ ଭଗ୍ନ ଅଟେ । ମୂଳରୁ ଏହା ଦୁଇଟି ଛୋଟ କୋଠରୀ ଏବଂ ଏହାର ସାମନା ପଟରେ ଗୋଟିଏ ଖମ୍ୱଯୁକ୍ତ ବାରଣ୍ଡା ଥିଲା । ବାମପଟ ଛୋଟ କୋଠରୀଟିର ପଛ ଓ ବାମ ପଟ କାନ୍ଥରେ ଋଷଭନାଥଙ୍କର ଦୁଇଟି ଓ ପାର୍ଶ୍ୱନାଥଙ୍କର ତିନୋଟି ମୂର୍ତ୍ତି ପୂର୍ବ ବର୍ଣ୍ଣିତ ସାଧାରଣ ଭଙ୍ଗୀରେ ଖୋଦିତ ହୋଇଥିବା ଦେଖାଯାଏ । ଡାହାଣପଟ ଛୋଟ କୋଠରୀଟିରେ ତିନୋଟି ମୂର୍ତ୍ତି ରହିଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇଟି ପାର୍ଶ୍ୱନାଥ ଓ ଗୋଟିଏ ଋଷଭନାଥଙ୍କର ଅଟେ । ଋଷଭନାଥଙ୍କ ଉପରକୁ ଗୋଟିଏ ଖଣ୍ଡିତ ଶିଳାଲେଖ ରହିଛି । ସେଥିରେ ସୋମବଂଶୀ ରାଜା ଉଦ୍ୟୋତକେଶରୀଙ୍କ ରାଜତ୍ୱର ପମ ଅଙ୍କରେ କୁମାର-ଗିରି (ଖଣ୍ଡଗିରି) ରେ ରହିଥିବା ଗୋଟିଏ ଭଗ୍ନ ବାପି ଓ ଗୋଟିଏ ଭଗ୍ନ ମନ୍ଦିରର ପୁନରୁଦ୍ଧାର ଏବଂ ଚବିଶ ତୀର୍ଥଙ୍କରଙ୍କ ମୂର୍ତ୍ତିର ସଂସ୍ଥାପନ ବିଷୟ ଉତ୍କୀର୍ଣ୍ଣ ହୋଇଛି ।

ଏହି ଗୁହାଗୁଡ଼ିକ ବ୍ୟତୀତ ସେଠାରେ ଅନ୍ୟ ତିନୋଟି ଗୁରୁତ୍ୱହୀନ ଗୁମ୍ଫା ରହିଛି । ଏହା ବ୍ୟତୀତ ପଥର କଟାଯାଇ ପାହାଚ ହୋଇଥିବା ତଥା ଆକାଶ ଗଙ୍ଗା ନାମରେ ନାମିତ ଏକ ଜଳାଶୟ ମଧ୍ୟ ଏଠାରେ ଅଛି । ଏଗୁଡିକ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ନଂ ୧୨ରୁ ନଂ୧୫ମ୍ୱର ଯାଏଁ ସଂଖ୍ୟା ଦ୍ୱାରା ଚିହ୍ନଟ କରାଯାଇଛି । ନଂ୧୨ମ୍ୱର ଗୁହାଟି ଗୋଟିଏ ଆବାସଗୁହା ଏବଂ ସେଥିରେ ଦୁଇଟି ଛୋଟ କୋଠରୀ ରହିଛି । ଏହାଠାରୁ କିଛି ଦୂରରେ ନଂ ୧୩ମ୍ୱର ଗୁହା ରହିଛି ଏବଂ ସେଥିରେ ଦୁଇଟି ଆବାସ ଯୋଗ୍ୟ ଦୀର୍ଘ କୋଠରୀ ରହିଛି । ସେଠାରେ ଚାରିଗୋଟି ଖମ୍ୱଯୁକ୍ତ ଉଚ୍ଚ ତଥା ଭଗ୍ନ ବାରଣ୍ଡା ରହିଛି । ନଂ ୧୪ମ୍ୱର ଗୁହାଟି ମଧ୍ୟ ଏକ ଆବାସ ଗୁହା ଅଟେ । ଏହାକୁ ଲୋକମାନେ ଏକାଦଶୀ

ଗୁମ୍ଫା ବୋଲି କହିଥାନ୍ତି । ଏହାର ସମ୍ମୁଖ ଉନ୍ମୁକ୍ତ କିନ୍ତୁ ନଂ ୧୫ ୟର ଗୁହାଟି କ୍ଷୁଦ୍ରକାୟ ଏବଂ ତାହାର ସମ୍ମୁଖ ଭାଗ ଉନ୍ମୁକ୍ତ ଅଟେ ।

ଆଜି ଖଣ୍ଡଗିରି ଓ ଉଦୟଗିରି ପ୍ରାଚୀନ ଓଡ଼ିଶାରେ ଜୈନଧର୍ମର ଜୀବନ୍ତ କର୍ମ ପ୍ରବାହର ମୂକସାକ୍ଷୀ ରୂପେ ଦଣ୍ଡାୟମାନ । ଏସବୁର ଗୌରବ କେତେ ପରିମାଣରେ ମହାମେଘବାହନ ଖାରବେଳଙ୍କ ପ୍ରାପ୍ୟ ତାହା ଅଜ୍ଞାତ ରହିଛି । ଖାରବେଳ କେବଳ ଜଣେ ଦିଗ୍‌ବିଜୟୀ ଓ ସାମ୍ରାଜ୍ୟ ସଙ୍ଗଠକ ନଥିଲେ, ସେ ମଧ୍ୟ କଳା ଓ ଭାସ୍କର୍ଯ୍ୟର ଜଣେ ପୃଷ୍ଠପୋଷକ ଥିଲେ । ତାଙ୍କ ସ୍ୱଳ୍ପ କାଳୀନ ରାଜତ୍ୱରେ ଜୈନଧର୍ମ କଳିଙ୍ଗରେ ଦ୍ରୁତ ପ୍ରସାର ଲାଭ କରିଥିଲା । ସେ ଜୈନ ଅର୍ହତମାନଙ୍କ ନିମନ୍ତେ ଖଣ୍ଡଗିରି ଓ ଉଦୟଗିରିରେ ଏହି ଗୁମ୍ଫାଗୁଡ଼ିକ ଖୋଳାଇଥିଲେ । ଭାରତରେ ଉଦୟଗିରି (କୁମାରୀ ପର୍ବତ) ଜୈନଧର୍ମର ଏକ ପ୍ରଖ୍ୟାତ କେନ୍ଦ୍ର ତଥା ତୀର୍ଥସ୍ଥଳରେ ପରିଣତ ହୋଇଥିଲା । ସମଗ୍ର ଭାରତବର୍ଷରୁ ବହୁ ଜୈନ ସନ୍ନ୍ୟାସୀ ଖାରବେଳଙ୍କ ପୃଷ୍ଠପୋଷକତା ଲାଭ କରି ବର୍ଷ ସାରା ଏଠାରେ ସମବେତ ହେଉଥିଲେ । ଫଳରେ ଖାରବେଳଙ୍କ ରାଜତ୍ୱକାଳ ଜୈନଧର୍ମ, ଜୈନ କଳା ଓ ଭାସ୍କର୍ଯ୍ୟର ଏକ 'ସୁବର୍ଣ୍ଣଯୁଗ' ହୋଇଥିଲା । ଉଦୟଗିରି ଓ ଖଣ୍ଡଗିରିର କଳା ଓ ଭାସ୍କର୍ଯ୍ୟ ଭାରତର ଜୈନକଳା ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ କ୍ଷମ ହୋଇଛି ।

**ପୁସ୍ତକ ସୂଚୀ:-**


୧. Brown, P. :୧୯୪୨ : **Indian Architecture** (Buddhist and Hindu), Bombay.

୨. Ganguly, MM :୧୯୧୨ : **Orissa and her Remains** (Ancient and Medieval), Calcutta.

୩. Mitra, D :୧୯୭୫ : **Udayagiri and Khandagiri,** Archaeological Survey of India (ASI), New Delhi.

୪. Mitra, R.L. :୧୯୬୩ : **The Antiquities of Orissa,** Vol-II, Reprint, Delhi

୫. Mittal, A.C. :୧୯୬୨ : **An Early History of Orissa,** Banaras.

୬. Panigrahi, K.C. :୧୯୧୨ : **Orissa and her Remains** (Ancient and Medieval), Calcutta.

୭. Ganguly, D.K. :୧୯୮୧ : **History of Orissa** (Hindu Period), Calcutta.

୮. Sahu, N.K. :୧୯୬୪ : **History of Orissa, Vol.**I, Utkal University, Bhubaneswar.

୯. Sahu, N.K. :୧୯୮୪ : **Kharavela,** Bhubaneswar.

# ଖାରବେଳଙ୍କ ରାଜବଂଶର ବିଲୟ

ଡଃ ଲକ୍ଷ୍ମଣ କୁମାର ପଣ୍ଡା

ପ୍ରାଚୀନ ଭାରତର ଇତିହାସ ଓ ସଂସ୍କୃତିରେ ସୁପ୍ରସିଦ୍ଧ ଚେଦି ରାଜବଂଶ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗରେ ମହାମେଘବାହନ ବଂଶ ରୂପେ ପରିଚିତ ହୋଇ ଖ୍ୟାତି ଲାଭ କରିଥିଲା । ବୌଦ୍ଧ ଚେତୀୟ ଜାତକ, ମହାଭାରତ, ପୁରାଣାଦିରେ ଚେଦିବଂଶର ବିତରଣ ଓ ଯଶ ବର୍ଣ୍ଣିତ ହୋଇଅଛି । ଚେଦି ରାଜାମାନେ ସାଧାରଣତଃ ଜୈନଧର୍ମର ପୃଷ୍ଠପୋଷକତା କରିଥିବା ହେତୁ, ସେହି ବଂଶର ଯଶ ଜୈନ ସାହିତ୍ୟରେ ମଧ୍ୟ ବିଶେଷ ରୂପେ କୀର୍ତ୍ତିତ ହୋଇଅଛି । ପ୍ରାଚୀନ କାଳରେ ସମ୍ଭବତଃ ଚେଦିରାଜ୍ୟ ଓ କଳିଙ୍ଗ ମଧ୍ୟରେ ବିଶେଷ ଭୌଗଳିକ ବ୍ୟବଧାନ ନଥିଲା । ଉଭୟ ରାଜ୍ୟ ଦୁଇ ପ୍ରତିବେଶୀ ରାଜ୍ୟ ଥିବା ହେତୁ, ଦୁହିଁଙ୍କ ମଧ୍ୟରେ ବହୁକାଳରୁ ନିବିଡ଼ ସମ୍ପର୍କ ଥିଲା । ଚେଦିବଂଶର ରାଜା ଭଦ୍ରପୁତ୍ର ଅଭିଚନ୍ଦ୍ର ଚେଦିମାନଙ୍କୁ ଏକ ଶାସକ ଜାତି ରୂପେ ଏକତ୍ରିତ କରି ବିନ୍ଧ୍ୟାଳ ସମୀପବର୍ତୀ ଅଳରେ ଏକ ନୂତନ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତକର ପ୍ରାରମ୍ଭରେ ମଗଧର ରଜନୈତିକ ଦୁର୍ବଳତାର ସୁଯୋଗ ନେଇ ଚେଦିମାନେ ଭାରତର ପୂର୍ବାଳରେ ଶକ୍ତି ଓ ପ୍ରଭାବ ସଂଗଠନ କରିବାରେ ଲାଗିଲେ । ସମ୍ଭବତଃ ସେହି ବୈପ୍ଳବିକ ପରିବର୍ତ୍ତନ ବେଳେ ଚେଦିମାନେ ରାଜବଂଶର ପ୍ରତିଷ୍ଠାତା ଥିଲେ ମହାମେଘବାହନ । ସେହି ଅବସରରେ ସେ ସାତବାହନବାଶୀ ସିମୁକଙ୍କର ମଗଧ ବିଜୟର ସୁଯୋଗ ନେଇ କଳିଙ୍ଗକୁ ମଗଧ କବଳରୁ ମୁକ୍ତ କରିଥିଲେ । ତାଙ୍କର ଅଧିନାୟକତ୍ୱରେ କଳିଙ୍ଗ ଏକ ସ୍ୱାଧୀନ ରାଷ୍ଟ୍ରରୂପେ ଘୋଷିତ ହେଲା । ସାତବାହନ ବଂଶ ଯେପରି ସିମୁକଙ୍କ ପୂର୍ବପୁରଷ ସାତବାହନଙ୍କ ନାମାନୁସାରେ ନାମିତ ହୋଇଥିଲା, କଳିଙ୍ଗର ଚେଦି ରାଜବଂଶ ସେହିପରି ମହାମେଘବାହନଙ୍କ ନାମରେ ନାମିତ ହୋଇଥିବା ଅନୁମାନ କରିହୁଏ । ବସ୍ତୁତଃ ସମ୍ରାଟ ଖାରବେଳ ଓ ତାଙ୍କ ଦାୟଦ କୁଦେପଶିରୀ, ଉଭୟେ ନିଜକୁ ମହାମେଘବାହନବଂଶୀ ରୂପେ ପ୍ରକାଶ କରିଛନ୍ତି ।

ସମ୍ରାଟ ଖାରବେଳ ହାତୀଗୁମ୍ଫା ଶିଳାଲେଖରେ ନିଜକୁ କଳିଙ୍ଗ ରାଜବଂଶର ତୃତୀୟ ପୁରୁଷ ରୂପେ ପ୍ରକାଶ କରିଛନ୍ତି । ତେଣୁ କଳିଙ୍ଗର ପ୍ରଥମ ଚେଦିରାଜା ମହାମେଘବାହନ ହେଉଛନ୍ତି ତାଙ୍କର ପିତାମହ । ମହାମେଘବାହନଙ୍କ ପରେ ତାଙ୍କର ପୁତ୍ର ବା ଖାରବେଳଙ୍କ ପିତା କଳିଙ୍ଗର ରାଜା ହେବା ସ୍ୱାଭାବିକ । ମାତ୍ର ସେହି ଦ୍ୱିତୀୟ ନରପତିଙ୍କ ନାମ ଓ ତାଙ୍କ ରାଜତ୍ୱର ଘଟଣାବଳୀ ଜାଣିବା ନିମନ୍ତେ ଅଦ୍ୟାବଧି ହାତୀଗୁମ୍ଫା ଶିଳାଲେଖ ବ୍ୟତୀତ ଅନ୍ୟ କୌଣସି ଐତିହାସିକ ଉପାଦାନ ମିଳି ନଥିବାରୁ, ତାହା ଅଜ୍ଞାନ ରହିଅଛି । ସମ୍ରାଟ ଖାରବେଳ ହାତୀଗୁମ୍ଫା ଶିଳାଲେଖରେ ନିଜକୁ ଯେଉଁ ରାଜର୍ଷି ବସୁଙ୍କର ବଂଶୋଦ୍ଭବ ବୋଲି ପରିଚୟ ଦେଇଛନ୍ତି, ସେ ହେଉଛନ୍ତି ସମ୍ଭବତଃ ଚେଦି ରାଷ୍ଟ୍ରର ପ୍ରଥମ ଶାସକ ଅଭିଚନ୍ଦ୍ରଙ୍କ ପୁତ୍ର ଖ୍ୟାତନାମା ବସୁ । ଅନେକ ତାଙ୍କୁ ବୈଦିକ ସାହିତ୍ୟ ତଥା ମହାଭାରତରେ ବର୍ଣ୍ଣିତ ଉପରିଚର ବସୁଙ୍କ ସହିତ ଚିହ୍ନିତ କରିଥାନ୍ତି ।

ଖାରବେଳ ମାତ୍ର ପନ୍ଦର ବର୍ଷ ବୟସରେ ପିତାଙ୍କର ବାର୍ଦ୍ଧକ୍ୟ ବା ଅକାଳ ମୃତ୍ୟୁ ହେତୁ କଳିଙ୍ଗର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ତା'ପୂର୍ବରୁ ସେ ବିବିଧ କ୍ରୀଡ଼ା, ଗଣନା, ଆଇନ ଓ ଦକ୍ଷତା ପ୍ରକାଶ ପାଇଥିଲା । ସେତେବେଳେ ସେ ଅପ୍ରାପ୍ତବୟସ୍କ ଥିବା ହେତୁ, ସମ୍ଭବତଃ ତାଙ୍କୁ ଚବିଶ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଯୁବରାଜ ରୂପେ ଅଭିହିତ ହୋଇ, ପରେ କଳିଙ୍ଗ ରାଜଚକ୍ରବର୍ତ୍ତି ରୂପେ ପୂର୍ଣ୍ଣ ରାଜକ୍ଷମତା ଲାଭ କରିଥିଲେ । ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼କୁ ଖାରବେଳଙ୍କ ରାଜଧାନୀ 'କଳିଙ୍ଗନଗରୀ' ସହିତ ଚିହ୍ନିତ କରାଯାଇଛି । ଶିଶୁପାଳଗଡ଼ର ଭୂଖୋଦନ ଫଳରେ ଯେଉଁ ପ୍ରାଚୀନ ନଗରୀ ଓ ଦୁର୍ଗର ଧ୍ୱଂସାବଶେଷ ଉଦ୍ଧାର କରାଯାଇଛି, ତାହା କଳିଙ୍ଗନଗରୀର ଅବଶେଷ ବୋଲି କହିବାର ବହୁ ପ୍ରମାଣ ମିଳିଅଛି ।

ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଖାରବେଳଙ୍କ ତ୍ରୟୋଦଶ ବର୍ଷର କାର୍ଯ୍ୟକଳାପ ବର୍ଷାନୁବର୍ଷ କ୍ରମରେ ଧାରାବହିକ ଭାବରେ ବର୍ଣ୍ଣନା କରାଯାଇଛି । ତାଙ୍କ ରଜତ୍ୱର ଅଯୁଗ୍ମ (Odd) ବର୍ଷ-ଗୁଡ଼ିକ ମୁଖ୍ୟତଃ ଜନମଙ୍ଗଳ କାର୍ଯ୍ୟକ୍ରମରେ ଅତିବାହିତ ହୋଇଥିବା ସ୍ଥଳେ, ଯୁଗ୍ମ (Even) ବର୍ଷଗୁଡ଼ିକରେ ସେ ମୁଖ୍ୟତଃ ଦିଗ୍‌ବିଜୟ ଅଭିଯାନ ଆରମ୍ଭ କରିଥିଲେ । ଅବଶ୍ୟ ଏହି ଧାରାରେ କିଛି ବ୍ୟତିକ୍ରମ ରହିଅଛି । ତାଙ୍କ ନେତୃତ୍ୱରେ କଳିଙ୍ଗର ସେନାବାହିନୀ ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ଓ ରଥାରୋହୀ, ଏହି ଚତୁରଙ୍ଗ ବଳକୁ ନେଇ ଗଠିତ ହୋଇଥିଲା । ତା'ଛଡ଼ା, ଏକ ବାତ୍ୟାବିଧ୍ୱସ୍ତ ରାଜଧାନୀ କଳିଙ୍ଗନଗରୀକୁ ପୁନଃନିର୍ମାଣ କରିବା ପରେ, ଦ୍ୱିତୀୟ ବର୍ଷରେ କଳିଙ୍ଗର ସେହି ଚତୁରଙ୍ଗ ସେନାବାହିନୀକୁ ପଶ୍ଚିମ ଦିଗ ଦେଇ ସାତବାହନ ରାଜ୍ୟ ବିରୁଦ୍ଧରେ ପ୍ରେରଣ କରିଥିଲେ । କଳିଙ୍ଗସେନା ସାତବାହନ ସମ୍ରାଟ ସାତକର୍ଣ୍ଣୀଙ୍କ ପରାକ୍ରମକୁ ଭ୍ରୂକ୍ଷେପ ନକରି କୃଷ୍ଣାନଦୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଅସ୍ମକନଗରୀକୁ ଅବରୋଧ କରି ଏହାର ଅଧିବାସୀମାନଙ୍କୁ ଭୟଭୀତ କରାଇଥିଲେ । ତାଙ୍କ ରାଜତ୍ୱର ଚତୁର୍ଥ ବର୍ଷରେ ସେ ସାତବାହନ ରାଜ୍ୟ ବିରୁଦ୍ଧରେ ଦ୍ୱିତୀୟଥର ପାଇଁ ଯୁଦ୍ଧ ଚଳାଇ, ସାତବାହନ ସମର୍ଥକ ରାଷ୍ଟ୍ରିକ ଓ ଭୋଜକମାନଙ୍କୁ ପରାଜିତ କରିଥିଲେ । ଫଳରେ ସାତବାହନ ରାଜଶକ୍ତିର ଖର୍ବ ହୋଇ କଳିଙ୍ଗର ରାଜନୈତିକ ପ୍ରଭାବ ପଶ୍ଚିମ ପୟୋଧି ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ରାଜତ୍ୱର ଅଷ୍ଟମ ବର୍ଷରେ ସେ ଉତ୍ତର ଦିଗକୁ ସୈନ୍ୟ ଚାଳନା କରି ମଗଧର ପ୍ରାଚୀନ ରାଜଧାନୀ ରାଜଗୃହ ଅବରୋଧ କରିବା ସହ, ଗୋରଥଗିରି ନାମକ ଏକ ଗିରିଦୁର୍ଗକୁ ଧ୍ୱଂସ କରିଥିଲେ । ସେହିବର୍ଷ ପଞ୍ଜାବ ଅଚଳର ଗ୍ରୀକ୍‌ମାନେ ମଗଧ ଅଧିକାର କରି ରାଜଗୃହ ଆଡକୁ ଆସୁଥିବାର ଖବର ପାଇ କଳିଙ୍ଗ ସୈନ୍ୟମାନେ ଗ୍ରୀକ୍‌ମାନଙ୍କୁ ମଥୁରାରୁ ବିତାଡ଼ିତ କରିଥିଲେ । ରାଜତ୍ୱର ଏକାଦଶ ବର୍ଷରେ ଖାରବେଳ ଦକ୍ଷିଣରେ ଥିା 'ଦ୍ରାମିଳ ରାଷ୍ଟ୍ରସଂଘ' ସହିତ ଯୁଦ୍ଧ କରି ଜୟଯୁକ୍ତ ହୋଇଥିଲେ । ଫଳରେ କଳିଙ୍ଗର ପ୍ରଭୁତ୍ୱ ଦକ୍ଷିଣରେ ତାମ୍ରପର୍ଣ୍ଣୀଦ୍ୱୀପ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ଦ୍ୱାଦଶ ବର୍ଷରେ ସେ ମଗଧ ରାଜା ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି, ଅଶୋକଙ୍କ କଳିଙ୍ଗ ବିଜୟର ପ୍ରତିଶୋଧ ନେଇଥିଲେ । ଏହି ବିଜୟ ଫଳରେ ଖାରବେଳଙ୍କ ରାଜତ୍ୱର ତେରବର୍ଷ ମଧ୍ୟରେ ସେ ଯେଉଁ ସାମରିକ କୃତିତ୍ୱ ହାସଲ କରିଥିଲେ, ଇତିହାସରେ ତା'ର ପଟାନ୍ତର ନାହିଁ । ତାଙ୍କର ଶାସନ-କାଳ ମଧ୍ୟରେ କଳିଙ୍ଗ ସମଗ୍ର ଭାରତରେ ଏକ ଅଦ୍ୱିତୀୟ ଓ ଅଜେୟ ଶକ୍ତିରୂପେ ବିବେଚିତ ହେବା ସହିତ, ତାହାର ରାଜନୈତିକ ପ୍ରଭାବ ହିମାଳୟ ଉପକଣ୍ଠରୁ କୁମାରୀକା ଯାଏଁ ଏବଂ ପୂର୍ବସାଗରରୁ ପଶ୍ଚିମ ପୟୋଧି ପର୍ଯ୍ୟନ୍ତ ବ୍ୟାପୀ ଯାଇଥିଲା ।

ତ୍ରୟୋଦଶ ବର୍ଷ ରାଜତ୍ୱ ପରେ ଖାରବେଳଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ଅନ୍ୟ କିଛି ଜାଣିବା ପାଇଁ ଅନ୍ୟ କୌଣସି ମୌଳିକ ଉପାଦାନ ଅଦ୍ୟାବଧି ମିଳିନାହିଁ । ସମ୍ଭବତଃ ତାଙ୍କ ରାଜତ୍ୱର ଶେଷଆଡ଼କୁ ସେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପରି ସିଂହାସନ ତ୍ୟାଗ କରି ସନ୍ୟାସ ଜୀବନ ଅବଲମ୍ବନ କରିଥିଲେ । ତାଙ୍କ ପରେ ସମ୍ଭବତଃ ତାଙ୍କ ଉତ୍ତରାଧିକାରୀ ରୂପେ 'କୁଦେପଶିରୀ' କଳିଙ୍ଗ ରାଜ୍ୟ ଶାସନ କରିଥିଲେ । ମଞ୍ଚପୁରୀ ଗୁମ୍ଫାର ତଳ ମହାଲାରେ ଉତ୍କୀର୍ଣ୍ଣ ଏକ ଅଭିଲେଖ ଏହି ପରିପ୍ରେକ୍ଷୀରେ ଆମର ପ୍ରଣିଧାନଯୋଗ୍ୟ । ଏହି ଅଭିଲେଖରେ ଆର୍ଯ୍ୟ ମେଘବାହନ ବଂଶର 'କୁଦେପଶିରୀ'ଙ୍କ ନାମ ଉଲ୍ଲେଖ କରାଯାଇଛି । ଗୁମ୍ଫା ଖନନ ଶୈଳୀରେ ପ୍ରଥମେ ଉପର ମହଲା ଓ ପରେ ତଳ ମହଲା ଖୋଳାଯିବାର ପରମ୍ପରା ଥିବାରୁ, କୁଦେପଶିରୀଙ୍କୁ ଖାରବେଳଙ୍କର ପରବର୍ତ୍ତୀ ଶାସକ ବା ଉତ୍ତରାଧିକାରୀ ରୂପେ ଗ୍ରହଣ କରାଯିବା କିଛି ଅସ୍ୱାଭାବିକ ମନେହୁଏ ନାହିଁ । ତେବେ ତାଙ୍କ ରାଜତ୍ୱର ଅନ୍ୟାନ୍ୟ ବିବରଣୀ ଜାଣିବା ପାଇଁ ବର୍ତ୍ତମାନ ସୁଦ୍ଧା ଅନ୍ୟ କୌଣସି ମୌଳିକ ସୂତ୍ର ମିଳିପାରି ନାହିଁ । ସେହିଭଳି, ମଞ୍ଚପୁରୀ ଗୁମ୍ଫାର ତଳ ମହଲାର ଦକ୍ଷିଣ ପାର୍ଶ୍ୱ ପ୍ରକୋଷ୍ଠରେ ଅନ୍ୟ ଏକ ଅଭିଲେଖରେ 'ବଡୁଖ' ନାମଧେୟ ଜଣେ ରାଜକୁମାରଙ୍କର ନାମ ଉଲ୍ଲେଖ କରାଯାଇଛି । କୁଦେପଶିରୀଙ୍କ ପରେ ବଡୁଖ କଳିଙ୍ଗ ସିଂହାସନ ଆରୋହଣ କରିଥିବାର କୌଣସି ସୂଚନା ଅଭିଲେଖମାନଙ୍କରେ ଉଲ୍ଲେଖ ନଥିଲେ ମଧ୍ୟ, ଐତିହାସିକମାନେ ଅନ୍ୟାନ୍ୟ କେତେକ ପ୍ରତ୍ନତାତ୍ତ୍ୱିକ ଉପାଦାନକୁ ଆଧାରକରି, ତାଙ୍କୁ କୁଦେପଶିରୀଙ୍କର ପୁତ୍ର ବା ଉତ୍ତରାଧିକାରୀ ରୂପେ ଗ୍ରହଣ କରିଛନ୍ତି । ବେଲପୁର (Velpuru) ଅଭିଲେଖରେ ମହାରାଜ ମନସଦ (Manasada) ଶ୍ରୀର ଉପାଧି ଧାରଣ କରିଥିବାରୁ, ତାଙ୍କୁ ଖାରବେଳଙ୍କ

ଚେଦିବଂଶର ଏକ ପରବର୍ତ୍ତି ଶସକ ରୂପେ ଅନେକ ଗ୍ରହଣ କରିଛନ୍ତି । ତାଙ୍କ ସମୟରେ ଚେଦିବଂଶର ପ୍ରଭାବ ଆନ୍ଧ୍ରର କୃଷ୍ଣା-ଗୁ଼ର ଅଂଚଳରେ ପରିବ୍ୟାପ୍ତ ଥିବାର ଜଣାଯାଏ । ସେହିଭଳି, ଆନ୍ଧ୍ର ପ୍ରଦେଶର ଗୁ଼ପଲ୍ଲୀ ନାମକ ସ୍ଥାନରୁ ମିଳିଥିବା ଏକ ପ୍ରାକୃତ ଅଭିଲେଖ ସଦ (Sada)ନାମକ ଜଣେ ମହାମେଘବାହନ ରାଜାଙ୍କୁ କଳିଙ୍ଗ ତଥା ମହିଷକର ଶାସକ ରୂପେ ବର୍ଣ୍ଣନା କରାଯାଇଛି । ଅନେକ ଐତିହାସିକ ତାଙ୍କୁ ବେଲପୁରର ଐର ମହାରାଜା ମନସଦଙ୍କ ସହିତ ଚିହ୍ନିତ କରିଥିବାରୁ, ସେ ଖାରବେଳଙ୍କ ଜଣେ ବଂଶଧର ଥିଲେ ବୋଲି ନିଃସନ୍ଦେହରେ କୁହାଯାଇପାରେ । ତାଙ୍କ ସମୟରେ ଅର୍ଥାତ୍ ଖ୍ରୀଷ୍ଟଯୁଗର ପ୍ରାରମ୍ଭରେ ଚେଦି ମେଘବାହନ ବଂଶର ପ୍ରଭାବ ପଶ୍ଚିମ ଗୋଦାବରୀ ଜିଲ୍ଲାରେ ଅନୁଭୂତ ହୋଇଥିବାର ଧାରଣା ଏଥିରୁ ଦୃଢ଼ୀଭୂତ ହୋଇଥାଏ ।

ଖାରବେଳଙ୍କ ପରେ ଖ୍ରୀଷ୍ଟୀୟ ପ୍ରଥମ ଶତକରେ କଳିଙ୍ଗ ଏକ ସମୃଦ୍ଧିଶାଳୀ ରାଜ୍ୟଥିବାର ଯଥେଷ୍ଟ ସୂଚନା ଭୁବନେଶ୍ୱର ନିକଟସ୍ଥ ଶିଶୁପାଳଗଡ଼ ଓ କଳାହାଣ୍ଡିର ଅସୁରଗଡ଼ ଭୂଖୋଦନରୁ ମିଳିଥାଏ । ଶିଶୁପାଳଗଡ଼ ଭୂଖୋଦନରୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ସ୍ତରରୁ କେତେକ ରୋମାନ ମାଟି ପାତ୍ର ସହିତ ଅନେକ ଆୟତାକାର ତାମ୍ର ମୁଦ୍ରା ଆବିଷ୍କୃତ ହୋଇଅଛି । ଭୁବନେଶ୍ୱର ନିକଟସ୍ଥ ଯାଗମରା ଗ୍ରାମରୁ ମଧ୍ୟ ଏହି ଶତାବ୍ଦୀରେ ପ୍ରଚଳିତ କେତେକ ରୌପ୍ୟ ଆହତ ମୁଦ୍ରା (Silver punch-make coins) ଆବିଷ୍କୃତ ହୋଇଅଛି । ଏଗୁଡିକରୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ କଳିଙ୍ଗ ଏକ ଶକ୍ତିଶାଳୀ ରାଜ୍ୟ ଥିବା ଏବଂ ଚେଦୀବଂଶୀୟ ରାଜାମାନଙ୍କର ପୃଷ୍ଠପୋଷକତାରେ କଳିଙ୍ଗର ବୈଷୟିକ ଓ ଅର୍ଥନୈତିକ ଉନ୍ନତି ଘଟିଥିବା ପ୍ରମାଣିତ ହୋଇଅଛି ।

ପରବର୍ତୀ ସମୟ ଅର୍ଥାତ୍ ଖ୍ରୀଷ୍ଟୀୟ ପ୍ରଥମ ଶତକର ଶେଷଭାଗ ଓ ଦ୍ୱିତୀୟ ଶତାବ୍ଦୀର ପ୍ରାରମ୍ଭରେ, ସମ୍ଭବତଃ ଚେଦି ବଂଶ ବିଭିନ୍ନ କାରଣରୁ ଦୁର୍ବଳ ହୋଇଯିବାରୁ ପଡୋଶୀ ଆନ୍ଧ୍ରପ୍ରଦେଶର ସାତବାହନମାନେ ସେମାନଙ୍କୁ ପରାଜିତ କରି, କଳିଙ୍ଗ ଅଧିକାର କରିବାକୁ ସକ୍ଷମ ହୋଇପାରିଥିଲେ । ପ୍ରାଚୀନ ତାମିଲ କାବ୍ୟ 'ମଣିମେକର୍ଲେ' ଗ୍ରନ୍ଥରେ ବର୍ଣ୍ଣିତ ବସୁ ଓ କୁମାର ନାମକ ଦୁଇ ବୈମାତୃକ ଭାଇଙ୍କର ଅନ୍ତର୍ବିବାଦ ଓ ତାର ପରିଣତିରୁ ଏହା ଅଧିକ ସୁସ୍ପଷ୍ଟ ହୋଇଥାଏ । ଏହି ଦୁଇ ଭାଇ ସମ୍ଭବତଃ ଚେଦି ମେଘବାହନ ବଂଶୀୟ ଥିଲେ ଏବଂ ସେମାନଙ୍କର ରାଜଧାନୀ ଯଥାକ୍ରମେ ସିଂହପୁର ଓ କପିଳପୁରଠାରେ ଅବସ୍ଥିତ ଥିଲା । ସେମାନେ ପରସ୍ପର ସହିତ କଳହରତ ରହିବାରୁ କଳିଙ୍ଗ ବିଭାଜିତ ହୋଇଗଲା ଏବଂ ସମୃଦ୍ଧଶାଳୀ କଳିଙ୍ଗ ରାଜ୍ୟର ବହୁ ଧନ ଜନ କ୍ଷୟ ହୋଇ ଚେଦିବଂଶ କ୍ରମଶଃ ଶକ୍ତିହୀନ ହୋଇଗଲା । କଳିଙ୍ଗର ଏହି ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ଦକ୍ଷିଣର ସାତବାହନମାନେ ଗୌତମୀପୁତ୍ର ସାତକର୍ଣ୍ଣୀଙ୍କ ନେତୃତ୍ୱରେ ପୁଣିଥରେ ଶକ୍ତିଶାଳୀ ହୋଇ, ସମଗ୍ର କଳିଙ୍ଗ ଓ କୋଶଳର କେତେକ ଅଂଚଳକୁ ଜୟ କରିନେବା ଦ୍ୱାରା ଚେଦି ମେଘବାହନ ବଂଶର ବିଲୟ ଘଟିଥିଲା ।

ଗୌତମୀପୁତ୍ର ସାତକର୍ଣ୍ଣୀଙ୍କ ନାସିକ ଗୁମ୍ଫା ଅଭିଲେଖରେ ତାଙ୍କ ସାମ୍ରାଜ୍ୟର ଯେଉଁ ଆଠଗୋଟି କୁଳପର୍ବତର ନାମୋଲ୍ଲେଖ ରହିଛି, ସେଥିମଧ୍ୟରୁ କୃଷ୍ଣଗିରି, ମଳୟ, ମହେନ୍ଦ୍ର, ଶ୍ୱେଶଗିରି ଓ ଚକୋର ନାମକ ପାଗୋଟି କୁଳଗିରି କଳିଙ୍ଗ ଅଂଚଳରେ ଅବସ୍ଥିତ ଥିବା ଜଣାଯାଏ । କୃଷ୍ଣଗିରି ପର୍ବତ ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଥିଲା ବୋଲି ଶୈଳୋଦ୍ଭବ ରାଜା ମାଧବରାଜଙ୍କର ଗଞ୍ଜାମ ତାମ୍ର ଶାସନରେ ଉଲ୍ଲେଖ ରହିଛି । ମହେନ୍ଦ୍ର ଥିଲା ଆଧୁନିକ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରି । ବହୁ ପ୍ରାଚୀନ ଅଭିଲେଖ ଓ ସାହିତ୍ୟରେ ଏହି ପର୍ବତର ବର୍ଣ୍ଣନା କରାଯାଇଛି । ମଳୟ ବା ମଳୟଗିରି ବର୍ତମାନର ଅନୁଗୋଳ ଜିଲ୍ଲାରେ ଅବସ୍ଥିତ । ଶ୍ୱେତଗିରିକୁ ଶ୍ରୀକାକୁଲମ ଜିଲ୍ଲାର ଶ୍ରୀକୂର୍ମମ ସହିତ ଓ ଚକୋରକୁ ମଧ୍ୟପ୍ରଦେଶସ୍ଥ ବସ୍ତର ଜିଲ୍ଲାର ଚକ୍ରକୋଟ ବା ଚିତ୍ରକୂଟ ସହିତ ଚିହ୍ନିତ କରାଯାଇଛି । ସେତେବେଳେ ଏହି ଅଂଚଳଗୁଡିକ ତତ୍କାଳୀନ କଳିଙ୍ଗ ରାଷ୍ଟ୍ରର ଅନ୍ତର୍ଭୁକ୍ତ ଥିଲା । ଭୁବନେଶ୍ୱର ନିକଟସ୍ଥ ଡୁମୁଡୁମା ଗ୍ରାମରୁ ଆବିଷ୍କୃତ କେତୋଟି ପକ୍ଷ ମୂର୍ତିର ଯଥେଷ୍ଟ ସାମଞ୍ଜସ୍ୟ ଥିବାର ସେଗୁଡିକର ନିର୍ମାଣ କାଳ ଖ୍ରୀଷ୍ଟିୟ ପ୍ରଥମ ଶତକର ଶେଷ ଭାଗ ବା ଦ୍ୱିତୀୟ ଶତକର ପ୍ରଥମ

ଭାଗ ହେବ ବୋଲି ଐତିହାସିକମାନେ ମତ ଦିଅନ୍ତି । ସମ୍ଭବତଃ ଗୌତମୀପୁତ୍ର ସାତକର୍ଣ୍ଣୀଙ୍କ ଦିଗବିଜୟ ଫଳରେ କଳିଙ୍ଗର ଏକ ବିସ୍ତୃତ ଅଳ ତାଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ସେହି ସମୟରେ ହି ସ୍ୱାସ୍ତୂପର ଅନୁକରଣରେ ଏଠାରେ ବିଭିନ୍ନ ଯକ୍ଷ ତଥା ଅନ୍ୟାନ୍ୟ ମୂର୍ତ୍ତିର ଖୋଦନ କରାଯାଇଥିଲା । ସେହିଭଳି, ଚୀନ ପରିବ୍ରାଜକ ହୁଏନସାଂ ଓ ଇତିସିଂଙ୍କର ବିବରଣୀରୁ ଜଣାଯାଏ ଯେ ଗୌତମୀପୁତ୍ର ସାତକର୍ଣ୍ଣୀ ତାଙ୍କ ଦାର୍ଶନିକ ବନ୍ଧୁ ନାଗାର୍ଜୁନଙ୍କ ନିମନ୍ତେ କୋଶଳ ରାଜ୍ୟର ପରିମଳଗିରି (Po-lo-mo-lo-ki-li) ଠାରେ ଏକ ବୌଦ୍ଧ ବିହାର ନିର୍ମାଣ କରିଥିଲେ । ପରିମଳଗିରି ହେଉଛି ଆଧୁନିକ ବଲାଙ୍ଗୀର ଓ ବରଗଡ ଜିଲ୍ଲାର ସୀମାକୁ ସ୍ପର୍ଶ କରିଥିବା ଗନ୍ଧଗିରି ବା ଗନ୍ଧମାର୍ଦ୍ଦନ ପର୍ବତ । ଏହି ଅଳ ସାତବାହନ ସାମ୍ରାଜ୍ୟର ଅନ୍ତର୍ଗତ ନଥିଲେ ଗୌତମୀ ପୁତ୍ରଙ୍କ ଦ୍ୱାରା ପରିମଳଗିରି ବିହାରର ପୃଷ୍ଠପୋଷକତା ପ୍ରଶ୍ନ ଉଠିନଥାନ୍ତା ।

'ଗାର୍ଗୀ ସଂହିତା'ର 'ଯୁଗ-ପୁରାଣ' ଅଧ୍ୟାୟରେ ମଧ୍ୟ ପ୍ରଚ୍ଛନ୍ନ ଭାବରେ କଳିଙ୍ଗରେ ସାତବାହନ ରାଜତ୍ୱର ସୂଚନା ଦିଆଯାଇଛି । ସାତବାହନ ବଂଶର 'ସାତ' ନାମକ ଏକ ରାଜା କଳିଙ୍ଗରେ ତାଙ୍କର ଆଧିପତ୍ୟ ପ୍ରତିଷ୍ଠା କରିଥିବା ବର୍ଣ୍ଣନା ଏଥିରେ କରାଯାଇଥିବାରୁ, ଏଥିରୁ ଅନୁମିତ ହୁଏଯେ କଳିଙ୍ଗର ଚେଦି ରାଜବଂଶ ଦ୍ୱାରା ଅଧିକୃତ ହୋଇଥିଲା । ତେଣୁ କଳିଙ୍ଗରେ ଚେଦି ମେଘବାହନ ରାଜବଂଶର ବିଲୟ ପାଇଁ ସାତବାହନ ରାଜବଂଶର ପୁନରୁ□ାନ ମୁଖ୍ୟତଃ ଦାୟୀ ଥିଲା ବୋଲି କେତେକ ଐତିହାସିକ ମତ ପ୍ରଦାନ କରିଛନ୍ତି ।

ଅପରପକ୍ଷରେ, କଳିଙ୍ଗରେ ସାତବାହନ ରାଜତ୍ୱର ପ୍ରାଧାନ୍ୟକୁ ଅନେକ ଐତିହାସିକ ଗ୍ରହଣ କରିନାହାନ୍ତି । ଗୌତମୀପୁତ୍ର ସାତକର୍ଣ୍ଣୀଙ୍କ ସାମ୍ରାଜ୍ୟରେ ବିଭିନ୍ନ କୂଳପର୍ବତର ନାମୋଲ୍ଲେଖ ଏକ ପାରମ୍ପରିକ ବର୍ଣ୍ଣନା ବୋଲି ସେମାନେ ମତ ଦେଇଛନ୍ତି । ନାସିକ ଅଭିଲେଖରେ ଗୌତମୀପୁତ୍ରଙ୍କ ସାମ୍ରାଜ୍ୟରେ କଳିଙ୍ଗ ଅନ୍ତର୍ଭୁକ୍ତ ଥିଲା ବୋଲି କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନାହିଁ । ମହେନ୍ଦ୍ର ପର୍ବତକୁ ସେମାନେ ଏହି ପ୍ରସଙ୍ଗରେ ତିନ୍ନେଭେଲ୍ଲି ଜିଲ୍ଲାରେ ଅବସ୍ଥିତ ବୋଲି ମତ ପ୍ରଦାନ କରିଛନ୍ତି । 'ଯୁଗ ପୁରାଣ'ରେ ବର୍ଣ୍ଣିତ ଘଟଣା ଅନ୍ୟ କୌଣସି ଐତିହାସିକ ତଥ୍ୟ ଦ୍ୱାରା ସମର୍ଥିତ ହୋଇନଥିବାରୁ, ତାହାକୁ ସେମାନେ ଗ୍ରହଣ କରିନାହାନ୍ତି । ପ୍ରାଚୀନ ତାମିଲ କାବ୍ୟ 'ମଣିମେକଲୈ'ର ରଚନାକାଳ ଏକ ବିବଦମାନ ତଥ୍ୟ ହୋଇଥିବାରୁ ତାହାର ବର୍ଣ୍ଣନାକୁ ମଧ୍ୟ ସେମାନେ ଐତିହାସିକ ସତ୍ୟ ବୋଲି ମାନନ୍ତି ନାହିଁ । ତେଣଉ ଖ୍ରୀଷ୍ଟିୟ ପ୍ରଥମ ଶତକ ପରେ ପରେ କଳିଙ୍ଗରେ ସାତବାହନ ରାଜତ୍ୱକୁ ସେମାନେ ଅସ୍ୱୀକାର କରିବା ସହିତ ସେହି ସମୟରେ କଳିଙ୍ଗ, କୁଶାଣ ବା ସେମାନଙ୍କର ସାମନ୍ତରାଜା ରୂପେ ବିଦିତ ମୁରୁଣ୍ଡମାନଙ୍କ ଶାସନାଧିନ ଥିବା ବିଷୟରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । ତାହାରି ପ୍ରଭାବରେ ସମ୍ଭବତଃ କଳିଙ୍ଗରୁ ଚେଦି- ମେଘବାହନ ରାଜବଂଶ ଲୋପ ପାଇଥିବ ବୋଲି ସେମାନେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି ।

ଏକଥା ସତ୍ୟ ଯେ ଓଡିଶାର ବିଭିନ୍ନ ଅଳରୁ ବହୁ କୁଶାଣ ଓ ପୁରୀ – କୁଶାଣ ମୁଦ୍ରା ଆବିଷ୍କୃତ ହୋଇଅଛି । ସେଗୁଡିକ ମଧ୍ୟରୁ କେତେକ ଅସଲି କୁଶାଣ ମୁଦ୍ରା ରୂପେ ଚିହ୍ନିତ ହୋଇଥିବାସ୍ଥଳେ, ଅନ୍ୟଗୁଡିକୁ ଅନୁକରଣ ମୁଦ୍ରା (Imitation coin) ବୋଲି ଗ୍ରହଣ କରାଯାଇଛି । ତେଣୁ ସେଗୁଡିକର ରାଜନୈତିକ ଗୁରୁତ୍ୱକୁ ବହୁ ଐତିହାସିକ ଗ୍ରହଣ କରିନାହାନ୍ତି । ସମ୍ଭବତଃ ବ୍ୟବସାୟ ବାଣିଜ୍ୟ ମାଧ୍ୟମରେ ସେଗୁଡିକ କଳିଙ୍ଗର ବିଭିନ୍ନ ଅଳରେ ପ୍ରସାରିତ ହୋଇଥିଲା । ଅଧିକନ୍ତୁ, ବିଭିନ୍ନ ଐତିହାସିକ ଏହି ଅନୁକରଣ ମୁଦ୍ରାଗୁଡିକୁ ବସ୍ତୁତଃ ତୃତୀୟ କିମ୍ବା ଚତୁର୍ଥ ଶତକର ବୋଲି ମତ ଦେଇଛନ୍ତି । ସେଗୁଡିକ ସମ୍ଭବତଃ ତତ୍କାଳୀନ ଓଡିଶାର କେତେକ ସ୍ୱାଧୀନ ଶାସକମାନଙ୍କ ଦ୍ୱାରା ପ୍ରଚଳିତ ହୋଇଥିଲା । ଏହି ଶାସକମାନେ ସମ୍ଭବତଃ ସେମାନଙ୍କୁ ପ୍ରାଚୀନ ଭାରତର ତତ୍କାଳୀନ ଗୁପ୍ତ ସମ୍ରାଟମାନଙ୍କଠାରୁ ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ରଖିପାରିଥିଲେ ।

କୁଶାଣମାନ ସାଧାରଣତଃ ସେମାନଙ୍କ ଶାସନ ଭାଇସରାୟ ବା ଗଭର୍ଣ୍ଣରଙ୍କ ଦ୍ୱାରା ସମ୍ପାଦନ କରିଥାନ୍ତି । ତଦନୁଯାୟୀ, କଳିଙ୍ଗରେ ସମ୍ଭବତଃ ସେମାନେ ମୁରୁଣ୍ଡମାନଙ୍କୁ ଭାଇସରାୟ ରୂପେ ନିଯୁକ୍ତ କରିଥିଲେ । ସେହି ମୁରୁର୍ଣ୍ଣ

ଶାସକମାନେ କୁଶାଣ ମୁଦ୍ରାର ଅନୁକରଣରେ ଏହିସବୁ ମୁଦ୍ରା ପ୍ରଚଳନ କରିଥିବା ଅନୁମାନ କରାଯାଏ କାରଣ ସାମନ୍ତ ରାଜାମାନଙ୍କ ଦ୍ୱାରା ସମ୍ରାଟମାନଙ୍କ ତରଫରୁ ମୁଦ୍ରା ପ୍ରଚଳନର ବହୁ ଦୃଷ୍ଟାନ୍ତ ଭାରତ ଇତିହାସରେ ରହିଅଛି । ସମ୍ଭବତଃ ସେତେବେଳେ ରାଜକୀୟ ଟଙ୍କଶାଳାରୁ ପର୍ଯ୍ୟାପ୍ତ ପରିମାଣର ମୁଦ୍ରା ସୁଦୂର ଓଡିଶାକୁ ଆସିପାରୁ ନଥିଲା । ତେଣୁ ଓଡିଶାରେ ପ୍ରକୃତ କୁଶାଣ ମୁଦ୍ରା ଅପେକ୍ଷା ଅନୁକରଣ ମୁଦ୍ରା ଅଧିକ ସଂଖ୍ୟାରେ ଭାଇସରାୟମାନେ ପ୍ରଚଳନ କରିବାକୁ ଅନୁମତି ପାଇଥିଲେ । ଏହି ମୁଦ୍ରାଗୁଡିକର ମୁଦ୍ରଣ ସ୍ଥଳ ଓ ଲକ୍ଷଣରୁ ଜଣାଯାଏ ଯେ ସେଗୁଡିକ ଓଡିଶାର ଛୋଟଛୋଟ ରାଜବଂଶ ଦ୍ୱାରା ପ୍ରଚଳନ କରାନଯାଇ, ଏକ ସ୍ୱତନ୍ତ୍ର ଗୋଷ୍ଠୀର ଶାସକଙ୍କ ଦ୍ୱାରା ପ୍ରଚଳନ କରାଯାଇଥିଲା । ଏହି ଶାସକମାନଙ୍କର ସାର୍ବଭୌମ ଶାସନ କ୍ଷମତା ନଥିଲେ ମଧ୍ୟ ସେମାନେ ଏକ ବିଶାଳ  ରାଜ୍ୟର ଅଧିକାରୀ ହୋଇପାରିଥିଲେ । ୧୯୪୮ ସାଲରେ ଶିଶୁପାଳଗଡର ଭୁଖୋଦନରୁ କନିଷ୍କ ଓ ଦୁର୍ବିଷ୍କଙ୍କର ଗୋଟିଏ ଲେଖାଏଁ ତାମ୍ର ମୁଦ୍ରା କହିତ, ଆଉ ଚାରୋଟି ଅନୁକରଣ କୁଶାଣ ମୁଦ୍ରା ମିଳିଅଛି । ତାଛଡା କୁଶାଣ ସମ୍ରାଟ ବାସୁଦେବଙ୍କ ମୁଦ୍ରାଶୈଳୀରେ ନିର୍ମିତ ଏକ ମୁଦ୍ରା ମଧ୍ୟ ଉକ୍ତ ଭୂଖୋଦନରୁ ଆବିଷ୍କୃତ ହୋଇଅଛି । ଏହି ମୁଦ୍ରାର ନିର୍ମାଣ କାଳ ଖ୍ରୀଷ୍ଟିୟ ତୃତୀୟ ଶତାବ୍ଦୀ ବୋଲି ଐତିହାସିକମାନେ ମତ ଦିଅନ୍ତି ।

ଏହି ସମୟରେ କୁଶାଣ ବଂଶର ଏକ ଶାଖା ଭାରତର ପୂର୍ବାଳକୁ ଆସି କେତେକ ନୂତନ ରାଜ୍ୟ ସ୍ଥାପନ କରିଥିବାର ଜଣାଯାଏ । ୧୯୫୦ ଖ୍ରୀଷ୍ଟାବ୍ଦରେ ବହୁ ସଂଖ୍ୟକ କୁଶାଣ ମୁଦ୍ରା ବକ୍‌ସାରଠାରେ ଆବିଷ୍କୃତ ହୋଇଥିଲା । ସେହିଭଳି, କନିଷ୍କ ଓ ହୁବିଷ୍କଙ୍କ ସମୟର ଏକ ଶହ ତାମ୍ର ମୁଦ୍ରା ଆଜମଗଡ ଜିଲ୍ଲାର ବିନ୍ଦଉଆଲ ଗ୍ରାମରୁ ଆବିଷ୍କୃତ ହୋଇଥିବାସ୍ଥଳେ ଅନ୍ୟ କେତେକ ମୁଦ୍ରା ଚମ୍ପାରନ୍ ଜିଲ୍ଲାରୁ ମିଳିଅଛି । ମେଦିନୀପୁର ଜିଲ୍ଲାର ତାମଲୁକଠାରୁ ମଧ୍ୟ କନିଷ୍କ ଓ ହୁବିଷ୍କଙ୍କର କେତେକ ମୁଦ୍ରା ଆବିଷ୍କୃତ ହେବା ସହିତ, ବାସୁଦେବଙ୍କର ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଓ ଅନ୍ୟ ଏକ ନିକୃଷ୍ଟ ଧାତୁରେ ନିର୍ମିତ ମୁଦ୍ରା ମିଳିଅଛି । ସମକାଳୀନ କଳିଙ୍ଗର ଶିଶୁପାଳଗଡ ଓ ଅନ୍ୟାନ୍ୟ ଅଳରୁ ଅନୁରୂପ କେତେକ କୁଶରଣ ମୁଦ୍ରା ଆବିଷ୍କୃତ ହୋଇଥିବାରୁ, ପ୍ରାଚୀନ କଳିଙ୍ଗ ପୂର୍ବ ଭାରତର ଅନ୍ୟାନ୍ୟ ରାଜ୍ୟ ପରି କୁଶାଣ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ବୋଲି ପ୍ରମାଣିତ ହେଉଅଛି । ଏହାବ୍ୟତୀତ, ଉଦୟଗିରି ପାହାଡର ରାଣୀ ଗୁମ୍ଫାର ତଳ ମହଲାରେ କେତେକ ଜୀବନ୍ତ ପ୍ରାୟ ଦ୍ୱାରପାଳଙ୍କ ଚିତ୍ର ଅଙ୍କିତ ହୋଇଅଛି । ସେଗୁଡିକ ଦେଖିବାକୁ ଅବିକଳ ବର୍ଚ୍ଛାଧାରୀ କୁଶାଣ ସୈନିକଙ୍କ ଭଳି । ସେହିଭଳି, ଭୁବନେଶ୍ୱର ଅଳରୁ କେତେକ ନାଗମୂର୍ତିର ସଂଧାନ ମିଳିଛି, ଯାହାର ବହୁଳ ସାମଞ୍ଜସ୍ୟ କୁଶାଣ ସ୍ଥାପତ୍ୟ ରହିତ ରହିଅଛି । ସୁତରାଂ, ପୂର୍ବ ଭାରତକୁ ନିଜର ସାମ୍ରାଜ୍ୟଭୁକ୍ତ ନ କରି, କୁଶାଣମାନେ କେବେହେଲେ ଓଡିଶାରେ ପ୍ରବେଶ କରିବା ସମ୍ଭବପର ନୁହେଁ । ତେଣୁ କନିଷ୍କଙ୍କ ରାଜତ୍ୱର ଶେଷ ବା ତାଙ୍କ ପରବର୍ତୀ ସମୟରେ ପୂର୍ବ ଭାରତରେ ପ୍ରାଧାନ୍ୟ ବିସ୍ତାର କରିଥିବା କୁଶାଣ ବା ସେମାନେଙ୍କର ଭାଇସରାୟମାନେ ଓଡିାରେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ଯଥେଷ୍ଟ ଯୁଯୋଗ ପାଇଥିବା ସୁନିଶ୍ଚିତ । ସେମାନଙ୍କର ପ୍ରବଳ ପରାକ୍ରମ ଆଗରେ ସମ୍ଭବତଃ ସ୍ଥାନୀୟ ଚେଦୀ ମେଘବାହନ ବଂଶର ଦୁର୍ବଳ ଶାସକମାନେ ବିଭିନ୍ନ କାରଣରୁ ସେମାନଙ୍କୁ ପ୍ରତିରୋଧ କରିପାରି ନଥିଲେ । ଫଳରେ ଚେଦି ବଂଶର ଅବସାନ ଘଟିଥିଲା ।

ଖାରବେଳଙ୍କ ରାଜବଂଶର ଅବସାନ ପାଇଁ ଉପର୍ଯ୍ୟୁକ୍ତ ଦୁଇଟି ମତ ମଧ୍ୟରୁ ପ୍ରଥମ ମତଟି ଅଧିକ ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ମନେ ହୁଏ । ଖାରବେଳଙ୍କ ସମୟରେ କଳିଙ୍ଗର ସମୃଦ୍ଧ ସୂର୍ଯ୍ୟ ଚରମ ଶିଖରକୁ ଉନ୍ନୀତ ହୋଇଥିଲେ ମଧ୍ୟ, ପରବର୍ତୀ ସମୟରେ ତାହା ସବୁଦିନ ପାଇଁ ଅସ୍ତମିତ ହୋଇଯାଇଥିଲା । ସେଥିପାଇଁ ସାତବାହନ ମାନେ ମୁଖ୍ୟତଃ ଦାୟୀ ଥିଲେ । ସାତବାହନ ଶାସକମାନେ ପ୍ରବଳ ପରାକ୍ରମୀ ଥାଇ ସେମାନଙ୍କର ସାମ୍ରାଜ୍ୟ ବିଭିନ୍ନ ଦିଗକୁ ବିସ୍ତାର କରାଇଥିଲେ । କିନ୍ତୁ କନିଷ୍କଙ୍କ ପରେ କୁଶାଣ ବଂଶରେ ତାଙ୍କର ଉତରାଧିକାରୀମାନେ ସେପରି ଶକ୍ତିଶାଳୀ ନଥିଲେ । ସୁତରାଂ ପୂର୍ବ ଭାରତର ବିଭିନ୍ନ ଅଞ୍ଚଳକୁ କୁଶାଣ ସାମ୍ରାଜ୍ୟର ବିସ୍ତୃତି ନେଇ ଯେଉଁ ମତ ପ୍ରଦାନ କରାଯାଇଛି, ତାହା ସନ୍ଦେହାତ୍ମକ ଓ କଳ୍ପନା ପ୍ରସୂତ । କଳିଙ୍ଗର କେତେକ ଅଳରୁ ଆବିଷ୍କୃତ କେତେକ କୁଶାଣ ଓ ପୁରୀ-କୁଶାଣ ମୁଦ୍ରାର ଆବିଷ୍କାର ମୁଖ୍ୟତଃ

ବ୍ୟବସାୟ, ବାଣିଜ୍ୟ ଓ ଧର୍ମ ସମ୍ପର୍କିତ ଥିଲା । ସେଗୁଡିକର ରାଜନୈତିକ ପ୍ରଭାବ ଆଦୌ ନଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅପରପକ୍ଷରେ, କଳିଙ୍ଗରେ ସାତବାହନ ରାଜତ୍ୱ ସମ୍ବନ୍ଧରେ ବହୁ ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ଉପାଦାନ ମିଳୁଥିବାରୁ, ସାତବାହନ ସମ୍ରାଟ ଗୌତମୀପୁତ୍ର ସାତକର୍ଣ୍ଣୀ ଖାରବେଳଙ୍କ ଦୁର୍ବଳ ବଂଶଧରମାନଙ୍କୁ ପରାସ୍ତ କରି, କଳିଙ୍ଗରେ ଚେଦୀ-ମେଘବାହନ ରାଜବଂଶର ବିଲୟ ଘଟାଇଥିବା ଅଧିକ ଯୁକ୍ତିଯୁକ୍ତ ମନେହୁଏ ।

# ଖାରବେଳଙ୍କ ସମୟରେ କଳିଙ୍ଗର ଭାଷା

*ଡକ୍ଟର ଗୋପାଳକୃଷ୍ଣ ଶ୍ରୀଚନ୍ଦନ*

ଗୋଟିଏ ଜାତିର ଭାଷା, ସାହିତ୍ୟ, କଳା, ସଂସ୍କୃତି ପରସ୍ପର ସହିତ ସମ୍ପୃକ୍ତ ଓ ନିର୍ଭରଶୀଳ । ଖାରବେଳଙ୍କ କଳିଙ୍ଗ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଏବଂ ସେ ହେଉଛନ୍ତି କଳିଙ୍ଗ ଶାସନ କରୁଥିବା ଚେଦୀ ବଂଶର ତୃତୀୟ ସମ୍ରାଟ । ତାଙ୍କର ଗୋସବାପା ମହାମେଘବାହନ କଳିଙ୍ଗକୁ ମଗଧ ଅଧିକାରରୁ ଖ୍ରୀ:ପୂ: ୭୨ରେ ମୁକ୍ତ କରି ଚେଦୀ ବଂଶର ଶାସନ ପ୍ରତିଷ୍ଠା କରିଥିଲେ । ଖାରବେଳ ଖ୍ରୀ:ପୂ: ୪୯ ରୁ ୪୦ ପର୍ଯ୍ୟନ୍ତ ଯୁବରାଜ ଏବଂ ଖ୍ରୀ:ପୂ: ୪୦ରେ ରାଜ ସିଂହାସନରେ ଅଭିଷିକ୍ତ ହୋଇଥିଲେ । ତାଙ୍କ ପରେ କୁଦେପଶିରି (କନ୍ଦର୍ପଶ୍ରୀ) ଏବଂ କୁମାର ବଡୁଖ କଳିଙ୍ଗର ସମ୍ରାଟ ହୋଇଥିବା ଉଦୟଗିରିସ୍ଥ ମପୁରୀ ଗୁମ୍ଫାରେ ଥିବା ଶିଳାଲେଖାରୁ ଜଣାଯାଏ ।

ମହାମେଘବାହନ (ଖ୍ରୀ:ପୂ: ୭୨) କଳିଙ୍ଗକୁ ସ୍ୱାଧୀନ କରିବା ପୂର୍ବରୁ ଏହି ରାଷ୍ଟ୍ର ମଗଧର ଅଧୀନତା ସ୍ୱୀକାର କରିଥିଲା, ଅଶୋକଙ୍କ ଦ୍ୱାରା କଳିଙ୍ଗ ଯୁଦ୍ଧରେ ପରାସ୍ତ ହୋଇ (ଖ୍ରୀ:ପୂ: ୨୬୧)ରେ । ଆଶୋକ ବୌଦ୍ଧ ଧର୍ମର ପ୍ରସାରରେ ଆତ୍ମନିୟୋଗ କରିଥିଲେ । ଖାରବେଳେ ଜୈନ ଧର୍ମାବଲମ୍ବୀ ସମ୍ରାଟ ଥିଲେ । ଉଭୟ ବୌଦ୍ଧ ଧର୍ମ ଓ ଜୈନ ଧର୍ମ, ବ୍ରାହ୍ମଣ୍ୟ ଧର୍ମ ବିରୋଧୀ ରୂପେ ସୃଷ୍ଟି ହୋଇଥିଲେ ଏବଂ ସିଦ୍ଧାର୍ଥ ମହାବୀର) ଏହି ଧର୍ମ ପ୍ରବର୍ତ୍ତନ କରିଥିଲେ । ବୁଦ୍ଧଦେବ ଓ ମହାବୀର ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରେ ଆବିର୍ଭୂତ ହୋଇ ନିଜ ନିଜ ଧର୍ମ ମତ ପ୍ରଚାର କରିଥିଲେ । ଉଭୟ ଧର୍ମ ପ୍ରବର୍ତ୍ତକ ସଂସ୍କୃତ ଭାଷା ପରିବର୍ତ୍ତେ ସାଧାରଣ ଲୋକ କଥିତ ଭାଷାରେ ସ୍ୱ ସ୍ୱ ଧର୍ମ ପ୍ରଚାର କରିଥିଲେ ।

ମୌର୍ଯ୍ୟ ବଂଶର ଶେଷ ରାଜା ବୃଦଦ୍ରଥଙ୍କୁ ହତ୍ୟା କରି ତାଙ୍କର ବ୍ରାହ୍ମଣ ପ୍ରଧାନ ସେନାପତି ପୁଷ୍ୟମିତ୍ର ସୁଙ୍ଗ ମଗଧ ରାଜସିଂହାସନ ଅଧିକାର କରିଥିଲେ । ଫଳରେ ପୁନରାୟ ମଗଧରେ ବ୍ରାହ୍ମଣ୍ୟ ପ୍ରଭାବ ମୁ□ ଟେକିଲା ଏବଂ ସଂସ୍କୃତ ଭାଷାର ପ୍ରଚଳନ ବୃଦ୍ଧି ଲାଭ କଲା । ଏହି ପୁଷ୍ୟମିତ୍ରଙ୍କୁ ପରାସ୍ତ କରି ଖାରବେଳ କଳିଙ୍ଗ-ଜିନାସନ ଉଦ୍ଧାର କରିଥିଲେ । ଖାରବେଳ ଜୈନ ଧର୍ମର ପୃଷ୍ଠପୋଷକ ଥିବାରୁ କଳିଙ୍ଗରେ ସ୍ଥାନୀୟ କଥିତ ଭାଷାରେ ଜୈନ ଧର୍ମ ପ୍ରଚାର ଲାଭ କରିଥିଲା । ମଗଧ ବୌଦ୍ଧ ଧର୍ମର କର୍ମଭୂମି ହୋଇଥିବାରୁ ମଗଧର ସ୍ଥାନୀୟ ଭାଷାରେ ତାହା ପ୍ରଚାରିତ ହୋଇଥିଲା । ବିଶେଷତଃ ସମ୍ରାଟ ଆଶୋକ ବୌଦ୍ଧ ଧର୍ମର ପୃଷ୍ଠପୋଷକତା କରିବାରୁ ମଗଧର ଆଳିକ ଭାଷାରେ ବୌଦ୍ଧ ଧର୍ମ ପ୍ରଚାରିତ ହୋଇଥିଲା । ମଗଧରେ ପ୍ରଚଳିତ ଭାଷା ସଂସ୍କୃତଠାରୁ ଭିନ୍ନ ଥିଲା । ଏହାଥିଲା ପ୍ରାକୃତ ଭାଷା ଏବଂ ମଗଧର ଭାଷା ପ୍ରାକୃତ ହୋଇଥିବାରୁ, ଏହାକୁ ମାଗଧୀ ପ୍ରାକୃତ ଭାଷା ରୂପେ ଅଭିହିତ କରାଯାଏ । ଏହି ମାଗଧୀ ପ୍ରାକୃତ ଭାଷାରେ ଅଶୋକ ତାଙ୍କର ଶିଳାନୁଶାସନଗୁଡିକ ଲେଖାଇଥିଲେ । ଅବଶ୍ୟ ବିଭିନ୍ନ ଅଳରେ ଲିପିବଦ୍ଧ ଶିଳାନୁଶାସନ ଗୁଡିକରେ ବ୍ୟବହୃତ (ମାଗଧୀ ପ୍ରାକୃତ) ଭାଷା, ସ୍ଥାନୀୟ ଭାଷାର ପ୍ରଭାବରୁ ମୁକ୍ତ ନଥିଲା । ଭାରତର ବିଭିନ୍ନ ପ୍ରାନ୍ତରେ ଅବସ୍ଥିତ ଆଶୋକଙ୍କ ଶିଳାଲେଖଗୁଡିକୁ ଅନୁଧ୍ୟାନ କଲେ, ଏହା ଜଣାପଡେ ।

କଳିଙ୍ଗ ଅଧିକାର କରିନେବା ପରେ କଳିଙ୍ଗ ରାଷ୍ଟ୍ର ମଧ୍ୟରେ ଅଶୋକ ଦୁଇଟି ଶିଳାନୁଶାସନ ଲେଖାଇଥିଲେ । ଏହି ଦୁଇ ଅନୁଶାସନ ଧଉଳି ଏବଂ ଜଉଗଡରେ ପରିଦୃଷ୍ଟ । ଏହା ବ୍ରାହ୍ମୀଲିପି ଏବଂ ମାଗଧୀ ପ୍ରାକୃତ ଭାଷାରେ ଲିଖିତ ହୋଇଥିଲେ ମଧ୍ୟ ଏଥିରେ ସ୍ଥାନୀୟ ଆଳିକ ଭାଷାର ପ୍ରଭାବ ପରିଲକ୍ଷିତ ହୁଏ । ଧଉଳିର ଅଶୋକ ଶିଳାଲେଖର ଭାଷା ଏବଂ ଖାରବେଳଙ୍କ ଦ୍ୱାରା ଲିଖିତ ହାତୀଗୁମ୍ଫା ଶିଳାଲେଖ ବ୍ରାହ୍ମୀଲିପିରେ ଲଖିତ । ମାତ୍ର ଏହାର ଭାଷା ଧଉଳିର ଅଶୋକ ଶିଳାଲେଖ ଭାଷାଠାରୁ ଅଲଗା । ତେବେ ଧଉଳି ଅଶୋକ ଶିଳାଲେଖରେ ବ୍ୟବହୃତ ମାଗଧୀ ପ୍ରାକୃତ ଭାଷା ଉପରେ ପ୍ରଭାବ ପକାଇଥିବା କଳିଙ୍ଗର ଆଳିକ ଭାଷା କ'ଣ ଥିଲା ? ପୁନଶ୍ଚ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଭାଷା କ'ଣ ? ହାତୀଗୁମ୍ଫା ଶିଳାଲିପିର ଭାଷା ପାଲି ବା ଉଡ୍ର ପ୍ରାକୃତ (କଳିଙ୍ଗ ପ୍ରାକୃତ) ଅଟେ । ଏହି ଭାଷାର ବହୁ ସାମଞ୍ଜସ୍ୟ

ସିଂହଳର ପ୍ରାଚୀନ ଓ ମଧ୍ୟଯୁଗରେ ସମୃଦ୍ଧି ଲାଭ କରିଥିବା ବୌଦ୍ଧ ଧର୍ମୀୟ ପାଲି ଭାଷା ('ଦାଠା ଧାତୁ ବଂଶ'ରେ ବ୍ୟବହୃତ ଭାଷା) ସହିତ ପରିଲକ୍ଷିତ ହୁଏ । ଏହା ପିପରି ଘଟିଲା ? ହାତୀଗୁମ୍ଫା ଶିଳାଲେଖରେ ବ୍ୟବହୃତ ପ୍ରାକୃତ ଭାଷା କଳିଙ୍ଗରୁ କାଳକ୍ରମେ ଲୋପ ପାଇଯାଇଥିବାବେଳେ ସିଂହଳରେ ବହୁ ଶତାବ୍ଦୀ ଧରି ଏହାର ସମଗୋତ୍ରୀୟ ପାଲି ଭାଷା ବୌଦ୍ଧ ଧର୍ମ ସାହିତ୍ୟ ରଚନାରେ ବ୍ୟବହୃତ ହୋଇ ସମୃଦ୍ଧି ଲାଭ କରିଥିଲା । ସିଂହଳୀ ପାଲି ସେ ଭୂଖଣ୍ଡର ନିଜସ୍ୱ ଆଳିକ ଭାଷାଥିଲା କି ଏହା କଳିଙ୍ଗରୁ ସିଂହଳକୁ ସ୍ଥାନାନ୍ତରିତ ହୋଇଥିଲା ? ଉପରେ ପ୍ରଦତ୍ ଏହି ପ୍ରଶ୍ନଗୁଡ଼ିକର ଉତ୍ର ଉପରେ ଖାରବେଳଙ୍କ ସମସାମୟିକ କଳିଙ୍ଗରେ କେଉଁ ଭାଷା ପ୍ରଚଳିତ ଥିଲା, ତାହା ସମ୍ୟକ ସ୍ପଷ୍ଟ ହୋଇଯିବ ।

ତତ୍କାଳୀନ (ଖ୍ରୀ:ପୂ:) କଳିଙ୍ଗ-ଉଡ୍ର-ଉତ୍କଳ ଭୂଖଣ୍ଡରେ ପ୍ରଚଳିତ (ସଂଖ୍ୟାଗରିଷ୍ଠଙ୍କ) ଭାଷାରେ ରଚିତ କୌଣସି ପ୍ରାମାଣିକ ଗ୍ରନ୍ଥ ଦେଖିବାକୁ ମିଳେନାହିଁ । ଅଶୋକଙ୍କ ଧଉଳି ଓ ଜଉଗଡରେ ଥିବା ଶିଳାଲେଖ ଏବଂ ଉଦୟଗିରି (କୁମାର ପର୍ବତ)ସ୍ଥ ହାତୀଗୁମ୍ଫା ଶିଳାଲେଖ ତତ୍କାଳୀନ ପ୍ରଚଳିତ ଭାଷାର ପ୍ରମାଣ ସ୍ୱରୂପ ବିଦ୍ୟମାନ । ଏତଦ୍‌ବ୍ୟତୀତ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଭରତ ମୁନି କୃତ 'ଭରତ ନାଟ୍ୟ ଶାସ୍ତ୍ର'ରେ 'ଉଡ୍ର ବିଭାଷା', 'ତାମିଲ ବିଭାଷାା' ପ୍ରଭୃତିର ସୂଚନା ଅଛଇ । 'ଉଡ୍ର ବିଭାଷା' ସେତେବେଳେ କଳିଙ୍ଗ-ଉଡ୍ର-ଉତ୍କଳ ଭୂଖଣ୍ଡରେ ପ୍ରଚଳିତ ସ୍ଥାନୀୟ ଭାଷା । ଅଶୋକଙ୍କ ଜଉଗଡ ଅନୁଶାସନରେ 'ଆଟବିକ' ରାଜ୍ୟ (ଯାହାକୁ ଅଶୋକ କଳିଙ୍ଗ ଯୁଦ୍ଧ ସମୟରେ ବିଜୟ କରିପାରି ନଥିଲେ) କଥା ଉଲ୍ଲେଖ ଅଛି । ଏହା ଓଡିଶାର ପଶ୍ଚିମସ୍ଥ ପାର୍ବତ୍ୟ ମାଳଭୂମିରେ ଅବସ୍ଥିତ ଅଳକୁ ବୁଝାଏ । ଏହି ଅଳରେ ଆଜିର ଆଦିବାସୀମାନଙ୍କ ପରି ସେତେବେଳେ ଆଟବିକ ଜନଜାତି ବାସ କରୁଥିଲେ, ଯେଉଁମାନଙ୍କର ନିଜର କଥିତ ଭାଷା ଥିଲା । ଓଡିଶାର ୬୨ ଆଦିବାସୀ ସମ୍ପ୍ରଦାୟ ମାନଙ୍କର କଥିତ ଭାଷା ସେହି ପ୍ରାଚୀନ ଆଟବିକ ଉପଭାଷା ବା ବିଭାଷାର ଅପଭ୍ରଂଶ ଓ ଉତରାଧିକାରୀ ନିଶ୍ଚୟ ।

ଅପରପକ୍ଷେ, ଉଦୟଗିରି ହାତୀଗୁମ୍ଫାରେ ଲିପିବଦ୍ଧ ଭାଷା (ଖ୍ରୀ:ପୂ: ପ୍ରଥଢ଼ ଶତାବ୍ଦୀ) ଭରତ ନାଟ୍ୟଶାସ୍ତ୍ର (ଖ୍ରୀଷ୍ଟୀୟ ଦ୍ୱିତୀୟ ଶଦାବ୍ଦୀ)ରେ ଉଲ୍ଲିଖିତ 'ଉଡ୍ର ବିଭାଷା'ର ପୂର୍ବବର୍ତୀ ଭାଷା ତଥା ଉଡ୍ର ବିଭାଷା ତାହାର ବିବର୍ତିତ ରୂପ ନିଶ୍ଚୟ । ଏଥିରେ ସନ୍ଦେହର ଅବକାଶ ନାହିଁ ।

ଭାରତର ପ୍ରାଚୀନ ଗ୍ରନ୍ଥମାନଙ୍କରେ ଆମେ 'ଉଡ୍ର' ନାମକ ଏକ ବିଶିଷ୍ଟ ଜନଗୋଷ୍ଠୀର ଅସ୍ତିତ୍ୱ ଯେପରି ଜାଣିବାକୁ ପାଉଁ, ସେହିପରି ମଧ୍ୟ ଜାଣିବାକୁ ପାଉ ଏକ ବିଶିଷ୍ଟ ଉଡ୍ର ଭାଷାର । ପ୍ରାଚୀନ ଗ୍ରନ୍ଥମାନଙ୍କରେ କୌଣସି ସ୍ୱତନ୍ତ୍ର ଭାଷା ଥିବାର ଉଲ୍ଲେଖ କାହିଁ ହେଲେ ନାହିଁ । ତେଣୁ ପ୍ରାଚୀନ ଉଡ୍ର ଭାଷାକୁ ହିଁ ଆମେ ଏହି ଅଳର ଆଦିମ ଓ ମୌଳିକ ଭାଷା ବୋଲି ଧରିନେବାକୁ ହେବ । ଭରତଙ୍କ ନାଟ୍ୟଶାସ୍ତ୍ରରେ 'ଉଡ୍ର' କିନ୍ତୁ ଏକ ଭାଷା ନୁହେଁ, ତାହ ବିଭାଷା ବୋଲି ବର୍ଣ୍ଣିତ' । ସେହିପରି ତତ୍କାଳୀନ ତାମିଲ ଭାଷାଭାଷୀ ଭୂଖଣ୍ଡରେ ପ୍ରଚଳିତ ଭାଷାକୁ 'ନାଟ୍ୟ ଶାସ୍ତ୍ର'ରେ 'ତାମିଲ ବିଭାଷା' ବୋଲି କୁହାଯାଇଛି । ଏହାର କାରଣ, ଏହି ଭୂଖଣ୍ଡଗୁଡ଼ିକ ବ୍ରାହ୍ମଣ୍ୟ ପ୍ରାଧାନ୍ୟଠାରୁ ଦୂରରେ ଥିଲେ । ବ୍ରାହ୍ମଣ୍ୟ ପ୍ରଧାନ (ଆର୍ଯ୍ୟାବର୍ତ) ଅଞ୍ଚଳରେ ସଂସ୍କୃତ ଭାଷା ପ୍ରଚଳିତ ଥିଲା । ମଗଧ, ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ, ପୁଣ୍ଡ୍ର ରାଷ୍ଟ୍ରଗୁଡ଼ିକ ବହୁଶତାବ୍ଦୀ ଧରି ଆର୍ଯ୍ୟ ସଂସ୍କୃତି ବାହାରେ ଥିଲେ । ତେଣୁ ଏହି ରାଷ୍ଟ୍ରଗୁଡ଼ିକ ସଂସ୍କୃତ ପ୍ରଭାବରୁ ଦୂରରେ ଥିଲେ । 'ସଂସ୍କୃତ' ବଦଳରେ 'ପ୍ରାକୃତ' ଏହି ଭୂଖଣ୍ଡଗୁଡ଼ିକରେ ପ୍ରଚଳିତ ଭାଷା ଥିଲା । ମଗଧରେ ମାଗଧୀ ପ୍ରାକୃତ, କଳିଙ୍ଗରେ ଉଡ୍ର (ବିଭାଷା) ପ୍ରାକୃତ, ଗୁରୁରାଟରେ ପୈଶାଚୀ- ପ୍ରାକୃତ, ପୁଣ୍ଡ୍ରରେ ତାମିଲ (ବିଭାଷା) ପ୍ରାକୃତ ଇତ୍ୟାଦି ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗର ସଂସ୍କୃତି ଉତ୍କର୍ଷତାର ଉଚ୍ଚତର ସୋପାନରେ ଆରୋହଣ କରିଥିଲେ ମଧ୍ୟ ଏହାର ସାମାଜିକ ଜୀବନ 'ମହାପଦ୍ମନନ୍ଦ' - ପୂର୍ବ ସମୟ ପରି ଥିଲା । ଅଙ୍ଗ, ବଙ୍ଗ, କଳିଙ୍ଗ, କୁଣ୍ଡ୍ର, ସୁହ୍ମ, ପ୍ରଭୃତିର ବାସିନ୍ଦାମାନଙ୍କୁ ତତ୍କାଳୀନ ବିଧିଦାତା ବୌଦ୍ଧାୟନ "ସଂକୀର୍ଣ୍ଣ ଯୋନିୟଃ" ବୋଲି ଅଭିହିତ କରିଛନ୍ତି । ପ୍ରାଚୀନ କଳରେ

କଳିଙ୍ଗକୁ 'ମ୍ଳେଚ୍ଛ' ବା 'ପତିତ ଦେଶ' ବୋଲି ଆର୍ଯ୍ୟମାନେ କହୁଥିଲେ । ଏହି ଭୂଖଣ୍ଡ ପରିକ୍ରମା କରିବା ନିଷିଦ୍ଧ ଥିଲା ଏବଂ ଯଦି କେହି ଏହି ଭୂଖଣ୍ଡ ପରିଭ୍ରମଣ କରୁଥିଲେ, ତାହାଙ୍କୁ ପ୍ରାୟଶ୍ଚିତ କରିବାକୁ ପଡୁଥିଲା । ଆର୍ଯ୍ୟକରଣ ବା ବ୍ରାହ୍ମଣ୍ୟକରଣ ପ୍ରକ୍ରିୟା ଏ ଭୂଖଣ୍ଡମାନଙ୍କରେ ବହୁ ଶତାବ୍ଦୀ ପରେ ଧୀରେ ଧୀରେ ସଂଘଟିତ ହୋଇଥିଲା । ତେଣୁ ବେଦ ଓ ବୈଦିକ ଭାଷା (ସଂସ୍କୃତ) ବିରୋଧୀ ଧର୍ମ-ବୌଦ୍ଧ ଏବଂ ଜୈନ ମତବାଦର ପ୍ରଚାର, ଖୁବ ଶୀଘ୍ର ମଗଧ ଓ କଳିଙ୍ଗରେ ଅନୁଷ୍ଠିତ ହୋଇପାରିଥିଲା । ଏହି ରାଷ୍ଟ୍ରଦ୍ୱୟର ରାଜଶକ୍ତି ଏହି ବେଦ ବିରୋଧୀ ଧର୍ମ ଦ୍ୱୟର ପୃଷ୍ଠପୋଷକତା କରିବାରୁ ତାହା ସ୍ୱ ସ୍ୱ ରାଷ୍ଟ୍ରୀୟ 'ପ୍ରାକୃତ ଭାଷାରେ ପ୍ରଚାରିତ ହୋଇଥିଲା । ତାହାର ଫଳସ୍ୱରୂପ ଏହି ଅଳରେ ଅଶୋକ ଓ ଖାରବେଳ ଶିଳାଲେଖ ପ୍ରାକୃତ ଭାଷାରେ ଲିପିବଦ୍ଧ ହୋଇ ଏବେ ଦେଖିବାକୁ ମିଳୁଛି ।

ଭରତ ମୁନି 'ନାଟ୍ୟ ଶାସ୍ତ୍ର'ରେ ଉଲ୍ଲେଖ କରିଥିବା 'ଉଡ୍ର ବିଭାଷା'ରେ ରଚିତ କୌଣସି ଗ୍ରନ୍ଥ ଦେଖିବାକୁ ମିଳେନ ନାହିଁ, ଯଦିଓ ଉଡ୍ର ପ୍ରାକୃତ ଭାଷା' ଖାରବେଳଙ୍କ ଆବିର୍ଭାବର ବହୁ ଶତାବ୍ଦୀ ପୂର୍ବରୁ ଏହି ଭୂଖଣ୍ଡରେ ପ୍ରଚଳିତ ଥିବ ଏବଂ ଏହାର ପ୍ରଭାବ ଅଶୋକଙ୍କ ଧଉଳି ଓ ଜଉଗଡ ଅନୁଶାସନ ଦ୍ୱୟରେ ପ୍ରତିଫଳିତ ହୋଇଥିବ । ଅଶୋକ ବହିରାଗତ କଳିଙ୍ଗ ବିଜୟୀ ସମ୍ରାଟ୍ ହୋଇଥିବାରୁ ସେ ତାଙ୍କ ରାଷ୍ଟ୍ର (ମଗଧ) ରେ ପ୍ରଚଳିତ ପ୍ରାକୃତ ଭାଷାରେ ଏହି ଦୁଇ ଅନୁଶାସନ ଲେଖିଛନ୍ତି । ମାତ୍ର ମଗଧ ବିଜୟୀ ଖାରବେଳ ଯେତେବେଳେ ହାତୀଗୁମ୍ଫା ଶିଳାଲେଖରେ ନିଜର ବିଜୟଗାଥା ଉତ୍କୀର୍ଣ୍ଣ କରୁଛନ୍ତି, ସେ ନିଶ୍ଚୟ ନିଜ ରାଷ୍ଟ୍ର ଭାଷା ତଥା ସ୍ଥାନୀୟ କଥିତ ଭାଷା (ଯାହା ସର୍ବସାଧାରଣଙ୍କ ବୋଧଗମ୍ୟ)ରେ ହିଁ କରିଥିବେ । ଏଥିରେ ବାହାର ପ୍ରଭାବ ନପଡିବା ପାଇଁ ନିଶ୍ଚୟ ସଚେତନ ଥିବେ । ବିଶେଷତଃ ମଗଧକୁ ପଦାନତ କରି ଯେତେବେଳେ ନନ୍ଦରାଜାଙ୍କ ଦ୍ୱାରା ଅପହୃତ କଳିଙ୍ଗ ଜିନାସନକୁ ଚାରି ଶତାବ୍ଦୀ ପରେ ପୁନରୁଦ୍ଧାର କରି ଆଣୁଛନ୍ତି, ସେହି ମହାର୍ଘ କୃତିତ୍ୱ ଗାଥା ନିଶ୍ଚୟ ନିଜ ରାଷଟ୍ରରେ ପ୍ରଚଳିତ ପ୍ରାକୃତ (ପାଳି) ଭାଷାରେ ଲେଖାଇଥିବେ । ତେଣୁ ହାତୀଗୁମ୍ଫାରେ ଲିପିବଦ୍ଧ ଖାରବେଳଙ୍କ ରାଜ୍ୟ ଶାସନ ସମୟର ବିବରଣୀ ଏବଂ ବିଜୟଗାଥା ତତ୍କାଳୀନ କଳିଙ୍ଗର ସମ୍ଭ୍ରାନ୍ତ (ସଂଖ୍ୟାଗରିଷ୍ଠଙ୍କ କଥିତ ଓ ବୋଧଗମ୍ୟ) ଭାଷାରେ ଲିଖିତ । ଏହି ଭାଷାର ପ୍ରଭାବ ପୂର୍ବରୁ ଖୋଦିତ ଅଶୋକଙ୍କ 'ଧଉଳି ଅନୁଶାସନ'ରେ ବ୍ୟବହୃତ ଭାଷା ଉପରେ ନିଶ୍ଚୟ ପଡିଥିବ, ଏଥିରେ ସନ୍ଦେହ ନାହିଁ ।

ଅଶୋକ ଏବଂ ସୁଙ୍ଗ ଶିଳାଲିପି ଗୁଡିକରେ ବ୍ୟବହୃତ ପ୍ରାଚୀନ ମାଗଧୀ ଅପେକ୍ଷା ହାତୀଗୁମ୍ଫା ଶିଳାଲିପିରେ ବ୍ୟବହୃତ ଭାଷା ଉନ୍ନତତର ଏବଂ ଏହା ପାଳି ଭାଷାର ନିକଟବର୍ତ୍ତୀ ଅର୍ଥାତ ପାଳି ଭାଷା ସହ ଏହାର ସାଦୃଶ୍ୟ ବାରି ହୋଇଯାଏ । ପୂର୍ବ ଭାରତୀୟ ଶିଳାଲିପି ଭାଷାର ପାଳି ଭାଷା ଆଡକୁ ମୁହାଁଇବା ଧାରା ପ୍ରମାଣିତ କରେ ଯେ, ହାତୀଗୁମ୍ଫାର 'ପାଳି ସଦୃଶ ଭାଷା' ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ପରବର୍ତ୍ତୀ ଭାଷା । ଖୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ସରକାରୀ ଓ ବେସରକାରୀ ରେକର୍ଡଗୁଡିକ ମାଗଧୀ ଭାଷାରେ ହିଁ ଲେଖାଯାଉଥିବାର ପ୍ରମାଣ ମିଳେ । ତେଣୁ ଖାରବେଳ ଏବଂ ତାଙ୍କ ଦ୍ୱାରା ଉତ୍କୀର୍ଣ୍ଣ ହାତୀଗୁମ୍ଫା ଶିଳାଲିପିର ଭାଷା ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର କଳିଙ୍ଗରେ (ଅତି କମ୍‌ରେ ଭୁବନେଶ୍ୱର ଅଳରେ) ପ୍ରଚଳିତ ଭାଷାର ନିକଟବର୍ତ୍ତୀ ଏବଂ ଏହା ସମ୍ଭବପର ହୋଇଥିଲା-କଳିଙ୍ଗ ସେତେବେଳକୁ ମଗଧର ଅଧିକାରରୁ ମୁକ୍ତିଲାଭ କରିଥିବା ଦୃଷ୍ଟିରୁ । ମୌର୍ଯ୍ୟ ସମ୍ରାଟ୍ ଅଶୋକ, କଳିଙ୍ଗ ଉପରେ ବିଜୟ ହାସଲ କରି ଧଉଳି ଓ ଜଉଗଡ ଶିଳାନୁଶାସନ ଲେଖିଥିବା ଘଟଣାକୁ ପ୍ରତ୍ୟେକ୍ଷ କରି କଳିଙ୍ଗର ଚେଦି ବଂଶୀୟ ଦିଗ ବିଜୟୀ ସମ୍ରାଟ ଖାରବେଳ ଉଦୟଗିରିର ହାତୀଗୁମ୍ଫାରେ ନିଜର ରାଜକୀୟ କାର୍ଯ୍ୟକଳାପ ଓ ଦିଗବିଜୟ କଥା ଲିପିବଦ୍ଧ କରାଇଥିଲେ ଏବଂ ଏହାର ଭାଷା ଥିଲା କଳିଙ୍ଗର ନିଜସ୍ୱ ।

ଯୁବରାଜ ଭାବେ ଖାରବେଳ ଯେଉଁ ଅଳ ଶାସନ କରୁଥିଲେ, ତାହା କୃଷ୍ଣା ଏବଂ ଋଷିକୁଲ୍ୟା ନଦୀ ଦ୍ୱୟର ମଧ୍ୟବର୍ତ୍ତୀ ଥିଲା । ରାଜା ହେବା ପରେ ସେ ନିଜର ରାଜ୍ୟ ବିସ୍ତାର କରି ଉଡ୍ର ଏବଂ ଉତ୍କଳକୁ ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ଋଷିକୁଲ୍ୟା ଉତରକୁ ଉଡ୍ର ରାଷ୍ଟ୍ର ଅବସ୍ଥିତ ଥିଲା ଏବଂ ଏହାକୁ ଐର ବଂଶୀୟ ଅରଭିଲ୍ଲ ଶାସନ କରୁଥିଲେ ଏବଂ ଖଣ୍ଡାଚଳ (ଖଣ୍ଡଗିରି) ନିକଟରେ ତାଙ୍କର ରାଜଧାନୀ ଥିଲା । ଅରଭିଲ୍ଲ ଖାରବେଳଙ୍କ ସେନାପତି ସିଦ୍ଧ ମଲ୍ଲଙ୍କ ଦ୍ୱାରା ପରାସ୍ତ

ହୋଇଥିଲେ । ଏ ବିଷୟ 'ବ୍ରହ୍ମାଣ୍ଡ ପୁରାଣ' ରେ ବର୍ଣ୍ଣିତ ହୋଇଅଛି । 'ଉଡ୍ର'ର ଉତରରେ ଉତ୍କଳ (ଉତ୍କଳ) ଅବସ୍ଥିତ ଥିଲା । ତେଣୁ ଖଣ୍ଡଗିରି ଅଳ ଉଡ୍ର ରାଷ୍ଟ୍ରର ଅନ୍ତର୍ଗତ ଥିଲା  ଏବଂ ଏହି ଅଳର ଭାଷା ଭରତ ନାଟ୍ୟଶାସ୍ତ୍ରରେ ଉଲ୍ଲିଖିତ 'ଉଡ୍ର ବିଭାଷା' ହିଁ ଥିଲା । 'ଉଡ୍ର ବିଭାଷା' ଏବଂ ହାତୀଗୁମ୍ଫାରେ (ବ୍ରାହ୍ମୀ ଲିପିରେ) ବ୍ୟବହୃତ ପାଲି ଭାଷା' ଏକ କିମ୍ୱା ପ୍ରଥମଟି (ଉଡ୍ର ବିଭାଷା-ଖ୍ରୀଷ୍ଟିୟ ଦ୍ୱିତୀୟ ଶତାବ୍ଦୀ) ଦ୍ୱିତୀୟର (ହାତୀଗୁମ୍ଫାର ଭାଷା- ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ) ଉତ୍ତରଣ । ସେ ଦୃଷ୍ଟିରୁ ପ୍ରଥମ ଅପେକ୍ଷା ଉନ୍ନତତର ।

ଅଶୋକଙ୍କ ଧଉଳି ଶିଳାଲେଖର ଭାଷା ସାଦାସିଧା, ସରଳ ଏବଂ ଅଳଙ୍କାର ଶୂନ୍ୟ ସରକାରୀ ଆଦେଶନାମାର ଭାଷା । ମାତ୍ର ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଭାଷା ଛନ୍ଦୋବଦ୍ଧ, କାବ୍ୟ ଶୈଳୀର ଯମକ ଯତିପାତ ସମ୍ବଳିତ ଆଳଂକାରିକ ଗଦ୍ୟଭାଷା । ଅଶୋକଙ୍କ ସମୟର ରାଜକୀୟ ଭାଷା ଅପେକ୍ଷା ଖାରବେଳଙ୍କ (ଦ୍ୱାରା ବ୍ୟବହୃତ) ସମୟର ଭାଷା ଅନେକ ସମୃଦ୍ଧ, ବିକାଶପ୍ରାପ୍ତ ଓ କାବ୍ୟିକ । ଏହି ଶିଳାଲେଖ ବିବରଣୀରେ 'ମହାରାଜା', 'ଚକ୍ରବର୍ତୀ' ପରି ରାଜପ୍ରଶସ୍ତି ତଥା ରାଜ ପଦବୀଗୁଡିକ ପ୍ରଥମ ଥର ପାଇଁ ପ୍ରାଚୀନ ଭାରତୀୟ ରାଜକୀୟ ଶିଳାଲେଖରେ ଦେଖିବାକୁ ମିଳେ । ଏହାହିଁ ଏହାର ନବୀନତା ଓ ଅଗ୍ରଗାମିତା ପ୍ରମାଣ କରେ ।

'ଭରତ ନାଟ୍ୟଶାସ୍ତ୍ର' ବର୍ଣ୍ଣନା ଅନୁଯାୟୀ ପ୍ରାଚୀନ କାଳରେ ଭାରତବର୍ଷକୁ 'ପ୍ରବୃତି' ଭେଦରେ ଚାରି ଭାଗରେ ବିଭକ୍ତ କରାଯାଉଥିଲା । 'ପ୍ରବୃତି୍ ଏକ ବିସ୍ତାରିତ ଶବ୍ଦ' ଯାହା ଜନଗୋଷ୍ଠୀର ପୋଷାକ, ଭାଷା ଏବଂ ପ୍ରଥାକୁ ନିର୍ଦ୍ଦିଷ୍ଟ କରିଥାଏ । ଭାରତବର୍ଷକୁ ଯେଉଁ ଚାରୋଟି ପ୍ରବୃତିରେ ବିଭକ୍ତ କରାଯାଏ, ସେଗୁଡିକ ହେଲା ପଶ୍ଚିମରେ 'ଅବନ୍ତୀ' ଦକ୍ଷିଣରେ 'ଦାକ୍ଷିଣାତ୍ୟ' ଉତ୍ତରରେ 'ପାଞ୍ଚାଳୀ' ଏବଂ ପୂର୍ବରେ ଉଡ୍ର-ମାଗଧୀ । ଓଡ୍ର-ମାଗଧୀ ଦୁଇଟି ଅଳକୁ ବୁଝାଉଥିଲା – ଉଡ୍ର ଓ ମଗଧ । ଏହି ଦୁଇ ଅଳ ମଧ୍ୟରେ କେତେକ ଉପାଳ ଅନ୍ତର୍ଭୁକ୍ତ ଥିଲେ । ସେଗୁଡିକ ହେଲେ – ଅଙ୍ଗ, ବଙ୍ଗ, କଳିଙ୍ଗ, ବତ୍ସ, ଓଡ୍ର, ମଗଧ ପୌଣ୍ଡ୍ର, ନେପାଳ, ଅନ୍ତରଗିରି, ବହିରଗିରି, ପ୍ଲବଙ୍ଗମ, ମାଳଦ, ପ୍ରାଗଜ୍ୟୋତିଷ, ପୁଳିନ୍ଦ, ବୈଦେହ, ବ୍ରହ୍ମ, ବ୍ରହ୍ମୋତ୍ତର ଇତ୍ୟାଦି । ଓଡ୍ର- ମାଗଧୀ ସଂସ୍କୃତିର ପରିସର ବହୁ ବ୍ୟାପକ ଥିଲା । ଭାଷା ଦୃଷ୍ଟିରୁ ଏହା ଦୁଇ ଭାଗରେ ବିଭକ୍ତ ଥିଲା । କେତେକ ଭୂଭାଗ ଓଡ୍ର ପ୍ରାକୃତ ଏବଂ ଆଉ କେତେକ ମାଗଧୀ ପ୍ରାକୃତର ଅନ୍ତର୍ଗତ ଥିଲେ । ମୌର୍ଯ୍ୟ କାଳରେ ମଗଧ ଭାରତବର୍ଷ, ବିଶେଷତଃ ଉତ୍ତର ଭାରତରେ ପ୍ରାଧାନ୍ୟ ବିସ୍ତାର କରିଥିଲାବେଳେ ମାଗଧୀ ପ୍ରାକୃତ; ପ୍ରମୁଖ ଭାଷା ରୂପେ ବ୍ୟବହୃତ ହେଉଥିଲା ଏବଂ ଲୋକପ୍ରିୟ ଥିଲା । ପ୍ରାଥମିକ ଅବସ୍ଥାରେ ଏହା ପାଟଳୀପୁତ୍ର ଏବଂ ଏହାର ଆଖପାଖର ଭାଷା ଥିଲା । ମଗଧ ସାମ୍ରାଜ୍ୟର କଳେବର ପ୍ରସାର ଲାଭ କରିବା ସଙ୍ଗେ ସଙ୍ଗେ ଏହା ଅଶୋକ ଶାସିତ ସମଗ୍ର ସାମ୍ରାଜ୍ୟର ମୁଖ୍ୟ ଭାଷାରେ ପରିଣତ ହୋଇଥିଲା ଏବଂ ଅଶୋକଙ୍କର ସମସ୍ତ ଶିଳାନୁଶାସନ ମାଧ୍ୟମରେ ଅଶୋକ ତାଙ୍କ ସମଗ୍ର ସାମ୍ରାଜ୍ୟ ମଧ୍ୟରେ ସଂହତି ଓ ପ୍ରଶାସନିକ ଦୃଢ଼ତା ପ୍ରତିଷ୍ଠା କରିଥିଲେ ।

ଖ୍ରୀଷ୍ଟିୟ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ନାଟ୍ୟ ଶାସ୍ତ୍ରର ରଚନା ସମୟ  ସ୍ଥାନିତ କରାଯାଏ । ଅତଏବ ଏହା ଖାରବେଳଙ୍କ ରାଜତ୍ୱ କାଳର ନିକଟବର୍ତୀ ଅଟେ । ଅଧିକନ୍ତୁ, ନାଟ୍ୟ ଶାସ୍ତ୍ର ପ୍ରାକ୍ତନ ଗାନ୍ଧବ୍ର ବେଦକୁ ଭିତ୍ତିକରି ରଚିତ ହୋଇଥିଲା । ଏ ଦୃଷ୍ଟିରୁ ଓଡ୍ର- ମାଗଧୀ ଭାଷା-ସଂସ୍କୃତି କଳିଙ୍ଗରେ ମହାମେଘବାହନଙ୍କ ଶାସନ ସମୟରେ ପ୍ରଚଳିତ ଥିଲା । ଉୟଗିରି ଓ ଖଣ୍ଡଗିରିରେ ପରିଦୃଷ୍ଟ ବ୍ରାହ୍ମୀ ଶିଳାଲିପିଗୁଡିକ ଏକ ଉନ୍ନତ ଭାଷାର ସ୍ୱାକ୍ଷର ବହନ କରେ ଯାହା ମାଗଧୀ ଭାଷାଠାରୁ ସ୍ୱତନ୍ତ୍ର ଏବଂ ଏହାର ଭାଷାତତ୍ତ୍ୱିକ ଲକ୍ଷଣ ଗୁଡିକ ଅଲଗା । ଖଣ୍ଡଗିରି-ଉଦୟଗିରି ଶିଳାଲେଖର ସମସାମୟିକ ଅନ୍ୟ କୌଣସି ଶିଳାଲେଖ ପୂର୍ବ ଭାରତରେ ମିଳୁନଥିବାରୁ ଅନ୍ୟ କୌଣସି ଭାଷା ଏପରି ପ୍ରଭାବଶାଳୀ ଭାବେ ଏହି ଭୂଖଣ୍ଡରେ ପ୍ରଚଳିତ ଥିବାର ପ୍ରମାଣ ମିଳୁନାହିଁ । ତେଣୁ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ନାଟ୍ୟ ଶାସ୍ତ୍ରରେ ଉଲ୍ଲିଖିତ ଏହି ଦୁଇଟି ମାନକ ଭାଷା ମଧ୍ୟରୁ ଗୋଟିଏ ଖଣ୍ଡଗିରି-ଉଦୟଗିରି ଶିଳାଲେଖରେ ବ୍ୟବହୃତ ହୋଇଥିଲା । 'ଓଡ୍ର ପ୍ରାକୃତ' ଓ ମାଗଧୀ ପ୍ରାକୃତ' ପାଖାପାଖି ରହି ଏକ ସମୟରେ ବିକଶିତ ହୋଇଥିଲେ ଏବଂ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ

ଉଚ୍ଚ ସାହିତ୍ୟିକ ଗୁଣବତାର ଅଧିକାରୀ ହୋଇଥିଲେ । କଳିଙ୍ଗ ଓଡ୍ର ଏବଂ ତଦ୍ରୂପ କେତେକ ପୂର୍ବ ଭାରତୀୟ ଅଳ ବା ରାଷ୍ଟ୍ରିୟ ଓଡ୍ର ପ୍ରାକୃତ ଭାଷା ପରିବାରଭୁକ୍ତ ଥିଲେ ।

ଯଦିଓ 'ନାଟ୍ୟ ଶାସ୍ତ୍ର' ଏହି ଭାଷାକୁ 'ଓଡ୍ର ପ୍ରାକୃତ' ବା 'ଓଡ୍ର ବିଭାଷା' ରୂପେ ବର୍ଣ୍ଣନା କରିଛି, ଏହା କେବଳ ଏକ ସାହିତ୍ୟହୀନ କଥିତ ଭାଷା ଅବସ୍ଥାରେ ନଥାଇପାରେ । ଭାଷାବିତ୍ ବିଦ୍ୱାନମାନେ ବ୍ରାହ୍ମୀଲିପିରେ ଖଣ୍ଡଗିରି - ଉଦୟଗିରିରେ ଲିପିବଦ୍ଧ ଭାଷାର (ମାଗଧୀ ପ୍ରାକୃତ ଠାରୁ) ସ୍ୱାତନ୍ତ୍ର୍ୟ ପ୍ରମାଣିତ କରି ଏହାକୁ ପ୍ରତିଷ୍ଠିତ କରିଛନ୍ତି । ଏହାର ସ୍ୱାତନ୍ତ୍ର୍ୟର ନମୁନା କେତୋଟି ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ପ୍ରଦତ୍:

୧. ଆବଶ୍ୟକତା ଥାଇ ମଧ୍ୟ ବ୍ୟଞ୍ଜନବର୍ଣ୍ଣର ଦ୍ୱିତକରଣକୁ ବାଦ ଦିଆଯାଇଛି ।

୨. କେତେକ କ୍ଷେତ୍ରରେ ଶାସ୍ତ୍ରୀୟ ସଂସ୍କୃତର ନିକଟବର୍ତିତା ପରିଦୃଷ୍ଟ ଯଥା :- 'ମହାମେଘବାହନେ (୧.୧) ଏବଂ ଚନ୍ଦାପୟତି (୧.୧୨) ଇତ୍ୟାଦି ।

୩. ନୀତି ଶାସ୍ତ୍ରରେ ବ୍ୟବହୃତ 'ପାଲି' ସହ ବହୁ ପରିମାଣରେ ଏହାର ନିକଟବର୍ତିତା ପରିଲକ୍ଷିତ ହୁଏ ।

୪. ମାତ୍ର ଜୈନ ସୌରସେନୀ'ରେ 'ଥ' 'ଧ' ହେଲା ପରି ଏହି ଭାଷାରେ 'ଥ' ମଧ୍ୟ 'ଧ' ହୋଇଛି ଯଥା: ପଧମ (ପ୍ରଥଡ଼ ବା ପଥମ ଜାଗାରେ 'ପଧମ' ହୋଇଛି । 'ରଥ' ଜାଗାରେ 'ରଧ' (୧.୪) 'ଗୋରଥଗିରି' ଜାଗାରେ 'ଗୋରଧଗିରି' (୧.୭) 'ମଥୁରାଂ' ଜାଗାରେ 'ମଧୁରାଂ' । ମାତ୍ର ଏହା ସବୁ କ୍ଷେତ୍ରରେ ଘଟିନାହିଁ; ଯେପରି 'ପିଥୁଡଂ' (୧.୧୧) । ଏଡା 'ପିଧୁଡଂ' ଭାବେ ଲେଖା ହୋଇନାହିଁ ।

୫. ସଂସ୍କୃତର 'ତ୍ୱରିତଂ' 'ତୁରିଅଂ' ଭାବେ ଲେଖା ନଯାଇ ତୁରିୟଂ ରୂପେ ଲେଖା ଯାଇଛି (୧.୧୬) । ମଧ୍ୟବତୀ ଅବସ୍ଥାରେ 'ତ୍ୱରିତଂ' କୁ 'ତୁରିତଂ' ରୂପେ ଲେଖା ହେଉଥିଲା । ମାତ୍ର ପରେ 'ତ' 'ଅ' ହେବା ଜାଗାରେ 'ୟ' ହେବା ଏକ ବ୍ୟତିକ୍ରମ । ଅର୍ଥାତ ତ୍ୱରିତଂ ତୁରିତଂ 'ତୁରିଅଂ' ନହୋଇ 'ତୁରିୟଂ' ହୋଇଛି ବୋଲି କାଶୀପ୍ରସାଦ ଜୟସ୍ୱାଲ ଏବଂ ରାଖାଲଦାସ ବାନାର୍ଜିଙ୍କ ମତ । ନବୀନ କୁମାର ସାହୁ କିନ୍ତୁ ଏହା ଠିକ ନୁହେଁ ବୋଲି କହିଛନ୍ତି । ତାଙ୍କ ମତରେ ହାତୀଗୁମ୍ଫା ଶିଳାଲେଖରେ ଥିବା 'ତୁରିୟଂ' (୧.୧୬)ର ସଂସ୍କୃତ ରୂପ ହେବ 'ତୌର୍ଯ୍ୟତ୍ରିକଂ' ।

ଜୟସ୍ୱାଲ ଏବଂ ବାନାର୍ଜୀ ଦର୍ଶାଇଛନ୍ତି ଯେ ହାତୀଗୁମ୍ଫା ଶିଳାଲେଖ ମାଗଧୀଭାଷାର ନୁହେଁ । ସେମାନେ କହନ୍ତି, ଯେଉଁ କେତୋଟି କ୍ଷେତ୍ରରେ 'ଥ' ଯାଗାରେ 'ଧ' ହୋଇଛି ତାହା 'ସୌରସେନୀ ପ୍ରାକୃତ'ର ପ୍ରଭାବରେ ହୋଇଥାଇପାରେ । ମାତ୍ର ଏହା ପ୍ରାଚୀନ ପାଲିରେ ମଧ୍ୟ ଦେଖାଯାଏ । ପ୍ରାଥମିକ ଅବସ୍ଥାର ବୌଦ୍ଧଧର୍ମ ଶାସ୍ତ୍ରୀୟ ସାହିତ୍ୟର ଭାଷା ଅର୍ଥାତ୍ 'ପ୍ରାଚୀନ ପାଲି' ସହ ଏହାର ସାଦୃଶ୍ୟ ଓ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ପି.ସି. ବାଗ୍‌ଚି ଏବଂ ବି. ଏମ୍. ବଡୁଆଙ୍କ ମତରେ ହାତୀଗୁମ୍ଫା ଶିଳାଲେଖରେ ବ୍ୟବହୃତ ଭାଷା ଏବଂ ସିଂହଳୀ ପାଲି ଭାଷା ଏକ ପ୍ରକାରର ଅଟନ୍ତି । ପ୍ରଫେସର ଓଲଡେନବର୍ଗଙ୍କ ମତରେ, କଳିଙ୍ଗ ଓ ସିଂହଳ ମଧ୍ୟରେ ବହୁ ପ୍ରାଚୀନ ଯୁଗରୁ ସଂସ୍କୃତିକ ସମ୍ପର୍କ ଥିବାରୁ ଏବଂ ହାତୀଗୁମ୍ଫା ଶିଳାଲେଖର ଭାଷା ତଥା ସିଂହଳୀ ପାଲିଭାଷାର ସାଦୃଶ୍ୟ ପ୍ରମାଣିତ କରେ ଯେ କଳିଙ୍ଗ-ଆନ୍ଧ୍ର ଅଳରୁ ହିଁ ପାଲି ଭାଷା ଜନ୍ମଲାଭ କରିଥିଲା । ପ୍ରାଚୀନ ବୌଦ୍ଧ ଶାସ୍ତ୍ରୀୟ ପାଲି ଏବଂ ଶିଳା ଲେଖୀୟ ଓଡ୍ର ପ୍ରାକୃତ ମଧ୍ୟରେ ଅତି ଘନିଷ୍ଠ ସାମ୍ୟ ଥିବାରୁ 'ଓଡ୍ର ପ୍ରାକୃତ' ଖ୍ରୀ:ପୂ: ପ୍ରଥମ ଏବଂ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ମଧ୍ୟରେ ସିହଳକୁ ସ୍ଥାନାନ୍ତରିତ ହୋଇ ସେଠାରେ ସିଂହଳୀ 'ପାଲି'ରେ ପରିଣତ ହୋଇଥିଲା । ଖାରବେଳ 'ତାମିଲ ସଂଘୀୟ ରାଷ୍ଟ୍ର' ସମୂହକୁ ଦିଗବିଜୟ ଅଭିଯାନ ଦ୍ୱାରା ପରାସ୍ତ କରିବା ପରେ କଳିଙ୍ଗ ଓ ସିଂହଳ ମଧ୍ୟରେ ନିକଟବର୍ତିତାର ଅନୁକୂଳ ପରିବେଶ ସୃଷ୍ଟି ହୋଇଥିଲା । ତେଣୁ ଏହି ବିଜୟ ପରେ କଳିଙ୍ଗରୁ ସିଂହଳକୁ ସଂସ୍କୃତି ଓ ଭାଷାର ସ୍ଥାନାନ୍ତର ଘଟିଥିଲା ।

କଳିଙ୍ଗ ସହ ସିଂହଳର ସମ୍ପର୍କ ଅତି ପ୍ରାଚୀନ । କଳିଙ୍ଗ ରାଜକୁମାର ବିଜୟ ସିଂହ ତାମ୍ରଲିପ୍ତି ବନ୍ଦରକୁ ଯାଇ ସିଂହଳର ପ୍ରଥମ ରାଜବଂଶ ସ୍ଥାପନ ('ସିଂହ'ରୁ ସିଂହଳ) କରିଥିବା କିମ୍ବଦନ୍ତୀ ଅଛି । ପୁନଶ୍ଚ କଳିଙ୍ଗରାଜା ଗୁହଶିବଙ୍କ କନ୍ୟା ହେମମାଳା ଓ ଜାମାତ ଦନ୍ତକୁମାର ରାଜ ଗୁହଶିବଙ୍କ ନିର୍ଦ୍ଦେଶକ୍ରମେ 'ଦନ୍ତପୁର'ରେ ଅବସ୍ଥାପିତ ବୁଦ୍ଧଦେବଙ୍କ ପବିତ୍ର ଦନ୍ତ ନେଇ ତାମ୍ରଲିପ୍ତି ବନ୍ଦରରୁ ସିଂହଳ ଯାଇଥିବା କଥା ମଧ୍ୟ କିମ୍ବଦନ୍ତୀରୁ ଜଣାପଡେ । କଳିଙ୍ଗର ସିଂହଳ ସହ ନୌବାଣିଜ୍ୟ ସମ୍ପର୍କ ଥିଲା । ଅନେକ କଳିଙ୍ଗ ଅଧିବାସୀ ସିଂହଳ ଦ୍ୱୀପରେ (ବିଜୟ ସିଂହଙ୍କ ଦ୍ୱାରା ରାଜ୍ୟ ପ୍ରତିଷ୍ଠା ପରେ) ବସବାସ କରୁଥିଲେ, ଯେଉଁମାନଙ୍କର ବଂଶଧର ଏବର ସିଂହଳୀମାନେ ଅଟନ୍ତି । ଏବେ ବି ସିଂହଳୀ ଭାଷାରେ ଥିବା ଶବ୍ଦ ସହ ଓଡିଆ ଭାଷାରେ ପ୍ରଚଳିତ ଶବ୍ଦର ସାମଞ୍ଜସ୍ୟ ପରିଦୃଷ୍ଟ ହୁଏ । ସିଂହଳୀମାନଙ୍କ ସଂଜ୍ଞା ଏବଂ ଓଡିଶାରେ ପ୍ରଚଳିତ ସଂଜ୍ଞା ମଧ୍ୟରେ ବି ସାଦୃଶ୍ୟ ଅଛି । ପ୍ରାଚୀନ କାଳରେ କଳିଙ୍ଗର ଉପକୂଳ ବନ୍ଦର ବହୁଳ ଥିଲା । ଗ୍ରୀକ୍ ଭୌଗୋଳିକ ଟଲେମୀଙ୍କ ଭୂଗୋଳରୁ ଏକଥା ଜଣାପଡେ । ତେଣୁ କଳିଙ୍ଗବାସୀ ସିଂହଳ ଦ୍ୱୀପରେ ଉପନିବେଶକ ସ୍ଥାପନ କରିବା ସୁବିଧାଜନକ ହୋଇଥିଲା । ସେମାନେ ଉଡ୍ର ପ୍ରାକୃତ ଭାଷା ବା ବିବର୍ତ୍ତିତ ପାଲିକୁ ସିଂହଳ ନେଇଥିଲେ । ଏହି ଭାଷାରେ ସିଂହଳୀ ବୌଦ୍ଧ ସାହିତ୍ୟ ମଧ୍ୟଯୁଗ ପର୍ଯ୍ୟନ୍ତ ଲିଖିତ ଏବଂ ସମୃଦ୍ଧ । ଅଥଚ ପାଲି ଭାଷା ଉଡ୍ର ଭୂଖଣ୍ଡରୁ ଲୁପ୍ତ ଏବଂ ରୂପାନ୍ତରିତ, ଠିକ୍ ଜୈନ ଓ ବୌଦ୍ଧ ଧର୍ମ ଲୋପ ପାଇଗଲା ପରି ବ୍ରାହ୍ମଣ୍ୟ ଧର୍ମ ପ୍ରଭାବରେ । ଧର୍ମ-ସଂସ୍କୃତି ଲୋପ ପାଇଗଲେ ବା ବିତାଡିତ ହେଲେ, ସେହି ସେହି ଧର୍ମ ପ୍ରଚାରରେ ବ୍ୟବହୃତ ହେଉଥିବା ଭାଷା ମଧ୍ୟ ଲୋପ ପାଇଯିବାର ଦୃଷ୍ଟାନ୍ତ ବିଶ୍ୱ ଇତିହାସରେ ବିରଳ ନୁହେଁ । ଖା□ ଓଡିଆ ଅଳ ମେଦିନୀପୁରୁ ଓଡିଆ ଭାଷା-ସଂସ୍କୃତି ଲୋପ ପାଇଯିବା ଏହାର ସାମ୍ପ୍ରତିକ ଦୃଷ୍ଟାନ୍ତ ।

ହାତୀଗୁମ୍ଫା ଶିଳାଲେଖରେ ବ୍ୟବହୃତ ଭାଷାର ବୈଶିଷ୍ଟ୍ୟ ଓ ସ୍ୱାତନ୍ତ୍ୟ ବିଷୟରେ ଆଲୋଚନା କରିବା ପୂର୍ବରୁ ଅଶୋକଙ୍କ ଧଉଳୀ ଶିଳାଲେଖ ସମୟର କଳିଙ୍ଗରେ କି ଭାଷା ପ୍ରଚଳିତ ଥିଲା ଏବଂ ଧଉଳି- ଜଉଗଡ ଶିଳାଲେଖରେ ତାହାର ପ୍ରଭାବ ସଂପର୍କରେ ସମ୍ୟକ ଆଲୋକପାତ କରିବା ସମୀଚିନ ମନେହୁଏ । ସାରା ଭାରତ ବର୍ଷରେ ମିଳିଥିବା ଅଶୋକଙ୍କ ଶିଳାଲେଖରେ ବ୍ୟବହୃତ ଭାଷାକୁ ବିଶ୍ଳେଷଣ କଲେ ଏଗୁଡିକ ଉପରେ ବିଭିନ୍ନ ଆଳିକ ଭାଷାର ପ୍ରଭାବ ଏବଂ ପ୍ରାଧାନ୍ୟ ଭିତିରେ ଏହା ପାପ୍ରକାରର- (୧) ଶାହବାଜଗଡି ଏବଂ ମନସେହରା ଅନୁଶାସନର ଭାଷାକୁ ଉତ୍ର-ପଶ୍ଚିମ କିସମ, (୨) କାଲ୍ସି ଅନୁଶାସନର ଭାଷା- ଉତ୍ର କିସମ, (୩) ଗିର୍ନାର୍ (ଗିରିନଗର) ଅନୁଶାସନ- ପଶ୍ଚିମ କିସମ, (୪) ବ୍ରହ୍ମଗିରି ଶିଳାଲିପି- ଦକ୍ଷିଣ କିସମ ଏବଂ (୫) ଧଉଳି ଜଉଗଡ- ପୂର୍ବ କିସମ । ଏହି 'ପୂର୍ବ-କିସମ'ର ଶିଳାଲିପି କଳିଙ୍ଗରେ ପ୍ରଚଳିତ ଭାଷାର ସ୍ୱାତନ୍ତ୍ୟ ବହନ କରେ । ଅଶୋକୀୟ ଭାଷା ଅପେକ୍ଷା କଳିଙ୍ଗରେ ଯେ ସ୍ୱତନ୍ତ୍ର ଭାଷା ପ୍ରଚଳିତ ଥିଲା, ତାହା ଏହି ଦୁଇଟି ଶିଳାଲେଖରେ ବ୍ୟବହୃତ ଭାଷାରୁ ଜଣାପଡେ । ଆହୁରି ମଧ୍ୟ ଜଣାପଡେ, ଧଉଳି ଓ ଜଉଗଡରେ ପ୍ରଚଳିତ ସ୍ଥାନୀୟ ଭାଷା ସେହି ସମୟରେ ଭାରତର ଅନ୍ୟାନ୍ୟ ଅଳରେ ପ୍ରଚଳିତ ସ୍ଥାନୀୟ ଭାଷାଗୁଡିକ ଠାରୁ ସ୍ୱତନ୍ତ୍ର ଥିଲା । ପ୍ରାଚୀନ କଳିଙ୍ଗ ଭାଷାର କେତେକ ସ୍ୱାତନ୍ତ୍ୟ ଦ୍ୟୋତକ ଲକ୍ଷଣ ନିମ୍ନରେ ସୂଚିତ ହେଲା ।

ଏହି ଭାଷାରେ ହ୍ରସ୍ୱ ସ୍ୱରବର୍ଣ୍ଣ, ଦୀର୍ଘ ସ୍ୱର ବର୍ଣ୍ଣ ରୂପ ଧାରଣ କରିବାର ପରିଲକ୍ଷିତ ହୁଏ । ଯଥା : ଆହା (ଗିରନାର୍ ଶିଳାଲିପିରେ - ଆହ), ଆନପୟିସତି (ଅନପୟିସନ୍ତି- କାଲ୍ସିରେ), ସାଧୂ (ସାଧୁ- ଉଭୟ କାଲ୍ସି ଓ ଗିର୍ନାର୍ରେ), ନିଖମାବୁ (ନିଖମନ୍ତୁ- କାଲ୍ସିରେ) ଇତ୍ୟାଦି । ଅଧିକନ୍ତୁ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖର ପଦଗୁଡିକରେ ଦୀର୍ଘ ସ୍ୱର ବର୍ଣ୍ଣର ପ୍ରାଧାନ୍ୟ ଦେଖିବାକୁ ମିଳେ । ଯଥା : ନିଠୂଲିୟେନ (ନିଥୁଲିୟେନ), ତୂଳନାୟ, ଅନାବୁତିୟ ଇତ୍ୟାଦି । ଏହାର ଅର୍ଥ ନୁହେଁ ଯେ, ପ୍ରାଚୀନ କଳିଙ୍ଗ ଭାଷାରେ ଅ, ଇ, ଉ ପରି ହ୍ରସ୍ୱ ସ୍ୱରବର୍ଣ୍ଣର ପ୍ରଚଳନ ନଥିଲା ବା ଅଭାବ ଥିଲା । ଏହି ହ୍ରସ୍ୱ ସ୍ୱରବର୍ଣ୍ଣ ଗୁଡିକ ବାରମ୍ବାର ଦେଖିବାକୁ ମିଳେ, ମାତ୍ର ସେଗୁଡିକ ଯାଗାରେ 'ଏ' ଏବଂ 'ଓ' ବ୍ୟବହୃତ ହୋଇଥାଏ । 'ଏ' ର ବ୍ୟବହାର ବଡ ତରଳ ଏବଂ ଅସ୍ଥିର । 'ଏବ' ଜାଗାରେ 'ୟେବ' ଏବଂ 'ଏବଂ' ଜାଗାରେ 'ହେବଂ'

ଲେଖାଯାଇଥିବାର ଦେଖାଯାଏ । 'ଓ'ର ବ୍ୟବହାର କିନ୍ତୁ ସ୍ଥିର ଏବଂ ଏହାର ବ୍ୟବହାରରେ କିଛି ପରିବର୍ତ୍ତନ ଘଟେ ନାହିଁ । ଉଚ୍ଚାରଣରେ ହ୍ରସ୍ୱ ଏବଂ ଦୀର୍ଘ ସ୍ୱରବର୍ଣ୍ଣ ମଧ୍ୟରେ ବହୁତ ପାର୍ଥକ୍ୟ ଅନୁଭୂତ ହୁଏ ଏବଂ ଦୀର୍ଘ ସ୍ୱରବର୍ଣ୍ଣ ବାକ୍ ପ୍ରକାଶ ଭଙ୍ଗୀରେ ପ୍ରାଧାନ୍ୟ ବିସ୍ତାର କରିଥାଏ ।

ବ୍ୟଞ୍ଜନବର୍ଣ୍ଣ ବ୍ୟବହାରରେ ଦେଖିବାକୁ ମିଳେ, 'କ' ଓ 'ଗ' 'ଟ' ଓ 'ତ' ଏବଂ 'ଦ' ଓ 'ତ' ମଧ୍ୟ ପରସ୍ପର ବଦଳରେ ବ୍ୟବହୃତ ହୁଏ । ଯଥା- ହିତ ଲୋକିକ ଯାଗାରେ 'ହିଦ ଲୋଗିକ', 'ପତିପାଦ' ଯାଗାରେ 'ପଟିପାଦ' ଇତ୍ୟାଦି । କେତେକ ସ୍ଥଳରେ 'ଚ'ର ବ୍ୟବହାରରେ ପ୍ରାଧାନ୍ୟ ପରିଲକ୍ଷିତ ହୁଏ ଏବଂ ଏହା ଅନ୍ୟ ବ୍ୟଞ୍ଜନ ବର୍ଣ୍ଣ ବଦଳରେ ବ୍ୟବହୃତ ହୁଏ; ଯଥା - 'କମ୍ବୋଦ' ଜାଗାରେ 'କମ୍ବୋଚ' ଲେଖାଯିବାର ଦେଖାଯାଏ । ଏହିପରି 'ଲ'ର ପ୍ରାଧାନ୍ୟ ମଧ୍ୟ ଦେଖାଯାଏ । 'ର' ଜାଗାରେ 'ଇ'ର ବ୍ୟବହାର ପରିଦୃଷ୍ଟ ହୁଏ; ଯଥା- 'ରାଜିନେ' ଯାଗାରେ 'ଲାଜିନେ, 'ରାଜୁକେ' ଯାଗାରେ 'ଲାଜୁକେ', 'ଅନ୍ତରା' ଯାଗାରେ 'ଅନ୍ତଲା' ଇତ୍ୟାଦି । (ଅନୁନାସିକ) 'ଣ' ଏବଂ ବର୍ଗ୍ୟ 'ନ' ଉଭୟର ବ୍ୟବହାର ଦେଖିବାକୁ ମିଳେ । ମାତ୍ର 'ନ'ର ପ୍ରାଧାନ୍ୟ ଅନେକ ସ୍ଥଳରେ ଅଧିକ ଉପଲବ୍ଧ; ଯଥା- 'ବ୍ରହ୍ମଣ' ଯାଗାରେ 'ବ୍ରହ୍ମନ', 'ଶ୍ରମଣ' ଯାଗାରେ 'ସମନ' ଏବଂ 'ଚରଣ' ଯାଗାରେ 'ଚଲନ' । ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣଗୁଡିକ ଯେତେଦୂର ସମ୍ଭବ ବାଦ ଦିଆଯାଏ ଏବଂ କେତେକ ସ୍ଥଳରେ ଅନ୍ୟ ଆକାରରେ ବ୍ୟବହୃତ ହୋଇଥିବାର ଦେଖାଯାଏ । ମୂଳ ଉଦ୍ଦେଶ୍ୟ ହେଉଛି, ଉଚ୍ଚାରଣ ସରଳତା ଏବଂ ବାକ୍ ପ୍ରକାଶରେ ସ୍ପଷ୍ଟତା ଆଣିଦେବା ।

ପ୍ରାଚୀନ କଳିଙ୍ଗରେ ପ୍ରଚଳିତ ଭାଷାର ପ୍ରକୃତି ସମ୍ପର୍କରେ ଏହା କେବଳ ସାଧାରଣ ଆଲୋଚନା । ଧଉଳି ଓ ଜଉଗଡ ଶିଳାଲେଖର ଅଧିକ ବିସ୍ତାରିତ ବିଶ୍ଳେଷଣ କଲେ, 'ଅଶୋକୀୟ ପ୍ରାକୃତ' ଏବଂ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଭାରତବର୍ଷରେ ପ୍ରଚଳିତ ଅନ୍ୟାନ୍ୟ ଆଳିକ ଭାଷା ମଧ୍ୟରେ ଥିବା ବ୍ୟବହାରଗତ ତଥା ପ୍ରକାରଭେଦ ବୈଶିଷ୍ଟ୍ୟ ଓ ପାର୍ଥକ୍ୟ, ଧ୍ୱନ୍ୟାତ୍ମକ ଗୁଣବତା ପ୍ରଭୃତି ବାରି ହୋଇଯାଏ । ବିଶେଷତଃ ଧଉଳି ଓ ଜଉଗଡ ଶିଳାଲେଖର ଭାଷା କିପରି ଏଗୁଡିକ ଅପେକ୍ଷା ଉନ୍ନତତର ଜାଣିହୁଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖୋଦିତ ହାତୀଗୁମ୍ଫା ଶିଳାଲିପିରି ଭାଷା ଯେ ଆହୁରି ଅଧିକ ସମୃଦ୍ଧ, ତୁଳନାତ୍ମକ ଅଧ୍ୟୟନ ଦ୍ୱାରା ତାହା ପରିସ୍ଫୁଟ ହୋଇଥାଏ । ଏହାର ବିଶ୍ଳେଷଣାତ୍ମକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ ହେଲା:-

ହାତୀଗୁମ୍ଫା ଶିଳାଲେଖର ଭାଷାର ପାଗୋଟି ହ୍ରସ୍ୱ ଓ ଚାରିଗୋଟି ଦୀର୍ଘ ସ୍ୱରବର୍ଣ୍ଣ ଏବଂ ୨୮ (ଅଠଇଶ) ଗୋଟି ବ୍ୟଞ୍ଜନବର୍ଣ୍ଣର ବ୍ୟବହାର ଦେଖିବାକୁ ମିଳେ । ଉଭୟ ହ୍ରସ୍ୱ ଓ ୀର୍ଘ 'ର'ର ଅନୁପସ୍ଥିତି ସୁସ୍ପଷ୍ଟ । 'ଐ'ର ବ୍ୟବହାର ଅଶୋକ ଶିଳାଲେଖରେ ଦେଖାଯାଏ ନାହିଁ । ପ୍ରଥମଥର ପାଇଁ ଏହାର ବ୍ୟବହାର ହାତୀଗୁମ୍ଫା ଶିଳାଲିପିରେ ପରିଦୃଷ୍ଟ ହୁଏ । ଶିଳାଲେଖର ପ୍ରଥମଧାଡିର ଆରମ୍ଭରେ ଐରେନ (ଣ) ଶବ୍ଦ ଦେଖିବାକୁ ମିଳେ, ଯାହା ସଂସ୍କୃତ ଶବ୍ଦ 'ଆର୍ଯ୍ୟେଣ'ର ସମକକ୍ଷ । 'ର' ସ୍ୱରବର୍ଣ୍ଣ ବଦଳରେ ଅନ୍ୟ ସ୍ୱରବର୍ଣ୍ଣର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ; ଯଥା:- 'ବହସତି' (ବୃହସ୍ପତି ମିତ୍ର), 'ରାଜଗହଂ' (ରାଜଗୃହଂ), 'ଇସିନାମ୍' (ଋଷିନାମ୍) ଏବଂ କପରୁଖ (କଳ୍ପବୃକ୍ଷ) । ଅଧିକନ୍ତୁ ଦୀର୍ଘ ସ୍ୱରବର୍ଣ୍ଣଗୁଡିକ ଅଧିକାଂଶ ସ୍ଥଳରେ ହ୍ରସ୍ୱ ସ୍ୱରବର୍ଣ୍ଣରେ ରୂପାନ୍ତରିତ ହୋଇଥାଏ; ଯଥା - 'ରଥିକ' (ରାଷ୍ଟ୍ରିକ), 'ସଂଥପନ' (ସଂସ୍ଥାପନ), 'ସିରି' (ଶ୍ରୀ), 'ଦୁତିୟେ' (ଦ୍ୱିତୀୟେ), 'ତତିୟେ' (ତୃତୀୟେ) ଇତ୍ୟାଦି । ମାତ୍ର ମପୁରୀ ଗୁମ୍ଫାର ତଳ ମହଲାରେ କୁଦେପସିରି (କନ୍ଦପଶ୍ରୀ)ଙ୍କ ଶିଳାଲେଖରେ ଦୀର୍ଘ ସ୍ୱରବର୍ଣ୍ଣର ବ୍ୟବହାର ଦେଖାଯାଏ; ଯଥା- 'ସୀରୀନୋ' । ସମ୍ଭବତଃ ଲିପି ଖୋଦନରେ ସଂସ୍କୃତ ପରମ୍ପରାର ପ୍ରଭାବ ଏବଂ ଏହି ଶିଳାଲେଖ ଖାରବେଳ ପରବର୍ତ୍ତୀ ସମୟରେ ଖୋଦିତ ହୋଇଥିବାରୁ ଏପରି ଘଟିଛି ।

ପୂର୍ବୋକ୍ତ 'ଐ'ର ବ୍ୟବହାର ଥରେ ମାତ୍ର ହାତୀଗୁମ୍ଫା ଶିଳାଲେଖରେ ହୋଇଛି । (ଦୀର୍ଘ) 'ଐ' ଏବଂ 'ଔ' ଯାଗାରେ ସବୁବେଳେ 'ହ୍ରସ୍ୱ' ସ୍ୱର 'ଏ' ଏବଂ 'ଓ' କିମ୍ବା ଅନ୍ୟ ହ୍ରସ୍ୱ ସ୍ୱର ବ୍ୟବହାର ହୋଇଥିବା ଦେଖାଯାଏ । ଯଥା :-

'ବେଦୁରିୟ' (ବୈଦୁର୍ଯ୍ୟ), ଯୋବରଜମ୍ (ଯୌବରାଜ୍ୟମ୍), 'ମୁରିୟ' (ମୌର୍ଯ୍ୟ), 'ତୁରିୟ' (ତୌର୍ଯ୍ୟ) ଇତ୍ୟାଦି ।

ହାତୀଗୁମ୍ଫାରେ ବ୍ୟବହୃତ ବ୍ୟଞ୍ଜନବର୍ଣ୍ଣର ଆଙ୍ଗିକ ସ୍ୱତନ୍ତ୍ର, ଯାହାର ଲଧ୍ୟ ହେଉଛି ସରଳ ଓ ସ୍ୱାଭାବିକ ଅଭିବ୍ୟକ୍ତି । 'ଙ', 'ଞ' ଓ 'ଣ' ର ବ୍ୟବହାର ଦେଖାଯାଏ ନାହିଁ । 'ନ'ର ବ୍ୟବହାର ଦେଖାଯାଏ ଯଥା: ରାନିସ । 'ଣ'ର ସ୍ୱାଭାବିକ ରୂପ ନିମ୍ନଲିଖିତ ଶବ୍ଦରେ ପରିଦୃଷ୍ଟ ହୁଏ ଏବଂ ଏହା କ୍ୱଚିତ 'ନ' ରୂପେ ଦେଖାଯାଏ: 'ସମଣ' (ଶ୍ରମଣ) 'ଗୁଣ', 'ଗଣନା' ଇତ୍ୟାଦି ।

କେତେକ କ୍ଷେତ୍ରରେ 'କ' ବଦଳରେ 'ଗ' ବଦଳରେ 'ଘ' ଲେଖାଯାଇଥିବାର ଦେଖାଯାଏ । ଯଥା : ଉବାସଗ (ଉପାସକ), ଘର (ଗୃହ) ସାଧାରଣତଃ 'ଖ', 'ଗ' ଏବଂ 'ଘ' ଅପରିବର୍ତିତ ଭାବେ ବ୍ୟବହୃତ ହୋଇଥିବାର ପରିଦୃଷ୍ଟ ହୁଏ । ଯଥା: 'ଚବୁଥେ' 'ପମେ' ଏବଂ 'ଛଠେ' । କିନ୍ତୁ ଶବ୍ଦର ମଧ୍ୟସ୍ଥ 'ଚ' ବେଳେବେଳେ ଉହ୍ୟ ରହିଥିବାର ଦେଖାଯାଏ- 'ପନତି ସାହି' (ପତ୍ରିସଦ୍ଧିଃ) ଯୁକ୍ତାକ୍ଷର- 'ଶ୍ଚ ଓ ଛ 'ଛ' ରୂପେ ପରିଦୃଷ୍ଟ ହୁଏ । ଯଥା:- ପଛିମ (ପଶ୍ଚିମ) ଏବଂ ଯଛତି (ଗଛତି) ।

ବର୍ଗ୍ୟ 'ଜ'ର ପରିବର୍ତ୍ନ ହୁଏ ନାହିଁ ଏବଂ ଏହା ଯୁକ୍ତାକ୍ଷର ବ୍ୟଞ୍ଜନବର୍ଣ୍ଣ 'ଦ୍ୟ' ବଦଳରେ ବ୍ୟବହୃତ ହୁଏ । ଯଥା- ବିଜାଧର (ବିଦ୍ୟାଧର) ଏବଂ 'ସବବିଜା' (ସର୍ବବିଦ୍ୟା) । କେତେକ ସ୍ଥଳରେ 'ତ', 'ଟ' ହୋଇଥାଏ- 'ପଟି ପାଦୟତି' (ପ୍ରତି ପାଦୟତି) । ମାତ୍ର ଏପରି ପରିବର୍ତ୍ନ କ୍ୱଚିତ ଘଟେ । 'ଥ' ଜାଗାରେ 'ଧ' ଲେଖାହୋଇଥିବାର ଦେଖାଯାଏ । ଯଥ: 'ଗୋରଧଗିରି' (ଗୋରଥଗିରି), 'ରଧ' (ରଥ), ଉତରାପଧ୍ (ଉତ୍ରାପଥ) ଇତ୍ୟାଦି । ଯୁକ୍ତାକ୍ଷର ବ୍ୟଞ୍ଜନବର୍ଣ୍ଣ- 'ସ୍ତ', 'ଥ' ହୋଇଥାଏ । 'ହଥୀ' (ହସ୍ତୀ); 'ସ୍ଥ' ମଧ୍ୟ 'ଥ' ହୁଏ- 'ଥାପୟତି' (ସ୍ଥାପୟତି) । 'ଟ', 'ଠ', 'ଡ' ଓ 'ଢ଼' ଅବିକଳ ଲେଖାଯିବାର ଦେଖାଯାଏ- ପାଟଲିକ (ପାଟଳିକ), 'ଜଠର', 'କିଡିତା' (କ୍ରୀଡିତା), କିଡିକା (କ୍ରୀଡିକା) ଏବଂ 'ବଢ଼ରାଜ' ଇତ୍ୟାଦି ।

ଆହୁରି ମଧ୍ୟ ପରିପୁଷ୍ଟ ହୁଏ 'ଣ' ସ୍ଥାନରେ 'ନ' ବ୍ୟବହୃତ ହୋଇଛି । ଯଥା: 'ସାତକନିଂ', 'ସଂଫୁନ', 'ପଦାନିଂ' ଇତ୍ୟାଦି । 'ପ' ବର୍ଗରେ 'ଫ' ବ୍ୟତୀତ ଅନ୍ୟ ବ୍ୟଞ୍ଜନବର୍ଣ୍ଣର ବ୍ୟବହାର ଦେଖାଯାଏ । ସମୟେ ସମୟେ 'ପ' ଯାଗାରେ ଅବର୍ଗ୍ୟ 'ବ'ର ବ୍ୟବହାର କରାଯାଇଛି - 'ଉବାସଗ' (ଉପାସକ) । 'ମ' ବ୍ୟଞ୍ଜନବର୍ଣ୍ଣ ବିକୃତ ଭାବେ ବ୍ୟବହୃତ ହୋଇଛି- 'ମହାରାଜା', 'ପଧମେ' (ପ୍ରଥମେ), 'ମାଗଧାନମ୍' ଇତ୍ୟାଦି । 'ୟ' ଅବର୍ଗ୍ୟ 'ବ' ଯାଗାରେ ବ୍ୟବହୃତ ହୋଇଥିବାର ଦେଖାଯାଏ- 'ସେସୟୋ' (ଶୈଶବ) । 'ର' ଅବିକୃତ ଭାବେ ବ୍ୟବହାର କରାଯାଇଛି- 'ରାଜବସେ', 'ନଗରୀ', 'ଯୋବରାଜା' ଇତ୍ୟାଦି । ମାତ୍ର ଏକ ଅନ୍ୟ ବ୍ୟଞ୍ଜନବର୍ଣ୍ଣ ସହ ସଂଯୁକ୍ତ ହେବାର ଦେଖାଯାଏ ନାହିଁ । ଯଥା- 'ପସାସିତମ୍' (ପ୍ରଶାସିତମ୍), ବସେ (ବର୍ଷେ) ଏବଂ ରଥିକ (ରାଷ୍ଟ୍ରିକ) ।

ଧଉଳି- ଜଉଗଡ ଅଶୋକାନୁସାଶନରେ ବର୍ଗ୍ୟ 'ଳ' (ଲ), 'ର' ଯାଗାରେ ବ୍ୟବହୃତ ହୋଇଛି । ମାତ୍ର ହାତୀଗୁମ୍ଫା ଶିଳାଲିପିରେ ଏପରି ଘଟିନାହିଁ । 'ରାଜା', 'ଳାଜା' ହୋଇନାହିଁ କି 'ପୁରିସ', 'ପୁଲିସେ' ହୋଇନାହିଁ । ଏପରି ଘଟିବା ମୂଳରେ ସଂସ୍କୃତର ପ୍ରଭାବ ଅନ୍ତର୍ନିହିତ । ହାତୀଗୁମ୍ଫା ଶିଳାଲିପିରେ ମାତ୍ର ଗୋଟିଏ (ଦନ୍ତ୍ୟ) 'ସ' ର ବ୍ୟବହାର ଦେଖାଯାଏ । ଯଥା: 'ସତସହ ସେହି', 'ବସେ' ଇତ୍ୟାଦି । 'ହ' ଅବିକୃତ ଭାବେ ବ୍ୟବହୃତ ହୋଇଛି- 'ପରିହାରେ', 'ସହସେହି', ମହମଦ' ଇତ୍ୟାଦି । 'ହ' ହେଉଛି ଏକମାତ୍ର ବ୍ୟଞ୍ଜନବର୍ଣ୍ଣ ଯାହା 'ମ' ସହିତ ଯୁକ୍ତ ହୋଇ 'ହ୍ମ' ଯୁକ୍ତାକ୍ଷର ପ୍ରସ୍ତୁତ କରିଛି - ବହ୍ମଣ; ସେହିପରି ଦନ୍ତ୍ୟ 'ନ' ସହିତ ଯୁକ୍ତ ହୋଇ 'ହ୍ନ' (କହ୍ନବେଂଣା) । ଏହା ବ୍ୟତୀତ ସମୁଦାୟ ଖାରବେଳ ହାତୀଗୁମ୍ଫା ଶିଳାଲିପିରେ ଯୁକ୍ତାକ୍ଷରର ବ୍ୟବହାର ନାହିଁ । 'ସ୍କ' ଯୁକ୍ତାକ୍ଷର ଦେଖାଯାଏ ନାହିଁ, ତାହା ଯାଗାରେ ପ୍ରତ୍ୟେକ ସ୍ଥଳରେ 'ଖ'ର ବ୍ୟବହାର ହୋଇଛି - (ଲଖଣେନ) (ଲକ୍ଷଣେନ), ଖେମରାଜା (କ୍ଷେମରାଜା), ଖାରବେଳ (କ୍ଷାରବେଳ) ଇତ୍ୟାଦି ।

ଧ୍ୱନ୍ୟାତ୍ମକ ସରଳତା ଏବଂ ଭାଷା ଓ ଭାବର ସ୍ୱାଭାବିକ ଅଭିବ୍ୟକ୍ତି ପାଇଁ ବ୍ୟଞ୍ଜନ ଯୁକ୍ତାକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି । 'ସୁନଂତୋ' (ଶ୍ରୁଣବନ), 'ନିଖିତ' (ନିକ୍ଷିପ୍ତ), 'ଉସବ' (ଉତ୍ସବ), 'ପଟିସଂଖାରୟତି' (ପ୍ରତିସଂସ୍କାରୟତି), 'ତାପସ' (ତପସ୍ୱୀ) ପ୍ରଭୃତି ଶବ୍ଦ ଭାଷାର କ୍ରିୟାତ୍ମକ ଗଠନ ଏବଂ ସ୍ୱାଭାବିକ ପ୍ରବାହ ଦୃଷ୍ଟିରୁ ବ୍ୟବହାର କରାଯାଇଛି ।

'ଲେଖ'ର ଭାଷା ପ୍ରକାଶରେ 'ଅନୁସ୍ୱାର' ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ଅନୁନାସିକ ବ୍ୟଞ୍ଜନବର୍ଣ୍ଣ (ଯଥା:- 'ନଂଦ ରାଜା', 'କଲିଙ୍ଗ', 'ଗଂଗାୟ', 'ବଂଦାପୟତି') ବଦଳରେ ବ୍ୟବହୃତ ହେଉଥିବା ସାଙ୍ଗକୁ ବହୁ ବଚନରେ ମଧ୍ୟ ବ୍ୟବହୃତ ହୁଏ; ଯଥା: - 'ସବଦିସାନାଂ', 'ବହ୍ମଣାନ', 'ସଂଘାୟନଂ', 'ସିଧାନଂ' ଇତ୍ୟାଦି । କର୍ମକାରକ (ଦ୍ୱିତୀୟା ବିଭକ୍ତି) ଓ କ୍ଳୀବଲିଙ୍ଗ ଶବ୍ଦରେ ବ୍ୟବହୃତ ହୁଏ- 'ପୁରଂ', 'ନଗରୀଂ', 'ଜାନପଦଂ' ଇତ୍ୟାଦି ।

ହାତୀଗୁମ୍ଫା ଶିଳାଲିପିରେ ଅନୁସ୍ୱାରର ବହୁଳ ବ୍ୟବହାର ହୋଇଥିବେ ସ୍ଥଳେ, ବିସର୍ଗର ବ୍ୟବହାର ନାହିଁ । ଅନୁସ୍ୱାର ଭାଷାରେ ମାଧୁର୍ଯ୍ୟ ଓ ଲାଳିତ୍ୟ ଆଣିଦେଇଥିବା ସ୍ଥଳେ ବିସର୍ଗକୁ ଉଚ୍ଚାରଣ କରିବାରେ ଯେଉଁ ଆୟାସ ଆବଶ୍ୟକ ପଡ଼େ, ଏହାକୁ ଏଡ଼େଇବା ପାଇଁ ଏବଂ ଭାଷାର ଅଭିବ୍ୟକ୍ତିରେ ସାରଲ୍ୟ ଆନୟନ ପାଇଁ ବିସର୍ଗର ବ୍ୟବହାରକୁ ବାଦ୍ ଦିଆଯାଇଛି ।

ଏକ ବଚନ ଓ ବହୁ ବଚନରେ ବିଭିନ୍ନ କାରକ- ବିଭକ୍ତିର ରୂପ କଣ ଥିଲା, ତାହାର ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା:-

| **ଏକବଚନ ଶବ୍ଦ** | **ବହୁବଚନ ଶବ୍ଦ** |
|---|---|
| ଖାରବେଳ ସିରି | ରଥିକ-ଭେଜକେ |
| ଖେମରାଜ | ପକତିୟୋ |
| ନଗରିଂ | ଗୋପୁରାନି } |
| ରାଜନିବାସଂ | ସିହରାନି } |
| ବହସତିମିତଂ | ସେନାୟ |
| ସିରିଖାରବେଳେନ | ସତସହସେହି |
| ସରିରବତା | ବହ୍ମନାନଂ |
| ସିରିଖାରବେଳସ | ଅରହଂତାନଂ |
| ନାକିୟସ | ଯୋଜନାହି |
| ଚୁଲକଂମ୍ସ | ସମନାନଂ |
| ବରିୟାୟ | |
| ଖିନାୟ | |
| କୁମାରୀ ପବତେ | |
| ରାଜବସେ | |

ଶିଳାଲିପିରେ ବ୍ୟବହୃତ କ୍ରିୟା ପଦ, 'ବର୍ତ୍ତମାନ କାଳ' ରେ ଥିବାରୁ ଏହି ଶିଳାଲିପି ଖାରବେଳଙ୍କ କଳିଙ୍ଗ ରାଜତ୍ୱ କାଳ ମଧ୍ୟରେ ରଚିତ ଏବଂ ଖୋଦିତ ହୋଇଥିଲ, ଏହା ସୁସ୍ପଷ୍ଟ । କ୍ରିୟାଗୁଡ଼ିକ ନିମ୍ନ ପ୍ରକାରେ- 'ନିୟତି', 'ଦଦାତି', 'ଭିଦତି' ଇତ୍ୟାଦି । ମାତ୍ର ଣିଜନ୍ତ ପ୍ରତ୍ୟୟରେ କ୍ରିୟା ଅଧରେ 'ଅପ' ଅଧିକାଂଶ କ୍ଷେତ୍ରରେ ବ୍ୟବହୃତ ହୁଏ । ଯଥା:- 'କିଡାପୟତି' (କ୍ରିଡାପୟତି), 'ଆହରାପୟତି' ଏବଂ 'ଉପପିଡ଼ାପୟତି', କେତେକ କ୍ଷେତ୍ରରେ 'ଅପ' ବ୍ୟବହାର ନଥାଇ ମଧ୍ୟ ଣିଜନ୍ତ କ୍ରିୟା ହୁଏ - 'ପାୟୟତି', 'ରଞ୍ଜାୟତି' ଏବଂ 'କାରୟତି' ।

କର୍ତ୍ତୃବାଚ୍ୟ ଏବଂ କର୍ମ ବାଚ୍ୟର ବାକ୍ୟଗୁଡ଼ିକ ସଂସ୍କୃତ ସଦୃଶ ଏବଂ ଏହା 'ଲେଖ' କୁ ସଂସ୍କୃତର ସୌଗନ୍ଧୀ ପ୍ରଦାନ କରେ । କର୍ତ୍ତୃବାଚ୍ୟର ଉଦାହରଣ:

(କ) "ପିଥୁଡଂ ଗଧବ ନାଂଗଳେନ କାସୟତି"

(ଖ) "ପିଥୁଡଂ ହଥସଂ ଗଂଗାୟ ପାୟୟତି" ।

(ଗ) "ପିଥୁଡଂ ବହ୍ମଣାନଂ ଜୟପରିହାର ଦଦାତି" ।

ଅତି ଆଳଙ୍କାରିକ ଶୈଳୀରେ 'କର୍ମ ବାଚ୍ୟ'ର ନମୂନା:-

(କ) ତେରସମେ ଚ ବସେ...

ଖାରବେଳ ସିରିନା ଜିବଦେହ ସୟିକା ପରିଖାତା ।

(ଖ) ୟୀରେଣ ମହାରାଜେନେ.... କିଡିତ କୁମାର କିଡିକା ।

ଶଂସୟହୀନ ଭାବେ ପ୍ରକାଶିତ ସଂଖ୍ୟା ଓ ଗଣନା ସମ୍ପର୍କୀୟ ବିବରଣୀ ବିଶେଷ ପ୍ରଣିଧାନଯୋଗ୍ୟ । ତାହାର ଦୃଷ୍ଟାନ୍ତ ନିମ୍ନରେ ପଦତ୍ ହେଲା ।

| | |
|---|---|
| ପଧମେ ବସେ (୧.୩) | - ପ୍ରଥମ ବର୍ଷରେ । (ସଂସ୍କୃତରେ - ପ୍ରଥମେ ବର୍ଷେ) |
| ଦୁତିୟେ ଚ ବସେ (୧.୪) | - ଏବଂ ଦ୍ୱିତୀୟ ବର୍ଷରେ । (ସଂସ୍କୃତରେ - ଦ୍ୱିତୀୟେ ଚ ବର୍ଷେ) |
| ତତିୟେ ପୁନ ବସେ (୧.୪) | - ତତ୍ପରେ ତୃତୀୟ ବର୍ଷରେ । |
| ତଥା ଚବୁଥେ ବସେ (୧.୫) | - ତତ୍ପରେ ଚତୁର୍ଥ ବର୍ଷରେ । |
| ପଂଚମେ ଚ ଦାନି ବସେ (୧.୬) | - ଏବଂ ପମ ବର୍ଷରେ । |
| ଅଭିସିତୋ ଚ ଛଥେ ବସେ (୧.୬) | - ପୁନରାୟ, ତାଙ୍କ ଅଭିଷେକର ଷଷ୍ଠ ବର୍ଷରେ । |
| ସତମଂ ଚ ବସେ (୧.୭) | - ଏବଂ ସପ୍ତମ ବର୍ଷରେ । |
| ଅଠମେ ଚ ବସେ (୧.୭) | - ଏବଂ ଅଷ୍ଟମ ବର୍ଷରେ । |
| ନବମେ ଚ ବସେ (୧.୯) | - ଏବଂ ନବମ ବର୍ଷରେ । |
| x x x x x x x x x x x x x x x x x | |
| ନବ ବସାନି (୧.୨) | - ନଅ ବର୍ଷ । |
| ସଂପୁଂଣ ଚତୁବିସତି ବସୋ (୧.୨) | - ଚବିଶ ବର୍ଷ ବୟସ ସମ୍ପୂର୍ଣ୍ଣ ହେବାରେ । |
| ଚୋୟଠି ଅଂଗ ସଂତିକଂ (୧.୧୬) | - ଚଉଷଠୀ (କଳା) ଖାଖାରେ ଅନ୍ତର୍ଭୁକ୍ତ । |
| ତିବସ ସତ (୧.୬) | - ତିନିଶହ ବର୍ଷ । |

ତେରସ ବସ ସତ କତଂ (୧.୧୧) – ତେରଶହ ବର୍ଷ (ନିମନ୍ତେ) ପାଇଁ ।

ସତ ବିସିକନଂ ପରିହରେ ହି – ଦୁଇହଜାର (ମୁଦ୍ରା) ବ୍ୟୟ କରି ।

ପାନତରିୟ ସତ ସହସେହି (୧.୧୬) – ଏକଶହ ପା ହଜାର (ମୁଦ୍ରା) ବ୍ୟୟରେ ।

ପାନତରିୟ ସତ ସହସେହି (୧.୪) – ପଚ୍ତ୍ରିଶ ଶହ ହଜାର (ମୁଦ୍ରା) ବ୍ୟୟରେ ।

ପାନତରିୟ ସତ ସହସେହି ସିଳାହି (୧.୧୫) – ପଚ୍ତ୍ରିଶ ଶହ ହଜାର ଶିଳା ଖଣ୍ଡରେ ।

ଅଠତିସାୟ ସତ ସହସେହି (୧.୧୦) – ଅଠତ୍ରିଶ ଶହ ହଜାର (ମୁଦ୍ରା)ବ୍ୟୟରେ ।

ପ୍ରଥମଥର ପାଇଁ ହାତୀଗୁମ୍ଫା ଶିଳାଲେଖରେ ପୂର୍ଣ୍ଣଚ୍ଛେଦ ଏବଂ ଅନ୍ୟାନ୍ୟ ବିରତି ଚିହ୍ନ ପାଇଁ କିଛି ସ୍ଥାନ ଛାଡିବା କାର୍ଯ୍ୟ ଦେଖାଯାଏ । ସାହିତ୍ୟିକ ଓ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ପ୍ରାଚୀନ ଭାରତରେ ହାତୀଗୁମ୍ଫା ଶିଳାଲେଖ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଅଦ୍ୱିତୀୟ ଅଟେ । ଉପରି ବର୍ଣ୍ଣିତ ବିବରଣୀରୁ ତତ୍‌କଳୀନ କଳିଙ୍ଗର ଅର୍ଥନୈତିକ କାରବାର, ଉଚ୍ଚକୋଟିର ହିସାବ ରକ୍ଷା ବ୍ୟବସ୍ଥା ପରିସ୍ଫୁଟ ହୁଏ । ତତ୍‌ସଙ୍ଗକୁ ଏହି ଲେଖରେ ପ୍ରକାଶିତ ଗଦ୍ୟଭାଷାର କାବ୍ୟିକତା, ଆଳଙ୍କାରିକତା, ସତ୍ୟନିଷ୍ଠା, ପ୍ରାଚୀନ ଇତିହାସ ଓ ସଂସ୍କୃତିର ଉର୍ଜସ୍ୱଳ ଅଭିବ୍ୟକ୍ତ, ବାସ୍ତବିକ୍ ଚମତ୍କାର ଭଙ୍ଗୀରେ ଆତ୍ମପ୍ରକାଶ କରିଛି । କଳିଙ୍ଗର ଉନ୍ନତି ସଂସ୍କୃତି ଏବଂ ଅଗ୍ରଗାମୀ ଅର୍ଥନୈତିକ ଜୀବନାଲେଖ୍ୟ ଖୁବ୍ ସୁନ୍ଦର ଓ ମନୋମୁଗ୍ଧକର ଭାଷାରେ ପାଷାଣ ଗାତ୍ରରେ ଯୁଗଯୁଗକୁ ଉତ୍ତର ପୁରୁଷଙ୍କ ଅବଗତ ପାଇଁ ଲିପିବଦ୍ଧ ହୋଇଛି ।

ପ୍ରାଚୀନ କଳିଙ୍ଗର ଭାଷା କ୍ରମେ ବହୁ ଶତାବ୍ଦୀର ବିବର୍ତ୍ତନଦେଇ କିପରି ଏବର ଓଡ଼ିଆ ଭାଷାରେ ପହଂଚିଛି, ତାହା ସଂପର୍କରେ ଡକ୍ଟର ମାୟାଧର ମାନସିଂହ ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥରେ ଅତି ମର୍ମସ୍ପର୍ଶୀ ଭାଷାରେ ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି– "ଅନ୍ୟ ପକ୍ଷରେ ଅଶୋକାନୁଶାସନ, ଖାରବେଳ ଶିଳାଲିପି, ଭୁବନେଶ୍ୱର ଶିଳାଲିପି ଓ ଶିଶୁବେଦ (ସୀସୁବେଦ)ର ଗଦ୍ୟାଂଶ ଏ ସମସ୍ତ ଓଡ଼ିଶାରେ ଗଦ୍ୟ-ସାହିତ୍ୟର ଏକ ପ୍ରାଚୀନ, ସୁଦୀର୍ଘ ଓ କ୍ରମାନ୍ୱିତ ଐତିହ୍ୟ ନିଃସନ୍ଦେହ ଭାବରେ ପ୍ରମାଣିତ କରୁଛି । ବସ୍ତୁତଃ ଆମେ ବର୍ତ୍ତମାନ ଆଲୋଚନା କରିବାକୁ ଯାଉଥିବା ଓଡ଼ିଆର ସର୍ବାଦ୍ୟ ଗଦ୍ୟ ଗ୍ରନ୍ଥ 'ରୁଦ୍ରସୁଧା ନିଧି'କୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦର ଖାରବେଳ ଗାଥାର ଏକ ଭଗିନୀ – ଗ୍ରନ୍ଥ କହିବା ଆଦୌ ଅତ୍ୟୁକ୍ତି ହେବ ନାହିଁ । ଏକ ଓଡ଼ିଆ ଓ ଅନ୍ୟଟି ପାଲିରେ ଲେଖା ହେଲେ ହେଁ ଉଭୟ କାବ୍ୟଧର୍ମୀ ଗଦ୍ୟ । ସେମାନଙ୍କର କୌଟୁଂବିକ ଏକତ୍ୱ ସୁସ୍ପଷ୍ଟ ।"

ପୁନଶ୍ଚ ଡକ୍ଟର ମାନସିଂହ ତଦୀୟ ଗ୍ରନ୍ଥରେ କହନ୍ତି– "ସ୍ପଷ୍ଟତଃ, ଏହି ଶିଶୁବେଦ (ସୀସୁବେଦ) ଯେପରି ପୂର୍ବଗାମୀ ସେହି ବୌଦ୍ଧ କବିତାବଳି (ବୌଦ୍ଧଗାନ ଓ ଦୋହା = ଆଶ୍ଚର୍ଯ୍ୟ ଚର୍ଯ୍ୟାପଦ) ଓ ପରବର୍ତ୍ତି ମାର୍କଂଡ ଦାସଙ୍କ କୋଇଲି ବା ସାରଳାଙ୍କ ରଚନା ଭିତରେ ଏକ ମୂଲ୍ୟବାନ ଯୋଗସୂତ୍ର ରୂପେ ବିରାଜିତ ଓ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଖାରବେଳ ଶିଳାଲିପିରେ ଯାହା ଆରମ୍ଭ ହୋଇଥିଲା, ଧୀର କ୍ରମିକ ସ୍ୱାଭାବିକ ବିବର୍ତ୍ତନ ନେଇ ତାହା ଆଧୁନିକ ଓଡ଼ିଆରେ କିପରି ପରିଣତ ଲାଭ କରିଛି, ତାହା ବୁଝିବାରେ ଆଜି ଆମକୁ ବେଶ ସାହାଯ୍ୟ କରିଛି ।"

ଖୁବ୍ ସମ୍ଭବତଃ, ଭରତ ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣିତ 'ଓଡ୍ର ବିଭାଷା' ଆର୍ଯ୍ୟ ଔପନିବେଶିକ ଓ ସ୍ଥାନୀୟ ଆଦିବାସୀ ଗୋଷ୍ଠୀମାନଙ୍କ ଭିତରେ ଭାବ ବିନିମୟର ଏକ କଥିତ ମାଧ୍ୟମ ହିଁ ଥିଲା । ଏଥିରେ କୌଣସି ସାହିତ୍ୟ ସୃଷ୍ଟି ହୋଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ତେବେ, ଏହି ଭାଷା ତାର ସ୍ୱାତନ୍ତ୍ର୍ୟ ରକ୍ଷା କରି ଶତାବ୍ଦୀ ଶତାବ୍ଦୀ ପାଇଁ ଆଗେଇ ଚାଲିଛି ଏବଂ ସପ୍ତମ ଶତାବ୍ଦୀରେ ବିଖ୍ୟାତ ଚୀନ ପରିବ୍ରାଜକ ହୁଏନ୍‌ସାଂ କହିଛନ୍ତି– "ଉଡ୍ରଦେଶର ଭାଷା ଓ ଶବ୍ଦାପଳି

ମଧ୍ୟ- ଭାରତ ଅଳଠାରୁ ପୃଥକ ଜଣାପଡେ ।” ଏଥିରୁ ଅନୁମାନ କରାଯାଉଛି ଯେ ହୁଏନ୍‌ସାଂଙ୍କ ଆଗମନ (ସପ୍ତମ ଶତାବ୍ଦୀ) ବେଳକୁ ଓଡ଼ିଆ ଭାଷା ନିଜର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଧାରଣ କରି ସାରିଲାଣି । ତେବେ ଏହାର ଜନ୍ମ ଓ ଉନ୍ମେଷ ଯେ, ଖାରବେଳଙ୍କ ପୂର୍ବ ସମୟରେ ବା ତତ୍ ପୂର୍ବରୁ ପ୍ରଚଳିତ କଳିଙ୍ଗର ଭାଷାରୁ ଘଟିଛି; ଏହା ନିଃସନ୍ଦେହରେ କୁହାଯାଇପାରେ ।

**ସହାୟକ ଗ୍ରନ୍ଥ:**


୧. ଖାରବେଳ (ଇଂଲିଶ) ଡକ୍ଟର ନବୀନ କୁମାର ସାହୁ ।

୨. ଧୁଉଳିର ଇତିହାସ - କେଦାରନାଥ ମହାପାତ୍ର ।

୩. ଓଡ଼ିଆ ସାହିତ୍ୟର ଇତିହାସ - ଡକ୍ଟର ମାୟାଧର ମାନସିଂହ ।

୪. ଐର ଖାରବେଳଙ୍କ ଅଭ୍ୟୁଦୟର ପୃଷ୍ଠଭୂମି (‘ଜାତି ସାହିତ୍ୟ ସଂସ୍କୃତି’ - ପ୍ରକାଶକ: ଲେଖକ ସମବାୟ ସମିତିଲିଃ, ଭୁବନେଶ୍ୱର, ୧୯୯୩) - ଡକ୍ଟର ଗୋପାଳକୃଷ୍ଣ ଶ୍ରୀଚନ୍ଦନ ।

# ଖାରବେଳଙ୍କ ସମ୍ପର୍କୀୟ ଗ୍ରନ୍ଥସୂଚୀ

*ଡକ୍ଟର କିଶୋର କୁମାର ବଶା*


| | | |
|---|---|---|
| Stirling A. | 1825 | An account, geographical, statistical and histor cal of Orissa proper or Cuttack. *Asiatic Researches* 15:163- 338 (A copy of the Hathigumpha inscription is given.) |
| Prinsepe, J. | 1837 | Note on inscriptions at Udayagiri and Khandagiri in Cuttack, in the last character. *Journal of the Asiatic soiciety of Bengal* 6: 1072 - 91. |
| Fergusson, J. | 1845 | *Illustration of Rock - cut Temples of India.* John Weale, London, pp. 10-14. |
| Hunter, W.W. | 1872 | *Orissa* Vol I. Smith Elder & Co. London pp 196-197. |
| Cunningham, A. | 1877 | (Reprinted 1961) *Corpus Inscriptionum Indicarum,* Vol. I, pp. -27f, 98-101, 132 ff, pl XVII. Varanasi. |
| ପ୍ୟାରୀମୋହନ ଆଚାର୍ଯ୍ୟ | ୧୮୭୮ | ଓଡ଼ିଶାର ଇତିହାସ । (ପୁନଶ୍ଚ ପ୍ରକାଶିତ) ସେକ୍ ମତଲୁବ ଅଲ୍ଲି (ସମ୍ପାଦକ), ୧୯୯୧, ଓଡ଼ିଶା ବୁକ୍ ଷ୍ଟୋର, କଟକ । ପୃଷ୍ଠା-୩୭-୪୧ । |
| Cunningham, A. | 1877 | Mitral, R.L. 1880 *Antiquities of Orissa,* Vol-II, W. Newman & Co., Calcutta, p.16. |
| Indraji, B.L. | 1885 | Actes du Sixieme Congres International des Orientalists part-III Section 2. Vienna. |
| Buhler, G. | 1898 | *Indian Studies,* No.III, Strassburg. |
| Lee, W.H. | 1898 | Inscriptions of the District of Puri, Orissa, Mission Press, Cuttack. |
| O' Malley. | 1908 | *Bengal District Gazetteers (Puri),* p. 256. |
| Luders, H. | 1909-10 | *A list of Brahmi Inscriptions from the Earliest Times to about A.D. 400 with the Exception of Those of Ashoka.* (Reprinted in 1973, Indological House, Varanasi) (list 13,5 & E.I.X., p. 161) |
| Fleet, J.F. | 1910 | *Journal of the Royal Asiatic Society,* pp. 242 & 824. |
| Ganguly, M.M. | 1912 | *Orissa and Her Remains; Ancient & Medieval,* Thocker Spink & Co., Calcutta, pp. 31-84. |

Pargiter, F.E. 1913 *Purana Texts of Dynasties of the Kali Age,* Oxford.

Rapnon, E.J. 1914 (4th Edition 1960) *Ancient India,* Cambridge, (Calcutta; Sushil Gupta), p-61.

Banerji, R.D. 1915-16 Inscriptions in the Udayagiri and Khandagiri Caves. *Epigraphica Indica,* 13 59-67.

Banerji, R.D. 1917 Notes on the Hathigumpha Inscriptions of Kharavela. *Journal of the Bihar & Orissa Research Society,* 3 (IV) : 486 - 507.

Jayaswal, K.P. 1917 Hatigumpha Inscription of the Emperor Kharavela (173 B.C. - 160 B.C.). *Journal of the Bihar and Orissa Research Society,* 3 (4); 425-72.

Jayaswal, K.P. 1917 A further note on the Hatigumpha Inscription. *Journal of the Bihar and Orissa Research Society,* 3 (4); 473-85.

Jayaswal, K.P. 1918 A note on the Hathigumpha Inscription. *Journal of the Bihar and Orissa Research Society* 4 (I); 96-98.

Jayaswal, K.P. 1918 Hatigumpha Inscription revised from the rock. *Journal of the Bihar and Orissa Research Society,* 4 (4): 364-403.

Majumdar, RC. 1918 Hatigumpha Inscription. *Indian Antiquary* XLVII: 223-24.

Sikdar, J.N. 1918 A note on the “Cheta Dynasty” of the Hatigumpha Inscription. *Journal of the Bihar and Orissa Research Society,* 4 (I): 99-100.

Aiyar, S. 1920 The Hatigumpha Cave Inscription of Kharavela. *Indian Antiquary,* XLIV: 43-52.

Bhattacharya, B.C. 1920 Hatigumpha Inscription and Ketu of Kalinga *Journal of the Bihar and Orissa Research Society,* 6 (I): 155-56.

Majumdar, R.C. 1920 Notes on the Identity of Ketuman and the Alleged Ketubhadra of the Kharavela Inscription. *Journal of the Bihar and Orissa Research Society,* 6(3): 337-47.

Chanda, R.P. 1922 Palaeographic texts and the date of Kharavela (title only). *Proceedings and Transactions of the All-India Oriental Conference* (2nd session) Calcutta, Vol-II, p.L-II.

| | | |
|---|---|---|
| Thomas, F.W. | 1922 | *Journal of Royal Asiatic Society,* pp.836. |
| Jayaswal, K.P. & Banerji, R.D. | 1922-23 | *Annual Report of the Archaeological Survey of India,* p.130 (1922-23). |
| Chanda, R.P. | 1923 | Kharavela. *Journal and Proceedings of the Asiatic Society of Bengal* (1923), p.395. |
| Fleet, J.F. | 1923 | The Hatigumhpa Inscription. *Journal of the Royal Asiatic Society of Great Britain and Ireland* (1923), p. 824 ff. |
| Konow, S | 1923 | *Acta Orientalia,* Vol-I, pp-12. |
| Chanda, R.P. | | *Memoir of Archaeological Survey of India* No.1, p.10 |
| Mazumdar, B.C. | 1925 | *Orissa in the Making.* Republished in 1984 by Eastern Books House, New Delhi, Chapter III, p. 36 + Appendix, pp. (48-62). |
| Jayaswal. K.P. | 1927 | Hatigumpha Inscription of the Emperor Kharavela. *Journal of the Bihar and Orissa Research Society,* 13:221-46. |
| Jayaswal, K.P. | 1928 | Demetrios, Kharavela and the Garga Samhita, *Journal of the Bihar and Orissa Research Society,* 14(I) : 127-28. |
| Barua, B.M. | 1929 | *Old Brahmi Inscriptions in the Udayagiri and Khandagiri Caves,* Calcutta: University of Calcutta. |
| Jain, K.P. | 1929 | A note on Aira Kharavela. *Journal of the Bihar and Orissa Research Society,* 15 (1&2): 277-79. |
| ସିଂ, ଜଗବନ୍ଧୁ | ୧୯୨୯ | ପ୍ରାଚୀନ ଉତ୍କଳ, କଟକ, ଶକ୍ତିପ୍ରେସ୍ । |
| Jayaswal, K.P. & Banerji, R.D. | 1929-30 | The Hatigumpha Inscription of Kharavela *Epigraphica Indica,* 20:71-89. |
| Bajerji, R.D. | 1930 | *History of Orissa,* Vol-I, R.Chatterjee, Calcutta, pp.71-92. |
| Barua, B.M. | 1930 | Kharavela's personal history, *Proceedings and Transactions of the All-India Oriental Conference* (5th session, Lahore 1921) Lahore, Vol-V, 1, pp.364-85 |

| | | |
|---|---|---|
| Tripathi, N. | 1930 | A note on the Hatigumpha Inscriptions of Emperor Kharavela. *Journal of the Bihar and Orissa Research Society,* 16(2) : 189-205. |
| Banerji, R.D. | 1931 | The Palaeography of the Hatigumpha and Navaghat inscription. *Memoirs of the (Royal) Asiatic Society of Bengal,* XI (3): 132-45. |
| ବହିଦାର, ନାରାୟଣ | ୧୯୩୨ | ଖାରବେଳ, ସହକାର, ୧୩ (୭): *୬୨୯*-୩୧. |
| Pande, R.C. | 1933 | Kharavela's Capital. *Mayurbhanj Gazetteer* 4(4): 14-18. |
| ମହାପାତ୍ର, କେଦାରନାଥ | ୧୯୩୪ | ଖାରବେଳଙ୍କ କଳିଙ୍ଗ ନଗର, *ନବଭାରତ* (ଧନୁ ୧୩୪୧ ସାଲ), ୫୦୯-୧୨ । |
| ମହାପାତ୍ର, କେଦାରନାଥ | ୧୯୩୫ | ହାତୀଗୁମ୍ଫା ଶିଳାଲିପି, ନବଭାରତ (ସିଂହ ୧୩୪୨ ସାଲ) ୧୮୭-୯୪ |
| ପଣ୍ଡା, ରାଧାଚରଣ | ୧୯୩୫ | କଳିଙ୍ଗ ରାଜଚକ୍ରବର୍ତ୍ତୀ ଖାରବେଳ, ନବଭାରତ (ସେପ୍ଟେମ୍ବର ୧୯୩୫, ୧୩୪୨ ସାଲ), *୬*୫୧-୫୫ |
| ମହାପାତ୍ର, କେଦାରନାଥ | ୧୯୩*୬* | ଖାରବେଳଙ୍କ ସମୟ ନିରୂପଣ, *ଉତ୍କଳ ସାହିତ୍ୟ* ୩୮ (*୬*): ୨୫୨-୫*୬*; ଫାଲଗୁନ ନମ୍ବର ୫୦୨-୦୫, ଚୈତ୍ର ନମ୍ବର ୫୪୫-୪୯ । |
| Baua, B.M. | 1938 | Minor Old Brahmi inscription in the Udayagiri and Khandagiri Caves (Rev.ed.) *Indian Historical Quaterly* 14(I): 158-66, and 14(3): 459-85. |
| Torn, W.W. | 1938 | *The Greeks in Bactria and India, Cambridge.* |
| ମହାପାତ୍ର, କେଦାରନାଥ | ୧୯୪୦ | ସମ୍ରାଟ ଖାରବେଳଙ୍କ ଭାରତ ବିଜୟ । *ଉତ୍କଳ ସାହିତ୍ୟ* ୩୪, ପୃଷ୍ଠା ୪୫-୪୭; ୧୦୪-୦*୬* । |
| ମହାପାତ୍ର, କେଦାରନାଥ | ୧୯୪୧ | ଖାରବେଳ । ଷ୍ଟୁଡେ□ସ୍ ଷ୍ଟୋର, କଟକ । (ପୁନଃ ପ୍ରକାଶିତ, ୧୯*୬*୧, ୧୯୭୩) । |
| Sircar, D.C. | 1942 | *Select Inscriptions bearing on Indian History and Civilization,* Vol-I, p.206 & 213. (2nd enlarged edition 1965, Calcutta University, pp.213-22. |
| Baura, B.M. | 1947 | Kharavela as King and builder. *Journal of the Indian Society of Oriental Art* 15:45-61. |
| Sitaramiya, K. | 1947 | Hatigumpha inscription, *Proceeding of the Indian History Congress, 8th session* (1945) : 52-55. |
| Ghosh, N.N. | 1948 | *Early History of India.* Allahabad. |

| | | |
|---|---|---|
| Jain, C | 1948 | *Khandagiri and Udayagiri Caves and the Kharavela Inscriptions, 2nd Century B.C.* Calcutta. |
| Ghosh, N.N. | 1948-49 | On the chronological position of Kharavel *Journal of the Ganganath Jha Research Institute* (Allahabad) 4:97-106. |
| Lal, B.B. | 1949 | Sisupalgarh 1948: an early historic fort in eastern India. *Ancient India* 5:62-105 (pp. 66-67). |
| Das, M.N. | 1949 | *Glimpses of Kalinga History.* Century Publication, Calcutta. |
| Mahatab, H.K. | 1949 | *History of Orissa.* Lucknow University, pp. 17-22. |
| Ray Choudhury, H.C | 1950 | *Political History of Ancient India,* Calcutta, pp. 377, 418. |
| Rao, G.V. | 1950 | Identification of Sri Satakarni of the Hatigumpha, *Proceeding of the Indian History Congress* 12 (1949) : 62-65. |
| ସାହୁ, ନବୀନ କୁମାର | ୧୯୫୦ | କଳିଙ୍ଗ ସମ୍ରାଟ ଖାରବେଳଙ୍କ ସମୟ ନିରୂପଣ । *ନବଭାରତ ୨* (୧୦: ୩୭୧-୭୪) |
| Ramachandran, T.N. | 1951 | The Mancapuri Cave, *Indian Historical Quarterly* 27(2): 103-108 : (pp. 103-104 on Kharavela in sculpture). |
| Raman Rao, Y.V. | 1952-53 | The chronology of Andhra Dynasty and the Hatigumpha inscription. *Quarterly Journal of the Mythic Society.* XLIII (1952-53) : 117-25; XLIV(I) : 99-107. |
| Chand, Amar | 1953 | Date of Kharavela. *Proceeding and Transactions of the All-India Oriental Conference,* 17th session, Ahmedabad, p.78. |
| Panigrahi, K.C. | 1953 | The date of Kharavela, *Journal of Asiatic Society of Bengal,* XIV : 25-32. |
| Sen, Sukumar | 1953 | On the word 'AIRA' in the Udayagiri Cave Inscriptions. *Proceedings of the Indian History Congress, 16th session,* Waltair, pp. 34-35 |
| Chand, A | 1954 | Date of Kharavela. *Orissa Historical Research Journal* 3(No.2): 84-99. |
| Sastri, K.A.N. (ed) | 1957 | A *Comprehensive History of India, Calcutta.* |
| Chattopadhyaya, S. | 1958 | *Early History of North India, Calcutta.* |
| ସାହୁ, ଲକ୍ଷ୍ମୀନାରାୟଣ | ୧୯୫୮ | ଖାରବେଳଙ୍କ କାଳ ନିର୍ଣ୍ଣୟ । *ଝଙ୍କାର XIII :୩୨୭-୩୫* |
| ସାହୁ, ଲକ୍ଷ୍ମୀନାରାୟଣ | ୧୯୫୯ | ଓଡ଼ିଶାରେ ଜୈନ ଧର୍ମ । କଟକ |

| | | |
|---|---|---|
| *Panigrahi, K.C.* | 1961 | *Archaeological Remains of Bhubaneswar,* pp.206-7, Orient Longman. |
| De, S.C. | 1962 | Kharavela in Sculpture. *Orissa Historical Research Journal,* II (I) : 36-40. |
| Mittal, A.C. | 1962 | *An Early History of Orissa.* Jain Cultural Research Society, Varanasi, Book III on Kharavela. |
| Pandey M.S. | 1963 | Some from light on the Hatigumpha inscriptions. *Journal of the Bihar Research Society,* XLIX (4) : 25-27. |
| Pandey, M.S. | 1964 | A note on the Hatigumpha Inscription, *Orissa Historical Research Journal,* 12 (2): 96-99. |
| Ghoshal, S.N. | 1963-64 | The Hatigumpha inscription of Kharavela. *Journal of the Oriental Institute* 13: 301-28. |
| Mittal, A.C. | 1964 | *Date of Kharavela. (Summaries of Papers).* Organising committee of the 26th International Congress of Orientalist, New Delhi, pp. 168. |
| Sahu, N.K. | 1964 | *Utkal University History of Orissa,* Vol-I, Bhubaneswar. Kharaela in chapter 6 and appendix, pp. 303-409. |
| Mukherjee, R | 1965 | Kharavela and Tramira Daha. *Journal of the Asiatic Society (Bengal),* Letters, VII (3 & 4) : 129-31 |
| Sircar, D.C. | 1968 | The Chedis, In (pp. 211-16) R.C. Majumder(ed) *History and Culture of the Indian People,* Vol-II, Chapter XIII (The Age of Imperial Unity), Bharatiya Vidya Bhavan, Bombay. |
| ତ୍ରିପାଠୀ, କୁଞ୍ଜବିହାରୀ | ୧୯୬୮ | ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ । କୋଣାର୍କ III (୩ / ୪): ୯-୧୫ |
| Sashi Kant | 1971 | *The Hatigumpha inscription of Kharavela and the Bhabru Edict of Ashoka,* Prints India, Delhi. |
| ଶାସ୍ତ୍ରୀ, ଦୋଳଗୋବିନ୍ଦ | ୧୯୭୧ | ଖାରବେଳଙ୍କ ଶିଳାଲେଖ । ଝଙ୍କାର XXIII (୧୨): ୧୦୯୪-୯୬ |
| ତ୍ରିପାଠୀ, ଡି.ପି. | ୧୯୭୪ | ଖାରବେଳଙ୍କ ସମୟ ନିରୂପଣ । *ନବଜୀବନ* ୧୯ ବର୍ଷ, ୩ୟ ସଂଖ୍ୟା: ୧୪୩-୪୬ |
| Ganguly, D.K. | 1975 | *Historical Geography and Dynastic History of Orissa upto the Rise of the Imperial Gangas.* Punthi Pustak, Calcutta. pp. 12-50. |
| Mitra, D | 1975 | *Udayagiri and Khandagiri,* New Delhi: Archaeological Survery of India. |
| Das, D. | 1977 | *The Early History of Kalinga.* Punthi Pustak, Calcutta, pp. 54-80. |

| | | |
|---|---|---|
| ମିଶ୍ର, କୃପାସିନ୍ଧୁ | ୧୯୭୯ | *ଉତ୍କଳ ଇତିହାସ* । ବୁକ୍ସ ଆଣ୍ଡ ବୁକ୍ସ, କଟକ, ପୃଷ୍ଠା ୧୭-୨୩ |
| Mohapatra, R.P. | 1981 | *History of Orissa,* Kitab Mahal, Cuttack, pp.22-38. |
| Seneviratne, S. | 1981 | Kalinga and Andhra: The process of Secondary State formation in early India. *The Indian Historical Review* 7(1-2) : 54-69. |
| Mohapatra, R.P. | 1984 | *Jaina Monuments of Orissa,* D.K. Publishers, Delhi, pp. 21-23, 33, 35-36. |
| Sahu, N.K. | 1984 | *Kharavela,* Orissa State Museum, Bhubaneswar. |
| Mohapatra, R.P. | 1986 | *Archaeology in Orissa* (Sites and Monuments), D.K. Publishers, Delhi, Vol-I, pp. 192-200 |
| ଶାସ୍ତ୍ରୀ, ଚନ୍ଦ୍ରକାନ୍ତବାଳୀ | ୧୯୮୮ | *ଖାରବେଳଙ୍କ ପ୍ରଶସ୍ତି: ପୁନର୍ମୂଲ୍ୟାଙ୍କନ* (ହିନ୍ଦି ଭାଷାରେ ଲିଖିତ) ପ୍ରତିଭା ପ୍ରକାଶନ, ଦିଲ୍ଲୀ । |
| ରଥ, ଏ. | ୧୯୯୧ | *ଜୈନ ଧର୍ମ ଓ ସଂସ୍କୃତି* । ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ପୃଷ୍ଠା ୭୫-୧୦୬ |
| Samal, J.K. & | | |
| Rao, J.V. | 1993 | *Early Brahmi Inscriptions from Sannati,* Delhi, pp. 65 ff. |
| Mishra, C.R. | 1997 | Kharavela and HIs Times. In (pp. 108-131) P.K. Mishra and J.K. Samal(ed.) *Comprehensive History and Culture of Orissa,* New Delhi, Kaveri Books. |
| ତ୍ରିପାଠୀ, ସ୍ନିଗ୍ଧା | ୧୯୯୯ | *ଖାରବେଳଙ୍କ ଏବଂ ସମ୍ପୃକ୍ତ ଇତିହାସର ଐତିହାସିକ ସମସ୍ୟା (ଏକ ଅଭିଲେଖ ଭିତ୍ତିକ ଆଲୋଚନା)* । ଏସ୍.ପି.ଦାସ, ଭୁବନେଶ୍ୱର । |
| Sahu, B.P. | | Authority and Patronage in Early Orissa. In K.K. Basa and P. Mohanty (ed.) *Archaeology of Orissa;* Pratibha Prakashan, Delhi (Forthcoming). |